



• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 42 •ISSUE-346 •BHUBANESWAR •SATURDAY •14 JUNE 2025 •PAGE-12 •₹ 6.00 | BHUBANESWAR | • ବର୍ଷ-୪୨ • ସଂଖ୍ୟା-୩୪୬ • ଭୁବନେଶ୍ୱର • ଶନିବାର • ୧୪ ଜୁନ୍ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


## ଇରାନ ଉପରେ ଇସ୍ରାଏଲ୍‌ର ପ୍ରଚଣ୍ଡ ଆକ୍ରମଣ

# ମଧ୍ୟପ୍ରାଚ୍ୟ ଥରହର



- ୩୩୦ ବୋମାବର୍ଷା କଲେ ୨୦୦ ଲଢୁଆ ବିମାନ
- ପରମାଣୁ କେନ୍ଦ୍ର ସମେତ ୬ ସାମରିକ ଠିକଣା ଧ୍ୱଂସ
- ଇରାନର ୨୦ ପ୍ରମୁଖ ସେନା କମାଣ୍ଡର ନିହତ
- ୬ ପ୍ରମୁଖ ପରମାଣୁ ଓ ସାମରିକ ବୈଜ୍ଞାନିକ ମୃତ
- ଇସ୍ରାଏଲ ଉପରେ ଇରାନ୍‌ର ଶହେରୁ ଊର୍ଦ୍ଧ୍ୱ ଡ୍ରୋନ ମାଡ଼
- ପରମାଣୁ ଚୁକ୍ତି ନ କଲେ ବଡ଼ଧରଣର ଆକ୍ରମଣ: ଟ୍ରମ୍ପ
- ଆମେରିକାର ଚେତାବନୀକୁ ଇରାନ୍‌ର ବେଖାତିର୍

■ **ତେହରାନ, ୧୩।୬ (ଏଜେନ୍ସି):** ଇରାନ୍ ଉପରେ ଶୁକ୍ରବାର ପ୍ରତ୍ୟୁଷରେ ଇସ୍ରାଏଲ୍‌ର ଅପ୍ରତ୍ୟାଶିତ ଆକ୍ରମଣରେ ଥରି ଉଠିଛି ମଧ୍ୟପ୍ରାଚ୍ୟ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚେତାବନୀର ଦିନକ ପରେ ଇରାନ ଉପରେ ଇସ୍ରାଏଲର ପ୍ରଚଣ୍ଡ ଆକ୍ରମଣ ଏହି ଭୟାବହ ସ୍ଥିତି ସୃଷ୍ଟି କରିଛି । ଅପରେସନ 'ରାଇଜିଂ ଲାୟନ' ଅଧୀନରେ ଭାରତୀୟ ସମୟ ୫ଟା ୧୫ରେ ୨୦୦ରୁ ଅଧିକ ଲଢୁଆ ବିମାନ ଇରାନରେ ଜୋରଦାର ଏୟାର ଷ୍ଟ୍ରାଇକ କରିଛି । ଇରାନର ୧୨ଟି ପ୍ରଦେଶର ୬ଟି ସାମରିକ ଠିକଣାକୁ ନିଶାଣ କରି ୩୩୦ରୁ ଅଧିକ ବୋମାବର୍ଷା କରାଯାଇଛି । ଆକ୍ରମଣରେ ଇରାନର ବିପୁଳ କ୍ଷୟକ୍ଷତି ହୋଇଛି; ଯାହାକୁ ଭରଣା କରିବା ଇରାନ ପକ୍ଷେ କଷ୍ଟକର । ବିଧ୍ୱଂସକ ଆକ୍ରମଣରେ ୪ଟି ପରମାଣୁ କେନ୍ଦ୍ର, ବାଲିଷ୍ଟିକ କ୍ଷେପଣାସ୍ତ୍ର ମହଜୁଦ କେନ୍ଦ୍ର ସମେତ ୬ଟି ସାମରିକ ଠିକଣା ଧ୍ୱଂସ ହୋଇଯାଇଛି । ଏୟାର ଷ୍ଟ୍ରାଇକରେ ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ୫୦୦ରୁ ଅଧିକ ଆହତ ହୋଇଛନ୍ତି । ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି । ମୃତକଙ୍କ ମଧ୍ୟରେ ଇରାନ ରିଭୋଲ୍ୟୁସନାରୀ ଗାର୍ଡ କ୍ରପ୍ସ (ଆଇଆରଜିସି) ମୁଖ୍ୟ ତଥା ସର୍ବୋଚ୍ଚ ଶାସକ ଅୟତୁଲ୍ଲା ଅଲ ଖାମନେଇଙ୍କ ଘନିଷ୍ଠ ଜେନେରାଲ ହୋସେନ ସଲାମୀ, ସଶସ୍ତ୍ର ବାହିନୀ ମୁଖ୍ୟ ମହମ୍ମଦ ବାଘେରୀଙ୍କ ସମେତ ୨୦ ପ୍ରମୁଖ କମାଣ୍ଡରଙ୍କ ଜୀବନ ଯାଇଛି । ୬ ଜଣ ପ୍ରମୁଖ ପରମାଣୁ ଏବଂ ସାମରିକ ବୈଜ୍ଞାନିକ ମଧ୍ୟ ପ୍ରାଣ ହରାଇଛନ୍ତି । ଇସ୍ରାଏଲର ଏହି ଆକ୍ରମଣ ଇରାନର ପରମାଣୁ କାର୍ଯ୍ୟକ୍ରମ ପାଇଁ ଶକ୍ତ ଝଟ୍‌କା ସାବ୍ୟସ୍ତ ହୋଇଛି ।



ଏହି ଆକ୍ରମଣ ମଧ୍ୟପ୍ରାଚ୍ୟରେ ଉତ୍ତେଜନାକୁ ଚରମରେ ପହଞ୍ଚାଇ ଦେଇଛି । ଏହାକୁ ନେଇ ଇରାନ ସର୍ବୋଚ୍ଚ ଶାସକ ଅୟତୁଲ୍ଲା ଅଲ ଖାମନେଇ ଇସ୍ରାଏଲକୁ ଚେତାବନୀ ଦେଇଛନ୍ତି । ଏହି ଆକ୍ରମଣର ଦଣ୍ଡ ଇସ୍ରାଏଲକୁ ମିଳିବ ବୋଲି କହିଛନ୍ତି । ଏହା ପରେ ଇରାନ ଜବାବୀ କାର୍ଯ୍ୟାନୁଷ୍ଠାନ ନେଇଛି । ଇସ୍ରାଏଲ ଉପରେ ଇରାନ ଶହେରୁ ଅଧିକ ଡ୍ରୋନ ମାଡ଼ କରିଛି । ତେବେ ସବୁ ଡ୍ରୋନ୍‌କୁ ଖସାଇ ଦିଆଯାଇଛି । କୌଣସି ଡ୍ରୋନ ଇସ୍ରାଏଲ ସୀମାରେ ପ୍ରବେଶ କରିପାରିନି ବୋଲି ▶ପୃଷ୍ଠା-୭

---

ଅହମଦାବାଦ ବିମାନ ଦୁର୍ଘଟଣା | ଦରପୋଡ଼ା ଶବ ଦେଖି ଠକିଯାଉଛି ଆଖି

# ଶବାଗାରରେ ଆତ୍ମୀୟ ଖୋଜା



## ୨୭୦ ମୃତଦେହ ଉଦ୍ଧାର
## ଚିହ୍ନଟ ହୋଇପାରୁନି ୨୬୩

■ **ଅହମଦାବାଦ, ୧୩।୬ (ଏଜେନ୍ସି):** ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ଏଆଇ-୧୭୧ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି । ଏହି ଭୟଙ୍କର ଦୁର୍ଘଟଣାରୁ କେବଳ ଜଣେମାତ୍ର ଯାତ୍ରୀ ସୌଭାଗ୍ୟକୁ ବଞ୍ଚି ଯାଇଛନ୍ତି । ବିମାନର ୧୨ କ୍ରୁ ସଦସ୍ୟଙ୍କ ସମେତ ୨୪୨ ଜଣ ଯାତ୍ରୀ ଯାତ୍ରା କରୁଥିଲେ । ଏମାନଙ୍କ ମଧ୍ୟରେ ରାଜସ୍ଥାନର ୧୩ ଜଣ, ମଧ୍ୟପ୍ରଦେଶ, ହରିୟାଣା ଏବଂ ବିହାରର ଜଣେ ଲେଖାଏଁ ସାମିଲ ଅଛନ୍ତି । ଏ ପର୍ଯ୍ୟନ୍ତ ଘଟଣାସ୍ଥଳରୁ ୨୭୦ ମୃତଦେହ ଉଦ୍ଧାର କରାଗଲାଣି । ମାତ୍ର ସମସ୍ତ ମୃତଦେହ ଜଳି ଯାଇଥିବାରୁ ଏହାକୁ ଚିହ୍ନଟ କରିବା କଷ୍ଟସାଧ ହୋଇପଡ଼ିଛି । ଶବାଗାରରେ ରଖାଯାଇଥିବା ଖଣ୍ଡବିଖଣ୍ଡିତ ଓ ଦରପୋଡ଼ା ଶବ ଭିତରୁ ନିଜର ଆତ୍ମୀୟଙ୍କୁ ଶୋକାତୁର ହୋଇ ଅଣ୍ଡାଳୁଛନ୍ତି ପରିଜନମାନେ ।ଶବଗୁଡ଼ିକର ଅବସ୍ଥା ଏପରି ହୋଇଛି ଯେ କେଉଁ ଶବ ନିଜର, ତାକୁ ଚିହ୍ନିବାରେ ଆତ୍ମୀୟଙ୍କ ଆଖି ଠକିଯାଉଛି । ସେହିପରି ଗୁଜରାଟ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୁପାଣୀଙ୍କ ମୃତଦେହ ବି ଚିହ୍ନଟ ହୋଇପାରି ନାହିଁ । ମୃତକଙ୍କୁ ଚିହ୍ନଟ ଲାଗି ତାଙ୍କ ପରିବାର ସଦସ୍ୟଙ୍କ ଡିଏନ୍‌ଏ ପରୀକ୍ଷା କରାଯାଉଛି । ଏହାର ରିପୋର୍ଟ ଆସିବା ପରେ ୭ ଜଣଙ୍କୁ ଚିହ୍ନଟ କରାଯାଇ ପରିବାର ସଦସ୍ୟଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି । ୨୨୦ ଜଣଙ୍କ ଡିଏନଏ ନମୁନା ସଂଗ୍ରହ କରାଯାଇଛି । ଅହମଦାବାଦ ହସ୍ପିଟାଲ ବାହାରେ ମୃତକଙ୍କ ସମ୍ପର୍କୀୟଙ୍କ ଗହଳି ଲାଗି ରହିଛି । ନିଜ ସମ୍ପର୍କୀୟଙ୍କୁ ଚିହ୍ନଟ କରିବା ପାଇଁ ସେମାନେ ଦିନରାତି ଚାହିଁ ରହିଛନ୍ତି ।

ଗୁଜରାଟ ପୁଲିସ, ଏନଆଇଏ, ଏଏଆଇବି, ଡିଜିସିଏ, ଏନଟିଏସବି, ଏଫଏଏ, ୟୁକେ-ଏଏଆଇବି ସମେତ ୮ଟି ଏଜେନ୍ସି ବିମାନ ଦୁର୍ଘଟଣାର ତଦନ୍ତ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦୁର୍ଘଟଣାସ୍ଥଳକୁ ଗସ୍ତ କରିବା ସହ ଡାକ୍ତରଖାନାରେ ଆହତମାନଙ୍କୁ ଭେଟି ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ହଷ୍ଟେଲ୍ ଛାତରୁ ମିଳିଲା ବ୍ଲାକ୍ ବକ୍ସ

■ **ନୂଆଦିଲ୍ଲୀ, ୧୩।୬ (ଏଜେନ୍ସି):** ଅହମଦାବାଦ୍ ବିମାନ ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୨୬୫ଜଣ ଯାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଦୁର୍ଘଟଣାର କାରଣ ନେଇ ଏପର୍ଯ୍ୟନ୍ତ କିଛି ସୂଚନା ମିଳି ନ ଥିବା ବେଳେ ବିମାନର ବ୍ଲାକ ବକ୍ସ ବା ଡିଜିଟାଲ ଫ୍ଲାଇଟ୍ ଡାଟା ରେକର୍ଡର (ଡିଏଫ୍‌ଡିଆର) ମେଡିକାଲ କଲେଜ୍ ହଷ୍ଟେଲ ଛାତ ଉପରୁ ମିଳିଛି ବୋଲି ଶୁକ୍ରବାର ଏୟାର କ୍ରାଫ୍ଟ ଆକସିଡେଣ୍ଟ ବ୍ୟୁରୋ (ଏଏଆଇବି) ସୂଚନା ଦେଇଛି । ବ୍ଲାକ୍ ବକ୍ସ ମିଳିବା ପରେ ଖୁବ୍‌ଶୀଘ୍ର ବିମାନର ଦୁର୍ଘଟଣାର କାରଣ ସମ୍ପର୍କରେ ସୂଚନା ମିଳି ପାରିବ ବୋଲି ଆଶା କରାଯାଉଛି ।

---

## ମହିଳା ଜନଜାଗରଣ ସମାବେଶରେ ସରକାରଙ୍କୁ ବିଜେଡିର ନିଶାଣ

# ଓଡ଼ିଶାରେ ମହିଳା ଅସୁରକ୍ଷିତ

- ଏକ ବର୍ଷରେ ଦୁଷ୍କର୍ମ, ଅପହରଣ, ହତ୍ୟାରେ ଅହେତୁକ ବୃଦ୍ଧି
- କ୍ଷୁଣ୍ଣ ହୋଇଛି ରାଜ୍ୟର ୭୦ଲକ୍ଷ ମହିଳାଙ୍କ ଆର୍ଥିକ ସ୍ୱାଧୀନତା
- ସୁଭଦ୍ରାରେ ଦିନକୁ ୨୭ ଟଙ୍କା ମହିଳାଙ୍କ ସ୍ୱାଭିମାନଙ୍କୁ ପରିହାସ



■ **ଯାଜପୁର, ୧୩।୬ (ସମିସ):** ଗତ ଏକ ବର୍ଷରେ ରାଜ୍ୟର ମହିଳାମାନଙ୍କୁ ସୁରକ୍ଷା ପ୍ରଦାନରେ ବିଫଳତାକୁ ନେଇ ବର୍ଷିଛି ବିଜେଡି । ଯାଜପୁରର ବରୁଆଁଠାରେ ଏକ ବିଶାଳ ମହିଳା ଜନ ଜାଗରଣ ଅଭିଯାନରେ ବିଜେଡି ରାଜ୍ୟରେ ବର୍ଦ୍ଧିତ ମହିଳା ବିରୋଧୀ ହିଂସା, ମହିଳାଙ୍କ ପ୍ରତି ଅନ୍ୟାୟ, ପ୍ରତିଶ୍ରୁତି ପାଳନରେ ସରକାରଙ୍କ ବିଫଳତା ଓ ସୁଭଦ୍ରା ସହାୟତା ପରିହାସକୁ ଲୋକଙ୍କ ପାଖରେ ପହଞ୍ଚାଇଛନ୍ତି ।

ଦଳର ବରିଷ୍ଠ ନେତ୍ରୀ ତଥା ବିଧାୟିକା ପ୍ରମିଳା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ଟୁକୁନି ସାହୁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି । ଗତ ଏକ ବର୍ଷରେ ରାଜ୍ୟରେ ମହିଳାଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧି ପାଇଛି । ପ୍ରତିଦିନ ମହିଳାମାନେ ଦୁଷ୍କର୍ମ, ଅପହରଣ, ହତ୍ୟା, ଯୌନ ନିର୍ଯାତନାର ଶିକାର ହେଉଥିବାର ଖବର ପ୍ରତିଦିନ ଗଣମାଧ୍ୟମରେ ଶିରୋନାମା ପାଲଟୁଛି । ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଏହାଛଡା ନବୀନ ସରକାରଙ୍କ ସମୟରେ ମିଶନ ଶକ୍ତି ମାଧ୍ୟମରେ ସଶକ୍ତ ହୋଇଥିବା ୭୦ ଲକ୍ଷ ମହିଳା ମାନେ ଯେଉଁ ଅର୍ଥନୈତିକ ସ୍ୱାଧୀନତା ହାସଲ ହାସଲ କରିଥିଲେ, ତାହା ଆଜି ସରକାରଙ୍କ ଉଦାସୀନତା ଯୋଗୁ ବିପଦରେ ପଡିଛି । ରାଜ୍ୟ ସରକାର ମିଶନଶକ୍ତିର ଏସ୍‌ଏଚ୍‌ଜି ଗୁଡିକୁ ଅଣଦେଖା କରିବା ଯୋଗୁଁ ସ୍ୱାବଲମ୍ବୀ ମହିଳାମାନେ ଆଜି ସମ୍ମାନରୁ ବଞ୍ଚିତ ହୋଇଛନ୍ତି । ସୁଭଦ୍ରା ଯୋଜନାରେ ଦୁଇ ବର୍ଷରେ ପଚାଶ ହଜାର ଟଙ୍କା ଦେବାର ପ୍ରତିଶ୍ରୁତି ଦେଇ ଏବେ ଦୈନିକ ୨୭ଟଙ୍କା ହିସାବରେ ଛଅ ମାସକୁ ୫ ହଜାର ଦେଇ ସରକାର ପରିହାସ କରିଛନ୍ତି । ▶ପୃଷ୍ଠା-୭

---

# ଓଡ଼ିଆ 'ଅସ୍ମିତା'ର ଝାଡ଼ଖଣ୍ଡୀ ପ୍ରୀତି

## ଓଡ଼ିଶା ସାରା ବୁଲୁଛି ଝାଡ଼ଖଣ୍ଡ ଓ ଛତିଶଗଡ଼ର 'ବିକାଶ ବାହନ'




**ଗାଡ଼ି ବୁଲା ଖର୍ଚ୍ଚ ଦିନକୁ ୨୫ ଲକ୍ଷ**

■ **ଭୁବନେଶ୍ୱର, ୧୩।୬ (ସମିସ):** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ସାରା ରାଜ୍ୟରେ ବୁଲୁଛି 'ବିକାଶ ବାହନ' । ରାଜ୍ୟ ସରକାରଙ୍କ ଏକ ବର୍ଷର ଉପଲବ୍ଧି ଏହି ବିକାଶ ବାହନ ଜରିଆରେ ରାଜ୍ୟ ସାରା ପ୍ରଚାର କରାଯାଉଛି । ଗେରୁଆ ରଙ୍ଗରେ ସୁସଜ୍ଜିତ ଗାଡ଼ିରେ ସରକାରୀ ଯୋଜନାଗୁଡ଼ିକର ପ୍ରଚାର କରାଯାଉଛି ଓ ଖୋଦ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଫଟୋ ଗାଡ଼ିରେ ଲଗାଯାଇଛି । ମାଇକ୍ ଜରିଆରେ ସରକାରଙ୍କ ତଥାକଥିତ ବିକାଶର ରେକର୍ଡ଼ ଗୁଣଗାନ କରାଯାଉଛି । ମାତ୍ର ବିଡ଼ମ୍ବନା ହେଉଛି ରାଜଧାନୀ ଭୁବନେଶ୍ୱର ସହ ରାଜ୍ୟର କୋଣ ଅନୁକୋଣରେ ଘୁରୁଥିବା ପ୍ରାୟତଃ ସବୁ ଗାଡ଼ି ଝାଡ଼ଖଣ୍ଡ ଓ ଛତିଶଗଡ଼ରୁ ଭଡ଼ାରେ ଅଣା ଯାଇଛି । ଗୋଟିଏ ପଟେ ବିଜେପି ଓ ରାଜ୍ୟ ସରକାର ନିଜକୁ ଓଡ଼ିଆ ଅସ୍ମିତାର ଧ୍ୱଜାଧାରୀ ବୋଲି ଘୋଷି ହେଉଛନ୍ତି, ଓଡ଼ିଆ ଲୋକଙ୍କ ନିଯୁକ୍ତି ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ ବୋଲି କହୁଛନ୍ତି; ଅନ୍ୟପକ୍ଷରେ ସରକାରଙ୍କ ପ୍ରଚାର ପାଇଁ ଓଡ଼ିଆ ଗାଡ଼ି ମାଲିକଙ୍କ ପରିବର୍ତ୍ତେ ଝାଡ଼ଖଣ୍ଡ ଓ ଛତିଶଗଡ଼ ▶ପୃଷ୍ଠା-୭

---


DADLS-31



**ରଜ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ରଜ ପର୍ବ ଓଡ଼ିଶାରେ ପାଳନ କରାଯାଉଥିବା କୃଷିଭିତ୍ତିକ ପର୍ବମାନଙ୍କ ମଧ୍ୟରେ ଅନ୍ୟତମ ଶ୍ରେଷ୍ଠ ପର୍ବ । ଆମ ଓଡ଼ିଆ ସଂସ୍କୃତିର ଏକ ନିଛକ ମହାନ୍ ପର୍ବ । ଧରିତ୍ରୀ ମାତାର ଉପାସନା ସହିତ ଘରେ ଘରେ ଆନନ୍ଦ ଉଲ୍ଲାସରେ ଏହି ପର୍ବ ପାଳନ କରାଯାଇଥାଏ । ଏହି ଅବସରରେ ଚାଷୀକୁଳଙ୍କ ସୁଖ ଓ ସମୃଦ୍ଧି କାମନା କରିବା ସହିତ ରାଜ୍ୟବାସୀ ଭାଇଭଉଣୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0697/2526


---

## ସମୀକ୍ଷା ବୈଠକରୁ ଆସିଲା ସାଂଘାତିକ ତଥ୍ୟ

# ଯାଜପୁର, ଭଦ୍ରକରେ ହଇଜା

- ନମୁନା ପରୀକ୍ଷଣରୁ କଲେରା ଜୀବଣୁ ଠାବ
- ଦୁଇ ଜିଲ୍ଲାରେ ୬୨୨ ଚିକିତ୍ସିତ, ୧୧ ମୃତ
- ବିଭିନ୍ନ ହୋଟେଲ, ଢାବା ଉପରେ ଚଢ଼ଉ
- ସରକାରୀ କର୍ମଚାରୀଙ୍କ ରଜ ଛୁଟି ବାତିଲ

■ **ଯାଜପୁର, ୧୩।୬ (ସମିସ):** ଯାଜପୁର ଓ ଭଦ୍ରକ ଜିଲ୍ଲାରେ ଝାଡ଼ାବାନ୍ତିରେ ସ୍ଥିତିରେ ଧୀରେ ଧୀରେ ସୁଧାର ଆସୁଥିବାବେଳେ ସରକରୀ ସମୀକ୍ଷା ବୈଠକରୁ ସାଂଘାତିକ ତଥ୍ୟ ସାମ୍‌ନାକୁ ଆସିଛି । ଯାଜପୁର ଓ ଭଦ୍ରକ ଜିଲ୍ଲାରୁ ସଂଗୃହୀତ ମଳ ନମୁନା ପରୀକ୍ଷଣରୁ ହଇଜା (କଲେରା) ଜୀବାଣୁ ଠାବ ହୋଇଥିବା ଜଣାପଡ଼ିଛି । ଶୁକ୍ରବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜଳବାହିତ ରୋଗ ନିରାକରଣ ସମୀକ୍ଷା ବୈଠକରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର ସୂଚନା ଦେଇ ▶ପୃଷ୍ଠା-୭

---

# ହୋଟେଲରେ ନାବାଳିକାକୁ ତିନି ଦିନ ଧରି ଗଣଦୁଷ୍କର୍ମ



**ପୁରୀରେ ଲଜ୍ଜା**

■ **ପୁରୀ, ୧୩।୬ (ସମିସ):** ପୁରୀରେ ଲଜ୍ଜା । ଜଣେ ୧୪ ବର୍ଷର ନାବାଳିକାକୁ ୩ ଦିନ ଧରି ଏକ ହୋଟେଲରେ ରଖି ଗଣଦୁଷ୍କର୍ମ କରିଛନ୍ତି ୩ ଯୁବକ । ଶୁକ୍ରବାର ସମୁଦ୍ରକୂଳ ଥାନା ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଛି । ସେମାନେ ହେଲେ, ବାଲିନୋଳିଆ ଉପରସାହିର ଲେଙ୍କା ସୁନୀଲ ବେହେରା, ଗୌଡ଼ବାଡ଼ ସାହିର ଏଲ୍. ରାଜା ବେହେରା ଏବଂ ବି. ଗୌରାଙ୍ଗ ବେହେରା । ଶନିବାର ଅଭିଯୁକ୍ତମାନଙ୍କ ଡାକ୍ତରୀପରୀକ୍ଷା ପରେ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ମାନସ ଚକ୍ର କହିଛନ୍ତି ।

ସୂଚନାନୁଯାୟୀ, ଗତ ୭ ତାରିଖ ଅପରାହ୍ଣରେ ନାବାଳିକା ପୁରୀ ହୋଟେଲ ନିକଟରେ ବୁଲୁଥିଲେ । ଏହି ସମୟରେ ତାକୁ ଜଳଖିଆ ଖାଇବାକୁ ଡାକି ଅଭିଯୁକ୍ତ ଲେଙ୍କା ସୁନୀଲ ବଳିଆପଣ୍ଡାସ୍ଥିତ ଏକ ହୋଟେଲକୁ ନେଇ ଯାଇଥିଲା । ସେଠାରେ ସେ ତା' ଦୁଇ ସାଙ୍ଗ ଏଲ୍. ରାଜା, ବି. ଗୌରାଙ୍ଗ ନାବାଳିକାକୁ ୩ ଦିନ ରଖି ଗଣଦୁଷ୍କର୍ମ କରିଥିଲେ । ୯ ▶ପୃଷ୍ଠା-୭

ତୁରେକେଲ ବ୍ଲକ୍

# ମେଗା ପାନୀୟଜଳ ପ୍ରକଳ୍ପ କାମ ସରୁନି

ତୁରେକେଲା, ୧୩।୬(ମସିସ)

ବଲାଙ୍ଗିର ଜିଲ୍ଲାର ଉପାନ୍ତରେ ଅବସ୍ଥିତ ତୁରେକେଲ ବ୍ଲକରେ ବିଶେଷ କରି ପାନୀୟଜଳ ସମସ୍ୟ ଦେଖା ଦେଇଥାଏ। ବ୍ଲକରେ କୌଣସି ଜଳସେଚନର ସୁବିଧା ନାହିଁ ଯାହାଫଳରେ ଏହି ଅଞ୍ଚଳରେ ଅନେକ ସମୟରେ ମରୁଡ଼ି ଦେଖାଯାଏ ଏବଂ ଚାଷୀ ଚାଷରେ ବିଫଳ ହେବା ପରେ ରାଜ୍ୟ ବାହାରକୁ ଦାଦନ ଯାଇଥାଏ। ଏହି ବ୍ଲକରେ ପାନୀୟଜଳ ସମସ୍ୟା ଦେଖା ଦେଉଥିବା ବେଳେ ତାକୁ ଦୂର କରିବାକୁ ପୂର୍ବ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଏକ ମେଗା ଜଳ ଯୋଗାଣ ପ୍ରକଳ୍ପର ଖସଡା ପ୍ରସ୍ତୁତ କରି ନୂଆପଡ଼ା ଜିଲ୍ଲାର ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପରୁ ପାଇପ୍ ଯୋଗେ ଆଣି ତୁରେକେଲା ବ୍ଲକରେ ଯୋଗାଇ ଦେବାକୁ ମେଗା ସଂସ୍ଥାକୁ କାମ ଦାୟିତ୍ୱ ଦେଇଥିଲେ। ହେଲେ ପ୍ରକଳ୍ପ ମନ୍ଥ ଗତିରେ ଚାଲୁଥିବା ଦେଖାଯାଇଛି। ସେହିପରି ତୁରେକେଲା ବ୍ଲକ ଚାହାରପାଣି ଗାଁରେ ମେଗା ଜଳ ଯୋଗାଣ ପ୍ରକଳ୍ପର ଡବ୍ଲୁଟିପି ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଆଜିଯାଏ ସମ୍ପୂର୍ଣ୍ଣ ହୋଇନାହିଁ। ଦାୟିତ୍ୱରେ ଥିବା ଠିକା ସଂସ୍ଥା ମନ୍ଥର ଗତିରେ ନିର୍ମାଣ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏହି ଡବ୍ଲୁଟିପିକୁ ନୂଆପଡ଼ା ଲୋୟେର ଇନ୍ଦ୍ର ଜଳସେଚନ ପ୍ରକଳ୍ପରୁ ପାଣି ଆସିବ ଏବଂ ଏଠାରେ ଫିଲ୍ଟର ହେବା ପରେ ତାହା ସିଧାସଳଖ ତୁରେକେଲା ବ୍ଲକ ପ୍ରତ୍ୟେକ ଗାଁକୁ ଯୋଗାଇ ଦିଆଯିବ। ହେଲେ ଏହି ମେଗା ପାନୀୟଜଳ ପ୍ରକଳ୍ପ କାମ ମନ୍ଥଗତିରେ ଚାଲୁଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।ପ୍ରକଳ୍ପ ଶ୍ରୀଘ୍ର କାର୍ଯ୍ୟକାରୀ ହେଲେ ଲୋକେ ଶ୍ରୀଘ୍ର ପାନୀୟଜଳ ପାଇ ପାରିବେ ବୋଲି ଜଣାପଡୁଛି। ଅନ୍ୟପକ୍ଷରେ ତୁରେକେଲା ବ୍ଲକର ଅନେକ ଗାଁ କୁ ଆଜିଯାଏ ପାଇପ୍ ବିଛା କାମ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଠିକା ସଂସ୍ଥା ମନମୁତାବକ କାମ କରୁଥିବା ବାରମ୍ବାର ଅଭିଯୋଗ ହେଉଛି। ତୁରେକେଲା ବ୍ଲକବାସୀଙ୍କୁ ପାନୀୟଜଳ କେବେ ଯୋଗାଣ ଦିଆଯିବ ନା ଏମିତି ବର୍ଷ ବର୍ଷ ଧରି ଏହି କାମ ଚାଲିଥିବ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ସରକାର ତୁରନ୍ତ ମେଗା ପାନୀୟଜଳ ପ୍ରକଳ୍ପ କାମ ସାରିବାକୁ ପଦକ୍ଷେପ ନିଅନ୍ତୁ ବୋଲି ତୁରେକେଲା ବ୍ଲକବାସୀ ଦାବି କରିଛନ୍ତି।

**ପାଣି ପାଇଁ ଚାହିଁ ବସିଛନ୍ତି ଲୋକ**



## ଡହ ଡହ ଖରାରେ କାମ କରୁଛନ୍ତି ଶ୍ରମିକ



ଗରିବ ଦିନ ମଜୁରିଆ ତାର ପରିବାର ପ୍ରତିପୋଷଣ କରିବାକୁ ଠିକା ସଂସ୍ଥା ପାଖରେ କାମ କରିଥାଏ। ଠିକା ସଂସ୍ଥା ଗରିବ ଶ୍ରମିକମାନଙ୍କ ପ୍ରତି ଜୁଲୁମ କରୁଥିବା ବଲାଙ୍ଗିର ଜିଲ୍ଲାର ତୁରେକେଲା ବ୍ଲକରେ ଦେଖିବାକୁ ମିଳୁଛି। ବ୍ଲକରେ ଚାହାରପାଣି ଗାଁରେ ମେଗା ଜଳ ଯୋଗାଣ ପ୍ରକଳ୍ପର ଡବ୍ଲୁଟିପି ନିର୍ମାଣ କାର୍ଯ୍ୟ ଚାଲିଛି। ଡହ ଡହ ଖରାରେ ଶ୍ରମିକମାନେ ଡହଳବିକଳ ହୋଇ କାମ କରୁଥିବା ଦେଖାଯାଉଛି। ଏହି ନିର୍ମାଣ କାର୍ଯ୍ୟ ଦାୟିତ୍ୱ ନେଇ ଥିବା ଠିକା ସଂସ୍ଥା ମନମୁତାବକ କାମ କରୁଛି। ପେଟପାଟଣା ପାଇଁ ନିରିହ ଶ୍ରମିକମାନେ ବାଧ ହୋଇ କାମ କରୁଛନ୍ତି। କୌଣସି ଶ୍ରମିକ ମୁହଁ ଖୋଲିଲେ ତାଙ୍କୁ କାମରୁ ବାହାର କରି ଦିଆଯାଉଥିବ ଅଭିଯୋଗ ହେଉଛି। ସେପଟେ ପ୍ରବଳ ତାତିରେ ଶ୍ରମିକ କାମ କରୁଥିବା ବେଳେ ଠିକା ସଂସ୍ଥା ପକ୍ଷରୁ କିଟ୍ ଯୋଗାଇ ଦିଆଯାଉନଥିବାରୁ ଶ୍ରମିକମାନେ ବିପଦ ସଙ୍କୁଳ ଅବସ୍ଥାରେ କାମ କରୁଥିବା ଦେଖାଯାଉଛି। ରାଜ୍ୟ ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ନଜର ଦେଇ ଠିକା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଣ୍ଟାବାଞ୍ଜି ଶ୍ରମିକ ସଂଘ ଦାବି କରିଛି।

ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ

## କୋଠା କାମ ନିମ୍ନମାନର ଅଭିଯୋଗ



**ପାଟଣାଗଡ଼, ୧୩।୬(ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଘସିଏନ ସିଏଚ୍‌ସି ପରିସରରେ ସ୍ୱାସ୍ଥ୍ୟ ବିଭାଗର ଏନଆର୍‌ଏଚଏମ ଅଧୀନରେ ଚାଲିଥିବା ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ବିଲଡିଙ୍ଗ କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। କୋଠା ନିର୍ମାଣର କୌଣସି ସୂଚନା ଫଳକ ଦିଆଯାଇନାହିଁ ଫଳରେ କେଉଁ ବିଭାଗ ଦ୍ୱାରା କେଉଁ ଠିକାଦାରଙ୍କ ମାଧ୍ୟମରେ କେତେ ବ୍ୟୟ ଅଟକଳରେ କାମ ଚାଲିଛି ଲୋକେ ଜାଣିପାରୁନାହାନ୍ତି।ଏଥିସହ ଉକ୍ତ କାମରେ ନିମ୍ନମାନର ଇଟା ସହ ରଡ଼ ବ୍ୟବହାର କରାଯାଇ ଆବଶ୍ୟକ ପରିମାଣର ସିମେଣ୍ଟ ମଧ୍ୟ ଦିଆଯାଉନଥିବା ଅଭିଯୋଗ ହେଉଛି। ଫଳରେ ନିମ୍ନମାନର କାମ ଯୋଗୁଁ କୋଠାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଅଞ୍ଚଳବାସୀ। କିଛିଦିନ ତଳେ ଏହି କାମରେ କେତେଜଣ ନାବାଳକକୁ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା ଏନେଇ ଅଭିଯୋଗ ପରେ ଉକ୍ତ ନାବାଳକଙ୍କୁ ବନ୍ଦ କରାଯାଇଥିଲା।ତେବେ ଏହି କାମର ତଦାରଖ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କୁ କିଭଳି ତାହା ଦେଖାଯାଉ ନାହିଁ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ତେବେ ନିର୍ମାଣଧୀନ ଉକ୍ତ କୋଠା ଦେଖିଲେ କାମ ନିମ୍ନମାନର ହୋଇଥିବା ସ୍ପଷ୍ଟ ଜଣାପଡୁଛି। ଏନେଇ ତଦାରଖ ଦାୟିତ୍ୱରେ ଥିବା ଠିକାଦାରଙ୍କୁ ଯୋଗାଯୋଗ କରିବାରୁ କୌଣସି ଉତ୍ତର ନ ରଖି ଫୋନ କାଟି ଦେଇଥିଲେ। ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପ୍ରାକୃତିକ କୃଷି ସମ୍ବନ୍ଧୀୟ ପ୍ରଶିକ୍ଷଣ




**ବଲାଙ୍ଗିର, ୧୩।୬(ସମିସ):** ବଲାଙ୍ଗିର ଜିଲ୍ଲା ସ୍ଥିତ ଆଞ୍ଚଳିକ ପ୍ରାକୃତିକ ପ୍ରଶିକ୍ଷଣ ଅନୁଷ୍ଠାନର ଦ ହ୍ୟୁମାନ ଡେଭଲପମେଣ୍ଟ ଆନୁକୂଲ୍ୟରେ ପ୍ରାକୃତିକ କୃଷି ସମ୍ବନ୍ଧୀୟ ପାଞ୍ଚ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏଫ୍‌ଇଏସର ମାଷ୍ଟର ଟ୍ରେନର ଡ.ଅଭୟ ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଥିଲେ। କାର୍ଯ୍ୟକ୍ରମରେ ପ୍ରକଳ୍ପ ସଂଯୋଜକ ଜଗଦୀଶ ନାୟକ, ସହ ସାଯୋଜକ ମୁକେଶ ଯୋଶୀ ଉପସ୍ଥିତ ରହି ତଲିମର୍ଥୀମାନଙ୍କୁ ନିଜ ଗାଁରେ ସଫଳ କରିବାକୁ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ଆଗଲପୁର ଓ ଲୋଇସିଂହା ବ୍ଲକର ୪୦ଜଣ ସିଆର୍‌ପି ଅଂଶଗ୍ରହଣ କରିଥିଲେ। ତାଲିମଦାତା ଭାବେ ଜନ୍ମଜୟ ଯୋଶୀ, ଇନ୍ଦୁଭୂସନ୍ ମଲ୍ଲିକ ଓ ଡ. ଅଭୟ ତ୍ରିପାଠୀ ପ୍ରାକୃତିକ କୃଷି କଣ, ପ୍ରାକୃତିକ କୃଷିର ଉପାଦାନ, ମୃତ୍ତିକା ଓ ଜଳର ସଂରକ୍ଷଣ ଏବଂ, ପରିଚାଳନା, ବିହନ ବିଶୋଧନ, ଓ ଉପଚାର, ପ୍ରାକୃତିକ ପଦ୍ଧତି ଦ୍ୱାରା ରୋଗପୋକ ନିୟନ୍ତ୍ରଣ, ପର୍ଯ୍ୟାୟ ଫସଲ, ସବୁଜ ସାର, ଜୀବାଣୁ ସାର, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ପ୍ରାକୃତିକ ଜୀବାଣୁ ସାର ପ୍ରୟୋଗରେ ସିଆର୍‌ପିମାନଙ୍କର ଭୂମିକା, ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ। ତାଲିମ୍ ଶେଷରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବାବୁଲି ଚନ୍ଦ୍ର ସେଠୀ, ଯୋଜନା ଅଧିକାରୀ ସୁଧାକର ନନ୍ଦ ଓ ସୁନନ୍ଦା ସାହୁ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ।

## ବରିଷ୍ଠ କବୟିତ୍ରୀଙ୍କ ପରଲୋକ



**ବଲାଙ୍ଗିର, ୧୩।୬(ସମିସ):** ବଲାଙ୍ଗିରର ସାରସ୍ୱତ ସାଧିକା ମାଲପଡ଼ା ନିବାସୀ ସୁଭାସିନୀ ହୋତାଙ୍କ ୬୭ ବର୍ଷ ବୟସରେ ଶୁକ୍ରବାର ସକାଳେ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲ୍‌ରେ ପରଲୋକ ହୋଇଯାଇଛି। ବହୁ ପତ୍ରପତ୍ରିକାରେ ତାଙ୍କର ଲେଖା ପ୍ରକାଶିତ ହେବା ସହ ନିଜର ବହୁ ପୁସ୍ତକ ପ୍ରକାଶିତ ହୋଇ ସାରିଛି। ସ୍ୱାମୀ ଅବସର ଜିଲ୍ଲା ଦୌରାଜଜ ପ୍ରସନ୍ନ ହୋତା, ପୁଅ, ବୋହୂ ମୃତ୍ୟୁ ସମୟରେ ଉପସ୍ଥିତ ଥିଲେ। ଆସନ୍ତା କାଲି ସ୍ୱର୍ଗ ଦ୍ୱାର ପୁରୀରେ ଅନ୍ତିମ ସଂସ୍କାର କରାଯିବ। ତାଙ୍କର ତିରୋଧାନ ଖବର ପ୍ରଚାରିତ ହେବା ପରେ ବଲାଙ୍ଗିରରେ ପରିଚିତ ମହଲରେ ଶୋକର ଛାୟା ଖେଳି ଯାଇଛି।

## ମାରୱାଡ଼ି ଯୁବା ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର



**କଣ୍ଟାବାଞ୍ଜି, ୧୩।୬(ସମିସ):** ଅଖିଳ ଭାରତୀୟ ମାରୱାଡ଼ି ଯୁବା ମଞ୍ଚ ଦ୍ୱାରା ସାରା ଦେଶରେ ରକ୍ତଦାନ କରିବା ପାଇଁ ଆବାହନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ମାରୱାଡ଼ି ଯୁବା ମଞ୍ଚ ଓ ପ୍ରଗତି ଶାଖା କଣ୍ଟାବାଞ୍ଜି ଅନୁକୂଳରେ ସ୍ଥାନୀୟ ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାରରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଅତିଥି ଭାବେ କଣ୍ଟାବାଞ୍ଜି ଏସଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡି, ସମ୍ମାନିତ ଅତିଥି ଭାବେ ମେଡିକାଲ ଅଫିସର ରାକେଶ ପଣ୍ଡିତ, ରେଳବାଇ ଏଡିଇଏନ ଜାଲୁରି ପ୍ରସନ୍ନ କୁମାର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସହଯୋଜକ ଯୁବା ମୋହନ ସୋନି ଓ ମଞ୍ଚ ସଭାପତି ମନୀଷ ଅଗ୍ରୱାଲ ସହ ଉପସ୍ଥିତି ଅତିଥି ରକ୍ତଦାନ ବିଷୟରେ ଆଲୋଚନା କରିଥିଲେ। ପ୍ରଚଣ୍ଡ ଖରାରେ ରକ୍ତର ଅଭାବ ରକ୍ତ ଭଣ୍ଡାରରେ ଦେଖିବାକୁ ମିଳେ। ସେହି ସମୟରେ ରକ୍ତଦାନ ପ୍ରାୟ ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ଅତିଥିମାନେ କହିଛନ୍ତି। ଶିବିରରେ ଗୋବିନ୍ଦ ଖଣ୍ଡେଲୱାଲ ଓ ତାଙ୍କର ଧର୍ମପତ୍ନୀ ରୁଚି ପ୍ରଥମେ ରକ୍ତଦାନ କରିଥିଲେ।ପୂଜା ଅଗ୍ରୱାଲ, ସିଦ୍ଧି ଅଗ୍ରୱାଲ, ସାରିକା ଜୈନ, ରେନୁ ଅଗ୍ରୱାଲ, ନାରାୟଣ ଅଗ୍ରୱାଲ, ଗୋପାଳ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

ମାରୱାଡି ଯୁବ ମଞ୍ଚ ବିକାଶ ଶାଖାର ବାର୍ଷିକ ଉତ୍ସବ

## ନୂତନ ପଦାଧିକାରୀଙ୍କ ଶପଥ ଗ୍ରହଣ

**କଣ୍ଟାବାଞ୍ଜି, ୧୩।୬(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରର ମାରୱାଡି ଯୁବା ମଞ୍ଚ କଣ୍ଟାବାଞ୍ଜି ବିକାଶ ଶାଖାର ବାର୍ଷିକ ଉତ୍ସବ ଓ ନବ ନିର୍ବାଚିତ ପଦାଧିକାରୀଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ସ୍ଥାନୀୟ ଓଁକାର ଭବନରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ଟିଟିଲାଗଡ଼ ବିଧାୟକ ନବୀନ କୁମାର ଜୈନ, ସମ୍ମାନିତ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବିଶିଷ୍ଟ ଅତିଥି ଭାବେ କଣ୍ଟାବାଞ୍ଜି ନଗରପାଳ ବରିୟାମ ସିଂହ ସାଲୁଜା, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସମାଜସେବୀ ନବୀନ ଅଗ୍ରୱାଲ, ମୁଖ୍ୟବକ୍ତା ଓ ଶପଥ ଅଧିକାରୀ ଭାବେ ଅଖିଳ ଭାରତୀୟ ଅଗ୍ରୱାଲ ମହାସଭାର ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ଶମ୍ଭୁ ପ୍ରସାଦ ଗୋଏଲ ପ୍ରମୁଖ ଉପସ୍ଥିତ ଥିଲେ। ମାରୱାଡି ଯୁବ ମଞ୍ଚ ବିକାଶ ଶାଖା କରୁଥିବା ଜନମଙ୍ଗଳ କାର୍ଯ୍ୟକୁ ଅତିଥିଗଣ ପ୍ରଶଂସା କରିଥିଲେ। ଅଜୟ ଅଗ୍ରୱାଲ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ହେମନ୍ତ ଅଗ୍ରୱାଲ, ନବ ନିର୍ବାଚିତ ସଭାପତି ନିଖିଳ ଅଗ୍ରୱାଲ ଓ ସମ୍ପାଦକ ନବନିତ ଅଗ୍ରୱାଲ ପ୍ରମୁଖ ମଞ୍ଚାସିନ ଥିଲେ। ମଞ୍ଚ ପରିଚାଳନା ବରିଷ୍ଠ ସଦସ୍ୟ ସୁମିତ ଜୈନ ଓ ମନୀଷ ଜୈନ କରିଥିଲେ। ବର୍ଷ ୨୦୨୪-୨୫ ର ବାର୍ଷିକ ପ୍ରତିବେଦନ ଅଧ୍ୟକ୍ଷ ଅଜୟ ଅଗ୍ରୱାଲ ଓ ସଚିବ ହେମନ୍ତ ଅଗ୍ରୱାଲ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ସର୍ବଶ୍ରେଷ୍ଠ ପରାମର୍ଶଦାତା ଆଶିଷ ଖେତାନ୍, ସର୍ବଶ୍ରେଷ୍ଠ ସଂଯୋଜକ ମନୀଷ ଜୈନ, ସର୍ବଶ୍ରେଷ୍ଠ ସଦସ୍ୟ ଦୀପକ ଜୈନ ସହ ଅନ୍ୟ ସଦସ୍ୟମାନେ ପୁରସ୍କୃତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ନବ ନିର୍ବାଚିତ ଅଧ୍ୟକ୍ଷ ନିଖିଳ ଅଗ୍ରୱାଲ ଓ ସଚିବ ନବନୀତ ଅଗ୍ରୱାଲ ତାଙ୍କ ଟିମ୍ ସହିତ ଶପଥ ଗ୍ରହଣ କରିଥିଲେ। ବର୍ଷ ୨୦୨୫-୨୬ ପାଇଁ ନିର୍ଦ୍ଧାରିତ ସେବା ପ୍ରକଳ୍ପ ଗୁଡ଼ିକ ଉପରେ ଆଲୋକପାତ କରିଥିଲେ।



■ ବେହେରେନସିଲେଟ-ଆମ୍ବେଦକରପଡ଼ା ରାସ୍ତା ଶୋଚନୀୟ

## ନୂତନ କଂକ୍ରିଟ ରାସ୍ତା ଓ ଡ୍ରେନ ନିର୍ମାଣ ଦାବି



**କଣ୍ଟାବାଞ୍ଜି, ୧୩।୬(ସମିସ):** ରାଜ୍ୟ ସରକାର ପ୍ରତ୍ୟେକ ଗାଁକୁ ଭଲ ରାସ୍ତା ଡ୍ରେନ ନିର୍ମାଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଦେଇଛନ୍ତି। ହେଲେ ଦାୟିତ୍ୱ ଥିବା କିଛି ପ୍ରଶାସନିକ ଅଧିକାରୀଙ୍କ ମନୋମୁଖ କାର୍ଯ୍ୟ ପାଇଁ ଜନସାଧାରଣ ଯୋଜନାରୁ ବଞ୍ଚିତ ରହୁଛନ୍ତି। ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଚଟୁଅନକା ପଞ୍ଚାୟତ ବେହେରେନସିଲେଟ-ଆମ୍ବେଦକରପଡ଼ା ରାସ୍ତା ଅତି ଶୋଚନୀୟ ହୋଇଛି। ଯାହାଫଳରେ କାଦୁଅ ପଚ ପଚ ରାସ୍ତା ପାଇଁ ପଡ଼ାବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗକୁ ବର୍ଷା ଦିନ ରାସ୍ତା ଅବସ୍ଥା ଆହୁରି ବେହାଲ ହେବ। ଗତ ୧୫ ବର୍ଷ ତଳେ ପଡ଼ା ରାସ୍ତା ନିର୍ମାଣ ହୋଇଥିଲା ବର୍ତ୍ତମାନ କଂକ୍ରିଟ ମାଟିରେ ମିଶି ଯାଇଛି। ଅନେକ ସ୍ଥାନରେ ଖାଲ ଖମା ହୋଇ ପାଣି ଜମି ରହିବା ଯୋଗୁଁ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଡ୍ରେନ ନିର୍ମାଣ ମଧ୍ୟ ଅତି ଆବଶ୍ୟକ ବୋଲି ପଡ଼ାବାସୀ କହିଛନ୍ତି। ଅନ୍ୟପକ୍ଷରେ ରାସ୍ତା ସମସ୍ୟାକୁ ନେଇ ବାରମ୍ବାର ପଞ୍ଚାୟତ ଓ ବ୍ଲକ କର୍ତ୍ତୃପକ୍ଷଙ୍କୁ ଅବଗତ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଯାହାଫଳ ଆମ୍ବେଦକର ପଡ଼ାବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂତନ କଂକ୍ରିଟ ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ବଲାଙ୍ଗିର ଜିଲ୍ଲା ପ୍ରଶାସନଙ୍କୁ ନିବେଦନ କରିଛନ୍ତି।

## ମୋବାଇଲ ନେଟ୍‌ୱାର୍କ ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

**ବଲାଙ୍ଗିର, ୧୩।୬(ସମିସ):** ବଲାଙ୍ଗିର ବ୍ଲକ ଅନ୍ତର୍ଗତ ଶିକାଛିଡା ପଞ୍ଚାୟତବାସୀ ଦୀର୍ଘ ଦିନ ହେବ ମୋବାଇଲ ନେଟ୍‌ୱାର୍କ ଯୋଗୁଁ ଅନେକ ହଇରାଣ ହେଉଛନ୍ତି। ଛାତଛାତ୍ରୀମାନେ ଅନ୍‌ଲାଇନ କ୍ଲାସ କରିପାରୁନାହାନ୍ତି, ବ୍ୟାଙ୍କ ସୁବିଧାରୁ ମଧ୍ୟ ବଞ୍ଚିତ ହେବାକୁ ପଡୁଛି, ସରକାରଙ୍କ ପିଡିଏସ୍ ଚାଉଳ ପାଇଁ ମଧ୍ୟ ହଇରାଣ ହେବାକୁ ପଡୁଛି। ତେଣୁ ବିଭିନ୍ନ ସମୟରେ ବିଭିନ୍ନ ପଦାଧିକାରୀଙ୍କୁ ଲିଖିତ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଆଜି ଜିଲ୍ଲାପାଳଙ୍କୁ ଲିଖିତ ଜଣାଯାଇଛି ଏବଂ ଆଗାମୀ ଦିନରେ କୌଣସି ପଦକ୍ଷେପ ଗ୍ରହଣ ନ କଲେ ପଞ୍ଚାୟତବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଫକିର ଠେଲା, ରମାକାନ୍ତ ନାଏକ, ଗୁପ୍ତେ ପାତ୍ର, ମନୋଜ ବିଶ୍ୱାଳ, ଅଟଳ ବିଶି, ସୁବଳ ମେହେର, ନୃପ ବରର୍ତ୍ତି, ବିବେକା ଭାଟି, ଯୁଧିଷ୍ଠିର ଦେହେରି, ରଞ୍ଜିତ କରନ, ସନ୍ତୋଷ ଦେହେରି, ଦକ୍ଷ ପାଣ୍ଡେ, ଭାଗରଥି ସାଏ, ରମେଶ ପାତ୍ର, ବିକ୍ରମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



## ପୂର୍ବତନ ବିଧାୟକଙ୍କ ଶିଳାନ୍ୟାସ ଫଳକ ଭାଙ୍ଗିଦେଲେ ଦୁର୍ବୃତ୍ତ

ଦେଓଗାଁ, ୧୩।୬(ସମିସ)

ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁଲୁତାପଡ଼ା ପଞ୍ଚାୟତ କୁମୁରିଆର ପ୍ରସିଦ୍ଧ ଶୁଳିଆଶକ୍ତିପୀଠର ଉନ୍ନତିକରଣ କାର୍ଯ୍ୟପାଇଁ ପୂର୍ବତନ ବିଧାୟକଙ୍କ ଦ୍ୱାରା ହୋଇଥିବା ଶିଳାନ୍ୟାସ ଫଳକକୁ କେହି ଦୁର୍ବୃତ୍ତ ଗୁରୁବାର ରାତିରେ ଭାଙ୍ଗି ଦେଇଛନ୍ତି। ଫଳକ ଭାଙ୍ଗିଦେଇଥିବା ଖବର ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ହେବା ପରେ କଂଗ୍ରେସ ଦଳ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି କାର୍ଯ୍ୟକୁ ବ୍ଲକ କଂଗ୍ରେସ ତରଫରୁ ତୀବ୍ର ନିନ୍ଦା କରାଯିବା ସହ ଏହା ଅସହିଷ୍ଣୁତା ବୋଲି ବ୍ଲକ ସଭାପତି ରାମଜୀ ଚୌଧୁରୀ କହିବା ସହ ଆଗକୁ ଏଭଳି ଅସହିଷ୍ଣୁତା ଜାରି ରହିଲେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସୂଚନା ଦେଇଛନ୍ତି। ଜିଲ୍ଲାର ପ୍ରସିଦ୍ଧ ତଥା ଆଦିବାସୀ ସଂସ୍କୃତି ଓ ପରମ୍ପରାର ମୁଖ୍ୟ ଶୁଳିଆପୀଠର ଉନ୍ନତିକରଣ କାମରେ ଲାଗିଥିବା ଫଳକକୁ ଭାଙ୍ଗିଦେବା ଆଦିବାସୀଙ୍କ ପାଇଁ କୁଠାରଘାତ ବୋଲି ଦଳ ପକ୍ଷରୁ କୁହାଯାଇଛି। ଘଟଣାର ତଦନ୍ତ କରାଯିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି। ଗତ କିଛିଦିନ ତଳେ ପୂର୍ବତନ ବିଧାୟକ ତଥା ଆଇନମନ୍ତ୍ରୀ ନରସିଂହ ମିଶ୍ର ଏକ ପ୍ରେସ ବିବୃତିରେ ଦେଓଗାଁ ଦୁର୍ନୀତିର ଗନ୍ଧାଘର ପାଲଟିଛି ବୋଲି କହିବା ପରେ ବିରୋଧିଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଥିଲା। କେବଳ ଦେଓଗାଁ ନୁହେଁ ବରଂ ସମସ୍ତ ବ୍ଲକରେ ପିସି କାରବାର ସହ ଉନ୍ନୟନ କାମରେ ବାଟମାରଣ ଚାଲିଛି ବୋଲି ବିରୋଧି ପ୍ରତି ଉତ୍ତରରେ ଅଭିଯୋଗ କରିବା ସହ ବର୍ତ୍ତମାନ ଡବଲ ଇଞ୍ଜିନ ସରକାରରେ ମଧ୍ୟ ତଦୃପ ଅବସ୍ଥା ବୋଲି ବିରୋଧି ଅଭିଯୋଗ ଉଠାଇଛି।



# ସହିଦ ରେଣ୍ଡୋ ମାଝୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି



**ଭବାନୀପାଟଣା, ୧୩।୬ (ସମିସ):** ସହିଦ ରେଣ୍ଡୋ ମାଝୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ଦାବି ଜୋରଧରିଛି। ଜଙ୍ଗଲ ଓ ପର୍ଯ୍ୟାବରଣ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କୁ ସହିଦ ରେଣ୍ଡୋମାଝୀ ଫାଉଣ୍ଡେସନ ଟ୍ରଷ୍ଟ ଉର୍ଲାଦାନୀର ସହ ଅଧ୍ୟକ୍ଷ ଓ ସମ୍ପାଦକ ଡ. ଭବାନୀ ଶଙ୍କର ନିଆଲ ଭେଟି ଏହି ଦାବି ଉପସ୍ଥାପନ କରିଛନ୍ତି। ଭବାନୀପାଟଣା ସରକାରୀ ମେଡିକାଲ କଲେଜରେ ସହିଦ ରେଣ୍ଡୋ ମାଝୀଙ୍କ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ସେ ଦାବି ଉଠାଇଛନ୍ତି। ଏହାସହ ରାଜ୍ୟ ସଂସ୍କୃତି ବିଭାଗର ବାର୍ଷିକ କ୍ୟାଲେଣ୍ଡରରେ ସ୍ଥାନ ଦେବାକୁ କହିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଡିସେମ୍ବର ୧୦ରେ ରାଜ୍ୟସ୍ତରୀୟ ବଳିଦାନ ଦିବସ ପାଳନ କରିବା ପାଇଁ ଦାବି ରଖିଛନ୍ତି। ସହିଦ ରେଣ୍ଡୋ ମାଝୀଙ୍କ ସହଯୋଗୀ ସହିଦ ଟଡ଼ ଡମ୍ବ, ସଂଗ୍ରାମୀ ଆମୋଶ ପାତ୍ର, ମାର୍ଣ୍ଡା ମାଝୀ, ବସତା ଡମ୍ବ ଏବଂ ଡାବିସା ମାଝୀଙ୍କ ପ୍ରତିମୂର୍ତ୍ତି ମଧ୍ୟ ନିର୍ମାଣ କରିବାକୁ ଦାବି କରାଯାଇଛି। ସେହିଭଳି କଳାହାଣ୍ଡିର ପୂର୍ବତନ ମହାରାଜା ଏବଂ ପୂର୍ବତନ ସାଂସଦ ପ୍ରତାପ କେଶରୀ ଦେଓ, ପୂର୍ବତନ ରାଜା (ମଦନପୁର) ରାମପୁର ଦୁର୍ଗାମାଧବ ସିଂଦେଓ, ପୂର୍ବତନ ମନ୍ତ୍ରୀ ଦୟାନିଧି ନାଏକ, ପ୍ରଥମ ସାଂସଦ ଗିରିଧାରୀ ଭୋଇ, ପ୍ରଫେସର ଭୁବନେଶ୍ୱର ବେହେରା, ପୂର୍ବତନ ମନ୍ତ୍ରୀ ଅନୁପ ସିଂଦେଓ (ଖରିଆର), ପୂର୍ବତନ ମନ୍ତ୍ରୀ ଘାସିରାମ ମାଝୀ, ସମାଜ ସଂସ୍କାରକ ପରଦେଶୀ ନାଏକ, ନାଟ୍ୟକାର ପ୍ରଫୁଲ୍ଲ ରଥ, ପୂର୍ବତନ ବିଧାୟକ ଗଜାନନ ନାଏକ, ପୂର୍ବତନ ବିଧାୟକ ମହେଶ୍ୱର ନାଏକ, ମହେଶ୍ୱର ବରାଡ଼, ଜଳପୁରୁଷ କାର୍ଜୀ ମାଝୀଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ସ୍ଥାପନ କରାଯିବା ଲାଗି ଦାବି କରାଯାଇଛି। ଟ୍ରଷ୍ଟ ତରଫରୁ ଡୁଗୁଲି ମାଝୀ, ପରମାନନ୍ଦ ମାଝୀ, ଉମାକାନ୍ତ ଯାନୀ, ନୀଳ ମାଧବ ସିଂ ଦେଓ, ଫକୀର ମୋହନ ମାଝୀ, ରମେଶ ମାଝୀ, ଦେବି ପ୍ରସାଦ ସିନ୍ଧୁର, ସୁଶୀଲ ବାଗ, ପ୍ରଦୀପ ଦାସ ପ୍ରମୁଖ ଏହି ଦାବି ଉଠାଇଛନ୍ତି।

# ଗ୍ରାମବାସୀଙ୍କ ପ୍ରଶ୍ନର ଉତ୍ତର ଦେଇପାରିଲେନି ବାବୁ

**ଜୟପାଟଣା, ୧୩।୬(ସମିସ)**



- **ମୁଖ୍ୟ ଶାସନ ସଚିବଙ୍କ ଗସ୍ତ ପାଇଁ ସମସ୍ତେ ଛାନିଆ**
- **ଦୋଷ ଦୁର୍ବଳତା ଲୁଚାଇବାକୁ ଇନ୍ଦ୍ରାବତୀ ପ୍ରକଳ୍ପ ଅଧିକାରୀ ତତ୍ପର**
- **ଅସ୍ଥାୟୀ ରାସ୍ତା ମରାମତିକୁ ଲୋକଙ୍କ ବିରୋଧ**

ଦୀର୍ଘ ବର୍ଷ ହେଲା ଇନ୍ଦ୍ରାବତୀ ପ୍ରକଳ୍ପ ମହୁଲପଟଣା ୧୫ କିମି ଘାଟି ରାସ୍ତା ଶୋଚନୀୟ ହୋଇ ପଡ଼ିଛି। ଏହି ରାସ୍ତା ଉପରେ ନିର୍ଭରଶୀଳ ଇନ୍ଦ୍ରାବତୀ ପ୍ରକଳ୍ପ ପାଇଁ ବିସ୍ଥାପିତ ଅନେକ ଗାଁର ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସେମାନେ ବିଭିନ୍ନ ସମୟରେ ଇନ୍ଦ୍ରାବତୀ ପ୍ରକଳ୍ପ ଅଧିକାରୀଙ୍କୁ ଅଭିଯୋଗ କରି ଆସିଛନ୍ତି। କେବଳ ପ୍ରତିଶ୍ରୁତି ଛଡା ତାଙ୍କୁ କିଛି ମିଳି ନାହିଁ। ତେବେ ବର୍ତ୍ତମାନ ଏହି ଅଞ୍ଚଳକୁ ମୁଖ୍ୟ ଶାସନ ସଚିବଙ୍କ ଗସ୍ତ ରହିଛି। ଏଣୁ ଦୋଷ ଦୁର୍ବଳତାକୁ ଲୁଚାଇବାକୁ ଇନ୍ଦ୍ରାବତୀ ପ୍ରକଳ୍ପ ଅଧିକାରୀମାନେ ତତ୍ପରେ ହୋଇଉଠି ମହୁଲପଟଣା ଗାଁରେ ଉଭା ହୋଇଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଘାଟିର ଅନେକ ସ୍ଥାନରେ ପଥର ଗୁଣ୍ଡ ପକାଇ ମରାମତି କରିବାକୁ ଚେଷ୍ଟା କରୁଛନ୍ତି। ସ୍ଥାନୀୟ ଗ୍ରାମବାସୀ କିନ୍ତୁ ଏହାକୁ ବିରୋଧ କରିଛନ୍ତି। ଶୁକ୍ରବାର ଏ ନେଇ ସ୍ଥାନୀୟ ବିଡ଼ିଓ, ତହସିଲଦାର, ଇନ୍ଦ୍ରାବତୀ ପ୍ରକଳ୍ପ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟ ଓ ଗ୍ରାମବାସୀଙ୍କୁ ନେଇ ଆଲୋଚନା ହୋଇଥିଲା। ଅସ୍ଥାୟୀ ଭାବେ ରାସ୍ତା ମରାମତି ନ କରି ଉଚିତ ଭାବେ ନିର୍ମାଣ କରାଯାଉ ବୋଲି ଦାବି କରିଛନ୍ତି। କେଉଁ କାରଣରୁ ଦୀର୍ଘ ଦିନ ହେଲା ଏହି ରାସ୍ତା ନିର୍ମାଣ କରାଯାଉ ନାହିଁ ଏବଂ ବର୍ତ୍ତମାନ କ'ଣ ଆବଶ୍ୟକ ପଡ଼ିଲା ବୋଲି ପ୍ରଶ୍ନ କରିଛନ୍ତି। ଉତ୍ତରରେ ଉପରୁ ନିର୍ଦ୍ଦେଶ ଆସିଥିବାରୁ ମରାମତି ହେଉଛି ବୋଲି ପ୍ରକଳ୍ପ ଅଧିକାରୀ କହିଛନ୍ତି। ତେବେ କେଉଁ ପାଣ୍ଠିରୁ ଏବଂ କେତେ ଖର୍ଚ୍ଚ ହେବ ବୋଲି ମଧ୍ୟ ଉତ୍ତର ମିଳିନି।

# ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଗସ୍ତ



**ବଲାଙ୍ଗିର, ୧୩।୬(ସମିସ):** ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ ଦିନିକିଆ ବଲାଙ୍ଗିର ଜିଲ୍ଲା ଗସ୍ତରେ ଆସି ସରକାରଙ୍କ ଏକ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ଓ କୃଷକ ଶକ୍ତି ସମାବେଶ ସମୀକ୍ଷା କରିଛନ୍ତି। ପଥରଚେପ ପଡ଼ିଆକୁ ଯାଇ କ୍ଷେତ୍ର ପରିଦର୍ଶନ କରିଛନ୍ତି। ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନାର ସୁଫଳ ଲୋକମାନଙ୍କ ପାଖେ ପହଞ୍ଚାଇବା ପାଇଁ ସମସ୍ତ ଅଧିକାରୀଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସମସ୍ତ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ପାର୍କିଂ, ସୁରକ୍ଷା, ପ୍ରଚାରପ୍ରସାର, ମେଡିକାଲ ଟିମ ଆଦି ବାବଦରେ ଆଲୋଚନା ହୋଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବୈଠକରେ ଜିଲ୍ଲାପାଳ ଗୌରଓ୍ୱ ଶୀଓ୍ୱାଜୀ ଇଶାଲୱାର, ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜୀ, ଅତିରିକ୍ତ ଜିଲ୍ଲାପାଳ ଡ଼ବିଜୟାନନ୍ଦ ସେଠୀ, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର ଓ ଜିଲ୍ଲାସ୍ତରୀୟ ଅନ୍ୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

# ପାରମ୍ପରିକ ଖାଦ୍ୟକୁ ଗୁରୁତ୍ୱ ଦେବା ଉଚିତ୍

**ନୂଆପଡ଼ା, ୧୩।୬(ସମିସ):** ନୂଆପଡ଼ାରେ ୭ ଦିନିଆ ବିକାଶ ମେଳା ଚାଲିଛି। ଏହି ଅବସରରେ ଶୁକ୍ରବାର ଦ୍ୱିତୀୟ ଦିନରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୫ଟି ମହିଳା ସ୍ୱୟଂ ସହାୟକ ଦଳ ଏଥିରେ ଅଂଶ ଗ୍ରହଣ କରି ସ୍ୱାଦିଷ୍ଟ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିଥିଲେ। ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାରମ୍ପରିକ ଖାଦ୍ୟକୁ ସବୁବେଳେ ଗୁରୁତ୍ୱ ଦେଲେ ସମସ୍ତେ ସୁସ୍ଥ ରହିପାରିବେ ବୋଲି କହିଥିଲେ। ପ୍ରତିଯୋଗିତାର ବିଚାରକ ଭାବେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଡା. ସଚ୍ଚିଦାନନ୍ଦ ତ୍ରିପାଠୀ, ଅବକାରୀ ଅଧିକ୍ଷକ ସଙ୍ଘମିତ୍ରା ପ୍ରଧାନ, ଅତିରିକ୍ତ ଜିଲ୍ଲା ଟ୍ରେଜେରୀ ଅଧିକାରୀ ମଧୁସ୍ମିତା ପରିଜା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର ଖାଦ୍ୟର ସ୍ୱାଦ, ଗୁଣ ଓ ମାନ ପରୀକ୍ଷା କରିଥିଲେ। ଜିଲ୍ଲା ମିଶନ ଶକ୍ତି ଆନୁକୂଲ୍ୟରେ ଜିଲ୍ଲା ପରିଚାଳକ ସୁନୀଲ ମଲ୍ଲିକ ପ୍ରତିଯୋଗିତା ଆୟୋଜନ କରିଥିଲେ।

# ଧଅଁରାଖମନରେ ବ୍ୟାପୁଛି କିଡ୍‌ନୀ ରୋଗ; ପହଞ୍ଚିଲା ମେଡିକାଲ ଦଳ

**କର୍ଲାମୁଣ୍ଡା, ୧୩।୬(ସମିସ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲ ପଞ୍ଚାୟତର ଧଅଁରାଖମନ ଗ୍ରାମରେ କିଡ୍‌ନୀ ରୋଗ ବ୍ୟାପିବାରେ ଲାଗିଛି। କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଅନେକଙ୍କ ଜୀବନ ଗଲାଣି।ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଧଅଁରାଖମନ ଛକରେ ସ୍ଥାନୀୟ ନେତୃମଣ୍ଡଳୀ ଓ ଗ୍ରାମବାସୀ ଅଟକାଇ କିଡ୍‌ନୀ ରୋଗ ସଂକ୍ରାନ୍ତରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏନେଇ ମନ୍ତ୍ରୀ ସିଡିଏମ୍‌ଓଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଭବାନୀପାଟଣା ରେଣ୍ଡୋ ମାଝୀ ଭେଷଜ ମହାବିଦ୍ୟାଳୟର ମେଡିସିନ ବିଭାଗର ମୁଖ୍ୟ ପ୍ରଫେସର ଡା. ଲୋମପାଦ ନାଏକଙ୍କ ନେତୃତ୍ୱରେ ମେଡିସିନ(ଜେନେରାଲ) ବିଭାଗର ସହକାରୀ ପ୍ରଫେସର ଡା. ଠାକୁର ସୋହେନ, ଏମରଜେନ୍ସି ମେଡିସିନ ବିବାଗ ମୁଖ୍ୟ ଡା. ଶେଷଦେବ ଛତର, ସହକାରୀ ପ୍ରଫେସର ଡା. ସାରଦା ପ୍ରିୟଦର୍ଶନୀ ଓ ଲ୍ୟାବ୍ ଟେକ୍‌ନିସିଆନ ଭାସ୍କର ପଧାନ ଗାଁରେ ପହଞ୍ଚି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଡା. ନିହାର ରଞ୍ଜନ ଠାକୁର, କର୍ଲାମୁଣ୍ଡା ମେଡିକାଲ ଅଫିସର ମୁକେଶ ଯାଦବ,



ସିଏଚ୍‌ଇଓ କିଶୋର ଚନ୍ଦ୍ର ଦାସ, ବିପିଏମ୍ ଅଜିତ ସିଂ କୁମାର ଉପସ୍ଥିତ ଥିଲେ। ୧୩ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ଏଥି ସହ ଗାଁରେ ଏକ ସଚେତନା ସଭା କରାଯିବା ସହ ପାଣି ନମୁନା ସଂଗ୍ରହ କରାଯାଇଛି। ସୂଚନାଯୋଗ୍ୟ, ଗାଁରେ ଗତ ୫ବର୍ଷ ମଧ୍ୟରେ କିଡ୍‌ନୀ ରୋଗରେ ୧୪ ଜଣଙ୍କ ମୃତ୍ୟୁ ଘଟିଛି।

# ଟ୍ରେନ୍ ଧକ୍କାରେ ଯୁବକ ମୃତ

**ନୂଆପଡ଼ା, ୧୩।୬ (ସମିସ):** ନୂଆପଡ଼ା ଜିଲ୍ଲା ଲଖନା ରେଳ ଷ୍ଟେସନ ନିକଟରେ ମାଲବାହୀ ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲଖନା ଗାଁର ମୋହନ ସୋନୀ (୪୧)। ମୋହନ ମୁରଲିବାହାଲିରୁ ଲଖନା ପଟେ ରେଳ ଲାଇନ କଡ଼ରେ ଚାଲି ଚାଲି ଆସୁଥିଲାବେଳେ ଏକ ମାଲବାହୀ ଟ୍ରେନ୍ ଧକ୍କା ଦେଇଥିଲା। କଣ୍ଟାବାଞ୍ଜି ଜିଆରପି ପହଞ୍ଚି ମୃତଦେହ ଜବତ କରିଥିଲା। ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି।

# ବର୍ଷ ପୂର୍ତ୍ତି ପାଳନ ପାଇଁ ପ୍ରସ୍ତୁତି

**ଖଡ଼ିଆଳ, ୧୩।୬( ସମିସ):** ଖଡ଼ିଆଳ ବାଳକ ଉଚ୍ଚପ୍ରାଥମିକ ବିଦ୍ୟାଳୟର ୧୫୦ ବର୍ଷ ପୂର୍ତ୍ତି ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସବିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଉଜ୍ଜଳ ଗୁପ୍ତା, କାଉନସିଲର ଚନ୍ଦନ ସାହୁ, ସିଆରସିସି ମଧୁସୂଦନ ସାଗର, ପରିଚାଳନା କମିଟିର ସଭାପତି ଖୁସିରାମ ଭୋଇ ମଞ୍ଚାସୀନ ଥିଲେ। ଶିକ୍ଷୟତ୍ରୀ କଳ୍ପନା ମିଶ୍ର, ସ୍ୱାଗତିକା ଖମାରୀ, ସବିତା ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ପ୍ରାଧାପକ ଡ. ଲୋହିତାକ୍ଷ ଯୋଶୀ, ପୂର୍ବତନ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷ ବାଳକୃଷ୍ଣ ଶବର, ଆୟୁଷ ଡାକ୍ତର ଆଦିତ୍ୟ ଯୋଶୀ, ଶିକ୍ଷାବିତ ପ୍ରକାଶ ଠାକୁର, ସାମାଜିକକର୍ମୀ ପ୍ରଦୀପ ଦଣ୍ଡସେନା, ପ୍ରଦୀପ ମହାପାତ୍ର, ଶୈଳେନ୍ଦ୍ର ପାଣିଗ୍ରାହୀ, ସରୋଜ ଶବର, ସବିତା ଶବରଙ୍କ ସମେତ ପୂର୍ବତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ବିମାନ ଦୁର୍ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ବିଜେଡିର ଶ୍ରଦ୍ଧାଞ୍ଜଳି




**ଭବାନୀପାଟଣା, ୧୩।୬ (ସମିସ):** ଗୁଜୁରାଟର ଅହମ୍ମଦାବାଦଠାରେ ହୋଇଥିବା ମର୍ମନ୍ତୁଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସମସ୍ତ ଯାତ୍ରୀଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଛକଠାରେ ଗଭୀର ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ବିଜେଡି କର୍ମୀ ମୃତକଙ୍କ ଅମର ଆତ୍ମାର ସଦଗତି କାମନା କରି ପ୍ରାର୍ଥନା କରିଥିଲେ। ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ପୋରାଧ୍ୟକ୍ଷ ବିଷ୍ଣୁ ପ୍ରଧାନ, ବରିଷ୍ଠ ବିଜେଡି ନେତା ପ୍ରଦୀପ ଠାକୁର, ପୂର୍ବତନ ପୌର ଉପାଧ୍ୟକ୍ଷା ସବିତା ପ୍ରଧାନ, ଧବଳେଶ୍ୱର ମହାପାତ୍ର, ଏସସି ସେଲ ସଭାପତି ପ୍ରଶାନ୍ତ ନାଏକ, ବଦ୍ରିନାରାୟଣ ପଟ୍ଟନାୟକ, ପ୍ରେମ ରଞ୍ଜନ ପାଣିଗ୍ରାହୀ, ସାମନ୍ତ ଖମାରୀ, ଉଦୟ ସୁନାନୀ, ହାରାମଣୀ ଗଣ୍ଡ, ଜୟଶ୍ରୀ ଅଗ୍ରୱାଲ, ସମିତା ନାୟକ, ରାଜୀବ ମୁଣ୍ଡ, ଜାକୀର ହୁସେନ, ଜିଲ୍ଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ଜିଲ୍ଲା ମହିଳା ସଭାନେତ୍ରୀ ଲଳିତା ନାଏକ, ରାଜ୍ୟ ଛାତ୍ର ବିଜେଡି କାର୍ଯକାରୀ ସଭାପତି ଅବିନାଶ ଲୋଚନ ଶତପଥି, କ୍ଷିରସିନ୍ଧୁ ନାଏକ, ଚିରାଗ ସିଂହଦେଓ, ଶିବା ସାହୁ, ମହେନ୍ଦ୍ର ରାଉତ, ପ୍ରଦୀପ ପ୍ରଧାନ, ରଞ୍ଜୁକ୍ତା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ପ୍ରାଥମିକ ଶିକ୍ଷକ ସଂଘର ବୈଠକ

**ଭବାନୀପାଟଣା, ୧୩।୬(ସମିସ):** ଭବାନୀପାଟଣାସ୍ଥ ପ୍ରାଥମିକ ଶିକ୍ଷକ (ଏକ୍ସକ୍ୟାଡ଼ର) ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶକ୍ତିନଗରପଡ଼ାସ୍ଥିତ ପୁଲିସ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ସଭାପତି ସୁବ୍ରତ ଦଣ୍ଡସେନା ଅଧ୍ୟକ୍ଷତା କରିଥିଲେ। ବୈଠକରେ ସଦର ବ୍ଲକର ୬ ଅବସରପ୍ରାପ୍ତ ଶିକ୍ଷକ ଶଙ୍କର କାଶ୍ୟପ, ଅମ୍ବିକା ପ୍ରସାଦ ରଥ, ପଦ୍ମନ ମହାରଣା, ଚନ୍ଦ୍ର ତାଣ୍ଡି, ସୁଧୀର ସାହୁ ଏବଂ ବବ୍ରୁ ବାହାନ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅବସର ପ୍ରାପ୍ତ ଏକ୍ସକ୍ୟାଡ଼ର ଶିକ୍ଷକଙ୍କ ବିଭିନ୍ନ ଅବସରକାଳୀନ ପ୍ରାପ୍ୟ ସମ୍ପର୍କରେ ରାଜ୍ୟ ମହାସଂଘର ଉପଦେଷ୍ଟା ପ୍ରଶାନ୍ତ ଖମାରୀ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବୈଠକରେ ମୁଖ୍ୟ ଅତିଥି ଭାବରେ ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଚାରୀ ଶବର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ବିଆରସିସି ଜୟ ମାଝୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷିକେଶ ନାଏକ ଓ ଜଗଦୀଶଚନ୍ଦ୍ର ମୁଣ୍ଡ, ଏୟୁପିଟିଏଫ ବ୍ଲକ ସଭାପତି ମଧୁସୂଦନ ପଧାନ, ଅମରେନ୍ଦ୍ର ପଟ୍ଟନାୟକ ଏବଂ ମୁଖ୍ୟ ବକ୍ତା ଭାବେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ରାଜ୍ୟ ସଭାପତି ଧୀରେନ୍ଦ୍ର ପଟ୍ଟନାୟକ ଯୋଗ ଦେଇଥିଲେ। ବୈଠକରେ ଜିଲ୍ଲା ସଂଘର ମୁଖ୍ୟ ଉପଦେଷ୍ଟା ପ୍ରଶାନ୍ତ ପ୍ରଧାନ, କାର୍ଯ୍ୟକାରୀ ସଭାପତି ତ୍ରିଲୋଚନ ସାହୁ, ସଦର ବ୍ଲକ ସଭାପତି ଦାମୋଦର ଚନ୍ଦନ, ସମ୍ପାଦକ ନିତ୍ୟାନନ୍ଦ ରଣା, କୋଷାଧ୍ୟକ୍ଷ ସୁରେଶ ରାଉତ, ଅଶୋକ ଦାଶ, ସାନ ନାଏକ, ଚକ୍ରଧର ସା, ଗୀତାଞ୍ଜଳି ଭାଟି, କୁଞ୍ଜ ବିହାରୀ ମିଶ୍ର, ଶଙ୍କର ବିଶି, ସୁଶାନ୍ତ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।




# ବିଧାୟକଙ୍କ ହସ୍ତକ୍ଷେପ ପରେ ରାସ୍ତା କାମ ଆରମ୍ଭ



**କର୍ଲାମୁଣ୍ଡା, ୧୩।୬(ସମିସ):** କଳାହାଣ୍ଡି ଜିଲ୍ଲା ମ. ରାମପୁର, ରିଷିଡା ଓ କର୍ଲାମୁଣ୍ଡା ପୂର୍ତ୍ତ ରାସ୍ତା କାମ ବିଧାୟକିକାଙ୍କ ହସ୍ତକ୍ଷେପ ପରେ ଆରମ୍ଭ ହୋଇଛି। ଗତ ବର୍ଷ ଏହି ରାସ୍ତା କାମ ଆରମ୍ଭ ହୋଇଥିଲା; ହେଲେ ରିଷିଡା ହାଇସ୍କୁଲ ଛକଠାରୁ ଗାଁ ଶେଷମୁଣ୍ଡ ପର୍ଯ୍ୟନ୍ତ କାମ ନ କରି ଛାଡି ଦିଆଯାଇଥିଲା। ଫଳରେ ରିଷିଡା ମାର୍କେଟ ତଥା କର୍ଲାମୁଣ୍ଡାକୁ ଯାଉଥିବା ବ୍ୟସ୍ତବହୁଳ ରାସ୍ତାରେ ପାଣି ଜମି ରହୁଥିଲା। ଏହି ସମସ୍ୟା ବିଷୟରେ ସ୍ଥାନୀୟ ଲୋକେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ; ହେଲେ ରାସ୍ତା କାମ ପରେ ହେବ କହି ଦିନ ଗଡ଼ାଇ ଦେଉଥିଲେ ବିଭାଗୀୟ ଅଧିକାରୀ। ଏ ନେଇ ଲୋକେ ସ୍ଥାନୀୟ ବିଧାୟିକା ମନୋରମା ମହାନ୍ତି, ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟିକାଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଠିକାଦାର ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ କାମ ଆରମ୍ଭ କରିଛନ୍ତି।

# ରଥଯାତ୍ରା ପାଇଁ ଦେବୋତ୍ତର ବିଭାଗର ପ୍ରସ୍ତୁତି

**ପାଟଣାଗଡ଼, ୧୩।୬(ସମିସ):** ସ୍ଥାନୀୟ ହରିଶଙ୍କର ଭବନ ଠାରେ ଚଳିତ ବର୍ଷ ରଥଯାତ୍ରା ପାଇଁ ଉପଜିଲ୍ଲାପାଳ ପାଟଣାଗଡ଼ ତଥା ଦେବୋତ୍ତର ବିଭାଗର ଅଧିକାରୀ ସୁନୀଲ ମେହେରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ବୈଠକରେ ଚଳିତ ବର୍ଷ ହେବାକୁ ଥିବା ରଥଯାତ୍ରାକୁ କିଭଳି ଶାନ୍ତିଶୃଙ୍ଖଳାରେ ପାଳନ କରାଯିବ ଆଲୋଚନା କରାଯାଇଥିଲା। ରଥଯାତ୍ରା ପାଇଁ ବିଭିନ୍ନ କମିଟି ଗଠନ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଥିଲା।ବୈଠକରେ ଦେବୋତ୍ତର କମିଟିର ସମସ୍ତ ସଦସ୍ୟ, ପାଟଣାଗଡ଼, ବେଲପଡ଼ା ଓ ଖପ୍ରାଖୋଲ ବ୍ଲକର ବିଡ଼ିଓ, ସମସ୍ତ ତହସିଲଦାର, ପାଟଣାଗଡ଼ ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟା, ବିଦ୍ୟୁତ୍ ବିଭାଗର ସମସ୍ତ ଅଧିକାରୀ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଡ୍ରାଇଭର୍ ସଂଘ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

# ଦାବି ପୂରଣ ନ ହେଲେ ଷ୍ଟିଅରିଙ୍ଗ ଛାଡ଼ ଆନ୍ଦୋଳନ

**ପାଟଣାଗଡ଼, ୧୩।୬(ସମିସ)**



ଓଡ଼ିଶା ଡ୍ରାଇଭର ମହାସଂଘର ଡାକରାରେ ପାଟଣାଗଡ଼ ଶାଖାର ଡ୍ରାଇଭର ସଂଘର କର୍ମକର୍ତ୍ତାମାନେ ଶୁକ୍ରବାର ୭ ଦଫା ସମ୍ବଳିତ ଦାବିପତ୍ର ଉପଜିଲ୍ଲାପାଳ ପାଟଣାଗଡ଼ଙ୍କୁ ପ୍ରଦାନ କରିଛନ୍ତି।ଦାବି ପୂରଣ ନ ହେଲେ ଆସନ୍ତା ୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଷ୍ଟିଅରିଙ୍ଗ ଛାଡ଼ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।ପାଟଣାଗଡ଼ ଶାଖା ଡ୍ରାଇଭର ସଂଘର ଉପସଭାପତି ଗଙ୍ଗା ମହାଲିଙ୍ଗ କହିଛନ୍ତି ଯେ ପୂର୍ବରୁ ନବୀନ ସରକାର ଓଡ଼ିଶା ଡ୍ରାଇଭର ମହାସଂଘର ୩ ଟି ଦାବିକୁ ପୂରଣ କରିଥିଲେ। କିନ୍ତୁ ଡବଲ ଇଂଜିନ ସରକାର ଥାଇ ମଧ୍ୟ ଡ୍ରାଇଭରଙ୍କ ଦାବିକୁ ଅଣଦେଖା କରି ଚାଲିଛନ୍ତି। ଓଡ଼ିଶା ମହାସଂଘ ଦେଇଥିବା ଡାକରାରେ ଶୁକ୍ରବାର ପାଟଣାଗଡ଼ ଡ୍ରାଇଭର ସଂଘ ପକ୍ଷରୁ ଉପଜିଲ୍ଲାପାଳ ପାଟଣାଗଡ଼ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ଗୁଡିକ ମଧ୍ୟରେ ଓଡ଼ିଶା ଡ୍ରାଇଭର ମୋଟର୍ସ ୱାର୍କ ବୋର୍ଡରେ ଡ୍ରାଇଭରଙ୍କୁ ସାମିଲ, ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଆଇନ, ଷାଠିଏ ବର୍ଷ ପରେ ଡ୍ରାଇଭରଙ୍କୁ ଭତ୍ତା ପ୍ରଦାନ, ଡ୍ରାଇଭରଙ୍କ ପାଇଁ ପ୍ରତି ଶହେ କିମିରେ ପାର୍କିଂ ବ୍ୟବସ୍ଥା କରାଯାଇ ବିଶ୍ରାମ ଗୃହ ଓ ଶୌଚାଳୟ ନିର୍ମାଣ କରାଯାଉ। ଓଡ଼ିଶାରେ ଥିବା ପ୍ରତ୍ୟେକ ଖଣି ଓ କଳ କାରଖାନା ଗୁଡିକରେ ଶତକଡା ୭୦ ପ୍ରତିଶତ ସଂଘର ଡ୍ରାଇଭରଙ୍କୁ ନିଯୁକ୍ତି, ଗାଡି ଗୁଡିକର କାଗଜପତ୍ର ଯାଞ୍ଚ କରିବାର କ୍ଷମତା ପୁଲିସ ଠାରୁ ପ୍ରତ୍ୟାହାର ଇତ୍ୟାଦି। ଦାବି ପତ୍ର ପ୍ରଦାନ ସମୟରେ ପାଟଣାଗଡ଼ ଡ୍ରାଇଭର ସଂଘର ସଭାପତି ଭୀମସେନ ଦୀପ, ଉପସଭାପତି ଗଙ୍ଗା ମହାଲିଙ୍ଗ, ସମ୍ପାଦକ ଇସାକ ଖାନ, ସହ ସମ୍ପାଦକ ନିରଞ୍ଜନ ବିଶି, କୋଷାଧ୍ୟକ୍ଷ ତରଣୀ ଥପା, ସଦସ୍ୟ ନରୋତ୍ତମ ପୁରୋହିତ, ଅଜୟ ପଟ୍ଟନାୟକ ପ୍ରମୁଖଙ୍କ ସହ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ




**ବଲାଙ୍ଗିର, ୧୩।୬(ସମିସ):** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ଠାରୁ ଆରମ୍ଭ ହୋଇଛି ଜିଲ୍ଲାସ୍ତରୀୟ ବିକାଶ ମେଳା ଓ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ମେଳା। କାର୍ଯ୍ୟକ୍ରମ ପୃଥୀରାଜ ହାଇସ୍କୁଲ ଷ୍ଟାଡିୟମରେ ଜିଲ୍ଲାପାଳ ଗୌରଓ୍ୱ ଶୀଓ୍ୱାଜୀ ଇଶାଲୱାର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ହୋଇଥିବା ଫୁଡ୍ କୋର୍ଟରେ ହଜି ଯାଉଥିବା ଖାଦ୍ୟ ପସରା ଖୋଲାଯାଇଛି। ଆରିସା, ପୋଡ଼ପିଠା, ଛେନାପୋଡ଼, ମଣ୍ଡା, କାକରା, ଚନ୍ଦ୍ରକାନ୍ତି ଆଦି ଭଳିକି ଭଳି ଖାଦ୍ୟ ରହିଛି। ମେଳାରେ ଜିଲ୍ଲାର ସମସ୍ତ ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନଙ୍କ ଦ୍ୱାରା ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ବିକ୍ରି କରାଯାଉଛି। ଏଥିରେ ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ ଗୁଡ଼ିକ ଉପଲବ୍ଧ ହେଉଛି। ଜିଲ୍ଲା ପ୍ରଶାସନ ତରଫରୁ ବିକାଶ ମେଳାରେ ୨୫ଟି ଷ୍ଟଲରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବିକାଶ ଓ ସଫଳତା ପ୍ରଦର୍ଶିତ ହୋଇଛି। ସେହିଭଳି ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବାହ୍ନରେ ପୌରପରିଷଦ ଅଫିସରୁ ବିକଶିତ ବାହନ ଯାତ୍ରାର ଶୁଭାରମ୍ଭ ହୋଇଥିଲା। ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତରଣୀ ସୁନା ପତାକା ଦେଖାଇ ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ।

# ଡିଏମ୍ଏଫ୍ ପାଠାଗାର: ବିଦ୍ୟୁତ୍ କଟିଲେ ମୋବାଇଲ ଲାଇଟ୍‌ରେ ପଢ଼ା

ଚମ୍ପୁଆ,୧୩।୬(ସମିସ)

ଚମ୍ପୁଆ ଏନଏସିରେ ଅଘୋଷିତ ବିଦ୍ୟୁତ କାଟ ସାଙ୍ଗକୁ ମାସରେ ମରାମତି ନାମରେ ବାରମ୍ବାର ବିଦ୍ୟୁତ କଟାଯାଉଥିବାରୁ ଲୋକଙ୍କ ଭିତରେ ଅସନ୍ତୋଷ ପୁଞ୍ଜିଭୂତ ହେଲାଣି। ଫଳରେ ଜନସାଧାରଣ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଚମ୍ପୁଆ ଡିଏମ୍ଏଫ୍ ପାଠାଗାରରେ। ଜିଲ୍ଲା ଖଣିଜ ପାଣ୍ଠିରୁ ୩୩ ଲକ୍ଷ ୪୩ ହଜାର ୪୬୨ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିବା ଏହି ପାଠାଗାର ୩୧.୦୭.୨୦୨୧ରେ ଶେଷ ହୋଇଥିଲା। ସ୍ଥାନୀୟ ପାଠକଙ୍କ ଆବଶ୍ୟକତାକୁ ଲକ୍ଷ୍ୟ କରି ଏହାକୁ ଉତ୍ସର୍ଗୀକୃତ କରାଯାଇଥିବା ବେଳେ ଏହି ପାଠାଗାରକୁ ଦୈନିକ ପାଠକଙ୍କ ସୁଅ ଛୁଟୁଛି। ବିଶେଷ ଭାବରେ ଏହି ପାଠାଗାର ସକାଳ ୮ରୁ ଦିନ ୧୧ଟା ଏବଂ ସନ୍ଧ୍ୟା ୫ରୁ ୮ଟା ପର୍ଯ୍ୟନ୍ତ ଖୋଲା ଯାଉଥିବା ବେଳେ ସକାଳ ଅପେକ୍ଷା ସନ୍ଧ୍ୟାରେ ପାଠକଙ୍କ ଭିଡ଼ ଜମୁଛି। ଏହି ପାଠାଗାରରେ ବିଭିନ୍ନ ଉପାଦେୟ ୯ ଶହ ପୁସ୍ତକ ସ୍ଥାନ ପାଇଛି। ଜଣେ ମହିଳା କର୍ମଚାରୀ ଏହାକୁ ତଦାରଖ କରି ଆସୁଛନ୍ତି। ମାତ୍ର ଅନେକ ସମୟରେ ସନ୍ଧ୍ୟା ବେଳେ ବିଦ୍ୟୁତ କଟିଗଲେ ଏହି ପାଠାଗାରଟି ସଂପୂର୍ଣ୍ଣ ଅନ୍ଧାର ହୋଇଯାଉଛି। ଏପରିକି ପାଠକମାନେ ମୋବଇଲ ଜଳାଇ ନିଜ ଆବଶ୍ୟକ ପାଠ ପଢୁଥିବା ଅଭିଯୋଗ ହେଉଛି। ନିର୍ମାଣ ପାଇଁ ୩୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇପାରିଲା ମାତ୍ର ୨ ବର୍ଷ ପରେବି ବିଦ୍ୟୁତ କାଟ ସମାଧାନ ପାଇଁ ୩୦ ହଜାର ଟଙ୍କାର ଇନଭର୍ଟର ଲାଗିପାରିଲା ନାହିଁ। ଅନ୍ୟପକ୍ଷରେ ଏକମାତ୍ର ମହିଳା କର୍ମଚାରୀ ଏହି ପାଠାଗାରର ଦାୟିତ୍ୱ ତୁଲାଉଥିବା ବେଳେ ସନ୍ଧ୍ୟାରେ ଏଠାକାର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଚମ୍ପୁଆ ଏନଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ କହିଛନ୍ତି, ତୁରନ୍ତ କର୍ମଚାରୀଙ୍କୁ ଡକାଇ ଘଟଣା ବିଷୟରେ ଅବଗତ ହେବା ସହ ୨-୩ ଦିନ ଭିତରେ ଇନଭର୍ଟର ବ୍ୟବସ୍ଥା କରାଯିବ।




## ଦେବୋତ୍ତର ଜମି ଜବରଦଖଲ ଅଭିଯୋଗ



**ଆନନ୍ଦପୁର, ୧୩।୬ (ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ଅନ୍ତର୍ଗତ ବଞ୍ଚୋ ଗ୍ରାମର ମା'ବରାହୀ, ବାବା ବଟେଶ୍ୱର, ଦଧିବାମନଜୀଉଙ୍କର ପ୍ରାୟ ୨୭ ଏକର ଚାଷଜମି ଦେବୋତ୍ତର ସମ୍ପତ୍ତି ଜବର ଦଖଲ ହୋଇଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ପ୍ରାୟ ପାଞ୍ଚ ବର୍ଷ ହେଲା ଏହି ଜମି ଜବରଦଖଲରେ ରହିଛି। ପ୍ରତିବର୍ଷ ଜୁଲାଇ ପୂର୍ବରୁ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଅନୁମତି ଅନୁଯାୟୀ ନିଲାମ ଧାର୍ଯ୍ୟ ହୋଇଥାଏ। ଚାଷୀ ବକେୟା ପୈଠ ଓ ନଗଦ ରାଶି ଜମାକରୀ ଖାତା ନମ୍ବର ପ୍ଲଟ ନମ୍ବର ବିଶିଷ୍ଟ ଜମି ଅଧିଗ୍ରହଣ କରିଥାନ୍ତି। କୋଭିଡ-୧୯ ପରେ ସାଧାରଣ ନିର୍ବାଚନ ପାଇଁ ପ୍ରଶାସନ ଆଢୁଆଳରେ କେତେକ ଦେବୋତ୍ତର ଜମିକୁ ପୈତୃକ ସମ୍ପତ୍ତି ଭାବେ ଦଖଲ କରିନେଇଛନ୍ତି। ଏପରିକି ଉକ୍ତ ଜମିରୁ ହିଡ଼ କାଟି ଶହଶହ ଟ୍ରିପ ମାଟି ବିକ୍ରି କରୁଥିବା ଅଭିଯୋଗ ହୋଇଛି। ନକ୍ସା ଅନୁସାରେ ଜମି ଚିତ୍ର ସମ୍ପୂର୍ଣ୍ଣ ବଦଳିଯାଇଛି। ସେହିପରି ଖାତା ନମ୍ବର -୧୦୩୭ ୦.୧୭/୦.୨୭ ଡେସିମିଲ ଦେବୋତ୍ତର ଜମିରେ ପ୍ରଶାସନ ବିନା ଅନୁମତିରେ ପାଚେରି ଓ ଆମ ବିକାଶ ଘର ନିର୍ମାଣ ହୋଇଥିବା ଜଣାଯାଏ। ତତ୍କାଳୀନ ହାଟଡିହି ବିଡିଓ ଓ ଯନ୍ତ୍ରୀ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନକୁ ଦେବୋତ୍ତର ଜମିରେ କିପରି ବିନିଯୋଗ କଲେ ତାହା ବଡ଼ ପ୍ରଶ୍ନ ଉଠିଛି। ସେହିପରି ପଞ୍ଚୁଗୋଛିଆରେ ୦.୭୦୦ଏକର ଜମି ଥିବା ବେଳେ ଅକରୁଆ ପଞ୍ଚାୟତର ୭୮ଏକର ଓ ଗୋପାଳପୁର ମୌଜାରେ ୨୦ ଏକରରୁ ଅଧିକ ଜମି ବଳଦେବଜୀଉଙ୍କ ନାମରେ ରହିଛି। ଖାତା ନମ୍ବର ୧୭୫/୮୧-୧୦ ଡେସିମିଲ,୧୭୫/୧୮୨ ୧୦ଡେସିମିଲ ଜବରଦଖଲ କରିନେଇ ୧୭୫/୧୬୭ ୦.୧୦ ଡେସିମିଲ ଓ ଖାତା ନମ୍ବର ୧୬୫/୧୩୪-୧୦ ଡେସିମିଲି ଦେବୋତ୍ତର ଜମିରେ ଗୃହ ନିର୍ମାଣ କରିଥିବା ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ହୋଇଛି।

## ଚାଇନା ଯୁଦ୍ଧରେ ମୃତ ୧୧୪ ଯାଦବ ବୀର ଯବାନଙ୍କ ସ୍ମୃତିରେ ସଂକଳ୍ପ କଳସ ଯାତ୍ରା



**ରାମଚନ୍ଦ୍ରପୁର,୧୩।୬(ସମିସ):** ଅଖିଳ ଭାରତୀୟ ଯାଦବ ମହାସଭା ଏବଂ ଓଡ଼ିଶା ଯାଦବ ସଭା ପକ୍ଷରୁ୧୯୬୨ ଚାଇନା ଯୁଦ୍ଧରେ ବୀରତ୍ୱର ସହ ଲଢ଼ି ରେଜାଙ୍ଗାଲା ମାଟିରେ ସହିଦ ହୋଇଥିବା ୧୧୪ ଯାଦବ (ଅହିର) ବୀରଗତି ପ୍ରାପ୍ତ ହୋଇଥିଲେ। ସେମାନଙ୍କ ବୀରତ୍ୱ ଗାଥାକୁ ମନେ ପକାଇବା ସହ ଏକ ସ୍ୱତନ୍ତ୍ର ଅହିର ରେଜିମେଣ୍ଟ ଗଠନ ପାଇଁ ଦେଶବ୍ୟାପୀ ପବିତ୍ର ମାଟିକୁ ନେଇ କଳସ ଶୋଭାଯାତ୍ରା ମାଧ୍ୟମରେ କେନ୍ଦ୍ର ସରକାରଙ୍କଠାରେ ଦାବି ଉପସ୍ଥାପନ କରାଯାଇଛି। ସେହିକ୍ରମରେ ଘସିପୁରା ବ୍ଲକ ସାଇଁକୁଳ ଦୁର୍ଗା ମଣ୍ଡପଠାରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଶୋଭାଯାତ୍ରା ସାଇଁକୁଳ ବଜାର ପରିକ୍ରମା ପରେ ଖଲଣା ଛକରେ ଥିବା ବୀର ସଦିଦ ମନୋଜ ବେହେରା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସଂକଳ୍ପ କଳସ ଯାତ୍ରାକୁ ଯାଜପୁର ଜିଲ୍ଲାକୁ ବିଦାୟ ଦିଆଯାଇଥିଲା। ଶତାୟୁ ଯାଦବ କିର ବେହେରାଙ୍କ ଉପସ୍ଥିତିରେ କେନ୍ଦୁଝର ଯାଦବ ପରିବାରର ବରିଷ୍ଠ ଉପଦେଷ୍ଟା ନୃସିଂହ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କଳସ ସଂକଳ୍ପ ଯାତ୍ରାରେ ରାଜ୍ୟ ଯୁବ ଯାଦବ ସଭାପତି ଅମର ନାୟକ ଉପସ୍ଥିତ ଥିଲେ। କଳସ ଯାତ୍ରାରେ ଘସିପୁରା ଯାଦବ ମହାସଭା ସଭାପତି ବିଜୟ ଦାସ, ଅଞ୍ଜନ ବେହେରା, ଯୁବମୋର୍ଚ୍ଚା ସଭାପତି ଅମୂଲ୍ୟ ବାରିକ, ଅଭୟ ଦାସ, ଅଞ୍ଜନ ବେହେରା, ପ୍ୟାରୀମୋହନ ବାରିକ, ବରିଷ୍ଠ ଯାଦବ ଉପଦେଷ୍ଟା ବଳରାମ ବେହେରା,ଯୋଗେନ୍ଦ୍ର ବାରିକ, ଅନାଦିଚରଣ ବେହେରା, ହରିହର ବେହେରା, ଦୁଃଶାସନ ଖିଲାର, ଜଳଧର ବେହେରା, ଅଜୟ ବାରିକ, ପ୍ରଦିପ ବେହେରା, ପରଂବ୍ରହ୍ମ ଗୋପାଳକୃଷ୍ଣ ପରିଡା, ପ୍ରିୟବ୍ରତ ବେହେରା, ପବିତ୍ର ପଲେଇ, ରବିନ୍ଦ୍ର ବେହେରା ସମେତ ବ୍ଲକ ମହିଳା ସଭାନେତ୍ରୀ ଉଷାରାଣୀ ବେହେରା ଯୋଗ ଦେଇଥିଲେ।

## ଦୃଷ୍ଟିବାଧିତ ବାବୁଲିଙ୍କୁ ମିଳୁନି ସରକାରୀ ସହାୟତା



**ରାମଚନ୍ଦ୍ରପୁର,୧୩।୬(ସମିସ):** ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡ଼ା ପଞ୍ଚାୟତ ଅନ୍ତର୍ଗତ ନଣ୍ଡାବର ଗ୍ରାମର ବାବୁଲି ପାତ୍ର (୪୦) ଜନ୍ମରୁ ଦୃଷ୍ଟିହୀନ। ପତ୍ନୀ ଶିବାନୀ ଏବଂ ଦୁଇ ପିଲାଙ୍କୁ ନେଇ ତାଙ୍କର ଛୋଟିଆ ସଂସାର। ଜମିବାଡ଼ି ବୋଲି କେବଳ ଘରଡିହ ଖଣ୍ଡିକ। ପତ୍ନୀ ପର ଘରେ ମୂଲ-ମଜୁରି କଲେ ପରିବାର ଚଳେ। ଖାଦ୍ୟ ସୁରକ୍ଷା ଯୋଜନାରେ ରାସନକାର୍ଡ ମିଳିଥିଲେ ମଧ୍ୟ ଦୁଇ ପିଲାଙ୍କ ନାଁ ନାହିଁ। ସେପଟେ, ସମ୍ବଳ ଅଭାବରୁ ପକ୍କା ଘରଟିଏ ନିର୍ମାଣ କରିବା ତାଙ୍କ ପକ୍ଷେ ସମ୍ଭବପର ହେଉନାହିଁ, ଯଦ୍ୱାରା ସେଇ ପୁରୁଣା ଚାଳଛପର ଘରେ ଦିନ କାଟୁଛନ୍ତି। ଜନ୍ମରୁ ଶତ ପ୍ରତିଶତ ଦୃଷ୍ଟିହୀନ ହୋଇଥିଲେ ମଧ୍ୟ ମାସକୁ ଭିନ୍ନକ୍ଷମ ଭତ୍ତା ହଜାରେ ମିଳୁଛି। ବହୁ ଅଭାବ ଅନଟନରେ ରହି ନିଜ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି ଦୃଷ୍ଟିବାଧିତ ବାବୁଲି। ସରକାରୀ ବାବୁଙ୍କ ଅବହେଳା କାରଣରୁ ଜଣେ ଶତପ୍ରତିଶତ ଦୃଷ୍ଟିବାଧିତ ଯୁବକ ମାସକୁ ମିଳୁଥିବା ୩ ହଜାର ୫ ଶହ ଟଙ୍କାର ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ବନ୍ଧରେ ଘସିପୁରା ବିଡିଓ ସରଜମିନ ତଦନ୍ତ କରି ବାବୁଲି ପରିବାରକୁ ଅନ୍ତ୍ୟୋଦୟ ଆବାସ ଯୋଜନାରେ ସାମିଲ କରିବା ସହ ଦୁଇ ପିଲାଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିବା ଏବଂ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଗ୍ରାମର ବୁଦ୍ଧିଜୀବୀ ଦାବି କରିଛନ୍ତି।

## ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ପାଇଁ ପ୍ରସ୍ତୁତି

**କେନ୍ଦୁଝର, ୧୩।୬(ସମିସ):** କେନ୍ଦୁଝର ଜିଲ୍ଲାରେ ସମ୍ଭାବ୍ୟ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ହଲଠାରେ ଟେବୁଲ ଟପ ଏକ୍ସରସାଇଜ ଏବଂ ସାମୂହିକ ଅଭ୍ୟାସ ୨୦୨୫ର ସଫଳ ଆୟୋଜନ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୧୮ ତାରିଖରେ ଜିଲ୍ଲାସ୍ତରରେ ପୂର୍ବାହ୍ନ ୧୦ରୁ ୧ଟା ଓ ବ୍ଲକସ୍ତରରେ ଅପରାହ୍ନ ୨ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ ୨ଟି ପର୍ଯ୍ୟାୟରେ ଟେବୁଲ ଟପ ଏକ୍ସରସାଇଜ ଅନୁଷ୍ଠିତ ହେବ। ୧୯ ରେ ସକାଳ ୯ଟାରୁ ଜିଲ୍ଲାସ୍ଥିତ ୪ଟି ବନ୍ୟା ଆଶ୍ରୟସ୍ଥଳୀଠାରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ (ମକଡ୍ରିଲ) ଅନୁଷ୍ଠିତ ହେବ। ବିପର୍ଯ୍ୟୟ ସମୟରେ ବ୍ୟବହୃତ ସମସ୍ତ ଆନୁଷଙ୍ଗିକ ଯନ୍ତ୍ରପାତିର ଉପଯୁକ୍ତ ଯାଞ୍ଚ ଏବଂ ପରୀକ୍ଷା ପୂର୍ବକ ସଠିକ ବ୍ୟବହାର ନିମନ୍ତେ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଡେପୁଟି କଲେକ୍ଟର ଆପାତକାଳୀନ ଅଭିଳାଷ ପୁରୋହିତ, ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ଇଜାଜ ଇକବାଲ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳ, ସମସ୍ତ ବିଡିଓ, ତହସିଲଦାର, ଅନ୍ୟାନ୍ୟ ସହଯୋଗୀ ସଂସ୍ଥା କର୍ମକର୍ତ୍ତା, ଆଶ୍ରୟସ୍ଥଳୀ ପରିଚାଳନା କର୍ମକର୍ତ୍ତା, ନିର୍ବାହୀ ଅଧିକାରୀ ଆଭାସୀ ମାଧ୍ୟମରେ ଯୋଗଦାନ କରିଥିଲେ।



## ରାଜନଗର ଦଧିବାମନଜୀଉଙ୍କ ରଥଯାତ୍ରା ପ୍ରସ୍ତୁତି

**ତୁରୁମୁଙ୍ଗା, ୧୩।୬(ସମିସ):** ପାଟଣା ବ୍ଲକ ରାଜନଗରସ୍ଥିତ ଦଧିବାମନଜୀଉଙ୍କ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଗୁରୁବାର ରାଜନଗର ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସ୍ଥାନୀୟ ସରପଞ୍ଚ ସୁଧାଂଶୁ ନାଏକ, ଦୁର୍ଯ୍ୟୋଧନ ମିଶ୍ର, ସମସ୍ତ ନିଯୋଗ ସେବାୟତ, ସତ୍ୟନାରାୟଣ ମିଶ୍ର, ଶିକ୍ଷାବିତ ଅକ୍ଷୟ ନାରାୟଣ ମିଶ୍ରଙ୍କ ସହ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଏବଂ ବ୍ରାହ୍ମଣ ସମାଜ ଉପସ୍ଥିତ ଥିଲେ। ଅଧିକାରୀଙ୍କ ମଧ୍ୟରେ ରେଞ୍ଜର ବନବିହାରୀ ସର୍ଦ୍ଦାର, ଗୋଷ୍ଠୀ ସ୍ୱାସ୍ଥ୍ୟାଧିକାରୀ ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାୟକ, ବିଦ୍ୟୁତ୍ ବିଭାଗ ଏସଡିଓ ଜନ୍ମଜୟ ବେହେରା, ତୁରୁମୁଙ୍ଗା ଥାନା ଏଏସ୍ଆଇ ବିରେନ୍ଦ୍ର କିଶୋର ବେହେରା,ଡାଟା ଏଣ୍ଟ୍ରି ଅପରେଟର ଲିଙ୍ଗରାଜ ଦାଶ, ରାଜସ୍ୱ ନୀରିକ୍ଷକ ଶିବ ମହାନ୍ତ ପ୍ରମୁଖ ରଥଯାତ୍ରାକୁ ଶୃଙ୍ଖଳିତ କରାଯିବା ସହ ନିଶା କାରବାର ଉପରେ ରୋକ ଲଗାଯିବା ନେଇ ଆଲୋଚନା କରାଯାଇଥିଲା। ଆସନ୍ତା ଜୁନ ୧୯ ତାରିଖରେ ଆଉ ଏକ ବୈଠକ କାରାଯାଇ ସାଇକଲ ଷ୍ଟାଣ୍ଡ ଓ ଯାତ୍ରା ପଡ଼ିଆ ଦୋକାନ ପାଇଁ ନିଲାମ ସହ ଯାତ୍ରା କମିଟି ଗଠନ ହେବାକୁ ନିଷ୍ପତ୍ତି ହୋଇଛି।

## ରଜ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତା



**ଆନନ୍ଦପୁର,୧୩।୬(ସମିସ):** ଆନନ୍ଦପୁର ବଡ଼ ଦାଣ୍ଡଠାରେ ଆୟୋଜିତ ରଜ ମହୋତ୍ସବ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରଜ କମିଟିର ସଂଯୋଜକ ମଦନ ପାଣିଙ୍କ ସଂଯୋଜନାରେ ଆୟୋଜିତ ପ୍ରତିଯୋଗିତାରେ କୁଇଜ୍, ହୁଳ ହୁଳି, ଶଙ୍ଖ ଓ ଝୋଟି ପ୍ରତିଯୋଗିତା ଅନଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଶନିବାର ପହିଲି ରଜରେ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯିବ। ପ୍ରତିଯୋଗିତାର ବିଚାରକ ଭାବେ ସାବିତ୍ରୀ ଦାସ, ପ୍ରଣୟନି ବ୍ରହ୍ମ, ମମତାରାଣୀ ଜେନା, ସବିତା ଦାସ, ଉମାକାନ୍ତ ନାୟକ, ଅରବିନ୍ଦ ମିଶ୍ର, ଅଶୋକ ସାହୁ, ପଦ୍ମନାଭ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ରଜ କମିଟିର ସଦସ୍ୟ ଗୋପାଳ ପାଣି, ସୁଦାମ ଚରଣ ମଙ୍ଗଳ, ଗଣେଶ୍ୱର ମହାନ୍ତି, ସୋମନାଥ ମିଶ୍ର, ରୁଦ୍ରନାରାୟଣ ରାଜ୍ ପ୍ରମୁଖ ସହଯୋଗ କରିଥିଲେ।

## ସାପ କାମୁଡ଼ା ସଚେତନତା

**ତେଲକୋଇ, ୧୩।୬(ସମିସ);** ତେଲକୋଇ ବ୍ଲକ ଦନ୍ଧୁଆମୁଣ୍ଡାଠାରେ ସାପ କାମୁଡ଼ା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂଗଠନ ସଂଯୋଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନିଜ ଘରେ କିମ୍ବା ପରିବାରରେ ବିଷଧର ସାପ ଦାଉରୁ ରକ୍ଷା ନିମନ୍ତେ ବିଭିନ୍ନ ପ୍ରକାର ପରାମର୍ଶ ଦିଆଯାଇଥିଲା। ଘର ଚାରି ପାଖ ଅଞ୍ଚଳରେ ସଫାସୁତୁରା ରଖିବା, ତଳେ ନ ଶୋଇ ଖଟ ଉପରେ ଶୋଇବା, ଫିନାଇଲ ବ୍ୟବହାର କରିବା ଆଦି ସମ୍ପର୍କରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଲକ୍ଷ୍ମଣ ସାହୁ, ସମ୍ପାଦକ ଜଗବନ୍ଧୁ ପ୍ରଧାନ ସମେତ ଅନ୍ୟ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ବିବାହିତା ମହିଳାଙ୍କ ଆତ୍ମହତ୍ୟା

**ଚମ୍ପୁଆ,୧୩।୬(ସମିସ):** ଚମ୍ପୁଆ ଥାନା ଅନ୍ତର୍ଗତ ବଡନଇ ପଞ୍ଚାୟତର ବଡ଼ନଇ ଗାଁରେ ଗତ ରାତି ନିଜ ପିନ୍ଧା ଶାଢିରେ ଫାଶି ଲଗାଇ ବିବାହିତ ମହିଳା ଅମ୍ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ମହିଳା ହେଉଛନ୍ତି ପ୍ରଭାତ ଲୋହାର ତାଙ୍କ ସ୍ତ୍ରୀ ସୁମିତ୍ରା। ପୁଲିସ ଅପମୃତ୍ୟୁ ମାମଲାରେ ଘଟଣାର ତଦନ୍ତ ଆରମ୍ଭ କରିଛି। ମଧ୍ୟରାତ୍ରୀରେ ପ୍ରଭାତ ପାଖରେ ସ୍ତ୍ରୀ ନଥିବା ଦେଖି ଘର ବାହାରକୁ ଆସିଥିଲେ। ମାତ୍ର ସ୍ତ୍ରୀକୁ ପାଇ ନଥିଲେ। ଘରେ ଥିବା ପୁଅକୁ ଡାକି ଘର ପଛପଟ ବାଡ଼ିରେ ଖୋଜାଖୋଜି ପରେ ବାଡ଼ିରେ ଥିବା ଏକ ପୁରୁଣା କୋଳି ଗଛରେ ସୁମିତ୍ରା ଲୋହାର ବେକରେ ଫାଶି ଲଗାଇ ଝୁଲୁଥିବାର ଦେଖିଥିଲେ। ପରେ ପୁଲିସ ଶବ ଜବତ କରି ପଞ୍ଚନାମା ପାଇଁ ଡାକ୍ତରଖାନା ପଠାଇବା ସହିତ ଘଟଣାର ତଦନ୍ତ ଜାରି ରଖିଛି।

## ପାୱାର୍‌ଟିଲର୍‌ରେ ଫସି ଯୁବକ ଗୁରୁତର



**ତୁରୁମୁଙ୍ଗା, ୧୩।୬(ସମିସ):** ପାଟଣା ଥାନା ଧାନବେଣୀ ଗ୍ରାମରେ ଶୁକ୍ରବାର ମଧ୍ୟାହ୍ନରେ ପାୱାର ଟିଲର ସାହାଯ୍ୟରେ ବିଲରେ ହଳ କରିଥିବା ସମୟରେ ଅଘଟଣ ଘଟିଛି। ନୂଆପଡା ତଳସାହିର ବିଦେଶୀ ନାଏକଙ୍କ ପୁଅ ବାଦଲ (୧୮) ଧାନବେଣୀ ଗ୍ରାମର ଦେବାଶିଷ ମହାନ୍ତଙ୍କ ବିଲରେ ପାୱାର ଟିଲରରେ ହଳ କରୁଥିବା ସମୟରେ ଲଙ୍ଗଳରେ ଗୋଡ଼ ଫସି ଯାଇଥିଲା। ତାଙ୍କୁ କିଛି ବାଟ ଘୋଷାରି ନେବା ସହ ଗୋଡ଼ରେ ଲଙ୍ଗଳ ଫାଳ ଲାଗି ରହିଥିଲା। ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ତାଙ୍କୁ ଉଦ୍ଧାର କରି ପାଟଣା ମେଡିକାଲକୁ ଆଣିଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

**ରାମଚନ୍ଦ୍ରପୁର,୧୩।୬(ସମିସ):** ରାମଚନ୍ଦ୍ରପୁର ଥାନା ଜରଦା ହିଙ୍ଗୁଳା ପୋଖରୀରେ ବୁଡ଼ି ୨ ବର୍ଷର ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ଜରଦା ଗ୍ରାମର ସୁରେଶ ରାଉତ ଏବଂ ତାଙ୍କ ପତ୍ନୀ ଶିଶୁକନ୍ୟାକୁ ବଡମା' ଅନିତା ପାଖରେ ଛାଡ଼ି ଯାଇଥିଲେ। ଦିନ ଦ୍ୱିପ୍ରହରରେ ଶିଶୁକନ୍ୟାଟି ବଡ଼ମା' ପାଖରୁ ପୋଖରୀ ହୁଡ଼ା ଆଡେ ଚାଲି ଆସିଥିଲା। ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ପୋଖରୀ ପାଣିରେ ବୁଡ଼ି ଯାଇଥିଲା। ସ୍ଥାନିୟ ଲୋକେ ମୃତଦେହ ଭାସୁଥିବା ଦେଖି ଉଦ୍ଧାର କରି ଆଣିଥିଲେ। ପରେ ରାମଚନ୍ଦ୍ରପୁର ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ପରେ ଶବବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ଜଣାପଡ଼ିଛି।

## ଦାମୀ ଗାଡ଼ିରେ ଆସି ଏଲ୍ଇଡି ବଲ୍ବ ଚୋରି

**ତୁରୁମୁଙ୍ଗା, ୧୩।୬(ସମିସ):** ଦାମୀ ଗାଡ଼ିରେ ଆସିଥିଲେ ୩-୪ ଜଣ ଦୁର୍ବୃତ୍ତ। ସେମାନେ ଅଭ୍ୟାସଗତ ଚୋର ବୋଲି ଜଣାପଡ଼ିଛି। ତୁରୁମୁଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଝର ପାଟଣା ରାସ୍ତାର କେନ୍ଦେଇପଶି ଛକର ଦୋକାନ ସମ୍ମୁଖରେ ଭୋର ସମୟରେ ଏହି ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନର ଏଲଇଡି ବଲବକୁ ଖୋଲି ନେବା ପରେ ଏକ ଦାମୀ ଗାଡ଼ିରେ ଚମ୍ପଟ ମାରୁଛନ୍ତି। ଗୁରୁବାର ଭୋରରୁ କେନ୍ଦେଇପଶି ବଜାରରେ ଥିବା ପ୍ରାୟ ୩-୪ଟି ଦୋକାନ ସାମନାରେ ଲାଗିଥିବା ଏଲଇଡି ବଲବ ଚୋରି ହୋଇଛି। ଚୋରି ସମୟର ଦୃଶ୍ୟ ସିସିଟିଭିରେ କଏଦ ହେବା ପରେ ଏପରି ହାଇପ୍ରୋଫାଇଲ ଚୋରମାନେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛନ୍ତି।

## ଲୁଣହାର ଗାଁଛକ ଟ୍ରାନ୍ସଫର୍ମର ଚାରିକଡ଼ରେ ଲାଗିଲା ତାରବାଡ଼



**ରାମଚନ୍ଦ୍ରପୁର,୧୩।୬(ସମିସ):** ଘସିପୁରା ବ୍ଲକ ଲୁଣହାର ଗାଁଛକରେ ବିପଦପୂର୍ଣ୍ଣ ଅବସ୍ଥାରେ ଦୀର୍ଘ ଦିନ ଧରି ଖୋଲା ମେଲାରେ ରହି ଗାଈଗୋରୁ ତଥା ପଥଚାରୀଙ୍କ ପାଇଁ ଥିବା ବିପଦ ସାଜିଥିବା ଦୁଇଟି ବିଦ୍ୟୁତ ଟ୍ରାନ୍ସଫର୍ମର୍ ଚାରିକଡ଼ରେ ପାଚେରି ନିର୍ମାଣ ସହ ତାରବାଡ଼ ଲଗାଯାଇଛି। ଏ ସମ୍ବନ୍ଧରେ 'ସକାଳ'ରେ ଏକ ଖବର ପ୍ରକାଶ ପାଇଲା ପରେ ବିଭାଗୀୟ ଅଧିକାରୀ ଆବଶ୍ୟକ ପଦକ୍ଷେପ ନେଇଥିବା ଜଣାପଡ଼ିଛି। ବିଦ୍ୟୁତ ବିଭାଗ ପକ୍ଷରୁ ଦୁଇଟି ଯାକ ଟ୍ରାନ୍ସଫର୍ମର ଚତୁପାର୍ଶ୍ୱରେ ପାଚେରି ଏବଂ ତାରବାଡ଼କୁ ତ୍ୱରାନ୍ୱିତ କରାଯାଇଥିବାରୁ ବିଭାଗୀୟ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ଲୁଣହାର ଗ୍ରାମବାସୀ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର: ୫୭ ୟୁନିଟ ସଂଗ୍ରହ

**ଭିନ୍ନକ୍ଷମ ମହିଳା କଲେ ରକ୍ତଦାନ**




ରାମଚନ୍ଦ୍ରପୁର,୧୩।୬(ସମିସ)

ପୁରୁଣାବାନ୍ଧଗୋଡ଼ା ନ୍ୟୁ ଜେନେରେସନ ୟୁଥ କ୍ଲବ ପକ୍ଷରୁ ଯୁବ ସାଥୀ ସିମ୍ପୁଲ ସେନାପତିଙ୍କ ସ୍ମୃତିରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଅତିଥି ଭାବେ ବସନ୍ତମଞ୍ଜରୀ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ଡ. ରତିକାନ୍ତ ବରାଳ, ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଦୀନକୃଷ୍ଣ ଜଗନ୍ନାଥ ଯୋଗ ଦେଇଥିଲେ। ସମାଜସେବୀ ସୁନୀଲ ବିଶୋଇ, ବଳରାମ ବେହେରା, ତାରିଣୀ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ। ଭିନ୍ନକ୍ଷମ ମହିଳା ସଂଘମିତ୍ରା ମିଶ୍ର ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହି ଅବସରରେ ମୋଟ ୫୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଆନନ୍ଦପୁର ରକ୍ତଭଣ୍ଡାର ଏଲଟି ସୁଦର୍ଶନ ବେହେରା, ଅଶୋକ ସୂର, ସ୍ୱାଗତିକା ମହାନ୍ତି ଏଲଟି ପିଙ୍କନ ଚକ୍ର, ମହିଳା ସ୍ୱାସ୍ଥ୍ୟକର୍ମୀ ସସ୍ମିତା ସାହୁ, ସିଏଚଓ ସୁପ୍ରିୟା ପୁହାଣ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। କ୍ଲବର ସଭାପତି ଆଶୁତୋଷ ମାଝୀଙ୍କ ତତ୍ତ୍ୱାବଧାନରେ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବିଭିନ୍ନ ପଞ୍ଚାୟତରେ ବିକାଶ ରଥର ଯାତ୍ରା

ଆନନ୍ଦପୁର/ରାମଚନ୍ଦ୍ରପୁର, ୧୩।୬(ସମିସ):

ଘସିପୁରା ବ୍ଲକ ବଳରାମପୁର ଓ ଦେଓଗାଁ ପଞ୍ଚାୟତରୁ ବିକାଶ ରଥର ଯାତ୍ରା ଆରମ୍ଭ ହୋଇଛି। ଏହା ପ୍ରତ୍ୟେକ ଗାଁ ତଥା ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚି ସରକାରଙ୍କ ବିଭିନ୍ନ ଯୋଜନା ତଥା ବିକାଶର ଗାଥା ଉପରେ ସୂଚନା ଦେଇଛି। କିଛି ମାସ ଭିତରେ ବିଭିନ୍ନ ଯୋଜନାର ସଠିକ ରୂପାୟନ ଫଳରେ ସାଧାରଣ ଲୋକେ କିଭଳି ଉପକୃତ ହେଉଛନ୍ତି ଏବଂ ବିକାଶରୁ ଯେଉଁ ପରିବାର ପଛରେ ରହି ଯାଉଛନ୍ତି ତାଙ୍କୁ କିଭଳି ସୁବିଧା ସୁଯୋଗ ଯୋଗାଇ ଦିଆଯିବ ସେନେଇ ଘସିପୁରା ବିଡିଓ ବିନୀତା ବିଜୟିନୀଙ୍କ ସମେତ ଅନ୍ୟ ପଦାଧିକାରୀ ଅବଗତ କରାଇଥିଲେ।

ବାଲିବନ୍ଧ: ଶୁକ୍ରବାର ବିକାଶ ରଥ ବାଲିବନ୍ଧ ପଞ୍ଚାୟତ ଏବଂ ଖେଣ୍ଡରା ପଞ୍ଚାୟତ ପରିକ୍ରମା କରିଥିଲା। ବାଲିବନ୍ଧ ପଞ୍ଚାୟତର ୧୦ ଜଣଙ୍କୁ ରାସନ କାର୍ଡ, ୭ ଜଣଙ୍କୁ ଅନ୍ତ୍ୟୋଦୟ ଘର କାର୍ଯ୍ୟାଦେଶ ଏବଂ ୬ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ବିଡିଓ ହୃଦାନନ୍ଦ ଅଢା, ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ମହେନ୍ଦ୍ର ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ଅଜୟ ବେହେରା, ଜିପିଡିଓ ମାନସ ରଞ୍ଜନ, ପିଇଓ ରାମଚନ୍ଦ୍ର ମହାନ୍ତ, ସରପଞ୍ଚ ରୀନା ମାଝୀ, ପରିମଳ ବିଭାଗର ଅଧିକାରୀ ସୁନ୍ଦର ମୋହନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ବାଲିବନ୍ଧ ପଞ୍ଚାୟତରେ କାର୍ଯ୍ୟକ୍ରମ ସରିବା ପରେ ବିକାଶ ବାହନ ଖେଣ୍ଡେରା ପଞ୍ଚାୟତରେ ପହଞ୍ଚିଥିଲା। ସରପଞ୍ଚ କବିତା ସର୍ଦ୍ଦାର, ପିଇଓ ପ୍ରମିଳା ଖମାରୀ, ଜିପିଡିଓ ମାନସରଞ୍ଜନ, ବିପିସି ପଦ୍ମଲୋଚନ ଜେନା, ନାଏବ ସରପଞ୍ଚ ସୁରେନ୍ଦ୍ର ତନ୍ତୀ, ଏଡିଓ ଗୋଲାପ ମହାନ୍ତ, ମଳୟ ରଞ୍ଜନ ମହାନ୍ତ, ବିଆରସି ସୁନ୍ଦରମୋହନ ମହାନ୍ତ ପ୍ରମୁଖ ୬ଜଣଙ୍କୁ ଭତ୍ତା, ୪ଜଣଙ୍କୁ ରାସନ କାର୍ଡ ଏବଂ ଅନ୍ତ୍ୟୋଦୟ ଘର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ।

ଯୋଡ଼ା: ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଯୋଡ଼ା ବ୍ଲକ କାର୍ଯ୍ୟାଳୟରେ ବିଡିଓ ଡେନିସ ବେହେରାଙ୍କ ସଂଯୋଜନାରେ ବିକାଶ ବାହନ ରଥ ପରିକ୍ରମାର ଶୁଭାରମ୍ଭ ହୋଇଯାଇଛି। ବ୍ଲକର ଦୁଇଟି ପୌରାଞ୍ଚଳ ଏବଂ ୧୯ଟି ପଞ୍ଚାୟତରେ ଏହି ରଥ ପରିକ୍ରମା କରିବ। ଚମ୍ପୁଆ ବିଧାୟକଙ୍କ ସ୍ଥାନୀୟ ପ୍ରତିନିଧି, ୨୮ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଡମ୍ବରୁଧର କୁଦାଦା, ସହକାରୀ ନିର୍ବାହୀ ଯନ୍ତ୍ରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସୁକାନ୍ତି ପାତ୍ର ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ୨୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅବସରରେ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମରେ ଅତିଥିଗଣ ସାମିଲ ହୋଇଥିଲେ।

ଚମ୍ପୁଆ: ଚମ୍ପୁଆ ବ୍ଲକରେ ବିଡିଓ ସ୍ମୃତିରଂଜନ ସାହୁଙ୍କ ତତ୍ତ୍ୱାବଧାନରେ ତଥା ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ଓକିଲ ସଂଘ ସଭାପତି ରମେଶଚନ୍ଦ୍ର ପ୍ରଧାନ, ଅତିରିକ୍ତ ବିଡିଓ ଟୁନୁ ହାଁସଦା, ବ୍ଲକ ଅଧ୍ୟକ୍ଷ ସୁରେଶ ନାଏକ, ଜିଲ୍ଲା ପରିଷଦ ସଦସ୍ୟ, ସମସ୍ତ ସରପଞ୍ଚ ଏବଂ ସମିତିସଭ୍ୟ ପ୍ରମୁଖଙ୍କ ଉପସ୍ଥିତିରେ ବିକାଶ ବାହନର ଶୁଭାରମ୍ଭ କରାଯାଇଛି। ଏହି ବିକାଶ ବାହନ ପ୍ରଥମେ ଜାମୁଦଳକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଅନ୍ତ୍ୟୋଦୟ ଗୃହ ଯୋଜନା, ସରକାରୀ ଚିକିତ୍ସା ସେବା ଯୋଜନା, ସାମାଜିକ ସୁରକ୍ଷା ଯୋଜନା, ଖାଉଟି କାର୍ଡ ଯୋଜନା, କୃଷି ଅଭିବୃଦ୍ଧି ଯୋଜନାର ବିଭିନ୍ନ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯିବା ସହ ଏହି ବିକାଶ ବାହନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଏବିଡିଓ ଟୁନୁ ହାଂସଦା ଓ ସରପଞ୍ଚ ଅଂଜନ ଓରାମ ଅବଗତ କରିଥିଲେ।

# ଦାବି ପୂରଣ ପାଇଁ ଡ୍ରାଇଭର ସଂଘର ଆନ୍ଦୋଳନ ଡାକରା

କାଳିପଦା, ୧୩।୬ (ସମିସ) : ବିଭିନ୍ନ ଦାବି ପୂରଣ ପାଇଁ ଓଡିଶା ଡ୍ରାଇଭର ମହାସଂଘ ବାଲିଆପାଳ ଶାଖା ପକ୍ଷରୁ ଶୁକ୍ରବାର ଆନ୍ଦୋଳନ ଡାକରା ଦିଆଯାଇଛି । ସଂଘର ସଭାପତି ସୁଦର୍ଶନ ବେହେରା, ସମ୍ପାଦକ ଗୌରାଙ୍ଗ ଜେନା ଓ ଅନ୍ୟ କେତେ ଜଣ ସଭ୍ୟ ଶୁକ୍ରବାର ଓଏସଆରଟିସିଙ୍କୁ ବାଲିଆପାଳ ସରକାରୀ ବସ୍ ଚଳାଚଳ ସୁପର ଭାଇଜର ମନୋଜ କୁମାର ମଣ୍ଡଳଙ୍କ ଜରିଆରେ ପ୍ରଦାନ କରିଛନ୍ତି । ଆସନ୍ତା ଏକ ମାସ ମଧ୍ୟରେ ସରକାର ଏହି ଦାବି ଗୁଡିକୁ ପୂରଣ ନ କଲେ ଡ୍ରାଇଭର ମାନେ ଆସନ୍ତା ଜୁଲାଇ ମାସ ୮ ତାରିଖରୁ ଷ୍ଟିୟରିଙ୍ଗ ଛାଡି ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ମୁଖ୍ୟ ଦାବି ଗୁଡିକ ହେଉଛି, ଅଟୋ ଡ୍ରାଇଭରମାନଙ୍କୁ ସରକାରଙ୍କ ଦ୍ୱାରା ଗଠିତ ବୋର୍ଡରେ ସାମିଲ କରାଇବା ଓ ସେମାନଙ୍କ ପାଇଁ ଖାକି ପୋଷାକ ବାଧ୍ୟତା ମୂଳକ କରାଯାଉ, ସେମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ତିଆରି କରାଯାଉ, ୬୦ ବର୍ଷରୁ ଉଦ୍ଧ୍ୱର୍ ଡ୍ରାଇଭରଙ୍କୁ ଭତ୍ତା ପ୍ରଦାନ କରାଯାଉ, ଡ୍ରାଇଭର ମାନଙ୍କ ପାଇଁ ବିଶ୍ରାମାଗାର ଓ ଶୌଚାଳୟ ପ୍ରତିଷ୍ଠା କରାଯାଉ,ଖଣି, ଖାଦାନ, କାରଖାନା ରେ କାମ କରିବା ପାଇଁ ସେମାନଙ୍କୁ ସୁଯୋଗ ଦେବା, ସେପ୍ଟେମ୍ବର ୧ କୁ ଜାତୀୟ ଡ୍ରାଇଭର ଦିବସ ଭାବେ ଘୋଷଣା କରାଯାଉ ଏବଂ ଗାଡିର କାଗଜ ପାତ୍ର ଯାଞ୍ଚ କରିବା କ୍ଷମତା ପୁଲିସକୁ ଦିଆ ନ ଯାଉ ।



# ମିଳିତ ନିଶା ନିବାରଣ ଅଭିଯାନ ବୈଠକ



ବାଲେଶ୍ୱର,୧୩।୬ (ସମିସ): ମିଳିତ ନିଶା ନିବାରଣ ଅଭିଯାନ "ମନା'ର ମାସିକ ବୈଠକ ସମୟରେ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ମନ୍ଦିର, ବିଦ୍ୟାଳୟ ଓ ମହାବିଦ୍ୟାଳୟର ୨୦୦ ମିଟର ପରିସର ଭିତରେ ମଦଦୋକାନ ଖୋଲିବା ପାଇଁ ସରକାରଙ୍କୁ ଏକ ପ୍ରସ୍ତାବ ଦିଆଯିବ ବୋଲି ବୈଠକରେ ସିଦ୍ଧାନ୍ତ ନିଆଗଲା । ଆଲୋଚନାରେ ସାଧାରଣ ସମ୍ପାଦିକା ମମତା ମହାପାତ୍ର, ଉପଦେଷ୍ଟା ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ଉପ-ସଭାପତି ଡ. କ୍ଷିତୀଶ୍ୱର ଦାଶ, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ, ନିରଞ୍ଜନ ରାଉତ, ଗଙ୍ଗାଧର ପୃଷ୍ଟି, ଶଶାଙ୍କ ଶେଖର ଦତ୍ତ, ରବିନାରାୟଣ ଭୋଳ, ବେଣୁଧର ସାହୁ, କଲ୍ୟାଣୀ ନନ୍ଦ, ଭାରତୀ ପଣ୍ଡା, ଗୀତାଞ୍ଜଳି ସିଂହ, ପ୍ରସନ୍ନ କୁମାର ପାଢ଼ୀ, ଅକ୍ଷୟ କୁମାର ତ୍ରିପାଠୀ, ସୀତାରାମ ପ୍ରଧାନ, ଜୀବନ ସଂଗ୍ରାମ ମିଶ୍ର, ଯୋଗେଶ ଚନ୍ଦ୍ର ପ୍ରଧାନ, ମୀନା ସେଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଅହମଦାବାଦ୍ ଉଡ଼ାଜାହାଜ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଦିବଂଗତ ଆତ୍ମାଙ୍କ ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ନିରଞ୍ଜନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜେଏସ୍‌ଏସ୍ ପକ୍ଷରୁ ଟେଲରିଂ ପ୍ରଶିକ୍ଷଣ



ଲଙ୍ଗଳେଶ୍ୱର, ୧୩।୬ (ସମିସ): ଗ୍ରାମାଞ୍ଚଳରେ ଅଳ୍ପ ଶିକ୍ଷିତ ଓ ବେକାର ଯୁବକ ଯୁବତୀ ଙ୍କୁ ଦକ୍ଷତା ବିକାଶ ସହିତ ରୋଜଗାରକ୍ଷମ କରିବା ପାଇଁ ଭାରତ ସରକାର ଜନ ଶିକ୍ଷଣ ସଂସ୍ଥା ଜରିଆରେ ବିଭିନ୍ନ ଧନ୍ଦା ମୂଳକ ତାଲିମ ପ୍ରଦାନ କରୁଛନ୍ତି । ପ୍ରତି ବର୍ଷ ବିଭିନ୍ନ ଜିଲ୍ଲାରେ ଥିବା ଏହି ଅନୁଷ୍ଠାନ ଜରିଆରେ କମ୍ପ୍ୟୁଟର, ସିଲେଇ, ବିୟୁଟି ପାର୍ଲର, ବଡି ପାମ୍ପଡ ପ୍ରସ୍ତୁତି ଭଳି ବିଭିନ୍ନ ବିଷୟରେ ତାଲିମ ନେଇ ଲକ୍ଷାଧିକ ଯୁବକ ଯୁବତୀ ଆତ୍ମନିର୍ଭରଶୀଳ ହୋଇପାରୁଛନ୍ତି । ଜେଏସଏସ ବାଲେଶ୍ୱର ଶାଖା ତରଫରୁ ଚଳିତ ବର୍ଷ ବର୍ତ୍ତମାନ ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମରେ ୮ଟି ସିଲେଇ ପ୍ରଶିକ୍ଷଣ କେନ୍ଦ୍ର ଉଦଘାଟନ କରାଯାଇ ଶତାଧିକ ମହିଳା ମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା ଆରମ୍ଭ ହୋଇଯାଇଛି । ଆଜି ଜେଏସଏସ ବାଲେଶ୍ୱର ଶାଖାର ନିର୍ଦ୍ଦେଶକ ରୂପଶ୍ରୀ ଦାସ, ପ୍ରକଳ୍ପ ଅଧିକାରୀ ହରିଶ୍ଚନ୍ଦ୍ର ବେହେରା, ସଂଯୋଜକ ସଞ୍ଜୟ ଗିରି ପ୍ରମୁଖ ବାଲିଆପାଳ ବ୍ଲକର ବୋଙ୍ଗ, ଲଙ୍ଗଳେଶ୍ୱର ଓ ବାଇଟିଙ୍ଗିରି ଗ୍ରାମକୁ ଯାଇ ନୂତନ ତାଲିମ କେନ୍ଦ୍ର ଉଦ୍‌ଘାଟନ କରିଥିଲେ । ତାଲିମ କେନ୍ଦ୍ର ଉଦଘାଟନ ସମୟରେ ମହିଳା ମାନଙ୍କର ଉତ୍ସାହ ଦେଖିବାକୁ ମିଳିଥିଲା । ତାଲିମ ନେବା ପରେ ଏହି ମହିଳା ମାନେ ନିଜେ ରୋଜଗାରକ୍ଷମ ହେବା ସହ ପରିବାର ରେ ଆର୍ଥିକ ବ୍ୟବସ୍ଥାର ଉନ୍ନତି ଆଣିପାରିବେ ବୋଲି ଉପସ୍ଥିତ ଜେଏସଏସ ଅଧିକାରୀ ମାନେ ପ୍ରକାଶ କରିଥିଲେ ।

## ବାଲିଆପାଳରେ ଚୋରା ମଦ ବେପାରୀଙ୍କ ଉପରେ ଅଙ୍କୁଶ ନାହିଁ

# ଅବକାରୀ ଥାନା ପ୍ରତିଷ୍ଠା ପରଠୁ ମିଳୁନି ସଫଳତା

କାଳିପଦା, ୧୩।୬ (ସମିସ)

ବାଲିଆପାଳ ଅଞ୍ଚଳରେ ଅତ୍ୟଧିକ ପରିମାଣରେ ବିଦେଶୀ ମାଦକ ଦ୍ରବ୍ୟ ବିକ୍ରି ହେଉଥିବା ବେଳେ ପ୍ରତିଦିନ ଚୋରି ସଂଖ୍ୟା ବୃଦ୍ଧି ପାଉଛି । ଯାହାର ମୁଖ୍ୟ କାରଣ ଏ ଅଞ୍ଚଳରେ ନିଶା ସେବନ କାରୀଙ୍କ ସଂଖ୍ୟା ବୃଦ୍ଧି । ଏହି ବ୍ଲକରେ ଏବେ ଅତ୍ୟଧିକ ମାଦକ ଦ୍ରବ୍ୟ ବିକ୍ରି ହେଉଥିବା ବେଳେ ବିଦେଶୀ ମଦ ପ୍ରତି ଛକ ବଜାରରେ ଚୋରାରେ ମିଳୁଛି । ଅବକାରୀ ବିଭାଗ ଦେଶୀ ମଦ ବିକ୍ରି କାରୀଙ୍କୁ ଧରିବା ସହ ଗାଁ ଗାଁ ରେ ବିଦେଶୀ ମଦ ଦୋକାନୀଙ୍କୁ ମାସିକିଆ ଚୁକ୍ତିରେ ବଟି ନେଇ ନୀରବ ରହୁଛନ୍ତି । ଏଥିପାଇଁ ନୂଆ କରି ଆସିଥିବା ଅବକାରୀ ଅଧିକାରୀ ଭଲ ରୋଜଗାର କରୁଥିବା ଅଭିଯୋଗ ହୋଇଛି । ଏହି ଅଂଚଳରୁ ଅନେକ ଯୁବକ ଗଞ୍ଜେଇ, ବ୍ରାଉନ ସୁଗାର, ବିଦେଶୀ ମଦ, ମହୁଲି କାରବାର କରି ନିକଟବର୍ତ୍ତୀ ବ୍ଲକ ଜଳେଶ୍ୱରରେ ଧରା ପଡୁଥିବା ବେଳେ ବାଲିଆପାଳ ଅବକାରୀ ବିଭାଗ କେବଳ ଚାନ୍ଦା ଆଦାୟ କରିବା ନିମନ୍ତେ ଖୋଲା ଯାଇଥିବା ଅଭିଯୋଗ ହେଉଛି । ଏ ନେଇ ସମସ୍ତ ଛକ ବଜାରରେ ଚର୍ଚ୍ଚା ହେଉଛି । ଯେତେବେଳେ ଏଠାରେ ଅବକାରୀ ବିଭାଗ ଥାନା ନ ଥିଲା ବାଲେଶ୍ୱର ଓ ବସ୍ତା ଅବକାରୀ ବିଭାଗ ଅଧିକାରୀମାନେ ବାରମ୍ବାର ରେଡ କରି ପୁଳା ପୁଳା ଗଞ୍ଜେଇ, ମହୁଲି, ବିଦେଶୀ ମଦ ସିଜ୍ କରୁଥିଲେ । କିନ୍ତୁ ଏଠାରେ ଥାନା ହେବା ପରଠାରୁ କୌଣସି ଗୋଟିଏ ବି ବଡ ସଫଳତା ବାଲିଆପାଳ ଅବକାରୀ ପୁଲିସକୁ କାହିଁକି ମିଳୁନି ତାହା ଏବେ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରକୃତରେ ବାଲିଆପାଳ ଅବକାରୀ ବିଭାଗ କିଛି ଜାଣିପାରୁ ନାହିଁ ନା ସମସ୍ତେ ଠିକ୍ ଭାବରେ ଡିଲ କରି ଦେଉ ଥିବାରୁ କାହାରିକୁ ନ ଧରି କେବଳ ଦେଶୀ ମହୁଲି ଜବତ କରାଯାଉଛି । ଯଦି ଆଗାମୀ ଦିନରେ ବାଲିଆପାଳ ଅବକାରୀ ବିଭାଗ କୌଣସି ପଦକ୍ଷେପ ଗ୍ରହଣ ନ କରି ଚୁପ୍‌ଚାପ ଭିତିରିଆ ଡ଼ିଲରେ ସୀମିତ ରହେ ତେବେ ଜିଲ୍ଲାପାଳଙ୍କୁ ଜଣାଇବା ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଏହି ବିଷୟରେ ଅବଗତ କରାଯିବ ବୋଲି ସୂଚନା ଅଧିକାର ଅଭିଯାନ ସଙ୍ଘ ସଭାପତି ଅନୁଜ କୁମାର ମହାପାତ୍ର, କୁଶଧ୍ୱଜ ଜେନା, ସୁବାସ ଚନ୍ଦ୍ର ଚୌଧୁରୀ , ସୁବୋଧ କୁମାର ପାତ୍ର, କାହ୍ନୁ ଚରଣ ପାତ୍ର ପ୍ରମୁଖ କହିଛନ୍ତି ।

## ରାତି ଅଧିଆ ନିମ୍ନମାନର ରାସ୍ତା ମରାମତି

# ଜେସିବି ଅଟକ ରଖିଲେ ଗ୍ରାମବାସୀ



ଜଳେଶ୍ୱର ବ୍ଲକ, ୧୩।୬ (ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଚମାରଗାଁ ଗ୍ରାମ ପଞ୍ଚାୟତର କୁମୁଡିଆ ଗ୍ରାମରେ ଗତ ରାତିରେ ଏକ ଜେସିବି ମାଧ୍ୟମରେ କିଛି ମୋରମ ବିଛାଇ ରାସ୍ତା ମରାମତି ଚାଲିଥିଲା । ଗ୍ରାମବାସୀ ରାସ୍ତା ମରାମତି ଦେଖିଲା ବେଳକୁ ରାସ୍ତାରେ ସମୁଦ୍ରକୁ ଶଙ୍ଖେ ପରି ରାସ୍ତା ମରାମତି ବଦଳରେ ଖାଲ, ଖମା କରିପକାଇଛନ୍ତି । ଫଳରେ ରାସ୍ତାରେ ଯିବା ଆଉ ସମ୍ଭବ ପର ହୋଇ ପାରୁନାହିଁ ଯାହାକୁ ନେଇ ଗ୍ରାମବାସୀ ଜେସିବି ଡ୍ରାଇଭରଙ୍କୁ ପଚାରିଥିଲେ କି ଏ ଠାକୁ କାର୍ଯ୍ୟ କରିବା ପାଇଁ କିଏ କହିଛି ଡ୍ରାଇଭର ଜଣକ ସରପଞ୍ଚ କହିଛନ୍ତି ବୋଲି କହିଥିଲେ ପ୍ରକୃତରେ ଗ୍ରାମବାସୀ ନ ଜଣାଇ କାର୍ଯ୍ୟରେ ବ୍ୟୟ ବରାଦ କେତେ କୌଣସି ସୂଚନା ନ ଦେଇ ରାତି ଅଧିଆ କାର୍ଯ୍ୟକୁ ଗ୍ରାମର ରାମଚନ୍ଦ୍ର ସିଂ, ପରମେଶ୍ୱର ସିଂ, ଉତ୍ତମ, ବଳରାମ ସିଂ, ମୋଦନ ସିଂ, କରୁଣାକର ସିଂ, ଭରତ ସିଂ, ସମ୍ଭୁ ସିଂ, ବରେନ୍ଦ୍ର ସିଂ, ରଜନୀ ସିଂ ପ୍ରମୁଖ ଗ୍ରାମବାସୀ ଏଭଳି ନିମ୍ନ ମାନର କାର୍ଯ୍ୟକୁ ବିରୋଧ କରିବା ସହିତ ଜେସିବି ଗାଡ଼ିକୁ ଅଟକ ରଖିଛନ୍ତି । ରାଇବଣିଆ ପୁଲିସ ପକ୍ଷରୁ ଗ୍ରାମରେ ପହଞ୍ଚି ଏ ବାବଦରେ ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରିଛନ୍ତି । ଏ ବାବଦରେ ପିଇଓ ବିକ୍ରମ ଜେନା କହିଥିଲେ କି ଗ୍ରାମ ପଞ୍ଚାୟତରେ ବର୍ତ୍ତମାନ ସେ ଭଳି କୌଣସି କାର୍ଯ୍ୟ ହେଉନାହିଁ କିନ୍ତୁ ସରପଞ୍ଚ ଚନ୍ଦ୍ରକାନ୍ତ ମଲ୍ଲିକ ୫୦ ହଜାର ଟଙ୍କା ବ୍ୟୟରେ ରାସ୍ତା ମରାମତି ହେଉଛି ବୋଲି କହି ଥିଲେ ।

## ଅହମ୍ମଦାବାଦ ବିମାନ ଦୁର୍ଘଟଣା

# ମୃତ ଯାତ୍ରୀଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା



ଭୋଗରାଇ, ୧୩।୬ (ସମିସ) : ଗୁଜରାଟର ଅହମଦାବାଦ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବିମାନବନ୍ଦର ନିକଟରେ ଘଟିଥିବା ଛାତିଥରା ଦୁର୍ଘଟଣାରେ ନିହତ ହୋଇଥିବା ୨୪୧ ଜଣ ବିମାନଯାତ୍ରୀ ଭାରତ ସମେତ ଇଂଲଣ୍ଡ, ପର୍ତ୍ତୁଗାଲ, କାନାଡ଼ା ଓ ବିମାନର କ୍ରିଉ ମେମ୍ବରଙ୍କ ସହ ମେଡିକାଲ ଛାତ୍ରୀଛାତ୍ରଙ୍କ ଅକାଳ ମୃତ୍ୟୁକୁ ନେଇଁ ସାରା ବିଶ୍ୱ ସ୍ତବ୍ଧ ହୋଇଥିବାବେଳେ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଏବଂ ନିହତ ପରିବାର ପ୍ରତି ସମବେଦନା ଜଣାଇବା ଉଦ୍ଦେଶ୍ୟ ରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ଶତାଧିକ ସଚେତନଶୀଳ ନାଗରିକ ପକ୍ଷରୁ ଶୁକ୍ରବାର ସନ୍ଧ୍ୟା ସାଢେ ୭ ଟାରେ ଭୋଗରାଇ ଶ୍ୟାମସୁନ୍ଦର ମହାବିଦ୍ୟାଳୟଠାରୁ ମା ବାସୁଳୀ ପୀଠ ପର୍ଯ୍ୟନ୍ତ ଏକ ମହମବତୀ ଶୋଭାଯାତ୍ରା କରାଯାଇଥିଲା । ଏହି ମହମବତୀ ଶୋଭାଯାତ୍ରାରେ ପୂଜ୍ୟପୂଜା ପରିଷଦର ସଭାପତି ଭୁବନାନନ୍ଦ ଦାସ, ସମ୍ପାଦକ ସୁନୀଲ କୁମାର କର, ସରପଞ୍ଚ ସୁଷମା କର, ସାମାଜିକ କର୍ମୀ ସୁଦାମ ଚନ୍ଦ୍ର ପାତ୍ର, ଅମଳେନ୍ଦୁ ଶେଖର ଦାସ, ରାକେଶ ପରିଡା, ବଳରାମ ବିଶି, ଗଙ୍ଗାଧର ସାହୁ, ସଂଜୟ କୁମାର ଦେ, ବିକ୍ରମ ଭଞ୍ଜ, ପ୍ରଫୁଲ୍ଲ ଦେ, ରାମ ଚନ୍ଦ୍ର ଗିରି, ବସନ୍ତ ଜେନା, ଜୟନ୍ତ ପାତ୍ର, ବିଜୟ ସିଂହ, ଦେବବ୍ରତ ଦାସ, ବିଜୟ ପାତ୍ର, ନବୀନ ମଣ୍ଡଳ, ସୁଶାନ୍ତ କର, ଅରୁଣ ଦେ, ଗୌତମ ଭଞ୍ଜ, ଖୋକନ ଚନ୍ଦ, ରବୀନ୍ଦ୍ର ପ୍ରଧାନ, ଉମାକାନ୍ତ କର, ଶମ୍ଭୁନାଥ ସାହୁ ପ୍ରମୁଖ ସାମିଲ ହୋଇ ମା ବିଜୟା ବାସୁଳୀ ଠାରେ ଏକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ସୋର ତହସିଲ ପକ୍ଷରୁ ଚଢ଼ଉ; ୫ ବାଲିଗାଡ଼ି ଜବତ



ସୋର,୧୩।୬ (ସମିସ) : ପୁଣି ଆକ୍ସନ ମୋଡରେ ସୋର ତହସିଲଦାର ଦୈତାରି ମଲିକ । କିଛିଦିନ ପୂର୍ବରୁ ୧୯ ଟି ବେଆଇନ ବାଲିଗାଡି ଜବତ କରି ଚର୍ଚ୍ଚାରେ ଥିବା ବେଳେ ଆଜି ସକାଳେ ୫ଟି ବେଆଇନ ବାଲିବୋଝେଇ ଗାଡି ଜବତ କରିଛନ୍ତି । ଯାହାକୁ ନେଇ ବାଲିମାଫିଆଙ୍କ ମନରେ ଭୟର ବାତାବରଣ ଦେଖାଦେଇଛି । ଆଜି ଭୋର ସମୟରେ ସୋର ତହସିଲଦାର ଦୈତାରି ମଲିକ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ବାଲି ଗାଡ଼ିଗୁଡିକର କାଗଜପତ୍ର ଯାଞ୍ଚ କରିଥିଲେ । ଏହି ସମୟରେ ୫ଟି ବାଲି ଗାଡି ବେଆଇନ ଭାବେ ବାଲି ଚାଲାଣ କରୁଥିବାରୁ ଗାଡ଼ିଗୁଡିକୁ ଜବତ କରାଯାଇଥିଲା । ଗୋଟିଏ ବାଲି ବୋଝେଇ ଗାଡି ଫେରାର ହୋଇଯାଇଥିବା ବେଳେ ଅନେକ ଗାଡି ରାସ୍ତାରେ ବାଲି ଢାଳି ପଳାଇଥିଲେ । ଜବତ ଗାଡିକୁ ସୋର ତହସିଲ ଓ ସୋର ଥାନାରେ ରଖାଯାଇଥିବା ବେଳେ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି । ଜବତ ଗାଡି ଗୁଡିକରୁ ଫାଇନ ଆଦାୟ ପରେ ଛଡାଯିବ ବୋଲି ଖଣି ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ଡାକ୍ତରଙ୍କୁ ମାଡ଼ମାରି ଲୁଟ୍ ଘଟଣାରେ ଜଣେ ଗିରଫ

ସୋର,୧୩।୬ (ସମିସ) : ଗତ ବୁଧବାର ରାତିରେ ସୋର ଥାନା କମରପୁର ଗାଁରେ ଆୟୁର୍ବେଦ ଡାକ୍ତର ତପନ ବେହେରାଙ୍କ ଘରେ କେହି ନଥିବା ବେଳେ ଚୋରମାନେ ଚୋରି କରିଥିଲେ । ଠିକ ସେହି ସମୟରେ ତପନ ଓ ତାଙ୍କ ଶଳା ଦିଲୀପ ମହାଳିକ ଘରେ ପହଂଚି ତାଙ୍କ ଘରେ ଚୋର ପଶିଥିବା ଜାଣିବାକୁ ପାଇଥିଲେ । ପରେ ସ୍ଥାନୀୟ ଲୋକଙ୍କୁ ଖବର ଦେବା ସହିତ ଘର ଭିତରକୁ ପଶିଥିଲେ । ଏହି ସମୟରେ ଚୋରମାନଙ୍କ ଆକ୍ରମଣର ଶିକାର ହୋଇ ଉଭୟ ଗୁରୁତର ଆହତ ହୋଇଥିଲେ । ଏହି ସୁଯୋଗରେ ତିନିଜଣ ଚୋର ଫେରାର ହୋଇଯାଇଥିବା ବେଳେ ଜଣେ ଚୋରକୁ ସେମାନେ କାବୁ କରି ଥିଲେ । ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଚୋରକୁ ଜିମା ନେଇଥିଲେ । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଏ ନେଇ ଗତକାଲି ରାତିରେ ସୋର ଥାନାରେ ଅଭିଯୋଗ ହେବା ପରେ ପୁଲିସ ୪୪୯/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଆଜି ସକାଳେ ଅଟକ ଅଭିଯୁକ୍ତକୁ ଗିରଫ କରିଥିଲେ । ଅପରାହ୍ଣରେ ଅଟକ ଥିବା ଜଗତସିଂହପୁର ଜିଲ୍ଲା ଏରସମା ଆମ୍ବିକି ପାଟଣା ଗ୍ରାମର ଭରତ ଜେନା (୪୦) କୁ ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ ପୁଲିସ କୋର୍ଟ ଚାଲାଣ କରିଛି ।

## ● ଦିଲ୍ଲୀରୁ ଚୋରି ଘଟଣା

# ୩ ଜଣଙ୍କୁ ଗିରଫକଲା ଦିଲ୍ଲୀ ପୁଲିସ

ସୋର, ୧୩।୬ (ସମିସ): ଦିଲ୍ଲୀରୁ ଗହଣା ଚୋରି ଘଟଣାରେ ସୋରରୁ ୩ଜଣଙ୍କୁ ଗିରଫ କରି ଦିଲ୍ଲୀ ପୁଲିସ ନେଇ ଯାଇଥିବା ଜଣାପଡିଛି । ସୋର ଥାନା ରଘୁନାଥପୁର ଗ୍ରାମର ଜିତେନ୍ଦ୍ର ମଲିକ(୨୮) ଦକ୍ଷିଣ ଦିଲ୍ଲୀ ସକେଟ ଥାନା ଅଂଚଳର ଜଣେ ବ୍ୟବସାୟୀଙ୍କ ଘରେ ରହି କାମ କରୁଥିଲେ । ଘରେ କେହି ନଥିବାର ସୁଯୋଗ ନେଇ ବ୍ୟବସାୟୀଙ୍କ ଘରୁ ୫୦ ଲକ୍ଷରୁ ଅଧିକ ଟଙ୍କାର ଗହଣା ଓ ନଗଦ ଟଙ୍କା ଚୋରି କରି ଫେରାର ହୋଇଯାଇଥିଲେ । ଏ ନେଇ ବ୍ୟବସାୟୀ ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୁଲିସ ୨୦୨/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପରେ ଗତ ଦୁଇଦିନ ତଳେ ଦିଲ୍ଲୀ ପୁଲିସ ସୋରରେ ପହଞ୍ଚି ସୋର ପୁଲିସ ସହଯୋଗରେ ଜିତେନ୍ଦ୍ରକୁ ତାଙ୍କ ଘରୁ ଗିରଫ କରିଥିଲେ । ପରେ ଗହଣା ବିକ୍ରି କରାଯାଇଥିବା ଦୋକାନୀ ଇରମ ଅଞ୍ଚଳର ଦିଲୀପ କୁମାର ସାହୁ(୪୯) ଓ ସହଯୋଗୀ ବଗଦା ଗ୍ରାମର ଶ୍ରୀକାନ୍ତ ମଲିକ(୫୧) କୁ ଗିରଫ କରି ଆଜି ଦିଲ୍ଲୀ ଅଭିମୁଖେ ନେଇଥିବା ଜଣାପଡିଛି । ପୁଲିସ ସେମାନଙ୍କ ନିକଟରୁ ୬ ଲକ୍ଷ ୪୯ ହଜାର ଟଙ୍କା, ସୁନା ଦାମୀ ହାତ ଘଣ୍ଟା ୨ଟା ଏବଂ ଏବଂ ଏକ ସୁନା କଲମ ଜବତ କରିଥିବା ଜଣାପଡିଛି ।

# ୮୨ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମାବେଶ



କାଳିପଦା, ୧୩।୬ (ସମିସ): ବାଲିଆପାଳ ବ୍ଲକ ଜଗାଇ ପଦ୍ମଲୋଚନ ହାଇସ୍କୁଲ ୧୯୮୨ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ପର୍ଯ୍ୟଟନ କେନ୍ଦ୍ର ଡଗରା ଡାକ ବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ୮୨ ବ୍ୟାଚ୍ ଛାତ୍ର କାନାଡ଼ା ବ୍ୟାଙ୍କ ପ୍ରବନ୍ଧକ ବ୍ରଜ କିଶୋର ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ଛାତ୍ର ଛାତ୍ରୀ ସେମାନଙ୍କ ପୁଅ, ଝିଅ, ନାତି, ନାତୁଣୀଙ୍କୁ ସାଙ୍ଗରେ ଧରି ସମବେତ ହୋଇଥିଲେ । ଏଥିରେ ପ୍ରଧାନଶିକ୍ଷକ ଦେବ ତୋଷ ଦତ୍ତ, ମନୋଜ କୁମାର କର, ମନ୍ମଥ କୁମାର ମଣ୍ଡଳ, ବାଲିଆପାଳ ସୁବର୍ଣ୍ଣ ରେଖା କଲେଜ ଅଧ୍ୟକ୍ଷ ଗୌରାଙ୍ଗ ରାଉତ, ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ଗୋପାଳ ଜେନା, ପ୍ରାଧ୍ୟାପକ ବିଜୟ କୁମାର ଜେନା, ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜଗାଇ କେନ୍ଦ୍ରର ମୁଖ୍ୟ ବି କେ ସଛିଦା ପ୍ରମୁଖ ଯୋଗ ଦେଇ ବନ୍ଧୁ ମିଳନ ମନେଇଥିଲେ । ଏହାର ମହତ୍ୱ ମଧ୍ୟ ସେମାନେ ବଖାଣି ଥିଲେ । ପରିଣତ ବୟସର ଏହି ଛାତ୍ରଛାତ୍ରୀ ଏକାଠି ହେବା ଏକ ନିଆରା ପରଂପରା ବୋଲି ଆଲୋଚନା ହୋଇଥିଲା ।

# ଶିକ୍ଷୟିତ୍ରୀ ସୀତା ମାରାଣ୍ଡିଙ୍କୁ ରକ୍ତ କର୍କଟ

## ● ଚିକିତ୍ସା ପାଇଁ ସହଯୋଗ ଲୋଡିଲେ ପରିବାର



ଖଇରା,୧୩।୬ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଅଲିପୁର ଗ୍ରାମର ସୀତା ମାରାଣ୍ଡି (୪୮) ଏବେ କଟକ ବଡମେଡିକାଲରେ ଜୀବନ ସହ ସଂଘର୍ଷ କରୁଛନ୍ତି । ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ବିଷୟକୁ ଡାକ୍ତର ସୂଚନା ପରେ ସମସ୍ତେ ଦୁଃଖରେ ମ୍ରିୟମାଣ ହୋଇପଡିଛନ୍ତି । ପୃଥିବୀରେ ପାଦ ଥାପିବା ଦିନଠାରୁ ଅଦ୍ୟାବଧି ସଂଘର୍ଷମୟ କାହାଣି ଭିତରେ ଅନ୍ୟ ପାଇଁ ତ୍ୟାଗ କରିଚାଲିଥିବା ସୀତାଙ୍କ ଏଭଳି ଅବସ୍ଥା ସହପାଠୀ ଶିକ୍ଷକ,ଗ୍ରାମବାସୀ ଓ ଶୁଭେଚ୍ଛୁଙ୍କୁ ମ୍ରିୟମାଣ କରିଛି । ଏହି ଶିକ୍ଷୟିତ୍ରୀ ଜଣକ ସରକାରୀ ବେସରକାରୀ ଡାକ୍ତରଖାନାର ଅଭିଜ୍ଞ ଡାକ୍ତର ଙ୍କ ପାଖରୁ ଚିକିତ୍ସାପାଇଁ ପର୍ଯ୍ୟାପ୍ତ ଅର୍ଥର ଆବଶ୍ୟକତା ଶୁଣିବା ପରେ ପରିବାର ଲୋକେ ଅନ୍ୟର ସହଯୋଗ କାମନା କରିଛନ୍ତି । ଜନଜାତି ସମ୍ପ୍ରଦାୟର ଏହି ଝିଅ ସିତା ଙ୍କର ବାପା ବିପିର ମାରଣ୍ଡି ଦିନ ମଜୁରିଆ ଭାବେ ପରିବାର ପୋଷଣ କରୁଥିବା ବେଳେ ସୀତା ବାପାଙ୍କ ସହ କାମଶିଖିବା ସହ ପ୍ରବଳ ଇଚ୍ଛାଶକ୍ତି ଯୋଗୁଁ ସ୍କୁଲକୁ ଯାଇଥିଲେ । ପାଠପଢିବା ବେଳେ ଗୀତଗାଇବା, ଖେଳକୁଦରେ ଭାଗନେବା ଭଳି କାର୍ଯ୍ୟରେ ନିୟୋଜିତ ଥିଲେ । ଅଲିପୁର ୟୁପି ସ୍କୁଲରୁ ଶିକ୍ଷକତା ଜୀବନ ଆରମ୍ଭ ପରେ ଏବେ ଦାମୋଦରପୁର ସରକାରୀ ନୋଡାଲରେ ସହକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ । ନିଜର ସନ୍ତାନ ସନ୍ତତୀ ନଥିବା ବେଳେ ବଡଭଉଣୀଙ୍କ ପୁଅମାନଙ୍କୁ ନିଜର ପିଲାଭଳି ସ୍ନେହ ଦେଇ ପାଖରେ ରଖିଥିଲେ । ଏହି ସମୟରେ ବିଭିନ୍ନ ମହିଳା ସଙ୍ଗଠନ ସହ ଯୋଡି ହୋଇ ବେଆଇନ ନିଶା କାରବାର, ବାଲ୍ୟ ବିବାହ ଆଦି କୁସଂସ୍କାର ବିରୋଧି କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଥିଲେ । ନିଜର ପାଳିତ ପୁତ୍ର ଗୋଡ ଟ୍ରେନ ଧକ୍କାରେ କଟିଯିବା ପରେ ସେ ତାଙ୍କର ସମସ୍ତ ସଞ୍ଚିତ ଅର୍ଥ ଚିକିତ୍ସା ବାବଦରେ ସାରି ଦେଇଥିଲେ ।

# ଜଳେଶ୍ୱର ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ

ଜଳେଶ୍ୱର, ୧୩।୬ (ସମିସ)



ଜଳେଶ୍ୱର ପଞ୍ଚାୟତ ସମିତିର ଦଶମ ସାଧାରଣ ଅଧିବେଶନ ଆଜି ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବେଶନରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇଥିବା ବେଳେ ସାଂସଦ ପ୍ରତିନିଧି ବ୍ରଜମୋହନ ପ୍ରଧାନ, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଂଜିତା ସେନାପତି, ବିଡିଓ ଗୌରାଙ୍ଗ ଚରଣ ପୋଷ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୌମ୍ୟରଂଜନ ସାହୁ ପ୍ରମୁଖ ଯୋଗଦେଇ ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ମୃତ୍ତିକା ସଂରକ୍ଷଣ, ଜଳସେଚନ, ଉଠା ଜଳସେଚନ, ଡ୍ରେନେଜ୍, ସମନ୍ୱିତ ଶିଶୁ ବିକାଶ ଯୋଜନା, କୃଷି, ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳେଶ୍ୱର ବ୍ଲକର ବିଭିନ୍ନ ପଂଚାୟତର ବିକାଶ ମୂଳକ ବିଭିନ୍ନ କାର୍ଯ୍ୟ ବିଷୟରେ ଆଲୋଚନା କରାଯାଇ କାର୍ଯ୍ୟ ଗୁଡିକୁ ତୁରନ୍ତ ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ନାଗରିକ ସୁରକ୍ଷା ଓ ଖାଦ୍ୟ ସୁରକ୍ଷା ବିଭାଗ କାର୍ଯ୍ୟକୁ ନେଇ ଆଲୋଚନା କରାଯିବା ପାଇଁ ସଦସ୍ୟମାନେ ଦାବି କରିଥିବା ବେଳେ ବର୍ଷାଦିନ ପୂର୍ବରୁ ରାସ୍ତାର ନବୀକରଣ ତଥା ନୂତନ ରାସ୍ତା ଗୁଡ଼ିକର କାର୍ଯ୍ୟ ଶେଷ ବିଷୟରେ ଜନପ୍ରତିନିଧିମାନେ ଆଲୋଚନା କରିବା ସହିତ ତୁରନ୍ତ କାର୍ଯ୍ୟ ଶେଷ ପାଇଁ ବିଧାୟକ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିଖରପୁର ଗ୍ରାମ ପଂଚାୟତର ସରପଂଚ ଶିଖରପୁର ବାଲି ସୈରାତରୁ ବେଆଇନ ବାଲି ଉତ୍ତୋଳନ ବିଷୟରେ ପ୍ରଶ୍ନ ଉଠାଇବା ସହିତ ସୈରାତର ସୀମା ନିର୍ଦ୍ଧାରଣ, ସୂଚନା ଫଳକ ଲଗାଇବା, ବାଲି ଉତ୍ତୋଳନରେ ମେସିନ ବ୍ୟବହାର କରିବା, ନଦୀଗର୍ଭରୁ ୨୦/୨୫ଫୁଟ ଭିତରୁ ବାଲି ଉତ୍ତୋଳନ କରିବା ଦ୍ୱାରା ପଂଚାୟତର ଗ୍ରାମ ଗୁଡିକ ପ୍ରତି ବିପଦ ସୃଷ୍ଟି ହେଉଛି । ଚାଛଡ଼ା ଶିଖରପୁର ପଞ୍ଚାୟତର ବନ୍ଧ ନଦୀ କୂଳ ଗ୍ରାମ ଗୁଡିକରେ ବେଆଇନ ବାଲି ଚୋରା ଚାଲାଣ ଓ ଶିଖରପୁର ପୋଲ ଉପରେ ୧୦ଟନରୁ ଅଧିକ ଭାରୀଯାନ ଚଳାଚଳକୁ ନିଷେଧ କରାଯାଇଥିବା ବେଳେ ଶହେରୁ ଅଧିକ ଟନର ଚାଲି ଡମ୍ପର ଯାଇଥିବାରୁ ପୋଲ ପାଇଁ ବିପଦ ସୃଷ୍ଟି ହେଉଛି ବୋଲି ଗୃହରେ ପ୍ରଶ୍ନ ଉଠାଇବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ । ଏହି ଅଧିବେଶନରେ ବ୍ଲକର ସମସ୍ତ ସମିତି ସଭ୍ୟ, ସଭ୍ୟା ଓ ସରପଂଚ ମାନେ ଯୋଗଦେଇଥିବା ବେଳେ ବିଭିନ୍ନ ବିଭାଗୀୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବ୍ଲକ୍‌ସ୍ତରୀୟ ମିଳନ ପର୍ବ



ଅତାବିରା, ୧୩।୬(ସମିସ): କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଏବଂ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତୀ ଅବସରରେ ସରସ୍ୱତୀ କଲ୍ୟାଣ ମଣ୍ଡପରେ ବିଜେପିର ବ୍ଲକସ୍ତରୀୟ ମିଳନ ପର୍ବ ଅନୁଷ୍ଠିତ ହୋଇଛି। ବ୍ଲକର ପୂର୍ବତନ ଅଧ୍ୟକ୍ଷ ଚିତ୍ତରଞ୍ଜନ ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମିଳନ ସେଠ୍, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଯଶୋବନ୍ତ ସେଠ୍, ରାଜ୍ୟ ଏସ୍‌ସି ସେଲ୍‌ଫ ଉପସଭାପତି ରଞ୍ଜନ ସେଠ୍, ବରିଷ୍ଠ ନେତା ବିପିନ ଭୋସାଗର, ଅତାବିରା ନଗର ସଭାପତି ସତିଶ ଚୌଧୁରୀ, କୁଲୁଣ୍ଡା ମଣ୍ଡଳ ସଭାପତି ନିରୋଜ ସେଠ୍ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଜେପି କର୍ମୀ ତତ୍କାଳୀନ ଜନପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ନାୟକ, ପୂର୍ବତନ ଜିଲ୍ଲା କୃଷକ ମୋର୍ଚ୍ଚାର ସଭାପତି ସୋମନାଥ ଭୋଇ ଉଦ୍‌ବୋଧନ ଦେଇଥିଲେ। ସାଂସଦ ପ୍ରତିନିଧି ସୁରେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

● ଛାତ୍ରାବାସ ନିର୍ମାଣ ଅର୍ଥ ମଞ୍ଜୁର

## ବିଧାୟକଙ୍କୁ ଧନ୍ୟବାଦ ଜଣାଇଲେ କଲେଜ କର୍ତ୍ତୃପକ୍ଷ



ବରଗଡ଼, ୧୩।୬(ସମିସ): ଚକରକେନ୍ଦ ସ୍ଥିତ ସନ୍ଥକବି ଭୀମଭୋଇ ମହିମା +୩ ମହାବିଦ୍ୟାଳୟ ପାଇଁ ସହାୟତା ଅର୍ଥ ଅନୁମୋଦିତ ହୋଇଛି। ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ପାଣ୍ଠିରୁ ଅର୍ଥ ଗୃହୀତ ହୋଇଛି। ୨୦୦ ଛାତ୍ର ଓ ୨୦୦ ଛାତ୍ରୀଙ୍କ ମୋଟ ୪୦୦ ଛାତ୍ରଛାତ୍ରୀ କ୍ଷମତା ବିଶିଷ୍ଟ ଛାତ୍ରାବାସ ନିର୍ମାଣ କରିବା ନିମିତ୍ତ ୩ କୋଟି ୨୧ ଲକ୍ଷ ୨୦ ହଜାର ବଜେଟ କରାଯାଇଛି। ଖବର ପରେ ମହାବିଦ୍ୟାଳୟ ପରିଚାଳନା କମିଟି, ଅଧ୍ୟକ୍ଷ, କଲେଜ କର୍ତ୍ତୃପକ୍ଷ ଏବଂ ଅଞ୍ଚଳବାସୀଙ୍କ ତରଫରୁ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀଙ୍କୁ ଧନ୍ୟବାଦ ଜଣାହୋଇଛି।

## ଅଘୋଷିତ ବିଜୁଳି ବିଭ୍ରାଟରେ ଅତିଷ୍ଠ

ପଦ୍ମପୁର, ୧୩।୬(ସମିସ): ପଦ୍ମପୁର ଉପଖଣ୍ଡରେ ବିଜୁଳି ବିଭ୍ରାଟ ସହିବାର ଚରମ ସୀମା ଟପି ଯାଇଛି। ପ୍ରଚଣ୍ଡରୌଦ୍ର ତାପ, ଗୁଳୁଗୁଳିରେ ଲୋକେ ଛଟପଟ ହେଉଥିବା ବେଳେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ହେଉଛି। ପଦ୍ମପୁରରେ ସହର ଠାରୁ ଗ୍ରାମାଞ୍ଚଳରେ ଲୋକ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତ୍ର, ମଧ୍ୟାହ୍ନରେ ବିଜୁଳି ଯିବା ଦ୍ୱାରା ଭୀଷଣ କଷ୍ଟ ପାଉଛନ୍ତି। ଟାଣ ଖରା, ଗୁଳୁଗୁଳିରେ ଗୋଟିଏ ମୁହୂର୍ତ୍ତ ବିଦ୍ୟୁତ୍ ବିନା ରହିବା ମୁସ୍କିଲ ହେଉଛି। ସେଥିରେ ବିଦ୍ୟୁତ୍ ବିଭ୍ରାଟ ଲୋକଙ୍କ ଦୁଃଖ କଷ୍ଟକୁ ଦ୍ୱିଗୁଣିତ କରୁଛି।

## ଏଆଇସିସି ସଦସ୍ୟଙ୍କ ପଦ୍ମପୁର ନିର୍ବାଚନ ମଣ୍ଡଳୀ ଗସ୍ତ

ପଦ୍ମପୁର, ୧୩।୬(ସମିସ): ଅଖିଳ ଭାରତୀୟ କଂଗ୍ରେସ କମିଟିର ସଦସ୍ୟ ମନୋଜ ସିଂ ଶୁକ୍ରବାର ପଦ୍ମପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ବ୍ଲକ ପଞ୍ଚାୟତ ଗସ୍ତ କରିଛନ୍ତି। ଏହି ଅବସରରେ କଂଗ୍ରେସ ଲୋକଙ୍କ ସହିତ ଆଲୋଚନା କରିବା ସହିତ ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ସାକ୍ଷାତ କରି ସେମାନଙ୍କ ମତ ନେଇଥିଲେ। ଭାଜପା ସରକାର ୧ ବର୍ଷରେ ତାର ଦେଇଥିବା ନିର୍ବାଚନ ପ୍ରତିଶ୍ରୁତି କେତେ ପାଳନ କରିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀ ସିଂ ପଦ୍ମପୁର ନିର୍ବାଚନ ମଣ୍ଡଳୀର ମେଲଛାମୁଣ୍ଡା, କନସିଂଘା, ଦହିତା, ବୁଡେନ ସମେତ ପାଇକମାଲ ଓ ଝାରବନ୍ଧ ବ୍ଲକର ବିଭିନ୍ନ ପଞ୍ଚାୟତକୁ ଯାଇଥିଲେ। ତାଙ୍କ ସହିତ କଂଗ୍ରେସ ପରାମର୍ଶ ଦାତା ଡ.ୱସିମ୍ ଅଲି, କଂଗ୍ରେସ ଜିଲ୍ଲା ସଭାପତି ହରଦିପ ସିଂ, କଂଗ୍ରେସ ବିଧାୟକ ପ୍ରାର୍ଥୀ ଟଙ୍କଧର ସାହୁ, ଗଜାନନ ଶର୍ମା ସମେତ ବିଭିନ୍ନ ବ୍ଲକ ସଭାପତ ଓ ଟାଉନ ସଭାପତି ସାମିଲ ହୋଇଥିଲେ।

ଜିଲ୍ଲାସ୍ତରୀୟ ବିକାଶ ମେଳାର ଦ୍ୱିତୀୟ ଦିବସ

# ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଉଦ୍‌ଘାଟିତ





**ବରଗଡ଼, ୧୩।୬(ସମିସ):**

ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତୀ ଅବସରରେ ଜିଲ୍ଲାସ୍ତରୀୟ ବିକାଶ ମେଳା ଆୟୋଜିତ ହେଉଛି। ଶୁକ୍ରବାର ବରଗଡ଼ରେ ଜିଲ୍ଲା ପ୍ରଭାରି ତଥା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଖେଦାପାଲି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନିର୍ମିତ ସମନ୍ୱିତ ଜନସ୍ୱାସ୍ଥ୍ୟ ପରୀକ୍ଷାଗାରର ଉଦ୍‌ଘାଟନ କରିଥିଲେ। ଏହାପରେ ମନ୍ତ୍ରୀ ଜିଲ୍ଲାସ୍ତରୀୟ ବିକାଶ ମେଳା ଏବଂ ରକ୍ତଦାନ ଶିବିରର ଉଦ୍‌ଘାଟନ କରିବା ପରେ ବିଭିନ୍ନ ସରକାରୀ ଯୋଜନାରେ ସହାୟତାରାଶି ଏବଂ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଡ.ହଲଧର ନାଗ ଏବଂ ପଦ୍ମଶ୍ରୀ ଭାଗବତ ପ୍ରଧାନଙ୍କ ସମେତ ବରଗଡ଼ ଧନୁଯାତ୍ରା କଂସ ମହାରାଜ ଅଭିନେତା ଭୁବନେଶ୍ୱର ପଧାନ, ଶ୍ରୀକୃଷ୍ଣ ଅଭିନେତା ସ୍ୱପ୍ନିଲ ମହାପାତ୍ର, ସଫଳ କୃଷକ ଭାବେ କଂସଡାରେ ଝସକେତନ ବଡ଼େଇ ଏବଂ ତାରାକାନ୍ତ ବିଶ୍ୱାଳ, ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାବେ ଫାଇଟର୍ସ ଗ୍ରୁପ ଏବଂ ନିଷ୍ଠା ପରିବାର, ସଂକଳ୍ପ ପରିବାର, ୧୦ମ ଶ୍ରେଣୀ ଯୁଗ୍ମରାଜ୍ୟ ଟପ୍ପର ବବିତା ରଥ, ପ୍ରବନ୍ଧ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀ, ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ବିଜେତା, ସଫଳ ସୁଭଦ୍ରା ହିତାଧିକାରୀ, ସିଏମ୍ ଟ୍ରଫି ଫୁଟବଲ ବିଜେତା ଦଳ, ସାହାଣି କପ ଫୁଟବଲ ବିଜେତା ଦଳ, ପାରା ଅଲିମ୍ପିକ ବିଜେତାଙ୍କୁ ମନ୍ତ୍ରୀ ପୁରସ୍କାର ପ୍ରଦାନ କରିଥିଲେ। ଏହାସହ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଅନ୍ତୋଦୟ ଗୃହ ଯୋଜନା, ନୂତନ ରାସନ କାର୍ଡ, ଗୋଷ୍ଠୀଗତ ଜଙ୍ଗଲ ଅଧିକାର (ସିଏଫଆର) ପଟ୍ଟା ଏବଂ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଭଳି ସମସ୍ତ ଯୋଜନାର ଦୁଇ ଜଣ ଲେଖାଏଁ ହିତାଧିକାରୀଙ୍କୁ ମଞ୍ଚରୁ କାର୍ଯ୍ୟାଦେଶ ତଥା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଅତିଥିଙ୍କ ଦ୍ୱାରା ଜିଲ୍ଲା ସ୍ତରରେ ରାଜ୍ୟ ସରକାରଙ୍କ ପ୍ରମୁଖ ଯୋଜନାର କାର୍ଯ୍ୟକାରିତା ଉପରେ ପର୍ଯ୍ୟବେସିତ ସୂଚନା ପୁସ୍ତିକାର ଉନ୍ମୋଚନ ସହ ଦୃଶ୍ୟ ଶ୍ରାବ୍ୟ ଚିତ୍ର ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।



### ■ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଦ୍ୱାରା ଫାଇଟର୍ସ ଗ୍ରୁପ୍ ସମ୍ବର୍ଦ୍ଧିତ

ଜିଲ୍ଲା ପ୍ରଶାସନ ଦ୍ୱାରା ବିକାଶ ମେଳା ୨୦୨୫ ପାଳନରେ କର୍କଟ ରୋଗରୁ ବଞ୍ଚିଥିବା ଫାଇଟର୍ସ ଗ୍ରୁପ୍ ପାଇଁ ଗର୍ବର ଏବଂ ଭାବପ୍ରବଣ ମୁହୂର୍ତ୍ତ ସୃଷ୍ଟି ହୋଇଥିଲା। ଶୁକ୍ରବାର ଅନୁଷ୍ଠିତ ଭବ୍ୟ ସମାରୋହରେ, ପଦ୍ମଶ୍ରୀ ହଲଧର ନାଗ, ଲୋକସଭା ସାଂସଦ ପ୍ରଦୀପ ପୁରୋହିତ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଅତାବିରା ବିଧାୟକ ନିହାର ମହାନନ୍ଦ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଜିଲ୍ଲା ପ୍ରକଳ୍ପ ଉନ୍ନୟନ ଅଧିକାରୀ ଲଲାଟ ଲୁହା ଏବଂ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତ ଥିଲେ। ଅତିଥିଙ୍କ ଦ୍ୱାରା କର୍କଟରୋଗ ସଚେତନତା ପ୍ରସାର ଏବଂ ବଞ୍ଚିଥିବା ଲୋକଙ୍କୁ ପ୍ରେରଣାଦାୟକ ସହାୟତା ପ୍ରଦାନ କରିବାରେ ଉଲ୍ଲେଖନୀୟ ପ୍ରୟାସ ପାଇଁ ଫାଇଟର୍ସ ଗ୍ରୁପକୁ ସ୍ୱୀକୃତି ଦେଇ ସମ୍ମାନିତ କରାଯାଇଥିଲା।

### ■ ଗୋବିନ୍ଦପୁରରେ ବିକାଶ ବାହନକୁ ସ୍ୱାଗତ

ଗୋବିନ୍ଦପୁର ପଞ୍ଚାୟତରେ ମଧ୍ୟ ବିକାଶ ବାହନ ରଥକୁ ସ୍ୱାଗତ କରାଯାଇଛି। ଏହି ଅବସରରେ ସୌଦାମିନୀ ବାରିକ ଓ ପ୍ରତିମା ମାଝୀଙ୍କ ସହ ୧୫ ଜଣ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନା ଓ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାଏକ, ବିକାଶ ବାହନ ରଥ ନୋଡାଲ ଅଧିକାରୀ ଜ୍ଞାନ ରଞ୍ଜନ ଭୋଇ ଜିପିଡିଓ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଡୋଳାମଣି ପ୍ରଧାନ, ସମିତି ସଭ୍ୟ ଜ୍ଞାନ ଚନ୍ଦ୍ର ବିଶ୍ୱାଳ, ନାଏବ ସରପଞ୍ଚ ଲୋକେଶ୍ୱରୀ ସା, ଏଏନ୍‌ଏମ୍ ପଦ୍ମିନୀ ଆଚାର୍ଯ୍ୟ, ଗୋବିନ୍ଦପୁର ଏଏନ୍‌ଏମ୍ ସେଣ୍ଟର ସିଏଚ୍‌ଓ ଅରୁଣା ବାରୁ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ମହାସଂଘ ସଭାନେତ୍ରୀ ଝରଣା ଦାସ, ଗୋବିନ୍ଦପୁର ସମବାୟ ସମିତିର ଡାଇରେକ୍ଟର ଅଶୋକ ସାହୁ, ଆମ୍ବେଦକର ଯୁବା ସଂଘ ବଗେଇବିରାର ସଭାପତି ପୁରନ୍ଦର ଭୋସାଗର, ୱାର୍ଡ ମେମ୍ବର ଚିନ୍ତାମଣି ବାରିକ, ଉସଦ ସା, ଏମ୍‌ବିକେ ଫିଉଟି ବାରିକ, ସିଆର୍‌ପି ସୁବାସିନୀ ତାଣ୍ଡି, କୌଶଲ୍ୟା ସାହୁ, ମୈଥିଳି ହିଆଲ, ରିତା କୁମ୍ଭାର, ପୁଷ୍ପାଞ୍ଜଳୀ ବନଛୋର, ଆଶାକର୍ମୀ ଗୀତାଞ୍ଜଳି ଦୁଆନ୍, ଆଶା ବାଗ୍, ଅଙ୍ଗନବାଡ଼ି କର୍ମୀ ସୁଭାଙ୍ଗିନୀ ସାହୁ, ପୁଷ୍ପାଞ୍ଜଳୀ ଭୋଇ ପ୍ରମୁଖଙ୍କ ସହ ପଞ୍ଚାୟତର ସମସ୍ତ ସିଆର୍‌ପି, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ସମସ୍ତ ଏସ୍‌ଏଚ୍‌ଜି ଗୃପର ମହିଳା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ■ ଝାରବନ୍ଧରେ ଗଡ଼ିଲା ବିକାଶ ରଥ

ରାଜ୍ୟରେ ବିଜେପି ସରକାରର ୧ ବର୍ଷ ପୂର୍ତ୍ତୀ ଅବସରରେ ଶୁକ୍ରବାର ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ କାର୍ଯ୍ୟାଳୟରୁ ବିକାଶ ରଥ ଗଡ଼ିଛି। କାର୍ଯ୍ୟକ୍ରମକୁ ବରଗଡ଼ ସାଂସଦଙ୍କ ପ୍ରତିନିଧି ଦୁର୍ଗା ପ୍ରସାଦ ଅଗ୍ରୱାଲ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା, ସିଡିପିଓ ସୁଷମା ପଟେଲ, ଜିପିଡିଓ ସୁଶାନ୍ତ ପାଣି, ଛୋଟଅନକି ସମିତି ସଭ୍ୟ ସତ୍ୟମ ପ୍ରଧାନ, ବିଜେପି ନେତା ଲମ୍ବୋଦର ପଣ୍ଡା, ତୁଳଚନ୍ଦ୍ର ସାହୁ, ବିଏଲଏଫ ସଭାନେତ୍ରୀ କୁମୁଦିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିକାଶ ରଥକୁ ଝାରବନ୍ଧ ପଞ୍ଚାୟତ ତରଫରୁ ଝାରବନ୍ଧ ହାଇସ୍କୁଲ ଠାରେ ସ୍ୱାଗତ କରାଯାଇଥିଲା। ସରକାରଙ୍କ ବିଭିନ୍ନ ଯୋଜନା ଏଲ୍‌ଇଡିରେ ଭିଡିଓରେ ଦେଖା ଯାଇଥିଲା। କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିବା ସହିତ ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ ଭତ୍ତା ପ୍ରଦାନ କରାଯାଇଥିଲା। ରାଜସ୍ୱ ବିଭାଗ ତରଫରୁ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାର ୪ ଡିସିମିଲ ଜମିର ପଟ୍ଟା ପ୍ରଦାନ କରାଯାଇଥିଲା। ପିଇଓ ଉପେନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବିଜେପି ନେତା ବିନୋଦ ବିହାରୀ ବାଗ, ସାମନ୍ତ ଶେଖର ମୁନା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ। ପ୍ରଶାସନ ତରଫରୁ ବ୍ଲକରେ କାର୍ଯ୍ୟ କରୁଥିବା ସମସ୍ତ ବିଭାଗର ହେଲ୍ପ ଡେସ୍କ ଖୋଲା ଯାଇ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ବ୍ୟବସ୍ଥା କରାଯାଇ ଥିଲା। ଝାରବନ୍ଧ ବ୍ଲକରେ ସୁଭଦ୍ରା ଯୋଜନା ଟଙ୍କା ପାଇବାରୁ ବଞ୍ଚିତ ଥିବା ହାରାହାରି ୨୭୦୦ ମହିଳାଙ୍କୁ ଯଥାଶୀଘ୍ର ଟଙ୍କା ପ୍ରଦାନ ପାଇଁ ଜିଲ୍ଲାପରିଷଦ ସଭ୍ୟ ସନ୍ତୋଷ ବେହେରା ସରକାରଙ୍କୁ ଅନୁରୋଧ କରିଥିଲେ। ଏହିପରି ବ୍ଲକର ୧୪ଟି ପଞ୍ଚାୟତକୁ ଆଜି ଠାରୁ ବିକାଶ ବାହନ ରଥ ଚଳିତ ମାସ ୨୧ ତାରିଖ ପର୍ଯ୍ୟନ୍ତ ବୁଲିବାର ସୂଚନା ରହିଛି।

### ■ ଜଗଦଲପୁରରେ ବିକାଶ ବାହନ ଶୁଭାରମ୍ଭ

ପଦ୍ମପୁର: ବିକାଶ ବାହନ ରଥ ଶୁକ୍ରବାର ଜଗଦଲପୁର ମଣ୍ଡଳର ଭେଁ÷ସାଦର୍ହା ପଞ୍ଚାୟତରେ ପହଞ୍ଚିଛି। ଅଞ୍ଚଳର ଅଧିବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମକୁ ଭେଁ÷ସାଦର୍ହା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଚାଳନ କରିଥିବା ବେଳେ ସରପଞ୍ଚ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ହରେକୃଷ୍ଣ ପଟେଲ ଯୋଗ ଦେଇ ସରକାରଙ୍କ ବିକାଶ ମୁଖୀ ଯୋଜନା ସମ୍ବନ୍ଧରେ ଲୋକଙ୍କୁ ଅବଗତ କରିଥିଲେ ଓ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତାର ସୂଚନା ପ୍ରଦାନ କରିଥିଲେ। ଝାରବନ୍ଧ ବ୍ଲକରୁ ପଞ୍ଚାୟତ ଗୋଷ୍ଠୀ ଅଧିକାରୀ, ରାଜସ୍ୱ ବିଭାଗ, ସମନ୍ୱିତ ଶିଶୁ ବିକାଶ ଓ ସୁଭଦ୍ରା ଯୋଜନା, ପ୍ରାଣୀ ସମ୍ପଦ, ଖାଦ୍ୟ ସୁରକ୍ଷା, ସ୍ୱାସ୍ଥ୍ୟ ବିଭାଗ ଓ ସ୍ୱଚ୍ଛ ଭାରତ ମିଶନ ତରଫରୁ ସରକାରୀ ପ୍ରତିନିଧି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ଭତ୍ତା, ନୂତନ ରାସନ୍ କାର୍ଡ, ଅନ୍ତୋଦୟ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରା ଯାଇଥିଲା। ଏହି ଅବସରରେ ଜଙ୍ଗଲ ବିଭାଗ ଦ୍ୱାରା ଚାରାରୋପଣ ମଧ୍ୟ ହୋଇଥିଲା।

## ଆଉ ଶୁଭୁନି ଘୋଘୋ ନଣ୍ଡିଆର ଘୁଁଘୁଁ ଶବ୍ଦ

ପାଇକମାଳ, ୧୩।୬(ସମିସ): ଆଉ ଶୁଭୁନି ଘୋଘୋ ନଣ୍ଡିଆର ଘୁଁଘୁଁ ଶବ୍ଦ। ସମୟ ଥିଲା ଗାଁ ଗାଁରେ ଆସି ଘୋଘୋ ନଣ୍ଡିଆ ବୁଲୁଥିଲା। ଘୁଁଘୁଁ ବାଜାରେ ଗାଁର ପିଲାମାନେ ଘୋଘୋ ନଣ୍ଡିଆ ବଳଦକୁ ଦେଖି ଖୁସିରେ ନାଚି ଉଠୁଥିଲେ। ଛତିଶଗଡ଼ ରାଜ୍ୟର ଭାଟ୍ ସମ୍ପ୍ରଦାୟ ଲୋକ ତାଙ୍କ ସଜ୍ଜିତ ବଳଦକୁ ଆଣି ଗାଁ ଗାଁରେ ବୁଲାଇଥାନ୍ତି। ସେହି ସୁସଜ୍ଜିତ ବଳଦକୁ ଘୋଘୋ ନଣ୍ଡିଆ ବଳଦ ବୋଲି ସମସ୍ତେ କହିଥାନ୍ତି। ପୁରାଣରେ ଶିବଙ୍କ ବାହନ ଷଣ୍ଢ ତଥା ନନ୍ଦି ବୋଲି ବର୍ଣ୍ଣନା ରହିଛି। ମହାଦେବ ଶିବଙ୍କର ନନ୍ଦି ଅତି ପ୍ରିୟ। ତେଣୁ ଶୈବଙ୍କ ମଧ୍ୟରେ ନନ୍ଦିକୁ ସନ୍ତୁଷ୍ଟ କରିପାରିଲେ ଶୀଘ୍ର ଶିବଙ୍କ ଦର୍ଶନ ମିଳେ ବୋଲି ବିଶ୍ୱାସ ରହିଛି। ପ୍ରତ୍ୟେକ ଶୈବ ପୀଠରେ ଶିବ ମନ୍ଦିର ଆଗରେ ଭକ୍ତ ଷଣ୍ଢ ବା ନନ୍ଦିକୁ ପ୍ରଥମେ ପୂଜାକରି ଶିବଙ୍କୁ ପୂଜା କରିଥାନ୍ତି। ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଭାଟ୍ ସମ୍ପ୍ରଦାୟ



ଲୋକେ ବଳଦକୁ ସୁସଜ୍ଜିତ କରି ଶିବ ଉପାଖ୍ୟାନ ଗୀତ ସହିତ ଘୁଁଘୁଁ ବାଜା ବଜାଇ ଗାଁ ଗାଁକୁ ଆସି ନନ୍ଦି ଭାବରେ ବଳଦକୁ ବୁଲାଇଥାନ୍ତି। ଗାଁ ଲୋକେ ଘୁଁଘୁଁ ବାଜା ଶବ୍ଦ ସହିତ ନନ୍ଦି ଭଳି ସଜ୍ଜିତ ବଳଦକୁ ଦେଖି ଘୋଘୋ ନଣ୍ଡିଆ ଆସୁଛି ବୋଲି କହିଥାନ୍ତି। ଘୋଘୋ ନଣ୍ଡିଆକୁ ଦେଖି ପିଲାଠୁ ବୁଢ଼ା ସମସ୍ତେ ଖୁସି ହୁଅନ୍ତି। ଘୋଘୋ ନଣ୍ଡିଆକୁ ପାଣି ଢାଳି, ଧାନ ଚାଉଳ ଦେଇ ଶିବଙ୍କ ଉଦ୍ଦେଶ୍ୟରେ ପୂଜା କରିଥାନ୍ତି। ପାଇକମାଳ ବ୍ଲକ ମାଣ୍ଡୋସିଲ ଅଞ୍ଚଳରେ ଜାମସେଠ, ଭେରୁଆମୁଣ୍ଡା, ଡୁଡୁକିଝରିଆ ଆଦି ଗାଁରେ ଛତିଶଗଡ଼ରୁ ଘୋଘୋ ନଣ୍ଡିଆ ବଳଦକୁ କିଛି ଲୋକ ବୁଲାଇ ଆଣିଥିଲେ। ଛତିଶଗଡ଼ ମହାସମୁନ୍ଦ ଜିଲ୍ଲା ଲଖନପୁର ଅଞ୍ଚଳର ରାଜରାମ ଦୋଶୀ ତାଙ୍କ ସହଯୋଗୀ ମାନଙ୍କ ସହିତ ଆସି ଗାଁ ଗାଁରେ ଘୋଘୋ ନଣ୍ଡିଆ ବୁଲାଇଥିଲେ। ତାଙ୍କ ପୂର୍ବପୁରୁଷ ଅମଳରୁ ଘୋଘୋ ନଣ୍ଡିଆ ବୁଲାଉଥିବା ରାଜାରାମ ପ୍ରକାଶ କରିଥିଲେ।

# ସିସିଟିଭି ଜଗୁଛି ଧାନମଣ୍ଡି, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କଣ୍ଟ୍ରୋଲରୁମ୍




**ବରଗଡ଼, ୧୩।୬(ସମିସ):** ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ନିର୍ଦ୍ଦେଶ କ୍ରମେ ଧାନ କିଣାବିକାକୁ ନେଇ କଡ଼ା ବ୍ୟବସ୍ଥା କରାଯାଇଛି। ମଣ୍ଡିରେ ଦଲାଲରାଜ ଓ ପଡ଼ୋଶୀ ରାଜ୍ୟରୁ ଚୋରା ଧାନ ରୋକିବା ପାଇଁ ରାଜ୍ୟ ସରକାରଙ୍କ ଅଭିନବ ପ୍ରାୟାସରେ ମଣ୍ଡିକୁ ଏବେ ସିସିଟିଭି କ୍ୟାମେରା ଜଗୁଛି। ରବି ଋତୁ ଧାନ କିଣାବିକାରେ ସ୍ୱଚ୍ଛତା ଆଣିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବରଗଡ଼ ଜିଲ୍ଲାର ଅତାବିରା, ପଦ୍ମପୁର, ବରଗଡ଼ ଆରଏମ୍‌ସି ଅଧୀନସ୍ଥ ୧୮୯ଟି ମାର୍କେଟ ୟାର୍ଡରେ ଧାନ କିଣାବିକା କରାଯାଉଛି। ଏସବୁ ମଣ୍ଡି ବ୍ୟବସ୍ଥାକୁ ଜିଲ୍ଲାସ୍ତରରେ ନିରୀକ୍ଷଣ କରାଯାଉଛି। ଧାନ ବିକ୍ରି ବେଳେ ସ୍ୱଚ୍ଛତା ପାଇଁ ପ୍ରଥମ ଥର ଖରିଫ ଋତୁରେ ସରକାର ଜିଲ୍ଲାସ୍ତରରେ ନିରୀକ୍ଷଣ କକ୍ଷ ବ୍ୟବସ୍ଥା ଆରମ୍ଭ କରିଥିଲେ। ଏଥର ରବି ଋତୁରେ ମଧ୍ୟ ସରକାର ଏହି ବ୍ୟବସ୍ଥା ଲାଗୁ କରିଛନ୍ତି। ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ କାର୍ଯ୍ୟାଳୟରେ ନିରୀକ୍ଷଣ କକ୍ଷ ଖୋଲାଯାଇଛି। ଅଧିକାରୀମାନେ ସକାଳ ୬ ରୁ ରାତି ୮ ପର୍ଯ୍ୟନ୍ତ ନିରୀକ୍ଷଣ କରୁଛନ୍ତି। ଚାଷୀଙ୍କ ସୁବିଧା ପାଇଁ ସ୍ୱତନ୍ତ୍ର ଭାବେ ଟୋଲ ଫ୍ରି ନମ୍ବର ବ୍ୟବସ୍ଥା ମଧ୍ୟ କରାଯାଇଛି। ଓଡ଼ିଶା ଛତିଶଗଡ଼ ସୀମାରେ ଥିବା ପ୍ରକାଶ ପୁର, ଲୁହୁରା ଚଟି, ଧୁମା ଭଟ୍ଟା ଛକ, ଝାରବନ୍ଧ ସୀମା, ମାଣ୍ଡୋସିଲ ସୀମାକୁ ମିଶାଇ ମଣ୍ଡି ଗୁଡ଼ିକରେ ମୋଟ ୧୮୫ ଟି ସିସିଟିଭି ଲଗାଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲ୍ଲା ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ପ୍ରାୟ ୨୦ ଲକ୍ଷ ଟଙ୍କାର ୩ଟି ଗାଡ଼ିରୁ ଚୋରା ଧାନ ଜବତ କରାଯାଇଛି। ଧାନ କିଣାରେ ସବୁ ପ୍ରକାର ସ୍ୱଚ୍ଛତା ଅବଲମ୍ବନ କରାଯିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

ଅସହାୟ ରବୀନ୍ଦ୍ରଙ୍କ ଦୁଃଖ

# ଦୁର୍ଘଟଣାରେ ଗୋଡ଼ ହରାଇ ପରିବାର ଚଳାଇବାକୁ ଅସମର୍ଥ

**ବରଗଡ଼, ୧୩।୬(ସମିସ):**



ବରଗଡ଼ ଜିଲ୍ଲା ବରଗାଁ ଗାଁର ରବୀନ୍ଦ୍ର କୁମ୍ଭାର ବର୍ଷେ ତଳେ ବରଗଡ଼ ଘରୋଇ ବସଷ୍ଟାଣ୍ଡ ପାଖରେ ଏକ ବସ ସହ ଦୁର୍ଘଟଣାରେ ଗୋଡ଼ରେ ଭୀଷଣ ଆଘାତ ପାଇଥିଲେ। ସେବେ ନିଷ୍ଠା ପରିବାରର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ ତାଙ୍କୁ ବୁର୍ଲା ମେଡିକାଲକୁ ନେଇଥିଲେ। ସେଠାରୁ ଡାକ୍ତର ତାଙ୍କୁ କଟକ ଏସ୍‌ସିବି ଡାକ୍ତରଖାନାକୁ ପଠାଇଥିଲେ। ଏସ୍‌ସିବିରେ ତାଙ୍କର ପ୍ଲାଷ୍ଟିକ ସର୍ଜରୀ ହୋଇଥିଲା। କିନ୍ତୁ କିଛି ମାସ ପରେ ତାଙ୍କର ଗୋଡ଼ ଆଉ କାମ ଦେଲାନାହିଁ। ଆର୍ଥିକ ସ୍ଥିତି ଖରାପ ଥିବାରୁ ଚିକିତ୍ସା ମଧ୍ୟ କରାଇ ପାରିଲେ ନାହିଁ। ଏବେ ସେ ସମ୍ପୂର୍ଣ୍ଣ ଭାବେ ଅକର୍ମଣ୍ୟ ହୋଇ ପଡ଼ିଛନ୍ତି। ରୋଜଗାର ବୋଲି କିଛି ନାହିଁ। ଘରେ ତାଙ୍କ ସ୍ତ୍ରୀ ଶିବାନୀ କୁମ୍ଭାର, ଗୋଟିଏ ୬ ବର୍ଷର ଝିଅ ଓ ୪ ବର୍ଷର ପୁଅ ରହିଛନ୍ତି। ସେମାନଙ୍କ ପ୍ରତିପୋଷଣ ସହ ପିଲାଙ୍କ ପାଠ ପଢ଼ା ଚିନ୍ତାରେ ସବୁବେଳେ ଆଖିରୁ ଲୁହ ଝରୁଛି। ଅର୍ଥ ଅଭାବରୁ ସେ ଆଉ ଚିକିତ୍ସିତ ନ ହୋଇ ଘରେ ପଡ଼ି ରହିଛନ୍ତି। ପରିବାର ଚଳିବା ପାଇଁ ଯେଉଁଠି ଟଙ୍କା ପଇସା ନାହିଁ ସେଠି ଔଷଧ କିଣି ଖାଇବେ କିପରି। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତୁରନ୍ତ ତାଙ୍କ ଚିକିତ୍ସା ପାଇଁ କିଛି ସାହାଯ୍ୟ କଲେ ସେ ଚାଲି ପାରିବା ସହ ପରିବାର ଚଳେଇବାକୁ ସକ୍ଷମ ହେବେ ଓ ତାଙ୍କ ପରିବାରକୁ ଖୁସି ଫେରି ପାରିବ ବୋଲି ସେ ଆଶା ବାନ୍ଧିଛନ୍ତି। ସାଙ୍ଗସାଥିଙ୍କ କିଛି ସହଯୋଗରୁ ବହୁ କଷ୍ଟରେ ପରିବାରର ସମସ୍ତେ ବଞ୍ଚିଛୁ ବୋଲି ଲୁହ ଭରା ଆଖିରେ ରବୀନ୍ଦ୍ର କହିଛନ୍ତି।

## ବରଗଡ଼ରୁ ପ୍ରୟାଗରାଜ ଟ୍ରେନ୍ ଚଳାଚଳ ଦାବି ରଖିଲା ଜାବ୍

**ବରଗଡ଼, ୧୩।୬(ସମିସ):** ଜର୍ନାଲିଷ୍ଟ ଆସୋସିଏସନ ଅଫ୍ ବରଗଡ଼ (ଜାବ) ପକ୍ଷରୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କୁ ବରଗଡ଼ରୁ ସିଧାସଳଖ ପ୍ରୟାଗରାଜକୁ ଟ୍ରେନ ଚଳାଚଳ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସଭାପତି ରବି ପଣ୍ଡାଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀ ଶ୍ରୀ ପୁରୋହିତଙ୍କୁ ଏହି ଦାବି ଜଣାଇଛନ୍ତି। ଦେବଭୂମି ପ୍ରୟାଗରାଜର ଆଧ୍ୟାତ୍ମିକ ମହତ୍ତ୍ୱ ଏବଂ ଗଙ୍ଗା, ଯମୁନା, ସରସ୍ୱତୀଙ୍କ ମିଳନ ସ୍ଥଳ ହିନ୍ଦୁ ମାନଙ୍କ ପାଇଁ ପବିତ୍ର ଧର୍ମ ସ୍ଥଳ ଅଟେ। ପଶ୍ଚିମ ଓଡ଼ିଶାର ଜନ ସାଧାରଣ ପବିତ୍ର ସଙ୍ଗମ ସ୍ଥଳୀରେ ଅସ୍ଥି ବିସର୍ଜନ ପାଇଁ ତଥା ଧାର୍ମିକ ଆସ୍ଥା ପାଇଁ ପ୍ରୟାଗରାଜ ଯାତାୟାତ କରି ଥାଆନ୍ତି। ଏଥିପାଇଁ ସେମାନଙ୍କୁ ସବୁବେଳେ ସମ୍ବଲପୁର, ଝାରସୁଗୁଡ଼ା ନହେଲେ ରାୟପୁର, ବିଲାସପୁର, କଟନି ଜଙ୍କସନ୍ ଉପରେ ଟ୍ରେନ ପାଇଁ ନିର୍ଭରଶୀଳ ହେବାକୁ ପଡ଼ିଥାଏ। ଏହା ସମୟ ସାପେକ୍ଷ ହେବା ସହ ଜନସାଧାରଣଙ୍କୁ ବହୁ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ବରଗଡ଼ରୋଡରୁ ବା ବରଗଡ଼ରୋଡ ଦେଇ ପ୍ରୟାଗରାଜକୁ ସିଧାସଳଖ ଟ୍ରେନ ଚଳାଚଳ ହେଲେ ୬ ଘଣ୍ଟାରୁ ୮ ଘଣ୍ଟା ଯାତ୍ରା ସମୟ କମିବ। ଏହାସହ ଅଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ଯାତ୍ରା କରିବା ଫଳରେ ପ୍ରୟାଗରାଜରେ ପର୍ଯ୍ୟଟନର ବିକାଶ ହେବ, ବରିଷ୍ଠ ନାଗରିକ ତଥା ସାଧାରଣ ନାଗରିକ ନିରାପଦ ଓ ସୁଖଦ ଯାତ୍ରା ଅନୁଭୂତି ଲାଭ କରିବେ, ଅନ୍ୟ ଷ୍ଟେସନରୁ ଚଳାଚଳ କରୁଥିବା ଟ୍ରେନ ଗୁଡ଼ିକରେ ଭିଡ଼ କମିବ, ରେଲୱେର ରାଜସ୍ୱ ଆଦାୟ ବଢ଼ିବ, ଓଡ଼ିଶା ଓ ପ୍ରୟାଗରାଜ ବାସୀଙ୍କ ମଧ୍ୟରେ ସାଂସ୍କୃତିକ ଓ ଆଧ୍ୟାତ୍ମିକ ସମ୍ପର୍କ ବଢ଼ିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହାସହ ଏହି ପ୍ରକଳ୍ପ ପାଇଁ ପୁରୁଣା ଭିତ୍ତିଭୂମିରେ ଟ୍ରେନ ଚଳାଚଳ କରାଯାଇ ପାରୁଥିବାରୁ ରେଲୱେକୁ ଅଧିକ ଭିତ୍ତିଭୂମିର ଆବଶ୍ୟକତା ପଡ଼ିବ ନାହିଁ ବୋଲି ମଧ୍ୟ ଦାବିପତ୍ରରେ ଉଲ୍ଲେଖ ରହିଛି। ଜନସାଧାରଣଙ୍କ ଦାବିକୁ ସାଂସଦ କେନ୍ଦ୍ର ରେଳମନ୍ତ୍ରୀଙ୍କ ପାଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି।

## ଝାଡ଼ାବାନ୍ତି ଆକ୍ରାନ୍ତ ଅଞ୍ଚଳରେ ବିଧାୟକ

# ମୃତକଙ୍କ ପରିବାରକୁ ଭେଟିଲେ

**ବାରିକପୁର,୧୩।୬(ସମିସ)**

ଭଣ୍ଡାରିପୋଖରୀ ବ୍ଲକ ମାଳଦା ଓ ଷୋଳମପୁର ଗ୍ରାମପଞ୍ଚାୟତ ଅଧୀନ କେତେକ ଗାଁରେ ଦୁଇ ତିନି ଦିନ ହେବ ଝାଡ଼ାବାନ୍ତି ବ୍ୟାପୁଥିବା ଜଣାପଡିଛି। କେତେକ ଆକ୍ରାନ୍ତ ମେଡିକାଲରୁ ଚିକିତ୍ସିତ ହୋଇ ଘରକୁ ଫେରିଥିବା ବେଳେ ଆହୁରି କେତେକ ଏବେବି ଚିକିତ୍ସାଧୀନ ଅଛନ୍ତି। ଏ ସଂପର୍କରେ ଖବର ପାଇବା ପରେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ପ୍ରଥମେ ଯାଜପୁର ମେଡିକାଲ ଓ ପରେ ଆକ୍ରାନ୍ତ ଗାଁକୁ ଯାଇ ରୋଗୀମାନଙ୍କୁ ଭେଟିବା ସହିତ ଉନ୍ନତ ମାନର ଚିକିତ୍ସା ଯୋଗାଇ ଦେବା ଉପରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କ ସହିତ ବିଭିନ୍ନ ଆଲୋଚନା କରିଛନ୍ତି। ବିଧାୟକ ପ୍ରଥମେ ଦାଣ୍ଡକୂଳ, ମଣିନାଥପୁର ଓ ମୁଡାପଦା ଠାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାପରେ ଜଳହରି କବି ସାହିଠାରେ ପହଞ୍ଚି ଝାଡ଼ାବାନ୍ତିରେ ମୃତ ବରଣ କରିଥିବା ଗୋଲଖ କବିଙ୍କ ପରିବାର ବର୍ଗଙ୍କୁ ଭେଟି



ସମବେଦନା ଜଣାଇଛନ୍ତି। ଉପସ୍ଥିତ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର କମଳାକାନ୍ତ ସ୍ୱାଇଁଙ୍କ ସହିତ ଝାଡ଼ାବାନ୍ତି ବ୍ୟାପୁଥିବା ଗ୍ରାମରେ କେଉଁ ଭଳି ନିରାକରଣ ବ୍ୟବସ୍ଥା ଗ୍ରହଣ କରାଯାଇଛି ସେନେଇ ବିଧାୟକ ବିସ୍ତୃତ ଆଲୋଚନା କରିଥିଲେ। ଏହାଛଡା ଆକ୍ରାନ୍ତ ଅଞ୍ଚଳରେ ସମସ୍ତ ପ୍ରକାରର ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ପରିଦର୍ଶନ ସମୟରେ ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ସରପଞ୍ଚ ପରମାନନ୍ଦ ନାୟକ, ମିନତୀ ପରିଡା, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପୃଥିରାଜ ପୋଥାଳ, ସୁପରଭାଇଜର ନବଘନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡା ଯୁବ ନେତା ମୁକୁନ୍ଦ ଚରଣ ମଲ୍ଲିକ, ମୋହନ କୁମାର ରାୟ, ପ୍ରତ୍ୟୁଷ କୁମାର ସାମଲ, ସୁରଥ ଦାସ, ଭାଗିରଥି ପରିଡା, ବିଦ୍ୟାଧର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।

## ବନ୍ଧୁକ ଦେଖାଇ ଲୁଟ୍ ଘଟଣା
# ଏସ୍‌ପିଙ୍କ ତଦନ୍ତ ଆରମ୍ଭ

**ତିହିଡ଼ି,୧୩।୬(ସମିସ):** ତିହିଡି ଉପକଣ୍ଠ କସ୍କୋ ବଜାର ନିକଟବର୍ତ୍ତୀ ଏୟୁସ୍ମଲ ଫାଇନାନ୍ସ ବ୍ୟାଙ୍କ କାର୍ଯ୍ୟାଳୟରେ କର୍ମଚାରୀମାନଙ୍କୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ଟଙ୍କା ଲୁଟ ଘଟଣାର ଆଜି ଭଦ୍ରକ ଏସ୍‌ପି ଓ ତିହିଡ଼ି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛନ୍ତି। ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଓ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ ଘଟଣାସ୍ଥଳରେ ପହଞ୍ଚି କର୍ମଚାରୀଙ୍କୁ ପଚରା ଉଚୁରା କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୩ ଜଣ ବ୍ୟକ୍ତି ହେଲମେଟ୍ ପିନ୍ଧି କମ୍ପାନୀ କାର୍ଯ୍ୟାଳୟରେ ପ୍ରବେଶ କରିଥିଲେ। ବନ୍ଧୁକ ଓ ଛୁରି ଦେଖାଇ କମ୍ପାନୀ କାର୍ଯ୍ୟାଳୟରେ ଥିବା ୪ ଜଣ କର୍ମଚାରୀଙ୍କୁ ଭୟଭୀତ କରିବା ସହ ଟଙ୍କା ଲୁଟିନେଇଥିଲେ। କର୍ମଚାରୀଙ୍କର ୪ଟି ମୋବାଇଲ ଫୋନ ମଧ୍ୟ ଛଡ଼ାଇ ନେଇ ବାହାର ପାଖରୁ ସଟର ବନ୍ଦ କରି ଚମ୍ପଟ ମାରିଥିଲେ। ଭୟଭୀତ କର୍ମଚାରୀ ଭିତରୁ ବିକଳ ହୋଇ ସଟର ବାଡ଼େଇବା ପରେ ଶୁଣି ଘର ମାଲିକଙ୍କୁ ଜଣାଇଥିଲେ। ପାଖରେ ଥିବା ଜଣେ ବ୍ୟକ୍ତି ଏହା ଘର ମାଲିକ ଓ ଅନ୍ୟମାନେ ସଟର ଖୋଲିବା ପରେ ସମସ୍ତ ଘଟଣା ଜାଣିବାକୁ ପାଇଥିଲେ। ତେବେ ଏନେଇ ତିହିଡି ଥାନାରେ ଏକ ମାମଲା ହେଇଥିବ ଜଣାପଡ଼ିଛି। ତିହିଡି ପୁଲିସ ସବୁ ଦିଗରୁ ଛାନ୍‌ଭିନ କରୁଛି। ସବୁ ଜାଗାରେ ସିସିଟିଭି ତନ୍ନତନ୍ନ କରି ଦେଖୁଛି। ପ୍ରାୟ ସାଢ଼େ ସାତ ଲକ୍ଷ ଟଙ୍କା ଲୁଟ୍ ହୋଇଥିବା କୁହାଯାଉଛି।

# ବିମାନ ଦୁର୍ଘଟଣା ମୃତକଙ୍କ ପାଇଁ ମହମବତି ଶୋଭାଯାତ୍ରା

**ଭଦ୍ରକ,୧୩।୬(ସମିସ):** ଗତକାଲି ମଧ୍ୟାହ୍ନ ସମୟରେ ଗୁଜୁରାଟର ଅହମ୍ମଦାବାଦ ଏୟାରପୋର୍ଟରେ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କଚେରୀ ବଜାର ମା'




ବଙ୍କବାସୁଣୀ ମନ୍ଦିର ପ୍ରାଙ୍ଗଣରୁ ପୂଜାର୍ଚ୍ଚନା ପରେ ଟାଉନହଲ ଛକ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି, ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର, ଉପଦେଷ୍ଟା ଅଜୟ କୁମାର ନାୟକ, ଇନ୍ଦ୍ରମଣି ପଣ୍ଡା, ପୁରୁଣା ବଜାର ସଂଘର ଉପଦେଷ୍ଟା ସୁଧାକର ରାଉତ ଓ ମହାସଂଘର ସଦସ୍ୟ ଦିଲ୍ଲୀପ ନାୟକ, ରାଧାରାଣୀ ମହାପାତ୍ର, କୈଳାଶ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ଦେ, ମୁକ୍ତିକାନ୍ତ ମହାପାତ୍ର, ସଂଯୁକ୍ତା ଯାଦବ, ପ୍ରଦୀପ ବଳ, ବିଜୟ କୁମାର ପଣ୍ଡା, ଲକ୍ଷ୍ମୀକାନ୍ତ ବାରିକ, ତରୁଣ କୁମାର ସାମାନୀ, ଗୌରାଙ୍ଗ ବାରିକ, ଶାନ୍ତିଲତା ବାରିକ, ବାବୁଲାଲ ଦାସ, ପବନ ଶର୍ମା, ଶ୍ୟାମସୁନ୍ଦର ଦାସ, ଯୁଧିଷ୍ଠିର ବାରିକ ଗଦାଧର ବଳ, ମନୋରଞ୍ଜନ ମହାନ୍ତି, ବୈଲୋଚନ ବେଉରିଆ, ଜଗନ୍ନାଥ ରାଉତ,ଏମଡି, ମୋକିତ ଖାଁ, କଲାମ ଖାନ, ଶତାଧିକ ବ୍ୟକ୍ତି ବିମାନ ଦୁର୍ଘଟଣାରେ ଆକସ୍ମିକ ମୃତ୍ୟୁରେ ଜିଲ୍ଲାବାସୀଙ୍କ ତରଫରୁ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ପଥପ୍ରାନ୍ତ ସଭା ମାଧ୍ୟମରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ଜଗତର ନାଥ ଶ୍ରୀଜଗନ୍ନାଥ ଓ ଆମର ଆରାଧ୍ୟ ଦେବୀ ମା' ଭଦ୍ରକାଳୀ, ବାବା ଆଖଣ୍ଡଳମଣିଙ୍କ ଠାରେ ପ୍ରାର୍ଥନା କରିଥିଲେ।

# ଥାନାରେ ଅଟକ ଥିବା ଯୁବକ ଫେରାର

**ବାସୁଦେବପୁର,୧୩।୬(ସମିସ):** ବାସୁଦେବପୁର ଥାନାର ଏକ ମାମଲାର ତଦନ୍ତ ପାଇଁ ଅଟକ ଥିବା ସାବରପୁର ଗ୍ରାମର ସେଖ୍ ଲାଲିଆ ଥାନାରୁ ଫେରାର ହୋଇଯାଇଛି। ବାସୁଦେବପୁର ଥାନାର ଦିନକୁ ଦିନ କେଶ୍ ବୃଦ୍ଧି ପାଉଛନ୍ତି। ଥାନାର କର୍ମଚାରୀ ଅଭାବ ଯୋଗୁଁ ବିଭିନ୍ନ ସ୍ଥାନରେ ଚୋରି ବୃଦ୍ଧି ପାଇଛି। ଗତ ତିନିଦିନ ତଳେ ଏକ ମାମଲାରେ ସାବରପୁର ଗ୍ରାମର ସେଖ୍ ଜାଫୁଙ୍କ ପୁଅ ସେଖ ଲାଲିଆଙ୍କୁ ପୁଲିସ ଥାନାର ଅଟକ ରଖି ପଚରାଉଚରା କରୁଥିଲେ। ଲାଲିଆ ପୁଲିସର ବଳୟ ଭେଦକରି ଥାନାରୁ ଚମ୍ପଟ ମାରିଛି। ଲାଲିଆ ଥାନାରୁ ଚମ୍ପଟ ମାରିବା ପରେ ପୁଲିସର ନିଦ ହଜି ଯାଇଛି। ବିଭିନ୍ନ ସ୍ଥାନରେ ତନ୍ନ ତନ୍ନ କରି ଲାଲିଆକୁ ଖୋଜି ବୁଲୁଛି। ଆଜି ପର୍ଯ୍ୟନ୍ତ କୌଣସି ସୁରାକ ପାଇ ନଥିବାର ବିଶେଷ ସୂତ୍ରରୁ ଜଣାଯାଇଛି।

# ପୂର୍ବତନ ଡାକ ଅଧିକାରୀଙ୍କ ପରଲୋକ



**ଭଦ୍ରକ,୧୩।୬(ସମିସ):** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଦୌଲତପୁର ପଞ୍ଚାୟତ ଅର୍ଜ୍ଜୁନିବିନ୍ଧା ଗାଁର ଗଙ୍ଗାଧର ବିଶ୍ୱାଳଙ୍କର ମୃତ୍ୟୁ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିଲା। ସେ ପ୍ରଥମେ ପୀରହାଟ ସବ୍‌ପୋଷ୍ଟ ଅଫିସରେ ହେଡ ପୋଷ୍ଟ ମାଷ୍ଟର ଥିଲେ। ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ପୋଷ୍ଟ ଅଫିସରୁ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟଙ୍କ ପଦରେ ଅବସ୍ଥାପିତ ଥିଲେ। ଏହି ପୋଷ୍ଟ ଅଫିସରୁ ସେ ଅବସର ନେଇଥିଲେ। ବାର୍ଦ୍ଧକ୍ୟ ଜନିତ ରୋଗରେ ସେ କିଛି ବର୍ଷ ପୀଡ଼ିତ ଥିଲେ। ଆଜି ଅର୍ଜ୍ଜୁନିବିନ୍ଧା ଗାଁର ନିଜ ଘରେ ତାଙ୍କର ମୃତ୍ୟୁ ହୋଇଯାଇଛି। ସେ ଜଣେ ପରୋପକାରୀ, ମେଳାପୀ, ସରଳ ପ୍ରକୃତିର ଲୋକଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ସୁଦର୍ଶନ ବିଶ୍ୱାଳ, ସୁରେଶ ବିଶ୍ୱାଳ, ସୁଭାସ ବିଶ୍ୱାଳ, ଜ୍ୱାଇଁ ଜିତେନ୍ଦ୍ର ନାୟକ, ଅମୂଲ୍ୟ ରାଉତ, ବୋହୂ ପ୍ରଭାତି ବଳ, ମିନାକ୍ଷୀ ବିଶ୍ୱାଳ, ମିଲୁରାଣୀ ବିଶ୍ୱାଳ, ଝରଣା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପଞ୍ଚାୟତର ଜନପ୍ରତିନିଧି, ରାଜନେତାଙ୍କ ସମେତ ଗ୍ରାମବାସୀ ତାଙ୍କୁ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

# ଗୋବନ୍ଧ୍ୟା ନିରାକରଣ ଶିବିର



**ଭଦ୍ରକ/ ମଞ୍ଜୁରୀ ରୋଡ,୧୩।୬(ସମିସ):** ଭଦ୍ରକ ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଗୋବନ୍ଧ୍ୟା ନିରାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ମଞ୍ଜୁରୀ ରୋଡ ନିକଟସ୍ଥ ନାଆମୀ ଠାରେ ଏହି ନିରାକରଣ ଶିବିର ଆୟୋଜନ ହୋଇଥିଲା। ଏଥିରେ ଜିଲ୍ଲା ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ସୁନୀଲ କୁମାର ଭୂୟାଁ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଦେବ ପ୍ରକାଶ ସାହୁ, ସହକାରୀ ଅଧିକାରୀ ଦେବାଶିଷ ହୋତା, ପ୍ରାଣୀ ଧନ ନୀରିକ୍ଷକ ତାପସ କୁମାର ରାଉତ,ବିଟଲ କୁମାର ମଣ୍ଡଳ, ସୁବ୍ରତ କୁମାର ରାଉତ, ପ୍ରମୁଖ ଯୋଗ ଦେଇ ଗୋ ସମ୍ପଦ ଉପରେ ପରାମର୍ଶ ଦେଇଥିଲେ। ଏହାଛଡା ଗୋବନ୍ଧ୍ୟା ନିରାକରଣ ଓ ଉପକାରିତା ସମ୍ପର୍କରେ ଗୋ ପାଳକ ମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହାଛଡା ଚିକିତ୍ସକ ମାନେ ଗାଈଗୋରୁ ମାନଙ୍କୁ ବିଭିନ୍ନ ପ୍ରକାରର ପରୀକ୍ଷା ନିରୀକ୍ଷା କରିଥିଲେ। ସେହିଭଳି ରଣଜିତ୍ ପଞ୍ଚାୟତ ନୀଳାଦ୍ରି ଓ ନିର୍ଗୁଣ୍ଡି ଠାରେ ମଧ୍ୟ ଦିନିକିଆ ଶିବିର ଆୟୋଜନ ହୋଇଥିବା ସୂଚନା ଦିଆଯାଇଛି।

# ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ରଜ ଆସର



**ବାରିକପୁର,୧୩।୬(ସମିସ):** ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ରଜ ଆସର ଓ କବିତା ପାଠୋତ୍ସବ ସ୍ଥାନୀୟ ଶାରଦା ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଭରତ ଚନ୍ଦ୍ର କରଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କବି ଡ. ଅବନୀ ପ୍ରଧାନ, ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ପୁରୁଷୋତ୍ତମ ଧଳ, ସମ୍ମାନିତ ଅତିଥି ଭାବେ ଶାରଦା ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗନ୍ନାଥ ନାୟକ, 'ପବନସୁତ'ର ସମ୍ପାଦକ ଦାମୋଦର ନାୟକ ପ୍ରମୁଖ ଯୋଗ ଦେଇ ଅନୁଭବ ଓ ଅନୁଭୂତିରୁ କବିତା ସୃଷ୍ଟି ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସାହିତ୍ୟ ସଂସଦ ସମ୍ପାଦକ ସମ୍ପାଦକ ପବନ କୁମାର ନାୟକ ଅତିଥି ପରିଚୟ ସହିତ ଆଭିମୁଖ୍ୟ ପ୍ରଦାନ କରିଥିବା ବେଳେ ରମାକାନ୍ତ ବେହେରା ଧନ୍ୟବାଦ ପ୍ରଦାନ ଅର୍ପଣ କରିଥିଲେ। ଏହି ଅବସରରେ ଶଶାଙ୍କ ଶେଖର ପଣ୍ଡା ଓ ରାଜେଶ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ରାଜଶ୍ରୀ ଓଝା, ରୀନାରାଣୀ ପଣ୍ଡା, ରଶ୍ମିତା ବେହେରା, ଜଗନ୍ନାଥ ସାମଲ, ମୁରଲୀଧର ଦାସ, ରମାକାନ୍ତ ବେହେରା, ଉପେନ୍ଦ୍ର ପରିଡା, ସନ୍ତୋଷ କୁମାର କର, ପ୍ରଣାକୃଷ୍ଣ ସାହୁ, ରାଜେଶ ବିଶ୍ୱାଳ, ଶଶାଙ୍କ ପଣ୍ଡା,ପ୍ରଭାକର ସାହୁ ପ୍ରମୁଖ କବିତା ପାଠ କରିଥିଲେ। ବାପି ସାହୁ ଓ ବସନ୍ତ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିଶୁ ଶ୍ରମନିରୋଧ ଦିବସ ପାଳିତ



**ଭଦ୍ରକ,୧୩।୬(ସମିସ):** ଆଇନ୍ ସେବା ପ୍ରାଧିକରଣ ଭଦ୍ରକ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଯୋଗୀଋଷି ଲଛମନ ଦାସ ଶିଶୁ ଆଶ୍ରମ ଦୋଳସାହିଠାରେ ବିଶ୍ୱ ଶିଶୁ ଶ୍ରମନିରୋଧ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ ପୂଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଲ୍‌ଏଡିସ୍‌ଏସ୍ ସହାୟକ, ଭଦ୍ରକ ତାପସ କୁମାର ମହାନ୍ତି, ଜିଲ୍ଲା ଶିଶୁ ଯତ୍ନ ଅଧିକାରୀ, ଭଦ୍ରକ ଅବିନାଶ ମହାନ୍ତି, ଶ୍ରମବିଭାଗ ଅଧିକାରୀ, ଭଦ୍ରକ ସହାୟକ ଲୋକନାଥ ଦାସ, ସଂପାଦକ ଲୋକନାଥ ପତି, ଅଧିକ୍ଷକ ଜ୍ୟୋତି ପ୍ରକାଶ ପତି, ଯୋଗି ଋଷି ଲଛମନ ଦାସ ଶିଶୁ ଆଶ୍ରମ ଭଦ୍ରକ ତଥା ଏହି ଆଶ୍ରମର ପିଲାମାନଙ୍କ ସମେତ ସମସ୍ତ କର୍ମୀଗଣ ଯୋଗ ଦେଇଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀମାନେ ଏହି କାର୍ଯ୍ୟକ୍ରମରେ ସଂପୂର୍ଣ୍ଣ ସହଯୋଗ କରି ସଫଳ କରାଇଥିଲେ। ଉପସ୍ଥିତ ଥିବା ଅତିଥିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରମାନଙ୍କୁ ଶିଶୁ ଶ୍ରମିକ ବିରୋଧରେ ସଚେତନ କରାଇଥିଲେ। ଶିଶୁ ଶ୍ରମିକ ଏକ ସାମାଜିକ ବ୍ୟାଧି ହୋଇ ସମାଜର ଅହିତ ସାଧନ କରୁଛି। ଆମଦେଶର ଶିଶୁ ଆଗାମୀ କାଲିର ଭବିଷ୍ୟତ। ହେଟେଲ୍‌ରେ, ଗ୍ୟାରେଜରେ କିମ୍ବା କୌଣସି ଦୋକାନରେ ଯଦି ୧୮ ବର୍ଷରୁ କମ୍ ଶିଶୁ (କିଶୋର/କିଶୋରୀ) ଏଭଳି କାର୍ଯ୍ୟରେ ଲିପ୍ତ ରହନ୍ତି ଯାହା ଆଇନ୍ ଦୃଷ୍ଟିରେ ଅପରାଧ କିମ୍ବା ଆଇନ୍ ବିରୋଧି। ତେବେ ଏସବୁ ସଂପର୍କରେ ଅବଗତ ହେଲେ ତୁରନ୍ତ ୧୦୯୮ (ଦେୟମୁକ୍ତ) ନମ୍ବରରେ ଯୋଗାଯୋଗ କରି ଶିଶୁକୁ ସୁରକ୍ଷାଦେଇ ଭବିଷ୍ୟତରେ ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ପାଇଁ ଅନୁରୋଧ କରାଯାଉଛି। ଯେଉଁ ଶିଶୁଟିଏ ଯତ୍ନ ଏବଂ ସୁରକ୍ଷା ତଥା ଆଇନ୍ ସହ ଦ୍ୱନ୍ଦରେ ରହିଛନ୍ତି ସେହିଭଳି ଶିଶୁମାନଙ୍କ ସଂପର୍କରେ ଯଦି ଆପଣ ଜାଣିବାକୁ ପାଉଛନ୍ତି ତେବେ ତୁରନ୍ତ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ସହ ଯୋଗାଯୋଗ ତଥା ନାଲସା ସହାୟକ ୧୫୧୦୦ (ଦେୟମୁକ୍ତ) ନମ୍ବରରେ ଯୋଗାଯୋଗ କରିପାରିବେ।

# ଆଦର୍ଶ ମହିଳା ରଙ୍ଗଲତାଙ୍କ ଦେହାନ୍ତ



**ଧାମନଗର,୧୩।୬(ସମିସ):** ଧାମନଗର ଏନଏସି ଅନ୍ତର୍ଗତ ଶାମପୁର ଗ୍ରାମର ବିଶିଷ୍ଟ ବ୍ୟବସାୟୀ ପର୍ଶୁରାମ ମହାପାତ୍ରଙ୍କ ମା' ରଙ୍ଗଲତା ମହାପାତ୍ରଙ୍କ ୮୬ବର୍ଷ ବୟସରେ ଦେହାନ୍ତ ହୋଇଛି। ସେ ଜଣେ ଧର୍ମପ୍ରାଣା, ସମାଜସେବୀ ପରୋଉପକାରୀ ଓ ଆଦର୍ଶ ମହିଳା ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସାଂସଦ ପ୍ରତିନିଧି ସରୋଜ ମହାପାତ୍ର, ଧାମନଗର ଉପନିବନ୍ଧକ ଅଧିକାରୀ ସତ୍ୟାନନ୍ଦ ପାତ୍ର, ସୁଶାନ୍ତ କୁମାର ରାଉତ, ନାରାୟଣ ଚନ୍ଦ୍ର ରାଉତ, ମାନସ ରଞ୍ଜନ ମହାପାତ୍ର, ଅଧ୍ୟାପକ ସୁରେନ୍ଦ୍ର କୁମାର ଜେନାଙ୍କ ସମେତ ବହୁ ସମାଜସେବୀ, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ, ସାମ୍ବାଦିକ ଓ ଗ୍ରାମବାସୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ସ୍ୱର୍ଗତାଙ୍କୁ ଶେଷ ଦର୍ଶନ କରିଥିଲେ। ରଙ୍ଗଲତାଙ୍କ ବିୟୋଗରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର କୁମାର ଦାସ, ସମାଜ ସେବୀ ସଞ୍ଜୟ କୁମାର ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସୁରଥ ଚନ୍ଦ୍ର ସେଠୀ, ଓକିଲ ସଂଘର ସଭାପତି ଅଶୋକ କୁମାର ଦାସ, ସାଧାରଣ ସମ୍ପାଦକ ରଣଜିତ ମହାନ୍ତିଙ୍କ ସମେତ ବିଭିନ୍ନ ମହଲରୁ ଗଭୀର ଶୋକ ପ୍ରକାଶ କରିଛନ୍ତି। ରଙ୍ଗଲତାଙ୍କ ମରଶରୀରକୁ ଗ୍ରାମର ଏକ ମଶାଣିରେ ସଂସ୍କାର କରାଯାଇଛି।

# ବାସୁଦେବପୁର ପୌରପାଳିକାର ରଜ ମହୋତ୍ସବ

**ବାସୁଦେବପୁର,୧୩।୬(ସମିସ):** ବାସୁଦେବପୁର ପୌରପାଳିକାର ପକ୍ଷରୁ ଚତୁର୍ଥ ବାର୍ଷିକ ରଜ ମହୋତ୍ସବ ପାଳିତ ହୋଇଯାଇଛି। ପୌରପାଳିକାର ଅଧ୍ୟକ୍ଷା ନିବେଦିତା ବେହେରା ରଜ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପୌରପାଳିକାର ପକ୍ଷରୁ ରଜ ମହୋତ୍ସବରେ ପାରମ୍ପରିକ ଶଙ୍ଖ ବଜାଇବା, ମେହେନ୍ଦି ଓ ପୁଚୁକା ଖାଇବା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାରେ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ସଭାପତିତ୍ୱ କରିଥିଲେ। ତୃପ୍ତି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶୈଳବାଳା ଦାଶ, ସମ୍ମାନିତ ଅତିଥି ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ ଯୋଗ ଦେଇ ଉଦ୍‌ବୋଧନ ଦେଇ ଥିଲେ। ସଭାରେ ଲଲାଟେନ୍ଦୁ ନାୟକ ସଂଯୋଜନା କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀର ପକ୍ଷରୁ ପୋଡ଼ପିଠା, ରଜ ପାନ, ବିଭିନ୍ନ ପ୍ରକାର ପିଠା ପ୍ରଦର୍ଶନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଅଭିନବ ପ୍ରୟାସ। ରଜ ମହୋତ୍ସବ ଭାଇଚାରାର ପ୍ରତୀକ ବୋଲି ଅତିଥିମାନେ କହିଥିଲେ।




## ବଜ୍ରପାତରେ ଯୁବକ ମୃତ

**ତିହିଡି,୧୩।୬(ସମିସ):** ତିହିଡି ପୀରହାଟ ଥାନା ଅନ୍ତର୍ଗତ ସାହାପୁର ପଞ୍ଚାୟତରେ ବଜ୍ରପାତରେ ଗ୍ରାହର କରୁଣାକର ବାରିକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ବିଲକୁ ଚାଷ କାମ କରିବାକୁ ଯାଇଥିବା ସମୟରେ ହଠାତ ବର୍ଷା ହେବା ସହ ବଜ୍ରପାତ ହୋଇଥିଲା। ଏଥିରେ ସେ ଆଘାତ ପାଇ ବିଲରେ ଟଳିପଡ଼ିଥିଲେ। ବିଲରେ କାମ କରୁଥିବା ଲୋକ ତାଙ୍କୁ ଉଦ୍ଧାର କରି ତିହିଡି ମେଡିକାଲ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇବା ପରେ ପୀରହାଟ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଭାଗବତ କଲ୍ୟାଣ ମଣ୍ଡପରେ ପୂର୍ଣ୍ଣିମା ଆସର

**ଭଦ୍ରକ,୧୩।୬(ସମିସ):** ଭାଗବତ କଲ୍ୟାଣ ମଣ୍ଡପଠାରେ ପୂର୍ଣ୍ଣିମା ଆସର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ରାଜକିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆସରରେ ମୁଖ୍ୟବକ୍ତା ଭାବେ ରତିକାନ୍ତ ମହାନ୍ତି ଓ ସମ୍ମାନିତ ବକ୍ତା ଭାବେ ଯୁଧିଷ୍ଠିର ଦାସ ଯୋଗଦେଇ ମହାପ୍ରଭୁ ଜଗନ୍ନାଥଙ୍କର ମାନବୀୟ ଲୀଳା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଗୋଲକବିହାରୀ ସାହୁ, ଡ.ରାମଚନ୍ଦ୍ର ପଣ୍ଡା, ଅଧ୍ୟାପକ ପବିତ୍ର ପାଣିଗ୍ରାହୀ, ହରିଶ ଚନ୍ଦ୍ର ଦାସ, ଗୀତାରାଣୀ ଆଇଚ, ଗୌତମ ମହାରଣା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କବିତା ଆସରରେ ରମେଶ ଚନ୍ଦ୍ର ସ୍ୱାଇଁ, ମୁସ୍ତାକ ଗୋହର, ଅବଦୁଲ ଦୟାନ, ଅନିଲ ଦାସ, ମନୋରମା ରାୟ, ମମତା ଦାସ, ନରେଶ ଲେଙ୍କା, ଅକ୍ଷୟ ଜେନା, ଗୀତାଞ୍ଜଳି ଅଗସ୍ତି, ସାବିତ୍ରୀ ବାନାର୍ଜୀ, ବିଳାସିନୀ ଶିଅଳ, ଅରୂପାନନ୍ଦ ନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସହ ସମ୍ପାଦକ ବୈକୁଣ୍ଠ ବିଶ୍ୱାଳ ସ୍ୱାଗତ ଭାଷଣ ଓ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ, କବି ଚର୍ଚ୍ଚିକା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# କେନାଲ ରାସ୍ତାରେ ଅନବରତ ପାଣି

**ବାରିକପୁର,୧୩।୬(ସମିସ):**

ଭଣ୍ଡାରିପୋଖରୀ ବିଦ୍ୟୁତ୍ କାର୍ଯ୍ୟାଳୟ ନିକଟରୁ ପୂର୍ତ୍ତ ବିଭାଗ ରାସ୍ତାକୁ ସଂଯୋଗ କରୁଥିବା ବଡ କୋଳିପଦୀ ମାଇନର ରାସ୍ତା ଅବସ୍ଥା ବେହାଲ ହୋଇଗଲାଣି। ଜଳସମ୍ପଦ ବିଭାଗ ଅଧୀନରେ ଥିବା ଉକ୍ତ ତିନି ଶହ ମିଟର ରାସ୍ତା ପାଇଁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପଥ ଦେଇ ଆଠ ଦଶ ଖଣ୍ଡି ପଞ୍ଚାୟତର ଲୋକେ ଦୈନିକ ଭଣ୍ଡାରିପୋଖରୀକୁ ଯାତାୟାତ କରିଥାନ୍ତି। ଦୀର୍ଘ ଦିନ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ରାସ୍ତାଟି ରହିଥିବା ବେଳେ ବୋହୁ ଆପତ୍ତି ଅଭିଯୋଗ ପରେ ଗତବର୍ଷ ବିଭାଗ ପକ୍ଷରୁ ଏହା ଉପରେ କିଛି ମୋରମ ଓ ମେଣ୍ଟାଲ ବିଛା ଯାଇଥିଲା। ଏବେ କିଛି ମାସ ହେବ ରାସ୍ତା ଅବସ୍ଥା ଅତ୍ୟନ୍ତ ଖରାପ ହୋଇ ଯାଇଛି। ମେଗା ପାନୀୟ ଜଳ ପ୍ରକଳ୍ପ ପ୍ରକଳ୍ପ ପକ୍ଷରୁ ପୂର୍ତ୍ତ ରାସ୍ତାକୁ ଲାଗି



କେନାଲ ମୁଣ୍ଡକୁ ଖୋଳା ଯାଇ ପାଇପ ଲାଇନ ବିଛା ଯାଇଛି। ପାଇପ ଲାଇନ ସଂଯୋଗ ସଠିକ୍ ହୋଇନଥିବା ବେଳେ ଅନବରତ ପାଣି ନିଷ୍କାସନ ହୋଇ କେନାଲ ରାସ୍ତାଟିକୁ ବୁଡ଼େଇ ଦେଉଛି। ଫଳରେ ପ୍ରବେଶ ପଥଟି ସଦାସର୍ବଦା ପାଣି କାଦୁଅରେ ଭରି ରହୁଛି। ଯେଉଁଥିପାଇଁ ସାଇକଲ ଓ ମୋଟର ସାଇକଲ ଯୋଗେ ଯାତାୟାତ କରୁଥିବା ଲୋକମାନେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାଛଡା ଉକ୍ତ ସ୍ଥାନ ଠାରୁ ମାତ୍ର କୋଡ଼ିଏ ମିଟର ଦୂରରେ କେନାଲ ଖୋଳା ଯାଇ ପାଇପ ମଧ୍ୟ ପକା ଯାଇଛି। ପାଇପ ବିଛାଣ ପରବର୍ତ୍ତୀ ସମୟରେ ମାଟି, ମୋରମ କିମ୍ବା ମେଣ୍ଟାଲ ଦ୍ୱାରା ଉକ୍ତ ସ୍ଥାନଟିକୁ ମଧ୍ୟ ସଠିକ ଭାବେ ମରାମତି କରା ଯାଇନାହିଁ। ଫଳରେ ଏଠି ଗର୍ତ୍ତ ସୃଷ୍ଟି ହୋଇ ବର୍ଷା ହେଲେ ପାଣି ଜମି ଯିବାରୁ ଲୋକ ମାନେ ଗମନାଗମନ କରି ପାରୁ ନାହାଁନ୍ତି। ଏପରିକି ବାଇକ ଆରୋହୀ ମାନେ ଦୁର୍ଘଟଣାର ମଧ୍ୟ ଶିକାର ହେଉଛନ୍ତି। ଏହି ରାସ୍ତାଟିକୁ ପିଚୁ କିମ୍ବା କଂକ୍ରିଟ ନିର୍ମାଣ ପାଇଁ ଦାବି ସୋଇଥିଲେ ମଧ୍ୟ ବିଭାଗ ଏହା ଉପରେ ଦୃଷ୍ଟି ଦେଉନାହିଁ। ଏପଟେ ଯେତେକ ମରାମତି ହୋଇଥିଲା ତାକୁ ମଧ୍ୟ ନଷ୍ଟ କରା ଯାଉଛି। ବିଭାଗର ସ୍ଥାନୀୟ କନିଷ୍ଠ ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରୁନଥିବା ହେତୁ ଏହି ପଥଟି ଦିନକୁ ଦିନ ଜରାଜୀର୍ଣ୍ଣ ହେଉଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଏହା ଉପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

ସକାଳ THE SAKALA



# ରସରାଜ ବଟବିହାରୀଙ୍କ ଶ୍ରାଦ୍ଧବାର୍ଷିକୀ




**ବାଲେଶ୍ୱର,୧୩।୬ (ସମିସ):** ସ୍ୱର୍ଗତ ରସରାଜ ବଟବିହାରୀ ଦାସଙ୍କ ୨୬ ତମ ମହାପ୍ରୟାଣ ଦିବସ ରସରାଜ ବଟବିହାରୀ ଦାସ ସ୍ମୃତି କମିଟି ପକ୍ଷରୁ ପାଳିତ ହୋଇଯାଇଛି। ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ. କଳୀପଦ ପଣ୍ଡା, ମୁଖ୍ୟ ବକ୍ତା ଡ. ଶ୍ୟାମସୁନ୍ଦର ପଣ୍ଡା, ସମ୍ମାନିତ ଅତିଥି କବି ନିରଞ୍ଜନ ସାହୁ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, କବି ବିଜୟ ମହାକୁଡ, ଗୋବିନ୍ଦ ଭୋଇ ପ୍ରମୁଖ ବଟବିହାରୀଙ୍କ ବହୁମୁଖୀ ପ୍ରତିଭା ବାବଦରେ ଆଲୋଚନା କରିଥିଲେ। ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ କବି ଦୁଷ୍ମନ୍ତ କୁମାର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସ୍ୱର୍ଗତ ଦାସଙ୍କ ଜ୍ୟେଷ୍ଠ ପୁତ୍ର ଡ଼ା. ସତ୍ୟରଞ୍ଜନ ଦାସ ପିତାଙ୍କ ମହନୀୟ ଗୁଣ ସ୍ମରଣ କରିଥିଲେ। ପ୍ରଥମ ଅଧିବେଶନରେ ବଟବିହାରୀ ଦାସଙ୍କ ସମ୍ପର୍କିତ ଏକ କବିତା ପାଠ ଉତ୍ସବ ବ୍ୟାଙ୍ଗକବି ପ୍ରଭାକର ସାହୁ ଓ ଅଜିତ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା। ଏଥିରେ ବହୁ କବି, କବୟିତ୍ରୀ କବିତା ପାଠ କରିଥିଲେ। ସଭା ପ୍ରାରମ୍ଭରେ ଅହମଦାବାଦରେ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଯାତ୍ରୀମାନଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପଦ୍ମଲୋଚନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲେଶ୍ୱର ଉପଜିଲ୍ଲାପାଳଙ୍କ ବଦଳି

**ବାଲେଶ୍ୱର,୧୩।୬ (ସମିସ):** ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କୁ ବ୍ରହ୍ମପୁର ମହାନଗର ନିଗମର କମିଶନର ଭାବେ ବଦଳି କରାଯାଇଛି। ଆଜି ରାଜ୍ୟ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ପ୍ରକାଶିତ ଏକ ଆଦେଶରେ ଏ ସମ୍ପର୍କରେ ଦର୍ଶାଯାଇଛି। ବଦଳି ଆଦେଶ ମିଳିବା ମାତ୍ରେ କୌଣସି ବଦଳି ସମ୍ପର୍କିତ ଛୁଟି ନ ନେଇ ତୁରନ୍ତ ନୂତନ ଦାୟିତ୍ୱ ସମ୍ଭାଳିବାକୁ ଶ୍ରୀରାଜସିର୍କେଙ୍କୁ ସାଧାରଣ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଶ୍ରୀ ରାଜସିର୍କେ ବାଲେଶ୍ୱରର ଉପଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣକରି ଅନେକ ଜନହିତକର କାର୍ଯ୍ୟକୁ ସଫଳ କରାଇବାରେ ଜିଲ୍ଲା ଲ୍ରଶାସନ ଓ ଜନତାଙ୍କୁ ସହଯୋଗ କରିଆସିଛନ୍ତି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ମୃତକଙ୍କ ଶାଶୂଘର ଲୋକଙ୍କୁ ପିଟିଲେ ବାପଘର ଲୋକେ

**ହତ୍ୟା ଅଭିଯୋଗ, ପୁଲିସର ତଦନ୍ତ ଜାରି**

**ସୋର, ୧୩।୬(ସମିସ)**

ସୋର ଥାନା କାଁଥିଗଡ଼ିଆ ଗ୍ରାମର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିବା ବେଳେ ମହିଳାଙ୍କ ବାପଘର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। କୋଟିଆକୋଇଲି ପଞ୍ଚାୟତ କାନ୍ଥଗଡିଆ ଗ୍ରାମର ରାଜେନ୍ଦ୍ର ମଳିକଙ୍କ ସହ ଖୀରକୋଣା ଗ୍ରାମର ପ୍ରହଲ୍ଲାଦ ଦାସଙ୍କ ଝିଅ ରୁନୁ ଦାସଙ୍କର ଗତ ନଅ ବର୍ଷ ତଳେ ନୋଟାରୀ ବାହାଘର ହୋଇଥିଲା। ଆଜି ସକାଳେ ଶୋଇବା ଘରେ ରୁନୁ ବେକରେ ଶାଢିବାନ୍ଧି ଝୁଲିପଡିଥିବା ବେଳେ ତାଙ୍କ ସ୍ୱାମୀ ରାଜେନ୍ଦ୍ର ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ରୁନୁଙ୍କ ବାପ ଘର ଲୋକେ ଡାକ୍ତରଖାନାରେ ପହଂଚି ତାଙ୍କ ଝିଅକୁ ହତ୍ୟା କରାଯାଇଥିବାର ଅଭିଯୋଗ ଆଣିଥିଲେ। କିଛି ସମୟ ପର୍ଯ୍ୟନ୍ତ ଡାକ୍ତରଖାନା ପରିସରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ବାପା ଘର ଲୋକେ ସେଠାରେ ରୁନୁଙ୍କ ଶଶୁର ସମେତ ତାଙ୍କ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। ଏପରିକି ସ୍ଥାନୀୟ ଲୋକ ସମେତ ସୋର ପୁଲିସ ସେଥିରୁ ବାଦ ପଡ଼ିନଥିଲେ। ଖବର ପାଇ ସୋର ଥାନା ଅଧିକାରୀ ସୁଦୀପ୍ତ ସାହୁ ଡାକ୍ତରଖାନାରେ ପହଁଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏ ବାବଦରେ ରୁନୁଙ୍କ ବାପା ଘର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୪୫୧/୨୫ ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ରଖିବା ସହିତ ସ୍ୱାମୀ ରାଜେନ୍ଦ୍ର, ଶ୍ୱଶୁର କୃପାସିନ୍ଧୁ ଏବଂ ଶାଶୁ ନିର୍ମଳା ମଳିକଙ୍କୁ ଥାନାରେ ଅଟକ ରଖି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ଖେରୱାଲ ଜାର୍ପା କ୍ଲବର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ



**ଜଳେଶ୍ୱର ବ୍ଲକ, ୧୩।୬ (ସମିସ) :** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶ୍ୟାମନଗର ପଞ୍ଚାୟତର ଧାନଘେରା ଗାଁର ଥିବା ଖେରୱାଲ ଜାର୍ପା ଯୁଥ କ୍ଲବ ଚଳିତ ବର୍ଷ ୫୦ ବର୍ଷ ପୂରଣ ହେବା ସହ ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଛି। ଏହା ୧୬ ତାରିଖରେ ସମାପ୍ତ ହେବ। ଗତକାଲିଠୁ ଆରମ୍ଭ ହୋଇ ଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇ ଯାଇଛି। ଉଦଘାଟନ ଦିନ କ୍ଲବର ସଭାପତି ବିକ୍ରମ ଟୁଡୁ ଓ ସମ୍ପାଦକ ଶଙ୍କର ମୁର୍ମୁଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ଏହି ଖେଳରେ ମୋଟ ୧୬ଟି ଟିମ୍ ଭାଗ ନେଇ ଥିଲେ। ଆଜି ଅନ୍ତିମ ଖେଳରେ ବିଜେତା ଗହିରାବନ୍ଧ ଫୁଟବଲ ଦଳ କୋଡ଼ିଏ ହଜାର ଟଙ୍କାର ବିଜେତା ରାଶି ହାତେଇବା ସହ ଉପବିଜେତା ରୟାଲ ଟାଇଗର ଫୁଟବଲ ଦଳ ହରିଣାବନ୍ଦକୁ ପନ୍ଦର ହଜାର ଟଙ୍କାର ରାଶିରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ଖେଳ ସମାପ୍ତି ପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇ ଥିଲା। ସଭାରେ ମୁଖ୍ୟଅତିଥି ରୂପରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଜେପିର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ ତଥା ସମ୍ମାନୀତ ଅତିଥିଙ୍କ ଭିତରୁ ସାତ ନମ୍ବର ଜୋନର ବିଜେପିର ମଣ୍ଡଳ ସଭାପତି ସଞ୍ଜିବ ଜେନା,ବିଜେପିର ମହିଳା ସଭାପତି ସୁଷମା ମହାନ୍ତି, ଯୁବନେତା କାଳିଚରଣ ଦାସ, ଦୀନେଶ କିସ୍କୁ ଉପସ୍ଥିତ ରହି ଖେଳାଳିଙ୍କୁ ଖେଳାଳିଙ୍କ ଭବିଷ୍ୟତ ତଥା ଖେଳ ସୁସ୍ଥ ସମାଜ ପାଇଁ ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ସଭାର ସଭାପତିତ୍ୱ କରିଥିଲେ ଉଦୟନାଥ ମୁର୍ମୁ। ଅତିଥି ପରିଚୟ ଦେଇ ଥିଲେ ଦୁଲାଲ ମୁର୍ମୁ ଓ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଡୁମାନ ହାଁସଦା।

# ଛାତରୁ ଖସିପଡ଼ି ଶ୍ରମିକ ଗୁରୁତର

**ସୋର, ୧୩।୬ (ସମିସ):** ସୋର ପୌରପାଳିକା ଅନ୍ତର୍ଗତ ଉତ୍ତରେଶ୍ୱର ବସଷ୍ଟାଣ୍ଡ ନିକଟରେ ଜଣେ ବ୍ୟକ୍ତିଙ୍କ ଘରେ କାମ କରୁଥିବା ବେଳେ ଛାତରୁ ଖସି ପଡି ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ପୌରପାଳିକା ଅନ୍ତର୍ଗତ ଷ୍ଟେସନଛକ ନିକଟସ୍ଥ କାଳୀ ପଡିଆ ନିକଟରେ ରହୁଥିବା ଟୁକୁ ହେମ୍ବ୍ରମ ଶ୍ରମିକ କାମ କରି ଚଳନ୍ତି। ଆଜି ସକାଳେ ବସଷ୍ଟାଣ୍ଡ ନିକଟରେ ଜଣେ ବ୍ୟକ୍ତିଙ୍କ ଘରେ କାମ କରୁଥିବା ବେଳେ ଛାତରୁ ଖସିପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କର ଅବସ୍ଥା ଅତି ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

# ଆଜି ପହିଲି ରଜ; ଜମିଲାଣି ପିଠାପଣା, ରଜପାନର ଆସର



**ଦୋକାନରେ ଭଳିକି ଭଳି ମିଠାପାନ ସମ୍ଭାର**

**ବାରିପଦା, ୧୩।୬(ସମିସ):** ଆଜି ପ୍ରଥମ ରଜ। ଫଳରେ ବାରିପଦା ସହରରେ ରଜକୁ ନେଇ ସବୁଠି ଉତ୍ସବର ମାହୋଲ। ଧୁମ୍‌ଧାମ୍ ମଧ୍ୟରେ ରଜ ପାଳିତ ହେଉଥିବା ବେଳେ ସହରରେ ମଉଜ ଆରମ୍ଭ ହୋଇଯାଇଛି। ଶୁକ୍ରବାରଠାରୁ ନୂଆ ଲୁଗାପଟା କିଣିବା ପାଇଁ ବଜାରରେ ଭିଡ଼ ଦେଖିବାକୁ ମିଳିଥିଲା। ଏଥିସହିତ ଶନିବାର ପହିଲି ରଜ ଥିବାରୁ ରଜପାନ ପାଇଁ ଦୋକାନରେ ପ୍ରବଳ ଭିଡ। ରଜ ପର୍ବ ଏକ ନିଆରା ପର୍ବ; ଯାହାକି ବିଶେଷ କରି ଝିଅମାନଙ୍କ ବେଶ ମହତ୍ତ୍ୱପୂର୍ଣ୍ଣ। ସକାଳୁ ଉଠି ସଜବାଜ ହୋଇ ନୂଆ ଡ୍ରେସ୍ ପିନ୍ଧି ହାତରେ ମେହେନ୍ଦି, ପାଦରେ ଅଳତା, ମୁଣ୍ଡରେ ଚନ୍ଦନ ଟିପା ଲଗାଇ, ପିଠା ପଣା ଖାଇ ରଜ ଦୋଳି ଝୁଲି ଦିନକୁ ପାଳନ କରିଥାନ୍ତି। ତା'ସାଙ୍ଗକୁ ମିଠା ପାନ ବିନା ରଜ ପାଳନ ଅଧୁରା ରହିଥାଏ। ପରସ୍ପର ମଧ୍ୟରେ ଝିଅମାନେ ରଜ ପାନ ଖାଇ ନାଚ ଗୀତରେ ରଜପର୍ବକୁ ଆନନ୍ଦ ଉଲାସ ସହ ପାଳନ କରିଥାନ୍ତି। ତେବେ ରଜ ପାନ ପାଇଁ ସବୁ ବର୍ଷ ପରି ଚଳିତ ବର୍ଷ ମଧ ରଜ ସମୟରେ ବିଭିନ୍ନ ପାନ ଦୋକାନରେ ରଜପାନ ପାଇଁ ଅନେକ ଭିଡ଼ ଦେଖିବାକୁ ମିଳିଥିଲା। ରଜ ପାଇଁ ସ୍ପେଶାଲ ଫାୟାର ପାନ ସାଙ୍ଗକୁ ଅନ୍ୟାନ୍ୟ ମିଠା ପାନ ଯିଏ ଖାଇଛନ୍ତି ସେ କେବେ ଭୁଲି ନାହାନ୍ତି। ସୁଗନ୍ଧ, ନାନା ମିଠା ମସଲାକୁ ମିଠାପତ୍ର ପାନ ଖିଲି ମରାଯାଇ ଗ୍ରାହକ ଦିଆଯାଇଥାଏ; ଯାହାକି ପାଟିକୁ ଗଲେ ଏହି ରଜ ପାନର ସ୍ୱାଦ ମଧ ବେଶ ଫୁଟି ଉଠିଥାଏ। ତେବେ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟି ରଖି ଦୋକାନରେ ଆହୁରି ଭଳି କି ଭଳି ରଜ ପାନ କରିଛନ୍ତି। ଫାୟାର ବ୍ରାଣ୍ଡ ପାନ ସହିତ ଲଡୁପାନ, ଚକଲେଟ ପାନ, ନବରତ୍ନ ପାନ, ଦିଲଖୁସ ପାନ, ଷ୍ଟବେରୀ, ପାଇନାପଲ ଓ ଆଇସ ପାନ ରହିଛି। ଯାହାର ମୂଲ୍ୟ ୧୦ଟଙ୍କାରୁ ଆରମ୍ଭ କରି ୫୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ବାରିପଦା ସହରରେ ରଜ ସ୍ପେଶାଲ ପାନ ପାଇଁ ଦୋକାନରେ ବେଶ ଲମ୍ବା ପାନ ତାଲିକା ରହିଛି। ଯାହାକୁ ନେଇ ପାନ ଦୋକାନରେ ରଜ ପାନ ପାଇଁ ଗ୍ରାହକଙ୍କ ଭିଡ଼ ଲାଗିଥିବାର ଦେଖିବାକୁ ମିଳିଛି। ରଜ ପାନ ପାଇଁ କଲିକତାରୁ ସ୍ପେଶାଲ ମସଲା ମଧ୍ୟ ଆସିଥିବାର ଦୋକାନୀ କହିଛନ୍ତି। ଶନିବାର ପହିଲି ରଜ ଥିବାବେଳେ ରବିବାର ରଜ ମଉଜ ଆହୁରି ଜମିବ।

# ହାତୀଙ୍କ ଖାଦ୍ୟ ସୁରକ୍ଷା ପାଇଁ ବାଉଁଶମଞ୍ଜି ବୁଣିବା ଅଭିଯାନର ଶୁଭାରମ୍ଭ



**ବାରିପଦା, ୧୩।୬(ସମିସ):** ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ମଧ୍ୟରେ ଅବସ୍ଥିତ ଚାକିଡି ଗ୍ରାମପଞ୍ଚାୟତ ଜଙ୍ଗଲରେ ବାଉଁଶମଞ୍ଜି ପ୍ରକ୍ଷେପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆରସିସିଏଫ ଡ. ପ୍ରକାଶ ଚାନ୍ଦ ଗୋଗିନାନୀ, ବାରିପଦା ବନଖଣ୍ଡ ଅଧିକାରୀ ଏ. ଉମା ମହେଶ, ପୂର୍ବତନ ପିସିସିଏଫ ଏବଂ ସେଭ ଏଲିଫେଣ୍ଟ ଫାଉଣ୍ଡେସନର ମୁଖ୍ୟ ଡ.ଦେବବ୍ରତ ସ୍ୱାଇଁ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ବିବେକାନନ୍ଦ ପଟ୍ଟନାୟକ, ଶିମିଳିପାଳ ଦକ୍ଷିଣ ସହକାରୀ ବନ୍ୟସଂରକ୍ଷକ ସାମରେଶ ବିଶ୍ୱାଳ, ବାଙ୍ଗିରିପୋଷି, ଆରଓ ବଡଗାଁ ଓ ତାଳବନ୍ଧ ରେଞ୍ଜର, ଚାକିଡି ସରପଞ୍ଚ ବିକ୍ରମ ମୁର୍ମୁ, ସେଭ ଏଲିଫେଣ୍ଟ ଫାଉଣ୍ଡେସନର ରଜନୀକାନ୍ତ ଜେନା, ହରିହର ଦାସ, ସ୍ୱାର୍ଡାର ମୋହନ ମୁର୍ମୁ, ହାଡିବନ୍ଧୁ ମୁର୍ମୁ, ପ୍ରଦୀପ ଦାସ ମହାପାତ୍ର, ସୁଧୀର ନାଏକ, ପୂର୍ଣ୍ଣ ନାଏକ ସମେତ ପଞ୍ଚାୟତର ୧୩ଟି ଗ୍ରାମର ଶତାଧିକ ଗ୍ରାମବାସୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଏହା ଏକ ଅଭିନବ କାର୍ଯ୍ୟକ୍ରମ। ଏଭଳି ଉଦ୍ୟମ ଜାରି ରହିଲେ ହାତୀ ଖାଦ୍ୟ ଅନ୍ୱେଷଣରେ ଜନବସତିକୁ ଆସିବା କମିଯିବ ବୋଲି ଶ୍ରୀ ସ୍ୱା।ଇଁ କହିଛନ୍ତି। ଏହାକୁ ଆହୁରି ବ୍ୟାପକ କରି ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ କରାଯିବ ଏବଂ ଗଛ ମଧ୍ୟ ରୋପଣ କରାଯିବ ବୋଲି ଆରସିସିଏଫ ଡ ଗୋଗିନାନୀ କହିଥିଲେ। ବାରିପଦା ବନଖଣ୍ଡ ଅଧୀନ ହାତୀ ରହୁଥିବା ଜଙ୍ଗଲରେ ମଧ ଏହି କାର୍ଯ୍ୟକ୍ରମ ଚାରି ରହିବ ବୋଲି ଶ୍ରୀ ମହେଶ କହିଥିଲେ।

# ଚଳନ୍ତା ଟ୍ରେନ୍‌ରୁ ପଡ଼ି ଆହତ ବୃଦ୍ଧଙ୍କ ମୃତ୍ୟୁ

**ବେତନଟୀ, ୧୩।୬(ସମିସ):** ବୁଧବାର ରାତିରେ ବାଙ୍ଗିରିପୋଷିରୁ ରୂପ୍ସା ଯାଉଥିବା ମେମୁଟ୍ରେନରୁ ପଡ଼ି ଗୁରୁତର ଆହତ ହୋଇଥିବା ଜଣେ ବୃଦ୍ଧଙ୍କ କଟକ ବଡଡାକ୍ତରଖାନାରେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧୀନ ଅନ୍ଧାରୀଶୋଳ ଗ୍ରାମର ହରେଶଚନ୍ଦ୍ର ଧଳ(୬୦)। ସେ ବେତନଟୀ ରେଳ ଷ୍ଟେସନରେ ଚଳନ୍ତା ଟ୍ରେନରେ ଚଢିବାକୁ ଉଦ୍ୟମକରି ଖସିପଡ଼ିଥିଲେ। ଫଳରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ରକ୍ତଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ପ୍ରଥମେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବାରିପଦା ଏବଂ କଟକ ବଡଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ବୁଧବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି।

## ଗଜାମ-ଗୋବିନ୍ଦପୁର ରାସ୍ତା ନିର୍ମାଣକୁ ନେଇ ଜନଅସନ୍ତୋଷ

# ନିମ୍ନମାନର କାମକୁ ବିରୋଧ ପରେ ପୁଣି ପିଚୁ ପକାଇଲେ ଠିକାଦାର



**ଖୁଣ୍ଟା, ୧୩।୬(ସମିସ):** ଉଦଳା-ବାରିପଦା ରାଜପଥର ଗଜାମ ଛକରୁ ଗୋବିନ୍ଦପୁର ଯାଏ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ଚଉଡା କରାଯାଉଛି; ହେଲେ ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ୨୦୨୪ ମାର୍ଚ୍ଚ ମାସରୁ ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ହୋଇ ୨୦୨୫ ମାର୍ଚ୍ଚ ମାସ ସୁଦ୍ଧା ରାସ୍ତା ଶେଷ ହେବା କଥା; କିନ୍ତୁ ଏ ଯାଏ ନିର୍ମାଣ ଶେଷ ହୋଇନାହିଁ। ଏହି ରାସ୍ତା ପାଇଁ ୧ କୋଟି ୯ ଲକ୍ଷରୁ ଅଧିକ ଟଙ୍କା ବ୍ୟୟବରାଦ ରହିଥିବାବେଳେ ୮.୨୩୫ କିମି ପିଚୁ, ୩.୫୧୫ କିମି କଂକ୍ରିଟ ଏବଂ ୩୬ଟି ନାଳ ପୋଲ ରହିଛି। ଅତି ତରବରିଆଭାବେ ରାସ୍ତା ନିର୍ମାଣ ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାଙ୍କିଗଡ଼ି ଛକର ବାଙ୍କରେ ପିଚୁ ରାସ୍ତାରେ ବିଦ୍ୟୁତ ଟ୍ରାନ୍ସଫର୍ମର ଓ ଏକ ବଡ ଅଶ୍ୱସ୍ତ ଗଛ ରହିଛି; ଯାହା ଯାନବାହନ ପ୍ରତି ବିପଦ ରହିଛି। ସେହିପରି ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିଯାଉଥିବାରୁ ଗ୍ରାମବାସୀ ବିରୋଧ କରିବାରୁ ସେହି ସ୍ଥାନରେ ପୁଣି ପିଚୁ ପକାଯାଉଛି। ସେହିପରି କଂକ୍ରିଟ ରାସ୍ତାକୁ ମଧ୍ୟ ନିମ୍ନମାନର କରାଯାଉଛି। କେଉଁଠି ରାସ୍ତାର ବହୁ ସ୍ଥାନରେ ମାଟି ଧୋଇଯାଇଛି ତ ଅନ୍ୟ କେଉଁଠି ରାସ୍ତାଧାରରେ ଖାଲ ରହିଛି। ଖୁଣ୍ଟା ଗ୍ରାମ୍ୟ ନିର୍ମାଣ ଉପ ବିଭାଜନ କାର୍ଯ୍ୟାଳୟରେ ଦୁଇ ଜଣ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟରତ ଥିବାବେଳେ କପ୍ତିପଦା ବ୍ଲକର ଜେଇ ଲିପ୍ସା ଦେହୁରୀଙ୍କୁ ଏହି ରାସ୍ତା ନିର୍ମାଣ ଦାୟିତ୍ୱ ଦିଆଯାଇଛି। ଏ ନେଇ ଖୁଣ୍ଟା ଉପଖଣ୍ଡ ଅଧିକାରୀ ପ୍ରମୋଦ କୁମାର ଜେନାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ମୋବାଇଲ ବନ୍ଦ ଥିବାରୁ ମତାମତ ମିଳିପାରିନାହିଁ। ଖୁଣ୍ଟାରେ ସ୍ଥାୟୀ ଉପଖଣ୍ଡ ଅଧିକାରୀ ନ ରହିବାରୁ ଏହି ରାସ୍ତା ନିର୍ମାଣ ଗୋଳିଆ ପାଣି ସୁହାଇବା ସଦୃଶ ହୋଇଛି। ପ୍ରକାଶ ଥାଉକି ଉକ୍ତ ରାସ୍ତା ଉପରେ ଉଭୟ ଖୁଣ୍ଟା ଓ ଉଦଳା ବ୍ଲକର ୬ଟି ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି। ବହୁ ଆନ୍ଦୋଳନ ପରେ ଏହି ରାସ୍ତା ଆରଡ଼ି ଅଧୀନକୁ ଯିବା ସହିତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଉକ୍ତ ସଡକକୁ ତତ୍କାଳୀନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ୨୦୧୫ ମସିହା ଫେବୃୟାରୀ ୨୭ ତାରିଖରେ ଉଦଘାଟନ କରିଥିଲେ। ଗଜାମ-ଗୋବିନ୍ଦପୁର ରାସ୍ତାର ଅର୍ଦ୍ଧାଧିକ ନିର୍ମାଣ ସାରିଥିବା ବେଳେ ନିର୍ମାଣ ଜନିତ ତ୍ରୁଟି ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀଙ୍କ ନିଷ୍କ୍ରିୟତାକୁ ନେଇ ଲୋକେ ସନ୍ଦେହ କରୁଛନ୍ତି।

# ପରିବହନରେ ଛାତ୍ରଛାତ୍ରୀଙ୍କୁ ୫୦ ପ୍ରତିଶତ ରିହାତି ଦାବି

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଛାତ୍ର କଂଗ୍ରେସର ଦାବିପତ୍ର



**ବାଲେଶ୍ୱର,୧୩।୬ (ସମିସ):** ସରକାରୀ ଓ ବେସରକାରୀ ପରିବହନରେ ଛାତ୍ରଛାତ୍ରୀଙ୍କୁ ୫୦ ପ୍ରତିଶତ ରିହାତି ଦାବି କରି ବାଲେଶ୍ୱର ଜିଲ୍ଲା ଛାତ୍ର କଂଗ୍ରେସ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ସମଗ୍ର ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ପାଇଁ ପରିବହନର ସୁଗମତା ଏବଂ ସୁଲଭତା ସମ୍ପର୍କରେ ଏକ ଦୀର୍ଘକାଳୀନ ଏବଂ ଗୁରୁତ୍ୱପୂର୍ଣ୍ଣ ଦାବି ଯଥା ସରକାରୀ ସାର୍ବଜନୀନ ପରିବହନରେ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଯାତ୍ରା ସୁବିଧା, ରାଜ୍ୟ ସାରା ସରକାରୀ ପରିଚାଳିତ ବସ୍ ଏବଂ ପରିବହନ ସେବାରେ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଯାତ୍ରା, ବିଶେଷକରି ଗ୍ରାମାଞ୍ଚଳ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳ ପୃଷ୍ଠଭୂମିର ଅନେକ ଛାତ୍ର,ଛାତ୍ରୀ ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟକୁ ଯାତାୟାତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟକ୍ତିଗତ ପରିବହନ ସେବାରେ ୫୦ ପ୍ରତିଶତ ରିହାତି ଏବଂ ଯେଉଁ ଅଞ୍ଚଳରେ ସରକାରୀ ପରିବହନ ଉପଲବ୍ଧ ନାହିଁ କିମ୍ବା ପର୍ଯ୍ୟାପ୍ତ ନୁହେଁ, ସେଠାରେ ଛାତ୍ରଛାତ୍ରୀମାନେ ଘରୋଇ ବସ୍ କିମ୍ବା ଭ୍ୟାନ ବ୍ୟବହାର କରିବାକୁ ବାଧ ହୁଅନ୍ତି। ତେଣୁ ବୈଧ ଛାତ୍ର ପରିଚୟପତ୍ର ଉପସ୍ଥାପନ କରିବା ପରେ ଘରୋଇ ପରିବହନ ସେବାରେ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ୫୦ ପ୍ରତିଶତ ଭଡ଼ା ରିହାତିକୁ ବାଧ୍ୟତାମୂଳକ କରାଯାଉ ଆଦି ଦାବି କରାଯାଇଛି। ଏହାକୁ ଗୁରୁତ୍ୱର ସହିତ ବିଚାର କରି ଉପରୋକ୍ତ ଦାବି ଗୁଡ଼ିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ଡିସିସି ପୂର୍ବତନ ସାଧାରଣ ସମ୍ପାଦକ ଦେବଦତ୍ତ ଦାସ, ନବ ପ୍ରସାଦ ଭୂୟାଁ, ଅଶ୍ୱିନୀ ପାତ୍ର, ସୌରଭ ବେହେରା, ଦିବ୍ୟଜ୍ୟୋତି ଆଚାର୍ଯ୍ୟ, ଆଶିଷ ଜେନା, ଚିନ୍ତନ ବେହେରା, ବିମଳକାନ୍ତ ମହାଳିକ ପ୍ରମୁଖ ଦାବି କରିଛନ୍ତି।

# ସାନ୍ତାଳୀ ଶିକ୍ଷକଙ୍କୁ ସରକାରଙ୍କ ଉପେକ୍ଷା; ନିୟମିତ ଦାବି



**ବାରିପଦା, ୧୩।୬(ସମିସ):** ସାନ୍ତାଳୀ ଭାଷାଭାଷୀ ଶିକ୍ଷକମାନେ ରାଜ୍ୟ ସରକାରଙ୍କ ପ୍ରତାରଣାର ଶିକାର ହୋଇଛନ୍ତି। ପ୍ରତିଶ୍ରୁତି ଦେଇ ମଧ ସାନ୍ତାଳୀ ଶିକ୍ଷକଙ୍କୁ ନିୟମିତ ନକରି ପ୍ରତାରଣା କରିଛନ୍ତି; ଯାହାକୁ ନେଇ ସାନ୍ତାଳୀ ଭାଷା ଶିକ୍ଷକ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ୫ ଦଫା ଦାବି ନେଇ ଜିଲ୍ଲାପାଳଙ୍କ ଜରିଆରେ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ମୟୂରଭଞ୍ଜ ଭଳି ଆଦିବାସୀ ବହୁଳ ଜିଲ୍ଲାରେ ଉକ୍ତ ଶିକ୍ଷକମାନେ ବହୁ ବର୍ଷ ହେବ ସାନ୍ତାଳୀ ଭାଷାଭାଷୀରେ ଶିକ୍ଷା ପ୍ରଦାନ କରୁଛନ୍ତି। କିନ୍ତୁ ତାଙ୍କ ପ୍ରତି ରାଜ୍ୟ ସରକାର ଉପେକ୍ଷା କରିଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ନିୟମିତ କରିବାର ପ୍ରତିଶ୍ରୁତି ଦେଇ ବି କୌଣସି ପଦକ୍ଷେପ ଗ୍ରହଣ କରିଲେ ନାହିଁ। ଯାହାକୁ ନେଇ ସେମାନେ ଆଜି ବି ଉପେକ୍ଷିତ ହୋଇ ରହିଛନ୍ତି। ବିଜେପି ସରକାର ରାଜ୍ୟରେ ସରକାର ଗଢିବାର ଏକ ବର୍ଷ ପୂର୍ତ୍ତିରେ ଉତ୍ସବ ପାଳୁଥିବା ବେଳେ ତାଙ୍କ ପ୍ରତି ଦୃଷ୍ଟି ପଡୁନାହିଁ। ଯାହାକୁ ନେଇ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଶିକ୍ଷକଙ୍କୁ ନିଯୁକ୍ତିର ୬ବର୍ଷ ପରଠାରୁ ଅଣତାଲିମପ୍ରାପ୍ତ ଶିକ୍ଷକ ମାନ୍ୟତା ପ୍ରଦାନ, ସମସ୍ତ ସାନ୍ତାଳୀ ଶିକ୍ଷକଙ୍କୁ ନିୟମିତ କରିବା ଆଦି ୫ଦଫା ଦାବି ଉପସ୍ଥାପନ କରି ଦାବିପତ୍ର ପ୍ରଦାନ କରାଯାଇଛି। ଆଗକୁ ଦାବି ପୂରଣ ନ ହେଲେ ମୟୂରଭଞ୍ଜ ଜିଲ୍ଲାରୁ ପଦଯାତ୍ରାରେ ବାହାରି ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ନିଜର ହକ ପାଇଁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବା ନେଇ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ଜଙ୍ଗଲ ମଧ୍ୟରେ ବର୍ଷ ବର୍ଷ ଧରି ନକଲି ମଦ କାରଖାନା

# କେନ୍ଦ୍ରୀୟ ଗୁଇନ୍ଦା ଅବକାରୀ ବିଭାଗର ଚଢ଼ଉ

ନୟାଗଡ଼, ୧୩।୬(ସମିସ)

ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନାଞ୍ଚଳ ଜଙ୍ଗଲ ମଧ୍ୟରେ ଚାଲିଥିଲା ନକଲି ମଦ କାରଖାନା। ଏହି ମଦ କାରଖାନା ଦୀର୍ଘଦିନ ଧରି ଚାଲିଥିଲା। ରଣପୁର ଅବକାରୀ ବିଭାଗର କିଛି ଅଧିକାରୀ ଏବଂ ସ୍ଥାନୀୟ ନେତୃତ୍ୱ ଚାନ୍ଦପୁର ଥାନା ଅନ୍ତର୍ଗତ ବନ୍ଧମୁଣ୍ଡା ପଞ୍ଚାୟତ ଉକୁଟକୁମେଇ ଗାଁରେ ଚାଲିଥିଲା ନକଲି ମଦ କାରାଖାନା। ମଦ କାରଖାନାରୁ ଗତକାଲି କେନ୍ଦ୍ରୀୟ ଗୁଇନ୍ଦା ଅବକାରୀ ବିଭାଗ ବିପୁଳ ପରିମାଣର ନକଲି ମଦ ଏବଂ ନିର୍ମାଣ ସାମଗ୍ରୀ ଜବତ କରିଛି। ଡେପୁଟି କମିଶନର ଡମ୍ବୁରଧର ନାୟକଙ୍କ

## ନକଲି ମଦ ସହ ବିପୁଳ ସାମଗ୍ରୀ ଜବତ



ଏହାକୁ କୁଆଡ଼େ ପ୍ରୋତ୍ସାହିତ କରୁଥିଲେ। ଚାନ୍ଦପୁର ଓ ମଝିଆଖଣ୍ଡ ଅଞ୍ଚଳରେ ରହିଥିବା କିଛି ଠିପି ବନ୍ଦ ମଦ ଦୋକାନରେ ଏହି ନକଲି ମଦ ବିକ୍ରି ହେଉଥିଲା ବୋଲି ସୂଚନା ମିଳିଛି। ଯାହାକୁ ଲୋକେ ପିଉଥିଲେ ମଧ୍ୟ। ଗତକାଲି ଅବକାରୀ ଗୁଇନ୍ଦା ବିଭାଗ ଚଢ଼ଉ କରିବା ପରେ ନକଲି ମଦ କାରଖାନା ସମ୍ପର୍କରେ ରହସ୍ୟ ସାମ୍ନାକୁ ଆସିଛି। ନିର୍ଦ୍ଦେଶରେ ଡିଏସପି ବିକାଶ କୁମାର ନାୟକ, ଆଇଆଇସି ଧିରେନ କୁମାର ବେହେରା, ତଦନ୍ତକାରୀ ଅଧିକାରୀ ଅବନୀ କୁମାର ମହାପାତ୍ର ସଦଳବଳେ ଚଢ଼ଉ କରିଥିଲେ। ଜଙ୍ଗଲ ମଧ୍ୟରେ ଚାଲିଥିବା ଏହି ମଦ କାରଖାନାରୁ ୧୯.୮ ଲିଟର ନକଲି ବିଦେଶୀ ମଦ ଜବତ କରାଯାଇଛି। ଏହାସହ ୨୯୦ ଲିଟର ସ୍ପିରିଟ, ୩୮୮୮ ନକଲି ଲେବୁଲ, ୭୬୮୦ ମ୍ୟାଡଲ ନମ୍ବର ୧ ନକଲି ଲେବୁଲ, ୧୦ ହଜାର ୫ ଶହ ଠିପି, ୨ ଶହ ଏମଏଲ୍ ମଦ ପ୍ରସ୍ତୁତକାରୀ ରଙ୍ଗ। ୫ ଏମ୍ଏଲ୍ ପରଫ୍ୟୁମ୍, ୫ ହଜାର ଖାଲି ବୋଟଲ ଜବତ କରାଯାଇଛି। ରଣପୁର ଥାନା ଅନ୍ତର୍ଗତ ଲତାର ଗ୍ରାମର ପୂର୍ଣ୍ଣଚନ୍ଦ୍ର ରାୟ ଏହି ବେଆଇନ ମଦ କାରଖାନା ଚଲାଇଥିବାରୁ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। କିନ୍ତୁ ଏହି ମଦ କାରଖାନା ପଛରେ ଜଣେ ଠିପି ବନ୍ଦ ମଦ ଦୋକାନୀଙ୍କ ପ୍ରଚ୍ଛନ୍ନ ହାତ ରହିଥିବା ସୂଚନା ମିଳିଛି। ଉକ୍ତ ମଦ ଦୋକାନୀ ରଣପୁର ଅବକାରୀ ବିଭାଗ ଅଧିକାରୀଙ୍କୁ ହାତବାରିସି କରି କାରବାର କରୁଥିବା ଅଭିଯୋଗ ହୋଇଛି। ରଣପୁର ଅବକାରୀ ଥାନା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ରଣପୁରରେ କମ ନୟାଗଡ଼ରେ ବେଶୀ ଦେଖିବାକୁ ମିଳୁଛି। ଯାହାକୁ ସୁଯୋଗ ଭାବି ଚାନ୍ଦପୁର ଅଞ୍ଚଳର ମଦ ମାଫିଆମାନେ ସକ୍ରିୟ ହୋଇ ନକଲି ମଦ ପ୍ରସ୍ତୁତ କରି ଦୋକାନରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ଅବକାରୀ ବିଭାଗ ଏହାର ଖୋଳତାଡ଼ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

# ପିକ୍ଅପ୍ ଦୁର୍ଘଟଣାରେ ଜଣେ ମୃତ

**ନୟାଗଡ଼,୧୩।୬(ସମିସ):** ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ଇଟାମାଟି ପଞ୍ଚାୟତସାହିର ଗଦାଧର ନାୟକ ସବୁଦିନ ଭଳି ଆଜି ସକାଳୁ ବୁଲିବା ପାଇଁ ଯାଉଥିଲେ। ନୟାଗଡ଼ ଖୋର୍ଦ୍ଧା ଜାତୀୟ ରାଜପଥ ଉପରେ ସେ ଚାଲି ଚାଲି ଯାଉଥିବା ବେଳେ ଇଟାମାଟି ଯୁକ୍ତ ଦୁଇ ମହାବିଦ୍ୟାଳୟ ସମ୍ମୁଖରେ ପିକଅପ୍ ଗାଡ଼ି ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ। ଡାକ୍ତର ଗଦାଧରଙ୍କୁ ମୃତ ଘୋଷଣା କରିଥିଲେ। ଇଟାମାଟି ପୁଲିସ ଘଟଣାସ୍ଥଳରେ ପହଞ୍ଚି ପିକଅପ୍ ଗାଡ଼ି ଜବତ୍ କରିବା ସହ ଡ୍ରାଇଭରକୁ ଅଟକ ରଖିଛି। ଏନେଇ ଗଦାଧରଙ୍କ ପୁଅ ଶିବପ୍ରସାଦ ନାୟକ ଥାନାରେ ଏତଲା ଦେଇଛନ୍ତି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି।

# ବ୍ଲକ୍ ଟପରଙ୍କୁ ଅଞ୍ଜଳି ମିଶ୍ର ସ୍ମୃତି ପୁରସ୍କାର



**ଖଣ୍ଡପଡା,୧୩।୬(ସମିସ):** ଖଣ୍ଡପଡ଼ା ବ୍ଲକ ରାଣୀଛେଲି ପଞ୍ଚାୟତ ଅଧୀନ କଳପଙ୍ଗି ଗ୍ରାମର ପଣ୍ଡିତ ଜମ୍ବେଶ୍ୱର ବିଦ୍ୟାପୀଠର ଛାତ୍ର ଶୁଭମ ରାଉତଙ୍କୁ ଅଞ୍ଜଳି ମିଶ୍ର ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଛି। ଆଜି ଅପରାହ୍ନରେ ସହରାଞ୍ଚଳସ୍ଥିତ ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଡିଓ ଝାଡେଶ୍ୱର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେବା ସହିତ ଏହି ପୁରସ୍କାରକୁ ଛାତ୍ର ଶୁଭମଙ୍କୁ ପ୍ରଦାନ କରିଥିବା ସୂଚନା ମିଳିଛି। ବରିଷ୍ଠ ସାମ୍ବାଦିକ ଭବାନୀଶଙ୍କର ସିଂହସାମନ୍ତ, ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା ଏବଂ ସ୍ୱର୍ଗତ ଅଞ୍ଜଳି ମିଶ୍ରଙ୍କ ପୁଅ ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ମିଶ୍ର ମଞ୍ଚାସୀନ ଥିଲେ। ୨୦୦୩ରୁ ସ୍ୱର୍ଗତା ଅଞ୍ଜଳି ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ପରିବାର ଲୋକେ ମାଟ୍ରିକ ପରୀକ୍ଷାରେ ଖଣ୍ଡପଡା ବ୍ଲକର ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରୁଛନ୍ତି। ଏତଦବ୍ୟତୀତ ଦିଲ୍ଲୀପ ମିଶ୍ରଙ୍କ ଦ୍ୱାରା ରଚିତ ପୁସ୍ତକ ଉପସ୍ଥିତ ଅତିଥିଙ୍କୁ ପ୍ରଦାନ କରାଯାଇଥିଲା। ଯୁବ ସାମ୍ବାଦିକ ଜନ୍ମେଜୟ ଦଳେଇ ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବାଘୁଆପଲ୍ଲୀରେ ଅତିରିକ୍ତ ତହସିଲଦାରଙ୍କ ଜନଶୁଣାଣି

**ଭାପୁର,୧୩।୬(ସମିସ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ରାଜସ୍ୱ ବିଭାଗ ତୃଣମୂଳ ସ୍ତରରେ ପହଞ୍ଚି ଜନସାଧାରଣଙ୍କ ସମାସ୍ୟା ବୁଝି ତତ୍କାଳ ସମାଧାନ କରୁଛନ୍ତି। ନୟାଗଡ଼ ଜିଲ୍ଲା ଭାପୁର ତହସିଲ କାର୍ଯ୍ୟାଳୟ ପକ୍ଷରୁ ଏନେଇ ଜନଶୁଣାଣି ଆରମ୍ଭ ହୋଇଛି। ଭାପୁର ତହସିଲ ବାଘୁଆପଲ୍ଲୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଭାପୁର ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରିଆ ଜନଶୁଣାଣି କରିଛନ୍ତି। ସର୍କଲ ରାଜସ୍ୱ ନିରୀକ୍ଷକ ପ୍ରଦୀପ ପଟ୍ଟନାୟକ, ତହସିଲ କାର୍ଯ୍ୟାଳୟ କର୍ମଚାରୀ ସସ୍ମିତା ବେହେରା ଏହି କାର୍ଯ୍ୟରେ ସହଯୋଗ କରିଥିଲେ। ୪୫ ଜଣ ସେମାନଙ୍କ ଜମିଜମା ସମାସ୍ୟା ନେଇ ଅଭିଯୋଗ କରିଥିଲେ। ଅତିରିକ୍ତ ତହସିଲଦାର ସମସ୍ତ ଅଭିଯୋଗ ଶୁଣାଣି କରି ତତ୍କାଳ ସମାଧାନ କରିଥିଲେ। ଏହିପରି ଅନ୍ୟ ସମସ୍ତ ରାଜସ୍ୱ ସର୍କଲରେ ପର୍ଯ୍ୟାୟକ୍ରମେ ଜନଶୁଣାଣି କରାଯିବ ବୋଲି ଅତିରିକ୍ତ ତହସିଲଦାର ଶ୍ରୀ ଛତ୍ରିଆଙ୍କଠାରୁ ଜଣାପଡିଛି। ଯେଉଁ ପରିବାରର ମୁରବୀ ମୃତ୍ୟୁ ହୋଇଯାଇଛି ସେହି ଘଟଣାରେ ପରିବାର ଚାହୁଁଥିବା ବ୍ୟକ୍ତିମାନଙ୍କ ନାମରେ ୧୯-୧ ସି ଧାରାରେ ପଟ୍ଟା କରିବାକୁ ରାଜସ୍ୱ ନିରୀକ୍ଷକଙ୍କୁ ଅଧିକାର ପ୍ରଦାନ କରାଗଲେ ଅନେକ ପରିବାର ଉପକୃତ ହୋଇପାରନ୍ତେ।

# ରଙ୍ଗଣୀପାଟଣା ପଞ୍ଚାୟତରେ ବିକଶିତ କୃଷି ସଂକଳ୍ପ ଅଭିଯାନ

**ଓଡ଼ଗାଁ, ୧୩।୬(ସମିସ):** ବୈଜ୍ଞାନିକ କୃଷି ଜ୍ଞାନ କୌଶଳର ପ୍ରୟୋଗ ଦ୍ୱାରା ଚାଷୀଙ୍କର ଉତ୍ପାଦନ ଦ୍ୱିଗୁଣିତ ତଥା ବହୁଗୁଣିତ ହେବ। ପ୍ରାକ୍ ପ୍ରସ୍ତୁତି ସହିତ ମାଟିର ଗୁଣବତ୍ତା ପରୀକ୍ଷା ଏବଂ ପାଣିପାଗକୁ ଲକ୍ଷ୍ୟ କରି ବିଶୋଧିତ ବିହନର ବ୍ୟବହାର ନିର୍ଦ୍ଧାରିତ ସମୟରେ ଜୈବିକ ସାର ଦେଇ ଫସଲକୁ ରୋଗ ଦାଉରୁ ରକ୍ଷା ପାଇଁ ପ୍ରାକୃତିକ ଉପାୟର ଅବଲମ୍ବନ କରିବାଠାରୁ ଆରମ୍ଭ କରି ଫସଲର ଉପଯୁକ୍ତ ଅମଳ କରିବା ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ସମ୍ବନ୍ଧରେ ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ରଙ୍ଗଣୀପାଟଣା ପଞ୍ଚାୟତ କଲ୍ୟାଣୀ ମଣ୍ଡପଠାରେ ଆୟୋଜିତ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମରେ କୃଷି ବୈଜ୍ଞାନିକମାନେ ଯୋଗଦେଇ ଅଂଶଗ୍ରହଣକାରୀ ପ୍ରାୟ ୩ଶହ ଚାଷୀଙ୍କୁ ବୁଝାଇଥିଲେ। ଏପରିକି ଖରିଫ୍ ଚାଷ କରିବାବେଳେ ଅଳ୍ପ ସମୟ ବ୍ୟବଧାନରେ କିପରି ଏକାଧିକ ଫସଲ ଉତ୍ପାଦିତ ହେବ ତାଦ'ର ବ୍ୟାବହାରିକ କୌଶଳ ପ୍ରଦାନ କରିଥିଲେ। ଜଳ ପ୍ରବନ୍ଧନ ସଂସ୍ଥାନର ବୈଜ୍ଞାନିକ ଡ.ଦେବବ୍ରତ ସେଠୀ, ନୟାଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡକ୍ଟର ପ୍ରମୋଦ କୁମାର ପୃଷ୍ଟି, ଇଂଜିନିୟର ଶୁଚିସ୍ମିତା ଦ୍ୱିବେଦୀ, ରଙ୍ଗଣୀପାଟଣା ସରପଞ୍ଚ ସସ୍ମିତା ପାତ୍ର, ଉଦ୍ୟାନ କୃଷି କନିଷ୍ଠ ଯନ୍ତ୍ରୀ ପଙ୍କଜ ଲୋଚନ ପ୍ରଧାନ ଯୋଗ ଦେଇ ଚାଷୀ ମାନଙ୍କୁ ବୈଜ୍ଞାନିକ କୃଷି ଜ୍ଞାନ କୌଶଳ ସହିତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ବନ୍ଧରେ ଅବଗତ କରିଥିଲେ। ବ୍ଲକ କୃଷି ଅଧିକାରୀ ପ୍ରତିଭା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁରୂପ ଭାବେ ଅପରାହ୍ନରେ ଗୌଡ଼ପୁଟ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ସମାପନ ହୋଇଥିଲା।

# ପୁତୁରା ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ



**ନୟାଗଡ଼, ୧୩।୬(ସମିସ):** ପୁତୁରା ହତ୍ୟାକାରୀକୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି ନୟାଗଡ଼ ଏଡିଜେ ବିଚାରପତି ରିଜା ରାୟ। ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ଦେଉଳସାହିରେ ଜଣେ ଦାଦା(କକେଇ) ୪ ବର୍ଷର ପୁତୁରାକୁ ହତ୍ୟା କରିଥିଲା। ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା ୨୦୨୧ ମସିହା ଫେବୃୟାରୀ ୧ ତାରିଖରେ। ମୃତ ଶିଶୁଟି ହେଉଛି ଦେଉଳସାହି ରଞ୍ଜନ ସାହୁଙ୍କ ପୁଅ ସାଇକ୍ରିଷ୍ଣା। ରଞ୍ଜନ ଏବଂ ତାଙ୍କ ସାନଭାଇ ମନୋଜ ସାହୁଙ୍କ ମଧ୍ୟରେ ଦୀର୍ଘଦିନ ହେବ ଜମିବାଡ଼ି ବିବାଦ ଲାଗି ରହିଥିଲା। ସେଦିନ ବିଳମ୍ବିତ ରାତିରେ ମନୋଜ ବଡ଼ଭାଇଙ୍କ ଘରେ ପଶି ତାଙ୍କୁ ଆକ୍ରମଣ କରିଥିଲା। ଯାହାକୁ ନେଇ ରଞ୍ଜନ ମଧ୍ୟ ତାଙ୍କୁ ଆକ୍ରମଣ କରିଥିଲେ। ଏହି ସମୟରେ ପାଖରେ ଥିବା ୪ ବର୍ଷର ପୁତୁରା ଗୋଡ଼କୁ ଧରି ଏକ କାନ୍ଥରେ ମନୋଜ କଚାଡି ଦେଇଥିଲେ। ଫଳରେ ସାଇକ୍ରିଷ୍ଣା ଗୁରୁତର ହୋଇପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେବା ସହ ମନୋଜକୁ ଧରି ପକାଇଥିଲେ। ପୁଲିସ ମନୋଜକୁ ହେପାଜତକୁ ନେଇଥିଲା। ପରିବାର ଲୋକେ ସାଇକ୍ରିଷ୍ଣାଙ୍କୁ ପ୍ରଥମେ ନୟାଗଡ଼ ଓ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରଦିନ ସନ୍ଧ୍ୟାରେ ସାଇକ୍ରିଷ୍ଣାର ମୃତ୍ୟୁ ଘଟିବା ପରେ ଶବକୁ ନୟାଗଡ଼ ଅଣାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଥିଲା। ଇଟାମାଟି ଥାନାଧିକାରୀ ଦୀପକ ଖଣ୍ଡାୟତରାୟ ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ହତ୍ୟା ଅଭିଯୋଗରେ ଗିରଫ କରାଯାଇ କୋର୍ଟ ଚାଲାଣ କରିଥିଲେ। ଉକ୍ତ ମାମଲାର ଶୁଣାଣି ଶେଷ ହୋଇ ଆଜି ରାୟ ପ୍ରକାଶ ପାଇଛି। ସମସ୍ତ ସାକ୍ଷୀ ଓ ପ୍ରମାଣକୁ ଆଧାର କରି ବିଚାରପତି ୩୦୨ ଦଫାରେ ଅଭିଯୁକ୍ତ ମନୋଜକୁ ଆଜୀବନ କାରାଦଣ୍ଡାଦେଶ ଓ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଏହାସହ ୩୨୫ ଦଫାରେ ୫ ବର୍ଷ କାରାଦଣ୍ଡ ସହ ୫ ହଜାର ଜରିମାନା, ୫୦୬ ଦଫାରେ ଏକ ବର୍ଷ ଦଣ୍ଡାଦେଶ ପ୍ରଦାନ କରାଯାଇଛି। ମାମଲାକୁ ସରକାରଙ୍କ ପକ୍ଷରୁ ଆଡିସନାଲ ପିପି ଅନୱାର ମଲ୍ଲିକଙ୍କ ପରିଚାଳନା କରିଥିଲେ।

ଅନ୍ତ୍ୟୋଦୟ ଗୃହ ଯୋଜନାରେ ବ୍ୟାପକ କେଲେଙ୍କାରୀ

# ଭାପୁରରେ ଜଣେ ହିତାଧିକାରୀଙ୍କୁ ମିଳିବ ଦୁଇ ଥର ଆବାସ

**ନୟାଗଡ/ଭାପୁର,୧୩।୬(ସମିସ):** ବର୍ଷକ ମଧ୍ୟରେ ବିକାଶର ନାଁ ଗନ୍ଧ କିଛି ନଥିବା ବେଳେ ମନ୍ତ୍ରୀଙ୍କଠାରୁ ବିଧାୟକଙ୍କ ପର୍ଯ୍ୟନ୍ତ ଖାଲି ବିକାଶ ଓ ଉପଲବ୍ଧି ବୋଲି ରଡ଼ି ଛାଡୁଛନ୍ତି। ଏଭଳି କହି ସାଧାରଣ ଲୋକେ ବିଜେପି ନେତାଙ୍କୁ ଟାର୍ଗେଟ କଲେଣି। ଖାଲି ଫୁଟାଣି ମାରିବା ଛଡ଼ା ଏମାନଙ୍କର ଗତି ନାହିଁ ବୋଲି ସିଧାସଳଖ ସୋସିଆଲ ମିଡିଆରେ ଲେଖିଲେଣି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବିଗତ ଦିନରେ ଦୁର୍ନୀତିକୁ ନୀତି କରିଥିଲା। ଏବେ ରାଜ୍ୟ ସରକାର ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗରିବ, ଅସହାୟ, ଦିବ୍ୟାଙ୍ଗ ଓ ବିଧବା ମହିଳାଙ୍କୁ ଘର ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାର ସୁଫଳ ପାଇବେ ବୋଲି ଆଶା କରାଯାଉଛି; କିନ୍ତୁ ଭାପୁର ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ଅନେକ ବାହାନା ବାଜି କରାଯାଉଛି।




ବ୍ଲକ ପ୍ରଶାସନ ଉପରେ ଚାପ ପକାଇ ସଧବ ମହିଳାଙ୍କୁ ବିଧବା ସଜା ଯାଉଥିବା ବେଳେ ଜଣେ ହିତାଧିକାରୀଙ୍କୁ ଦ୍ୱିତୀୟ ଥର ଯୋଜନା ଅନ୍ତର୍ଭୁକ୍ତ କରାଯାଉଛି। ଶାଳପଡ଼ା ପଞ୍ଚାୟତ ମରଦାବାଡ଼ି ଗ୍ରାମର ଭବବାନ ରାଉତଙ୍କ ପତ୍ନୀ ସରୋଜିନି ରାଉତ ୨୦୧୨-୧୩ରେ ଆବାସ ଯୋଜନା ହିତାଧିକାରୀ ଅଟନ୍ତି। ସେ ୨୦୧୪-୧୫ ମସିହାରେ ଗୃହ ନିର୍ମାଣ ଶେଷ କରିଥିବା ସରକାରୀ ରେକର୍ଡ କହୁଛି। ଏଭଳି ସ୍ଥିତିରେ ସରୋଜିନିଙ୍କୁ ୨୦୨୫-୨୬ରେ ପୁଣି ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରାଯିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ଲକ ପ୍ରଶାସନ ତାଲିକା କ୍ରମିକ ନଂ ୨୫୫ରେ ସରୋଜିନିଙ୍କ ନାଁ ରହିଛି। ଭାପୁର ବ୍ଲକରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କୁ ଚାପ ପକାଇ ଏଭଳି ଅନିୟମିତତା କରାଯିବାକୁ ଯୋଜନା ଚାଲିଥିବା ଅଭିଯୋଗ ହୋଇଛି। ବିଗତ ଦିନରେ ଆବାସ ଯୋଜନାକୁ ବିକ୍ରି କରି ବିଦେଶ ବୁଲିଥିବା କିଛି ଦୁର୍ନୀତିଖୋର ଏବଂ ବ୍ଲକରେ ୮୦ କୋଟି ଟଙ୍କା ଦୁର୍ନୀତି କରିଥିବା ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଥିବା ଆଲୋଚନା ହେଉଛି। ଭାପୁର ବ୍ଲକରେ କାର୍ଯ୍ୟରତ ଜଣେ ବିଡିଓ, ଜଣେ ଏବିଡିଓ, ସହକାରୀ ଯନ୍ତ୍ରୀ, ଯନ୍ତ୍ରୀ, ପିଇଓ ଓ ଜିଆର୍ଏସ୍‌ଙ୍କୁ ମିଶାଇ ୧୦ରୁ ଊର୍ଦ୍ଧ୍ୱ ସରକାରୀ ଚାକିରିଆଙ୍କ ବିରୋଧରେ ଦୁର୍ନୀତି ପାଇଁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ସରକାରୀ କର୍ମଚାରୀମାନେ ନେତାଙ୍କ ହାତବାରିସି ସାଜିବାରୁ ଏଭଳି ଦଶା ଭୋଗିଛନ୍ତି; ତଥାପି ଯଦି ଭାପୁର ବ୍ଲକରେ ଅନିୟମିତତାକୁ ପ୍ରଶ୍ରୟ ଦିଆଯାଏ, ତେବେ ଆଗାମୀ ଦିନରେ ଏହା ଭୟାବହ ସ୍ଥିତି ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି।

ଓଡ଼ଗାଁ କ୍ରିକେଟ୍ ଲିଗ୍

# ଏମ୍ପୋରିୟର ଇଲେଭେନ ଓ ଏସଆର୍ଏସ୍‌ସି ବିଜୟୀ



**ଓଡ଼ଗାଁ,୧୩।୬(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ମିନି ଷ୍ଟାଡିୟମଠାରେ ରଘୁନାଥ ଆଥଲେଟିକ ଆସୋସିଏସନ୍ ଆନୁକୂଲ୍ୟରେ ଅନୁଷ୍ଠିତ ୧୬ତମ ଓଡ଼ଗାଁ କପ୍ କ୍ରିକେଟ ଲିଗ୍ (ଓସିଏଲ) ୨୦୨୫ ଶୁକ୍ରବାର ଷଷ୍ଠ ଦିନରେ ୨ ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ ଏମ୍ପୋରିୟର ଇଲେଭେନ ଓ ଏସଆରଏସି ଦଳ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚରେ ବ୍ରଦର୍ଶ ଇଲେଭେନ ଟସଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୩ ୱିକେଟ ହରାଇ ୮୧ ରନ୍ ସଂଗ୍ରହ କରିଥିଲା ବେଳେ ପ୍ରତିପକ୍ଷ ଏହାର ମୁକାବିଲାରେ ୪.୪ ଓଭରରେ ୧ ୱିକେଟ ବିନିମୟରେ ୮୪ ରନ୍ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ତିତିଲି ମ୍ୟାନ ଅଫ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଏସଆରଏସସି ଟସଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୧୦ ଓଭରରେ ୨ ୱିକେଟ ବିନିମୟରେ ୧୪୬ ରନ୍ ସଂଗ୍ରହ କରିଥିଲେ। ଏହାକୁ ସାମ୍ନା କରିବାକୁ ଯାଇ ଇନଭିଜିବୁଲ ଇଲେଭନ ନିର୍ଦ୍ଧାରିତ ଓଭର ମଧ୍ୟରେ ୫ ୱିକେଟ ହରାଇ ୭୨ ରନ୍ ସଂଗ୍ରହ କରି ୪୪ ରନ୍ ବ୍ୟବଧାନରେ ପରାଜୟ ବରଣ କରିଥିଲେ। ବିଜୟୀ ଦଳର କିଶନ୍ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। କିଶନ, ତନ୍ମୟ, ଶୁଭମ୍, ସୌରଭ, ରାମେଶ୍ୱର, ଅଜିତ ଆଜିର ଖେଳ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ଓଡଗାଁର ଖେଳ ମଣିଷ ଦିବାକର ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ ପରିଚାଳନା କାର୍ଯ୍ୟ ସମାପନ ହୋଇଥିଲା।

# ସହରରେ ବିକାଶ ଯାତ୍ରା ଉଦ୍‌ଯାପିତ



**ନୟାଗଡ,୧୩।୬(ସମିସ):** ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ ମିଳିତ ଆନୁକୂଲ୍ୟରେ ଆୟୋଜିତ ବିକାଶ ଯାତ୍ରା ଆଜି ଉଦଯାପିତ ହୋଇଯାଇଛି। ନୟାଗଡ଼ ସହର ୧୬ ନମ୍ବର ୱାର୍ଡ ପାଟଚଣ୍ଡି ନିକଟରେ ଏହା ଉଦଯାପିତ ହୋଇଛି। ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ଜନକଲ୍ୟାଣ ଯୋଜନା କାର୍ଯ୍ୟକାରୀ ହେଉଥିବା ନେଇ ସଚେତନ ରଥ ମାଧ୍ୟମରେ ସହରବାସୀଙ୍କୁ ଅବଗତ କରାଯାଇଛି। ଉତ୍ସବରେ ଅଧକ୍ଷା ନିରୂପମା ଖଟେଇ, ଉପାଧକ୍ଷ ଗୁରୁପ୍ରସାଦ ଜେନା, ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ, ପୌରଯନ୍ତ୍ରୀ ରଞ୍ଜନ କୁମାର ମହାରଣା, ସହକାରୀ ଯନ୍ତ୍ରୀ ବିଷ୍ଣୁପ୍ରସାଦ, କନିଷ୍ଠ ଯନ୍ତ୍ରୀ ଦାମୋଦର ସାହୁଙ୍କ ସମେତ ସମସ୍ତ ପୌର କର୍ମଚାରୀ ଉପସ୍ଥିତ ଥିଲେ।

ମଞ୍ଚରେ ରହିଲେନି ବିଜେପି ନେତା

# ଦ୍ୱିତୀୟ ଦିନରେ ବି ଫିକା ପଡ଼ିଲା ବିକାଶ ମେଳା

**ନୟାଗଡ,୧୩।୬(ସମିସ):** ବିଜେପି ସରକାରର ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ନିର୍ଦ୍ଦେଶରେ ଆୟୋଜିତ ବିକାଶ ମେଳା ଦ୍ୱିତୀୟ ଦିନ ବି ଫିକା ପଡିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଖଣ୍ଡପଡ଼ା ଓ ଭାପୁର ବ୍ଲକରୁ ଲୋକ ଆଣିବା ପାଇଁ କରାଯାଇଥିବା ଯୋଜନା ଏକରକମ ବିଫଳ ହୋଇଛି। ଖଣ୍ଡପଡା ବ୍ଲକରୁ ତିନି ଶହରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ଗାଡ଼ିରେ ଅଣାଯାଇଥିବା ବେଳେ ଭାପୁର ବ୍ଲକରୁ ବହୁ କମସଂଖ୍ୟକ ପୁରୁଷ ଲୋକ ଆସିଥିଲେ। ପୂରା ବିକାଶ ମେଳା ପଡିଆ ଖାଁ ଖାଁ ଲାଗୁଥିବା ବେଳେ ବୁହା ହୋଇ ଆସିଥିବା ପୁରୁଷ ଲୋକମାନେ ସଭା ପୂର୍ବରୁ ଚାଲି ଯାଇଥିଲେ। କିଛି ମହିଳାଙ୍କ ଉପସ୍ଥିତିରେ ଦ୍ୱିତୀୟ ସନ୍ଧ୍ୟାର ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ବକ୍ତବ୍ୟ ରଖିବା ପାଇଁ ବିଜେପିର ଜଣେ ନେତାଙ୍କୁ ବି ଦେଖିବାକୁ ମିଳି ନଥିଲା। ନୟାଗଡ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପୌରାଧକ୍ଷା ନିରୂପମା ଖଟେଇ, ଭାରପ୍ରାପ୍ତ ତହସିଲଦାର ତରୁଣ କୁମାର ମହାପାତ୍ର ଯୋଗ ଦେଇଥିଲେ। ଗୋପୀନାଥ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ଆଇନସେବା ପ୍ରାଧିକରଣ ସଚିବ ଅଞ୍ଜଳି ମାଛକୁଣ୍ଡ ନାରୀ ସଶକ୍ତିକରଣ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀ ପଟ୍ଟନାୟକ ବକ୍ତବ୍ୟ ପୂର୍ବରୁ ବିମାନ ଦୁର୍ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା।




# ବିନା ବିଧାୟକରେ ସାଂସ୍କୃତିକ ମଞ୍ଚ ଉଦ୍‌ଘାଟିତ

ନୟାଗଡ଼/ଖଣ୍ଡପଡ଼ା,୧୩।୬(ସମିସ)

ଖଣ୍ଡପଡା ନିର୍ବାଚନମଣ୍ଡଳୀରେ ଚାଲିଥିବା ଚେକ୍ ଦିଆ ରାଜନୀତିକୁ ମାତ୍ ଦେଇ ଆଜି ଜୋରଦାର ଝଟକା ଦେଇଛି ବିଜୁ ଜନତା ଦଳ। ବିଜୁ ଜନତା ଦଳ ସମର୍ଥିତ ନିର୍ବାଚିତ ପ୍ରତିନିଧିମାନେ ଆଜି ବିନା ବିଧାୟକରେ ଏକ ସାଂସ୍କୃତିକ ମଣ୍ଡପକୁ ଉଦଘାଟନ କରିଥିବା ଦେଖାଯାଇଛି। ଖଣ୍ଡପଡ଼ା ବିଜେପି ବିଧାୟକ ବିଜୟୀ ହେବା ପରଠାରୁ ପ୍ରତ୍ୟେକ ମଞ୍ଚ, ପ୍ରତ୍ୟେକ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳ ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା କରିବା ଆରମ୍ଭ ହୋଇଥିଲା। ଯାହାକୁ ନେଇ ଆଜି ଖଣ୍ଡପଡାର ନିର୍ବାଚିତ ପ୍ରତିନିଧି ବିନା ବିଧାୟକରେ ଏକ ଉଦଘାଟନ କାର୍ଯ୍ୟକ୍ରମ କରିଥିବା ଜଣାପଡିଛି। ଖଣ୍ଡପଡ଼ା ବ୍ଲକ ରାଣୀଛେଲି ପଞ୍ଚାୟତ ଗୋହିରିଆପଡା ଗ୍ରାମରେ ରଜ ମହୋତ୍ସବ ସାଂସ୍କୃତିକ ମଣ୍ଡପକୁ ଉଦଘାଟନ କରାଯାଇଛି। ନୟାଗଡ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଖଣ୍ଡପଡା ବ୍ଲକ ଅଧକ୍ଷା ଉପମା ବେହେରା, ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ଉପାଧକ୍ଷ ବିଷ୍ଣୁପ୍ରିୟା ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ ସଭାପତି ଲକ୍ଷ୍ମୀଧର ଦାସ, ବ୍ରଜବନ୍ଧୁ ବେହେରା, ସୁଧାକର ବେହେରା, କାର୍ତ୍ତିକ ନାୟକ, ମେଘନାଦ ନାୟକ, ଜଳନ୍ଧର ନାୟକଙ୍କ ସମେତ ସମସ୍ତ ଗ୍ରାମବାସୀ ସାମିଲ ହୋଇଥିଲେ। ଜିଲ୍ଲା ପରିଷଦ ପାଣ୍ଠିରୁ ଗ୍ରାମ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ରଜ ମହୋତ୍ସବ ପାଇଁ ଏକ ସାଂସ୍କୃତିକ ମଣ୍ଡପ ନିର୍ମାଣ କରାଯାଇଥିଲା। ବିନା ବିଧାୟକରେ ଏଭଳି ଉଦଘାଟନ କାର୍ଯ୍ୟକ୍ରମ କରାଯିବା ଘଟଣା ରାଜନୀତିକୁ ସରଗରମ କରିଛି।



# ବ୍ରହ୍ମପୁରରୁ ଗଡ଼ିଲା ମିଳିତ କ୍ରିୟାନୁଷ୍ଠାନ କମିଟିର ସଚେତନତା ରଥ

ବ୍ରହ୍ମପୁର/ଭଞ୍ଜନଗର, ୧୩।୬(ସମିସ)



ଦକ୍ଷିଣ ଓଡ଼ିଶା ରେଳପଥ ଓ ସାମୂହିକ ଭିତ୍ତିଭୂମି ବିକାଶ ମିଳିତ କ୍ରିୟାନୁଷ୍ଠାନ କମିଟିର ପକ୍ଷରୁ ଦକ୍ଷିଣଓଡ଼ିଶାର ବିଭିନ୍ନ ଦାବିକୁ ନେଇ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଶୁକ୍ରବାର ବ୍ରହ୍ମପୁର ରେଳଷ୍ଟେସନରୁ ୪୦ରୁ ଅଧିକ ଗଣସଂଗଠନର ସକ୍ରିୟ ପ୍ରତିନିଧିମାନଙ୍କୁ ନେଇ ଏକ ବସ ଯୋଗେ ବିକାଶ ଯାତ୍ରା ଅଭିଯାନ ଆରମ୍ଭ ହୋଇଛି। ସ୍ଥାନୀୟ ବିଜିପୁର ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଗାନ୍ଧୀ ନଗର, ଏସଏନଟି ରୋଡ, ଗିରିମାର୍କେଟ, ଆସ୍କାରୋଡ ଦେଇ 'ବିକାଶ ରଥ' ଯାତ୍ରା କରିଥିଲା। ପ୍ରଥମ ଦିନରେ ଏହି ଯାତ୍ରା ହିଞ୍ଜିଳି, ଆସିକା, ଭଞ୍ଜନଗର ଓ ଫୁଲବାଣୀ ଅଭିମୁଖେ ଯାତ୍ରା କରିଛି। ଦକ୍ଷିଣଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶର ଆବଶ୍ୟକତା ନେଇ କମିଟି ପକ୍ଷରୁ ବିଭିନ୍ନ ବିଭାଗ ଅନ୍ତର୍ଗତ ମୋଟ ୪୦ଟି ଦାବି ସମ୍ପର୍କରେ ରଥ ଜରିଆରେ ଲୋକଙ୍କୁ ସଚେତନ କରାଯାଉଛି। ଦାବି ଗୁଡିକ ମଧ୍ୟରୁ ଗୋପାଳପୁରରୁ ସମ୍ବଲପୁର(ରେଢ଼ାଖୋଲ) ଭାୟା ହିଞ୍ଜିଳିକାଟୁ, ଆସିକା, ଭଞ୍ଜନଗର ଓ ଫୁଲବାଣୀ (ଗତିଶକ୍ତି ଯୋଜନାରେ ଅନ୍ତର୍ଭୁକ୍ତ), ଗୋପାଳପୁର ଠାରୁ ରାୟଗଡ଼ା (ସିଙ୍ଗାପୁର ରୋଡ) ଭାୟା ଦିଗପହଣ୍ଡି, ଭିଷ୍ମଗିରି, ମୋହନା, ପଦ୍ମପୁର, ଗୁଡ଼ାରୀ ଦେଇ ନୂତନ ରେଳପଥ ନିର୍ମାଣ, ବ୍ରହ୍ମପୁର ଠାରୁ ଟ୍ରେନ ଯାତ୍ରାର ଆରମ୍ଭ ନେଇ ଟର୍ମିନାଲ କୋଚ ଡିପୋ ସ୍ଥାପନ, ବ୍ରହ୍ମପୁର ଶିତଳାପଲ୍ଲି ନିକଟରେ ରେଳ ଡବା ମରାମତି କାରଖାନା ପ୍ରତିଷ୍ଠା, ବ୍ରହ୍ମପୁର ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ ଉନ୍ନତି ଓ ଅମୃତ ଭାରତ ଯୋଜନାରେ ସାମିଲ କରିବା, ମହାନଦୀକୁ ଋଷିକୂଲ୍ୟା ଦେଇ ବାହୁଦା ନଦୀ ସହିତ ସଂଯୋଗୀକରଣ କରିବା, ବ୍ରହ୍ମପୁର ନିକଟରେ ଏକ ଗ୍ରୀନଫିଲ୍ଡ ଓ କାର୍ଗୋ ବିମାନବନ୍ଦର ସ୍ଥାପନ କରିବା, ଶିକ୍ଷାନୁଷ୍ଠାନ ଗୁଡ଼ିକର ପୁନଃରୁଦ୍ଧାର ତଥା ନୂତନ କୃଷିଭିତ୍ତିକ ଶିଳ୍ପ ସ୍ଥାପନ, ଏମକେସିଜି ମେଡିକାଲ କଲେଜକୁ ଏମ୍ସର ମାନ୍ୟତା, ଆସିକା ଓ ଭଞ୍ଜନଗରରେ ମେଡିକାଲ କଲେଜ ନିର୍ମାଣ, ୬ଟି ରାଜମାର୍ଗର ପ୍ରଶସ୍ତିକରଣ, ବ୍ରହ୍ମପୁର, ଜୟପୁର, ବାଲିଗୁଡ଼ା ଓ ବ୍ରହ୍ମପୁର ଠାରୁ ରାଉରକେଲା ଏକ୍ସପ୍ରେସ ହାଇୱେ ଏବଂ ଦକ୍ଷିଣଓଡ଼ିଶା ବିକାଶ ପରିଷଦକୁ ସ୍ୱୟଂସମ୍ପୂର୍ଣ୍ଣ ଭାବେ ତ୍ୱରାନ୍ୱିତ କରିବା ଭଳି ବିଭିନ୍ନ ପ୍ରମୁଖ ଦାବିକୁ ନେଇ ଜନସାଧାରଣଙ୍କ ସହ ଆଲୋଚନା କରାଯାଉଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ମୃତକଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯିବା ସହ ସେମାନଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଯାଇଥିଲା। କାର୍ଯ୍ୟକ୍ରମରେ ଦକ୍ଷିଣଓଡ଼ିଶା ରେଳପଥ ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ସରୋଜ ରଞ୍ଜନ ପଟନାୟକ, ଦକ୍ଷିଣଓଡ଼ିଶା ସାମୁହିକ ଭିତ୍ତିଭୂମି ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟିର ସଭାପତି ଡ଼. ବାଳକୃଷ୍ଣ ପଣ୍ଡା, ସମାଜସେବୀ ବିନୋଦ ଠାକୁର, ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚର ସଭାପତି ରାଜେନ୍ଦ୍ର କୁମାର ପଣ୍ଡା, ଓଡ଼ିଶା ଡେଭେଲପମେଣ୍ଟ ଫୋରମର ସମ୍ପାଦକ ପ୍ରିତିଶ କୁମାର ପାଣିଗ୍ରାହୀ, ପ୍ରବୀଣ ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ସ୍ୱାଭିମାନ ଓଡ଼ିଶାର ସଭାପତି ଅମ୍ବିକା ପଣ୍ଡା, ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ ଗୟା, ବହୁମୁଖୀ ସମାଜ ମଙ୍ଗଳର ସମ୍ପାଦକ ମାନସ ରଞ୍ଜନ ପାତ୍ର, ସୁଜିତ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ସୂର୍ଯ୍ୟ ନାରାୟଣ ବେହେରା, ଦୀପକ ପଣ୍ଡା, ପ୍ରଗତିଶୀଳ ଉତ୍କଳ ସମାଜର ମହେଶ୍ୱର ବାଡତ୍ୟା, ଉମାକାନ୍ତ ସାହୁ, କେଦାରନାଥ ପଣ୍ଡା, ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଦେବବ୍ରତ ଦେବ, ଆଦିତ୍ୟ ରଥ, ପଞ୍ଚୁ ବେହେରା, ଶରତ କର, ଅନନ୍ତ ପଣ୍ଡା, ବରିଷ୍ଠ ସାମ୍ବାଦିକ କାର୍ତ୍ତିକେଶ୍ୱର ପ୍ରଧାନ, ରାଜେନ୍ଦ୍ର ସାହୁ ଓ ମନୋଜ କୁମାର ପାଢ଼ୀ ପ୍ରମୁଖ ଯୋଗ ସାମିଲ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଦିର୍ଘ ବର୍ଷର ପୁରୁଣା ଦାବି ହାସଲ ନିମନ୍ତେ ଏଭଳି ଏକ ଜନ ଆନ୍ଦୋଳନ ଆରମ୍ଭ ହୋଇଥିବାରୁ ରଥକୁ ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଉଛି। ଶନିବାର ଏହି ରଥ ଫୁଲବାଣୀ ଅଭିମୁଖେ ଯାତ୍ରା କରି ସେଠାରେ ଲୋକଙ୍କ ସମର୍ଥନ ହାସଲ କରିବାକୁ ଉଦ୍ୟମ କରିବ।

- **ବିଭିନ୍ନ ବିଭାଗର ୪୦ଟି ଦାବି ନେଇ ଲୋକଙ୍କ ମଧ୍ୟରେ ସୃଷ୍ଟି କରାଯିବ ଜନଜାଗରଣ**
- **ଅଭିଯାନରେ ସାମିଲ ହେଲେ ଦକ୍ଷିଣଓଡ଼ିଶାର ୪୦ରୁ ଊର୍ଦ୍ଧ୍ୱ ଗଣ ସଂଗଠନର ପ୍ରତିନିଧି**
- **ଦୀର୍ଘବର୍ଷ ପୁରୁଣା ଦାବିକୁ ନେଇ ହେବ ଗଣ ଆନ୍ଦୋଳନ, ଅହରହ ଚାଲିବ ଅଭିଯାନ**

## କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା; ଟିୟୁସନ ଶିକ୍ଷକ ଗିରଫ

**ଦିଗପହଣ୍ଡି, ୧୩।୬(ସମିସ):** ଦିଗପହଣ୍ଡି ଥାନା ଅଞ୍ଚଳର ଜଣେ ଯୁକ୍ତ ଦୁଇ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୋଫିଆ ମିଶ୍ର ଶୁକ୍ରବାର ଅଭିଯୁକ୍ତ ଟିୟୁସନ ଶିକ୍ଷକକୁ ଗିରଫ କରି ବ୍ରହ୍ମପୁର ପୋକ୍‌ସୋ କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଏସ.ସନାତନ ରେଡ୍ଡୀ (୨୬)। ଛାତ୍ରୀ ଜଣକ ସନାତନଙ୍କ ଘରକୁ ଟିୟୁସନ ପାଇଁ ଯାଉଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଫଳରେ ଉଭୟେ ବିଭିନ୍ନ ସ୍ଥାନରେ ମିଳାମିଶା କରୁଥିବା ବେଳେ ସନାତନଙ୍କ ସହଯୋଗୀ ଅନ୍ୟତମ ଟିୟୁସନ ଶିକ୍ଷକ ଏସ୍. କ୍ରିଷ୍ଣା ରେଡ୍ଡୀ ସେମାନଙ୍କ ଆପତ୍ତି ଜନକ ଫୋଟ ଓ ଭିଡ଼ିଓ ଉଠାଇଥିଲେ। ପରବର୍ତ୍ତୀ ସମୟରେ ଦୁହେଁ ମିଶି ଛାତ୍ରୀଙ୍କୁ ବ୍ଲାକ୍‌ମେଲିଂ କରି ଆସୁଥିଲେ। ଏପରିକି ସେମାନଙ୍କ କଥାରେ ରାଜି ନ ହେଲେ ଛାତ୍ରୀଙ୍କ ଫୋଟ ଓ ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ କରିବାର ଧମକ ଦେଇ ଆସୁଥିଲେ। ଛାତ୍ରୀ ଜଣକ ଭୟଭୀତ ହୋଇ ଗତ ୮ ତାରିଖ ସନ୍ଧ୍ୟା ପ୍ରାୟ ୭ଟାରେ ବିଷପାନ କରି ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ଦିଗପହଣ୍ଡି ମେଡିକାଲ ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ନେଇଥିଲେ। ୯ ତାରିଖ ଭୋରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ଗାଁ ଶ୍ମଶାନରେ ତାଙ୍କ ଶବ ସତ୍କାର କରାଯାଇଥିଲା। ଘଟଣା ପରେ ଛାତ୍ରୀଙ୍କ ଭାଇ ଘଟଣାର ଖୋଳତାଡ଼ କରି ତାଙ୍କ ମୋବାଇଲ ଫୋନ ଏବଂ ଟ୍ୟୁସନ ଖାତା ଖୋଜିବା ପରେ ଭଉଣୀ ତାଙ୍କ ହସ୍ତାକ୍ଷରରେ ସମସ୍ତ ଘଟଣା ଲେଖିଥିବା ଜାଣିଥିଲେ। ଏନେଇ ସେ ସନାତନକୁ ଘରକୁ ଡ଼କାଇ ପଚାରିବା ପରେ ବାହାହେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କ ଭଉଣୀଙ୍କୁ ପ୍ରେମ କରୁଥିବା ସ୍ୱୀକାର କରିଥିଲେ। ଏନେଇ ଛାତ୍ରୀଙ୍କ ଭାଇ କେ. ଲୋକନାଥ ରେଡ୍ଡୀ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ଅଭିଯୁକ୍ତଦ୍ୱୟଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ। ଗୁରୁବାର ଅଭିଯୁକ୍ତ ସନାତନକୁ ତଦନ୍ତକାରୀ ଅଧିକାରୀ ଗିରଫ କରିଥିଲେ। ଶୁକ୍ରବାର ଅପରାହ୍ନରେ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ବେଳେ ଅନ୍ୟତମ ଅଭିଯୁକ୍ତ କ୍ରିଷ୍ଣା ଫେରାର ଥିବା ଜଣାପଡ଼ିଛି। ପୁଲିସ ଛାତ୍ରୀଙ୍କ ମାଟ୍ରିକ ସାର୍ଟିଫିକେଟ, ମୋବାଇଲ ଫୋନ, ଟିୟୁସନ୍ ଖାତା, ହସ୍ତାକ୍ଷର ଜବତ କରାଯାଇଥିବା ତଦନ୍ତକାରୀ ଅଧିକାରୀ କହିଛନ୍ତି।



## ରେଳପଥ ନିର୍ମାଣ ଦାବିରେ ସଚେତନତା ସଭା



**ଆସିକା, ୧୩।୬(ସମିସ):** ଆସିକା ରାଜସ୍ୱ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଦକ୍ଷିଣ ଓଡ଼ିଶା ରେଳପଥ ଓ ସାମୂହିକ ଭିତ୍ତିଭୂମି ଉନ୍ନୟନ ବିଭାଗ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଚେତନତା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣ ଓଡ଼ିଶା ରେଳ ଭିତ୍ତିଭୂମି ବିକାଶ ଆବଶ୍ୟକତା ପାଇଁ ଅଣ୍ଟା ଭିଡ଼ିଛନ୍ତି ଏହି କମିଟି। ୯ଟି ଜିଲ୍ଲାକୁ ଏହି କମିଟି ପରିକ୍ରମା କରିବା ସହ ଏକ ଲକ୍ଷ ଲୋକଙ୍କ ସ୍ୱାକ୍ଷର କରିବାର ଲକ୍ଷ ରଖାଯାଇଛି। ବାଳକୃଷ୍ଣ ପଣ୍ଡାଙ୍କ ନେତୃତ୍ୱରେ ଏହି କମିଟି ଆସିକା ତହସିଲ ସମ୍ମୁଖରେ ପ୍ରତିବାଦ ସଭା ସହ ବ୍ଲକ କାର୍ଯ୍ୟାଳୟରେ ଦାଇତ୍ୱରେ ଥିବା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି କ୍ରିୟାନୁଷ୍ଠାନ କମିଟିର ମୁଖ୍ୟ ଉଦ୍ଦେଶ୍ୟ ବିକାଶମୂଳକ ଆଲୋଚନାଚକ୍ର ଆୟୋଜକ ଥିଲେ ସ୍ୱାଭିମାନ ଓଡ଼ିଶା। ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା ବିଦେଶୀ ନାହାକ, ଜିଲ୍ଲା ପରିଷଦ ସଭ୍ୟ ଅନିମା ପରିଡ଼ା, ଅନିଲ ନାହାକ, ଏମପିସିଏସ ସଭାପତି କାର୍ତ୍ତିକେଶ୍ୱର ପରିଡ଼ା ଭଗବାନ ପ୍ରଧାନଙ୍କ ସମେତ ବହୁ ବୁଦ୍ଧିଜୀବୀଙ୍କ ସମେତ ସଚେତନ ନାଗରିକମାନେ ଉପସ୍ଥିତ ଥିଲେ। ବ୍ରହ୍ମପୁରଠାରୁ ଆସିକା, ଭଞ୍ଜନଗର ଦେଇ ପୁଲବାଣୀ ପର୍ଯ୍ୟନ୍ତ ରେଳପଥ ନିର୍ମାଣ ଏବଂ ଆସିକା ଅଞ୍ଚଳର କଲେଜ ଛକ ନିକଟରେ ଥିବା ବନ୍ଦ ବାଲାଜୀ ସୂତାକଳକୁ ସଚଳ କରିବା ଭଳି ୮ ଦଫା ଦାବିନେଇ ଏହି କ୍ରିୟାନୁଷ୍ଠାନ କମିଟିର ମୁଖ୍ୟ ଆଭିମୁଖ୍ୟ ବୋଲି ଜଣାପଡ଼ିଛି।

## ଓୟୁଜେ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

**ଶେରଗଡ଼, ୧୩।୬(ସମିସ):** ଓୟୁଜେ ଶେରଗଡ଼ ଶାଖା ପକ୍ଷରୁ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ଓୟୁଜେ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ଓୟୁଜେ ଗଞ୍ଜାମ ଜିଲ୍ଲା ସମ୍ପାଦକ ମେଘନାଦ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓୟୁଜେ ଗଞ୍ଜାମ ଜିଲ୍ଲାର ସଭାପତି ସଦାଶିବ ପଣ୍ଡା ଅଧକ୍ଷତା କରିଥିଲେ। ପ୍ରଥମେ ସମସ୍ତ ସଦସ୍ୟଙ୍କୁ ଶେରଗଡ଼ ଶାଖା ତରଫରୁ ସ୍ୱାଗତ କରାଯାଇଥିଲା। ବୈଠକରେ ପୂର୍ବ ବୈଠକର ନିର୍ଦ୍ଧାରଣକୁ ପଠନ କରାଯାଇଥିଲା ଏବଂ ଦୃଢୀକରଣ କରାଯାଇଥିଲା। ବୈଠକରେ ଉପସ୍ଥିତ ସଭ୍ୟ ମାନେ ନିଜର ବହୁମୂଲ୍ୟ ମତାମତ ପ୍ରଦାନ କରିଥିଲେ ଏବଂ ସଙ୍ଗଠନକୁ ଆହୁରି ମଜଭୁତ କରିବା ଲାଗି ପଦକ୍ଷେପ ନିଆଯାଇଥିଲା। ଏହା ସହ ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ତୁରନ୍ତ ଲାଗୁ କରିବା ଲାଗି ମତ ପ୍ରକାଶ ପାଇଥିଲା। ବୈଠକରେ ସଂଘର ଉପଦେଷ୍ଟା ପ୍ରକାଶ ପାଣିଗ୍ରାହୀ, କାର୍ଯ୍ୟକାରୀ କମିଟିର ସଦସ୍ୟ ବାଳକୃଷ୍ଣ ପଟ୍ଟନାୟକ, ଦିତୀକୃଷ୍ଣ ପଣ୍ଡା, ସୁମିତା ପାତ୍ର, ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଜୁନ ପଣ୍ଡା, କ୍ଷେତ୍ରବାସୀ ସାହୁ, ବିଶ୍ୱମ୍ବର ସାହୁ, ସୁଶାନ୍ତ କୁମାର ପ୍ରଧାନ, ଶେଷଦେବ ସାହୁ, ଏ.ରାଜାରାଓ, ଏଲ.ସୁଦାମ ଦାସଙ୍କ ସହିତ ଜିଲ୍ଲାର ସମସ୍ତ ସଭ୍ୟ ଉପସ୍ଥିତ ଥିବା ବେଳେ ଶେରଗଡ଼ ଶାଖାର ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।




## ସହରାଞ୍ଚଳରେ ବୁଲିଲା ବିକାଶ ବାହନ

**ଛତ୍ରପୁର, ୧୩।୬(ସମିସ):** ରାଜ୍ୟରେ ମୋହନ ସରକାରଙ୍କ ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଗଞ୍ଜାମ ଜିଲ୍ଲା ନଗର ଉନ୍ନୟନ ସଂସ୍ଥା ପକ୍ଷରୁ ସୁସଜ୍ଜିତ ବିକାଶ ବାହାନକୁ ଅତିରିକ୍ତ ଜିଲ୍ଲାପାଳ ତଥା ଭାରପ୍ରାପ୍ତ ଡୁଡା ପିଡି ଦେବଦତ୍ତ ପଣ୍ଡା ପତକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ରଥ ଚଳିତ ମାସ ୨୧ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲାର ସମସ୍ତ ସହରାଞ୍ଚଳ ବୁଲି ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ବନ୍ଧରେ ଲୋକଙ୍କୁ ଅବଗତ କରିବା ସହ ଲୋକଙ୍କ ପାଖରେ ପହଞ୍ଚାଇବା ସହ ସଚେତନତା ସୃଷ୍ଟି କରିବ। ବିଭିନ୍ନ ଜନକଲ୍ୟାଣ ସେବା ଗୁଡ଼ିକୁ ପହଞ୍ଚାଇବା ଏହି ବିକାଶ ବାହନର ମୂଳ ଲକ୍ଷ୍ୟ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଛତ୍ରପୁର ଇଓ ପ୍ରସନ୍ନ କୁମାର ଦାଶଙ୍କ ସମେତ ଡୁଡା କାର୍ଯ୍ୟାଳୟ ଓ ଛତ୍ରପୁର ଏନଏସିର କର୍ମ ଚାରୀ ମାନେ ପ୍ରମୁଖ ଉପସ୍ଥିତ ଥିଲେ।



## ମନ୍ଦିର ହୁଣ୍ଡି ଭାଙ୍ଗି ଲୁଟିଲେ ଦୁର୍ବୃତ୍ତ



**କୋଦଳା, ୧୩।୬(ସମିସ):** କୋଦଳା ଏନ୍‌ଏସି ୧ ନମ୍ବର ୱାର୍ଡ ବି. ନୂଆପଲୀ ଗ୍ରାମର ଠାକୁରାଣୀ ମନ୍ଦିର ହୁଣ୍ଡି ଭାଙ୍ଗି ଦାନଟଙ୍କାକୁ ଦୁର୍ବୃତ୍ତ ନେଇଯାଇଛନ୍ତି। ସୂଚନା ପ୍ରକାରେ ଗତ ମାସରେ ବି. ନୂଆପଲୀ ଗ୍ରାମରେ ଯଜ୍ଞ ହୋଇ ପୁନଃରୁଦ୍ଧାର ହୋଇଥିବା ମା'ଠାକୁରାଣୀଙ୍କ ନୂତନ ମନ୍ଦିରରେ ସବୁଦିନ ପରି ମା'ଙ୍କ ରୀତିନୀତି ସାରି ମନ୍ଦିର ପୂଜକ ଚାବି ପକାଯାଇଥିବା ବେଳେ ବିଳମ୍ବିତ ରାତିରେ ମନ୍ଦିର ହୁଣ୍ଡି ଭାଙ୍ଗି ସେଥିରେ ଥିବା ଟଙ୍କା ନେଇଯିବା ସହିତ ମନ୍ଦିରର ମୁଖ୍ୟ ଦ୍ୱାର ଚାବି ଭାଙ୍ଗିବା ସହିତ ଷ୍ଟୋର ରୁମ ମଧ ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଥିଲା। ଘଟଣା ସମୟରେ ଗ୍ରାମର ଜଣେ ଯୁବକ ଶୌଚ ପାଇଁ ଆସିଥିବା ବେଳେ, ଦୁର୍ବୃର୍ତ୍ତ ନିକଟକୁ ଭୟରେ ଯାଇନପାରି ଗ୍ରାମ ଭିତରକୁ ଯାଇ କିଛି ଯୁବକଙ୍କୁ ଧରି ଆସିବା ବେଳେ ଚୋର ଗାଏବ ହୋଇଯାଇଥିଲା। ଏନେଇ ଗ୍ରାମବାସୀ କୋଦଳା ଥାନାରେ ଜଣାଇବା ପରେ ପୁଲିସ ସିସିଟିଭି ଆଧାରରେ ତଦନ୍ତ ଚଳାଇଛି।

## ଦ୍ୱିଦିବସୀୟ ଆଧ୍ୟାତ୍ମିକ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ

**ବୁଗୁଡ଼ା, ୧୩।୬(ସମିସ):** ଦିବ୍ୟ ଦର୍ଶନ ସଂଘ ପ୍ରତିଷ୍ଠାତା ସଦଗୁରୁ ଅର୍ଜୁନଙ୍କ ଅଶେଷ କରୁଣାରୁ ଦିବ୍ୟ ଦର୍ଶନ ସଂଘ ଆଦିପୁର ଶାଖା ଆନୁକୂଲ୍ୟରେ ଦ୍ୱିଦିବସୀୟ ଆଧ୍ୟାତ୍ମିକ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶହ ଶହ ଶ୍ରଦ୍ଧାଳୁଙ୍କୁ ନେଇ ନଗର ଭ୍ରମଣ କାର୍ଯ୍ୟକ୍ରମରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଉକ୍ତ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଅବସରରେ ଆଧ୍ୟାତ୍ମିକ ଜ୍ଞାନର ଆବଶ୍ୟକତା, ଭଗବାନଙ୍କ ପରିଚୟ ଓ ଅବଦାନ, ମନୁଷ୍ୟ ଜୀବନର ଲକ୍ଷ୍ୟ ଓ କର୍ତ୍ତବ୍ୟ, ମାନବ ଧର୍ମ ବିଷୟରେ ଦିବ୍ୟ ଦର୍ଶନ ସଂଘର କେନ୍ଦ୍ରିୟ ସଭାପତି ରବୀନ୍ଦ୍ର ମହାନ୍ତି, ସମ୍ପାଦକ କେଶବ ସେଠୀ ଓ ସହ-ସମ୍ପାଦକ ପ୍ରଭାକର ପ୍ରଧାନଙ୍କ ବ୍ୟାପକ ଆଲୋଚନା କରାଯାଇଥିଲା। ସ୍ଥାନୀୟ ଦିବ୍ୟ ଦର୍ଶନ ଜରାଶ୍ରମ ଟ୍ରଷ୍ଟର ଚେୟାରମ୍ୟାନ ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଦିବ୍ୟ ଦର୍ଶନ ସଂଘ ଆଦିପୁର ଶାଖା ସଭାପତି ବିଦ୍ୟାଧର ସାହୁ, ସମ୍ପାଦକ ଲଡୁ କିଶୋର ନାୟକ, କୋଷାଧକ୍ଷ କାଳୀଚରଣ ସାହୁ ଓ ଆଞ୍ଚଳିକ ପ୍ରତିନିଧି ରଙ୍କନିଧି ମହାନ୍ତି ପ୍ରମୁଖ ପରିଚାଳନା କରିଥିବା ବେଳେ ରାଜେନ୍ଦ୍ର କୁମାର ଜେନା, ଧନେଶ୍ୱର ସାହୁ, ରାଜେନ୍ଦ୍ର ପ୍ରଧାନ, ରବୀନ୍ଦ୍ରନାଥ ସାହୁ, ଅରୁଣ କୁମାର ସାହୁ ଏବଂ ଅନ୍ୟମାନେ ସହଯୋଗ କରିଥିଲେ।

# ରଥଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ

**ଆସିକା, ୧୩।୬(ସମିସ):** ଆସିକା ସୁନାମ୍ବ ସାହିରେ ବିଜେବହୁ ପୁରାତନ ଜଗନ୍ନାଥ ମନ୍ଦିର ପକ୍ଷରୁ ଚଳିତବର୍ଷ ରଥଯାତ୍ରାର ଆୟୋଜନ ନେଇ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଓ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ତହସିଲ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମ୍ୟାନେଜିଂ ଟ୍ରଷ୍ଟି ନାରାୟଣ ମୁନୀଙ୍କ ସଂଯୋଜନାରେ ତହସିଲଦାର ସଙ୍ଗୀତ ସେନଙ୍କ ପୌରାହିତ୍ୟରେ ବିଭିନ୍ନ ବିଭାଗର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ରଥଯାତ୍ରା ଆୟୋଜନ ନେଇ ସମସ୍ତ ତଥ୍ୟ ମେନେଜିଂ ଟ୍ରଷ୍ଟି ଶ୍ରୀ ମୁନୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆସିକା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ଆସିକା ଥାନା ଭାରପ୍ରାପ୍ତଅଧିକାରୀ କୁଳମଣି ସେଠୀ, ଅତିରିକ୍ତ ତହସିଲଦାର ଅମରେଶ ସାବତ ଓ ସୌଦାଗର ବେହେରା, ତହସିଲ ବଡ଼ ବାବୁ କିରଣ କୁମାର ପାଢ଼ୀ, ଟିପିଏସଓଡିଏଲ୍ ସହକାରୀ ଯନ୍ତ୍ରୀ ରାକେଶ ପାତ୍ର, ଅଗ୍ନିଶମ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଯୋଗ ଦେଇ ଚଳିତବର୍ଷ ମଧ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମନ୍ଦିର ପରିଚାଳନା କମିଟିର ବହୁ ସଭ୍ୟ, ପୂଜକ ଓ ସାମ୍ବାଦିକ ଓ ବୁଦ୍ଧିଜୀବୀ ଏଥିରେ ଯୋଗ ଦେଇଥିଲେ।



## ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଆଞ୍ଚଳିକ ସମ୍ମିଳନୀ



**ଛତ୍ରପୁର, ୧୩।୬(ସମିସ):** ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୧୯ତମ ଚମାଖଣ୍ଡି ଆଞ୍ଚଳିକ ସମ୍ମିଳନୀ ଚମାଖଣ୍ଡି ଛକ ସ୍ଥିତ ମଲ୍ଲିକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସିଏଚ ସତ୍ୟ ନାରାୟଣ ରେଡ୍ଡୀ, ଏନ. ଭାନୁମତି ରେଡ୍ଡୀ ଓ ଡ଼ଃ ଦୁର୍ଯ୍ୟୋଧନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚମାଖଣ୍ଡି ଆଞ୍ଚଳିକ ସମ୍ପାଦକ ସିଏଚ. ଜନାର୍ଦ୍ଦନ ରେଡ୍ଡୀ ରାଜନୈତିକ ଚିଠା ଓ ସହସମ୍ପାଦକ ଏନ. ଗିରିଜା ପ୍ରସାଦ ରେଡ୍ଡୀ ସାଙ୍ଗଠନିକ ରିପୋର୍ଟ ଉପସ୍ଥାପନା କରିଥିଲେ। ଏହି ଅବସରରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ, ଜିଲ୍ଲା ସମ୍ପାଦକ ପ୍ରକାଶ ପାତ୍ର, ଜିଲ୍ଲା ସହ -ସମ୍ପାଦକ ପ୍ରଦୀପ ସେଠି ଓ ନୀଳକଣ୍ଠ ଦାଶ, ଛତ୍ରପୁର ଆଞ୍ଚଳିକ ସମ୍ପାଦକ ଡି ଆଦିନାରାୟଣ ରେଡ୍ଡୀ, ଚମାଖଣ୍ଡି ଆଞ୍ଚଳିକ ସମ୍ପାଦକ ସିଏଚ. ଜନାର୍ଦ୍ଦନ ରେଡ୍ଡୀ, ସହସମ୍ପାଦକ ଏନ. ଗିରିଜା ପ୍ରସାଦ ରେଡ୍ଡୀ ଓ ଗୁରୁନାଥ ପ୍ରଧାନ, କେଶବ ନାହାକ, ମାଗୁଣି ବିଷୋୟୀ, ମଥୁରା ଚରଣ ସୁବୁଦ୍ଧି, ସରସ୍ୱତୀ ପ୍ରଧାନ, ସନ୍ୟାସୀ ପ୍ରଧାନ, ଏନ. ମୁନାପାତ୍ରଙ୍କ ସହ ଅନ୍ୟାନ୍ୟ ଦଳୀୟ ନେତା ଓ କର୍ମୀମାନେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣା ନୀତିକୁ କଡ଼ା ସମାଲୋଚନା କରିଥିଲେ। ଏହା ସହ ଆଗାମୀ ଦିନରେ ଦଳୀୟ ସଂଗଠନକୁ କିପରି ମଜବୁତ କରାଯିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବର୍ଷିଆନ କମ୍ୟୁନିଷ୍ଟ ନେତା ସୀମାଞ୍ଚଳ ସାହୁ ଦଳୀୟ ପତାକା ଉତ୍ତୋଳନ କରିଥିବା ବେଳେ ସମ୍ମିଳନୀକୁ ଜିଲ୍ଲା ସମ୍ପାଦକ ପ୍ରକାଶ ପାତ୍ର ଉଦଘାଟନ କରିଥିଲେ। ଚମାଖଣ୍ଡି ଆଞ୍ଚଳିକ ପରିଷଦର ସମ୍ପାଦକ ଭାବେ ଏନ. ଗିରିଜା ପ୍ରସାଦ ରେଡ୍ଡୀ, ସହସମ୍ପାଦକ ଭାବେ ଗୁରୁନାଥ ପ୍ରଧାନ ଓ ମାଗୁଣି ବିଷୋୟୀ ଏବଂ କୋଷାଧକ୍ଷ ଭାବେ ସରସ୍ୱତୀ ପ୍ରଧାନଙ୍କୁ ଚୟନ କରାଯାଇଥିଲା।

## ରମ୍ଭା ପାନ୍ଥ ନିବାସରେ ନୂତନ ପରିଚାଳକ



**ରମ୍ଭା, ୧୩।୬(ସମିସ):** ସ୍ଥାନୀୟ ପାନ୍ଥ ନିବାସରେ ସୋମ ପଣ୍ଡା ନୂତନ ପରିଚାଳକ ଭାବେ ଯୋଗଦାନ କରିଛନ୍ତି। ଏଥି ପୂର୍ବରୁ ଶ୍ରୀ ପଣ୍ଡା ସମ୍ବଲପୁର ଖାଦ୍ୟ ଓ ପାନୀୟ ପରିଚାଳକ ରୂପେ କାର୍ଯ୍ୟରତ ରହିଥିବା ବେଳେ ତାଙ୍କୁ ଉନ୍ନୀତ କରାଯାଇ ରମ୍ଭା ପାନ୍ଥ ନିବାସରେ ଅବସ୍ଥାପିତ କରାଯାଇଥିବା ପ୍ରକାଶ କରିଛନ୍ତି। ଉପରୋକ୍ତ ପାନ୍ଥ ନିବାସରେ ପୂର୍ବରୁ ଇନଚାର୍ଜ ମ୍ୟାନେଜର ରୂପେ ଶ୍ୟାମଘନ ମିଶ୍ର ରହିଥିବା ବେଳେ ସେ ନିକଟରେ ଅବସର ଗ୍ରହଣ କରିଛନ୍ତି।

# ଜିଲ୍ଲାସ୍ତରୀୟ ବିକଶିତ ଓଡ଼ିଶା ପରାମର୍ଶ କର୍ମଶାଳା

ଛତ୍ରପୁର, ୧୩।୬(ସମିସ)



ଗଞ୍ଜାମ ଜିଲ୍ଲାସ୍ତରୀୟ ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା ପରାମର୍ଶ କର୍ମଶାଳା ଗୋପାଳପୁର ସ୍ଥିତ ଥିବା ପ୍ରମୋଦ ଲ୍ୟାଣ୍ଡ ଆଣ୍ଡ ରିସୋର୍ଟଠାରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ପରାମର୍ଶ କର୍ମଶାଳାରେ ରାଜ୍ୟ ସରକାରଙ୍କ ଆଇନ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇ ଆଗାମୀ ଦିନରେ ଜିଲ୍ଲାର ଉନ୍ନତିକରଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏଭଳି କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ପ୍ରଶାସନ କୁ ଧନ୍ୟବାଦ ଦେବା ସହ ଜିଲ୍ଲାର ବିକାଶ ପାଇଁ ବିଭିନ୍ନ ବର୍ଗର ଲୋକଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ।

ଏହି ଅବସରରେ ଛତ୍ରପୁର ୟୁରୋ ସ୍କୁଲର ଅଧକ୍ଷ ତଥା ଆଇନଜୀବୀ ରଞ୍ଜନ କୁମାର ମହାପାତ୍ର ଯୋଗ ଦେଇ ଶିକ୍ଷା କ୍ଷେତ୍ରରେ ବିକାଶ ଲାଗି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବିଇଡ଼ି ପାଠ୍ୟକ୍ରମ ଖୋଲାଗଲେ ଛାତ୍ରଛାତ୍ରୀଙ୍କ ବିକାଶ ହୋଇପାରିବ, ସମସ୍ତ ସରକାରୀ ବିଦ୍ୟାଳୟ ମାନଙ୍କରେ ଅଡିଓ ଭିଡିଓ ମାଧ୍ୟମରେ ଶିକ୍ଷାଦାନ ପାଇଁ ପର୍ଯ୍ୟାପ୍ତ ସୁବିଧା କରିବା ସହିତ ସରକାରଙ୍କ ପକ୍ଷରୁ କରାଯାଇଥିବା ସ୍ୱୟଂ ଓ ଦୀକ୍ଷା ନାମକ ୨ଟି ୱେବସାଇଟ ମାଧ୍ୟମରେ ଶିକ୍ଷଦାନ ପଦ୍ଧତି ପର୍ଯ୍ୟାପ୍ତ କରାଗଲେ ଛାତ୍ରଛାତ୍ରୀଙ୍କ ଶିକ୍ଷା କ୍ଷେତ୍ରରେ ବିକାଶ ହୋଇପାରିବ ଏବଂ ପ୍ରାଇମେରୀ ସ୍କୁଲ ମାନଙ୍କରେ ଆବାକସ କିମ୍ବା ବେଦିକ ମେଥଡର ଉପଯୋଗ କରାଇପାରିଲେ ଛାତ୍ରଛାତ୍ରୀଙ୍କ ଗାଣିତିକ ଶିକ୍ଷାର ବିକାଶ ହୋଇପାରିବ ବୋଲି ଶ୍ରୀ ମହାପାତ୍ର କହିଥିଲେ। ଏହି ଅବସରରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଜିଲ୍ଲାସ୍ତରୀୟ ଅଧିକାରୀ, ଏନଜିଓ, ବୃଦ୍ଧିଜୀବୀ, ଆଇନଜୀବୀ, ଶିଳ୍ପ କାରଖାନାର କର୍ତ୍ତୃପକ୍ଷ, ମତ୍ସ୍ୟଜୀବୀ ସାମିଲ ହୋଇ ବିକଶିତ ଜିଲ୍ଲା ପାଇଁ ନିଜ ନିଜ ମତ ପ୍ରକାଶ କରିଥିଲେ। କର୍ମଶାଳାରେ ମତ୍ସ୍ୟ ପଶୁସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଆସିକା ସାଂସଦ ଅନିତା ଶୁଭଦର୍ଶନୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି, ଗଞ୍ଜାମ ଜିଲ୍ଲା ପରିଷଦର ଉପାଧକ୍ଷା ଏସ. ରାଜେଶ୍ୱରୀ ଦୋରା, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା, ବ୍ରହ୍ମପୁର ଏସପି ଡା.ଶ୍ରବଣ ବିବେକ ଏମ୍, ଗଞ୍ଜାମ ଜିଲ୍ଲା ପରିଷଦ ସିଡିଓ ମଧୁମିତା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରିଣୀ ମଧୁମିତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

- **ଯୋଗ ଦେଲେ ୟୁରୋ ସ୍କୁଲ ଅଧକ୍ଷ**
- **ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବିଇଡ଼ି ପାଠ୍ୟକ୍ରମ ପାଇଁ ଦାବି**

**ବଞ୍ଚି ରହିଛି ପ୍ରଥା ପରମ୍ପରା**

# ହଜି ଯାଉଛି ରଜ ମଉଜ

କୟାଁଗୋଲା, ୧୩।୬(ସମିସ)



ଉପକୂଳବର୍ତ୍ତୀ ଯାଜପୁର ଜିଲା ଅଞ୍ଚଳରେ କୃଷିଭିତ୍ତିକ ଗଣପର୍ବ ରଜ ଏକ ମୁଖ୍ୟ ପର୍ବ ଭାବେ ପାଳିତ ହୋଇଆସୁଛି। ଅତୀତ ଓ ବର୍ତ୍ତମାନ ମଧ୍ୟରେ ଏହି ପର୍ବ କ୍ରମଶଃ ସାଧାରଣରେ ଯେପରି ଅନାଗ୍ରହ ସୃଷ୍ଟି କରୁଥିବା ଭଳି ଦେଖିବାକୁ ମିଳିଛି। ଦାଣ୍ଡରେ ବାଗୁଡ଼ି ଖେଳ, ଯୁବତୀମାନଙ୍କ ପୁଚି ଖେଳ ସାଙ୍ଗକୁ ପିଠାପଣାର ଆସର ଯେପରି ଆଉ ଦେଖିବାକୁ ମିଳୁନାହିଁ। ମାତ୍ର ଦଶରଥପୁର ବ୍ଲକ ଅଞ୍ଚଳର କିଛି ଗାଁରେ ଯୁବତୀମାନଙ୍କ ମଧ୍ୟରେ ରଜ ପାଇଁ ପ୍ରସ୍ତୁତି ଜୋରଦାର ଥିବା ଦେଖିବାକୁ ମିଳିଛି।

ଯୁବତୀମାନେ ବିଳମ୍ବିତ ରାତିରେ ନିଜକୁ ସଜେଇ ହୋଇ ରଜ ମଉଜ ପାଳିବାକୁ ପ୍ରସ୍ତୁତି ଜୋରଦାର କରିଥିବା ଦେଖିବାକୁ ମିଳିଛି। ମାତ୍ର ପିଲା ଦିନେ ପାଳୁଥିବା ରଜ ବର୍ତ୍ତମାନ ମଧ୍ୟରେ ବହୁ ତାରତମ୍ୟ ଦେଖାଦେଇଛି। ପିଲାଦିନେ କଦଳି ପଟୁଆର ଚପଲ ପିନ୍ଧି ଦୋଳି ଖେଳୁଥିଲୁ। ମାତ୍ର ବର୍ତ୍ତମାନ ସେ ଗାଁ ପୁଚି ଓ ଦୋଳି ଖେଳ ନାହିଁ କି କଦଳି ପଟୁଆର ଚପଲ ନାହିଁ ବୋଲି ବହୁ ବୟସ୍କା ମହିଳା କହିଛନ୍ତି। ସେମାନଙ୍କ ମତରେ ପିଲାଦିନେ ରଜରେ ବାଗୁଡ଼ି ଖେଳିବାକୁ ଓ ଦେଖିବାକୁ ଯେପରି ଖାଇବା ଭୁଲି ଯାଉଥିଲୁ। ମାତ୍ର ତାହା ଏବେ ଯେପରି ସ୍ୱପ୍ନ ପାଲଟିଛି। ରଜରେ ତାସ୍ ଖେଳର ମଜା ଏବେ ବି ଆମ ଭିତରେ ଉଙ୍କି ମାରୁଛି। ନୂତନ ଯୁବପିଢ଼ି ପାଇଁ ରଜ ମଉଜ ଯେପରି କ୍ରମଶଃ ଦୂରେଇ ଯିବାକୁ ବସିଛି। ତେବେ ଏହି ରଜ ପାଇଁ ବାହାରେ ରହୁଥିବା ବ୍ୟକ୍ତିମାନେ ପରିବାର ସହ ଘରମୁହାଁ ହୋଇଛନ୍ତି। ତିନି ଦିନ ଧରି ବିଭିନ୍ନ ଗାଁରେ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ଲକ ଅଞ୍ଚଳକୁ ଉତ୍ସବମୁଖର କରିବ। ଏହି କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଯେପରି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମାତ୍ର ବର୍ତ୍ତମାନର ରଜପର୍ବ ଯୁବକମାନଙ୍କ ମଧ୍ୟରେ ଏକ ଭିନ୍ନ ଢଙ୍ଗରେ ପାଳନ ହେଉଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଗାଁରେ ରଜ ତିନି ଦିନ ପାଇଁ ଭୋଜି ଭାତର ଆସର ଜମୁଛି।

## ମାଗଣା ଯାତାୟତ ସୁବିଧା ଦାବି

ଯାଜପୁର, ୧୩।୬(ସମିସ): ସରକାରୀ ପରିବହନରେ ମାଗଣା ଯାତାୟତ ଓ ବେସରକାରୀ ଯାନବାହନରେ ୫୦ ପ୍ରତିଶତ ରିହାତି କରିବା ପାଇଁ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଯାଜପୁର ଠାରେ ବିଧାନସଭା ମଣ୍ଡଳୀ ନେତା ସୁଦିପ କୁମାର କରଙ୍କ ପ୍ରତିନିଧିତ୍ୱ ଓ ଛାତ୍ର କଂଗ୍ରେସର ଅନୁପମ ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ ଛାତ୍ରଛାତ୍ରୀ ଧାରଣା ଏବଂ ବିକ୍ଷୋଭରେ ସାମିଲ ହୋଇଥିଲେ। ସରକାରୀ ସାର୍ବଜନୀନ ପରିବହନରେ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଯାତ୍ରା ସୁବିଧା ସକାଶେ ରାଜ୍ୟ ସରକାରୀ ପରିଚାଳିତ ବସ ଏବଂ ପରିବହନ ସେବାରେ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଯାତ୍ରା ଯୋଗାଇ ଦେବାକୁ ଏହି ବିକ୍ଷୋଭରେ ଛାତ୍ରମାନେ ସରକାରଙ୍କୁ ଅନୁରୋଧ କରିଥିଲେ। ଏହି ବିକ୍ଷୋଭରେ ଚନ୍ଦ୍ରଶେଖର ସାହୁ, ଅନନ୍ତ ଜେନା, କୁମାର ଆଶୁତୋଷ, ଆଶିଷ ମଲ୍ଲିକ, ସୁଜିତ ମଲ୍ଲିକ, ଯଯାତୀ ନାୟକ, ସତ୍ୟବ୍ରତ ନାୟକ, ସୂର୍ଯ୍ୟମଣି ଖିଲାର, ଚିନ୍ମୟ ଦାଶ, ଅଜୟ ଜେନା, ଉମାକାନ୍ତ ବେହେରା, ରବି ପ୍ରକାଶ ନାୟକ ପ୍ରମୁଖଙ୍କ ସହ ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ଜିଲ୍ଲା କଂଗ୍ରେସ ପକ୍ଷରୁ ସନ୍ତୋଷ ନନ୍ଦ, ସଂଗ୍ରାମ ସାହାଣୀ, ସାଗର ପରିଡ଼ା, ଦୁର୍ଯ୍ୟୋଧନ ବେହେରା, ବିଦ୍ୟାଧର ମହାନ୍ତି, ସାଗର ପରିଡ଼ା, ମାଗୁଣି ଜେନା, ଅରଜିତ ନାଏକ, ସତ୍ୟଜିତ ନନ୍ଦ, ହରେକୃଷ୍ଣ ସାହୁ, ଗଦାଧର ଦାସ, କାଲୁଆ ରାଉତ, ନକୁଳ ଦେବ ସାହୁ, ମାସନ କର, ଏକାଦଶ ତ୍ରିପାଠୀ, ସଂଗ୍ରାମ ଜେନା, ଆଲୋକ ବେହେରା, ଅନିଲ ମହାନ୍ତି, ବିଜୟ ମହାପାତ୍ର ପ୍ରଭୃତି ଛାତ୍ର କଂଗ୍ରେସକୁ ସହଯୋଗ କରିଥିଲେ।

## ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚ ପକ୍ଷରୁ ମେଧାବୀ ଛାତ୍ରଙ୍କୁ ସହାୟତା



ଧର୍ମଶାଳା, ୧୩।୬(ସମିସ): ଧର୍ମଶାଳା ବ୍ଲକର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲାଙ୍ଗୁଡି ସୁରକ୍ଷା ମଞ୍ଚ ପକ୍ଷରୁ ଜଣେ ଗରିବ ମେଧାବୀ ଛାତ୍ରର ଉଚ୍ଚଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଗଙ୍ଗାଧରପୁର ପଞ୍ଚାୟତ ଇମାମନଗର ଗ୍ରାମର ପ୍ରଦୀପ୍ତ କୁମାର ପାଳଙ୍କ ପୁତ୍ର ସୁଧାଂଶୁ ଶେଖର ପାଳ ସେଞ୍ଚୁରିଆନ କଲେଜରେ ଏମ୍‌ସିଏ ଦ୍ୱିତୀୟ ବର୍ଷରେ ଅଧ୍ୟୟନ କରନ୍ତି। ବାପା ଜଣେ ଗରିବ ତଥା ସାଧାରଣ କୃଷକ ହୋଇଥିବାରୁ ଅର୍ଥ ଖର୍ଚ୍ଚ କରି ପଢ଼ାଇବା କଷ୍ଟକର ହୋଇପଡ଼ିଥିଲା। ଇମାମନଗର ଗ୍ରାମର ଯୁବ ସମାଜସେବୀ ଦେବବ୍ରତ ରାଉତଙ୍କ ଜରିଆରେ ଲାଙ୍ଗୁଡ଼ି ସୁରକ୍ଷା ମଞ୍ଚର ସଭାପତି ଆଲୋକ ଜେନାସାମନ୍ତଙ୍କୁ ଅବଗତ କରିଥିଲେ। ଏହାକୁ ହୃଦୟଙ୍ଗମ କରି ସଭାପତି ଶ୍ରୀ ଜେନାସାମନ୍ତଙ୍କ ପରାମର୍ଶ କ୍ରମେ ମଞ୍ଚର ସଦସ୍ୟ ଗାଁରେ ପହଞ୍ଚି ଶ୍ରୀ ପାଳଙ୍କୁ ସାକ୍ଷାତ କରି ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଆଗକୁ ଯେମିତି ପାଠ ପଢ଼ାରେ କୌଣସି ଅସୁବିଧା ନ ହେବ ସୁଧାଂଶୁ ଶେଖରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ମଞ୍ଚ ତରଫରୁ ଉପାଧ୍ୟକ୍ଷ ରୋଟାରୀଆନ ପ୍ରଶାନ୍ତ କୁମାର ପୃଷ୍ଟି, ସଦସ୍ୟ ସବ୍ୟସାଚୀ ପଣ୍ଡା, ଜୟନ୍ତ ସ୍ୱାଇଁ, ଶ୍ରୀପଦ ଜେନାସାମନ୍ତ, ବିଶ୍ୱଜିତ ବିଶ୍ୱାଳ, ବ୍ରଜକିଶୋର ବିଶ୍ୱାଳ, ବ୍ରଜକିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

କୁଆଖିଆ, ୧୩।୬(ସମିସ): ଆଜି ରସୁଲପୁର ବ୍ଲକରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। କୁଆଖିଆ ସ୍ଥିତ ଅଭିମନ୍ୟୁ ସାମନ୍ତ ସିଂହାର ଭବନଠାରେ ୧୫ଟି ଏସ୍‌ଏଚଜିର ସଦସ୍ୟା ମାନେ ପାରମ୍ପରିପ ପିଠାପଣା ପ୍ରସ୍ତୁତ କରିଥିଲେ।



ବିଡିଓ ସତ୍ୟାନନ୍ଦ ଦାଶ ମୁଖ୍ୟ ଅତିଥି ଭଅବରେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସିଡିପିଓ ଗୀତା ଗାୟତ୍ରୀ ରଥ, ଏବିଇଓ ଡ. ପ୍ରଭଞ୍ଜନ ପତି, ମୁଗୁପାଳ କଲେଜ୍‌ର ଇଂରାଜୀ ଅଧ୍ୟାପିକା ମମତା ବୋଇତାଇ, ମଧୁବନ ସିଏଚସିର ଡା. ସୁଶ୍ରୀ ସଙ୍ଗୀତା ମହାନ୍ତି, ଭାରପ୍ରାପ୍ତ ଏବିଡିଓ ସୌରଭ ପାଲ, ବିପିଏମ ମିଶନ ଶକ୍ତି ସୁପ୍ରଭା ଜେନା ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଯୋଗଦେଇଥିବା ଏସଏଚଜି ମାନଙ୍କ ମଧ୍ୟରୁ ରସୁଲପୁରର ଜଗନ୍ନାଥ ଏସଏଚଜି ୧ମ ଓ ନରସିଂହପୁରର ବନ୍ଦେ ଉତ୍କଳ ଜନନୀ ଏସଏଚଜି ୨ୟ ସ୍ଥାନ ଅଧିକାର କରି ଯଥାକ୍ରମେ ୫ ହଜାର ଓ ୪ ହଜାର ପୁରସ୍କାର ଓ ପ୍ରମାଣପତ୍ର ପାଇଥିଲେ। ଭାଗନେଇଥିବା ସମସ୍ତ ଏସଏଚଜିଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା।

## କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ପାଣିକୋଇଲି, ୧୩।୬(ସମିସ): କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର କରଦା ହରିହାଟ ମହୋତ୍ସବ ପଡ଼ିଆ ଠାରେ ଜିଲ୍ଲାସ୍ତରୀୟ କବାଡି ପ୍ରତିଯୋଗିତା ଉଦଘାଟିତ ହୋଇଛି। ଗଣପତି କବାଡି କ୍ଲବ ଅନୁକୂଲ୍ୟରେ ଆୟୋଜିତ ୨ ଦିନ ବ୍ୟାପି ଏହି ଟୁର୍ଣ୍ଣାମେଣ୍ଟରେ ପୁରୁଷ ବିଭାଗରେ ମୋଟ ୧୨ଟି ଦଳ ଓ ୩ଟି ମହିଳା ଦଳ ଅଂଶ ଗ୍ରହଣ କରିଛନ୍ତି। ଆଜିର ଉଦ୍‌ଘାଟନୀ ମ୍ୟାଚ ବେରୁଦା ବନାମ ବରେଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦୁଇ ଦିନ ମ୍ୟାଚ ପରେ ଉଭୟ ବିଜେତା ଓ ରନର୍ସ ଅପ ଦଳକୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନର ମୁଖ୍ୟ ରଞ୍ଜୀବ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ରାଜପଥରେ ସିରିଜ୍ ଦୁର୍ଘଟଣା; ୨ ଚାଳକ ଗୁରୁତର



ପାଣିକୋଇଲି, ୧୩।୬(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସିଙ୍ଗଡ଼ା ବ୍ରିଜ ନିକଟରେ ଗୋଟିଏ ଟ୍ୟାଙ୍କର, ଗୋଟିଏ ଡମ୍ପର ଓ ଗୋଟିଏ ଟ୍ରକ୍ ମଧ୍ୟରେ ଧକ୍କା ହେବା ଫଳରେ ଡମ୍ପର ଓ ଟ୍ରକର ଚାଳକ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରକାଶଯେ ରାଜପଥ ମରାମତି ଦାୟିତ୍ୱରେ ଥିବା ଡିବିଏଲ୍ କମ୍ପାନୀ ଦ୍ୱାରା ଜାତୀୟ ରାଜପଥର ସିଙ୍ଗଡ଼ା ବ୍ରିଜର ଅନତିଦୂରରେ ରାଜପଥ ମରାମତି କାର୍ଯ୍ୟ ଚାଲୁଥିବାରୁ ଏକ ଡମ୍ପର (ୟୁପି୬୩ଏଟି ୮୯୫୨) ରଙ୍ଗ ରୁଟ୍‌ରେ ଛିଡ଼ା ହୋଇଥିଲା। ଏହି ସମୟରେ ଉକ୍ତ କମ୍ପାନୀର ଏକ ପାଣି ବୋଝେଇ ଟ୍ୟାଙ୍କର (ୟୁପି୪୦ଟି୪୨୬୭) ପାଣିକୋଇଲି ପଟୁ ହାଟସାହି ଛକ ଆଡ଼କୁ ଯିବା ସମୟରେ ଡମ୍ପରକୁ ଦେଖି ବାମ ପଟକୁ କାଟି ଦେଇଥିଲା। ଫଳରେ ପଛରେ ଆସୁଥିବା ଏକ ୧୬ ଚକିଆ ଟ୍ରକ (ଓଡ଼ି୦୯ଟି୯୯୬୪) ଡମ୍ପରକୁ ମୁହାମୁହିଁ ଧକ୍କା ଦେଇ ଟ୍ୟାଙ୍କରକୁ ଧକ୍କା ଦେଇଥିଲା। ଫଳରେ ଡମ୍ପର ଓ ଟ୍ରକର ଚାଳକ ଗାଡ଼ି ଭିତରେ ଚାପି ହୋଇ ରହିଯାଇଥଲେ। ଖବର ପାଇ ପାଣିକୋଇଲି ପୁଲିସ, ରାଜପଥ ପାଟ୍ରୋଲିଂ ପୁଲିସ ଓ ସ୍ଥାନୀୟ ଲୋକ ମାନେ ପହଞ୍ଚି ଡମ୍ପରରୁ ଚାଳକକୁ ବାହାର କରି ସ୍ଥାନୀୟ ଏକ ବେସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ଟ୍ରକ୍‌ର ଚାଳକ ଟ୍ୟାଙ୍କର ଭିତରେ ଚାପି ହୋଇ ରହିଯାଇଥିଲେ। ପରେ ରସୁଲପୁର ଦମକଳ ବାହିନୀ ପହଞ୍ଚି ଗ୍ୟାସ କଟର ସାହାଯ୍ୟରେ କାଟି ଚାଳକକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିବା ପରେ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ଏହି ଦୁର୍ଘଟଣା ଫଳରେ ରାଜପଥରେ ଗୋଟିଏ ପଟରେ ଗାଡି ଚଳାଚଳ ବ୍ୟାହତ ହୋଇଥିଲା। ପ୍ରାୟ ୧ ଘଣ୍ଟା ପରେ ପୁଲିସ ଗାଡି ଚଳାଚଳ ସ୍ୱାଭାବିକ କରିବା ସହ ଗାଡ଼ି ତିନୋଟିକୁ ଜବତ କରିଛି। ଟ୍ରକର ଡାଇଭର କୋରେଇ ଥାନା ଅନ୍ତର୍ଗତ ପାଟରଙ୍ଗା ପଞ୍ଚାୟତ ଗୋହିରାଗଡ଼ିଆ ଗ୍ରାମର ରଙ୍ଗାଧର କର ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ବେଳେ ଡିବିଏଲ୍ ହାଇୱା ଡ୍ରାଇଭର ବିହାର ରାଜ୍ୟର ସୟଦ ବୋଲି ଜଣାପଡ଼ିଛି।

## ଟ୍ରକ୍ ଧକ୍କାରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଲା



ପାଣିକୋଇଲି, ୧୩।୬(ସମିସ): ୧୬ ନମ୍ବର ଜାତୀୟ ରାଜପଥରୁ ଦାମୋଦରପୁର ଗ୍ରାମ ମଧ୍ୟ ଦେଇ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁଛି। ତେବେ ରାସ୍ତା କାମ ଅଧପନ୍ତରିଆ ହୋଇ ପଡ଼ି ରହିଥିବା ବେଳେ ରାସ୍ତାକୁ ନେଇ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତେବେ ଏହା ଉପରେ ଦାଉ ସାଧୁଛନ୍ତି ରାସ୍ତା କଡ଼ରେ ଥିବା ଗ୍ୟାରେଜ ମାଲିକ ମାନେ। ଗୋଟିଏ ପଟେ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇ ନଥିବା ବେଳେ ଗ୍ୟାରେଜ ଦୋକାନୀ ମାନେ ମରାମତି ଲାଗି ଆସୁଥିବା ଟ୍ରକ ଗୁଡ଼ିକୁ ରାସ୍ତା ଉପରେ ଥୋଇ ରାସ୍ତା ଜାମ କରୁଛନ୍ତି। ଆଜି ସନ୍ଧ୍ୟାରେ ଏକ ୧୬ ଚକିଆ ଟ୍ରକ (ଓଡି୨୯ଏଫ୬୬୨୦)ଟି ଗ୍ୟାରେଜକୁ ମରାମତି ଲାଗି ଆସିଥିବା ବେଳେ ରାସ୍ତା ମଝିରେ ଥିବା ଏକ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେବାରୁ ତାହା ଭାଙ୍ଗି ଯାଇ ଅଧା ଝୁଲି ବିପଦ ସଙ୍କୁଳ ଅବସ୍ଥାରେ ରହିଅଛି। ଫଳରେ ଉକ୍ତ ରାସ୍ତା ଦେଇ ଯିବା ଆସିବା କରୁଥିବା ପଥଚାରୀ ମାନଙ୍କ ନିମନ୍ତେ ବିପଦ ସୃଷ୍ଟି କରିଛି।

ସେହିପରି ଷଠିପୁର ଠାରୁ ବୈତରଣୀ ରୋଡ ପୂର୍ତ୍ତ ବିଭାଗ ରାସ୍ତା ଦୋହରୀକରଣ ହେଉଥିବା ବେଳେ ରାସ୍ତା ମଝିରୁ ବିଦ୍ୟୁତ ଖୁଣ୍ଟ ଉଠିନାହିଁ। ଖୁଣ୍ଟ ନ ଉଠି ମଧ୍ୟ ରାସ୍ତା କାମ ଚାଲୁ ରହିଛି। ଫଳରେ ଗୁରୁବାର ରାତିରେ ଏକ କାର ଅମୃତିଆ ଗ୍ରାମକୁ ଆସି ସେଠାରୁ ଫେରୁଥିବା ସମୟରେ ବାଲି ଗାଡିର ଲମ୍ବା ଲାଇନ୍ ଥିବା ଦେଖି ରାସ୍ତା ମଝିରେ ଖୁଣ୍ଟ ଥିବା ଜାଣିନପାରି ପିଟି ହୋଇଥିଲା। ଫଳରେ କାରଟିର ଆଗ ଭାଙ୍ଗିଯାଇଥିଲେ ହେଁ ଯାତ୍ରୀ ମାନେ ସୁରକ୍ଷିତ ରହିଛନ୍ତି।

## ବିପଦପୂର୍ଣ୍ଣ ଭାବରେ ରହିଛି ଟ୍ରାନ୍ସଫର୍ମର

ବିଞ୍ଝାରପୁର, ୧୩।୬(ସମିସ): ବିଞ୍ଝାରପୁର ବ୍ଲକ ଲେଙ୍କାସାହି ଫ୍ରିଡର ଠାରୁ ମାତ୍ର ଏକ କିଲୋମିଟର ଦୂରତା ମଧ୍ୟରେ ପଇରଖ ଗାଁରେ ଟ୍ରାନ୍ସଫର୍ମର ବିପଦପୂର୍ଣ୍ଣ ଭାବରେ ରହିଛି। ଟ୍ରାନ୍ସଫର୍ମର ସମ୍ମୁଖ ପଟରେ ଗ୍ରୀଲ ଦୁଇ ଖଣ୍ଡ ଝୁଲା ଯାଇଥିବା ବେଳେ ଅନ୍ୟ ୩ ଦିଗରେ ନା ଅଛି ବାଡ଼ ନା ଅଛି କିଛି ଆବଦ୍ଧ। ଖୁଲମ ଖୁଲା ରହିଛି ଟ୍ରାନ୍ସଫର୍ମର। ଯାହାକୁ ନେଇ ଅଞ୍ଚଳର ବୃଦ୍ଧିଜୀବୀଠାରୁ ଲୋକ ପ୍ରତିନିଧି ପର୍ଯ୍ୟନ୍ତ ବିଜୁଳି ବିଭାଗକୁ ଅବଗତି କରାଇଛନ୍ତି। ଟାଟା ପାୱାର ପକ୍ଷରୁ ବିଭିନ୍ନ ସ୍ଥାନରେ ଟ୍ରାନ୍ସଫର୍ମରକୁ ଆବଦ୍ଧ କରୁଥିବା ବେଳେ ଏଠାରେ ସମ୍ପୂର୍ଣ୍ଣ ରାସ୍ତାକୁ ଲାଗି ରହିଥିବା ଟ୍ରାନ୍ସଫର୍ମରକୁ କିଭଳି ଆବଦ୍ଧ କରାଯାଉନି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଠୁ ବଡ କଥା ହେଲା ଏହି ରାସ୍ତାଟି ନୂତନ କରି ସମ୍ପ୍ରସାରଣ ହେବା ପରେ ସତେ ଯେମିତି ଟ୍ରାନ୍ସଫର୍ମରଟି ରାସ୍ତା ଅବରୋଧ କଲାପରି ଦେଖା ଯାଉଛି। ଏହି ରାସ୍ତାଟି ବର୍ତ୍ତମାନ ଦଶରଥପୁର ବ୍ଲକ ଏବଂ ବିଞ୍ଝାରପୁର ବ୍ଲକ ମଧ୍ୟରେ ଯାତାୟତ ପାଇଁ ପ୍ରମୂଖ ରାସ୍ତା ହୋଇପଡ଼ିଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଗୃହପାଳିତ ପ୍ରାଣୀ ଠାରୁ ଆରମ୍ଭ କରି ସ୍କୁଲ କଲେଜ, ଅଙ୍ଗନବାଡି ପିଲାମାନେ ଯାତାୟତ କରୁଛନ୍ତି। ଏହା ସହ ଗୃହପାଳିତ ପ୍ରାଣୀମାନେ ଟ୍ରାନ୍ସଫରର୍ମକୁ ଲାଗି ଥିବା ବାଉଁଶ ବାଡ଼ିରେ ଆଶ୍ରୟ ନେଉଛନ୍ତି। ଯାହାଫଳରେ ସେମାନଙ୍କ ଜୀବନ ପ୍ରତି ମଧ୍ୟ ବିପଦ ରହୁଛି। ବିଦ୍ୟୁତ୍ ମାନଦଣ୍ଡଙ୍କୁ ଏଠାରେ ସମ୍ପୂର୍ଣ୍ଣ ରୂପେ ଉଲ୍ଲଙ୍ଘନ କରାଯାଉଛି। ମାନଦଣ୍ଡ ଅନୁସାରେ ଟ୍ରାନ୍ସଫର୍ମର ଆବଦ୍ଧ ରହିବା ସହ ସାବଧାନ ଫଳକ ଲଗାଯିବା କଥା; କିନ୍ତୁ ଏଠାରେ ତାହା ଦେଖିବାକୁ



ମିଳୁନାହିଁ। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାଁନ୍ତି। ଆଗକୁ ବର୍ଷା ଋତୁ ଅଘଟଣ ଘଟିବାର ସମ୍ଭାବନ ରହିଥିବା କଥା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଟାଟାପାୱାର ତୁରନ୍ତ ପଦକ୍ଷପ ଗ୍ରହଣ କରି ରାସ୍ତାକୁ ଲାଗି ରହିଥିବା ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମରଟିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ଧନ ଜୀବନ ରକ୍ଷା କରିବାକୁ ସ୍ଥାନୀୟ ଅଞ୍ଚଳରବାସୀ ଦାବି କରୁଛନ୍ତି।

## ଗାଡ଼ି ଦୁର୍ଘଟଣାରେ ଜଣେ ଗୁରୁତର

ସୁକିନ୍ଦା, ୧୩।୬(ସମିସ): ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଡୁବୁରୀ ରାସ୍ତାର ଝୁମ୍ପାଣ ଛକ ନିକଟରେ ଏକ ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର ଅବସ୍ଥାରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଦୁର୍ଘଟଣାରେ ଆହତ ଯୁବକ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ କାନପୁର ଗ୍ରାମ ଅନିରୁଦ୍ଧ ମହାନ୍ତ। ଶୁକ୍ରବାର ଦିନ ଅନିରୁଦ୍ଧ କଳିଙ୍ଗନଗର ଯାଉଥିବା ସମୟରେ ଏକ ଅଜଣା ଗାଡ଼ି ଦୁର୍ଘଟଣାର ଶୀକାର ହୋଇଥିଲେ। ଅନିରୁଦ୍ଧଙ୍କୁ ସ୍ଥାନୀୟ ଲୋକେ ତୁରନ୍ତ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କର ପ୍ରାଥମିକ ଚିକିତ୍ସା ଜାରି ରହିଛି।

## ଦୁଇ ବାଲି ହାଇୱା ଜବତ; ୨ ଗିରଫ

ପାଣିକୋଇଲି, ୧୩।୬(ସମିସ): ଯାଜପୁର ଖଣି ବିଭାଗ ଦ୍ୱାରା ଦୁଇ ବାଲି ବୋଝେଇ ହାଇୱାକୁ ଷଠିପୁର ଠାରେ ଜବତ କରାଯାଇଛି। ଏହି ଘଟଣାରେ ୨ ଗାଡ଼ିର ଚାଳକଙ୍କୁ ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଛି। ପ୍ରକାଶଯେ ଯାଜପୁର ଉପ ଖଣି ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଜୁନିୟର ଖଣି ଅଫିସର ବିଶ୍ୱଜିତ ସ୍ୱାଇଁ ଏନ୍‌ଫୋର୍ସମେଣ୍ଟ ଟିମ୍ ସହିତ ଷଠିପୁର ଠାରେ ଚେକିଂ କରୁଥିବା ବେଳେ ଏକ ବାଲି ବୋଝେଇ ହାଇୱା (ଓଡ଼ି୨୨ଭି୪୯୮୯)କୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ମାତ୍ର ଉକ୍ତ ଗାଡ଼ିର ଚାଳକ କୌଣସି ବୈଧ କାଗଜପତ୍ର ଦେଖାଇପାରି ନଥିଲେ। ତେବେ ଉକ୍ତ ବାଲି ଗୁଡ଼ିକ ଚୋରାଚାଲାଣ ହେଉଛି ଜାଣିପାରି ଶ୍ରୀ ସ୍ୱାଇଁ ହାଇୱାକୁ ଜବତ କରିବା ସହିତ ଚାଳକକୁ ପୁଲିସର ଜିମା ଦେଇଥିଲେ। ଏ ନେଇ ଶ୍ରୀ ସ୍ୱାଇଁଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ୧୬୭/୨୫ ରୁଜୁ କରିବା ସହିତ ହାଇୱାର ଚାଳକ ବାଲେଶ୍ୱର ଜିଲ୍ଲା ନିଳଗିରି ଥାନା ଅନ୍ତର୍ଗତ ପ୍ରଦୀପ ସିଂକୁ କୋର୍ଟଚାଲାଣ କରିଛି। ସେହିପରି ଜିଲ୍ଲାର ଜୁନିୟର ଖଣି ଅଫିସର ଛାୟାକାନ୍ତ ମହାନ୍ତ ଚେକିଂ କରୁଥିବା ବେଳେ ଅନ୍ୟ ଏକ ଚୋରା ବାଲି ବୋଝେଇ ହାଇୱା (ଓଡ଼ି୩୪ଏନ୦୫୭୪)କୁ ଷଠିପୁର ଠାରେ ଜବତ କରି ପାଣିକୋଇଲି ଥାନାକୁ ହସ୍ତାନ୍ତର କରିଥିଲେ। ଏ ନେଇ ଶ୍ରୀ ମହାନ୍ତଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ୧୬୬/୨୫ ରୁଜୁ କରିବା ସହିତ ଚାଳକ ଏହି ଥାନା ଅନ୍ତର୍ଗତ ବାଲିପଶି ଗ୍ରାମର ରଷିନାଥ ନାୟକଙ୍କ ପୁଅ ଶୁକ୍ରା ନାୟକ(୨୦)କୁ ଗିରଫ କରି କୋର୍ଟଚାଲାଣ କରିଛି।

● ବିଲରେ ପଡ଼ିଛି ଚାଷୀର କ୍ଷତବିକ୍ଷତ ମୃତଦେହ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

ବିଞ୍ଝାରପୁର, ୧୩।୬(ସମିସ): ବିଞ୍ଝାରପୁର ଥାନା ଅନ୍ତର୍ଗତ ଚନ୍ଦ୍ରମୁହଁ ପଞ୍ଚଯାତ ଜଗନ୍ନାଥପୁର ଗ୍ରାମରେ ଜଣେ ଚାଷୀଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଚାଷୀ ଜଣକ ହେଲେ ଅଶୋକ କୁମାର ନାୟକ। ଅଭିଯୋଗ ମୁତାବକ ଆଜି ସକାଳୁ ଅଶୋକ ନିଜ ଘରଠାରୁ ମାତ୍ର ୧କିମି ଦୂରରେ ଅବସ୍ଥିତ ପାଳକୁ ପନିପରିବା ତୋଳିବା ପାଇଁ ଯାଇଥିଲେ। ସେଠାରୁ ପନିପରିବା ତୋଳି ପୁଅ ଅକ୍ଷୟ ନାୟକଙ୍କୁ ଦେଇ ହାଟକୁ ପଠାଇଥିଲେ। ପୂର୍ବାହ୍ନରେ ପତ୍ନୀ ରେଖା ଖାଇବା ନେଇ ପାଳକୁ ଯାଇଥିଲେ ସେଠାରେ ଅଶୋକ ଖାଇ ପାଳ ଜଗିବା ପାଇଁ କହି ରହିଥିଲେ। ମାତ୍ର ମଧ୍ୟାହ୍ନ ଭୋଜନ ପାଇଁ ଅଶୋକ ଘରକୁ ଆସିବାରେ ବିଳମ୍ବ ହେବାରୁ ପରିବାର ଲୋକ ଫୋନ ଯୋଗେ ଅଶୋକଙ୍କ ସହ ଯୋଗା ଯୋଗ କରିଥିଲେ। ସେ ଫୋନ ନ ଉଠାଇବାରୁ ପୁଅ ଅକ୍ଷୟ ପାଳକୁ ଯାଇଥିଲେ। ସେଠାରେ ବାପାଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଦେଖିବାକୁ ପାଇ ହତବାକ ହୋଇଯାଇ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ଏବଂ ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ପୁଲିସକୁ ଖବର ଦେଇଥିଲେ। ବିଞ୍ଝାରପୁର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ମୃତ ଅଶୋକ ଅନେକ ଲୋକଙ୍କ ଠାରୁ ଧାରକରଜ କରିଥିଲେ। ତାକୁ ନେଇ ଗତକାଲି ରାତିରେ ତାଙ୍କ ନିକଟକୁ ଏକ ଧମକପୂର୍ଣ୍ଣ ଫୋନ ଆସିଥିବା ପତ୍ନୀ ରେଖା ପ୍ରକାଶ କରିଛନ୍ତି। ପୁଲିସ ମୃତଦେହକୁ ଜବତ କରିବା ସହ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରୁଛି।

## ସମାଜସେବୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ଧର୍ମଶାଳା, ୧୩।୬(ସମିସ): ଧର୍ମଶାଳା ବ୍ଲକ ଅଧୀନସ୍ଥ ଗଙ୍ଗାଧରପୁର ଗ୍ରାମ ପଞ୍ଚାୟତ ଭାତୁରିପଶି ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ଅବସରପ୍ରାପ୍ତ ପରିବହନ ଅଧିକାରୀ ଗଙ୍ଗାଧର ବରାଳଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ପ୍ରେସ୍ କ୍ଲବର ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଉପସ୍ଥିତ ଅତିଥି ମାନେ ଆଲୋକପାତ କରିଥିଲେ। ଅତିଥି ଭାବେ ଧର୍ମଶାଳା ସାହିତ୍ୟ ସମାଜର ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ, ପୂର୍ବତନ ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ, ଶିକ୍ଷକ ନେତା ବିଭୁତି ଭୂଷଣ ପାଳ, ବିଶିଷ୍ଟ ସାହିତ୍ୟିକ ବିଜୟ କୁମାର ଦେବତା, ହରିଶଙ୍କର ମହାବିଦ୍ୟାଳୟର ଅଧ୍ୟକ୍ଷ ବଳଭଦ୍ର ଦାଶ, ଶିକ୍ଷାବିତ ସୁରେନ୍ଦ୍ର କୁମାର ରାଉତ, କୃଷକ ଲକ୍ଷ୍ମଣ ଦାଶ, ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ, ସୁବାସ କୁମାର ଶତପଥୀ, ସାମ୍ବାଦିକ ଇନ୍ଦ୍ରମଣି ନାୟକ, ଶରତ ଚନ୍ଦ୍ର ରାଉତରାୟ, ଅଧ୍ୟାପକ ଧନେଶ୍ୱର ମହାନ୍ତି, ରୋଟାରିଆନ ବିନୋଦ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍ମରଣିକା 'ସ୍ମୃତି ସମ୍ଭାର'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧର୍ମଶାଳା ବ୍ଲକର ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ପ୍ରାଧ୍ୟପକ ରମେଶ ଚନ୍ଦ୍ର ସିଂ, ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ବିଜୟ ପରିଡ଼ା, ଅଜାମ୍ବର ସାହୁ, ଦୀପକ କୁମାର ଜେନା, ଅଶୋକ ଜେନା, ସୁକାନ୍ତ କୁମାର ସ୍ୱାଇଁ, ପ୍ରମୋଦ କୁମାର ସାମଲ, ଅସିତ କୁମାର ଜେନା ଓ ରଶ୍ମିରଞ୍ଜନ ରାୟ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପ୍ରକାଶ କୁମାର ବରାଳ ଓ ପ୍ରଦୀପ୍ତ କୁମାର ବରାଳ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

## କାର୍ବାଇଡ ଦ୍ୱାରା ପଚା ଫଳ ଖାଇ ବଢୁଛି ରୋଗ

ବରୀ, ୧୩।୬(ସମିସ)

ବର୍ତ୍ତମାନ ବଜାରରେ ବିଭିନ୍ନ କିସମର ଆମ୍ବ ବିକ୍ରି କରାଯାଉଛି। ଦୈନିକ ହଜାର ହଜାର ଟଙ୍କାର ଆମ୍ବ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ଆମ୍ବ ସିଜିନ ଚାଲିଥିବାରୁ ଦର ଯେତେ ଅଧିକ ହେଲେ ମଧ୍ୟ ଆମ୍ବ ନ ହେଲେ ପାଟିକୁ ଭାତ ରୁଚୁନି। ବଜାରରୁ ଫେରିଲା ବେଳକୁ ବ୍ୟାଗରେ କିଛି ପନିପରିବା ସହ ପ୍ରାୟତଃ ଆମ୍ବକୁ କିଣି ଲୋକମାନେ ଘରକୁ ନେଉଛନ୍ତି। ପାଟିକୁ ସୁସ୍ୱାଦ ଲାଗିବା ପାଇଁ କିଣା ଯାଇଥିବା ଏହି ଆମ୍ବ ଶରୀର ପାଇଁ ହିତକର କି ନୁହେଁ ତାହା ଜାଣିବା ପାଇଁ ସମୟ ନଥାଏ। ଆମ୍ବ ଏପରି ଏକ ଫଳ ଯାହା ଉଭୟ କଞ୍ଚା ଓ ପାଚିଲା ଖାଇହୁଏ। କିନ୍ତୁ ଆମ୍ବ ବଜାରରୁ କ୍ରୟକରି ଅଣାଯାଉନି ଯେ କ୍ୟାନସର ରୋଗକୁ ଆମନ୍ତ୍ରଣ କରାଯାଉଛି ବୋଲି ଅଧିକାଂଶ ଜାଣିନାହାନ୍ତି। ଯେଉଁ ଆମ୍ବ ଗଛରେ ରହିଲେ କିମ୍ବା ତୋଳା ହେବାର କିଛି ଦିନ ମଧ୍ୟରେ ପାଚିବା କଥା ସେହି ଆମ୍ବ କଞ୍ଚା ଅବସ୍ଥାରେ ତୋଳି କ୍ୟାଲସିୟମ କାର୍ବାଇଟ ଦେଇ ପଚାଇ ଦିଆ ଯାଉଥିବା ଦେଖିବାକୁ ମିଳୁଛି। ପାଚିଲା ଭଳି ଦେଖା ଯାଉଥିବା ଏହି ଆମ୍ବଗୁଡ଼ିକ ପାଟିକୁ ସୁସ୍ୱାଦ ଲାଗୁଛି। ଆଉ ଶରୀର ପାଇଁ କ୍ଷତିକାରକ ସାଜୁଛି ସ୍ୱାସ୍ଥ୍ୟ ପାଇଁ କେଉଁ ଫଳ ହିତକର ଏବଂ କେଉଁ ଫଳ ଅହିତକର ଏହା ଖାଦ୍ୟ ସୁରକ୍ଷା ବିଭଗ ପକ୍ଷରୁ ଯାଞ୍ଚ କରାଯାଉ ନାହିଁ। ବଜାରରେ ବିକ୍ରି ହେଉଥିବା ଆମ୍ବ ସଂକ୍ରାନ୍ତରେ ଜନୈକ ବିଶେଷଜ୍ଞ ଡାକ୍ତରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ ଆମ୍ବ ଖାଇବାର ଯଦି ଅଛି ତେବେ ଗଛରେ ପାଚିଥିବା ଆମ୍ବ ଖାଅ କାର୍ବାଇଟ ଦିଆ ଆମ୍ବ ଖାଅନି କି ରୋଗକୁ ଆମନ୍ତ୍ରଣ କରନି କ୍ୟାଲସିୟମ କାର୍ବାଇଟରୁ ଏସିଟିଲିନ ନାମକ ବିଷାକ୍ତ ଗ୍ୟାସ ବାହାରୁ ଥିବାରୁ ଏହାକୁ ବ୍ୟବହାର କରି ଯେଉଁ ଫଳ ପଚାଯାଏ ସେଥିରେ ଏହି ଗ୍ୟାସ ରହିଥାଏ। ଏହାକୁ ବ୍ୟବହାର କଲେ କ୍ୟାନସର, ଥାଇରଡ଼, ପାଟି ଭିତରେ ଘା, ଏଲର୍ଜି ପ୍ରଭୃତି ରୋଗ ଦେଖା ଦେଇଥାଏ। ଏପରିକି ବୃଦ୍ଧ ଲୋକଙ୍କ ଶରୀରରେ ଆଜମା ଭଳି ରୋଗ ସୃଷ୍ଟି ହୋଇ ଶରୀରରେ କ୍ଷତି ହୋଇଥାଏ। କେବଳ ଆମ୍ବ ନୁହେଁ କଦଳୀ, ସେଓ, ସପୁରୀ, ପଣସ, ଖଜୁରୀ ତଥା ବଜାରରେ ମିଳୁଥିବା ପ୍ରାୟ ଅଧିକାଂଶ ଫଳରେ କ୍ୟାଲସିୟମ କାର୍ବାଇଟ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ଯାଜପୁର ଜିଲ୍ଲାର ବାଲିଚନ୍ଦ୍ରପୁର, ଯାଜପୁର ରୋଡ଼, ଚଣ୍ଡିଖୋଲ, କୁଆଖିଆ, ବରୀ, ବିଞ୍ଝାରପୁର, ଯାଜପୁର ଟାଉନ୍ ଏବଂ ଏହାର ଆଖପାଖ ଅଞ୍ଚଳର ବଜାରରେ ମିଳୁଥିବା ଆମ୍ବ ଠାରୁ ଆରମ୍ଭକରି ଅନ୍ୟାନ୍ୟ ଫଳରେ କ୍ୟାଲସିୟମ କାର୍ବାଇଟ ବ୍ୟବହାର କରାଯାଉଛି କି ନାହିଁ ତାହାର ଯାଞ୍ଚ ଜରୁରୀ ବୋଲି ବିଭିନ୍ନ ମହଲରେ ପ୍ରକାଶ ପାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ବା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ମିଳୁନି ବେତନ; ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଆନ୍ଦୋଳନ

# ଠିକା ସଂସ୍ଥା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ



**ବାରିପଦା, ୧୩।୬(ସମିସ)**

୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ସଠିକ ଭାବେ ବେତନ ନ ଦେଇ ଠିକା କମ୍ପାନୀ ଶୋଷଣ କରୁଛି। ଯାହାର ପ୍ରତିବାଦ ଜଣାଇ କର୍ମଚାରୀମାନେ ଶୁକ୍ରବାର ସକାଳୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଫଳରେ ସେବା ବ୍ୟାଘାତ ହୋଇଥିଲା। ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୨୧ ତାରିଖରୁ ନୂତନ ଭାବେ ଏମ୍ରି ଗ୍ରୀନ ହେଲ୍‌ଥ ସର୍ଭିସ ନାମକ ଏକ ଘରୋଇ କମ୍ପାନୀ ୧୦୮ ଆମ୍ବୁଲାନ୍ସ ସେବାକୁ ଟେଣ୍ଡର ନେଇଛି। ତେବେ ଏହି ଠିକା ସଂସ୍ଥାର

### କର୍ମଚାରୀଙ୍କୁ ଶୋଷୁଛି ଠିକା କମ୍ପାନୀ

ମନୋମୁଖୀ ଯୋଗୁଁ ଆମ୍ବୁଲାନ୍ସ କର୍ମଚାରୀ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ କର୍ମଚାରୀ ସଂଘ ବିରୋଧ କରି ପୂର୍ବରୁ ଆନ୍ଦୋଳନ କରିଥିଲେ। କିନ୍ତୁ ସମାଧାନ ନେଇ ପ୍ରତିଶ୍ରୁତି ଦେଇଥିଲେ; ହେଲେ ଆଜିଯାଏ କୌଣସି ସମାଧାନ ହୋଇନାହିଁ। କର୍ମଚାରୀମାନେ କରୋନା ମହାମାରୀ, ପ୍ରାକୃତିକ ବିପର୍ଯ୍ୟୟକୁ ଖାତିର ନ କରି ନିଜ ଜୀବନକୁ ପାଣି ଛଡ଼ାଇ ସେବା କରିଛନ୍ତି। ନୂତନ ସଂସ୍ଥା ଏବେ ମନଇଚ୍ଛା କାର୍ଯ୍ୟକରି ଠିକ ଭାବେ ବେତନ ଦେଉନାହିଁ ବୋଲି କର୍ମଚାରୀ ଅଭିଯୋଗ କରିଛନ୍ତି। ଗୁରୁବାର କିଛି କର୍ମଚାରୀଙ୍କୁ ବିଳମ୍ବରେ ବେତନ ମିଳିଥିବା ବେଳେ ଅନ୍ୟ କର୍ମଚାରୀଙ୍କୁ ବେତନ ମିଳିନାହିଁ। ଏଥିସହିତ ଯେଉଁମାନଙ୍କୁ ବେତନ ତାହା ମଧ୍ୟ ଠିକ୍‌ଭାବେ ଦିଆଯାଇନାହିଁ। ତତ୍କାଳୀନ ବିଜେଡ଼ି ସରକାର ସମୟରେ ଅତିରିକ୍ତ ୫ ହଜାର ଟଙ୍କାର ଭତ୍ତା ପ୍ରଦାନ ବ୍ୟବସ୍ଥା ଥିଲା; କିନ୍ତୁ ଏବେ ତାହା ଦିଆଯାଉନାହିଁ। ଏନେଇ ଅଭିଯୋଗ କଲେ ବି ଠିକା ସଂସ୍ଥା, ଜିଲ୍ଲା ପ୍ରଶାସନ କି ରାଜ୍ୟ ସରକାର ଶୁଣୁନାହାନ୍ତି। ତେଣୁ ଗୁରୁବାର କର୍ମଚାରୀମାନେ ରୋଗୀସେବା ବନ୍ଦ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପ୍ରତିବାଦ ଜଣାଇଛନ୍ତି। କର୍ମଚାରୀମାନେ ଠିକା ସଂସ୍ଥା ବିରୋଧରେ ବିକ୍ଷୋଭ କରିଥିଲେ। ଫଳରେ ଆମ୍ବୁଲାନ୍ସ ସେବା ପ୍ରାୟ ୪ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବ୍ୟାଘାତ ହୋଇଥିଲା। ପରେ ଠିକା ସଂସ୍ଥା ଓ ହସ୍ପିଟାଲ କର୍ତ୍ତୃପକ୍ଷ ଆନ୍ଦୋଳନରତ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ସ୍ଥଗିତ କରି ପୂର୍ବ ପରି ଆମ୍ବୁଲାନ୍ସ ସେବା ଆରମ୍ଭ କରିଥିଲେ।

# ଶିଶୁ ଉଦ୍ୟାନରେ ରଜ ଉତ୍ସବ ଉଦ୍‌ଘାଟିତ



**ବାରିପଦା, ୧୩।୬(ସମିସ):** ବାରିପଦା ଅମ୍ବିକା ମନ୍ଦିର ନିକଟସ୍ଥ ଶିଶୁ ଉଦ୍ୟାନରେ ରଜ ମଉଜ ଅନୁଷ୍ଠାନ ପକ୍ଷରୁ ୩ ଦିନିଆ ରଜ ଉତ୍ସବ ଉଦଘାଟିତ ହୋଇଯାଇଛି। ଗୁରୁକୁଳ ଡ୍ୟାନ୍ସ ଆଣ୍ଡ ଭିଜୁଆଲ ଏକାଡେମୀ ଆନୁକୂଲ୍ୟରେ ୧୩ତମ ରଜ ମଉଜ ଉତ୍ସବ ଆୟୋଜନ କରାଯାଇଛି। ପୂର୍ବତନ ଉପ ନଗରପାଳ ଜୀତେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ବାଙ୍ଗିରିପୋଷି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର, ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମିନା ଦାସ, ପୂର୍ବତନ ବିଜେଡି ରାଜ୍ୟ ଉପସଭାପତି ଲଲାଟେନ୍ଦୁ ବେହେରା, ସାଧାରଣ ସମ୍ପାଦକ ପ୍ରେମଜିତ ଦାସ, ବିସିଜେଡି ଜିଲ୍ଲା ସଭାପତି ସୁନୀଲ କୁମାର ନାୟକ, ସମାଜସେବୀ ଗୌରବ ମୋଦି, କାଉନସିଲର ଗୀତା ବେହେରା, ଶ୍ରାବଣୀ ଦାସ, ଅନନ୍ତ ଦାସ, ସୁକେଶିନୀ ସେଠି, ରାଜ ଗୁପ୍ତା, ମୂର୍ଚ୍ଛନା ମହାନ୍ତି, ପ୍ରଭାତୀ ପୃଷ୍ଟି, ଜୀତା ସିଂ, କିଶୋର ପାତ୍ର, ମିନା ପରିଡ଼ା, ଲୁଷି ସାହୁ, ସ୍ୱଦେଶା ମହାନ୍ତ, ସତ୍ୟସ୍ୱରୂପ ଦାସ, ଦେବବ୍ରତ ସେନାପତି, ଅଭିଜିତ କଲିଆ, ପୂର୍ବତନ କାଉନସିଲର ପ୍ରଭାତ ମହାନ୍ତି, ମୟୂର ମଲ୍ଲିକ, ସୁଦର୍ଶନ ସାହୁ, ସୁରଜ, ଆୟୁଷ ପ୍ରମୁଖ ଉପସ୍ଥିତ ଥିଲେ। ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ଆୟୋଜକ ଲିଟନ ପଟ୍ଟନାୟକ ଜଣାଇଛନ୍ତି। ବହୁ ସଂଖ୍ୟାରେ ଉପସ୍ଥିତ ରହି ଏହି ପବିତ୍ର ଗଣପର୍ବକୁ ଉପଭୋଗ କରିବାକୁ ସଭାପତି ଶ୍ରୀ ମହାନ୍ତି ଅନୁରୋଧ ଜଣାଇଛନ୍ତି। ଏହି ଅବସରରେ ମା', ଝିଅ, ବୋହୂ ଓ ପିଲାମାନଙ୍କୁ ନେଇ ପାରମ୍ପରିକ ଦୋଳି ଖେଳ, ନାଚ, ଗୀତ ଓ ପିଠା ମଉଜ ଆଦି ପାଳନ କରାଯିବ।

## ଗ୍ରୀଷ୍ମକାଳୀନ ଶିଶୁ ପ୍ରତିଭା ଶିବିର ଉଦ୍‌ଯାପିତ



**ବାରିପଦା, ୧୩।୬(ସମିସ):** ମୟୂରଭଞ୍ଜ ଜାତୀୟ ଯୁବ ପ୍ରକଳ୍ପ ଓ ଆଧାରର ମିଳିତ ସହଯୋଗରେ ୫ଦିନ ଧରି ଚାଲିଥିବା ଗ୍ରୀଷ୍ମକାଳୀନ ଶିଶୁ ପ୍ରତିଭା ଶିବିର ଉଦଯାପିତ ହୋଇଯାଇଛି। ଯୁବ ପ୍ରକଳ୍ପର ଜିଲ୍ଲା ସଭାପତି କୁଞ୍ଜବିହାରୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଉଦଯାପନୀ ସଭାରେ ଜାତୀୟ ଯୁବ ପ୍ରକଳ୍ପର ରାଜ୍ୟ ସଂଯୋଜକ ମଧୁସୂଦନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅତିଥିଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ, ଅଧ୍ୟାପକ ସମରେନ୍ଦ୍ର ବସା, ଅଶ୍ୱନୀ ମହାନ୍ତ, ଅଧ୍ୟାପିକା ରୋନାଲି ଦୁର୍ଗା, ଅଶୋକ ପୃଷ୍ଟି, ବାସୁଦେବ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶିବିର ସଂଯୋଜିକା ରୂପାଲୀ ହାତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୩ ଦିନିଆ ନୃତ୍ୟ ଶିବିର ଉଦ୍‌ଯାପିତ

# ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସୁରେଶ୍ୱରୀ ସମ୍ବର୍ଦ୍ଧିତ



**ବାରିପଦା, ୧୩।୬(ସମିସ):** ବାରିପଦା ଦାରୋଗାଡାହି ସ୍ଥିତ ତୁଳସୀ ମଣ୍ଡପରେ ୩ ଦିନ ଧରି ଚାଲିଥିବା ମାଗଣା ନୃତ୍ୟ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଅତିଥି ଭାବରେ ଜୟଦୁର୍ଗା ଫାଉଣ୍ଡେସନର ଅଧ୍ୟକ୍ଷ ଡ଼ ସୁରେଶ୍ୱରୀ ସାଗରୀକା ଜେନା, ସମାଜସେବୀ ସୁନିତା ଘିବେଲା, ଓଡ଼ିଶା ସାମ୍ବାଦିକ ସଙ୍ଘର ରାଜ୍ୟ ଉପସଭାପତି ସାମ୍ବାଦିକ ଦୀପକ କୁମାର ନାୟକ, ପୂର୍ବତନ ଯୁବ ବିଜେଡି ରାଜ୍ୟ ଉପସଭାପତି ତଥା ରଣଜି ଖେଳାଳି ଲଲାଟେନ୍ଦୁ ବେହେରା, ସାମ୍ବାଦିକ ସୟେଦ ସିରାଜୁଦ୍ଦିନ ପ୍ରମୁଖ ଯୋଗ ଦେଇଥିଲେ। ପିଲାଙ୍କ ପ୍ରତିଭାର ବିକାଶ ପାଇଁ ଏଭଳି କର୍ମଶାଳା ବେଶ ସହାୟକ ହେବ ବୋଲି କହିଥିଲେ। ନୃତ୍ୟ ପ୍ରଶିକ୍ଷିକ ଭାବରେ ଜାମସେଦପୁରର ବିଶିଷ୍ଟ ନୃତ୍ୟ କରିୟଗ୍ରାଫର ଏସକେ ସାହିଲ ଯୋଗଦେଇ ୩ଦିନ ଧରି ଶତାଧିକ ଶିବିରାର୍ଥୀଙ୍କୁ ନୃତ୍ୟଶିକ୍ଷା ଦେଇଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଡ଼ ସୁରେଶ୍ୱରୀ ସାଗରିକା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସମସ୍ତ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ସହ ମେଡଲ ପ୍ରଦାନ କରାଯାଇଥିଲା। କର୍ମଶାଳା ପ୍ରଦର୍ଶନରେ ପ୍ରଥମ ସ୍ଥାନ ହାସଲ କରିଥିବା ସୃଷ୍ଟି ସାନଭି ପାତ୍ର, ଦ୍ୱିତୀୟ ଦିବ୍ୟଜ୍ୟୋତି ଏବଂ ତୃତୀୟ ସତ୍ୟପ୍ରକାଶ ବାରିକଙ୍କୁ ସ୍ୱତନ୍ତ୍ର ଭାବରେ ପୁରସ୍କୃତ କରାଯାଇଥିଲା। ମୟୂର କଳାଭୂମି ଅନୁଷ୍ଠାନର ଅର୍ଜୁନ ହାଁସଦା ମଞ୍ଚ ପରିଚାଳନା କରିଥିବା ବେଳେ ଦିଲ୍ଲୀପ କୁମାର ପାତ୍ରଙ୍କ ନେତୃତ୍ୱରେ ଦୀପା ସିଂ, ଧୀରଜ ପାଢ଼ୀ, ତରୁଣ ପରମାଣିକ, ମନୋଜ ମହାକୁଡ଼ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ୮ ପ୍ରକଳ୍ପର ଶିଳାନ୍ୟାସ; ୯୩ ହିତାଧିକାରୀଙ୍କୁ 'ଆବାସ' ଗୃହ କାର୍ଯ୍ୟାଦେଶ ବଣ୍ଟନ

**ବାରିପଦା, ୧୩।୬(ସମିସ):** ଶୁକ୍ରବାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ବାରିପଦା ସହରରେ ୮ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସହରବାସୀଙ୍କ ପାଇଁ ଏ ଗୁଡିକର ଅତ୍ୟନ୍ତ ଆବଶ୍ୟକତା ଥିବାରୁ ଏହି ପ୍ରକଳ୍ପକାର୍ଯ୍ୟ ହାତକୁ ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଯେପରିକି ସହରରେ ବର୍ଷା ଜଳ ନିଷ୍କାସନକୁ ସୁବ୍ୟବସ୍ଥିତ କରିବା ପାଇଁ ଶ୍ରମ କାର୍ଯ୍ୟାଳୟ, ତୁଳସୀ ଚଉରା, ଷ୍ଟେସନ ବନ୍ଧ, ଦୋଳି ପଡ଼ିଆ ଏବଂ ଭଞ୍ଜପୁର ଷ୍ଟେସନ ନିକଟରେ ନାଳ ନିର୍ମାଣ ଓ ଶବ ସତ୍କାର ପାଇଁ ଦାରୋଗାଡାହି, ବାରୁଣୀ ଓ ବେଲଗଡ଼ିଆଠାରେ ଶ୍ମଶାନ ନିର୍ମାଣ କରାଯିବ। ୧୦ କୋଟି ୫୦ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ଏହି ୮ଟି ପ୍ରକଳ୍ପର ଖୁବ ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏହାପରେ ମନ୍ତ୍ରୀ ବାରିପଦା ପୌରପାଳିକା କଲ୍ୟାଣ ମଣ୍ଡପଠାରେ ସହରର ବିଭିନ୍ନ ୱାର୍ଡର ୯୩ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସଗୃହର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ ସମେତ କାଉନସିଲରମାନେ ଉପସ୍ଥିତ ଥିଲେ।



## ଅଧିକାରୀ ଓ ସୁପରଭାଇଜର ତାଲିମ ପାଇଁ ଜିଲ୍ଲାରୁ ୯ ମନୋନୀତ



**ବାରିପଦା, ୧୩।୬(ସମିସ):** ଜିଲ୍ଲା ପ୍ରଶାସନର ସୁପାରିସକ୍ରମେ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀ, ନୂଆଦିଲ୍ଲୀର ଆଇଆଇଆଇଡିଇଏମଠାରେ ତାଲିମ ନିମନ୍ତେ ଓଡ଼ିଶାର ୫୦ ଜଣ ବୁଥ ସ୍ତରୀୟ ଅଧିକାରୀ/ସୁପରଭାଇଜରଙ୍କୁ ପ୍ରଥମ ଦଫାରେ ମନୋନୀତ କରିଛନ୍ତି। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲାରୁ ୯ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୯ଜଣ ଅଧିକାରୀ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବୁଥ ସୁପରଭାଇଜର ବୀରେନ୍ଦ୍ର କୁମାର ବାରିକ (ଯଶିପୁର), ରସାନନ୍ଦ ବେହେରା (ସାରସକଣା), ନିରଞ୍ଜନ ଗୋପ (ରାଇରଙ୍ଗପୁର), ବିଶ୍ୱଜିତ ମହାନ୍ତି(ବାଙ୍ଗିରିପୋଷି), ରଜତ କୁମାର ମହାପାତ୍ର (ଉଦଳା), ସନ୍ତୋଷ କୁମାର ବେହେରା (ବଡ଼ସାହି), ସିଦ୍ଧେଶ୍ୱର ମିଶ୍ର (ବାରିପଦା), ପ୍ରସନ୍ନ କୁମାର ମହାନ୍ତ (ମୋରଡା) ଓ ବୁଥ ସ୍ତରୀୟ ଅଧିକାରୀ ମହମ୍ମଦ ଇମାଦ ହସେନ (କରଞ୍ଜିଆ)। ପ୍ରଥମ ଦଫା ତାଲିମ ପାଇଁ ମନୋନୀତ ହୋଇଥିବା ୯ ଜଣ ଅଧିକାରୀ ନୂଆଦିଲ୍ଲୀ ଯାତ୍ରା କରିଛନ୍ତି।

## ଦିବାରାତ୍ର ୨୦-ଟ୍ୱେଣ୍ଟି କ୍ରିକେଟ; ଲାଲବଜାର ବିଜୟୀ

**ବାରିପଦା, ୧୩।୬(ସମିସ):** ବାରିପଦା ମଧୁବନ ମିନି ଷ୍ଟାଡିୟମରେ ଡିଆରକେ କ୍ଳବ ଆନୁକୂଲ୍ୟରେ ଆୟୋଜିତ ୧ମ ବାର୍ଷିକ ଡିଆରକେ କପ ଦିବାରାତ୍ର ୨୦-ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟର ୯ମ ଦିନର ମ୍ୟାଚରେ ଲାଲବଜାର ୱାରିୟର୍ସ ଦଳ ୨୬ ରନରେ ପରି ଚ୍ୟାଲେଞ୍ଜର୍ସ ଦଳକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଲାଲବଜାର ୱାରିୟର୍ସ ୧୫ ଓଭରରେ ୮ ଉଇକେଟ ହରାଇ ୧୩୮ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଦୀପକ କୁମାର ମହାତ ୫୦ ଓ ମନୁ ରାମ ୪୦ ରନ କରିଥିବା ବେଳେ ବିପକ୍ଷ ଦଳର ସାମନ୍ତ ଶେଖର ପାଲ, ମେରି ଲୋକନାଥ ଓ ୟାସିନ ଆଲାମ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ପରି ଚ୍ୟାଲେଞ୍ଜର୍ସ ୧୫ ଓଭରରେ ୭ ଉଇକେଟ ହରାଇ ୧୧୨ ରନ କରିପାରିଥିଲେ। ଦଳ ପକ୍ଷରୁ ମେରି ଲୋକନାଥ ୪୦ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଦୀପକ କୁମାର ମହାତ ୪ଟି ଉଇକେଟ ହାସଲ କରିଥିଲେ। ଅତିଥି ଭାବେ ପୂର୍ବତନ କାଉନସିଲର ତଥା କ୍ରିକେଟ ଖେଳାଳି ପ୍ରଶାନ୍ତ ପଟ୍ଟନାୟକ ଓ ରାଜ୍ୟ ସ୍ତରୀୟ କ୍ରିକେଟ ଖେଳାଳି ଦେବୀଦତ୍ତ ମହାନ୍ତି ତଥା କାର୍ଯ୍ୟକାରୀ ସମ୍ପାଦକ ନିରୋଜ ସାହୁ ଉପସ୍ଥିତ ଥିଲେ।



## ସାନ୍ତାଳୀ ଶିକ୍ଷକଙ୍କୁ ସରକାରଙ୍କ ଉପେକ୍ଷା; ନିୟମିତ ଦାବି

**ବାରିପଦା, ୧୩।୬(ସମିସ):** ସାନ୍ତାଳୀ ଭାଷାଭାଷୀ ଶିକ୍ଷକମାନେ ରାଜ୍ୟ ସରକାରଙ୍କ ପ୍ରତାରଣାର ଶିକାର ହୋଇଛନ୍ତି। ପ୍ରତିଶ୍ରୁତି ଦେଇ ମଧ୍ୟ ସାନ୍ତାଳୀ ଶିକ୍ଷକଙ୍କୁ ନିୟମିତ ନକରି ପ୍ରତାରଣା କରିଛନ୍ତି; ଯାହାକୁ ନେଇ ସାନ୍ତାଳୀ ଭାଷା ଶିକ୍ଷକ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ୫ ଦଫା ଦାବି ନେଇ ଜିଲ୍ଲାପାଳଙ୍କ ଜରିଆରେ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ମୟୂରଭଞ୍ଜ ଭଳି ଆଦିବାସୀ ବହୁଳ ଜିଲ୍ଲାରେ ଉକ୍ତ ଶିକ୍ଷକମାନେ ବହୁ ବର୍ଷ ହେବ ସାନ୍ତାଳୀ ଭାଷାଭାଷୀରେ ଶିକ୍ଷା ପ୍ରଦାନ କରୁଛନ୍ତି। କିନ୍ତୁ ତାଙ୍କ ପ୍ରତି ରାଜ୍ୟ ସରକାର ଉପେକ୍ଷା କରିଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ନିୟମିତ କରିବାର ପ୍ରତିଶ୍ରୁତି ଦେଇ ବି କୌଣସି ପଦକ୍ଷେପ ଗ୍ରହଣ କରିଲେ ନାହିଁ। ଯାହାକୁ ନେଇ ସେମାନେ ଆଜି ବି ଉପେକ୍ଷିତ ହୋଇ ରହିଛନ୍ତି। ବିଜେପି ସରକାର ରାଜ୍ୟରେ ସରକାର ଗଢିବାର ଏକ ବର୍ଷ ପୂର୍ତ୍ତିରେ



ଉତ୍ସବ ପାଳୁଥିବା ବେଳେ ତାଙ୍କ ପ୍ରତି ଦୃଷ୍ଟି ପଡୁନାହିଁ। ଯାହାକୁ ନେଇ ସଂଘ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଶିକ୍ଷକଙ୍କୁ ନିଯୁକ୍ତିର ୬ବର୍ଷ ପରଠାରୁ ଅଣତାଲିମପ୍ରାପ୍ତ ଶିକ୍ଷକ ମାନ୍ୟତା ପ୍ରଦାନ, ସମସ୍ତ ସାନ୍ତାଳୀ ଶିକ୍ଷକଙ୍କୁ ନିୟମିତ କରିବା ଆଦି ୫ଦଫା ଦାବି ଉପସ୍ଥାପନ କରି ଦାବିପତ୍ର ପ୍ରଦାନ କରାଯାଇଛି। ଆଗକୁ ଦାବି ପୂରଣ ନ ହେଲେ ମୟୂରଭଞ୍ଜ ଜିଲ୍ଲାରୁ ପଦଯାତ୍ରାରେ ବାହାରି ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ନିଜର ହକ ପାଇଁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବା ନେଇ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଆଜି ପହିଲି ରଜ; ଜମିଲାଣି ପିଠାପଣା, ରଜପାନର ଆସର

**ବାରିପଦା, ୧୩।୬(ସମିସ)**

ଆଜି ପ୍ରଥମ ରଜ। ଫଳରେ ବାରିପଦା ସହରରେ ରଜକୁ ନେଇ ସବୁଠି ଉତ୍ସବର ମାହୋଲ। ଧୁମ୍‌ଧାମ୍ ମଧ୍ୟରେ ରଜ ପାଳିତ ହେଉଥିବା ବେଳେ ସହରରେ ମଉଜ ଆରମ୍ଭ ହୋଇଯାଇଛି। ଶୁକ୍ରବାରଠାରୁ ନୂଆ ଲୁଗାପଟା କିଣିବା ପାଇଁ ବଜାରରେ ଭିଡ଼ ଦେଖିବାକୁ ମିଳିଥିଲା। ଏଥିସହିତ ଶନିବାର ପହିଲି ରଜ ଥିବାରୁ ରଜପାନ ପାଇଁ ଦୋକାନରେ ପ୍ରବଳ ଭିଡ। ରଜ ପର୍ବ ଏକ ନିଆରା ପର୍ବ; ଯାହାକି ବିଶେଷ କରି ଝିଅମାନଙ୍କ ବେଶ ମହତ୍ତ୍ୱପୂର୍ଣ୍ଣ। ସକାଳୁ ଉଠି ସଜବାଜ ହୋଇ ନୂଆ ଡ୍ରେସ୍ ପିନ୍ଧି ହାତରେ ମେହେନ୍ଦି, ପାଦରେ ଅଳତା, ମୁଣ୍ଡରେ ଚନ୍ଦନ ଟିପା ଲଗାଇ, ପିଠା ପଣା ଖାଇ ରଜ ଦୋଳି ଝୁଲି ଦିନକୁ ପାଳନ କରିଥାନ୍ତି। ତା'ସାଙ୍ଗକୁ ମିଠା ପାନ ବିନା ରଜ ପାଳନ ଅଧୁରା ରହିଥାଏ। ପରସ୍ପର ମଧ୍ୟରେ ଝିଅମାନେ ରଜ ପାନ ଖାଇ ନାଚ ଗୀତରେ ରଜପର୍ବକୁ ଆନନ୍ଦ ଉଲାସ ସହ ପାଳନ କରିଥାନ୍ତି। ତେବେ ରଜ ପାନ ପାଇଁ ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ରଜ ସମୟରେ ବିଭିନ୍ନ ପାନ ଦୋକାନରେ ରଜପାନ ପାଇଁ ଅନେକ ଭିଡ଼ ଦେଖିବାକୁ ମିଳିଥିଲା। ରଜ ପାଇଁ ସ୍ପେଶାଲ ଫାୟାର ପାନ ସାଙ୍ଗକୁ ଅନ୍ୟାନ୍ୟ ମିଠା ପାନ ଯିଏ ଖାଇଛନ୍ତି ସେ କେବେ ଭୁଲି ନାହାନ୍ତି। ସୁଗନ୍ଧ, ନାନା ମିଠା ମସଲାକୁ ମିଠାପତ୍ର ପାନ ଖିଲି ମରାଯାଇ ଗ୍ରାହକ ଦିଆଯାଇଥାଏ; ଯାହାକି ପାଟିକୁ ଗଲେ ଏହି ରଜ ପାନର ସ୍ୱାଦ ମଧ୍ୟ ବେଶ ଫୁଟି ଉଠିଥାଏ। ତେବେ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟି ରଖି ଦୋକାନରେ ଆହୁରି ଭଳି କି ଭଳି ରଜ ପାନ କରିଛନ୍ତି। ଫାୟାର ବ୍ରାଣ୍ଡ ପାନ ସହିତ ଲଡୁପାନ, ଚକଲେଟ ପାନ, ନବରତ୍ନ ପାନ, ଦିଲଖୁସ ପାନ, ଷ୍ଟବେରୀ, ପାଇନାପଲ ଓ ଆଇସ ପାନ ରହିଛି। ଯାହାର ମୂଲ୍ୟ ୧୦ଟଙ୍କାରୁ ଆରମ୍ଭ କରି ୫୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ବାରିପଦା ସହରରେ ରଜ ସ୍ପେଶାଲ ପାନ ପାଇଁ ଦୋକାନରେ ବେଶ ଲମ୍ବା ପାନ ତାଲିକା ରହିଛି। ଯାହାକୁ ନେଇ ପାନ ଦୋକାନରେ ରଜ ପାନ ପାଇଁ ଗ୍ରାହକଙ୍କ ଭିଡ଼ ଲାଗିଥିବାର ଦେଖିବାକୁ ମିଳିଛି। ରଜ ପାନ ପାଇଁ କଲିକତାରୁ ସ୍ପେଶାଲ ମସଲା ମଧ୍ୟ ଆସିଥିବାର ଦୋକାନୀ କହିଛନ୍ତି। ଶନିବାର ପହିଲି ରଜ ଥିବାବେଳେ ରବିବାର ରଜ ମଉଜ ଆହୁରି ଜମିବ।

### ଦୋକାନରେ ଭଳିକି ଭଳି ମିଠାପାନ ସମ୍ଭାର



## ଦଲାଲଙ୍କୁ ରେଳବାଇର ଛାଟ

# ସଂଶୋଧନ ହେଲା ତତ୍କାଳ ଟିକେଟ୍ ଯୋଜନା; ଜୁଲାଇ ୧ରୁ କାର୍ଯ୍ୟକାରୀ

ରାଉରକେଲା, ୧୩।୬(ସମିସ)

ତତ୍କଳ ଟିକଟ ଦଲାଲଙ୍କୁ ରେଳବାଇର ଛାଟ। ତତ୍କାଳ ଟିକେଟ୍‌ର ଲାଭ ସାଧାରଣ ଲୋକ ଏବଂ ବ୍ୟକ୍ତିଗତ ବ୍ୟବହାରକାରୀଙ୍କ ପାଖରେ ପହଞ୍ଚିବା ନିଶ୍ଚିତ କରିବା ପାଇଁ ଭାରତୀୟ ରେଳବାଇ ପକ୍ଷରୁ ସଂଶୋଧନ କରାଯାଇ ଅନେକ ପଦକ୍ଷେପ ନିଆଯାଇଛି। ବ୍ୟକ୍ତିଗତ ବ୍ୟବହାରକାରୀଙ୍କ ପାଇଁ ତତ୍କାଳ ଇ-ଟିକେଟ ବୁକିଂ ପାଇଁ ଆଧାରକୁ ବାଧ୍ୟତାମୂଳକ କରାଯାଇଛି। ରେଳବାଇ କାଉଣ୍ଟର/ୱିଣ୍ଡୋରୁ ତତ୍କାଳ ଟିକେଟ୍ ବୁକ୍ କରିବାକୁ ହେଲେ ଯାତ୍ରୀ କିମ୍ବା ତାଙ୍କ ପ୍ରତିନିଧିଙ୍କୁ ମୋବାଇଲ୍ ନମ୍ବର ଏବଂ ଓଟିପି ଦେବାକୁ ପଡ଼ିବ। ଓଟିପି ଯାଞ୍ଚ ସଫଳ ହେଲେ ହିଁ ତତ୍କାଳ ଟିକେଟ୍ ଜାରି କରାଯିବ। ସେହିପରି ଟ୍ରାଭେଲ୍ ଏଜେଣ୍ଟ ଏବଂ ପ୍ରାଧିକୃତ ଏଜେନ୍ସିଗୁଡ଼ିକ ୩୦ ମିନିଟ୍ ପରେ ଟିକେଟ୍ ବୁକ୍ କରିପାରିବେ, ଅର୍ଥାତ୍ ତତ୍କାଳ ଟିକେଟ୍ ଶୀତତାପ ନିୟନ୍ତ୍ରିତ ଶ୍ରେଣୀ ପାଇଁ ସକାଳ ସାଢେ ୧୦ଟା ଏବଂ ବିନା ଶୀତତାପ ନିୟନ୍ତ୍ରିତ ଶ୍ରେଣୀ ପାଇଁ ସକାଳ ସାଢେ ୧୧ଟା ରୁ ବୁକ୍ କରାଯାଇପାରିବ। ବ୍ୟକ୍ତିଗତ ଅନଲାଇନ୍ ବ୍ୟବହାରକାରୀ ଏବଂ ୱିଣ୍ଡୋ ଟିକେଟ୍ ବ୍ୟବହାରକାରୀଙ୍କୁ ବିଶେଷ ସୁବିଧା ପ୍ରଦାନ କରାଯିବ। ଶୀତତାପ ନିୟନ୍ତ୍ରିତ କୋଚ୍ ପାଇଁ ସକାଳ ୧୦ଟା ରୁ ସାଢେ ୧୦ଟା ଏବଂ ବିନା ଶୀତତାପ ନିୟନ୍ତ୍ରିତ କୋଚ୍ ପାଇଁ ସକାଳ ୧୧ଟା ରୁ ସାଢେ ୧୧ଟା ପର୍ଯ୍ୟନ୍ତ ସମୟ ରଖାଯାଇଛି। ଯେଉଁମାନଙ୍କର ଆଧାର ନାହିଁ ସେମାନେ ଷ୍ଟେସନରେ ଅବସ୍ଥିତ ପିଆରଏସ କାଉଣ୍ଟର ମାଧ୍ୟମରେ କିମ୍ବା ପ୍ରାଧିକୃତ ଟ୍ରାଭେଲ୍ ଏଜେଣ୍ଟମାନଙ୍କ ମାଧ୍ୟମରେ ତତ୍କାଳ ଟିକେଟ୍ ବୁକ୍ କରିପାରିବେ ବୋଲି କୁହାଯାଇଛି। ସେହିପରି ଆଧାର ସହିତ ଇ-ଟିକେଟିଂ ମଧ୍ୟ କରାଯାଇ ପାରିବ। ଆଇଆରସିଟିସି ଆପ୍ ରେ ତତ୍କାଳ ଟିକେଟ୍ ବୁକ୍ କରିବା କେବଳ ଆଧାର ଯାଞ୍ଚ ଆକାଉଣ୍ଟ ପାଇଁ ଜୁଲାଇ ୧ ରୁ ପ୍ରଯୁଜ୍ୟ ହେବ। ଓଟିପି ଦ୍ୱାରା ଆଧାର ପ୍ରମାଣୀକରଣ ବ୍ୟବସ୍ଥା ଜୁଲାଇ ୧୫ ତାରିଖରୁ କାର୍ଯ୍ୟକାରୀ ହେବ। ପ୍ରକୃତ ଉପଭୋକ୍ତାଙ୍କ ଅପେକ୍ଷା ବଟ୍ କିମ୍ବା ଅନ୍ୟାନ୍ୟ ସଫ୍ଟୱେର୍ ଉପାୟ ଯେପରି ଶୀଘ୍ର ଟିକେଟ୍ ବୁକ୍ କରିପାରିବେ ନାହିଁ ତାହା ନିଶ୍ଚିତ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେହିପରି ୱିଣ୍ଡୋ ଟିକେଟ୍ ବୁକିଂ ପାଇଁ ମୋବାଇଲ୍ ନମ୍ବର ପ୍ରଦାନ କରିବା ବାଧ୍ୟତାମୂଳକ ହେବ ଯେଉଁଥିରେ ଏକ ଓଟିପି ପଠାଯିବ। ଓଟିପି ଯାଞ୍ଚ ପରେ ହିଁ ଟିକେଟ୍ ଜାରି କରାଯିବ। ଏହି ବ୍ୟବସ୍ଥା ୧୫ ଜୁଲା ରୁ କାର୍ଯ୍ୟକାରୀ ହେବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଗତ ୬ ମାସରେ ସଫ୍ଟୱେର୍ ମାଧ୍ୟମରେ ଟିକେଟ୍ ବୁକ୍ କରୁଥିବା ୨.୫ କୋଟି ସନ୍ଦିଗ୍ଧ ଆଇଆରସିଟିସି ଆଇଡିକୁ ବ୍ଲକ କରାଯାଇଛି।

## ବିକାଶ ବାହନ ରଥର ଶୁଭାରମ୍ଭ



ବଣାଇଁ, ୧୩।୬(ସମିସ): ବଣାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପକ୍ଷରୁ ଉପଖଣ୍ଡର ସମସ୍ତ ବ୍ଲକରେ ବିକାଶ ବାହନ ରଥର ଶୁଭାରମ୍ଭ କରାଯାଇଛି। ଏହି ବିକାଶ ବାହନ ରଥ ଆଗାମୀ ତାରିଖ ଯାଏଁ ଉପଖଣ୍ଡର ୪ଟି ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରି ଜନସାଧାରଣଙ୍କୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ବ୍ୟାପକ ସଚେତନତା ସୃଷ୍ଟି କରିବେ। ଏହି କାର୍ଯ୍ୟକ୍ରମରେ ବଣାଇ ଆଇଟିଡିଏ, ରାଜସ୍ୱ, ବିଦ୍ୟୁତ, ଜଙ୍ଗଲ ଓ ପରିବେଶ, ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, କୃଷି, ଅଗ୍ନିଶମ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଏଥିରେ ଧରତୀ ଅବା ଗ୍ରାମ ଉତ୍କର୍ଷ ଅଭିଯାନ, ପିଏମ ଜନମନ, ଜଙ୍ଗଲ ଜମି ଅଧିକାର ଯୋଯନା ବିଷୟରେ ଜନ ସାଧାରଣଙ୍କୁ ସଚେତନତା କରିବା ସହ ପଞ୍ଜିକରଣ କରାଯାଇଥିଲା।

## ବିକାଶ ମେଳାରେ ଆରଏସ୍‌ପିର ପାଭିଲିୟନ୍ ଉଦ୍‌ଘାଟିତ



**ରାଉରକେଲା, ୧୩।୬(ସମିସ):** ଓଡ଼ିଶା ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୁନ୍ଦରଗଡ଼ରେ ଅନୁଷ୍ଠିତ ବିକାଶ ମେଳାରେ ସେଲ୍‌ର, ରାଉରକେଲା ଇସ୍ପାତ କାରଖାନାର ପାଭିଲିୟନ୍ ଉଦ୍‌ଘାଟନ କରିଥିଲେ। ତଜଟାଙ୍କ ସହ ତଳସରାର ବିଧାୟକ ତଥା ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରଘୁନାଥପାଲିର ବିଧାୟକ ଦୁର୍ଗା ଚରଣ ତନ୍ତୀ, ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ସୁନ୍ଦରଗଡ଼ ପୌରପାଳିକା ଅଧ୍ୟକ୍ଷା ତନୟା ମିଶ୍ର ଏବଂ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନର ଅନ୍ୟ ବହୁ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆରଏସ୍‌ପିର ପାଭିଲିୟନ୍‌ରେ ଆରଏସ୍‌ପି ଏହାର ଐତିହାସିକ ଯାତ୍ରା, ଅଭିବୃଦ୍ଧି ଏବଂ ଓଡ଼ିଶା ପ୍ରତି ଏହାର ଅବଦାନକୁ ପ୍ରଦର୍ଶନ କରାଯାଇଛି। ଯେଉଁଥିରେ କମ୍ପାନୀର ଉତ୍ପାଦ ସମୂହ, ଉତ୍ପାଦନ ସ୍ଥିତି, କ୍ରୀଡା ପଦକ୍ଷେପ ଏବଂ ସିଏସଆର କାର୍ଯ୍ୟଧାରା ଭଳି ପ୍ରମୁଖ ଦିଗଗୁଡ଼ିକୁ ସ୍ଥାନ ପାଇଛି।

## ଦୀପିକା ଇସ୍ପାତ ଶିକ୍ଷାସଦନରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ରାଉରକେଲା, ୧୩।୬(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ତତ୍ତ୍ୱାବଧାନରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୀପିକା ଇସ୍ପାତ ଶିକ୍ଷା ସଦନର ବିଦ୍ୟାର୍ଥୀମାନେ ଏକ ସୁନ୍ଦର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ନମ୍ରତା ବର୍ମା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଏହି ଅବସରରେ ଦୀପିକା ଇସ୍ପାତ ଶିକ୍ଷା ସଦନର ପୂର୍ବତନ ଛାତ୍ରୀ ନୃତ୍ୟ ପ୍ରଶିକ୍ଷିକା ପ୍ରଜ୍ଞା ପାରମିତା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ପ୍ରତିଜ୍ଞା ପଲାଇ ଏବଂ ରୀତା ରାଣୀ, ସମ୍ପାଦିକା ସାରିକା କୁମାର, ବିଦ୍ୟାଳୟ ପ୍ରଶାସକ ଏସ୍ କେ ମିଶ୍ର, ଡିଏମଏସ ପରିଚାଳନା ପରିଷଦ ସଦସ୍ୟା, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଦୀପିକା ଇସ୍ପାତ ଶିକ୍ଷା ସଦନର ଜଣେ ପ୍ରତିଷ୍ଠିତ ପୂର୍ବତନ ଛାତ୍ରୀଙ୍କ ତତ୍ତ୍ୱାବଧାନରେ ୧୦ ଦିନ ଧରି ତାଲିମପ୍ରାପ୍ତ ସ୍କୁଲର ୧୧ ଜଣ ଛାତ୍ରୀ ଓଡ଼ିଶୀ ନୃତ୍ୟର ସମୃଦ୍ଧ ଐତିହ୍ୟକୁ ପ୍ରଦର୍ଶିତ କରି ଏକ ସୁନ୍ଦର ଏବଂ ମନମୋହକ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ସେଲ ଆରଏସପିର ଜଣେ କ୍ୟାଣ୍ଟିନ୍ ମ୍ୟାନେଜର ଗୌତମ ନାୟକଙ୍କ ଝିଅ ପ୍ରଜ୍ଞା ପାରମିତା ନାୟକ ଦୀପିକା ଇସ୍ପାତ ଶିକ୍ଷା ସଦନରୁ ୨୦୨୦ ବ୍ୟାଚ୍ ରେ ଉତ୍ତୀର୍ଣ୍ଣ ହୋଇଥିଲେ। ସେ ବର୍ତ୍ତମାନ ଭୁବନେଶ୍ୱରର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ପ୍ରଦର୍ଶନ କଳା (ଓଡ଼ିଶୀ ନୃତ୍ୟ)ରେ ତୃତୀୟ ବର୍ଷ ଅଧ୍ୟୟନରତ ଅଛନ୍ତି। ତାଙ୍କ ସ୍କୁଲ ଜୀବନରେ ଜଣେ ମେଧାବୀ ପ୍ରତିବଦ୍ଧ ଛାତ୍ରୀ ଭାବରେ, ସେ ବାର୍ଷିକ ହାଇସ୍କୁଲ ପରୀକ୍ଷା ୨୦୨୦ ରେ ଉତ୍କର୍ଷତା ହାସଲ କରିଥିଲେ ଏବଂ ସ୍କୁଲରେ ତଥା ବ୍ଲକ ଓ ଜିଲ୍ଲା ସ୍ତରରେ ମଧ୍ୟ ଆୟୋଜିତ ଅନେକ ସାଂସ୍କୃତିକ ଏବଂ ସହ-ପାଠ୍ୟକ୍ରମ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ସେ ସ୍କାଉଟ୍ସ ଏବଂ ଗାଇଡ୍ସ କାର୍ଯ୍ୟକ୍ରମରେ ମଧ୍ୟ ଜଣେ ଉଲ୍ଲେଖନୀୟ ଅଂଶଗ୍ରହଣକାରୀ ଥିଲେ ଏବଂ ୨୦୧୯ରେ ସିଆଇଏସସି ସେଣ୍ଟରରେ ଏକ ନାଟକ ପ୍ରତିଯୋଗିତାରେ ପୁରସ୍କାର ସମେତ ପ୍ରଶଂସା ଲାଭ କରିଥିଲେ।



## ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ



**ରାଉରକେଲା, ୧୩।୬(ସମିସ):** ରାଉରକେଲା ଇସ୍ପାତ କାରଖାନାର ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ ମନ୍ଥନ ସମ୍ମିଳନୀ ହଲରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଅଧ୍ୟକ୍ଷତା କରିଥିଲେ। ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ ଏବଂ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ ଉପସ୍ଥିତ ଥିଲେ। ଏହି ଅବସରରେ ନିଜର ବକ୍ତବ୍ୟରେ ଶ୍ରୀ ବର୍ମା ଦୈନନ୍ଦିନ କାର୍ଯ୍ୟାଳୟ କାର୍ଯ୍ୟ, ଡକ୍ୟୁମେଣ୍ଟେସନ୍ ଏବଂ ଯୋଗାଯୋଗରେ ରାଜଭାଷା କାର୍ଯ୍ୟକାରୀ କରିବାର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସମସ୍ତ ବିଭାଗକୁ ନିର୍ଦ୍ଧାରିତ ନିର୍ଦ୍ଦେଶାବଳୀ ଅନୁସାରେ ଦ୍ୱିଭାଷୀ/ତ୍ରିଭାଷୀ ଯୋଗାଯୋଗ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ଲୋକ ସମ୍ପର୍କ ବିଭାଗର ଜିଏମ୍ ଏବଂ ସଞ୍ଚାରମୁଖ୍ୟ ତଥା ଓଲିକ୍‌ର ସଦସ୍ୟ ସଚିବ ଅର୍ଚ୍ଚନା ଶତପଥୀ ଏକ ବିସ୍ତୃତ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ଯେଉଁଥିରେ ରାଜଭାଷା କାର୍ଯ୍ୟନ୍ୱୟନ ସହିତ ଜଡିତ ବିଭିନ୍ନ ଯାଞ୍ଚବିନ୍ଦୁ ଗୁଡ଼ିକ ଉପରେ ବିସ୍ତୃତ ଭାବରେ ସ୍ଥାନ ପାଇଥିଲା।

### ଜଙ୍ଗଲରୁ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ଘଟଣା

## ୨୪ ଘଣ୍ଟା ପରେ ବି ମିଳୁନି ପରିଚୟ

**ରାଉରକେଲା, ୧୩।୬(ସମିସ):** ସେକ୍ଟର -୧୫ ଥାନା ସେକ୍ଟର-୭/୧୭ ଛକ ନିକଟସ୍ଥ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପଛରେ ଥିବା ଜଙ୍ଗଲରେ ଜଣେ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ଘଟଣାକୁ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ବିତିଛି। ତଥାପି ବର୍ତ୍ତମାନ ଯାଏଁ ମୃତକଙ୍କ ପରିଚୟ ମିଳିପାରି ନାହିଁ। ଅପରପକ୍ଷେ ଘଟଣା ସ୍ଥଳର ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଯୁବକଙ୍କୁ ହତ୍ୟା କରାଯାଇଥିବା ପୁଲିସ ସନ୍ଦେହ କରିଛି। ଶବକୁ ରାଉରକେଲା ସରକାରୀ ଡାକ୍ତରଖାନାର ଶବ ସଂରକ୍ଷୀତ ଗୃହରେ ରଖାଯାଇଛି। ଶନିବାର ସୁଦ୍ଧା ମୃତ ଯୁବକଙ୍କ ପରିଚୟ ନମିଳିଲେ ଶବ ବ୍ୟବଚ୍ଛେଦ କରି ସତ୍କାର କରାଯିବ ବୋଲି ପୁଲିସ କହିଛି। ତେବେ ଘଟଣା ସ୍ଥଳର ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟା ବୋଲି ଜଣାପଡ଼ିଥିବା ବେଳେ ଯୁବକଙ୍କ ପରିଚୟ ନମିଳିବା ଯୋଗୁଁ ପୁଲିସ ତଦନ୍ତରେ ଏହା ଅଡୁଆ ସାଜିଛି। ଅନ୍ୟପଟରେ ଯୁବକଙ୍କୁ ଅନ୍ୟ କୌଣସି ସ୍ଥାନରେ ହତ୍ୟା କରାଯାଇ ପରିଚୟ ଲୁଚାଇବା ପାଇଁ ମୃତଦେହକୁ ଏଠାକୁ ଆଣି ପୋଡ଼ି ଦେବାକୁ ଚେଷ୍ଟା କରାଯାଇଛି ବୋଲି ପ୍ରାଥମିକ ତଦନ୍ତରୁ ସନ୍ଦେହ କରିଥିଲା। ମୃତକଙ୍କ ବୟସ ପାଖାପାଖି ୩୦-୩୫ ବର୍ଷ ହେବ। ଶବ ୩ ଦିନର ହୋଇଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

## ଏନ୍‌ଆଇଟିରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**ରାଉରକେଲା, ୧୩।୬(ସମିସ) :** ଜାତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲାର କମ୍ପ୍ୟୁଟର ବିଜ୍ଞାନ ଏବଂ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଶୁକ୍ରବାର ଏହାର ଦକ୍ଷତା ବିକାଶ ସହ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଶୁଭାରମ୍ଭ ହୋଇଛି। ଆସନ୍ତା ଜୁଲାଇ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ 'ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ ଏବଂ ଡାଟା ଆନାଲିଟିକ୍ସ' ବିଷୟବସ୍ତୁ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏଥିରେ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟଗୁଡ଼ିକର ମୋଟ ୧୨୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଡିନ୍ ପ୍ରଫେସର ଏସ୍. ପ୍ରତିହାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। କମ୍ପ୍ୟୁଟର ବିଜ୍ଞାନ ଏବଂ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ବିଭୁଦତ୍ତ ସାହୁ, କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ସୁଚିସ୍ମିତା ଚିନାରା ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଭାଷଣ ଦେଇ ମୁଖ୍ୟ ଅତିଥି ପ୍ରଫେସର ଏସ୍. ପ୍ରତିହାର କହିଥିଲେ, ପ୍ରତିବର୍ଷ ଅଂଶଗ୍ରହଣକାରୀଙ୍କ ସଂଖ୍ୟାରେ ନିରନ୍ତର ବୃଦ୍ଧି ଦେଖିବା ଉତ୍ସାହଜନକ ବୋଲି କହିଥିଲେ। ଏହି ପ୍ରଶିକ୍ଷଣ ଶିବିର ବ୍ୟବହାରିକ ଜ୍ଞାନକୁ ସୁଦୃଢ଼ କରିବା ପାଇଁ ଏକ ଉତ୍କୃଷ୍ଟ ପ୍ଲାଟଫର୍ମ ବୋଲି ସେ କହିଥିଲେ। ଦକ୍ଷତା-ଭିତ୍ତିକ ତାଲିମ ପାଠ୍ୟକ୍ରମରେ ମଡେଲ ଓରିଏଣ୍ଟେସନ୍, ଉତ୍ପାଦ ଡିଜାଇନ୍, ତଥ୍ୟ ଭିଜୁଆଲାଇଜେସନ୍ ଏବଂ ଅତ୍ୟାଧୁନିକ କୌଶଳ ବ୍ୟବହାର କରି ବିଶ୍ଳେଷଣ, ମୂଲ୍ୟାଙ୍କନ ଅଧିବେଶନ ଏବଂ ଅନ୍ୟାନ୍ୟ ବ୍ୟବହାରିକ ମଡ୍ୟୁଲ୍ ଅନ୍ତର୍ଭୁକ୍ତ ରହିବ ବୋଲି ଜଣାପଡ଼ିଛି।

## ମୋବାଇଲ ଲୁଟେରା ଗିରଫ



**ରାଉରକେଲା, ୧୩।୬(ସମିସ):** ମୋବାଇଲ ଲୁଟ କରିବା ଅଭିଯୋଗରେ ଛେଣ୍ଡ ଥାନା ପୁଲିସ ଏଫସିଆଇ ବସ୍ତିର ଅମିତ ସାଗର (୨୮)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ଗୋଟିଏ ମୋବାଇଲ ଜବତ କରାଯାଇଛି। ପୁଲିସ ସୂଚନା ମୁତାବକ, ଗତକାଲି ଅପରାହ୍ନ ପ୍ରାୟ ୪ଟା ୩୫ ମିନିଟ ବେଳେ ଛେଣ୍ଡ ଛକ ସ୍ଥିତ ବସ୍ ଷ୍ଟାଣ୍ଡ ନିକଟରେ ସେକ୍ଟର -୧୬, ଡି/୩୬୨ ବାସିନ୍ଦା ରଶ୍ମିତା ନନ୍ଦ ଛିଡ଼ା ହୋଇଥିବା ବେଳେ ହଠାତ୍ ଏକ ବାଇକ୍ ଯୋଗେ ଦୁଇ ଜଣ ଦୁର୍ବୃତ୍ତ ଆସି ମୋବାଇଲ ଲୁଟ୍ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ରଶ୍ମିତାଙ୍କୁ ଠେଲି ଘଟଣା ସ୍ଥଳରୁ ଫେରାର ହେବାକୁ ଉଦ୍ୟମ କରିଥିଲେ। ମାତ୍ର ଲୋକେ ଅମିତକୁ କାବୁ କରିବାରେ ସକ୍ଷମ ହୋଇଥିଲେ। ଉକ୍ତ ଘଟଣାରେ ଅନ୍ୟ ଜଣେ ଦୁର୍ବୃତ୍ତ ଫେରାର ହୋଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ଗିରଫ ଅମିତ ନାଁରେ ପୂର୍ବରୁ ରଘୁନାଥପାଲି ଥାନାରେ ୫ଟି ମାମଲା ରହିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି।

## 'ସରକାରଙ୍କ ସଫଳତା ଲୋକଙ୍କ ପାଖରେ ପହଞ୍ଚାଇବାରେ ଗଣମାଧ୍ୟମ ଏକ ମାତ୍ର ମାଧ୍ୟମ'

**ରାଉରକେଲା, ୧୩।୬(ସମିସ):** ସରକାରଙ୍କ ସଫଳତା ଲୋକଙ୍କ ପାଖରେ ପହଞ୍ଚାଇବାକୁ ଗଣମାଧ୍ୟମ ହିଁ ଏକମାତ୍ର ମାଧ୍ୟମ ବୋଲି କହିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ। ଶୁକ୍ରବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଟୁଡୁ ଏପରି କହିଛନ୍ତି। ରାଜ୍ୟରେ ଏକ ବର୍ଷର ଶାସନ ସମୟରେ ବର୍ତ୍ତମାନର ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମକୁ ସ୍ୱୀକାର କରିବାକୁ ଲୋକେ ଆଗେଇ ଆସିବା ଉଚିତ୍ ବୋଲି ସେ କହିଥିଲେ। ସୁନ୍ଦରଗଡ଼ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡିକ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ କରାଯିବ ବୋଲି ରାଜ୍ୟ ପ୍ରବକ୍ତା ଧିରେନ ସେନାପତି କହିଥିଲେ। ଜିଲ୍ଲାରେ ଡୁମକେଲା ସେତୁ, ହେଭି ଭେହିକଲ ଡ୍ରାଇଭିଂ ଟ୍ରେନିଂ, ତାଳଚେର-ବିମଳାଗଡ଼ ରେଳପଥ ପାଇଁ ଜମି ଅଧିଗ୍ରହଣ ସମ୍ପନ୍ନ କରିବା, ବଣାଇଁ ସବ୍‌ଡିଭିଜନରେ ପ୍ରଥମ ଥର ପାଇଁ ଖରାଦିନିଆ ଧାନମଣ୍ଡି ଓ ଚାଷ ପାଇଁ ଧାନମଣ୍ଡି ଖୋଲିବା, ରୁକୁଡା ସେତୁ ମାଧ୍ୟମରେ ଜଳସେଚନର ସୁବ୍ୟବସ୍ଥା, ବେଦବ୍ୟାସରେ ଝୁଲା ସେତୁ ନିର୍ମାଣ ଯୋଜନା, ରାଉରକେଲା ସରକାରୀ ଡାକ୍ତରଖାନାର ଉନ୍ନତିକରଣ ପାଇଁ ୬୨୭ କୋଟି ଓ ଜମି ପ୍ରଦାନ, କୋଏଲ ନଦୀରେ ରିଭର ବ୍ୟାଙ୍କ ନିର୍ମାଣ, କୋଏଲ ନଦୀରେ ସାନଦଲକି ଓ ଲୁହାକେରା ପାଇଁ ନୂତନ ସେତୁ ନିର୍ମାଣ ଯୋଜନା, ବ୍ରାହ୍ମଣୀରେ ଡିପାଟୋଲା-କଂସର ମଧ୍ୟରେ ସେତୁ ନିର୍ମାଣ ଯୋଜନା, ମୁଣ୍ଡାଜୋର-ଲାଠିକଟାର ନାଳରେ ସେତୁ ନିର୍ମାଣ ଯୋଜନା, ଟିସ୍କୋ ଖାଦାନର ସୌନ୍ଦର୍ଯ୍ୟକରଣ ପାଚେରୀ ନିର୍ମାଣ, ଆଉଟର ରିଂ ରୋଡ୍ ନିର୍ମାଣ କରି ଗ୍ରେଟର ରାଉରକେଲାର ପରିକଳ୍ପନା କରାଯାଇଥିବା ସେ କହିଥିଲେ। ଆଜିର ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁଙ୍କ ସମେତ ପାନପୋଷ ସାଙ୍ଗଠନିକ ଜିଲ୍ଲା ସଭାନେତ୍ରୀ ପୂର୍ଣ୍ଣିମା କେର୍କେଟା, ପୂର୍ବତନ ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ମୁଖପାତ୍ର ଧିରେନ ସେନାପତି, ଜଗବନ୍ଧୁ ବେହେରା, ଜିଲ୍ଲା ମୁଖପାତ୍ର ଗଙ୍ଗାଧର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



### ଅଖିଳ ଭାରତୀୟ ସାହିତ୍ୟ ପରିଷଦର ମାସିକ ଆସର

## 'ମାନବ ସମାଜକୁ ରସାମୃତ କରିଛି ଶ୍ରୀଜଗନ୍ନାଥ ଚେତନା'

ରାଉରକେଲା, ୧୩।୬(ସମିସ)




ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାଉରକେଲା ଶାଖା ଓ ରାଉରକେଲା କଲେଜର ମିଳିତ ଆନୁକୂଲ୍ୟରେ ମାସିକ ସାରସ୍ୱତ ସମାବେଶ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ତଥା ରାଉରକେଲା କଲେଜର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱ ଓ କରୁଣାକର ପାଟ୍ଟଶାଣୀଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀଜଗନ୍ନାଥ ଚେତନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଷୟ ବିଶେଷଜ୍ଞ ଭାବେ ସଞ୍ଜୀବ କୁମାର ଭୋଇ ଯୋଗଦେଇ ଶ୍ରୀଜଗନ୍ନାଥ ଚେତନା ମାନବ ସମାଜକୁ ରସାମୃତ କରିଛି ବୋଲି ମତ ରଖିଥିଲେ। ମହାନଗର ସମ୍ପର୍କ ପ୍ରମୁଖ ଧରିତ୍ରୀ ପାଇକରାୟ ସ୍ୱାଗତ ଭାଷଣ ଓ ସଂଯୋଜନା କରିଥିଲେ। ମାଧବ ନଗର ଶାଖା ସଭାପତି ବ୍ରଜେନ୍ଦ୍ର ଦାଶ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସଭାପତି ଡ. ଜେନା ସମାବେଶର ଆଭିମୁଖ୍ୟ ଓ ଆଲୋଚ୍ୟ ବିଷୟ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ରାଉରକେଲା କଲେଜର ଓଡ଼ିଆ ବିଭାଗର ପ୍ରାକ୍ତନ ଛାତ୍ରୀ ଅପର୍ଣ୍ଣା ପାହାରୀ ଭିଡ଼ି ପ୍ରବନ୍ଧ ପାଠ କରିଥିଲେ। ଅନୁଷ୍ଠାନର ଉପସଭାପତି ଗାଳ୍ପିକା ସୁଜାତା ପ୍ରଧାନ 'ଭୁଲ' ଶୀର୍ଷକ ଗଳ୍ପ ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପରିଷଦର ରାଉରକେଲା ଶାଖା ସଂଗଠନ ସମ୍ପାଦକ କବି କୁଞ୍ଜବିହାରୀ ରାଉତଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ମାଧବ ନଗର ଶାଖାର ସହ-ସମ୍ପାଦକ ଡ. ଶକୁନ୍ତଳା ନାୟକ ଗୁପ୍ତା ପ୍ରାକ୍ ସୂଚନା ଦେଇଥିଲେ। ସୌମ୍ୟରଞ୍ଜନ ମହାନ୍ତି ଓ ଶ୍ରେୟସୀ ସାହୁଙ୍କ ସଂଯୋଜନାରେ ଅଳକା ମହାନ୍ତି, ପ୍ରିୟଙ୍କା ପଲେଇ, ମୋନାଲିସା ବେହେରା, ଡ. ଶକୁନ୍ତଳା ନାୟକ ଗୁପ୍ତା, ଅଜୟ କୁମାର ମହାନ୍ତି, ବିଭୁ ନାୟକ, ରମାକାନ୍ତ ସାମଲ, ଶ୍ୱେତ କୁମାର ବେହେରା, ଗାୟତ୍ରୀ ଦାସ, ଲଳିତା ବେହେରା, ବ୍ରଜେନ୍ଦ୍ର ଦାଶ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ମାଧବ ନଗର ଶାଖାର ସଂଗଠନ ସମ୍ପାଦକ ସୁଶାନ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜୟ କୁମାର ପାଣି, କାଶୀନାଥ ନନ୍ଦୀ, କରୁଣାକର ପାଟ୍ଟଶାଣୀ, ଶ୍ୱେତା ପରିଡ଼ା, ପ୍ରୀତି ସିଂ, ଦେବସ୍ମିତା ପଟ୍ଟନାୟକ, ଲକି ପାହାରୀ, ରେଣୁବାଳା ଦାସ, ପ୍ରଭାତ କୁମାର ଦାସ, ଗୌତମ ଦାସ, ଶ୍ରୀଧର ସୁନା, ଅଜୟ କୁମାର ବେହେରା, ଆଭାଷ କୁମାର ହୋତା, ମନୋଜ କୁମାର ଚୌଧୁରୀ, ପୁଷ୍ପା ରାଣୀ ପଟେଲ ପ୍ରମୁଖ ଥିଲେ।

## ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ




ଡେରାବିଶ,୧୩।୬(ସମିସ): ଡେରାବିଶ ବ୍ଲକ୍ ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାଠାରେ ଆନ୍ତର୍ଜାତିକ ସମବାୟ ବର୍ଷ ଓ ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ସମିତି ମାଧ୍ୟମରେ ଚାଷୀଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଡେରାବିଶ ବ୍ଲକ୍ ସମବାୟ ସମିତି କର୍ମଚାରୀ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ କର୍ମଚାରୀ ସଂଘ ସଭାପତି ସମବାୟବିତ୍ ଗୌରାଙ୍ଗ ଚରଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଡେରାବିଶ ବ୍ଲକ୍ ଅଧ୍ୟକ୍ଷା ପ୍ରଭାତି ମଲ୍ଲିକ, ମୁଖ୍ୟବକ୍ତା ଭାବେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ତଥା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କାନ୍ତ ସାହୁ, ସମ୍ମାନିତ ଅତିଥିଭାବେ ଡେରାବିଶ ବିଡିଓ ନମିତା ବାରିକ, ଏମ୍ଆଇ ସ୍ୱରୁପ ଦାସ, ନିରଞ୍ଜନ ମଙ୍ଗରାଜ, ଚାନ୍ଦୋଳ ସିସିବି ଶାଖା ପରିଚାଳକ ପ୍ରଦୀପ ସାହୁ ପ୍ରମୁଖ ଯୋଗଦେଇଥିଲେ। ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପ୍ରତି ୮୦୦ ଟଙ୍କାର ଇନ୍‌ପୁଟ୍ ସବସିଡ଼ି ପ୍ରଦାନ, ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ, ସମବାୟ ସମିତି ମାଧ୍ୟମରେ ଚାଷୀଙ୍କୁ ସୁଲଭ ମୂଲ୍ୟରେ ବିହନ, ସାର, ଔଷଧ ଯୋଗାଣ, ସମବାୟ ସମିତିରେ କମନ ସର୍ଭିସ୍ ସେଣ୍ଟର ଓ ଜନଔଷଧି କେନ୍ଦ୍ର ଖୋଲିବା ଦ୍ୱାରା ଚାଷୀ ବେଶ୍ ଉପକୃତ ହୋଇପାରୁଥିବା ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମକୁ ଦାନପୁର ସମବାୟ ସମିତି ସମ୍ପାଦକ ସୁବ୍ରତ କୁମାର ନାୟକ, କୁଶିଆପାଳ ସମ୍ପାଦକ ମୃତ୍ୟୁଞ୍ଜୟ ଦାସ, କାଉପଡ଼ା ସମ୍ପାଦକ ସୁମନ ସଙ୍ଗୀତା ଦାସ, ରଘୁଦେଇପୁର ସମ୍ପାଦକ ଜୟପ୍ରକାଶ ସ୍ୱାଇଁ, ଏଣ୍ଡରର ମନୋରଞ୍ଜନ ସାହୁଙ୍କ ସମତେ ବ୍ଲକ ଅନ୍ତର୍ଗତ ସମସ୍ତ ସମବାୟ ସମିତିର ସମ୍ପାଦକ, ସଭାପତି ଓ କର୍ମଚାରୀ ପରିଚାଳନା କରିଥିଲେ। ଶରତ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ପଟ୍ଟାମୁଣ୍ଡାଇରେ କିଶୋରୀ ସୁଭଦ୍ରା ଦିବସ ପାଳିତ



ପଟ୍ଟାମୁଣ୍ଡାଇ,୧୩।୬(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଅଦ୍ୱିକା କିଶୋରୀ ସୁଭଦ୍ରା ଦିବସ ପାଳିତ ହୋଇଯାଇଛି। ସିଡିପିଓ ଲକ୍ଷ୍ମୀମଣି ସିଂହଙ୍କ ପୌରୋହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି, ବିଡିଓ ଅଶୋକ ମହାନ୍ତି ମୁଖ୍ୟବକ୍ତା ଓ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଅଙ୍ଗନବାଡି ସୁପରଭାଇଜର ତିଲୋତ୍ତମା ରାଉତରାୟ, ତୁଳସୀ ଦାସ ଖୁଲଣା ସୁନ୍ଦରୀ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ୧୦ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ଅଦ୍ୱିକା କିଶୋରୀଙ୍କ ମଧ୍ୟରେ ଅନ୍ତର୍ନିହିତ ପ୍ରତିଭା ବିକାଶ ପାଇଁ ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଓ ସେମାନେ ଆଗକୁ ବଢିଲେ ଦେଶ ଓ ରାଜ୍ୟ ବିକଶିତ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ।

ଏହି ଅବସରରେ କିଶୋରୀଙ୍କୁ ନେଇ ରଜ ଉତ୍ସବ ପାଳନ କରାଯାଇ ପୁଚି, ରଜ ମୁକୁଟ, ଅଳତା ଲଗା, ନୃତ୍ୟ, ସଂଗୀତ ଆଦି ପ୍ରତିଯୋଗିତା କରାଯିବା ସହିତ ପାରମ୍ପରିକ ରଜ ପିଠା, ପାନ, ଦୋଳି ଓ ସେଲ୍ଫି ଆଦି ପ୍ରଦର୍ଶନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କିଶୋରୀଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଇସିଡିଏସ ପୋଷଣ ବ୍ଲକ ସଂଯୋଜିକା ସୋନାଲି ପରିଡା ଓ ଆଇସିଡିଏସ ଏସଏଚଡି ସୁଭଦ୍ରା ଶତାବ୍ଦୀ ରାଉତରାୟ ପରିଚାଳନା କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ସମସ୍ତ ଅଙ୍ଗନବାଡି କର୍ମୀ ଓ କିଶୋରୀମାନେ ଯୋଗ ଦେଇଥିଲେ।

### ଅବହେଳିତ ଡେରାବିଶ ଶିଳ୍ପାଞ୍ଚଳ

# କରତକଳ କ୍ଲଷ୍ଟରକୁ ନାହିଁ ଭଲ ରାସ୍ତା

ଡେରାବିଶ,୧୩।୬(ସମିସ)



ଶିଳ୍ପ ବିହୀନ ଜିଲ୍ଲା ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ସମଗ୍ର ଓଡ଼ିଶାରେ ଜଣାଶୁଣା। ତେବେ ୧୨ ବର୍ଷ ପୂର୍ବେ ସରକାରଙ୍କ ପକ୍ଷରୁ ଜିଲ୍ଲା ଅନ୍ତର୍ଗତ ସମସ୍ତ ବ୍ଲକ୍‌ରେ ସରକାରୀ ଭାବେ ଚାଲିଥିବା କରତ କଳକୁ ନିଜ ନିୟନ୍ତ୍ରଣକୁ ଆଣିବା ପାଇଁ ଡେରାବିଶ ବ୍ଲକ୍‌ର ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ବଳଭଦ୍ରପୁରଠାରେ ଏକ କରତ କଳ କ୍ଲଷ୍ଟର ସ୍ଥାପନ କରିଥିଲେ। ଏହି କ୍ଲଷ୍ଟରଟି ଇଡ୍‌କୋ ବିଭାଗ ଅଧୀନରେ ପ୍ଲଟିଂ କରାଯାଇ ଆରମ୍ଭରୁ ୭ରୁ ୮ଟି କରତ କଳ ପ୍ରତିଷ୍ଠା କରାଯାଇଥିଲା। ପରେ ଧିରେ ଧିରେ ଏହି କ୍ଲଷ୍ଟରରେ କରତ କଳ ସଂଖ୍ୟା ବଢ଼ି ଏବେ ୨୦ରୁ ଉର୍ଦ୍ଧ୍ୱ ହୋଇଗଲାଣି। ଏହି କ୍ଲଷ୍ଟରକୁ ପ୍ରତିଦିନ କେନ୍ଦ୍ରାପଡ଼ା ଜିଲ୍ଲା ସମେତ ପଡ଼ୋଶୀ ଯାଜପୁର ଓ କଟକ ଜିଲ୍ଲାରୁ ଶହଶହ ଲୋକ ସେମାନଙ୍କ ଗୃହ ଉପକରଣ ଓ ଜାଳେଣୀ ପାଇଁ କାଠ ଗଣ୍ଡି ଧରି ଚିରଟ ପାଇଁ ଆସିଥା'ନ୍ତି। ହେଲେ ଏହି କରତ କଳ କ୍ଲଷ୍ଟର ଏବେ ଅବହେଳିତ ହୋଇପଡ଼ିଛି। କ୍ଲଷ୍ଟରକୁ ଭଲ ରାସ୍ତା ନାହିଁ। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ଦାବି ହେଉଛି।

ଏହି କ୍ଲଷ୍ଟର ନିର୍ମାଣ ଦିନଠାରୁ ରାସ୍ତା ନିର୍ମାଣ ହୋଇପାରିଲା ନାହିଁ। ଏହି କ୍ଲଷ୍ଟର ପାଶ୍ୱର୍ରେ ଯେଉଁ ରାସ୍ତା ରହିଛି, ସେ ରାସ୍ତାକୁ ସ୍ଥାନୀୟ ଗ୍ରାମବାସୀ ସେମାନଙ୍କ ଗ୍ରାମଦେବତୀଙ୍କ ନିକଟକୁ ଯିବା ପାଇଁ ବ୍ୟବହାର କରିଥା'ନ୍ତି। ଏହି ମାଟି ରାସ୍ତାରେ କରତ କଳ କ୍ଲଷ୍ଟରର ମାଲିକମାନେ ହାତରୁ ପଇସା ଖର୍ଚ୍ଚ କରି ମାଟି ଓ ମୋରମ ପକାଇ ଚଳାଚଳ ଉପଯୋଗୀ କରିଥା'ନ୍ତି। ଚଳିତ ବର୍ଷ କରତ କଳ କ୍ଲଷ୍ଟର ମାଲିକ ଗୋଡ଼ି ମୋରମ ପକାଇ ନିର୍ମାଣ କରିଥିବା ଏହି ରାସ୍ତାରେ ଜାତୀୟ ରାଜପଥକୁ ନିକଟସ୍ଥ ବିଲରୁ ମାଟି ପରିବହନ କରୁଥିବା ହାଇୱା ଚଳାଚଳ କରି ବଡ଼ ବଡ଼ ଗାଡ଼ ସୃଷ୍ଟି କରିଥିବା ଦେଖିବାକୁ ମିଳିଛି। ଏହି ରାସ୍ତାକୁ ସୁଦୃଢ଼ ଓ ମରାମତି କରିବା ପାଇଁ ସ୍ଥାନୀୟ ପଞ୍ଚାୟତବାସୀ ବାରମ୍ବାର ସରକାରଙ୍କ ନିକଟରେ ଦାବି କରିଆସୁଥିଲେ ମଧ୍ୟ କରତ କଳ କ୍ଲଷ୍ଟର ନିର୍ମାଣ ଦିନଠାରୁ ଆଜି ପର୍ଯ୍ୟନ୍ତ କେବେବି ସରକାରଙ୍କ ପକ୍ଷରୁ ଏହାକୁ ନିର୍ମାଣ କି ମରାମତି କରାଯାଇନାହିଁ। ହେଲେ ସରକାରୀ ଆଇନ ଅନୁଯାୟୀ କୌଣସି ଶିଳ୍ପାଞ୍ଚଳ ପ୍ରତିଷ୍ଠା ହେଲେ ସେହି ଶିଳ୍ପାଞ୍ଚଳକୁ ପ୍ରଥମେ ଏକ ସୁଦୃଢ଼ ରାସ୍ତା, ବିଦ୍ୟୁତ୍ ଓ ପାନୀୟ ଜଳର ସୁବନ୍ଦୋବସ୍ତ କରାଯିବା କଥା। କିନ୍ତୁ କରତକଳ କ୍ଲଷ୍ଟର ନିର୍ମାଣକୁ ୧୨ ବିତିଯାଇଥିଲେ ମଧ୍ୟ ଏହି ଶିଳ୍ପାଞ୍ଚଳକୁ ନା ଭଲ ରାସ୍ତା ଅଛି ନାଁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ଏହି ଶିଳ୍ପାଞ୍ଚଳରେ କାର୍ଯ୍ୟ କରୁଥିବା ଶ୍ରମିକ ଓ ଏଠାକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକେ ନିଜ ଘରୁ ବିଶୁଦ୍ଧ ପାଣି ଆଣି ସେମାନଙ୍କର ତୃଷ୍ଣା ମେଣ୍ଟାଇଥା'ନ୍ତି। ଏଥିସହିତ ଏହି କ୍ଲଷ୍ଟରକୁ ସୁବ୍ୟବସ୍ଥିତ ଢଙ୍ଗରେ ବିଦ୍ୟୁତ୍ ସଂଯୋଗ ମଧ୍ୟ ହୋଇନାହିଁ। ତୁରନ୍ତ କେନ୍ଦ୍ରାପଡ଼ା ଜିଲ୍ଲାର ଏକମାତ୍ର ଶିଳ୍ପାଞ୍ଚଳକୁ ସରକାର ଦୃଷ୍ଟିଦେଇ ଯାତାୟାତ ଉପଯୋଗୀ ରାସ୍ତା, ବିଶୁଦ୍ଧ ପାନୀୟଜଳ ଓ ସୁବ୍ୟବସ୍ଥିତ ଢଙ୍ଗରେ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଦୋହାରେ ଓଡ଼ିଆ ଶ୍ରମିକ ନିଖୋଜ

ଆଳି,୧୩।୬(ସମିସ): ପରିବାର ପ୍ରତିପୋଷଣ ପାଇଁ ବିଦେଶ ଯାଇଥିବା ଓଡ଼ିଆ ଶ୍ରମିକଙ୍କ ଦୀର୍ଘ ୧୯ ବର୍ଷ ଧରି ପତ୍ତା ମିଳୁନାହିଁ। ପୁଅକୁ ଚାହିଁ ଚାହିଁ ପୂର୍ବରୁ ବାପା ମୃତ୍ୟୁବରଣ କରିଥିବାବେଳେ ମାଆ ମୃତ୍ୟୁବରଣ କଲେ। ଏବେ ଭାଇର ଫେରିବା ବାଟକୁ ଚାହିଁ ବସିଛନ୍ତି ବଡ଼ଭଉଣୀ। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଗୋପୀନାଥପୁର ଶାସନ ଗ୍ରାମର ସ୍ୱର୍ଗତ ପଦ୍ମନାଭ ଷଡ଼ଙ୍ଗୀଙ୍କ ପୁଅ ପ୍ରଦ୍ୟୁମ୍ନ ଷଡ଼ଙ୍ଗୀ ୨୦୦୬ ମେ' ୨୫ ତାରିଖରେ ବିଦେଶକୁ କାମ କରିବା ନିମନ୍ତେ ଯାଇଥିଲେ। କାତାରର ଦୋହାରେ ଏକ ଘରୋଇ କମ୍ପାନୀରେ ୪ ମାସ କାମ କରିବା ପରେ ଅନ୍ୟତ୍ର କାମ କରିବାକୁ ଯାଇଥିବା ନେଇ ଘର ଲୋକଙ୍କୁ ସୂଚନା ଦେଇଥିଲେ।

ଉକ୍ତ କମ୍ପାନୀ ଛାଡି ଚାଲି ଆସିବା ପରେ ତାଙ୍କର କୌଣସି ଖବର କି ସୂଚନା ମିଳିପାରିନାହିଁ। ଇତିମଧ୍ୟରେ ୯ ବର୍ଷ ବିତିଯାଇଥିଲେ ପୁଅର ଫେରିବା ବାଟକୁ ଚାହିଁ ରହି ତାଙ୍କ ମାଆ ସୁଲୋଚନା ଷଡ଼ଙ୍ଗୀଙ୍କ ୨୦୧୨ ଡିସେମ୍ବର ୬ ତାରିଖରେ ଦେହାନ୍ତ ହୋଇଯାଇଛି। ଏ ନେଇ ୨୦୧୨ ଅକ୍ଟୋବର ୧୫ ତାରିଖରେ ବୈଦେଶିକ ମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ ମଧ୍ୟ ଆଜି ଯାଏ ଭାଇର ବାଟକୁ ଚାହିଁ ବସିଛନ୍ତି ପ୍ରଦ୍ୟୁମ୍ନଙ୍କ ବଡ ଭଉଣୀ ଅନୁପମା ପଣ୍ଡା। ଏ ନେଇ ମଧ୍ୟ ଭଉଣୀ ଅନୁପମା ପଣ୍ଡା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ପତ୍ର ଦ୍ୱାରା ତାଙ୍କ ଭାଇକୁ ଫେରାଇ ଆଣିବା ପାଇଁ ଅନୁରୋଧ କରିଛନ୍ତି।

### ଗାଁ ଗହିରରୁ ଲୋପ ପାଇଗଲାଣି କିଆ ଜଙ୍ଗଲ

# ମିଳୁନି ଆଶ୍ରୟ ସ୍ଥଳ; ବନ୍ୟଜନ୍ତୁଙ୍କ ପାଇଁ ବିପଦ

ଡେରାବିଶ, ୧୩।୬(ସମିସ): ଗାଁ ଗୋହରୀରୁ ଲୋପ ପାଇଗଲାଣି କିଆ ଜଙ୍ଗଲ। ସନ୍ଧ୍ୟା ହେଲେ ଗାଁରେ ଥିବା ଝାଟି ଜଙ୍ଗଲ, ମଝିବିଲ ଓ କିଆବୁଦାରୁ ବିଲୁଆର ହୁକେହୋ ଶବ୍ଦ ଶୁଣିବାକୁ ମିଳୁଥିଲା, ରାତି ପାହାନ୍ତିଆ ଏମାନେ ରାବ ଦେବା ଦ୍ୱାରା ରାତିର ସମୟ ଜାଣି ହେଉଥିଲା। ଏବେ ପରିସ୍ଥିତିରେ ଓଲଟପାଲଟ ହୋଇଯାଇଛି। ଗାଁରେ ଆଉ ନାହିଁ କିଆବୁଦା। କିଆ ଜଙ୍ଗଲ ଲୋପ ପାଇଯାଇଥିବାରୁ ଆଶ୍ରୟ ସ୍ଥଳ ଅଭାବରୁ ଗାଡ଼ି ଧକ୍କାରେ ବନ୍ୟପାଣିଙ୍କ ଜୀବନ ଯାଉଛି। ଏଥିସହ କିଆ ମଧ୍ୟ ଘରୋଇ ବ୍ୟବହାରରେ ଲାଗୁଥିଲା। ତେଣୁ କିଆ ଜଙ୍ଗଲ ସୃଷ୍ଟି କରାଯିବାକୁ ପରିବେଶପ୍ରେମୀ ଦାବି ଉଠାଉଛନ୍ତି।



ନଦୀ କୂଳେ କୂଳେ ହଜାର ହଜାର ସଂଖ୍ୟାରେ କିଆବୁଦା ଥିଲା। ସ୍ୱାର୍ଥନ୍ୱେସୀ ମଣିଷ ନିଜର ସୁବିଧା ପାଇଁ ଚାଷଜମି କଡ଼ରେ ଥିବା ଗୋହରୀରୁ କିଆବୁଦା ହାଣି କିମ୍ବା ନିଆଁ ଲଗାଇ ସଫା କରିଦେଉଛନ୍ତି। ଫଳରେ ଏହି କିଆ ଜଙ୍ଗଲରେ ରହୁଥିବା ବିଲୁଆ, କୋକିଶିଆଳି, ଗୋଧି ଆଦି ଜନ୍ତୁ ଏବେ ଆଶ୍ରୟସ୍ଥଳ ଅଭାବରୁ ବାହାରକୁ ଆସି ମୃତ୍ୟୁମୁଖରେ ପଡୁଛନ୍ତି। କିଆବୁଦା ଲୋପପାଇବା ଓ ଗ୍ରାମ୍ୟ ଜଙ୍ଗଲର ଉଚ୍ଛେଦ ପରେ ବିଲୁଆ ବାସସ୍ଥଳୀ ଖୋଜିବାରେ ଲାଗିପଡ଼ିଛନ୍ତି। ଆଶ୍ରୟସ୍ଥଳ ନ ପାଇ ଏହି ଜନ୍ତୁ ଗାଁ ଗହଳିରେ ପଶିବା ସହ ରାଜରାସ୍ତାରେ ବୁଲୁଛନ୍ତି। ଫଳରେ ସେମାନେ ବହୁ ସମୟରେ ବିଭିନ୍ନ ଯାନ ତଳକୁ ଆସି ଦୁର୍ଘଟଣାରେ ମରିବା ସହ ଛୋଟ ଛୋଟ ଗାଡ଼ି ଚାଳକଙ୍କୁ ମଧ୍ୟ ଦୁର୍ଘଟଣାଗ୍ରସ୍ତ କରାଉଛନ୍ତି। ତେବେ ବିଲୁଆ ଓ କୋକିଶିଆଳି ଭଳି ଜୀବ ଚାଷୀଙ୍କ ମିତ୍ର ହୋଇଥିବାବେଳେ ସେମାନେ କ୍ଷେତରେ ରହୁଥିବା ଚାଷୀଙ୍କ ଶତ୍ରୁ ମୂଷା ବଂଶକୁ ମାରି ଖାଇଥା'ନ୍ତି। ଯଦ୍ୱାରା ମୂଷା ଦାଉରୁ ଫସଲ ରକ୍ଷା ପାଇପାରିଥାଏ। କିଆବୁଦାରେ କେବଳ ବିଲୁଆ, କୋକିଶିଆଳି ଭଳି ଜଙ୍ଗଲୀ ଜନ୍ତୁ ବାସ କରନ୍ତି, ସେ କଥା ନୁହେଁ; କିଆବୁଦାର ଉପକାରିତା ମଧ୍ୟ ଯଥେଷ୍ଟ ବେଶୀ। ଏହା ପରିବେଶ ଦୃଷ୍ଟିକୋଣରୁ ଅତ୍ୟନ୍ତ ଅନୁକୂଳ। କିଆ ଟୋରରେ ଲୋକମାନେ ଘର ଛପର କରୁଥିଲେ। କିଆ ଚେରକୁ କାଟି ଶୁଖାଇ ଘର ଛପରରେ ବ୍ୟବହାର ହେଉଥିଲା। ଏତଦ୍‌ବ୍ୟତୀତ କିଆ ପତ୍ରରେ ଶପ ତିଆରି ହେଉଥିଲା। ଯାହାର ଚାହିଦା ଖରାଦିନେ ବହୁତ ବେଶୀ। ତେଣୁ କିଆ ଜଙ୍ଗଲ ସୃଷ୍ଟି କରିବା ପାଇଁ ଏବେ ପରିବେଶପ୍ରେମୀ ଦାବି ଉଠାଇଲେଣି। ପରିବେଶବିତ୍‌ଙ୍କ ମତରେ କିଆ ଜଙ୍ଗଲ ସୃଷ୍ଟି ହେବା ନିହାତି ଜରୁରୀ। ସରକାର ତାଳଗଛ ଲଗାଇଲା ଭଳି କିଆ ଜଙ୍ଗଲ ସୃଷ୍ଟି ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ। ଯାହାକି ବନ୍ୟଜନ୍ତୁଙ୍କ ପ୍ରାକୃତିକ ଆବାସ ସ୍ଥଳ ତିଆରି ହେବ ଓ ପରିବେଶର ଭାରସାମ୍ୟ ରକ୍ଷା ହୋଇପାରିବ।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ



ପଟ୍ଟାମୁଣ୍ଡାଇ,୧୩।୬(ସମିସ): ରାଜ୍ୟ ଅବକାରୀ ବିଭାଗ ନିର୍ଦ୍ଦେଶରେ ଆରମ୍ଭ ହୋଇଥିବା 'ଆମ ସଂକଳ୍ପ ନିଶା ନୁହେଁ, ଆମ ଜୀବନ' ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ପଟ୍ଟାମୁଣ୍ଡାଇରେ ଅନୁଷ୍ଠିତ ହୋଇଯାଇଛି।

କଟକ-ଚାନ୍ଦବାଲି ରାସ୍ତାର ନୂତନ ବାଇପାସର ବିଜୁ ପଟ୍ଟନାୟକ ଛକରେ ଅନୁଷ୍ଠିତସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳ, ପଟ୍ଟାମୁଣ୍ଡାଇ ଅବକାରୀ ବିଭାଗ ଇନ୍ସପେକ୍ଟର ପଦ୍ମଲୋଚନ ନାୟକ, ପଟ୍ଟାମୁଣ୍ଡାଇ ଅବକାରୀ ଥାନା ଓଆଇସି ଛାୟାକାନ୍ତ ନାୟକ, ଆଳି ଅବକାରୀ ଥାନା ଓଆଇସି ନରେଶ କୁମାର ପଣ୍ଡା, ପଟ୍ଟାମୁଣ୍ଡାଇ ଅବକାରୀ ଥାନା ଏଏସଆଇ ଟୁକୁନା ପ୍ରଧାନ, ଏଏସଆଇ ରେଣୁକା ମଲିକଙ୍କ ସମେତ ପଟ୍ଟାମୁଣ୍ଡାଇ ଥାନା କର୍ମଚାରୀ ଓ କେନ୍ଦ୍ରାପଡା ଆରଟିଓ ପ୍ରମୁଖ ଯୋଗ ଦେଇ ଲୋକଙ୍କୁ ନିଶାଦ୍ରବ୍ୟ ସେବନ ନ କରିବା ପାଇଁ ପରାମର୍ଶ ଦେବା ସହିତ ଗାଡି ଚାଳକଙ୍କୁ ନିଶା ଦ୍ରବ୍ୟ ସେବନ କରି ଗାଡି ନ ଚଳାଇବା ପାଇଁ ସଚେତନ କରାଇଥିଲେ।

## ଦୁର୍ଘଟଣାରେ ମୃତ ସରପଞ୍ଚଙ୍କ ପରିବାରକୁ ଭେଟିଲେ ବିଧାୟକ



ପଟ୍ଟାମୁଣ୍ଡାଇ,୧୩।୬(ସମିସ): ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ପଟ୍ଟାମୁଣ୍ଡାଇ ବ୍ଲକ ନୀଳକଣ୍ଠପୁର ସରପଞ୍ଚ ଜ୍ଞାନରଞ୍ଜନ ଖଣ୍ଡାୟୀଙ୍କ ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି ରାଜନଗର ବିଧାୟକ ଧ୍ରୁବ ସାହୁ। ବିଧାୟକ ଶ୍ରୀ ସାହୁଙ୍କ ସହିତ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ସରପଞ୍ଚ ସଂଘ ସଭାପତି ଲକ୍ଷ୍ମୀପ୍ରିୟା ଷଡଙ୍ଗୀ, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ, ଶାସନ ସରପଞ୍ଚ ସଂଗ୍ରାମ ବାରିକ, ବାଛରା ସରପଞ୍ଚଙ୍କ ପ୍ରତିନିଧି ଲିପୁ ରାଉତ, ଯୁବନେତା ବାପୁ ଷଡଙ୍ଗୀ, ସଂଗ୍ରାମ ସ୍ୱାଇଁ, ଶଶୀକାନ୍ତ ପଣ୍ଡା ପ୍ରମୁଖ ମୃତ ସରପଞ୍ଚଙ୍କ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିଥିଲେ।

### ଉଦୟନଗର ପାଟନାଳୀ ପୋଲ କାମ ବିଳମ୍ବ

# ବିପଦପୂର୍ଣ୍ଣ ଅସ୍ଥାୟୀ ରାସ୍ତା, ଲୋକେ ହୀନସ୍ତା

ଡେରାବିଶ, ୧୩।୬(ସମିସ): ଡେରାବିଶ ବ୍ଲକ୍ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା କଲେଜ ଛକରୁ ବାହାରିଥିବା କେନ୍ଦ୍ରାପଡ଼ା-ଗୋଲରାହାଟ ରାସ୍ତାର ଉଦୟନଗରଠାରେ ରହିଥିବା ପାଟନାଳୀ ଉପରେ ଆରଡି ବିଭାଗ ପକ୍ଷରୁ ପୋଲ ନିର୍ମାଣ ଚାଲିଛି। ତେବେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ପୋଲ କାମ ଆଗେଇପାରୁନି। ଫଳରେ ଦୀର୍ଘ ୬ ମାସ ଧରି ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି।



କେନ୍ଦ୍ରାପଡ଼ା ଗୋଲରାହାଟ ରାସ୍ତାଟି ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିବାବେଳେ ଡେରାବିଶ ବ୍ଲକ କାର୍ଯ୍ୟାଳୟ, ଡେରାବିଶ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ଡେରାବିଶ କୃଷି ବିଭାଗ କାର୍ଯ୍ୟାଳୟ, ଡେରାବିଶ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀଙ୍କ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ଜିଲ୍ଲା ଉଦ୍ୟାନ ବିଭାଗ କାର୍ଯ୍ୟାଳୟ, ସୁଦର୍ଶନ ହାଇସ୍କୁଲ, କେନ୍ଦ୍ରାପଡ଼ା କଲେଜ, କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ଦୈନିକ ହଜାର ହଜାର ଲୋକ ଏହି ରାସ୍ତା ଦେଇ ଯାତାୟାତ କରିଥା'ନ୍ତି। ଠିକାଦାର ଜଣକ ଉଦୟନଗରଠାରେ ପାଟନାଳୀ ପୋଲକୁ ଭାଙ୍ଗି ନୂତନ ଭାବେ ନିର୍ମାଣ କରୁଛନ୍ତି। ନିର୍ମାଣ ଆରମ୍ଭ ସମୟରେ ଏହି ବ୍ୟସ୍ତବହୁଳ ରାସ୍ତାରେ ଲୋକଙ୍କ ଯାତୟତ ପାଇଁ ସଠିକ ଭାବେ ଏକ ଆପ୍ରୋଚ ରୋଡ୍ ନିର୍ମାଣ ନ କରି ଅଣଓସାରିଆ ଓ ତୀକ୍ଷ୍ଣ ଭାବେ ଏକ ଆପ୍ରୋଚରୋଡ୍ ନିର୍ମାଣ କରିଥିଲେ। ଏହି ବିପଦସଙ୍କୁଳ ଓ ତୀକ୍ଷ୍ଣ ଭାବେ ନିର୍ମିତ ଆପ୍ରୋଚ ରୋଡ୍‌ରେ ସେତେବେଳେ ବହୁ ସାଇକଲ୍ ଓ ବାଇକ୍ ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଏବେ ପୋଲ ନିର୍ମାଣ କାମ ସରିଯାଇଥିଲେ ମଧ୍ୟ ପୋଲକୁ ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇନାହିଁ। ଗତ ତିନିଦିନ ହେବ ଲାଗିରହିଥିବା କାଳବୈଶାଖୀ ବର୍ଷାରେ ଏହି ଆପ୍ରୋଚରୋଡ୍‌ଟି ଏତେ ମାତ୍ରାରେ ବିପଦସଙ୍କୁଳ ପାଲଟିଛି ଯେ, କୌଣସି ସାଇକଲ୍ କିମ୍ବା ବାଇକ୍ ଆରୋହୀ ଏହି ବାଟଦେଇ ଗଲେ, ସେ ନିଶ୍ଚିତ ଭାବେ ଅଣାୟତ ହୋଇ ଗୋବରୀ ନଦୀକୁ ଖସିପଡ଼ିବ। ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବା କଥା, ଏଠାରେ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଥିବାରୁ ଆମେ ଠିକାଦାରଙ୍କୁ ଏହି ଆପ୍ରୋଚରୋଡ଼କୁ ସଠିକ୍ ଢ଼ଙ୍ଗରେ ନିର୍ମାଣ କରିବା ପାଇଁ ଯେତେ କହିଲେ ମଧ୍ୟ ସେ ଏଥିପ୍ରତି କର୍ଣ୍ଣପାତ କରୁନାହାଁନ୍ତି। ଏଥିସହିତ ଏହି ନୂତନ ନିର୍ମିତ ପୋଲର ସଂଯୋଗୀକରଣ ରାସ୍ତା ହୋଇ ନ ଥିବାରୁ ଏହାର ଦୁଇପଟରେ ସୁରକ୍ଷାବାଡ଼ ମଧ୍ୟ ନିର୍ମାଣ କରାଯାଇନାହିଁ। ରାତିରେ ଯଦି କୌଣସି ବାଇକ୍ ଆରୋହୀ ଏହି ରାସ୍ତାଦେଇ ଯାଆନ୍ତି ତେବେ ସୁନିଶ୍ଚିତ ଦୁର୍ଘଟଣାର ସମ୍ମୁଖୀନ ହେବେ। ଏଥିପାଇଁ ଠିକାଦାର ଦାୟୀ ରହିବେ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରଛନ୍ତି। ତୁରନ୍ତ ଏହି ପୋଲର ସଂଯୋଗୀକରଣ ରାସ୍ତା ନିର୍ମାଣ କରି ଲୋକଙ୍କ ଚଳାଚଳର ସୁବିଧା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଆଳିରେ ନକଲି ମୃଦ୍ୟୁ ପାନୀୟ ବିକ୍ରି ଅଭିଯୋଗ

ଆଳି,୧୩।୬(ସମିସ): ଆଳିରେ ବିନା ଲାଇସେନ୍ସରେ ଏକାଧିକ ନକଲି ମୃଦ୍ୟୁ ପାନୀୟ ସହ ପାଣିପାଉଚ କମ୍ପାନୀ ଦିନକୁ ଦିନ ବଢ଼ିବାରେ ଲାଗିଛି। ମିନେରାଲ ଜଳ ସାଙ୍ଗକୁ ବିଭିନ୍ନ ପ୍ରକାର ନକଲି ଥଣ୍ଡା ଓ ସୋଡା ଆଦି ପାନୀୟ ଜଳର ବେନାମୀ କାରଖାନା ଓ ବିକ୍ରି ବେଧଡକ ଭାବେ ଚାଲିଛି। ବିନା ଲାଇସେନ୍ସ ଓ ବିନା ଟେଷ୍ଟିଂରେ ଏହି ନକଲି ଥଣ୍ଡା ପାନୀୟକୁ ଉତ୍ପାଦନ କରୁଥିବା ଦୋକାନୀଙ୍କ ଉପରେ କୌଣସି କାର୍ଯ୍ୟନୁଷ୍ଠାନ ଆଳି ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଉ ନ ଥିବାରୁ ଏନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ଏହି ନକଲି ପାଣି ଓ ଥଣ୍ଡା ସେବନ କରିବା ଦ୍ୱାରା ଲୋକମାନେ ବିଭିନ୍ନ ପ୍ରକାରର ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅଧିକାଂଶ ଦୋକାନରେ ମିଳୁଥିବା ବେନାମୀ କମ୍ପାନୀର ମୃଦ୍ୟୁ ପାନୀୟ ସହ ପାଣି ପାଉଚ, ବୋତଲ ପାଣି, ଥଣ୍ଡା ବିକ୍ରି ହେଉଛି। ସେହି କମ୍ପାନୀ ସରକାରଙ୍କ ଗାଇଡ୍‌ଲାଇନ ଅନୁସାରେ ପାଣି ଓ ଥଣ୍ଡା ପ୍ୟାକିଂ କରୁଛନ୍ତି କି ନାହିଁ, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଲାଣି। ବଜାରରେ ବିକ୍ରି ହେଉଥବା କିଛି ପାଣି ବୋତଲ, ଥଣ୍ଡା ଓ ପାଣି ପାଉଚ ଉପରେ ଏହାର ଅବଧି ସମ୍ପର୍କରେ କୌଣସି ସୂଚନା ନାହିଁ। ଅପରପକ୍ଷେ ଏଠିକାର କେତେକ ବେନାମୀ କାରଖାନାର ମାଲିକ ଅଧିକ ଲାଭ ପାଇବା ଆଶାରେ ବାହାରୁ ନାମିଦାମୀ କମ୍ପାନୀର ଲୋଗୋ ଥିବା ଜରି ଓ ଖାଲି ବୋତଲ କ୍ରୟ କରି ଶ୍ରମିକଙ୍କ ଦ୍ୱାରା ଅସ୍ୱାସ୍ଥ୍ୟକର ପରିବେଶରେ ଦୂଷିତ ଜଳ ସାଥିରେ ବିଭିନ୍ନ ପ୍ରକାର ଥଣ୍ଡାର ଫ୍ଲେଭର ପାଣିରେ ମିଶାଇ ସେଥିରେ କିଛି ଗ୍ୟାସ ଭର୍ତ୍ତି କରି ବୋତଲକୁ ସିଲ କରି ବଜାରକୁ ଛାଡୁଛନ୍ତି। ପାଣି ଓ ଥଣ୍ଡା ଉତ୍ପାଦନ କରିବା ପାଇଁ ସରକାରଙ୍କ ଏକାଧିକ ନିୟମ ରହିଛି। କମ୍ପାନୀର ଟ୍ରେଡମାର୍କ, ପାଣିର ଟେଷ୍ଟିଂ ସାର୍ଟିଫିକେଟ, ଲାବ୍ରୋଟାରୀ ସାର୍ଟିଫିକେଟ, ବିଏସ୍ଆଇ, ଆଇଏସ୍ଆଇ ମାନ୍ୟତା ସାର୍ଟିଫିକେଟ, ଫୁଡ୍ ଲାଇସେନ୍ସ ଆଦି ନିୟମ ରହିଛି। ଏଠାରେ ତଥାକଥିତ ବେନାମୀ ମୃଦୁ ପାନୀୟ ଓ ଆଞ୍ଚଳିକ ପାଣି କମ୍ପାନୀ ଉପରୋକ୍ତ ସର୍ତ୍ତାବଳୀକୁ ଗୁରୁତ୍ୱ ନଦେଇ କେବଳ ଲୋକଦେଖାଣିଆ ଭାବେ ଫୁଡ ଲାଇସେନ୍ସ ହାତେଇ ପାଣି ଉତ୍ପାଦନ ହେଉଥିବା କାରଖାନା କାନ୍ଥରେ ଟାଙ୍ଗିବା ସହ ମନଲୋଭା ପ୍ୟାକିଂ ଦେଇ ବେପାର ଚଳାଇ ଆସୁଛନ୍ତି। ଏହି ମୃଦୁ ପାନୀୟ, ପାଣି ପାଉଚ୍ କିଛି ଦିନ ରହିବା ପରେ ଗନ୍ଧ ବାହାରୁଥିବାବେଳେ ସ୍ୱାଦ ମଧ୍ୟ ଅଲଗା ଲାଗୁଥିବା ସାଧାରଣରେ ଅଭିଯୋଗ ହେଉଛି। ପାଣି ଓ ଥଣ୍ଡା ପ୍ୟାକିଂ ପୂର୍ବରୁ ଏହାର ନମୁନା ବିଆଇସି ଲ୍ୟାବକୁ ପଠାଇ ଏହାର ଗୁଣବତ୍ତା ଯାଞ୍ଚ କରିବା ଆବଶ୍ୟକତା ରହିଛି। ସ୍ଥାନୀୟ ପୁଲିସ ଓ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ସହ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରି ବେନାମୀ ପାଣି ଓ ଥଣ୍ଡା ପ୍ରସ୍ତୁତକାରୀ କାରଖାନା ଓ ବିକ୍ରି କରୁଥିବା ଦୋକାନୀଙ୍କ ଉପରେ ଚଢ଼ଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



# କଟକ ସିଟି



### ୨ କ୍ୱିଣ୍ଟାଲ ଗଞ୍ଜେଇ ଜବତ ଘଟଣା

## ୨ ମାଫିଆ ଗିରଫ; ମୁଖ୍ୟ କାର୍ପଟ୍‌ଦାର ଫେରାର୍

କଟକ, ୧୩।୬(ସମିସ)



ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ଘଟଣାରେ ୨ ନିଶା ମାଫିଆଙ୍କୁ ଚୌଦ୍ୱାର ଥାନା ପୁଲିସ କାବୁ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ଶିରିପୁର ଅଞ୍ଚଳର ଅଜୟ କୁମାର ଛୋଟରାୟ(୩୮) ଓ ବିବେକ ରଞ୍ଜନ ପ୍ରଧାନ(୨୦)। ଏମାନଙ୍କ ପାଖରୁ ୨ଟି ଦାମୀ କାର ସହିତ ୨ କ୍ୱିଣ୍ଟାଲ ଓଜନର ଗଞ୍ଜେଇ ଜବତ ହୋଇଛି। ଆଜି ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ଡିସିପି ଖିଲାରୀ ଋଷିକେଷ ଦ୍ୟାନଦେଓ ସୂଚନା ଦେଇଛନ୍ତି।

ପୁଲିସ ସୂଚନା ଅନୁସାରେ, ଗତକାଲି ଚୌଦ୍ୱାର ପୁଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ସୂଚନା ମିଳିଥିଲା ଯେ, ରାଜପଥରେ କୌଣସି ଏକ ଦାମୀ ଗାଡିରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ କରାଯାଉଛି। ଏହାପରେ ପୁଲିସ ଟିମ ୫୫ ନଂ ଜାତୀୟ ରାଜପଥରେ ପାଟ୍ରୋଲିଂକୁ ଆହୁରି ଜୋରଦାର କରିଥିଲା। ଏତିକି ବେଳେ ଆଗପଛ ହୋଇ ଯାଉଥିବା ୨ଟି ଇନୋଭା ଓ ମାରୁତି ଫ୍ରୋନକ୍ସ କାର ଦେଖି ପୁଲିସର ସନ୍ଦେହ ହୋଇଥିଲା। ତେବେ ପୁଲିସ ଟିମ ଉକ୍ତ ଗାଡି ୨ଟିକୁ ଅଟକାଇବାକୁ ଉଦ୍ୟମ ବେଳେ ଚାଳକ ଦ୍ୱୟ ଗାଡି ଅଟକାଇ ନଥିଲେ। ବରଂ ଦ୍ରୁତ ବେଗରେ ଖସିଯିବାକୁ ଉଦ୍ୟମ କରିଥିଲେ। ପୁଲିସ ପିଛା କରି ନୂଆପାଟଣା ଛକ ନିକଟ କଫି ବାର ଛକରେ ଗାଡି ଦୁଇଟିକୁ ଅଟକାଇଥିଲା। ଏହାପରେ ବି ଗାଡିରେ ଥିବା ଅଭିଯୁକ୍ତ ଦ୍ୱୟ ଖସିଯିବାକୁ ଉଦ୍ୟମ କରି ଧରାପଡ଼ିଥିଲେ। ପୁଲିସ ଗାଡିର ତଲାସି ନେବାରୁ ଇନୋଭା ଗାଡି ଭିତରୁ ୧୯୬ଟି ପଲିଥିନ ପ୍ୟାକେଟ ମିଳିଥିଲା। ଯେଉଁଥିରେ ମୋଟ ୧୯୮ କିଲୋ ୫୦୦ ଗ୍ରାମର ଗଞ୍ଜେଇ ରହିଥିଲା। ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ। ପୁଲିସ ନିଶାଦ୍ରବ୍ୟ, ଗାଡି ଜବତ କରିବା ସହ ଅଭିଯୁକ୍ତ ଅଜୟ ଓ ବିବେକକୁ ଥାନାକୁ ଧରିଆଣିଥିଲା। ପଚରାଉଚରା କରିବାରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଦ୍ୱୟ ଫୁଲବାଣୀରୁ ଉକ୍ତ ଗଞ୍ଜେଇ ନେଇ ରାଜ୍ୟ ବାହାରକୁ ଚାଲାଣ କରୁଥିଲେ। ଗଞ୍ଜେଇ ଭର୍ତ୍ତି ଇନୋଭା (ଓଡି-୩୩-ଏଆର-୨୨୦୦) ଗାଡିକୁ ଏସକର୍ଟ ବା ସୁରକ୍ଷା ଯୋଗାଇ ଦେଉଥିଲା

**ଫୁଲବାଣୀରୁ ହେଉଥିଲା ରାଜ୍ୟ ବାହାରକୁ ଚାଲାଣ**

ମାରୁତି(ଓଡି-୦୨-ଏବି-୧୪୯୪) ଗାଡି। ଏଥିପାଇଁ ରାଜପଥରେ ଇନୋଭା ଆଗେ ଆଗେ ମାରୁତି ଗାଡି ଯାଉଥିଲା। ପୂର୍ବରୁ ମଧ୍ୟ ଅଭିଯୁକ୍ତମାନେ ସମାନ ତରିକାରେ ବହୁବାର ରାଜ୍ୟ ବାହାରୁ ଗଞ୍ଜେଇ ଚାଲାଣ କରିଆସୁଥିଲେ। ଏକ ସଂଗଠିତ ଆନ୍ତଃରାଜ୍ୟ ରାକେଟ ଏହି କାରବାରରେ ସକ୍ରିୟ ରହିଛି। ତେବେ ଧରପଗଡ଼ ସମୟରେ ଆଉ କିଛି ଅଭିଯୁକ୍ତ ଚମ୍ପଟ ମାରିବାରେ ସଫଳ ହୋଇଛନ୍ତି। ମୁଖ୍ୟ କାର୍ପଟଦାର ସହିତ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢଉ ଜାରି ରହିଥିବା ସୂଚନା ଦିଆଯାଇଛି।

## ୧୩ନଂ ୱାର୍ଡରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ



କଟକ, ୧୩।୬(ସମିସ): କଟକ ମହାନଗର ନିଗମ(ସିଏମସି) ଅନ୍ତର୍ଗତ ୧୩ ନଂ ୱାର୍ଡରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଲାଣି। ନିଗମର ଅଣଦେଖା ଏଠାକାର ବାସିନ୍ଦାଙ୍କୁ ହନ୍ତସନ୍ତ କରୁଛି। ପ୍ରାୟ ୨୦ଦିନ ହେବ ୱାର୍ଡରେ ସଫେଇ କାର୍ଯ୍ୟ ହେଉନାହିଁ ବୋଲି ଅଭିଯୋଗ ହୋଇଛି। ନାଳନର୍ଦ୍ଦମା ଅଳିଆ, ଆବର୍ଜନାରେ ଭରି ରହିଛି। ବର୍ଷାଦିନ ହେତୁ ସ୍ଥାନୀୟ ପରିବେଶ ଦୁର୍ଗନ୍ଧରେ ଫାଟି ପଡ଼ିଲାଣି। ନିଗମର କମିଶନରଙ୍କୁ ଏ ବାବଦରେ ଅବଗତ କରାଇଲେ ମଧ୍ୟ କୌଣସି ସୁଫଳ ମିଳୁନି ବୋଲି କର୍ପୋରେଟର ସତ୍ୟରଞ୍ଜନ ତ୍ରିପାଠୀ କହିଛନ୍ତି।

ଅଭିଯୋଗ ମୁତାବକ, ସିଏମସି ଅଧିନ ଅଞ୍ଚଳ ସଫେଇ ନିମନ୍ତେ ପ୍ରତ୍ୟୁଷ ନାମକ ସଂସ୍ଥାକୁ ଠିକା ଭିତ୍ତିରେ ଦାୟିତ୍ୱ ଦିଆଯାଇଛି। ମାତ୍ର ଏହି ସଂସ୍ଥା ସମ୍ପୂର୍ଣ୍ଣ ମନୋମୁଖୀ କାର୍ଯ୍ୟ କରୁଛି। ୧୩ନଂ ୱାର୍ଡରେ ମୋଟ ୩୦ଜଣ ସଫେଇ କର୍ମଚାରୀଙ୍କୁ ନିୟୋଜିତ କରାଯିବା ଆବଶ୍ୟକ। ହେଲେ ୧୦ରୁ୧୨ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଫଳରେ ସମ୍ପୂର୍ଣ୍ଣ ୱାର୍ଡ ସଫା କରିବାରେ ସମସ୍ୟା ହେଉଛି। ମେହେନ୍ଦିପୁର, କାଜିବଜାର, ବାଲୁବଜାର, ଗଙ୍ଗାମନ୍ଦିର ଅଞ୍ଚଳକୁ ସଂଯୋଗ କରିଥିବା ରାସ୍ତାରେ ନିୟମିତ ଅଳିଆ, ଆବର୍ଜନା ଜମା ହୋଇ ରହୁଛି। ଏହାଛଡ଼ା ନାଳ ଗୁଡିରେ ଆବର୍ଜନା ଭର୍ତ୍ତି ହୋଇ ରହିବା ସହ ମଶାବଂଶ ବୃଦ୍ଧି ପାଇଲାଣି। କର୍ପୋରେଟର

- ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ
- ନିୟମିତ ସଫେଇ ହେଉନଥିବା ଅଭିଯୋଗ

ସତ୍ୟରଞ୍ଜନଙ୍କ କହିବା ମୁତାବକ, ସମ୍ପୃକ୍ତ ଠିକା ସଂସ୍ଥା ଓ ନିଗମର କେତେକ ଅଧିକାରୀଙ୍କ ଭିତରେ ମଧୁଚନ୍ଦ୍ରିକା ରହିଛି। ଫଳସ୍ୱରୂପ ଠିକା ସଂସ୍ଥା ବିରୋଧରେ ଅଭିଯୋଗ କଲେ ମଧ କୌଣସି ଉତ୍ତର ମିଳୁନି। ଠିକା ସଂସ୍ଥା କାମ କରୁନାହିଁ। କମ୍ ସଫେଇ କର୍ମଚାରୀ ନିୟୋଜିତ କରି ଅଧିକ ଟଙ୍କା ଉଠାଣ କରୁଛି। ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିଲେ ସୁଦ୍ଧା ନିଗମ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ବର୍ଷା ଦିନ ଆରମ୍ଭ ହୋଇ ସାରିଲାଣି। ଏବେ ଠାରୁ ନଳା ଗୁଡିକ ସଫା କରାଯାଉ ନାହିଁ। ପଙ୍କୋଦ୍ଧାର କେଉଁ ପରିସ୍ଥିତିରେ ହେବ ତାହାକୁ ନେଇ ସନ୍ଦେହ ସୃଷ୍ଟି ହେଲାଣି। ନିଗମ ଏଥି ପ୍ରତି ଗୁରୁତ୍ୱଦେବାକୁ ସେ ନିବେଦନ କରିଛନ୍ତି।

## ଆଦୃତ ଶିଶୁ ସଦନରେ ରଜ ଉତ୍ସବ ପାଳିଲେ ବିଧାୟିକା



କଟକ, ୧୩।୬(ସମିସ): ଶେଖବଜାର ସ୍ଥିତ ଆଦୃତ ଶିଶୁ ସଦନରେ କୁନି କୁନି ପିଲାମାନଙ୍କ ସହିତ ବିଧାୟିକା ସୋଫିଆ ଫିରଦୋସ ରଜ ଉତ୍ସବ ପାଳନ କରିଛନ୍ତି। ଆଜି ରଜ ସଜବାଜ ଅବସରରେ ବିଧାୟିକା ପିଲାମାନଙ୍କୁ ପାଇଁ ଡ୍ରେସ, ଚୁଡି, ମେହେନ୍ଦି, ଲିପଷ୍ଟିକ, ଅଳତା ଆଦି ସମସ୍ତ ପ୍ରକାର ସଜବାଜ ସାମଗ୍ରୀ ପ୍ରଦାନ କରି ପିଲାମାନଙ୍କୁ ନିଜେ ବିଧାୟିକା ମେହେନ୍ଦି ଲଗେଇ ସଜବାଜ କରିଥିଲେ। ଏହି ଅବସରରେ ପିଲାମାନେ ନାଚ ଓ ଗୀତ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଓଡ଼ିଆ ସଂସ୍କୃତିର ଅନ୍ୟତମ ନିଆରା ପର୍ବ ରଜକୁ କୁନି କୁନି ପିଲାମାନଙ୍କ ସହ ବେଶ୍ ହସ ଖୁସିର ସହ ପାଳନ କରିବା ସହ ପୋଡପିଠା ଓ ଛେନାପୋଡ ଆଦି ପାରମ୍ପରିକ ଖାଦ୍ୟ ମଧ ବିଧାୟିକା ପିଲାମାନଙ୍କ ସହିତ ମିଶି ଖାଇଥିଲେ। ପ୍ରାରମ୍ଭରୁ ପିଲାମାନେ ବିଧାୟିକା ସୋଫିଆ ଫିରଦୋସଙ୍କୁ ବନ୍ଦାପନା କରି ସ୍ୱାଗତ କରିଥିଲେ। ଶେଷରେ ଆଦୃତ ଶିଶୁ ସଦନର ପ୍ରତିଷ୍ଠାତା ଆଦିତ୍ୟ ମହାନ୍ତି ବିଧାୟିକାଙ୍କୁ ପିଲାମାନଙ୍କ ସହିତ ତାଙ୍କର ବହୁମୂଲ୍ୟ ସମୟ ବିତାଇଥିବାରୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକି ଚକ୍ରବର୍ତ୍ତୀ, ସୋନୁ ସ୍ୱାଇଁ, ସତ୍ୟଶ୍ରୀ ବେହେରା, ଅନୀତା ବେହେରା, ମାମାନୀ ମିଶ୍ର, ରୌପ୍ୟ ରଞ୍ଜନ ମହାପାତ୍ର ସହଯୋଗ କରିଥିଲେ।

## ଜାତୀୟ ଯୋଗ ବିଚାରକ ପ୍ରଶିକ୍ଷଣ ଶିବିରରେ ଓଡ଼ିଶାରୁ ୯



କଟକ, ୧୩।୬(ସମିସ): ପଞ୍ଜାବର ପଟିଆଲା ଠାରେ ଥିବା ଏସିଆର ସର୍ବବୃହତ୍ତ କ୍ରୀଡା ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏନ୍‌ଆଇଏସ୍‌ରେ ଯୋଗାସନ ଭାରତ ଏବଂ ସ୍ପୋର୍ଟସ ଅଥରିଟି ଅଫ୍ ଇଣ୍ଡିଆ ତରଫରୁ ଜାତୀୟ ସ୍ତରୀୟ ଯୋଗ ବିଚାରକ (ଟେକ୍‌ନିକାଲ୍ ଅଫିସିଆଲ) ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗାସନ ସ୍ପୋର୍ଟସ ଆସୋସିଏସନ ଅଫ ଓଡ଼ିଶା ପକ୍ଷରୁ ୯ ଜଣିଆ ଟିମ୍ ପ୍ରଶିକ୍ଷଣ ନେଇଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ମନୋଜ କୁମାର ମୁଖାର୍ଜୀଙ୍କ ତତ୍ତ୍ୱାବଧାନରେ ମମତା ରାଣୀ ସାହୁ (ରାଜ୍ୟ ଯୁଗ୍ମ ସମ୍ପାଦକ), ରିଙ୍କୁ ଟଙ୍କ (ସାଧାରଣ ସମ୍ପାଦକ, କଟକ), ଗିରିଜା ଶଙ୍କର ଶତପଥୀ (ଯୁଗ୍ମ ସମ୍ପାଦକ, କଟକ), ବସନ୍ତ କୁମାର ଖିଲାର (ସାଧାରଣ ସମ୍ପାଦକ, ଭଦ୍ରକ), କବିତା ମହନ୍ତ ( ଯୁଗ୍ମ ସମ୍ପାଦକ, ମୟୂର ଭଞ୍ଜ), ସଞ୍ଜୟ କୁମାର ମିଶ୍ର, ନିବେଦିତା ସାହୁ ଓ ମଧୁସ୍ମିତା ସେନାପତି ଯୋଗ ଦେଇଥିଲେ। ଆଗାମୀ ଭବିଷ୍ୟତରେ ହେବାକୁ ଥିବା ବିଭିନ୍ନ ରାଜ୍ୟ ଓ ଜାତୀୟ କାର୍ଯ୍ୟଶାଳା ପାଇଁ ଏହି ସଦସ୍ୟମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ଜାତୀୟ ସ୍ତରରେ ବିଭିନ୍ନ ଯୋଗ ପ୍ରତିଯୋଗିତାରେ ଏହି ବିଚାରକମାନେ ଯୋଗାସନ ଭାରତ ତରଫରୁ ଦାୟିତ୍ୱ ବହନ କରିବେ। ଏପରିକି ଏସିଆନ ଗେମ୍ସ, ଖେଲୋ ଇଣ୍ଡିଆ, ଅସ୍ମିତା ପରି ଉଚ୍ଚସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରିବେ, ଯାହା କି ସମଗ୍ର ଓଡ଼ିଶା ପାଇଁ ଏକ ଗର୍ବ ଓ ଗୌରବର ବିଷୟ ହେବ। ପ୍ରଶିକ୍ଷଣ ହାସଲ କରିଥିବା ବିଚାରକମାନଙ୍କୁ ରାଜ୍ୟରେ ପ୍ରତିଭାବାନ ପ୍ରଶିକ୍ଷକ ଚୟନ କରିବା ଦାୟିତ୍ୱ ଦିଆଯାଇଛି।

## 'ଉତ୍କଳ ତସ୍ରିକା' ପକ୍ଷରୁ ରଜ ଉତ୍ସବ



କଟକ, ୧୩।୬(ସମିସ): ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ କଟକର 'ଉତ୍କଳ ତସ୍ରିକା' ମହିଳା ସଂଗଠନର ସଦସ୍ୟାମାନେ ମହାନଦୀବିହାର ସ୍ଥିତ ତଥାସ୍ତୁ କନଭେନସନ ପ୍ରେକ୍ଷାଳୟରେ ଏକ ପାରମ୍ପାରିକ ଢଙ୍ଗରେ ରଜ ଉତ୍ସବ ପାଳନ କରିଥିଲେ। କଟକ, ଭୁବନେଶ୍ୱର ସମେତ ଓଡ଼ିଶାର ଅନ୍ୟ କେତେକ ଜିଲ୍ଲାରୁ ମଧ ପ୍ରାୟ ୬୦ରୁ ୭୦ଜଣ ମହିଳା ଏଥିରେ ଯୋଗଦେଇଥିଲେ। ପାନଖିଆ, ରଜଦୋଳି ଗୀତ ଠାରୁ ଆରମ୍ଭ କରି ଲୁଡୁଖେଳ, ତାସ୍ ଖେଳ, ବିଭିନ୍ନ ପ୍ରକାର ପିଠା ସହ ମନୋରଞ୍ଜନ କାର୍ଯ୍ୟକ୍ରମ ମଧ ରହିଥିଲା। ଓଡ଼ିଶାରୁ ଦିନକୁ ଦିନ ଲୋପ ପାଇବାକୁ ବସିଥିବା ଆମ ସଂସ୍କୃତିକୁ ପୁଣିଥରେ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ଯୁବପୀଢିଙ୍କୁ ବାର୍ତ୍ତା ପ୍ରଦାନ କରିବାର ପ୍ରୟାସ କରିଥିଲେ। ଓଡ଼ିଶାର ହସ୍ତତନ୍ତ ଓ ବୁଣାକାରଙ୍କୁ ପ୍ରେରଣା ଓ ପ୍ରୋତ୍ସାହନ ଯୋଗାଉଥିବା ସହ ଓଡ଼ିଶାର ପ୍ରାଚୀନ ପରମ୍ପରାକୁ ପୁନର୍ଜୀବିତ କରିବାର ପ୍ରୟାସ ଜାରି ରଖିଥିବା ଏହି ମହିଳା ସଙ୍ଗଠନକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

## 'ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା' କର୍ମଶାଳା

କଟକ, ୧୩।୬(ସମିସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି 'ବିକଶିତ ଓଡ଼ିଶା ପାଇଁ ବିକଶିତ ଜିଲ୍ଲା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉକ୍ତ କର୍ମଶାଳାରେ ଯୋଗଦେଇ କହିଥିଲେ ଯେ ବିକଶିତ ଜିଲ୍ଲା ଲକ୍ଷ୍ୟ ପୂରଣ ଉଦ୍ଦେଶ୍ୟରେ ଜିଲ୍ଲାର କୃଷି ଓ କୃଷକମାନଙ୍କୁ ସଶକ୍ତ କରାଯାଉଛି। କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଓ ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଯୋଗଦେଇଥିଲେ। ଜିଲ୍ଲା ପରିଷଦ ସହକାରୀ ନିର୍ବାହୀ ଅଧିକାରୀ ବନ୍ଦନା ଖଟୁଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ଡ. ଇପସିତା ପ୍ରିୟଦର୍ଶିନୀ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ 'ସଫଳତାର ବର୍ଷ ଏକ, କଟକ ପ୍ରଗତିର ପ୍ରତୀକ' ଶୀର୍ଷକ ପୁସ୍ତିକା ଉନ୍ମୋଚିତ ହୋଇଥିଲା।

## ପଦ୍ମଶ୍ରୀ ଡ. ସଦାଶିବ ମିଶ୍ରଙ୍କ ଜୟନ୍ତୀ




କଟକ, ୧୩।୬(ସମିସ): ବନ୍ଦେ ଉତ୍କଳ ପକ୍ଷରୁ ଉତ୍କଳ ବିଶ୍ୱ ବିଦ୍ୟାଳୟର ପ୍ରାକ୍ତନ କୁଳପତି ପଦ୍ମଶ୍ରୀ ଡ. ସଦାଶିବ ମିଶ୍ରଙ୍କ ୧୧୬ ତମ ଜୟନ୍ତୀ ଉତ୍ସବ ବଙ୍ଗାଳି ସାହି ସ୍ଥିତ ମା' ଶାରଳା ସଦନ ଠାରେ ପାଳିତ ହୋଇଯାଇଛି। ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ଆଇନଜୀବୀ ଦେବସ୍ମାନ ଦାସ, ଟିକି ଦୁନିଆର ସମ୍ପାଦିକା ନମିତା ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଛାଟୋଇ, ଅରୁଣ ଅଗ୍ରୱାଲ, ଭୁବନାନନ୍ଦ ମହାନ୍ତି, ତ୍ରିଲୋଚନ ପଣ୍ଡା, ଅପର୍ତ୍ତୀ ଚରଣ ପଣ୍ଡା ପ୍ରମୁଖ ଡ. ମିଶ୍ରଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଭାପତି ଶ୍ରୀ ଦାସ ସ୍ୱର୍ଗତ ଶ୍ରୀ ମିଶ୍ରଙ୍କୁ ଓଡ଼ିଶାର ପ୍ରବୀଣ ଶିକ୍ଷାଗୁରୁ ଭାବେ ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ମିଶ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।

## ଛାତ୍ର ବିଜେଡି ପକ୍ଷରୁ ଦୀପଦାନ



କଟକ, ୧୩।୬(ସମିସ): ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ପରେ ସମଗ୍ର ଭାରତରେ ଶୋକପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ମୃତ ଯାତ୍ରୀଙ୍କ ଅମର ଆତ୍ମାର ସଦଗତି ଉଦ୍ଦେଶ୍ୟରେ ଆଜି କଟକ ଛାତ୍ର ବିଜେଡି ପକ୍ଷରୁ ଗଡ଼ଚଣ୍ଡୀ ମନ୍ଦିର ନିକଟରେ ସମୂହ ଦୀପଦାନ କରାଯାଇଥିଲା। ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ଜିଲ୍ଲା ମହାନଗର ସଭାପତି ସଞ୍ଜୟ ପଟ୍ଟନାୟକ, ମିତ୍ରଜିତ ପଟ୍ଟନାୟକ, ସାଗର କୁମାର ବେହେରା, ଓମ୍ ଶିବ ଦାଶ, ବିଶାଲ ସାହୁ, ସୌମ୍ୟରଞ୍ଜନ ମଲ୍ଲିକ, ସ୍ୱୋପନ୍ କୁମାର ମହାପାତ୍ର, ପ୍ରଥକ ହାତୀଙ୍କ ବିଭିନ୍ନ କଲେଜର ଛାତ୍ରନେତାମାନେ ଉପସ୍ଥିତ ଥିଲେ।

## ସରିଲା ସଜବାଜ; ଆଜି ପହିଲି ରଜ

କଟକ, ୧୩।୬(ସମିସ)





ରୌପ୍ୟନଗରୀରେ ଆଜି ଶେଷ ହୋଇଛି ସଜବାଜ। ଆସନ୍ତା କାଲି ତମାମ ସହର ପାଳିବ ପହିଲି ରଜ। ଏହି ପର୍ବ ଆନନ୍ଦ ଉଲ୍ଲାସର ପର୍ବ। ଯାହାକୁ ପ୍ରତ୍ୟେକ ଓଡ଼ିଆ ଅପେକ୍ଷା କରି ରହିଥାନ୍ତି। ପୋଡ଼ପିଠା ଠାରୁ ଆରମ୍ଭ କରି ରଜ ପାନ ଖିଆ ଓ ଦୋଳି ଖେଳ ପର୍ବକୁ ଆହୁରି ଆକର୍ଷଣୀୟ କରିଥାଏ। ପିଲା ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ମିଶି ଏହାକୁ ପାଳନ କରୁଥିବାରୁ ଓଡ଼ିଶାର ଏହା ଏକ ପ୍ରସିଦ୍ଧ ଗଣପର୍ବ ଭାବେ ପରିଚିତ।

ଏଠାରେ ଗାଁ ଭଳି ରଜ ୩ ଦିନ ଘରେ ବନ୍ଧୁବାନ୍ଧବଙ୍କ ଗହଳି ଲାଗିବ। ବିଶେଷକରି କଟକ ସହରର ଘରେ ଘରେ ପୋଡପିଠା ପ୍ରସ୍ତୁତ କରାଯାଏ। ଏଥିସହ ସହରର ଏକାଧିକ ଦୋକାନ ଗୁଡିକରେ ପୋଡ଼ପିଠା ବିକ୍ରି ହେଉଛି। ରଜ ପାଇଁ ସହରର ସଫି ମଲ ସମ୍ମୁଖରେ ବ୍ୟବସାୟୀ ମାନେ ମେହେନ୍ଦି ପସରା ଖୋଲିଛନ୍ତି। ଗୋଟିଏ ହାତ ପିଛା ମେହେନ୍ଦି ଦର ୨୦୦ ଟଙ୍କା ରହିଥିବାବେଳେ ଡିଜାଇନ ଅନୁଯାୟୀ ଦର ରହିଛି। କଟକରେ ଥିବା ସଫି ମଲ ସମ୍ମୁଖରେ ଏହି ମେହେନ୍ଦି ବ୍ୟବସାୟୀମାନେ ବ୍ୟବସାୟ କରୁଛନ୍ତି। ସେଠାରେ ଯୁବତୀଙ୍କ ଭିଡ଼ ଲାଗିଥିବା ଦେଖିବାକୁ ମିଳିଛି। ସେହିପରି ରଜ ପାଇଁ କଟକ ସହରର ବକ୍ସିବଜାର, ରାଣୀହାଟ, ମଙ୍ଗଳାବାଗ, ବାଦାମବାଡ଼ି ଠାରେ ରଜ ପାନ ଦୋକାନ ଖୋଲିଛି ଏବଂ ଦୋଳମୁଣ୍ଡାଇ ଠାରେ ବନାରାସୀ ପାନ ଦୋକାନ ଖୋଲିଛି। ଯେଉଁଥିରେ ୫୦ରୁ ୮୦ ପ୍ରକାରର ମସଲା ବ୍ୟବହାର କରାଯାଇଛି। ପାନ ଦର ୧୦ରୁ ଆରମ୍ଭ ହୋଇ ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଯେଉଁଥିରେ ମିଠା ପାନ ଗୋଟା ୧୦ଟଙ୍କା, କାଜୁ-ପିସ୍ତା ପାନ ୩୦ ଟଙ୍କା, ଚକୋଲେଟ ପାନ ୫୦ ଟଙ୍କା, ଫାୟାର ପାନ ଓ ବନାରସୀ ପାନ ୨୦ ଟଙ୍କା, ଏ-୧ ସ୍ପେସାଲ ପାନ ୧୦୦ ଟଙ୍କା ରହିଛି।

### ପାନ୍ଥନିବାସ ଓ ସିଲଭରସିଟି ବୋଟିଂ କ୍ଲବ୍‌ରେ ଜମିବ ପୋଡପିଠା ଓ ରଜପାନର ପସରା

## ଏଥର ଦୁଇ ଲକ୍ଷ ଟଙ୍କାର ବିକ୍ରି ଲକ୍ଷ୍ୟ

କଟକ, ୧୩।୬(ସମିସ): ଆଜି ସଜବାଜ ପାଇଁ ଭାଇଚାରାର ସହର କଟକ ବେଶ ଗହଳ ଚହଳ ହୋଇପଡ଼ିଥିବା ବେଳେ ଆସନ୍ତାକାଲି ପହିଲି ରଜର ସକାଳ ବିଭିନ୍ନ ରକମର ପିଠା ବିଶେଷ କରି ପୋଡପିଠାର ବାସ୍ନାରେ ମହକିବ। ଏଥିପାଇଁ କଟକ ସହରର କେତେକ ଅନୁଷ୍ଠାନ ପକ୍ଷରୁ ଚୂଡାନ୍ତ ହୋଇଛି ପ୍ରସ୍ତୁତି। ଶନିବାର ପହିଲି ରଜ ପଡୁଥିବା ବେଳେ ଏଥର ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ହୋଇଛି ବ୍ୟାପକ ପ୍ରସ୍ତୁତି। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ରହିଥିବା କଟକ ପାନ୍ଥନିବାସ ପକ୍ଷରୁ ରଜ ପର୍ବରେ ପିଠା ପ୍ରସ୍ତୁତି ଜୋରଦାର ହୋଇଛି। ପାନ୍ଥନିବାସ ପକ୍ଷରୁ ଚଳିତ ବର୍ଷର ରଜ ପର୍ବ ଅବସରରେ ବିଭିନ୍ନ କିସମର ପିଠା ତିଆରି ହେଉଥିବାର ଜଣାପଡ଼ିଛି। ମଣ୍ଡା, ଆରିସା, ପୋଡ ପିଠା, କାକରା, ଗଜା ଆଦି ପିଠା ପ୍ରସ୍ତୁତ କରାଯାଇଛି। ଏହି ସବୁ ସିଲଭରସିଟି ବୋଟ କ୍ଲବ ଓ ପାନ୍ଥନିବାସ ଠାରେ ବିକ୍ରି ହେବ। ଗ୍ରାହକ ମାନେ ଏଠାରେ ବସି ଖାଇପାରିବେ ଓ ଘରକୁ ବି କିଣି କରି ନେଇପାରିବେ ବୋଲି କୁହନ୍ତି ପାନ୍ଥନିବାସର ପରିଚାଳକ। ପହିଲି ରଜ ଦିନ ପ୍ରତ୍ୟେକ ଓଡିଆଙ୍କ ଘରେ ପୋଡ ପିଠା ହୋଇଥାଏ। କଟକରେ ମଧ ବିଭିନ୍ନ ସ୍ଥାନରେ ପୋଡ ପିଠା ପ୍ରତିଯୋଗିତା ଆୟୋଜନ କରାଯାଇଥାଏ। ପାନ୍ଥନିବାସ ପକ୍ଷରୁ ଏଭଳି ପିଠା ପ୍ରଦର୍ଶନୀ ଓ ବିକ୍ରି କରାଯିବ। ପାନ୍ଥନିବାସରେ ଏଥର ମଧ ପ୍ରାୟ ଦୁଇ ଲକ୍ଷ ଟଙ୍କାର ପିଠା ବିକ୍ରି ହେବ ବୋଲି କୁହାଯାଇଛି। ପିଠା ଗୁଡିକ ମଧ୍ୟରେ ପୋଡ ପିଠା ଓ ଆରିସା ପିଠାର ବେଶୀ ଡିମାଣ୍ଡ ରହିଥାଏ। ଏଥର ପୋଡ ପିଠା କିଲୋ ୪୦୦ଟଙ୍କା ରହିଥିବା ବେଳେ ମଣ୍ଡା, ଆରିସା ଓ କାକରା ଆଦି ଗୋଟା ୨୦ଟଙ୍କା ରହିଛି। ପୋଡ ପିଠା ଘରେ ତିଆରି ନକରି ପ୍ରତିବର୍ଷ କେତେକ ଲୋକ ପାନ୍ଥନିବାସରୁ ଯାଇ କିଣିଥାନ୍ତି। ଗତ ବର୍ଷ ପାନ୍ଥ ନିବାସ ପକ୍ଷରୁ ମୋଟ ୧ଲକ୍ଷ ୩୬ ହଜାର ଟଙ୍କାର ପିଠା ବିକ୍ରି ହୋଇଥିଲା।

# ପୂର୍ବତଟ ରେଳବାଇ ସାଧାରଣ ପରିଚାଳକଙ୍କ ଦାମନଯୋଡ଼ି, କିରଣ୍ଡୁଲ୍ ଲାଇନ୍ ପରିଦର୍ଶନ



କୋରାପୁଟ,୧୩।୬(ସମିସ): ପୂର୍ବତଟ ରେଳବାଇର ଜେନେରାଲ୍ ମ୍ୟାନେଜର ପରମେଶ୍ୱର ଫଙ୍କୱାଲ୍ କୋରାପୁଟ ଜିଲ୍ଲା ଗସ୍ତକରି ବିଭାଗର ଭିତ୍ତିଭୂମି ବିକାଶ, ଦ୍ୱିଗୁଣିତ କାର୍ଯ୍ୟ ଏବଂ କାର୍ଯ୍ୟକ୍ଷମ ଦକ୍ଷତା ଉପରେ ଅନୁଧ୍ୟାନ କରିଛନ୍ତି। କୋରାପୁଟ ଦାମନଯୋଡ଼ି ଏବଂ କୋରାପୁଟ କିରଣ୍ଡୁଲ ଲାଇନ ପରିଦର୍ଶନ କରି ବିସ୍ତୃତ ଯାଞ୍ଚ କରିଥିଲେ। ତାଙ୍କ ସହ ଡିଭିଜନାଲ ରେଳ ପରିଚାଳକ (ରାୟଗଡ଼ା) ଅମିତାଭ ସିଙ୍ଘଲ, ଏଡିଆରଏମ (ଭିତ୍ତିଭୂମି, ୱାଲ୍ଟେୟର) ଇ. ସନ୍ତାରାମ ପ୍ରଧାନ, ମୁଖ୍ୟ ଇଞ୍ଜିନିୟର ବି ରାଜକୁମାର, ମୁଖ୍ୟ ଟ୍ରାକ ଇଞ୍ଜିନିୟର କେ ଦାନାନୁଜୟା ରାଓ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ସାମିଲ ହୋଇଥିଲେ। ଯାଞ୍ଚ ବେଳେ ଜେନେରାଲ୍ ମ୍ୟାନେଜର ଉଭୟ ଟ୍ରାଫିକ୍ ଥ୍ରୋପପୁଟ ଏବଂ ଯାତ୍ରୀଙ୍କ ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଅନେକ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ। ଯାଞ୍ଚରେ ଚାଲୁଥିବା ଭିତ୍ତିଭୂମି ପ୍ରକଳ୍ପ, ଟ୍ରାଫିକ୍ ସୁବିଧା କାର୍ଯ୍ୟ ଏବଂ ବିଭାଗରେ କାର୍ଯ୍ୟକ୍ଷମ ଉନ୍ନତି ପରି ଅନ୍ତର୍ଭୁକ୍ତ କରାଯାଇଥିଲା। ଜେନେରାଲ ମ୍ୟାନେଜର ଦାମନଯୋଡି, ଜଗଦଲପୁର ଏବଂ କିରଣ୍ଡୁଲ ଷ୍ଟେସନ ପରିଦର୍ଶନ କରିବା ସହ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଦ୍ୱିଗୁଣିତ କାର୍ଯ୍ୟର ଅଗ୍ରଗତି ଉପରେ ନଜର ରଖିବା ସହିତ ବକ୍ର, ଟନେଲ୍ ଏବଂ ରେଳ ଧାରଣାରେ ଥିବା ବିଭିନ୍ନ ସୁରକ୍ଷା ବ୍ୟବସ୍ଥା ଉପରେ ବିସ୍ତୃତ ୱିଣ୍ଡୋ ଟ୍ରେଲିଂ ଯାଞ୍ଚ କରାଯାଇଥିଲା।

## ତୁରନ୍ତ ଧାନ କ୍ରୟ ପାଇଁ ଦାବି

# ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ଘେରଉ କଲେ ଦୁଇ ପଞ୍ଚାୟତର ଚାଷୀ



ଜୟପୁର,୧୩।୬(ସମିସ): ଜୟପୁର ବ୍ଲକ୍‌ର ଟାଙ୍କୁଆ ଓ ଡଙ୍ଗରଛିଞ୍ଚି ପଞ୍ଚାୟତର ଚାଷୀମାନଙ୍କ ଧାନ ମଣ୍ଡିରେ କ୍ରୟ ହୋଇନଥିବା ଅଭିଯୋଗ ନେଇ ଜିଲ୍ଲା ଯୋଗାଣ କାର୍ଯ୍ୟାଳୟ ଘେରଉ କରିବା ସହ ତୁରନ୍ତ କିଣିବା ପାଇଁ ଦାବି କରିଛନ୍ତି। ଏହିପରି ଧାନର ମାନ ଉନ୍ନତ ରହିଥିଲେ ସୁଦ୍ଧା କଳାହାଣ୍ଡି ଜିଲ୍ଲାରୁ କଷ୍ଟମ ମିଲ ମାଲିକଙ୍କ ନିର୍ଦ୍ଦେଶରେ କ୍ରୟକାରୀ ସଂସ୍ଥା ଆଦ୍ରତା ଦର୍ଶାଇ ଧାନ କ୍ୱିଣ୍ଟାଲ ପିଛା ୫ରୁ ୧୦ କିଲୋ ପର୍ଯ୍ୟନ୍ତ ଅଧିକ ଦାବି କରୁଛନ୍ତି। ଧାନ ଉନ୍ନତମାନର ନେଇ ଚାଷୀମାନେ କଟନୀ ଛଟନୀକୁ ବିରୋଧ କରୁଥିବା ଯୋଗୁଁ କିଛି ମାତ୍ରାରେ ଧାନ କ୍ରୟ ହୋଇଥିଲେ ସୁଦ୍ଧା କଷ୍ଟମ ମିଲର୍ସ ଧାନ ଉଠାଉନାହାଁନ୍ତି। ଏହିପରି ଗତ ୪ଦିନ ହେଲାଣି ଧାନ କ୍ରୟ ସହ ଉଠାନଯିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶୁକ୍ରବାର ଡଙ୍ଗରଛିଞ୍ଚି ଲ୍ୟାମ୍ପରେ ଟୋକେନ ପ୍ରଦାନ କରାଯାଇଥିବା ଚାଷୀ ନାମସୂଚି ପ୍ରକାଶ ପାଇଥିଲେ ବି ମଣ୍ଡିରେ ଧାନ କ୍ରୟ ହୋଇନାହିଁ। ପରେ ଚାଷୀମାନେ ଯୋଗାଣ କାର୍ଯ୍ୟାଳୟରେ ପହଞ୍ଚି ଧାରଣା ଦେଇଥିଲେ। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡାଙ୍କ ଅନୁପସ୍ଥିତ ରହିଥିବା ଯୋଗୁଁ ଫୋନରେ ଚାଷୀମାନେ କଥା ହୋଇଥିଲେ। ଆସନ୍ତା ଦୁଇଦିନ ମଧ୍ୟରେ ବଲାଙ୍ଗିର ମିଲର୍ସ ମଣ୍ଡିରେ ଯୋଗଦେଇ ଧାନ କ୍ରୟ କରିବେ ବୋଲି ପ୍ରତିଶ୍ରୁତି ପରେ ଧାରଣାରୁ ଚାଷୀ ନିବୃତ ରହିଥିଲେ। ସୂଚନାଯୋଗ୍ୟ, ଡଙ୍ଗରଛିଞ୍ଚି ଏବଂ ଟାଙ୍କୁଆ ମଣ୍ଡିରେ ପ୍ରାୟ ୪୦ ଜଣ ଚାଷୀଙ୍କ ପ୍ରତ୍ୟେକ ୨ହଜାର କୁଇଣ୍ଟାଲ ରବିଧାନ ପଡ଼ିରହିଛି। ଏହିପରି ବର୍ଷା କୌଣସି ସମୟରେ ହେଲେ ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ହେବେ ବୋଲି ଚାଷୀମାନେ ଚିନ୍ତାରେ ରହିଛନ୍ତି।

# ନନ୍ଦପୁର ବ୍ଲକ୍‌ରେ ବିକାଶ ରଥ ପରିକ୍ରମା



ନନ୍ଦପୁର,୧୩।୬(ସମିସ): ନନ୍ଦପୁର ମହକୁମା ବ୍ଲକ୍ କାର୍ଯ୍ୟାଳୟରୁ "ବିକାଶ ରଥର ଶୁଭାରମ୍ଭ କରିଛନ୍ତି ବିଡିଓ ଦୁର୍ଗାପ୍ରସାଦ ଦୋରା। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ଆଭିମୁଖ୍ୟ ବଖାଣିବା ଉଦ୍ଦେଶ୍ୟରେ ବ୍ଲକର ସମସ୍ତ ପଞ୍ଚାୟତରେ ବିକାଶ ରଥ ପରିଭ୍ରମଣ କରିବ। କାର୍ଯ୍ୟକ୍ରମରେ ସିଡିପିଓ ମିନତିବାଲା ପଟ୍ଟନାୟକ, ବିଜେପି ନେତା ତଥା ପୂର୍ବତନ ସରପଞ୍ଚ ଶେଖ୍ ଗଫୁର, ଡା. ଦେବରାଜ ମୁର୍ମୁ, ଜିଡିପିଓ ବେଦାନ୍ତ ମାଝି, ବିଚିତ୍ର କୁମାର ରାଉତ ଏବଂ ବିଜେପି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# କୋରାପୁଟ ଉତ୍କଳ ମଜଦୂର ସଂଘର ସାଧାରଣ ନିର୍ବାଚନ



କୋରାପୁଟ,୧୩।୬(ସମିସ): ସ୍ଥାନୀୟ ସଂଘ କାର୍ଯ୍ୟାଳୟରେ କୋରାପୁଟ ଉତ୍କଳ ମଜଦୂର ସଂଘର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ୩୦୦୦ ଭୋଟରଙ୍କ ମଧ୍ୟରୁ ୧୫୨୪ ଭୋଟର ନିଜ ମତ ସାବ୍ୟସ୍ତ କରିଥିବା ନିର୍ବାଚନ ଅଧିକାରୀ ଆଇନଜୀବୀ ସୁନୀଲ ଜେନା ପ୍ରକାଶ କରିଛନ୍ତି। ଆଜିର ଏହି ମତଦାନ କେବଳ ସଭାପତି ଚୟନ ନିମନ୍ତେ ହୋଇଛି। ସଂଘର ସଭାପତି ପାଇଁ ସଲମନ ଖରା, ମୋହନ ମାଛ, କବିରାଜ ପରିଡ଼ା ଓ ସଲମାନ ଗରଡ଼ା ଆଦି ୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା ମଇଦାନରେ ରହିଥିଲେ। ଉପ ସଭାପତି ଭାବେ ମଧୁ ସାଗର, ସମ୍ପାଦକ ଭାବେ ସମୀର ସୁନା ଓ ଯୁଗ୍ମ ସମ୍ପାଦକ ଭାବେ ସନ୍ୟାସୀ ଖିଲ ଅପ୍ରତିଦ୍ୱନ୍ଦ୍ୱି ଭାବେ ନିର୍ବାଚିତ ହୋଇଛନ୍ତି। ପୁରୁଷ ଓ ମହିଳାଙ୍କ ପାଇଁ ଅଲଗା ଅଲଗା ଦୁଇଟି ଭୋଟଦାନ କେନ୍ଦ୍ର କରାଯାଇ ଭୋଟ ଗ୍ରହଣ କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପୁଲିସ ମଧ୍ୟ ମୁତୟନ ହୋଇଥିବା ଦେଖାଯାଇଛି। ନିର୍ବାଚନରେ ମତଦାନ ସମୟ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ରହିଥିବା ବେଳେ ୫ଟା ୧୫ରୁ ଭୋଟ ଗଣତି କାର୍ଯ୍ୟ ଆରମ୍ଭ ହୋଇଥିଲା। ନିର୍ବାଚନରେ ପ୍ରାର୍ଥୀ ସଲମନ ଖରା ୪୬୫ ଭୋଟ ପାଇଥିବା ବେଳେ ମୋହନ ମାଛ ୬୮୫ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି କବିରାଜ ପରିଡ଼ା ୧୬୬ ଖଣ୍ଡ ଭୋଟ ପାଇଥବା ବେଳେ ସଲମାନ ଗରଡ଼ା ୧୧୩ ଟି ଭୋଟ ପାଇଥିବା ଜଣାପଡ଼ିଛି। ୯୪ଟି ଭୋଟ ନାକଚ ହୋଇଛି। ଏହି ନିର୍ବାଚନରେ ମୋହନ ମାଛ ୨୨୦ ଖଣ୍ଡ ଅଧିକ ଭୋଟ ପାଇ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ସଂଘର ଉପଦେଷ୍ଟା ଗୁପ୍ତ ପ୍ରସାଦ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଆଇନଜୀବୀ ସୁନୀଲ କୁମାର ଜେନା, ଆଇନଜୀବୀ ରଞ୍ଜିତ କୁମାର ପଟ୍ଟନାୟକ, ଆଇନଜୀବୀ ନରସିଂହ ପଟ୍ଟନାୟକ, ସୁନାମ ସାଗର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

● ବିଧାୟକଙ୍କ ଆଲୋଚନା ପରେ

# ଫ୍ଲାଏ ଓଭରବିଜ୍ରରୁ କଟାଗଲା ଅନାବନା ଗଛଲତା



ରାୟଗଡ଼ା,୧୩।୬(ସମିସ): ରାୟଗଡ଼ା ଫ୍ଲାଏ ଓଭରବ୍ରିଜ୍‌ରୁ କଟାଗଲା ଅନାବନା ଗଛଲତା। ରାୟଗଡ଼ା ବିଧାୟକ କାଡ୍ରକା ଅପାଲାସ୍ୱାମୀ ଏ ନେଇ ଗତକାଲି ୩୨୬ ନମ୍ବର ଜାତୀୟ ରାଜପଥ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ବିଧାୟକଙ୍କ ସହ ଆଲୋଚନା ବେଳେ ଅଧୀକ୍ଷଣ ଯନ୍ତ୍ରୀ ଦୁଇ ଦିନ ମଧ୍ୟରେ ଅନାବନା ଗଛଲତା ଗୁଡ଼ିକୁ କାଟି ସଫା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଜି ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ ସ୍ୱରୂପ ଓଭରବ୍ରିଜ ତଳେ ଓ ଉପରେ ତଥା ପାର୍ଶ୍ୱରେ ଉଠିଥିବା ବିଭିନ୍ନ ସ୍ଥାନରୁ ଅନାବନା ଗଛ ଗୁଡ଼ିକୁ କଟାଯାଇ ସଫା କରାଯାଇଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଲୋକେ ବିଧାୟକଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ପ୍ରକାଶ ଥାଉ କି, ରାୟଗଡ଼ାର ଲାଇଫ୍ ଲାଇନ କୁହାଯାଉଥିବା ଫ୍ଲାଏ ଓଭରବ୍ରିଜରେ ୩୪ରୁ ଅଧିକ ସ୍ଥାନରେ ଅନାବନା ଗଛଲତା ଉଠିଥିବା ବେଳେ ପୋଲର ଉପର ଆବରଣ ସଂପୂର୍ଣ୍ଣ ନଷ୍ଟ ହୋଇଯିବା ସହ ୧୦୦ରୁ ଅଧିକ ସ୍ଥାନରେ ଗାତ ସୃଷ୍ଟି ହୋଇ ଏହା ବିପଦସଙ୍କୁଳ ଅବସ୍ଥାରେ ରହିଥିଲା। ଏ ନେଇ ରାୟଗଡା ବିଧାୟକ କାଡ୍ରକା ଆପଲାସ୍ୱାମୀ ଜାତୀୟ ରାଜପଥ ବିଭାଗ,ସୁନାବେଡା ଅଧୀକ୍ଷଣ ଯନ୍ତ୍ରୀଙ୍କୁ ବାରମ୍ବାର ଅବଗତ କରାଇଥିଲେ। ଗତ ବୁଧବାର ଦିନ ଅଧୀକ୍ଷଣ ଯନ୍ତ୍ରୀ ସୌମାର୍ଜନୀ ସେଠୀ ରାୟଗଡ଼ା। ଆସିଥିବାରୁ ବିଧାୟକ ତାଙ୍କୁ ବ୍ରିଜର ଶୋଚନୀୟ ଅବସ୍ଥାକୁ ଦେଖାଇବା ସହ ପଦକ୍ଷେପ ନେବାକୁ କହିଥିଲେ।

## ଦିନିକିଆ କ୍ରିକେଟ୍ ମ୍ୟାଚ୍; ଏ-ମାଲକାନଗିରି ଦଳ ବିଜୟୀ

ପୋଡ଼ାଗଡ଼,୧୩।୬(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧୀନ ଏ-ମାଲକାନଗିରି ପଞ୍ଚାୟତ ସଦର ମହକୁମାରେ ଦିନିକିଆ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେଇଯାଇଛି। ମ୍ୟାଚ୍‌ରେ ୫ଟି ଦଳ ଅଂଶଗ୍ରହଣ କରିଥିଲେ। ପାଞ୍ଚଟି ଦଳ ଖେଳ ଖେଳିବା ପରେ ଶେଷ ମ୍ୟାଚ୍‌ଟି ପାଇକ ଫୁଲବେଡ଼ା ଓ ଏ-ମାଲକାନଗିରି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପ୍ରଥମେ ପାଇକ ଫୁଲବେଡ଼ା ବ୍ୟାଟିଂ କରି ୧୪ ଓଭରରେ ୧୦ୱିକେଟ ହରାଇ ୯୮ରନ ହାସଲ କରିଥିଲା। ଏ-ମାଲକାନଗିରି ଦଳ ଦ୍ୱିତୀୟ ବ୍ୟାଟିଂ କରି ୧୪ ଓଭରରେ ୮ ୱିକେଟ ହରାଇ ୯୯ ରନ କରି ବିଜୟୀ ହୋଇଛି। ମୁଖ୍ୟଅତିଥି ଭାବେ ଯୁବ ସମାଜସେବୀ ଦେବେନ୍ଦ୍ର କୁଲଦୀପଙ୍କ ସହ ସ୍ଥାନୀୟ ସରପଞ୍ଚ କୁମୁଟି ଜାନି ଯୋଗଦେଇଥିଲେ। ଏ-ମାଲକାନଗିରି ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପାଇକ ଫୁଲବେଡ଼ା ଦଳକୁ ପୁରସ୍କୃତ କରାଯାଇଥିଲା।

# ଡ୍ରେନ୍ ସଫେଇ ପାଇଁ ଗ୍ରାମବାସୀଙ୍କ ଦାବି



ନବରଙ୍ଗପୁର/ନନ୍ଦାହାଣ୍ଡି,୧୩।୬(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ବି ମାଲିଗୁଡ଼ା ଅଧୀନ ଚିଲିଗୁଡା ଗ୍ରାମରେ ଡ୍ରେନ ସଫେଇ ପାଇଁ ଦାବି ହୋଇଛି। ଏପରିକି ଅନେକଥର ଗ୍ରାମବାସୀ ଗୁହାରି ଜଣାଇବା ସତ୍ତ୍ୱେ ମଧ କର୍ଣ୍ଣପାତ କରୁନାହାନ୍ତି ପ୍ରଶାସନ ବୋଲି ଅଭିଯୋଗ ହେଉଛି। ଗ୍ରାମ ସାରା ଖାଲି ଦୁର୍ଗନ୍ଧରେ ଫାଟି ପଡୁଛି। ଟିକେ ବାହାରକୁ ବାହାରି ବସି ପାରୁନାହାନ୍ତି ଅଞ୍ଚଳବାସୀ। ଯାହାକି ଏକ ପ୍ରକାର ଅସ୍ୱାସ୍ଥ୍ୟକର ପରିବେଶରେ ଦିନ ବିତାଉଛନ୍ତି ଗ୍ରାମବାସୀ। ଗ୍ରାମବାସୀଙ୍କ କହିବା ଅନୁସାରେ ପ୍ରଶାସନକୁ ଯେତେ ନେହୁରା ହେଲେ ବି କୌଣସି ପ୍ରକାର ସୁଫଳ ନାହିଁ। ଉକ୍ତ ଗ୍ରାମର ରାସ୍ତାକଡ଼ରେ ରହିଛି ଡ୍ରେନ, ଯାହାକି ଦୀର୍ଘଦିନ ହେବ ସଫେଇ କାମ ହୋଇନାହିଁ। ଯାହାଦ୍ୱାରା ଡ୍ରେନେର ଆବର୍ଜନା ଦୁର୍ଗନ୍ଧ ପାଣି ରାସ୍ତା ଉପରେ ଗଡ଼ି ଅସ୍ୱାସ୍ଥ୍ୟକାର ପରିବେଶ ସୃଷ୍ଟି ହେଉଛି। ପଞ୍ଚାୟତ ଅଧିକାରୀଙ୍କୁ ବାରମ୍ବାର ଜଣାଇଲେ ମଧ ସମସ୍ତେ ନିରବ ରହୁଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ଗ୍ରାମବାସୀ। ନିକଟରେ ବର୍ଷା ଋତୁ ଆସୁଛି, ଏଭଳି ପରିବେଶରେ ଅଞ୍ଚଳବାସୀ ଦିନ ବିତାଉଥିବାରୁ ମ୍ୟାଲେରିଆ ଏପରିକି ଡାଇରିଆ ବ୍ୟାପିପାରେ ବୋଲି ଚିନ୍ତାରେ ଗ୍ରାମବାସୀ। ଏଥିପ୍ରତି ଦୃଷ୍ଟିଦେଇ ଡ୍ରେନ ସଫା କରିବାକୁ କାଉନସିଲର ବୁଟି ହରିଜନ, ମଧୁ ହରିଜନ, ଗୋବର୍ଦ୍ଧନ ହରିଜନ, ପୁରୁଷୋତ୍ତମ ହରିଜନ, ଦାସ ହରିଜନ, ଖଞ୍ଜନା ହରିଜନ, ମୀନ ହରିଜନ, ତ୍ରିନାଥ ହରିଜନ, ଯଦୁ ହରିଜନ, ନିର ହରିଜନ, ରାମେଶ୍ୱର ହରିଜନ, ନରେନ୍ଦ୍ର ହରିଜନ, ଗୋବିନ୍ଦ ହରିଜନ, ନୀତ ହରିଜନ, ଜଗବନ୍ଧୁ ହରିଜନ, ଧରମା ହରିଜନ, ଗୋରି ହରିଜନ, ବୈଦି ହରିଜନ, ସୁଶିଲା ହରିଜନ ପ୍ରମୁଖ ଗ୍ରାମବାସୀ ଜିଲ୍ଲା ଏବଂ ବ୍ଲକ୍ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

# ଜବରଦଖଲ ଉଚ୍ଛେଦ ବିରୋଧରେ ତହସିଲଦାରଙ୍କୁ ଦାବିପତ୍ର



ଝରିଗାଁ,୧୩।୬(ସମିସ): ଝରିଗାଁ ବ୍ଲକ୍‌ରେ ପୁରୁଷ ପୁରୁଷ ଧରି ଆଦିବାସୀ ଦଳିତ ଓ ବିଭିନ୍ନ ସମ୍ପ୍ରଦାୟର ଲୋକ ଦୋକାନ ଗୃହ ଏବଂ ବାସଗୃହ କରି ରହୁଥିବା ବେଳେ ଅନେକାଂଶଙ୍କ ପାଖରେ ଜମିପଟ୍ଟା ନାହିଁ। ବ୍ଲକର ୯୦ ପ୍ରତିଶତ ଲୋକଙ୍କର ଘରଡିହ ପଟ୍ଟା ମଧ୍ୟ ନାହିଁ। ସରକାରୀ ଓ ଜଙ୍ଗଲ କିସମ ଜମିରେ ଦୀର୍ଘ ୮୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଦୋକାନ ଗୃହକରି ଲୋକମାନେ ବ୍ୟବସାୟ କରିବା ସହିତ ନିଜର ପରିବାରର ଭରଣପୋଷଣ କରନ୍ତି। ବିଗତ କିଛିଦିନ ତଳେ ଝରିଗାଁ ବ୍ଲକର ହାତିବାଡ଼ି ଓ ଉମରକୋଟ ବ୍ଲକର ମେଦାବେଡ଼ା ଅଞ୍ଚଳରେ ରାଜସ୍ୱ ବିଭାଗ ପକ୍ଷରୁ ଜବର ଦଖଲ ଉଚ୍ଛେଦ କରାଯାଇଥିଲା। ଝରିଗାଁ ସଦର ମହକୁମାରେ ମଧ୍ୟ ରାଜସ୍ୱ ବିଭାଗ ତରଫରୁ କିଛି ଦୋକାନୀଙ୍କୁ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ କରାଯାଇଛି। ଏନେଇ ଝରିଗାଁରେ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ହେବା ସହିତ ଭୟ ସୃଷ୍ଟି ହୋଇଛି। ଶୁକ୍ରବାର ଝରିଗାଁ ବଣିକ ସଂଘ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜବରଦଖଲ ଉଚ୍ଛେଦ ଅଭିଯାନକୁ ବିରୋଧ କରିବା ସହିତ ସ୍ଥାନୀୟ ବ୍ୟବସାୟୀମାନଙ୍କୁ ସେମାନେ ଦଖଲ କରିଥିବା ସରକାରୀ ଜାଗାକୁ ଥଇଥାନ ନକରି ଉଚ୍ଛେଦ କଲେ ପାଖାପାଖି ୩୦୦ ପରିବାର ନିଜର ଜୀବନ ଜୀବିକା ହରାଇବା ସହିତ ବେରୋଜଗାର ହୋଇଯିବେ ବୋଲି ଆଲୋଚନା ହୋଇଥିଲା। ଏହାପରେ ସଂଘର ସମସ୍ତ ସଦସ୍ୟ ସ୍ଥାନୀୟ ତହସିଲଦାରଙ୍କୁ ଜବରଦଖଲ ଉଚ୍ଛେଦ ବିରୋଧରେ ଦାବିପତ୍ର ପ୍ରଦାନ କରିଛନ୍ତି।

# ଗାନ୍ଧୀଛକ କେନାଲ ରୋଡ୍‌ରେ ଜବରଦଖଲ ଉଚ୍ଛେଦ



> ଗରିବ ଅସ୍ଥାୟୀ ଦୋକାନୀଙ୍କୁ ଉଠାଯାଉଛି
> ଧନୀ ବ୍ୟବସାୟୀଙ୍କ ଜବରଦଖଲକୁ ଅଣଦେଖା ଅଭିଯୋଗ

ଜୟପୁର,୧୩।୬(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ଗାନ୍ଧୀଛକରୁ ଗଡ଼ପଦର ଗ୍ରାମକୁ ମୁଖ୍ୟ କେନାଲ ରାସ୍ତାରେ ଜବରଦଖଲ କରାଯାଇ ନିର୍ମାଣ ହୋଇଥିବା ଦୋକାନ ଗୃହଗୁଡ଼ିକକୁ ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଛି। କିଛି ଅସ୍ଥାୟୀ ଉଠାଦୋକାନ ଭାଡ଼ି ରହିଥିବା ବେଳେ ଅନେକ ସ୍ଥାନୀୟ ଭାବେ ଟିଣଛପର ନିର୍ମାଣ କରିଥିଲେ। ଏହି ଅଞ୍ଚଳରେ ମୁଖ୍ୟତଃ ଭାରୀଯାନ ଏବଂ ୪ଚକିଆ ମରାମତି ଗ୍ୟାରେଜ ନିର୍ମାଣ କରାଯାଇ ଜବରଦଖଲରେ ରହିଥିଲା। ଗତ ୧୧ ତାରିଖରେ ସମସ୍ତ ୩୨ ଜଣ ଜବରଦଖଲକାରୀ ଦୋକାନୀଙ୍କୁ ନୋଟିସ ଜାରି କରାଯାଇଥିଲା। ୩ ଦିନ ମଧ୍ୟରେ ନିଜ ନିଜେ ସରକାରୀ ଜମିକୁ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯିବାସହ ଅନ୍ୟଥା ଜବରଦଖଲ ଉଚ୍ଛେଦ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଶୁକ୍ରବାର ପୌରସଂସ୍ଥା ଓ ତହସିଲ ବିଭାଗ ମିଳିତ ଭାବେ ଉଚ୍ଛେଦ କାର୍ଯ୍ୟ ପୂର୍ବାହ୍ନ ୯ଟା ବେଳୁ ଆରମ୍ଭ କରିଥିଲେ। ଏଥିରେ ଅଧିକାଂଶ ଅସ୍ଥାୟୀ ଉଠା ଭାଡ଼ି ରହିଥିବା ବେଳେ, ୨ଟି ଟିଣ ଛପର ମଟର ସଂଘ କାର୍ଯ୍ୟାଳୟକୁ ଭଙ୍ଗା ଯାଇଥିଲା। ଏଠାରେ କେବଳ ଗାଡ଼ି ମରାମତି ଗ୍ୟାରେଜ ରହିଥିବା ଯୋଗୁଁ ତୁରନ୍ତ ସରକାରୀ ଜମି ପ୍ରଦାନ କରାଯାଇ ଅଟୋ ନଗର ନିର୍ମାଣ କରିବାକୁ ଦାବି କରାଯାଇଛି। ଏଠାରେ କେବଳ ଭାରୀଯାନ ଏବଂ ୪ ଚକିଆଯାନ ମରାମତି ନିମନ୍ତେ ପ୍ରାୟ ୩୨ଟି ଦୋକାନ ରହିଥିବା ବେଳେ ୨୫୦ ଜଣ ମେକାନିକ ଦୈନନ୍ଦିନ ଜୀବନଜୀବିକା ପାଇଁ ନିର୍ଭର କରୁଛନ୍ତି। ତେଣୁ ତୁରନ୍ତ ପ୍ରଶାସନ ପକ୍ଷରୁ ସହକାରୀ ଜମି ସୋମବାର ସୁଦ୍ଧା ପ୍ରଦାନ କରିବାକୁ ଦାବି କରାଯାଇଛି। ଏହିପରି ସ୍ଥାନୀୟ ଗନ୍ଧୀଛକ ଦୁର୍ଗାମଣ୍ଡପ ପଛ ପାଖରେ ୪ଟି ଛାତଷ୍ଟଲ୍ ସରକାରୀ ଜମିରେ ରହିଛି। ଏହାର ମାଲିକମାନେ ସ୍ଥାନୀୟ ଗାନ୍ଧୀଛକ ଅଞ୍ଚଳର ଧନୀ ବ୍ୟବସାୟୀ ହୋଇଥିବା ଯୋଗୁଁ ସେମାନଙ୍କ ଷ୍ଟଲ ଭଙ୍ଗା ନଯିବାକୁ ନେଇ ସ୍ଥାନୀୟ ଗ୍ୟାରେଜ ମେକାନିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଇଛି। ପ୍ରଶାସନ ପକ୍ଷରୁ ପାତର ଅନ୍ତର କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଜବରଦଖଲ ଉଚ୍ଛେଦ ବେଳେ ସହକାରୀ ଜିଲ୍ଲାପାଳ ସନିଆ ନାୟକ, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ପୂଜା ରାଉତ, ରାଜସ୍ୱ ପରିଦର୍ଶକ ହରିହର ଶତପଥୀ, ଦିଲ୍ଲୀପ ପ୍ରଧାନ, ରାଜସ୍ୱ ନିରୀକ୍ଷକ ଶ୍ରଦ୍ଧା ହନ୍ତାଲ, ଅଶୋକ ପ୍ରଧାନ, ପୌରସଂସ୍ଥାର ଅମିନ ଅଭିନାଶ ସାନ୍ତାପାତ୍ର, ଶୁଭସ୍ମିତା ଜେନା, ସ୍ୱାସ୍ଥ୍ୟ ନିରୀକ୍ଷକ ଭୁବନୀ ହାଲବା ଓ ସତ୍ୟନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

● ଉତ୍କଳ କରାଟେ ସ୍କୁଲ୍‌ର ଗର୍ବ

# ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ ୫ ଛାତ୍ରଛାତ୍ରୀ







ସେମିଳିଗୁଡ଼ା,୧୩।୬(ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଅଞ୍ଚଳର ଉତ୍କଳ କରାଟେ ସ୍କୁଲର ୫ ଜଣ ଛାତ୍ରଛାତ୍ରୀ ୧୨ରୁ ୧୫ ଜୁନ ଯାଏଁ ଉତ୍ତରାଖଣ୍ଡର ଦେହରାଦୂନରେ ଆୟୋଜିତ ହୋଇଥିବା ୪ର୍ଥ କେଆଇଓ କରାଟେ ନ୍ୟାସନାଲ ଚାମ୍ପିଅନସିପରେ ଓଡ଼ିଶାରୁ ଅଂଶଗ୍ରହଣ କରିବେ। ଚାମ୍ପିଅନସିପ କରାଟେ ଇଣ୍ଡିଆ ଅର୍ଗାନାଇଜେସନ (କେଆଇଓ) ଦ୍ୱାରା ଆୟୋଜିତ ହେଉଛି। ୫ ଛାତ୍ରଛାତ୍ରୀ ସମ୍ପୂର୍ଣ୍ଣ ରାଜ୍ୟସ୍ତରରେ ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି। ଜାତୀୟସ୍ତରୀୟରେ ରୁଦ୍ରାନ୍ସ କୁମାର ସାମଲ, ଅକାଂକ୍ଷ୍ୟା ମହାନ୍ତି, ଶିବପ୍ରୀତ ଚନ୍ଦନ ସ୍ୱାଇଁ, ତପସ୍ୱିନୀ ନାୟକ ଓ ଦୀପ୍ତି ନମ୍ବଦେଓ ଯୋଗ ଦେବେ। ତାଙ୍କ ସହ ଓଡ଼ିଶା ଟିମ୍ କୋଚ୍ ଭାବେ ସେନ୍ସେଇ ରାଜେନ୍ଦ୍ର ସାମଲ ମଧ୍ୟ ଅଂଶଗ୍ରହଣ କରିଛନ୍ତି। ଏହି ଦଳ ୧୧ ତାରିଖରେ ଦେହରାଦୂନ ପାଇଁ ଯାତ୍ରା ଆରମ୍ଭ କରିଥିଲେ। ଏହି ଅବସରରେ କୋରାପୁଟ ଜିଲ୍ଲା କରାଟେ ଆସୋସିଏସନର ସଚିବ ଦୁର୍ଗାପ୍ରସାଦ ରଥ ଓ ଉତ୍କଳ କରାଟେ ସ୍କୁଲ, ସେମିଳିଗୁଡ଼ାର ଅଧକ୍ଷ ମନୋଜ ପଟ୍ଟନାୟକ ତାଙ୍କୁ ଅଭିନନ୍ଦନ ଓ ଜୟ ହେବା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଗୌରବ ଉପଲକ୍ଷେ ସମସ୍ତ ସେମିଳିଗୁଡ଼ା ଓ କୋରାପୁଟ ଅଞ୍ଚଳର ଲୋକମାନେ ଗର୍ବିତ ଓ ଆନନ୍ଦିତ ଅନୁଭବ କରୁଛନ୍ତି।

# ଦୁଇଥର ସରିଲାଣି ଅବଧି

## ତଥାପି ଅଧପନ୍ତରିଆ ଗ୍ରାମ୍ୟ ଉନ୍ନୟନ ରାସ୍ତା

ନିଶ୍ଚିନ୍ତକୋଇଲି, ୧୩।୬(ସମିସ)



ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ନତକାଇ ବୁଢୀଜାଗୁଳାଇଠାରୁ ମହାଜନପୁର (ବାହାବଳପୁର) ପୋଲ ପର୍ଯ୍ୟନ୍ତ ରାସ୍ତାକୁ ଗ୍ରାମ ଉନ୍ନୟନ ରାସ୍ତାରେ ଅନ୍ତର୍ଗତ କରାଯାଇ ବିଭାଗ ପକ୍ଷରୁ ଦୁଇ ବର୍ଷ ହେବ ଏହାର କାର୍ଯ୍ୟ ଚାଲିଛି। ରାସ୍ତା ନିର୍ମାଣ ଶେଷ ହେବାର ଅବଧି ଦୁଇ ଥର ସରିଗଲାଣି ହେଲେ ଅଧପନ୍ତରିଆ ଭାବେ ଏହି ରାସ୍ତା ପଡ଼ି ରହିଛି। ଉକ୍ତ ରାସ୍ତାକୁ ମାଟି ପକାଯାଇ ଉଚ୍ଚା ଓ ଓସାରିଆ କରାଯାଇଥିବାରୁ ଟିକିଏ ବର୍ଷା ହେଲେ ରାସ୍ତାରେ ପଡ଼ିଥିବା ମାଟି ଏଭଳି କର୍ଦ୍ଦମାକ୍ତ ପାଲଟୁଛି ଯେ ଏଥିରେ ଯାତାୟାତ କରିବା ସମ୍ଭବପର ହେଉନାହିଁ। ଫଳରେ ଲୋକମାନେ ଯାତାୟାତ କରିପାରୁ ନ ଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ବିଗତ ସରକାରଙ୍କ ଅମଳରେ ଉକ୍ତ ରାସ୍ତାର ଉନ୍ନତିକରଣ ପାଇଁ ୫ କୋଟି ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। ଏହି ୬ କିମି ଦୈର୍ଘ୍ୟ ବିଶିଷ୍ଟ ରାସ୍ତାକୁ ୧୮ ଫୁଟ ଓସାର କରାଯିବ ଏବଂ ଏଥିରେ ୧୨ଫୁଟ ପିଚୁ ଆବଶ୍ୟକ ପଡ଼ିଲେ ଢଳେଇ ରାସ୍ତାରେ ପରିଣତ କରାଯିବା ପାଇଁ ଏଷ୍ଟିମେଟ କରାଯାଇଥିଲା। ଉକ୍ତ କାର୍ଯ୍ୟ କରିବା ପାଇଁ ଉତ୍ତରପ୍ରଦେଶର ଜନୈକ ଠିକାଦାରଙ୍କୁ ଟେଣ୍ଡର ମାଧ୍ୟମରେ ଦିଆଯାଇଥିଲା। ସମ୍ପୃକ୍ତ ଠିକାଦାର ଏହି କାର୍ଯ୍ୟ ବହୁ ମନ୍ଥର ଗତିରେ କରୁଥିବା ବେଳେ ନିର୍ମାଣ ଅବଧି ଶେଷ ହୋଇଯାଉଛି ହେଲେ କାର୍ଯ୍ୟ ସରୁନାହିଁ। ବିଭିନ୍ନ ଆଳ ଦେଖାଇ ଠିକାଦାର ଜଣକ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଅଧିକ ସମୟ ଆଣୁଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। ବିଗତ ୬ ମାସ ହେବ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇ ପଡ଼ିଛି। ରାସ୍ତାର ଅନେକ ଅଂଶକୁ ୧୨ ଫୁଟ ଢଳେଇ କରାଯାଇଥିଲେ ମଧ୍ୟ ଏହା ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଠିକାଦାର ଜଣକ କାର୍ଯ୍ୟ ଆରମ୍ଭ ପୂର୍ବରୁ ଏଗ୍ରିମେଣ୍ଟ ଅନୁଯାୟୀ କି କି କାର୍ଯ୍ୟ କରାଯିବ ତାହାର କୌଣସି ସୂଚନା ଫଳକ ମାରି ନ ଥିବା ବେଳେ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ରାସ୍ତା ନିର୍ମାଣ ସମୟରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ସଠିକ୍ ଭାବେ ତଦାରଖ କରାଯାଉ ନ ଥିବା ରାସ୍ତାର ଅବସ୍ଥା ଏଭଳି ପଡ଼ି ରହିଥିବା ଜଣାଯାଇଛି। ବିଭାଗୀୟ ଅଧିକାରୀ ଚୁପ୍‌ଚାପ୍ ରହୁଥିବାରୁ ରାସ୍ତା କାର୍ଯ୍ୟ ଅଧପନ୍ତରିଆ ଭାବେ ପଡ଼ିରହିଥିବା ବେଳେ ଟିକିଏ ବର୍ଷା ହେଲେ ଏହି ରାସ୍ତାରେ ଯାତାୟତ କରିବାକୁ ବହୁ ସମସ୍ୟା ଭୋଗୁଛନ୍ତି। କଟକ-ଚାନ୍ଦବାଲି ରାସ୍ତାକୁ ସଂଯୋଗ କରୁଥିବା ବାହାବଳପୁର ପୋଲ ନିକଟରୁ କେନାଲ ବନ୍ଧ ଦେଇ ଯାଇଥିବା ଏହି ରାସ୍ତା ବର୍ତ୍ତମାନ କାଦୁଅରେ ପରିପୂର୍ଣ୍ଣ ହୋଇ ରହିଥିବାରୁ ଏହା ଯାତାୟାତ ଉପଯୋଗୀ ହୋଇପାରୁ ନାହିଁ। ତୁରନ୍ତ ଉକ୍ତ ରାସ୍ତା କାର୍ଯ୍ୟ ଶେଷ କରିବା ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଗୋପୀନାଥପୁର ହାଟରୁ ଚୋରି ହେଲାଣି ୬୦ରୁ ଊର୍ଦ୍ଧ୍ୱ ମୋବାଇଲ

ବଡମ୍ବା, ୧୩।୬(ସମିସ): ବଡମ୍ବା ଥାନା ଅଧୀନ ଗୋପୀନାଥପୁର ଗ୍ରାମ ପଞ୍ଚାୟତ ହାଟ ମଙ୍ଗଳବାର ଓ ଶୁକ୍ରବାର ଦୁଇଦିନ ବସିଥାଏ। ଆଖପାଖ ୬ଟି ପଞ୍ଚାୟତର ଗ୍ରାମବାସୀ ଏହି ହାଟ ଉପରେ ନିର୍ଭର କରିଥାନ୍ତି। ହାଟ ପାଳିରେ ଏଠାରେ ପ୍ରବଳ ଗହଳି ଲାଗିଥାଏ। ତେବେ ଏହି ଗହଳିର ସୁଯୋଗ ନେଇ ଗଥ କିଛିଦିନ ହେବ ପାଖାପାଖି ୬୦ରୁ ଊର୍ଦ୍ଧ୍ୱ ମୋବାଇଲ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବିଶେଷ କରି ଏ ଚୋରି କାର୍ଯ୍ୟରେ ବାହାର ଅଞ୍ଚଳର ଛୋଟ ପିଲାଙ୍କୁ ବ୍ୟବହାର କରି ମୋବାଇଲ ଚୋରି କରାଯାଉଛି। ଏହା ପଛରେ ଏକ ବଡ଼ ଗ୍ୟାଙ୍ଗ ସମ୍ପୃକ୍ତ ଥିବାର ଅଭିଯୋଗ ହେଉଛି। ଛୋଟ ପିଲାଙ୍କୁ କିଏ ଏଭଳି କାର୍ଯ୍ୟରେ ବ୍ୟବହାର କରୁଛି ଏହାର ତଦନ୍ତ ହେବାର ଆବଶ୍ୟକତା ରହିଛି। ସାଧାରଣ ଲୋକେ ମୋବାଇଲ ଚୋରକୁ ଧରି ବଡମ୍ବା ପୁଲିସକୁ ହସ୍ତାନ୍ତର କରୁଛନ୍ତି ହେଲେ ଗୋଟେ ହେଲେ ଚୋରା ମୋବାଇଲ ଫୋନ ଧରିପାରୁନି ପୁଲିସ। ସାଧାରଣ ଲୋକେ ବଡମ୍ବା ଥାନାରେ ମୋବାଇଲ ଚୋରି ନେଇ ଅଭିଯୋଗ କରୁଥିଲେ ମଧ୍ୟ ପୁଲିସର କାର୍ଯ୍ୟାନୁଷ୍ଠାନ ଶୂନ। ପୁଲିସ ପାଖରେ ଅତ୍ୟାଧୁନିକ ସୁବିଧା ଥିବା ବେଳେ କାହିଁକି ଏହାର

- ମୁଖ୍ୟ ଆସାମୀ ନିକଟରେ ପହଞ୍ଚିପାରୁନି ପୁଲିସ

ମାଷ୍ଟରମାଇଣ୍ଡକୁ ବଡମ୍ବା ପୁଲିସ ଧରିପାରୁ ନାହିଁ ସେ ନେଇ ସାଧାରଣ ଲୋକେ ପ୍ରଶ୍ନ ଉଠାଇବା ଆରମ୍ଭ କଲେଣି। ଆଜି ଏକ ନାବାଳକ ମୋବାଇଲ ଚୋରକୁ ଧରି ବଡମ୍ବା ପୁଲିସ ଜିମା ଦେଇଥିଲେ ସାଧାରଣ ଲୋକେ। ହେଲେ ଏହା ପଛରେ ଥିବା ମାଷ୍ଟରମାଇଣ୍ଡକୁ ଧରିବାକୁ ବଡମ୍ବା ପୁଲିସ ବିଫଳ ହୋଇଛି।

## ସର୍ପାଘାତରେ ମହିଳାଙ୍କ ମୃତ୍ୟୁ

ନରସିଂହପୁର, ୧୩।୬(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ନୂଆ ଫୁଲପଡ଼ା ଗ୍ରାମରେ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି।



ମୃତ ମହିଳା ଜଣଙ୍କ ବିରଞ୍ଚି ବେହେରାଙ୍କ ପତ୍ନୀ ଶାନ୍ତିଲତା ବେହେରା (୪୭) ବୋଲି ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ, ଶାନ୍ତିଲତା ଗତକାଲି ବିଳମ୍ବିତ ରାତିରେ ଶୋଇଥିବା ସମୟରେ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଶାନ୍ତିଲତାଙ୍କୁ ପ୍ରଥମେ ଚିକିତ୍ସା ପାଇଁ ନରସିଂହପୁର ମେଡିକାଲକୁ ଆଣିଥିବା ବେଳେ ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ଅଧିକ ଚିକିତ୍ସା ପାଇଁ ପଠାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଟିଗିରିଆରେ ଅବକାରୀ ଚଢ଼ଉ



ଟିଗିରିଆ, ୧୩।୬(ସମିସ): ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଏବଂ ଆଠଗଡ଼ ଅବକାରୀ ଉପଅଧୀକ୍ଷକ ସିଏଚ ତିରୁପତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତ ସ୍ଥିତ ପଣସପାଟଣା ଗ୍ରାମରେ ଆଠଗଡ଼ ଅବକାରୀ ବିଭାଗ ଓ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଏକ ମିଳିତ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉରେ ୪୮୫୦ଲିଟର ଦେଶୀ ମଦ ସହ ୧୭ ହଜାର ୧୫୦ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଏହି ଚଢ଼ଉରେ କାହାକୁ ଗିରଫ କରାଯାଇ ନ ଥିବା ବେଳେ ୫ଟି ମାମଲା ରୁଜୁ କରାଯାଇଛି। ଏହି ଚଢ଼ଉରେ ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ଉପନିରୀକ୍ଷକ ଅରୁଣ ଭୋଇ, ଅବକାରୀ ଗୁଇନ୍ଦା ବିଭାଗ ଉପନିରୀକ୍ଷକ ବାଳବିର ଗଡ଼ନାୟକଙ୍କ ସମେତ ଅନ୍ୟାନ୍ୟ ଅବକାରୀ କର୍ମଚାରୀ ଉପସ୍ଥିତ ଥିଲେ।

## ସାମାଜିକ କର୍ମୀଙ୍କ ପରଲୋକ

ଟାଙ୍ଗୀ, ୧୩।୬(ସମିସ): ବ୍ରେନ୍ ଷ୍ଟ୍ରୋକ ଯୋଗୁଁ ବୁଧବାର ରାତିରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ ହାତୁଓତା ବାସିନ୍ଦା ତଥା ସାମାଜିକ କର୍ମୀ ଗଣେଶ ପ୍ରସାଦ ପୃଷ୍ଟି (୫୬)ଙ୍କ ପରଲୋକ ଘଟିଛି। ଭଦ୍ରକ



ଜିଲ୍ଲା ତାଳପଦାର ମୂଳ ବାସିନ୍ଦା ସ୍ୱର୍ଗତଃ ପୃଷ୍ଟି ଟାଙ୍ଗୀ ଅଞ୍ଚଳରେ ପିଲାବେଳୁ ରହି କାଳକ୍ରମେ ସ୍ଥାୟୀ ବାସିନ୍ଦା ପାଲଟିଥିଲେ। ବିଭିନ୍ନ ପ୍ରକାର ବ୍ୟବସାୟ ପରେ ଶେଷ ଜୀବନରେ ପଦ୍ମିନୀ କେୟାରରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ନିଜର ବ୍ୟବହାର, ପରୋପକାରିତା ଓ ସାମାଜିକ କାର୍ଯ୍ୟ ଯୋଗୁଁ ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସ୍ୱର୍ଗତଃ ପୃଷ୍ଟିଙ୍କ ମୃତ୍ୟୁ ଖବର ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଥିବାବେଳେ ଡ୍ରିମ୍ବର ପ୍ରତିଷ୍ଠାତା ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ, ପ୍ରାକ୍ତନ ସରପଞ୍ଚ ପ୍ରଦୀପ୍ତ ଷଡ଼ଙ୍ଗୀ, ଆମ୍ବା ଅଧକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ସାମାଜିକ କର୍ମୀ ଚୈତନ୍ୟ ପ୍ରସାଦ ଷଡ଼ଙ୍ଗୀ ଓ ମଦନମୋହନ ସାହାଣୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

କଟକ, ୧୩।୬(ସମିସ): ସାଲେପୁର ଆଜି ସକାଳ ପ୍ରାୟ ସାତଟା ସମୟରେ କଟକ-ସାଲେପୁର ରାସ୍ତାର ନାନ୍ଦୋଳ ବଜାର ନିକଟରେ ରାସ୍ତା କଡ଼ରେ ଛିଡା ହୋଇଥିବା ଏକ ଟ୍ରକ ପଛରେ ବାଇକ ଚାଳକ ଜଣକ ପିଟିହୋଇ ମୃତ୍ୟୁବରଣ କରିଛନ୍ତି। କଟକରୁ ସାଲେପୁର ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଏକ ମଟରସାଇକଲ ଭାରସାମ୍ୟ ହରାଇ ଟ୍ରକ ପଛରେ ପିଟିହୋଇ ଯିବାରୁ ମଟରସାଇକେଲ ଚାଳକ ମୟୂରଭଞ୍ଜର ରାଇରଙ୍ଗପୁର ଅଞ୍ଚଳର ସୁନ୍ଦରମୋହନ ସୋରେନ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ଡାକ୍ତରଖାନାକୁ ପଠାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ସୁନ୍ଦରମୋହନ ସାଲେପୁର ଅଞ୍ଚଳରେ ଥିବା କଳାରୁଦ୍ର ଗେଷ୍ଟ ହାଉସରେ ଭଡା ସୂତ୍ରରେ ରହି ଆସୁଥିଲେ। ଖବର ପାଇ ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଚାଲୁ ରଖିଛି।

## ଦୁର୍ଘଟଣାରେ ସାମ୍ବାଦିକ ଆହତ

ନିଶ୍ଚିନ୍ତକୋଇଲି, ୧୩।୬(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ସାମ୍ବାଦିକ ରତ୍ନାକର ବାରିକ ଗୁରୁବାର ରାତ୍ରିରେ ଏକ ସଡକ ଦୁର୍ଘଟଣାରେ ଆହତ ହୋଇଛନ୍ତି। ଖବର ପ୍ରେରଣ କାର୍ଯ୍ୟ ସାରି ତାଙ୍କ ନେମାଳସ୍ଥିତ ବାସଭବନକୁ ସ୍କୁଟି ଯୋଗେ ଫେରୁଥିବା ବାଟରେ ଏକ ଅଜଣା ଗାଡି ସାଇଡ୍ ମାରି ଚାଲିଯିବାରୁ ସେ ଭାରସାମ୍ୟ ହରାଇ ଗାଡିରୁ ତଳେ ପଡ଼ିଯାଇଥିଲେ। ଏହି ଦୁର୍ଘଟଣାରେ ତାଙ୍କ ଶରୀରରେ ଶକ୍ତ ଆଘାତ ଲାଗିଥିବା ବେଳେ ଡାହାଣ ପାଖ ହାତ ଓ କାନ୍ଧ ଭାଙ୍ଗିଯାଇଛି। ଦୁର୍ଘଟଣାସ୍ଥଳରୁ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ ମେଡିକାଲ ପଠାଇଥିଲେ। ବର୍ତ୍ତମାନ ସେ ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ ମେଡିକାଲରେ ଥିବା ବେଳେ ତାଙ୍କର ବହୁ ଆତ୍ମୀୟସ୍ୱଜନ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ନିର୍ବାଣ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସମାଜସେବୀ ରାଜେଶ ସାହୁ ଓ ସୁକାନ୍ତ ମଢେଇ ତାଙ୍କୁ ସାକ୍ଷାତ୍ କରି ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହାଛଡା ତାଙ୍କର ଏଭଳି ଅବସ୍ଥା ହୋଇଥିବା ଖବର ପାଇ ବହୁ ସାମ୍ବାଦିକମାନେ ତାଙ୍କର ଆରୋଗ୍ୟ କାମନା କରିଛନ୍ତି।

## ବିମାନ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କୁ ଓଷ୍ଟା ପକ୍ଷରୁ ଶ୍ରଦ୍ଧାଞ୍ଜଳି

କଟକ, ୧୩।୬(ସମିସ): ଗୁଜୁରାଟର ଅହମ୍ମଦାବାଦ୍‌ରୁ ଲଣ୍ଡନ ଅଭିମୁଖେ ୨୪୨ ଜଣ ଯାତ୍ରୀଙ୍କୁ ନେଇ ଉଡ଼ାଣ ଭରିଥିବା ଏୟାର ଇଣ୍ଡିଆର ଏକ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଯାତ୍ରା କରୁଥିବା ୨୪୧ ଜଣ ଯାତ୍ରୀ ନିହତ ହୋଇଛନ୍ତି। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଗଭୀର ଦୁଃଖ ପ୍ରକାଶ କରିଛି ବୋଲି ସଂଗଠନର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି। ସୂଚନାଥାଉକି, ଗୁଜୁରାଟର ଅହମ୍ମଦାବାଦ୍ ବିମାନ ବନ୍ଦରରୁ ଏକ ଯାତ୍ରୀବାହୀ ବିମାନ ଲଣ୍ଡନ ଅଭିମୁଖେ ଉଡ଼ାଣ ଭରିବାର ମାତ୍ର କେଇ ମିନିଟ୍ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଯାତ୍ରାକରୁଥିବା ୨୪୧ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଏଭଳି ଦୁଃଖଦ ଓ ଲୋମହର୍ଷଣକାରୀ ଦୁର୍ଘଟଣାରେ ଓଷ୍ଟା ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସହିତ ସଂଗଠନର ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ଶିକ୍ଷା ପ୍ରଦୀପ ସମ୍ପାଦକ ଶଙ୍କର ସୁବୁଦ୍ଧି ପ୍ରମୁଖ ଦୁର୍ଘଟଣାରେ ମୃତାହତ ସମସ୍ତ ଯାତ୍ରୀ ତଥା ବ୍ୟକ୍ତିବିଶେଷଙ୍କ ଅମରଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ଏବଂ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି।

# ବିଭିନ୍ନ ସ୍ଥାନରେ ବିକାଶ ବାହାନ ଯାତ୍ରା ଶୁଭାରମ୍ଭ

ନିଆଳି, ୧୩।୬(ସମିସ): ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ ସାରା ଓଡ଼ିଶାରେ ବିକାଶ ବାହାନ ଯାତ୍ରା ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ନିଆଳି ବ୍ଲକରେ ନିଆଳି ପଞ୍ଚାୟତ ସମିତି ପକ୍ଷରୁ ନୂଆଗାଁ ପଞ୍ଚାୟତରେ ବିକାଶ ବାହାନ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ବିଧାୟକ ଛବି ମଲ୍ଲିକ



ମୁଖ୍ୟଅତିଥି ଭାବେ ଯୋଗଦେଇ ନୂଆଗାଁ ଛକ ଠାରେ ଏହି ବିକାଶ ବାହାନା ଯାତ୍ରାକୁ ପତାକା ହଲାଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ପରେ ସେଠାରୁ ଏକ ଶୋଭାଯାତ୍ରାରେ ନୂଆଗାଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। କାର୍ଯ୍ୟକ୍ରମରେ ତହସିଲଦାର ତାରେଣୀ ରଞ୍ଜନ ରାୟ, ବିଡିଓ ଧର୍ମରଞ୍ଜନ ପଣ୍ଡା, ଏବିଡିଓ ପଲ୍ଲବୀ ରାଉତ, ବିଜେପି ନେତା ଶଶିକାନ୍ତ ଲେଙ୍କା, ନୂଆଗାଁ ସରପଞ୍ଚ ଜ୍ୟୋତିରଞ୍ଜନ ମଲ୍ଲିକଙ୍କ ସମେତ ଗଣେଶ୍ୱର ମିଶ୍ର, ସନ୍ତୋଷ ବିଶ୍ୱାଳ ପ୍ରମୁଖ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।

### ଚୌଦ୍ୱାର

ଚୌଦ୍ୱାରରେ ବିକାଶ ବାହନ ରଥର ଶୁଭାରମ୍ଭ ଗୁରୁବାର ଠାରୁ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଚୌଦ୍ୱାର ପୌରପାଳିକା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ଟିମ ଲିଡର ଅକ୍ଷୟ ମିଶ୍ର, ସଞ୍ଜୟ ସାମନ୍ତ, ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ ପ୍ରମୁଖ ପୌରକାର୍ଯ୍ୟାଳୟରେ ଉପସ୍ଥିତ ରହି ବିକାଶ ବାହନକୁ ଉଦ୍‌ଘାଟନ



କରିଥିଲେ। ଏହି ବାହନ ପୌରପାଳିକାର ୧୯ଟି ୱାର୍ଡ ପରିକ୍ରମା କରି ଲୋକଙ୍କୁ ରାଜ୍ୟ ସରକାରଙ୍କ ଯୋଜନା ଉପରେ ଅବଗତ କରାଇବ।

### ନିଶ୍ଚିନ୍ତକୋଇଲି

ନିଶ୍ଚିନ୍ତକୋଇଲି ବ୍ଲକ ପକ୍ଷରୁ ବିକାଶ ବାହନ ପରିକ୍ରମା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏହି ବିକାଶ ବାହନକୁ ବ୍ଲକ ପରିସରରେ ଅତିରିକ୍ତ ବିଡିଓ



ଅଶୋକ କୁମାର ମହାନ୍ତିଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ବେଳେ ତାଙ୍କ ସହିତ ବ୍ଲକ ବିତ୍ତ ଅଧିକାରୀ ସୌମ୍ୟନନ୍ଦନ ପଟ୍ଟନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ ପାତ୍ର, ଜିପିଓ ମନୋଜ କୁମାର ପଡ଼ିହାର ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଦିନରେ ଏହି ବାହନ ଅସୁରେଶ୍ୱର, କେଣ୍ଟାଳ, ସୁକରପଡ଼ା, କଟରପଡ଼ା ପଞ୍ଚାୟତ ପରିକ୍ରମା କରି ସରକାରଙ୍କର ୧ ବର୍ଷର ସଫଳତା ବାର୍ତ୍ତା ପ୍ରଚାର କରିଥିବା ବେଳେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ହୋଇ ଜନସଚେତନତା କରୁଛନ୍ତି।

### ଟିଗିରିଆ

ଟିଗିରିଆ ବ୍ଲକରେ ଏହି ବିକାଶ ବାହନ ପରିକ୍ରମା କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଏହି ବ୍ଲକ ଅଧୀନ ପାଞ୍ଚଗାଁ ହାଟ ପଡ଼ିଆ ଠାରେ ଶୁକ୍ରବାର ଅନୁଷ୍ଠିତ



ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ସୋମପଡ଼ା ପଞ୍ଚାୟତ ସରପଞ୍ଚ ପ୍ରଶାନ୍ତ କୁମାର ରାଉତ, ନୂଆପାଟଣା ପଞ୍ଚାୟତ ସରପଞ୍ଚ ସୋମନାଥ ଦାସ, ବିନ୍ଧାଣିମା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ମାନସ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ମୁଖ୍ୟଅତିଥି ଶ୍ରୀ ଧଳଙ୍କ ସମେତ ଅନ୍ୟ ସମସ୍ତ ଅତିଥି ସବୁଜ ପତାକା ଦେଖାଇ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ।

## ବୃଦ୍ଧାଶ୍ରମରେ ପିତାଙ୍କ ଶ୍ରାଦ୍ଧ ଦିବସ ପାଳିଲେ



ସାଲେପୁର, ୧୩।୬(ସମିସ): ଆଜି ସାଲେପୁର ବ୍ଲକ ଅନ୍ତର୍ଗତ ରାମକୃଷ୍ଣପୁର ପଞ୍ଚାୟତ ଏଲମାପୁର ସ୍ଥିତ ଦୁଃଖିଶ୍ୟାମ ବୃଦ୍ଧାଶ୍ରମରେ ରାଷ୍ଟ୍ରପତି ପୁରସ୍କୃତ ଆଦର୍ଶ ଶିକ୍ଷକ ସ୍ୱର୍ଗତ ରାଜକିଶୋର ମିଶ୍ରଙ୍କର ୩୨ତମ ଶ୍ରଦ୍ଧଦିବସ ପାଳିତ ହୋଇଯାଇଛି। ସ୍ୱର୍ଗତ ମିଶ୍ରଙ୍କ ସୁପୁତ୍ର ତଥା ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡାକ୍ତର ମନୋଜ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ସକାଳ ଜଳଖିଆ ଠାରୁ ଆରମ୍ଭ କରି ମଧ୍ୟାହ୍ନ ଭୋଜନ ଓ ରାତ୍ର ଭୋଜନ ବ୍ୟବସ୍ଥା ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ପାଇଁ କରାଯାଇଥିଲା। ଆଶ୍ରମର ଅଧ୍ୟକ୍ଷ ଅଜୟ ଜେନା ଓ ତାଙ୍କ ସହଧର୍ମିଣୀ ସୁକାନ୍ତି ଜେନାଙ୍କୁ ଡାକ୍ତର ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ଡା. ମିଶ୍ରଙ୍କ ସହିତ ତାଙ୍କର ଛାତ୍ର ବିରଞ୍ଚି ନାରାୟଣ କର ଓ ସନ୍ତୋଷ ସ୍ୱାଇଁ ରହି ସହଯୋଗ କରିଥିଲେ। ସାଲେପୁରର ଯୁବ କଣ୍ଠଶିଳ୍ପୀ କୁମାର ସିଲୁଙ୍କ ଦ୍ୱାରା ଆଜି ଭଜନ ସମାରୋହ ବୃଦ୍ଧାଶ୍ରମ ପରିସରରେ ଅନୁଷ୍ଠିତ ହୋଇଥିଲା।

## ଭତ୍ତା ପ୍ରଦାନରେ ଅହେତୁକ ବିଳମ୍ବ

# ସମସ୍ୟା ଭୋଗୁଛନ୍ତି ବୃଦ୍ଧ ଓ ବୃଦ୍ଧା

ଭଦ୍ରେଶ୍ୱର, ୧୩।୬(ସମିସ)

ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଗ୍ରାମପଞ୍ଚାୟତରେ ଭତ୍ତା ପ୍ରଦାନରେ ଅହେତୁକ ବିଳମ୍ବ ହେତୁ ଅସହାୟ ବୃଦ୍ଧ ବୃଦ୍ଧାମାନେ ଚରମ ହଟହଟା ହେଉଥିବାର ଅଭିଯୋଗ ହୋଇଛି। ଚଳିତ ବର୍ଷ ରଜ ପୂର୍ବରୁ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ନିମନ୍ତେ ସରକାର ଘୋଷଣା କରିଥିଲେ। ମାତ୍ର ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଗ୍ରାମପଞ୍ଚାୟତରେ ରଜ ପୂର୍ବରୁ ଭତ୍ତା ପାଇବାରେ ବହୁ ହିତାଧିକାରୀ ଚରମ ହଟହଟାର ସମ୍ମୁଖିନ ହୋଇଥିବାର ଅଭିଯୋଗ ହୋଇଛି। ଭଦ୍ରେଶ୍ୱର ଗ୍ରାମପଞ୍ଚାୟତର ଭତା ବଣ୍ଟନ ଦାୟିତ୍ୱ ମାହାଙ୍ଗା ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ମୋନାଲିସା ମଲିକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଗତକାଲି ଭତ୍ତା ପ୍ରଦାନ କରାଯିବ ବୋଲି ପଞ୍ଚାୟତ ତରଫରୁ ଘୋଷଣା କରାଯାଇଥିଲା।

ଘୋଷଣା ଅନୁଯାୟୀ ନିର୍ଦ୍ଧାରିତ ସମୟରେ ହିତାଧିକାରୀମାନେ ପ୍ରଚଣ୍ଡ ଖରାରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ତେବେ ଅସହାୟ ବୃଦ୍ଧ ବୃଦ୍ଧା ଦିବ୍ୟାଙ୍ଗମାନେ ପ୍ରଚଣ୍ଡ ଖରାରେ ଭୋକ ଉପାସରେ ଦୀର୍ଘ ସମୟ ପର୍ଯ୍ୟନ୍ତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବସି ରହିଥିଲେ ମଧ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୃକ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଆସି ନ ଥିଲେ।

ଫଳରେ ଦୀର୍ଘ ସମୟ ଅପେକ୍ଷା ପରେ ବୃଦ୍ଧ ବୃଦ୍ଧା ଓ ଦିବ୍ୟାଙ୍ଗମାନେ ନିଜର ଘରକୁ ଫେରିଯିବା ପରେ ଅପରାହ୍ନରେ ଶ୍ରୀମତି ମଲ୍ଲିକ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି କେତେକ ହାତଗଣତି ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଗତକାଲି ଭତ୍ତା ନ ପାଇ ନିରାଶରେ ଫେରିଥିବା ହିତାଧିକାରୀମାନେ ଆଜି ମଧ୍ୟ ପଞ୍ଚାୟତ କାର୍ଯ୍ୟାଳୟରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ରହିଥିଲେ। ମାତ୍ର ମୋନାଲିସା ନିର୍ଦ୍ଧାରିତ ସମୟସୀମାର ବହୁ ସମୟ ପରେ ଭତ୍ତା ବାଣ୍ଟିବାକୁ ଆସିଥିଲେ। ପ୍ରଚଣ୍ଡ ଖରା ହେତୁ ବହୁ ହିତାଧିକାରୀ ଭତ୍ତା ନ ପାଇ ନିରାଶରେ ଭୋକ ଉପାସରେ ଫେରିବାକୁ ବାଧ ହୋଇଥିବାର ଅଭିଯୋଗ ହୋଇଛି। ତେବେ କର୍ତ୍ତବ୍ୟରତ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଦାୟିତ୍ୱହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା ତଥା ସମୟ ଜ୍ଞାନର ଅଭାବ ହେତୁ ଅସହାୟ ହିତାଧିକାରୀମାନେ ରଜପୂର୍ବରୁ ଭତା ପାଇବାରୁ ବଞ୍ଚିତ ହୋଇଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ଏହାର ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି।



ମରାମତି କାମ ନିମ୍ନମାନର

# ମାସକରେ ନଷ୍ଟ ହେଲା ରାସ୍ତା, ତଦନ୍ତ ଦାବି

ମାଳିପୁର, ୧୩।୬(ସମିସ

ବ୍ରାହ୍ମଣୀ ନଦୀର ଦକ୍ଷିଣ ପାର୍ଶ୍ୱ ନଦୀବନ୍ଧ ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ ଯୋଜନାରେ ପଟ୍ଟାମୁଣ୍ଡାଇଠାରୁ ମଦନପୁର ପର୍ଯ୍ୟନ୍ତ ପନ୍ଦର କିଲୋମିଟର ରାସ୍ତା କାମ କରାଯାଇଛି। ସରକାରୀ ଭାଗମାପକୁ ନଜର ଅନ୍ଦାଜ କରି ଠିକାଦାର ନିଜ ମନ ମୁତାବକ କାମ କରିଥିଲେ। ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରିବା ସହିତ ବିନା ରୋଲିଂରେ କାର୍ଯ୍ୟ କରାଯାଉଥିବା ନେଇ ସ୍ଥାନୀୟ ବାସିନ୍ଦା ବାରମ୍ବାର ଅଭିଯୋଗ କରିଥିଲେ ହେଁ ପୂର୍ତ୍ତ ବିଭାଗ ସେଥିପ୍ରତି କର୍ଣ୍ଣପାତ କରି ନ ଥିଲା। ଫଳରେ ରାସ୍ତା ସୁଦୃଢ଼ୀକରଣ ହେବ କ'ଣ, ଓଲଟା ପୁରୁଣା ରାସ୍ତାଠାରୁ ଅତ୍ୟନ୍ତ ନିମ୍ନମାନର ରାସ୍ତା ନିର୍ମାଣ ହୋଇଥିଲା। ମାତ୍ର ପନ୍ଦର ଦିନ ପରେ ବିଭିନ୍ନ ସ୍ଥାନରେ ରାସ୍ତା ଫାଟି ଆଁ କରିଥିଲା। ଏ ନେଇ ଅଭିଯୋଗ ହେବା ପରେ ଠିକାଦାର ମାଳିପୁରରୁ ଶାସନ ପର୍ଯ୍ୟନ୍ତ ମରାମତି କରିଥିଲେ। ତେବେ ଏହି ମରାମତି କାମ ମାସକ ମଧ୍ୟରେ ନଷ୍ଟ ହୋଇଯାଇଛି। ଠିକାଦାର ରାସ୍ତା ନ ଖୋଳି ଯେନତେନ ପ୍ରକାରେ କାମ ସାରିଦେଇଥିଲେ। ଫଳରେ ସେ ସ୍ଥାନ ପୁଣି ଫାଟି ଦୟନୀୟ ଅବସ୍ଥାରେ ପହଞ୍ଚିଲାଣି। ଏହାର ଭିଜିଲାନ୍ସ ତଦନ୍ତ କରାଯିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

୩୬ ମାସ ପର୍ଯ୍ୟନ୍ତ ମରାମତି କରିବାକୁ ଠିକାଦାର ଚୁକ୍ତି କରିଥିଲେ ହେଁ ମରାମତି କରି ନ ଥିଲେ। ବାରମ୍ବାର ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ବି ରାସ୍ତା ମରାମତି ନ ହେବାରୁ ଉତିକଣ ସଂଗ୍ରାମ ପରିଷଦ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଆରମ୍ଭ କରିବା ସହିତ ଭିଜିଲାନ୍ସ ତଦନ୍ତ ଦାବି କରିଥିଲା। ଅନଶନ ଦିନ ପୂର୍ବତନ ନିର୍ବାହୀ ଯନ୍ତ୍ରୀ ରାଜଶ୍ରୀ ବେହେରାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ନଟବର ପ୍ରଧାନ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଅନଶନକରୀଙ୍କୁ ମାସେ ଭିତରେ ମରାମତି କାମ ସାରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଇ କାମ ଆରମ୍ଭ କରିଥିଲେ। ଯେଉଁ ସ୍ଥାନରେ ରାସ୍ତା ଖରାପ ହୋଇଛି, ସେଠାରେ ବିଛାଯାଇଥିବା ଖରାପ ନିର୍ମାଣ ସାମଗ୍ରୀ ବାହାର କରି ସଠିକ୍ ନିର୍ମାଣ ସାମଗ୍ରୀ ବ୍ୟବହାର କରି ମରାମତି କରିବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ସେ ପ୍ରତିଦିନ କାର୍ଯ୍ୟ ତଦାରଖ କରୁଥିଲେ। ମରାମତି କାମ ଆରମ୍ଭ ହେବାର ଖୁବ୍ କମ୍ ଦିନ ମଧ୍ୟରେ ସେ ଅବସର ଗ୍ରହଣ କରିଥିଲେ। ପରେ ଠିକାଦାର ପୁଣି ତାଙ୍କ ମନଇଚ୍ଛା କାମ କରିଥିଲେ। ରାସ୍ତାରୁ ଖରାପ ନିର୍ମାଣ ସାମଗ୍ରୀ ବାହାର ନ କରି ତାହା ଉପରେ ପିଚୁ ଲେସି ମାଳିପୁରଠାରୁ ଶାସନ ପର୍ଯ୍ୟନ୍ତ ରାସ୍ତାର ମରାମତି କାର୍ଯ୍ୟ ଯେନତେନ ପ୍ରକାରେ ସାରି ଦେଇଥିଲେ। କିନ୍ତୁ ମାସକ ପରେ ଯେଉଁ ସ୍ଥାନରୁ ଖରାପ ନିର୍ମାଣ ସାମଗ୍ରୀ କଢା ନ ଯାଇ ମରାମତି କରାଯାଇଥିଲା, ସେସବୁ ସ୍ଥାନ ପୁଣି ଫାଟି ଦୟନୀୟ ଅବସ୍ଥାରେ ପହଞ୍ଚିଲାଣି। କିନ୍ତୁ ଯେଉଁ ଜାଗାରୁ ଖରାପ ସାମଗ୍ରୀ ବାହାର କରି ନୂଆ ଭଲ ନିର୍ମାଣ ସାମଗ୍ରୀ ବ୍ୟବହାର କରି ମରାମତି କରାଯାଇଥିଲା, ତାହା ଭଲ ଥିବା ନଜରକୁ ଆସିଛି।

ଯେଉଁ ଠିକାଦାରଙ୍କ ଦ୍ୱାରା କରାଯାଇଥିବା ମରାମତି କାମ ମାତ୍ର ଗୋଟିଏ ମାସରେ ନଷ୍ଟ ହୋଇଗଲା, ସେହି ଠିକାଦାରଙ୍କୁ ପୁଣି ଶାସନଠାରୁ ଅଳଭା ପର୍ଯ୍ୟନ୍ତ ରାସ୍ତାର ମରାମତି କରିବାକୁ ପୂର୍ତ୍ତ ବିଭାଗ ଦାୟିତ୍ୱ ଦେଇଛି। କାର୍ଯ୍ୟ ଆରମ୍ଭରୁ ହିଁ ନିକୃଷ୍ଟ ଧରଣର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବା ଅଭିଯୋଗ ପରେ ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରି ଖରାପ ନିର୍ମାଣ ସାମଗ୍ରୀ ବ୍ୟବହାର ନ କରି ଭଲ ନିର୍ମାଣ ସାମଗ୍ରୀ ବ୍ୟବହାର କରିବା ପାଇଁ ଗ୍ରାମବାସୀଙ୍କ ଉପସ୍ଥିତିରେ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସେହି ନିକୃଷ୍ଟ ଧରଣର ନିର୍ମାଣ ସାମଗ୍ରୀ ଠିକାଦାର ରାସ୍ତାରେ ବିଛାଇ ଚାଲିଛନ୍ତି। ଫଳରେ ଏହା କମ୍ ଦିନରେ ଖରାପ ହୋଇଯାଉଛି। ଚୁକ୍ତି ହିସାବରେ ରାସ୍ତା ନିର୍ମାଣକାରୀ ସଂସ୍ଥା ୩୬ ମାସ ପର୍ଯ୍ୟନ୍ତ ମରାମତି କରିବା କଥା। କିନ୍ତୁ ଯେଉଁ ମରାମତି କରାଯାଉଛି, ତାହା ବିଭାଗ ପକ୍ଷରୁ ଖର୍ଚ୍ଚ କରାଯାଉଛି ବୋଲି ପୂର୍ତ୍ତ ବିଭାଗର ଜଣେ ଅଧିକାରୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏବେ ରାସ୍ତା ମରାମତିରେ ଯେଉଁ ସାମଗ୍ରୀ ବ୍ୟବହାର କରାଯାଉଛି, ତାହା ମଧ୍ୟ ମାସକ ମଧ୍ୟରେ ନଷ୍ଟ ହୋଇଯିବ ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ରାସ୍ତା କାମ ନିମ୍ନମାନର ହେଉଥିବାରୁ ଏହାର ଭିଜିଲାନ୍ସ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉତିକଣ ସଂଗ୍ରାମ ପରିଷଦର ସଭାପତି ପ୍ରଶାନ୍ତ ମହାନ୍ତି, ରମାକାନ୍ତ ଦାସ, ଆଶିଷ ମଲିକ, ତୀର୍ଥ ପରିଡ଼ା, ଅଜାମ୍ବର ସାହୁ, ବିମଳ ବାରିକ, ରଞ୍ଜନ ରାଉତ, ଅର୍ଜୁନ ସାହୁ, ପ୍ରମୋଦ ମଲିକ, ବୃନ୍ଦାବନ ପରିଡ଼ା, ଅତନୁ ମଲିକ, ବୁଟୁନା ପଣ୍ଡା, ନିରଞ୍ଜନ ଦାସ, ଅଜୟ ସେନ, ମୁରଲୀ ସେଠୀ, ସର୍ବେଶ୍ୱର ସେଠୀ, ବିଚିତ୍ର ସେନାପତି, ଦିଲ୍ଲୀପ ମଲିକ ପ୍ରମୁଖ ଦାବି କରିଛନ୍ତି।

ଅଭିନବ ଉପାୟରେ ଠକେଇ

## ଲଟେରୀ ଉଠିଛି କହି ମହିଳାଙ୍କୁ ଲୁଟିଲେ ଫେରିବାଲା



**ରାଜକନିକା, ୧୩।୬(ସମିସ):** ଗାଁ ଗାଁରେ ବୁଲି କେତେକ ଇଲେକ୍ଟ୍ରୋନିକ୍ସ ଘରକରଣା ଜିନିଷ ହାତରେ ଧରି ବିକ୍ରି କରିବା ବାହାନାରେ ସରଳ ଗାଉଁଲି ମହିଳାଙ୍କୁ ମୋହରା କରି ଟଙ୍କା ଠକୁଛନ୍ତି। ଠକାମୀର ଶିକାର ମହିଳା ଏ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଲଟେରୀ ଉଠିଛି କହି ତରାସ ଗ୍ରାମର ମହିଳାଙ୍କଠାରୁ ଠକ ଫେରିବାଲା ୩୬ ଶହ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଅଧୀନ ତରସ ଗ୍ରାମରେ ଠକେଇର ଶିକାର ହୋଇଥିବା ୧୦ରୁ ଊର୍ଦ୍ଧ୍ୱ ମହିଳା ଏ ନେଇ ରାଜକନିକା ଥାନାରେ ଅଭିଯୋଗ କରିଛନ୍ତି।

ମହିଳାଙ୍କ ଅଭିଯୋଗ ମୁତାବକ, ଏକ ମହେନ୍ଦ୍ରା ବୋଲେରୋ ଗାଡ଼ି ନମ୍ବର ଓଡି୦୨ ଏଜେଡ ୩୫୮୬ରେ ୬ ଜଣ ବ୍ୟକ୍ତି ପହଞ୍ଚି ମହିଳାଙ୍କୁ ପ୍ରଥମେ ୧୦୦ ଟଙ୍କା କୁପନ କିଣି ଲଟେରୀ ଉଠାନ୍ତୁ ଓ ବିଭିନ୍ନ ପ୍ରକାରର ଉପହାର ପାଆନ୍ତୁ କହି ମହିଳାଙ୍କୁ ଲୋଭ ଦେଖାଇଥିଲେ। ମହିଳାମାନେ ଏହି କୁପନ କିଣି ଲଟେରୀ ଉଠାଇବା ପରେ ସେମାନଙ୍କୁ ଫେରିବାଲା କହିଥିଲେ ଆପଣଙ୍କର ଫ୍ରିଜ ଓ ଗଡ଼ରେଜ, ମୋବାଇଲ ଫୋନ ଉଠିଛି। ଏଭଳି ବିଭିନ୍ନ ପ୍ରକାରର ଜିନିଷ ନେବା ପାଇଁ ମହିଳାଙ୍କଠାରୁ ୩୬୦୦ ଟଙ୍କା ଲେଖାଏଁ ରସିଦ କାଟିଥିଲେ। ରସିଦ ଦେବା ପରେ ଜିନିଷ ଆସୁଛି କହି ଏହି ଠକ ଗୋଷ୍ଠୀ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ପରେ ଠକମୀ ହୋଇଛି ଜାଣି ଏହି ମହିଳାମାନେ ରାଜକନିକା ଥାନାରେ ଏତଲା ଦେଇଥିଲେ। ରାଜକନିକା ପୁଲିସ ଏତଲା ପାଇବା ପରେ ଏଭଳି ଠକଙ୍କୁ ଧରିବା ପାଇଁ ଖୋଜାଖୋଜି କରୁଥିବାବେଳେ ଆଜି ପୁଣି ସେହି ତରାସ ଗ୍ରାମରେ ଆଉ ୬ ଜଣ ସେହିଭଳି ଢଙ୍ଗରେ ବେପାର କରିବାକୁ ଆସିଥିବାବେଳେ ଗାଁ ଲୋକେ ପୁଲିସକୁ ଖବର ଦେବା ପରେ ପୁଲିସ ସେମାନଙ୍କୁ ଧରିନେଇ ଥାନାରେ ପଚରାଉଚରା କରୁଥିବା ଜଣାପଡ଼ିଛି।

## ପ୍ରଶାନ୍ତ ରାଉତ ପିସିସିର ବଲାଙ୍ଗିର ପର୍ଯ୍ୟବେକ୍ଷକ ନିଯୁକ୍ତ

**ରାଜନଗର, ୧୩।୬(ସମିସ):** ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବଲାଙ୍ଗୀର ଜିଲ୍ଲାର ପର୍ଯ୍ୟବେକ୍ଷକ ରୂପେ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ଯୁବନେତା ପ୍ରଶାନ୍ତ କୁମାର ରାଉତଙ୍କୁ ନିଯୁକ୍ତି ମିଳିଥିବାରୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କୁ ରାଜନଗର କଂଗ୍ରେସ ଦଳର ନେତୃମଣ୍ଡଳୀ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ଏ ଅବସରରେ ନବନିଯୁକ୍ତ ପର୍ଯ୍ୟବେକ୍ଷକ ଶ୍ରୀ ରାଉତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କୁ ରାଜନଗର ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ଦାମୋଦର ବିଶ୍ୱାଳ, ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ଧନେଶ୍ୱର ଦାସ, ଯୁବ ନେତା ସତ୍ୟପ୍ରିୟ ସାମଲ, ଅଶ୍ୱିନୀ ପାତ୍ର, ନାଗେଶ୍ୱର ସାହୁ, ବିଜୟ ପରିଡ଼ା, ସୁଶୀଲ କୁମାର ପ୍ରଧାନ, ସଞ୍ଜୟ ସାହୁ, ବିକାଶ ସେଠୀ, ରମାକାନ୍ତ ଜେନା, ବରିଷ୍ଠ କଂଗ୍ରେସ ନେତା ବୈକୁଣ୍ଠ ବିହାରୀ ବିଶ୍ୱାଳ, ମାଗୁଣି ପଡ଼ିହାରୀ, ବନମାଳୀ ପ୍ରଧାନ, ନିରଞ୍ଜନ ବାରିକ, ବିଦ୍ୟାଧର ଦାସ, ଅମୂଲ୍ୟ ଜେନା, ନିମାଇଁ ଚରଣ ଦାସ, କପିଳ ଚରଣ ସ୍ୱାଇଁ, ରବୀନ୍ଦ୍ର କୁମାର ମିଶ୍ର, ରମାକାନ୍ତ ପ୍ରଧାନ, ଲଚ୍ଛମନ ସେଠୀ ପ୍ରମୁଖ ସଭାପତି ଶ୍ରୀ ଦାସଙ୍କୁ କୃତଜ୍ଞତା ଜଣାଇବା ସହ ଶ୍ରୀ ରାଉତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଅକ୍ଷୟ ମହାନ୍ତି ସଙ୍ଗୀତ ସନ୍ଧ୍ୟା

## ଅକ୍ଷୟଙ୍କ କାଳଜୟୀ ସଙ୍ଗୀତରେ ସଭିଏଁ ମତୁଆଲା

**କେନ୍ଦ୍ରାପଡ଼ା, ୧୩।୬(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରୁଅସ୍ଥ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଆନୁକୂଲ୍ୟରେ ତୁଳସୀ କ୍ଷେତ୍ରାଧିଶ ଶ୍ରୀବଳଦେବଜୀଉଙ୍କ ମାଉସୀମା ମନ୍ଦିର ନିକଟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବିକାଶ ମେଳାର ପ୍ରଥମ ସନ୍ଧ୍ୟାରେ ଅକ୍ଷୟ ମହାନ୍ତିଙ୍କ ସ୍ମୃତିରେ ଅକ୍ଷୟ ମହାନ୍ତି ସଙ୍ଗୀତ ସନ୍ଧ୍ୟା ଅତି ସଫଳତାର ସହିତ ପରିବେଷିତ ହୋଇଯାଇଛି। କଳା ନିକେତନର ପ୍ରତିଷ୍ଠାତା ତଥା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ଉପେନ୍ଦ୍ର କୁମାର ପାଢ଼ୀ, ନିରୁପମା ଜେନା ଓ ଶ୍ରୀ ପରିଡ଼ା ଅକ୍ଷୟଙ୍କ କାଳଜୟୀ ଭଜନ, ଆଧୁନିକ ଓ ଚଳଚିତ୍ର ସଙ୍ଗୀତ ଗାଇ ସମସ୍ତଙ୍କୁ ମତୁଆଲା କରିଥିଲେ। ସ୍ମୃତିରେଖା ବିଶ୍ୱାଳ ଓ ପ୍ରତୀକ୍ଷା ନାୟକ ନୃତ୍ୟ ପରିବେଷଣ କରିଥିଲେ।

ଏ ଅବସରରେ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ ଓ ରାଜକିଶୋର ରାଉତ ଭାବଗ୍ରାହୀ କଳା ନିକେତନର ମୁଖ୍ୟ ବିମଳ ପରିଡ଼ାଙ୍କ ସମେତ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପାରାଦୀପଗଡ଼ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ରଜ ମହୋତ୍ସବରେ ଅନୁଷ୍ଠାନ ପକ୍ଷରୁ ଅକ୍ଷୟ ମହାନ୍ତି ସଙ୍ଗୀତ ସନ୍ଧ୍ୟା ମଧ୍ୟ ଅତି ସଫଳତାର ସହିତ ପରିବେଷିତ ହୋଇଥିଲା। କଳାକାରଙ୍କୁ ଉତ୍ସାହିତ କରିବାକୁ ଉଭୟ ସ୍ଥାନରେ ରେଡିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡ଼ା ଉପସ୍ଥିତ ଥିଲେ।

## କେରେଡ଼ାଗଡ଼ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**ରାଜନଗର, ୧୩।୬(ସମିସ):** ରାଜନଗର ବ୍ଲକ କେରେଡାଗଡ଼ସ୍ଥ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ପାଇଁ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜନଗର ତହସିଲଦାର ଯୀଶୁକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଶାନ୍ତିଶୃଙ୍ଖଳା ମଧ୍ୟରେ କିପରି ରଥଯାତ୍ରା ଅନୁଷ୍ଠିତ ହେବ, ସେ ନେଇ ମତ ରଖିଥିଲେ। ଉକ୍ତ ବୈଠକରେ ରଥ ନିର୍ମାଣ, ଭକ୍ତଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ଯୋଗାଣ, ରଥଦାଣ୍ଡକୁ ଅବରୋଧମୁକ୍ତ କରିବା, ଟ୍ରାଫିକ ପରିଚାଳନା, ଭକ୍ତଙ୍କ ଭିଡ଼ ସମୟରେ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ମନ୍ଦିରର ବିଶୋଇ ପୀତାମ୍ବର ଦାଶ, ବିଡିଓ ଅନିରୁଦ୍ଧ ବେହେରା, ଆଇଆଇସି ନରେଶ କୁମାର ସାହୁ, ଡାକ୍ତର ଶୀତମ ରଞ୍ଜନ ପାତ୍ର, ବିଦ୍ୟୁତ ବିଭାଗର ଜିତେନ୍ଦ୍ର ବଳ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳ, ସମିତି ସଭ୍ୟ ପ୍ରଶାନ୍ତ କୁମାର ରାଉତ, ଅଗ୍ନିଶମ ବିଭାଗର ସୁବାସ ଚନ୍ଦ୍ର ବାରିକ, ଆରଆଇ ପ୍ରଦ୍ୟୁମ୍ନ ବେହେରା, ଆରଡବ୍ଲ୍ୟୁଏସଏସର ନକୁଳ ପଡ଼ିହାରୀ, ଶ୍ରୀଜଗନ୍ନାଥ ହାଇସ୍କୁଲର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରଥ ନିର୍ମାଣ ବିଶ୍ୱକର୍ମା ଅଲେଖ ଚନ୍ଦ୍ର ସୂତାର, ବଡ଼ପଣ୍ଡା ମଦନମୋହନ ରଥ, ରାଧାଚରଣ ମାଝି, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ।

## ଭିନ୍ନକ୍ଷମ ଶିଶୁଙ୍କୁ ପ୍ରୋସ୍ଥେଟିକ୍ ଉପକରଣ ବଣ୍ଟନ

**କେନ୍ଦ୍ରାପଡ଼ା, ୧୩।୬(ସମିସ):** କେନ୍ଦ୍ରାପଡ଼ା ସହର ପୁନର୍ବାସ ଥେରାପି କେନ୍ଦ୍ରରେ ଭିନ୍ନକ୍ଷମଙ୍କ ପାଇଁ କାର୍ଯ୍ୟରତ ଅନୁଷ୍ଠାନ 'ପୁନର୍ବାସ' ଓ ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଭିନ୍ନକ୍ଷମ ଶିଶୁଙ୍କ ପ୍ରୋସ୍ଥେଟିକ୍ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୧ ତାରିଖରେ ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ୧୦ ଜଣ ଶିଶୁଙ୍କ ପ୍ରୋସ୍ଥେଟିକ୍ ମାପ ନିର୍ଦ୍ଧାରଣ କରାଯାଇଥିଲା। ସେହି ଅନୁଯାୟୀ ଗୁରୁବାର ପୁନର୍ବାସ ଥେରାପି କେନ୍ଦ୍ରରେ ପ୍ରଥମ ପର୍ଯ୍ୟାୟର ପ୍ରସ୍ତୁତ ପ୍ରୋସ୍ଥେଟିକ୍ ଉପକରଣ ପ୍ରଦାନ କରାଯାଇଛି। ଏ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବର୍ଷୀୟାନ ଚିକିତ୍ସକ ଡାକ୍ତର ବିଶ୍ୱପ୍ରକାଶ କାନୁନ୍‌ଗୋ, କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କ ଲିମିଟେଡର ସଭାପତି ଗୁରୁପ୍ରସାଦ ମହାନ୍ତି, କେନ୍ଦ୍ରାପଡ଼ା ପୌର ସଂସ୍ଥାର ନିର୍ବାହୀ ଅଧିକାରୀ ତଥା ବରିଷ୍ଠ ପ୍ରଶାସକ ଅଜିତ୍ ନାରାୟଣ ପ୍ରସାଦ ଗିରି, ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟର ବୋର୍ଡ ସଦସ୍ୟ ଭୁବନ ମୋହନ ଦାସ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଭିନ୍ନକ୍ଷମ ଶିଶୁଙ୍କ ପିତାମାତାଙ୍କ ସହ ଭାବବିନିମୟ କରି ସେମାନଙ୍କୁ ନିଜର ସ୍ୱତନ୍ତ୍ର ସନ୍ତାନ ପ୍ରତି ସର୍ବଦା ସକାରାତ୍ମକ ଦୃଷ୍ଟି ଆପଣାଇବାକୁ ପରାମର୍ଶ ପ୍ରଦାନ କରିଥିଲେ। ପ୍ରୋସ୍ଥେଟିକ୍ ଉପକରଣ ପ୍ରସ୍ତୁତକାରୀ ସଂସ୍ଥା ଭୁବନେଶ୍ୱର ଏସ୍‌ଏମ୍‌ଜି ଫାଉଣ୍ଡେସନର ବରିଷ୍ଠ ଥେରାପିଷ୍ଟ ଗିରିଜାକାନ୍ତ ଖୁଣ୍ଟିଆ ଓ ଗୀତାଞ୍ଜଳି ବେହେରା ଉପସ୍ଥିତ ଭିନ୍ନକ୍ଷମ ଶିଶୁଙ୍କୁ ଏହି ଉପକରଣର ବଣ୍ଟନ ଏବଂ ବ୍ୟବହାର ଉପଯୋଗିତା ପ୍ରଦର୍ଶନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସହଯୋଗୀ ଟ୍ରଷ୍ଟର ମୁଖ୍ୟ ଆମେରିକା ଆଲାସ୍କା ବିଶ୍ୱବିଦ୍ୟାଳୟର ପ୍ରଫେସର ଦେବେନ୍ଦ୍ର କୁମାର ଦାସଙ୍କୁ ଏହି ସହାୟତା ନିମନ୍ତେ କୃତଜ୍ଞତା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ସଭ୍ୟ ଜ୍ୟୋତିରଞ୍ଜନ ନାୟକ, ମହମ୍ମଦ ଜାହିଦ୍ ଖାନ୍, ଥେରାପିଷ୍ଟ ଗୁଞ୍ଜନସ୍ମିତା ବେହେରା, ରଞ୍ଜନ କୁମାର ସ୍ୱାଇଁ, ମିହିର ରଞ୍ଜନ ବାରିକ, କାଉନ୍‌ସେଲର ସଞ୍ଜୀବ କୁମାର ଜେନା, ଗାୟତ୍ରୀ ପୃଷ୍ଟି ଓ ଦୀପକ ସାହୁ ପ୍ରମୁଖ ସହାୟତା କରିଥିଲେ। ସହସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।





## ପେଣ୍ଟପାଳ ପଞ୍ଚାୟତରେ ବିକାଶ ରଥ ପରିକ୍ରମା



**ପଟ୍ଟାମୁଣ୍ଡାଇ, ୧୩।୬(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ପେଣ୍ଟପାଳ ପଞ୍ଚାୟତରେ ରାଜ୍ୟ ବିଜେପି ସରକାରଙ୍କ ଶାସନର ୧ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ରଥ ପରିକ୍ରମା ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ବିଡିଓ ଅଶୋକ ମହାନ୍ତି, ଅତିରିକ୍ତ ବିଡିଓ ସନ୍ତୋଷ କୁମାର ମନ୍ତ୍ରୀ, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରସନ୍ନ ରାଉତ, ଯୋଗାଣ ନିରୀକ୍ଷକ ପୁଷ୍ପଲତା ଗାହାଣ, ସିଆରସିସି ପ୍ରଦୀପ ତରାଇ, ସିଏଚଓ ଶିବାନୀ ଶ୍ୟାମାପ୍ରଭା ଜେନା, ପିଇଓ ସର୍ବେଶ୍ୱର ବରାଳ, ଏସବିଏମ ସଂଯୋଜକ ରବୀନ୍ଦ୍ର ରାଉତ, ଜିପିଡିଓ ରଞ୍ଜିତ ପରିଡ଼ା, ସୋସିଆଲ ଅଡିଟର ନଳିନୀକାନ୍ତ ସ୍ୱାଇଁ, ପୂର୍ବତନ ସରପଞ୍ଚ କୈଳାସ ସେଠୀ ପ୍ରମୁଖଙ୍କ ସହ ବହୁ ପ୍ରଶାସନିକ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହିତ ରାସନ, ଅନ୍ତ୍ୟୋଦୟ, ଭତ୍ତା କାର୍ଡ ବଣ୍ଟନ କରିଥିଲେ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଆନ୍ଦୋଳନ ଚେତାବନୀ

**ରାଜନଗର, ୧୩।୬(ସମିସ):** ରାଜନଗର ବ୍ଲକ ଅନ୍ତର୍ଗତ ତାରିଣୀ ମନ୍ଦିର ପରିସରରେ ରାଜନଗର ବ୍ଲକ ଅବସରପ୍ରାପ୍ତ ସରକାରୀ ସଂଘ ପକ୍ଷରୁ ଏକ ଜରୁରୀ କାର୍ଯ୍ୟକାରିଣୀ ବୈଠକ ସଭାପତି କୃପାସିନ୍ଧୁ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସମ୍ପାଦକ ବିଜୟ କୁମାର ଜେନା, ପ୍ରଫେସର ସତ୍ୟବାଦୀ ଜେନା, କ୍ଷୀରୋଦ କୁମାର ମଲ୍ଲିକ, ବିଜୟ କୁମାର ବେହେରା, ବ୍ରହ୍ମାନନ୍ଦ ରାଉତ, ସର୍ବେଶ୍ୱର ମହାନ୍ତି ପ୍ରମୁଖ ବରିଷ୍ଠ ସଭ୍ୟ ଉପସ୍ଥିତ ଥିଲେ। ଉକ୍ତ ବୈଠକରେ ସଭ୍ୟଙ୍କ ମତାମତ ଅନୁଯାୟୀ ଚଳିତ ବର୍ଷ ଜାନୁଆରୀ ମାସରୁ ବର୍ଦ୍ଧିତ ମାହାଙ୍ଗା ଭତ୍ତା ସରକାରୀ ଭାବେ ଘୋଷଣା ହୋଇଥିଲେ ମଧ୍ୟ କେବଳ ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ସାନବଡଗୋପାଳପୁର ଶାଖା ଅବସରପ୍ରାପ୍ତ କର୍ମଚାରୀଙ୍କୁ ବେକେୟା ମହଙ୍ଗା ଭତ୍ତା ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ମାତ୍ର ବ୍ୟାଙ୍କ ବକେୟା ଅର୍ଥ ଦେଉ ନ ଥିବାରୁ ଏ ସମ୍ପର୍କରେ ଶାଖା ପରିଚାଳକଙ୍କୁ କୁହାଯାଇଛି। ଏ ନେଇ ଅବସପ୍ରାପ୍ତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଛି। ବୈଠକର ନିଷ୍ପତ୍ତି ଅନୁଯାୟୀ ସାତଦିନ ମଧ୍ୟରେ ସମସ୍ତ ବକେୟା ପ୍ରାପ୍ୟ ମଞ୍ଜୁର କରା ନ ଗଲେ ସଂଘ ଆନ୍ଦୋଳନାତ୍ମକ ପଦକ୍ଷେପ ଅନୁସରଣ କରିବାକୁ ବାଧ ହେବ। ପରବର୍ତ୍ତୀ ପରିସ୍ଥିତି ପାଇଁ ସମ୍ପୃକ୍ତ ଶାଖା ପରିଚାଳକ ଦାୟୀ ରହିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ରଘୁଦେଇପୁର ପଞ୍ଚାୟତ କାର୍ଯ୍ୟାଳୟ

## ନୋଳସାହିରେ ନୂତନ କାର୍ଯ୍ୟାଳୟ ସ୍ଥାପନ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ



**ପଞ୍ଚୁପାଣ୍ଡବ, ୧୩।୬(ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ରଘୁଦେଇପୁର ପଞ୍ଚାୟତ କାର୍ଯ୍ୟାଳୟ ୧୯୫୭ରେ ସ୍ଥାପିତ ହୋଇଥିବାବେଳେ ଏବେବି ପୁରୁଣା ଆଜବେଷ୍ଟ ଘରେ ଚାଲିଛି। ସରକାର ପଞ୍ଚାୟତ କାର୍ଯ୍ୟାଳୟ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏଠି ଜମି ସମସ୍ୟା ନେଇ ପଞ୍ଚାୟତ ଅଫିସ୍ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ରଘୁଦେଇପୁର ପଞ୍ଚାୟତ କାର୍ଯ୍ୟାଳୟ ପୁରୁଣା ଆଜବେଷ୍ଟ ଘରେ ୬୬ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ଚାଲିଛି। ୧୫ରୁ ଅଧିକ ସରପଞ୍ଚ ଦାୟିତ୍ୱରେ ଥାଇ ବି କେହି ନୂତନ ପଞ୍ଚାୟତ କାର୍ଯ୍ୟାଳୟ କରିପାରିଲେନାହିଁ। ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ଅଞ୍ଚଳବାସୀ ବାରମ୍ବାର ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ସୁଦ୍ଧା ସଫଳତା ମିଳିଲାନାହିଁ। ଜମି ସମସ୍ୟାକୁ ନେଇ କଥା ଅଦାଲତରେ ମାମଲା ପହଞ୍ଚିଥିଲା। କୋର୍ଟଙ୍କ ଅନୁମତି କ୍ରମେ ଆଗରୁ ଥିବା ନୋଳସାହିରେ ହିଁ ନୂତନ ପଞ୍ଚାୟତ ଗୃହ ହେବ ବୋଲି ପ୍ରଶାସନଙ୍କୁ ନିର୍ଦ୍ଦେଶ ଆସିଥିବା ଜଣାପଡ଼ିଛି।

ପଞ୍ଚାୟତ କାର୍ଯ୍ୟାଳୟ ନଥିବାରୁ ସରପଞ୍ଚ ହୋଇଥିଲେ ମଧ୍ୟ ସେଠାକୁ ଅଧିକାଂଶ ସମୟରେ ଆସୁ ନ ଥିବା ଓ ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ଆସୁଥିବା କମ୍ପ୍ୟୁଟର, ଫ୍ୟାନ, ଚେୟାର, ଟେବୁଲ୍ ପଞ୍ଚାୟତକୁ ମିଳୁନାହିଁ। ପଞ୍ଚାୟତର ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅସରାଏ ବର୍ଷା ହେଲେ ଘର ଭିତରେ ପାଣି ପଶିଯିବା ଓ କାର୍ଯ୍ୟାଳୟ ସମ୍ମୁଖରେ ଆଣ୍ଠୁଏ ପାଣି ଠିଆ ହୋଇଯାଏ। ଏ ସମ୍ପର୍କରେ ଡେରାବିଶ ବିଡିଓ ନମିତା ବାରିକଙ୍କୁ ପଚାରିବାରୁ ସେ କହିଛନ୍ତି, କୋର୍ଟଙ୍କ ନିର୍ଦ୍ଦେଶ ପରେ ମୁଁ ଓ ତହସିଲଦାର ସରୋଜକାନ୍ତ ନାୟକ ଯାଇ ତଦନ୍ତ କରିଛୁ। ରଘୁଦେଇପୁର ସମବାୟ ସମିତି ଜାଗା ସେମାନେ ପଞ୍ଚାୟତ ନାମରେ ଜମିଦେଲେ ଶୀଘ୍ର ନୂତନ ଗୃହ ହୋଇଯିବ ବୋଲି କହିଛନ୍ତି।

# ସରକାରୀ ଜାଗାରୁ ଉଚ୍ଛେଦ ହେଲା ଛୋଟି ବଜାର

ପଞ୍ଚୁପାଣ୍ଡବ, ୧୩।୬(ସମିସ)



ଡେରାବିଶ ତହସିଲ ଅଧୀନରେ ଥିବା ଛୋଟି ପଞ୍ଚାୟତ ଅନ୍ତର୍ଗତ ସରକାରୀ ଜାଗା ଅବରୋଧ କରିଥିବା ଛୋଟି ବଜାରକୁ ଜେସିବି ମେସିନ ଦ୍ୱାରା ଭଙ୍ଗାଯାଇଛି। ଏହି ରାସ୍ତା ଅଣଓସାରିଆ ଥିବାରୁ ଯାତାୟାତ କରିବା ପାଇଁ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଥିଲା ଓ କେନ୍ଦ୍ରାପଡ଼ା ଜିଲ୍ଲାରୁ ଯାଜପୁର ଜିଲ୍ଲାକୁ ସଂଯୋଗ କରିବା ପାଇଁ ବିରୂପା ନଦୀରେ ଏକ ବ୍ରିଜ ନିର୍ମାଣ ହୋଇଛି। ଏହି ରାସ୍ତାଟି ଓସାର ହେବା ପରେ ଏହି ବ୍ରିଜର ଉଦଘାଟନ ହେବ ବୋଲି ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି। ପୂର୍ବରୁ ସରକାରୀ ଜାଗାକୁ ଚିହ୍ନଟ କରି ମାପ ସାରିଥିଲା। ଡେରାବିଶ ତହସିଲ ପକ୍ଷରୁ ଶୁକ୍ରବାର ଦିନ ପ୍ରାୟ ୨୯ଟି ବିଭିନ୍ନ ପ୍ରକାରର ଦୋକାନ ଘର ଭଙ୍ଗାଯାଇଥିବା ଦେଖିବାକୁ ମିଳିଛି। ଏଥିରେ କେତେକ ଦୋକାନ ଗୃହ ନଷ୍ଟ ହୋଇଥିବାବେଳେ କେତେକ ଦୋକାନର ସାମାନ୍ୟ ପିଣ୍ଡା ଭଙ୍ଗାଯାଇଥିବା ଦେଖିବାକୁ ମିଳିଛି।

ଆଜି ଅବରୋଧ ହଟାଇବା ପାଇଁ ତହସିଲଦାର ସରୋଜକାନ୍ତ ନାୟକଙ୍କ ସହ ନିକିରାଇ ଥାନା ପୁଲିସ ଓ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଅତିରିକ୍ତ ତହସିଲଦାର ଭାସ୍କର ବେହେରା, ରାଜସ୍ୱ ପରିଦର୍ଶକ ମାନସ ଚନ୍ଦ୍ର ନାଥ, ରାଜସ୍ୱ ନିରିକ୍ଷକ ପ୍ରଦ୍ୟୁମ୍ନ ସ୍ୱାଇଁ ଓ ବିଶ୍ୱବିଜୟୀ, ଅମିନ ନିରଞ୍ଜନ ବେହେରା ଓ ଉମାକାନ୍ତ ବେହେରା, ଆରଡି ବିଭାଗ ଏଇ ଶୈଳେନ୍ଦ୍ର କୁମାର ବିଶ୍ୱାଳ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଛୋଟି ଆରଆଇଙ୍କୁ ପଚାରିବାରୁ ସେ କହିଛନ୍ତି, ଦୋକାନୀଙ୍କୁ ତିନି ମାସ ପୂର୍ବେ ନୋଟିସ କରାଯାଇଥିଲା। ଆଜି ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ଜବରଦଖଲ ଉଚ୍ଛେଦ କରାଗଲା। କେତେକ ଗରିବ ଲୋକଙ୍କ ଦୋକାନ ଭଙ୍ଗାଯାଇଥିବାରୁ ସେମାନେ କେମିତି ପରିବାର ପୋଷଣ କରିବେ, ସେ ନେଇ ଚିନ୍ତାରେ ଦୋକାନୀ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦୋକାନୀମାନେ ନିବେଦନ କରିଛନ୍ତି।

# ଦେଉଳି ପଞ୍ଚାୟତରେ ବିକାଶ ବାହନ ମେଳା



**ସୁନ୍ଦରଗଡ଼, ୧୩।୬(ସମିସ):** ଆଜି ସୁନ୍ଦରଗଡ଼ ସଦର ବ୍ଲକ ଦେଉଳୀ ପଞ୍ଚାୟତରେ ବିକାଶ ବାହନ ଯାତ୍ରା କାର୍ଯ୍ୟକ୍ରମର ବିକାଶ ମେଳା ସରପଞ୍ଚ ନଳିନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜିବ ଏକ୍କା ମୁଖ୍ୟଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ସର୍ବ ପ୍ରଥମେ ବିକାଶ ବାହନ ଯାତ୍ରା ରେ ରାଜ୍ୟ ସରକାରଙ୍କ ଦ୍ୱାରା ପରିକ୍ରମା କରୁଥିବା ବିକାଶ ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ଆୟୋଜିତ ମେଳାରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳ ସେଚନ, ଜଙ୍ଗଲ, ଉଦ୍ୟାନ କୃଷି, ପ୍ରାଣୀ ଓ ପଶୁ ସମ୍ପଦ, ରାଜସ୍ୱ, ସମବାୟ, ଆଧାର, ଜଳ ପରିମଳ, ମହିଳା ଓ ଶିଶୁ ସୁରକ୍ଷା, ଏନ୍ ଆର୍ ଇ ଜି ଏସ୍ ଇତ୍ୟାଦି ଅନେକ ବିଭାଗର ଷ୍ଟଲ ଲଗା ଯାଇଥିଲା । ବିଭିନ୍ନ ବିଭାଗର ଷ୍ଟଲ ଦାୟିତ୍ୱରେ ଥିବା କର୍ମଚାରୀମାନେ ଲୋକ ମାନଙ୍କୁ ରାଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ସେମାନେ କିପରି ସେଥିରୁ ସୁଫଳ ପାଇପାରିବେ ସେ ସମ୍ପର୍କରେ ଧାରଣା ଦେଇଥିଲେ । ରାଜସ୍ୱ ବିଭାଗ ତରଫରୁ କେତେକ ହିତାଧିକାରୀଙ୍କୁ ଜମି ପଟ୍ଟା ମଧ୍ୟ ବଣ୍ଟନ କରାଯାଇଥିଲା । ସେହିପରି ଅନ୍ତୋଦୟ ଯୋଜନାରେ ଆସିଥିବା ଆବାସର କାର୍ଯ୍ୟାଦେଶ ମଧ୍ୟ କେତେକ ପରିବାରକୁ ଦିଆଯାଇଥିଲା । ଶେଷରେ ସମିତି ସଭ୍ୟ ମହାଦେବ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିତିଲା ୭ ବର୍ଷ; କମ୍ୟୁନିଟି ହଲ୍ ନିର୍ମାଣ ସମ୍ପୂର୍ଣ୍ଣ ନୋହିଲା

ସୁନ୍ଦରଗଡ଼, ୧୩।୬(ସମିସ)





ଲେଫ୍ରିପଡ଼ା ବ୍ଲକ ପ୍ରଶାସନର ଅପାରଗତା ଯୋଗୁଁ ୨୦୧୮-୧୯ ବର୍ଷରେ କାର୍ଯ୍ୟକାରୀ ହୋଇଥିବାଆମଗାଁ, ଆମବିକାଶଯୋଜନାର ସଫଳ ରୂପାୟନ ହୋଇ ପାରି ନାହିଁ। ସାତଯୋରିଆ ଗ୍ରାମର କମ୍ୟୁନିଟି ସେଣ୍ଟର ନିର୍ମାଣ ପ୍ରକଳ୍ପ ଏହାର ଏକ ନଗ୍ନ ଉଦାହରଣ । ଏହି କମ୍ୟୁନିଟି ସେଣ୍ଟରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ୭ ବର୍ଷ ବିତିଥିଲେ ମଧ୍ୟ ତାହା ଅଧପନ୍ତରିଆ ହୋଇପଡ଼ିରହିଛି । ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

୨୦୧୮-୧୯ ବର୍ଷରେ ଆମ ଗାଁ, ଆମ ବିକାଶ ଯୋଜନାରେ ସାତଜୋରିଆ ଗ୍ରାମରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା । ଲେଫ୍ରିପଡ଼ା ପଞ୍ଚାୟତ ସମିତି ଏହାର ନିର୍ମାଣ କାର୍ଯ୍ୟ ହାତକୁ ନେଇଥିବା ବେଳେ ବିଭାଗୀୟ ଭାବେ କାମ ସମ୍ପାଦନ ଦିଗରେ ପଦକ୍ଷେପ ନିଆଯାଇଥିଲା । ବିଭାଗୀୟ ନାମରେ ଜଣେ ସ୍ଥାନୀୟ ଠିକାଦାର କାମ ତୁଲାଉ ଥିଲେ । ତେବେ ଠିକାଦାର ଜଣକ ଛାତ ପଡ଼ିବା ପରେ ଆଉ କାମ କରୁ ନାହାନ୍ତି । ଗ୍ରାମବାସୀ ସମ୍ପୃକ୍ତ ଠିକାଦାରଙ୍କୁ କାମ ସମ୍ପୂର୍ଣ୍ଣ କରିବା ପାଇଁ ବାରମ୍ବାର କହି ଆସୁଥିଲେ ହେଁ ସେ କାମ ନ କରି ନାଲି ଆଖି ଦେଖାଉଥିବା ଅଭିଯୋଗ ହୋଇଛି । ବ୍ଲକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳୁ ନାହିଁ । ପରିଶେଷରେ ଗ୍ରାମବାସୀ ନିଜେ ଏକ କାଠ କବାଟ ଲଗାଇଛନ୍ତି । ହେଲେ ପଲସ୍ତରା, ଫ୍ଲୋରିଂ, ରଙ୍ଗ ଆଦି ଯାବତୀୟ କାର୍ଯ୍ୟ କରିବା ପାଇଁ ତାଙ୍କ ସମ୍ବଳ ନାହିଁ । ଫଳରେ ଗ୍ରାମବାସୀଙ୍କ ଏହା କାମକୁ ଆସୁ ନାହିଁ । ପୂର୍ବ ସରକାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଚିତ ବିନୋଦନ, ସଭା ସମିତି ଆଦି ପାଇଁ ଆମ ଗାଁ ଆମ ଗାଁ ବିକାଶ ଯୋଜନାରେ କମ୍ୟୁନିଟି ସେଣ୍ଟର ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲେ । ତେବେ ଲେଫ୍ରିପଡ଼ା ବ୍ଲକ ପ୍ରଶାସନର ଅପାରଗତା ଯୋଗୁଁ ସାତଜୋରିଆ ଗ୍ରାମବାସୀ ଏହାର ସୁଫଳ ପାଇ ପାରୁ ନ ଥିବା ଦର୍ଶାଇ ଅସନ୍ତୋଷ ପ୍ରକାଶ କରିଛନ୍ତି ।

# ୩ ଆଇଟିଡିଏର ମିଳିତ ସମୀକ୍ଷା ବୈଠକ



**ସୁନ୍ଦରଗଡ଼, ୧୩।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲା ବିକାଶ ଭବନଠାରେ ସୁନ୍ଦରଗଡ଼, ପାନପୋଷ ଏବଂ ବଣାଇ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) ମିଳିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସ୍ଥାନୀୟ ସାଂସଦ ଜୁଏଲ ଓରାମ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ । ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ବିକାଶମୂଳକ ଯୋଜନା ବିଷୟରେ ଆଲୋଚନା ହୋଇଥିଲା । ବୈଠକରେ ବିଶେଷ ଭାବରେ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ (ପିଏମ ଜନମନ) ଏବଂ ଧରତୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା । ଏହା ଅଧୀନରେ ଆଦିବାସୀ ପରିବାର ଏବଂ ଆଦିବାସୀ ବହୁଳ ଗ୍ରାମଗୁଡ଼ିକୁ ମୌଳିକ ସୁବିଧା ସହିତ ଆକାଂକ୍ଷୀ ବ୍ଲକଗୁଡ଼ିକର ଗ୍ରାମଗୁଡ଼ିକ ସମେତ ସମ୍ପୂର୍ଣ୍ଣ କରି ଆଦିବାସୀ ସମ୍ପ୍ରଦାୟର ସାମାଜିକ-ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଓଡ଼ିଶା ବିଧାନ ସଭା ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ରାଜଗାଙ୍ଗପୁର ବିଧାୟକ ଡା.ସି.ଏସ.ରାଜେନ ଏକ୍କା, ବିରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ, ସୁନ୍ଦରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ ।

# ଜାତୀୟସ୍ତରୀୟ ପ୍ରଶିକ୍ଷଣ ଶିବିରରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଯୋଗଦାନ

**ସୁନ୍ଦରଗଡ଼, ୧୩।୬(ସମିସ):** ନୂଆଦିଲ୍ଲୀ ସ୍ଥିତ ଭାରତ ଆନ୍ତର୍ଜାତୀୟ ଗଣତନ୍ତ୍ର ଏବଂ ନିର୍ବାଚନ ପରିଚାଳନା ପ୍ରତିଷ୍ଠାନଠାରେ ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ବୁଥସ୍ତରୀୟ ଅଧିକାରୀଙ୍କ ପର୍ଯ୍ୟବେକ୍ଷକଙ୍କ ଦୁଇ ଦିନିଆ ଜାତୀୟସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ।

ଏହି ପ୍ରଶିକ୍ଷଣ ଶିବିରରେ ସୁନ୍ଦରଗଡ଼ ଜିଲ୍ଲାର ତଳସରା ନିର୍ବାଚନ ମଣ୍ଡଳୀରୁ ବୁଥ ସ୍ତରୀୟ ଅଧିକାରୀଙ୍କ ପର୍ଯ୍ୟବେକ୍ଷକ ସିଆରସିସି ଅର୍ଜ୍ଜୁନ ରୋହିଦାସ, ସୁନ୍ଦରଗଡ଼ ସଦର ନିର୍ବାଚନ ମଣ୍ଡଳୀରୁ ବୁଥସ୍ତରୀୟ ଅଧିକାରୀ ସହକାରୀ ଶିକ୍ଷକ ମାନସ କୁମାର ପଟେଲ, ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀରୁ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ପର୍ଯ୍ୟବେକ୍ଷକ ସହକାରୀ ଶିକ୍ଷକ ନିରଞ୍ଜନ ମହନ୍ତ, ରଘୁନାଥପାଲି ନିର୍ବାଚନ ମଣ୍ଡଳୀରୁ ବୁଥସ୍ତରୀୟ ଅଧିକାରୀଙ୍କ ପର୍ଯ୍ୟବେକ୍ଷକ ପିଇଟି ଗୌରବ ମହନ୍ତ, ରାଉରକେଲା ନିର୍ବାଚନ ମଣ୍ଡଳୀରୁ ବୁଥ ସ୍ତରୀୟ ଅଧିକାରୀଙ୍କ ପର୍ଯ୍ୟବେକ୍ଷକ ସହକାରୀ ଶିକ୍ଷକ ମନୋଜ କୁମାର ସାହୁ, ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀରୁ ବୁଥ ସ୍ତରୀୟ ଅଧିକାରୀ ସହକାରୀ ଶିକ୍ଷକ ପଙ୍କଜ କୁମାର ଉପାଧ୍ୟାୟ ଓ ବଣାଇ ନିର୍ବାଚନ ମଣ୍ଡଳୀରୁ ବୁଥ ସ୍ତରୀୟ ଅଧିକାରୀଙ୍କ ପର୍ଯ୍ୟବେକ୍ଷକ ସହକାରୀ ଶିକ୍ଷକ ସଦାଶିବ ମହନ୍ତ ଯୋଗ ଦେଇଥିଲେ ।

ଏହି ପ୍ରଶିକ୍ଷଣ ଶିବିରରେ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ମହାରାଷ୍ଟ୍ରର ବୁଥ ସ୍ତରୀୟ ଅଧିକାରୀ ଏବଂ ବୁଥସ୍ତରୀୟ ଅଧିକାରୀଙ୍କ ପର୍ଯ୍ୟବେକ୍ଷକମାନେ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ ।

# ଜୁନ୍ ୨୨ରୁ ଜିଲ୍ଲା ପୁରୁଷ ଫୁଟବଲ ଚାମ୍ପିଅନସିପ୍

**ସୁନ୍ଦରଗଡ଼, ୧୩।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଆସନ୍ତା ଜୁନ ୨୨ ରୁ ହେବାକୁ ଥିବା ଜିଲ୍ଲା ପୁରୁଷ ଫୁଟବଲ ଚାମ୍ପିଅନ୍‌ସିପ୍ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କ୍ରିଡା ସଂସଦ ଟୁର୍ଣ୍ଣାମେଣ୍ଟ କମିଟିର ଅଧ୍ୟକ୍ଷ ମେରୀଜନ୍ ବାଗେଙ୍କ ଅଧ୍ୟକ୍ଷତାରେ ସଂସଦର ଷ୍ଟାଡିୟମ୍‌ରେ ଆୟୋଜିତ ଉକ୍ତ ବୈଠକରେ ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ଉପ ସଭାପତି ବିମଳ ବୋଷ, କୋଷାଧ୍ୟକ୍ଷ ଦୁର୍ଗା ମାଧବ ନାଏକ, ସହ ସମ୍ପାଦକ ଜୟଦେବ ପାତ୍ର, ସଭ୍ୟ ପ୍ରଶାନ୍ତ ପଟେଲ, ସୁଶିଲ ପଟେଲ, ରୋମାଞ୍ଚ ଭୈସାଲ, ପ୍ରସାଦ ନାଏକ, ନିତ୍ୟ କୁମାର ବଳ, ସୁରଜ୍ ଭୈସାଲ ପ୍ରମୁଖ ଅଂଶ ଗ୍ରହଣ କରି ଚାମ୍ପିଅନସିପ୍ ର ସଫଳ ରୂପାୟନ ପାଇଁ ସୁଚିନ୍ତିତ ମତାମତ ଦେଇଥିଲେ । ଏହି ଟୁର୍ଣ୍ଣାମେଣ୍ଟ ସଦର ବ୍ଲକ ପାଇଁ କୁଣ୍ଡୁକେଲା ଖେଳ ପଡ଼ିଆ, ଟାଙ୍ଗରପାଲି ବ୍ଲକ ପାଇଁ ପ୍ରଧାନପାଟ ଖେଳପଡ଼ିଆ, ଲେଫ୍ରିପଡ଼ା ଓ ହେମଗିରି ବ୍ଲକ ପାଇଁ ସୁରୁଗୁଡ଼ା ଖେଳପଡ଼ିଆ, ବାଲିଶଙ୍କରା ଓ ସବଡେଗା ବ୍ଲକ ପାଇଁ ବାଲିଶଙ୍କରା ରାଜା ବଙ୍ଗଳା ଖେଳ ପଡ଼ିଆ, ବଡ଼ଗାଁ ଓ କୁତ୍ରା ବ୍ଲକ ପାଇଁ ରାଜାବସା ଖେଳ ପଡ଼ିଆ, ରାଜଗାଙ୍ଗପୁର ବ୍ଲକ ପାଇଁ ଲାଇଙ୍ଗ ଖେଳ ପଡ଼ିଆରେ ଆୟୋଜିତ ହେବ । ଏଥିରେ ଭାଗ ନେବା ପାଇଁ ପ୍ରତ୍ୟେକ ଦଳକୁ ୨ ହଜାର ଟଙ୍କା ଲେଖାଏଁ ପ୍ରବେଶିକା ଫିଜ ଦାଖଲ କରିବାକୁ ପଡ଼ିବ । ଅଂଶ ଗ୍ରହଣ କରିଥିବା ସମସ୍ତ ଖେଳାଳି ମାନଙ୍କୁ କ୍ରୀଡ଼ା ସଂସଦ ତରଫରୁ ମାଗଣାରେ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯିବ । ଚାମ୍ପିଅନ ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା, ଉପ ବିଜେତା ଦଳ କୁ ୩୦ ହଜାର ଟଙ୍କା ସେମିଫାଇନାଲ ରେ ପରାଜିତ ଦୁଇଟି ଦଳକୁ ୧୫ ହଜାର ଟଙ୍କା ଲେଖାଏଁ ଟଙ୍କା ପୁରସ୍କାର ରାଶି ପ୍ରଦାନର ବ୍ୟବସ୍ଥା ରହିଛି । ୬ଟି ସ୍ଥାନର ଜୋନ୍ ର ୬ ଟି ବିଜେତାଙ୍କ ସମେତ ପାନପୋଷ ଓ ବଣାଇ ସବ୍ ଡିଭିଜନ ୨ ଟି ଦଳ ଏହିପରି ମୋଟ ଆଠ ଟି ଦଳକୁ ନେଇ ସୁନ୍ଦରଗଡ଼ ଷ୍ଟାଡିୟମ୍‌ରେ ସେମି ଫାଇନାଲ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ବଣାଇ ଓ ପାନିପୋଷ ସବ୍ ଡିଭିଜନ ସେଲେକ୍ସନ ଟ୍ରାଏଲ ମାଧ୍ୟମରେ ୨ଟି ଦଳ ବଛାଯିବ । ତତ୍ ପରେ ଜିଲ୍ଲା ପାଇଁ ୨୨ ଜଣ ଖେଳାଳି ଚୟନ କରାଯିବ ଏବଂ ଏହି ଦଳ ଆସନ୍ତା ଜୁଲାଇ ୧୫ ରେ ହେବାକୁ ଥିବା ଆନ୍ତଜିଲ୍ଲା ସାହାଣୀ କପ୍ ଫୁଟବଲ୍ ଚମ୍ପିଅନସିପ୍ ରେ ଭାଗ ନେବେ ।

# ବିଭିନ୍ନ ସ୍ଥାନରେ 'ଆମ କଳିକା କେନ୍ଦ୍ର' ଉଦ୍‌ଘାଟିତ






## ଶ୍ରମଜୀବୀ ମହିଳାଙ୍କ ଶିଶୁମାନଙ୍କ ପାଇଁ ନୂଆ ଆଶା

**ସୁନ୍ଦରଗଡ଼, ୧୩।୬(ସମିସ):** ଶ୍ରମଜୀବୀ ମହିଳାଙ୍କ ଶିଶୁମାନଙ୍କର ସୁରକ୍ଷା, ସେବା ଓ ମୂଲ୍ୟବାନ ଯତ୍ନ ନିଶ୍ଚିତ କରିବା ପାଇଁ ଆମ କଳିକା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତତ୍ୱାବଧାନରେ ବ୍ଲକସ୍ତରରେ ୭୬୧ ଟି କେନ୍ଦ୍ର ପ୍ରତିଷ୍ଠା ହେବାକୁ ଯାଉଛି । ଏହି କେନ୍ଦ୍ରମାନଙ୍କ ଦ୍ୱାରା ଶ୍ରମଜୀବୀ ମହିଳାଙ୍କ ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଉପଯୁକ୍ତ ଯତ୍ନ ସଙ୍ଗେ ସଙ୍ଗେ ଏକ ସୁରକ୍ଷିତ ଏବଂ ଏକ ନିରାପଦ ପରିବେଶ ଯୋଗାଇ ଦେବାର ବ୍ୟବସ୍ଥା ରହିଛି । ଜିଲ୍ଲା ସମାଜ ମଙ୍ଗଳ ବିଭାଗର ତତ୍ୱାବଧାନରେ ଓମ୍ବାଡସି ଓ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସହାୟତାରେ ସୁନ୍ଦରଗଡ଼ ଜିଲ୍ଲାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ପ୍ରତ୍ୟକ୍ଷ ଭାବେ ୬ ଟି ବ୍ଲକରେ ସମସ୍ତ କଳିକା କେନ୍ଦ୍ର ପରିଚାଳନା ଦାୟିତ୍ୱ ବହନ କରିଛି । ଏହି କ୍ରମରେ ସେବକ ତରଫରୁ ଆଜି ଏହି ୬ ଟି ବ୍ଲକର ବିଭିନ୍ନସ୍ଥାନରେ ଆମ କଳିକା କେନ୍ଦ୍ର ସବୁ ଉଦ୍‌ଘାଟିତ ହୋଇଯାଇଛି ।

ସବଡେଗା ବ୍ଲକରେ ଗାଏବିରା, ବଡ଼ ଡମକୁଡ଼ା, କର୍ଲାଘାଟି ଓ ରାଜପୁର ଗ୍ରାମଠାରେ ଆମ କଳିକା କେନ୍ଦ୍ର ଉଦ୍‌ଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମରେ ସବଡେଗା ବ୍ଲକ ଅଧ୍ୟକ୍ଷ ଓ ବ୍ଲକ ଉନ୍ନୟନ ଅଧିକାରୀ, ଉପାଧ୍ୟକ୍ଷ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ସହିତ ସ୍ଥାନୀୟ ସରପଞ୍ଚ, ୱାର୍ଡ ମେମ୍ବର, ଆଶା କର୍ମୀ, ଆଙ୍ଗନବାଡି କର୍ମୀମାନେ ଉପସ୍ଥିତ ରହି ଏହି କେନ୍ଦ୍ରମାନଙ୍କୁ ଉଦ୍‌ଘାଟନ କରିଥିଲେ ।

ସେହିପରି ବାଲିଶଙ୍କରା ବ୍ଲକରେ ବେହେରାଡ଼ିହି ଗୌନ୍ତିଆପଡ଼ା ଓ ବ୍ରାହ୍ମଣମରା, ଟାଙ୍ଗରପାଲି ବ୍ଲକରେ ନୂଆମୁଣ୍ଡା (ବର୍ଡନକେଲା ), ନିଆଳିପାଲି ଓ ମଙ୍ଗସପୁର ଆଡକଠା, ଲେଫ୍ରିପଡ଼ା ବ୍ଲକରେ ବଡଖଲିଆ ଓ ଝୁରିମାଲ ଗ୍ରାମରେ, ହେମଗିରି ବ୍ଲକ ମସିଣା, ଚୁଆବାହାଲ, ସରବାହାଲ ଗ୍ରାମରେ ତଥା ସୁନ୍ଦରଗଡ଼ ସଦର ବ୍ଲକର ଭବାନୀପୁର, ରୁପିଡିହି, ସମରଡ଼ିହି ଠାରେ ଏହି କେନ୍ଦ୍ରର ଶୁଭାରମ୍ଭ କରାଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ, ସ୍ଥାନୀୟ ସରପଞ୍ଚ ତଥା ପଞ୍ଚାୟତିରାଜ ପ୍ରତିନିଧି, ସୁପରଭାଇଜର, ମହିଳା ସ୍ୱାସ୍ଥ୍ୟ କର୍ମୀ, ୱାର୍ଡ ମେମ୍ବର, ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ଅଞ୍ଚଳର ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ । ସେବକ ତରଫରୁ ପ୍ରକଳ୍ପ ସଂଯୋଜିକା ସଞ୍ଜୁ ପଟେଲ ଓ ତୃପ୍ତିମୟୀ ବେହେରା, କ୍ରେଚ ମ୍ୟାନେଜର ଶିଲ୍ପା ସରେଙ୍ଗ, ଆର୍ଟିଲିନା ସରେଙ୍ଗ ଏବଂ କ୍ଷେତ୍ର ପରିଦର୍ଶିକା ସଞ୍ଜୁକ୍ତା ବାରିକ, ମିନୁ ବୁଡା, ଧରିତ୍ରୀ କାଲୋ, ଝରନା ଶଙ୍କରିୟା, ବାସନ୍ତୀ ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ । ଆମ କଳିକା କେନ୍ଦ୍ର ଦ୍ୱାରା ଶିଶୁମାନେ ସୁଷମ ଓ ପୁଷ୍ଟିକର ଖାଦ୍ୟ ଦ୍ୱାରା ସ୍ୱାସ୍ଥ୍ୟ ସୁରକ୍ଷିତ ହେବେ । ସହଜ ଓ ସାର୍ବଜନୀନ ଶିଶୁ ସେବା ଦ୍ୱାରା ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଉପରେ ଗୁରୁତ୍ୱ ଦିଆଯିବ । ଏହି କେନ୍ଦ୍ର ଦ୍ୱାରା ଶ୍ରମଜୀବୀ ମହିଳାମାନଙ୍କୁ କାର୍ଯ୍ୟ କ୍ଷେତ୍ରରେ କାମ କରିବା ସୁବିଧାଜନକ ହେବ ।

## ବିକଶିତ ଗାଁ ବିକଶିତ ଓଡ଼ିଶା

# ପ୍ରକଳ୍ପ କାର୍ଯ୍ୟରେ ଜନପ୍ରତିନିଧିଙ୍କୁ ଅଣଦେଖା

ବାଲିଶଙ୍କରା, ୧୩।୬(ସମିସ)



● ବିଡିଓଙ୍କୁ ଫେରାଦ ହେଲେ ସମିତି ସଭ୍ୟସଭ୍ୟା

ସରକାର ବିଭିନ୍ନ ପ୍ରକାର ଯୋଜନା କରି ଗାଁରୁ ଆରମ୍ଭ କରି ରାଜ୍ୟର ବିକାଶ କରିବା ପାଇଁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା କରିଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକରେ ଏହାର ବ୍ୟତିକ୍ରମ ଦେଖାଦେଇଛି । ଜନ ପ୍ରତିନିଧିଙ୍କୁ ଅଣଦେଖା କରି ଯୋଜନା ଅନ୍ତର୍ଗତ ପ୍ରକଳ୍ପ କାର୍ଯ୍ୟର କାର୍ଯ୍ୟାଦେଶ ଓ କାର୍ଯ୍ୟ କରାଯାଉଥିବା ସମିତି ସଭ୍ୟସଭ୍ୟାମାନେ ଅଭିଯୋଗ କରିଛନ୍ତି । ଏନେଇ ବିଡିଓଙ୍କ ନିକଟରେ ସମିତି ସଭ୍ୟସଭ୍ୟାମାନେ ଶୁକ୍ରବାର ଫେରାଦ ହୋଇଛନ୍ତି । ସରକାରଙ୍କ ନିୟମ ଅନୁସାରେ ଗାଁର ବିକାଶ ପାଇଁ ଜନପ୍ରତିନିଧିମାନେ ସମିତି ମେମ୍ବର ଓ ସରପଞ୍ଚ ପଞ୍ଚାୟତ ବିକାଶ ପାଇଁ ଗ୍ରାମସଭାରେ ୫ ବର୍ଷ ଖସଡ଼ା ପ୍ରସ୍ତୁତ କରିଥିଲେ । ଗ୍ରାମସଭାରେ ମାଧ୍ୟମରେ ପ୍ରପୋଜାଲ ଦେଇ ତାକୁ ପ୍ରଥମ ପର୍ଯ୍ୟାୟରେ ଗୁରୁତ୍ୱ ଦେବା ପାଇଁ ସୁପାରିଶ କରାଯାଇଥିଲା । ମାତ୍ର ଅତି ପରିତାପର ବିଷୟ କି ପ୍ରଶାସନିକ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ବ୍ଲକର ୧୯ଟି ପଞ୍ଚାୟତରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ସମିତି ସଭ୍ୟସଭ୍ୟାମାନଙ୍କୁ ଅଣଦେଖା କରି ନିଜ ମନଇଚ୍ଛା ଅନ୍ୟମାନଙ୍କୁ କାର୍ଯ୍ୟାଦେଶ ଦେଉଥିବା ନେଇ ସମସ୍ତ ସମିତି ସଭ୍ୟସଭ୍ୟାମାନେ ବାଲିଶଙ୍କରା ବିଡିଓ ଜ୍ୟୋତିର୍ମୟୀ ପ୍ରଧାନଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ସରକାରଙ୍କ ଉନ୍ନତିମୂଳକ ଯୋଜନା ବିକଶିତ ଗାଁ ବିକଶିତ ଓଡ଼ିଶା ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତରେ ଗ୍ରାମସଭା ମାଧ୍ୟମରେ ୫ ବର୍ଷ କାର୍ଯ୍ୟ ଖସଡ଼ା ତିଆରି କରିଦିଆଯାଇଥିଲା । କିନ୍ତୁ ଟଙ୍କା ମଞ୍ଜୁର ହେବା ପରେ ସମିତି ସଭ୍ୟସଭ୍ୟାଙ୍କୁ ଅଣଦେଖା କରି ପ୍ରକଳ୍ପ ସୂଚୀରେ ବ୍ୟକ୍ତିଗତ ଭାବେ ନାମ ଦର୍ଶାଇ କାମ କରିବାକୁ ଦିଆଯାଉଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ଅଛି । ତେଣୁ ଏହାର ଉଚିତ ବିଚାର ନହେବା ପର୍ଯ୍ୟନ୍ତ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ହେଉଥିବା ସମସ୍ତ କାର୍ଯ୍ୟକୁ ସ୍ଥଗିତ ରଖିବାକୁ ସମିତି ସଭ୍ୟସଭ୍ୟା ଦାବି କରିଛନ୍ତି । ନଚେତ ପେସା ଆଇନ ଓ ପଞ୍ଚାୟତିରାଜ ନିୟମ ଅନୁସାରେ ଅନୁଚିତ କାର୍ଯ୍ୟ କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି କହିଛନ୍ତି ସମିତି ସଭ୍ୟସଭ୍ୟା । ଅପରପକ୍ଷେ ଏହାର ୨ରୁ ୩ ଦିନ ମଧ୍ୟରେ ଯଦି ତାର ଚୂଡାନ୍ତ ଫଇସଲା କରାନଯାଏ ତାହେଲେ ବ୍ଲକ କାର୍ଯ୍ୟାଳୟକୁ ତାଲା ପକାଇବେ ବୋଲି ଚେତାବନୀ ଦେଇଛନ୍ତି । ପଞ୍ଚବାର୍ଷିକ ଯୋଜନାରେ ସମିତି ସଭ୍ୟସଭ୍ୟାଙ୍କୁ ଯଦି ଅଣଦେଖା କରାଯାଏ ତାହେଲେ ନିଆଁ ଜାଳିବ ବୋଲି ସମିତି ସଭ୍ୟସଭ୍ୟାମାନେ ପ୍ରକାଶ କରିଛନ୍ତି । ବ୍ଲକ ଉପାଧ୍ୟକ୍ଷ ପିତାମ୍ବର ଶେଖର ଦେଓ, କୃଷ୍ଣଚନ୍ଦ୍ର ବାରୁଆ, ଶୁଚିତା ମିଞ୍ଜ, ତ୍ରିବେଣୀ ମାଝୀ, ଯଜ୍ଞସିନୀ ବେହେରା, ଅପୀନ ପ୍ରଧାନ, ପ୍ରମୋଦ କୁମାର ମିଞ୍ଜ, ଆଲକା ତିର୍କୀ, କଳ୍ପନା ପ୍ରଧାନ, ଲୁଭାଷିନୀ ମାଝୀ, କହ୍ନେଇ ଜୟପୁରିଆ ପ୍ରମୁଖ ସମିତି ସଭ୍ୟସଭ୍ୟାମାନେ ଏକତ୍ରିତ ହୋଇ ବିଡ଼ିଓଙ୍କୁ ଅଭିଯୋଗ ପତ୍ର ଦେଇଥିଲେ ।

# ଦୃଷ୍ଟିବାଧିତ ମହିଳାଙ୍କୁ ମିଳୁନି ରାସନ ଚାଉଳ

**ବାଲିଶଙ୍କରା, ୧୩।୬(ସମିସ):** ଦୃଷ୍ଟିବାଧିତ ମହିଳାଙ୍କ ଆଧାରକାର୍ଡ ହେଉ ନ ଥିବାରୁ ୩ ବର୍ଷ ହେବ ରାସନକାର୍ଡରେ ଚାଉଳ ମିଳୁନାହିଁ । ଏପରି ଦୃଶ୍ୟ ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ କୁରେଇ ପଞ୍ଚାୟତ ଲମଟି ଗ୍ରାମର ଚୋରପୂଜା ପଡ଼ାରେ । ଉକ୍ତ ପଡ଼ାର ଦୃଷ୍ଟିହୀନ ମହିଳା କାରମେଳା ସୋରେଙ୍ଗ (୩୯)ଙ୍କ ବାପା, ମାଆ ନାହାନ୍ତି । ତାଙ୍କ ଭାଇ ବେନଜାମିନ ସୋରେଙ୍ଗ ବିବାହ ହୋଇ ଅନ୍ୟତ୍ର ରହୁଛନ୍ତି । କାରମେଳା ଦୃଷ୍ଟିହୀନ ଥିବାବେଳେ ସେ ଏକୁଟିଆ ରହୁଛନ୍ତି । ସରକାରୀ ସହାୟତା କହିଲେ କେବଳ ଭିନ୍ନକ୍ଷମ ଭତ୍ତା ମିଳୁଛି । ପୂର୍ବରୁ ରସନକାର୍ଡରେ ଚାଉଳ ମିଳୁଥିଲା । କିନ୍ତୁ ଗତ ୩ ବର୍ଷ ହେବ ରସନକାର୍ଡରେ ଚାଉଳ ମିଳୁନାହିଁ । ଆବାସ ଯୋଜନାରେ ଘରଟିଏ ମଧ୍ୟ ମିଳି ନ ଥିବାବେଳେ କାରମେଳା ସୋରେଙ୍ଗ ମାଟି ଘରେ ଜୀବନ ବିତାଉଛନ୍ତି । ଏନେଇ ସରପଞ୍ଚ, ସମିତିସଭ୍ୟ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ମଧ୍ୟ ଏ ବିଷୟରେ ଜଣାଇଛନ୍ତି । ହେଲେ ପେଟକୁ ଭାତ ନାହିଁ କି ମୁଣ୍ଡକୁ ଛାତ ନାହିଁ । ଏ ବାବଦରେ କୁରେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୟରାମ ପଧାନଙ୍କ ସହ ଯୋଗାଯୋଗ କରିବାରୁ କାରମେଳା ସୋରେଙ୍ଗଙ୍କ ଆଧାରକାର୍ଡ ହୋଇପାରୁ ନ ଥିବାରୁ ସେ ବିଭିନ୍ନ ସରକାରୀ ସହାୟତାରୁ ବଞ୍ଚିତ ରହୁଛନ୍ତି ବୋଲି କହିଥିଲେ । ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଦୃଷ୍ଟିହୀନ କାରମେଳା ସୋରେଙ୍ଗଙ୍କୁ ସରକାରୀ ସହାୟତା ଭାବେ ରସନକାର୍ଡରେ ଚାଉଳ ଓ ଆବାସ ଯୋଜନାରେ ଗୃହଟିଏ ଯୋଗାଇ ଦେବାର ବ୍ୟବସ୍ଥା କରିବା ପାଇଁ ଦାବି ହେଉଛି ।



# ରାସ୍ତା ସମସ୍ୟା ସମାଧାନ ପାଇଁ ଅଣ୍ଟା ଭିଡ଼ିଲେ ବିଧାୟକ

କୋରାପୁଟ ୧୩।୬(ସମିସ): କୋରାପୁଟ ପୌର ପରିଷଦର ୧୮ ନଂ ୱାର୍ଡ ଅନ୍ତର୍ଗତ ମସିପୁଟ ଗ୍ରାମର ରାସ୍ତା ସମସ୍ୟା ସମାଧାନ କରିବାକୁ ବିଧାୟକ ରଘୁରାମ ମାଛ ଅଣ୍ଟା ଭିଡିଛନ୍ତି। ସହରାଞ୍ଚଳରେ ରହିବା ସତ୍ୱେ ଦୀର୍ଘବର୍ଷ ହେବ ଗ୍ରାମବାସୀ ରାସ୍ତା ସମସ୍ୟାକୁ ନେଇ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ରାସ୍ତା ପାଇଁ ଲୋକେ ଗତ ଦିନରେ ଭୋଟ ବର୍ଜନ କରିବା ସହ ଚାନ୍ଦା ଆଦାୟ କରି ନିଜେ ଅସ୍ଥାୟୀ ରାସ୍ତା କରି ପ୍ରତିବାଦ ଜଣାଇଥିଲେ। ପରବର୍ତ୍ତୀ ସମୟରେ ପୌର ପରିଷଦ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା କିନ୍ତୁ ବ୍ୟକ୍ତିଗତ ପଟ୍ଟା ଜମି ରାସ୍ତା ମଝିରେ ଆସିବାରୁ କାର୍ଯ୍ୟ ବନ୍ଦ ହୋଇଥିଲା। ପୌର ପ୍ରଶାସନ ପକ୍ଷରୁ ସମସ୍ୟା ସମାଧାନ ନେଇ ଜମି ମାଲିକଙ୍କ ସହ ଆଲୋଚନା କରି ଖୁବଶୀଘ୍ର ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବେ ବୋଲି ସେତେବେଳେ ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ପ୍ରତିଶ୍ରୁତି ଦେଇଥିଲେ। ବୁଧବାର କୋରାପୁଟ ବିଧାୟକ ରଘୁରାମ ମାଛ ଗ୍ରାମକୁ ଗସ୍ତ କରି ରାସ୍ତା କରିବା ନେଇ ପ୍ରଭାବିତ ଜମି ମାଲିକ ମାନଙ୍କ ସହିତ ଆଲୋଚନା କରି ଲୋକଙ୍କ ସୁବିଧା ପାଇଁ ଅସ୍ଥାୟୀ ରାସ୍ତା ନିର୍ମାଣ ନିମନ୍ତେ ଜମି ଚିହ୍ନଟ କରି ରାସ୍ତା ନିର୍ମାଣ ପାଇଁ ଭୂମି ପୁଜନ କରିଛନ୍ତି। ଗ୍ରାମବାସୀ ବିଧାୟକ ରଘୁରାମ ମାଛଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ନିର୍ବାହୀ ଅଧିକାରୀ ଜ୍ଞାନଜୀତ ତ୍ରିପାଠୀଙ୍କ ସହ ସ୍ଥାନୀୟ କାଉନସିଲର ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।



## ଜି ଟିଭି ଭାରତ ଓଡ଼ିଆ ଡିଜିଟାଲ ନିୟୁଜ୍ର ବାର୍ଷିକ ଉତ୍ସବ



ରାୟଗଡ଼ା,୧୩। ୬(ସମିସ) : ଜିଟିଭି ଭାରତ ଓଡ଼ିଆ ଡିଜିଟାଲ ନିୟୁଜ ଚ୍ୟାନେଲର ଅଷ୍ଟମ ବାର୍ଷିକ ଉତ୍ସବ ସ୍ଥାନୀୟ ଲାୟନ୍ସ କ୍ଲବ୍ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଚ୍ୟାନେଲର ମୁଖ୍ୟ ରାମଦାସ ଲିମାଙ୍କ ସଭାପତିତ୍ୱରେ ଏବଂ ଏମଡି ଦୀପକ ପୃଷ୍ଟିଙ୍କ ସଂଚାଳନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ, ସମ୍ମାନିତ ଅତିଥି ଭାବେ ରାୟଗଡ଼ା ସେଞ୍ଚୁରିଆନ୍ ୟୁନିଭରସିଟି ନିର୍ଦ୍ଦେଶକ ଡ. ରାଜେଶ କୁମାର ପାଢୀ, ଜିଷ୍ଟ କଲେଜ ନିର୍ଦ୍ଦେଶକ ଗୋବିନ୍ଦ ରଥ, ଆପ୍ ଜିଲ୍ଲା ସଭାପତି ଜନ୍ମେଜୟ ସ୍ୱାଇଁ, ଚ୍ୟାନେଲର ଉପଦେଷ୍ଟା ଜଳନ୍ଧର ପୁଶିକାଙ୍କ ସମେତ ବ୍ୟୁରୋ ହେଡ୍ କ୍ଷମାସାଗର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୭ଜଣ ବ୍ୟକ୍ତିବିଶେଷଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଜିଲ୍ଲାର ବିକାଶରେ ସାମ୍ବାଦିକମାନଙ୍କ ଏକ ଅଗ୍ରଣୀ ଭୂମିକା ରହିଥିବା ଯୋଗୁଁ ନିଜ ଭିତରେ ଏକତାକୁ ବଜାୟ ରଖି ସଂଗଠିତ ହୋଇ ନିଜର ଦାୟିତ୍ୱକୁ ତୁଲାଇବାକୁ ଅତିଥିମାନେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ଗ୍ୟାରେଜ୍‌ରେ ଖତ ଖାଉଛି ଆମ୍ବୁଲାନ୍ସ; ରୋଗୀ ଭୋଗୁଛନ୍ତି ଯନ୍ତ୍ରଣା



ତୁମୁଡିବନ୍ଧ,୧୩।୬(ସମିସ): ନିର୍ବାଚନ ଶେଷ ହେବାର ୬ ମାସ ପରେ ନୂଆ ଭାବେ ଶାସନକୁ ଆସିଥିବା ସରକାରଙ୍କ ଦ୍ୱାରା କନ୍ଧମାଳ ଜିଲ୍ଲାର ୧୧ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବହୁମୁଖୀ ସେବା ଯୋଗାଉଥିବା ଆମ୍ବୁଲାନ୍ସ ପ୍ରଦାନ କରାଯାଇଥିଲା। ଜିଲ୍ଲା ହେଡକ୍ୱାର୍ଟର ଫୁଲବାଣୀରେ ଏହାର ଉଦଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଏହାର ଶୁଭ ଉଦଘାଟନ କରିଥିଲେ। ତନ୍ମଧ୍ୟରୁ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଟିଏ ବହୁମୁଖୀ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିଲା। ପୂର୍ବରୁ ଏହି ଆମ୍ବୁଲାନ୍ସ ବାର ହାଜର କିଲୋମିଟର ଚାଲିଥିଲା। ପୂର୍ବରୁ ଆମ୍ବୁଲାନ୍ସ ଗାଡି ବ୍ୟବହାର କରାଯାଇଥିଲେ ମଧ୍ୟ ଉକ୍ତ ଗାଡିକୁ ପୁଣି ଥରେ ଉଦଘାଟନ କରାଯାଇଥିଲା। ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁଇ ମାସ ଚାଲିବା ପରେ ବର୍ତ୍ତମାନ ତାହା ଅଚଳ ହୋଇ ଗ୍ୟାରେଜରେ ପଡ଼ିରହିଛି। ସ୍ୱାସ୍ଥ୍ୟ ଅଧିକାରୀଙ୍କ ସୂଚନା ଅନୁଯାଇ ଉକ୍ତ ଆମ୍ବୁଲାନ୍ସକୁ ସିଏସଆର ସ୍କିମ ମାଧ୍ୟମରେ ଆଇଆରଇଏଲ ଅନୁଷ୍ଠାନ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦାନ କରାଯାଇଥିଲା। ଉକ୍ତ ଅନୁଷ୍ଠାନ ଆମ୍ବୁଲାନ୍ସ ପ୍ରଦାନ କରିଥିଲା। କିନ୍ତୁ ତାହାର ପରିଚାଳନା ନିମନ୍ତେ କୌଣସି ପ୍ରକାରର ପାଣ୍ଠିର ବ୍ୟବସ୍ଥା କରାଯାଇ ନ ଥିଲା। ସେହିପରି ଆମ୍ବୁଲାନ୍ସ ଚଳାଇବା ନିମନ୍ତେ ଡ୍ରାଇଭର ନିଯୁକ୍ତ କରାଯାଇ ନ ଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଶବ ବୁହା ଆମ୍ବୁଲାନ୍ସ ଡ୍ରାଇଭର ଏହାକୁ ଚଳାଉଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ନିଜ ପକେଟରୁ ଗରିବ ଆଦିବାସୀଙ୍କ ସେବା ନିମନ୍ତେ ଡିଜେଲ ପକାଇବାକୁ ପଇସା ଦେଉଥିଲେ। ହେଲେ ୬ ମାସ ହେବ ଏହି ଆମ୍ବୁଲାନ୍ସ ଅଚଳ ହୋଇ ପଡ଼ିରହିଛି। ଏଥିଯୋଗୁଁ ବିଶେଷ କରି ଗରିବ ରୋଗୀ ପ୍ରଭାବିତ ହେଉଛନ୍ତି। ଆମ୍ବୁଲାନ୍ସର ଇଞ୍ଜିନ ଖରାପ ହେଇଥିବା କହିଛନ୍ତି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ। ଏହାର ମରାମତି ନିମନ୍ତେ କୌଣସି ପ୍ରକାରର ପାଣ୍ଠି ବ୍ୟବସ୍ଥା ନାହିଁ। ଏଥିଯୋଗୁଁ ଆମ୍ବୁଲାନ୍ସର ମରାମତି ହେଇପାରୁନି ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କହିଛନ୍ତି। ଏହାର ମରାମତି ନିମନ୍ତେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଅନେକ ଥର ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଚିଠି କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରିନି। ଅଞ୍ଚଳରେ ରୋଗୀ ବୋହିବାକୁ ଅସୁବିଧା ହେଉଥିବାରୁ ଅଞ୍ଚଳବାସୀ ତରଫରୁ ଏହାର ମରାମତି କିମ୍ବା ପ୍ରଶାସନ ତରଫରୁ ନୂଆ ଆମ୍ବୁଲାନ୍ସ ଯୋଗାଇ ଦେବା ନିମନ୍ତେ ଅନୁରୋଧ କରିଛନ୍ତି।

## ● ନନ୍ଦପୁର ତହସିଲଦାର ପ୍ରଭାତୀ ଝୋଡିଆଙ୍କ ବଦଳି

## ଦେବବ୍ରତ ମହାରଣା ନନ୍ଦପୁର ନୂତନ ତହସିଲଦାର

ନନ୍ଦପୁର,୧୩।୬ (ସମିସ): ନନ୍ଦପୁର ତହସିଲଦାର ପ୍ରଭାତୀ ଝୋଡିଆଙ୍କ ବଦଳି ହୋଇଛି। ତାଙ୍କୁ ନାରାୟଣ ପାଟଣା ବ୍ଲକ ତହସିଲଦାର ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ନାରାୟଣ ପାଟଣା ବ୍ଲକ ତହସିଲଦାର ଦେବବ୍ରତ ମହାରଣାଙ୍କୁ ନନ୍ଦପୁର ନୂତନ ତହସିଲଦାର ଭାବେ ବଦଳି କରାଯାଇଛି। ମାଲକାନଗିରି ଜିଲ୍ଲାରୁ କୋରାପୁଟ ଜିଲ୍ଲାର ନନ୍ଦପୁର ତହସିଲଦାର ଭାବେ ଚଳିତ ବର୍ଷ ଜାନୁଆରୀ ମାସ ୨୫ ତାରିଖରେ ସେ ଯୋଗ ଦେଇଥିଲେ। ଗତ ୫ ମାସ ଚାକିରି କାଳରେ ସେ ଜବରଦଖଲ ଉଚ୍ଛେଦ, ବେଆଇନ ବାଲିଚାଲାଣ ଉପରେ ରୋକ୍ ସହ ନନ୍ଦପୁର ସର୍ବପୁରାତନ ରଥ ଯାତ୍ରା ନିମନ୍ତେ ନୂତନ ରଥ ନିର୍ମାଣ ପାଇଁ ପଦକ୍ଷପ ନେଇଛନ୍ତି।

## ଘରୋଇ ବସ୍ ଉପରେ ଲାଗିବ ଅଙ୍କୁଶ

କାଶୀନଗର,୧୩।୬(ସମିସ) ଘରୋଇ ବସ୍ ସେବା କ୍ଷେତ୍ରରେ ମନମୁଖୀ ଓ ବେଆଇନ୍ କାର୍ଯ୍ୟକଳାପ ଲାଗି ରହିଥିବାକୁ ନେଇ ସ୍ଥାନୀୟ ଲୋକଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ଓ ଆନ୍ଦୋଳନ ହେବାପରେ ଗୁରୁବାର ଦିନ ଗଜପତି ଆର୍‌ଟିଓ ପ୍ରସନ୍ନ କୁମାର ଦାସ କାଶୀନଗର ଗସ୍ତ କରି ଜନସାଧାରଣ, ବୁଦ୍ଧିଜୀବୀ ଓ ନାଗରିକ ମହାସଭା କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ଅବସରରେ କାଶୀନଗର ଦେଇ ଚଳାଚଳ କରୁଥିବା ଘରୋଇ ବସ୍ ସବୁ ଯେପରି ବାଇପାସ୍‌ରେ ନଯାଇ ସହର ଭିତରକୁ ଆସିବ, ତାହା ନିଶ୍ଚିତ କରିବା ସକାଶେ ପ୍ରତିଶ୍ରୁତି ଦେବା ସହ ଥାନା ଅଧିକାରୀ ସୁନୀଲ୍ କୁମାର ବେହେରାଙ୍କୁ ଏ ଦିଗରେ ସହାୟତା କରିବାକୁ ଅନୁରୋଧ ଜଣାଇଥିଲେ। ଥାନା ଅଧିକାରୀ ବି ଏଥିପାଇଁ ସମ୍ମତି ଦେଇଛନ୍ତି। ଏହାଛଡା ସବୁ ବସରେ ଫେୟାର ଚାର୍ଟ ଲାଗିବା ସହ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଭଡ଼ା ଠାରୁ ଅଧିକ ଭଡ଼ା ଯାତ୍ରୀଙ୍କ ନିକଟରୁ ଯେପରି ଆଦାୟ କରା ନ ଯିବ ସେ ଦିଗରେ ପଦକ୍ଷେପ ନେବାକୁ ବି ଆରଟିଓ ପ୍ରତିଶ୍ରୁତି ଦେଇଥିଲେ। କୌଣସି ଘରୋଇ ବସ୍ ଯାତ୍ରୀଙ୍କୁ ଟିକଟ୍ ଦେଉ ନ ଥିବା ସମ୍ପର୍କରେ ଆରଟିଓଙ୍କୁ ଅବଗତ କରାଯାଇଥିଲା। ବସଯାତ୍ରା ବେଳେ ଟିକଟ୍ ଦାବି କରିବା ଯାତ୍ରୀଙ୍କ ଅଧିକାର ବୋଲି ସେ ସୂଚନା ଦେଇଥିଲେ। ବହୁ ଘରୋଇ ବସ୍ ସୁବିଧାଜନକ ନିରାପଦ ଯାତ୍ରାର ଅନୁକୂଳ ନଥିବା ସତ୍ତ୍ୱେ କିପରି ଚଳାଚଳ କରୁଛି ବୋଲି ପ୍ରଶ୍ନ ଉଠିଥିଲା। ସ୍ଥିତି ଅନୁଧ୍ୟାନ ପରେ ପଦକ୍ଷେପ ନିଆଯିବ ବୋଲି ଆରଟିଓ କହିଥିଲେ। ଲକ୍ଷ୍ମୀ ବସ୍ ପାଇଁ ଏକ କମିଟି ରହିଛି ଓ ବିଡିଓ ତାର ଅଧ୍ୟକ୍ଷ ଥିବା ସମ୍ପର୍କରେ ବି ସେ ସୂଚନା ଦେଇଥିଲେ। ବିଡିଓ ଡମ୍ବରୁଧର ମଲ୍ଲିକଙ୍କୁ ଏ ନେଇ ପଚରା ଯିବା ବେଳେ ସେ ଏଭଳି କୌଣସି କମିଟି ଥିବା ଜାଣନ୍ତି ନାହିଁ ବୋଲି କହିଥିଲେ। କାଶୀନଗର ଗସ୍ତ ଅବସରରେ ସ୍ଥାନୀୟ ତହସିଲଦାର ତଥା ପ୍ରଶାସନିକ ମାଜିଷ୍ଟ୍ରେଟଙ୍କ ସହ ଆରଟିଓ ଆଲୋଚନା କରିଥିଲେ ଭଲ ହୋଇଥାନ୍ତା ବୋଲି ମତ ପ୍ରକାଶ ପାଇଥିଲା। କାଶୀନଗର ନାଗରିକ ମହାସଭା ସଭାପତି ପ୍ରଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ଅଞ୍ଚଳବାସୀ ଆଲୋଚନାରେ ଭାଗ ନେଇଥିବା ବେଳେ ଉଲ୍ଲେଖିତ ସଂଗଠନର ସମ୍ପାଦକ ଏମ.ସୁଜନ କୁମାର, ବୁଦ୍ଧିଜୀବୀ ଏମ.ଶ୍ରୀନିବାସ ରାଓ, ରବୀନ୍ଦ୍ର କୁମାର ପଣ୍ଡା, ତ୍ରିନାଥ ନାୟକ, ଜଗଦୀଶ ପାତ୍ର, ପ୍ରଶାନ୍ତ ସାହୁ, ପ୍ରେସ୍ କ୍ଲବ୍ ସଭାପତି ରାଜେଶ ମିସାଲଙ୍କ ସମେତ ଉପସ୍ଥିତ ସଚେତନ ନାଗରିକ ମତ ରଖିଥିଲେ। ପ୍ରତିଶ୍ରୁତି ପୂରଣ ନହେଲେ ଗଣତାନ୍ତ୍ରିକ ପଦ୍ଧତିରେ ଜନଆନ୍ଦୋଳନକୁ ଜୋରଦାର କରାଯିବା ବ୍ୟତୀତ ଅନ୍ୟ ବିକଳ୍ପ ରହିବ ନାହିଁ ବୋଲି ଆରଟିଓଙ୍କୁ ଜଣାଇ ଦିଆଯାଇଥିଲା।

## ନାବାଳିକାକୁ ଦୁଷ୍କର୍ମ; ମାମୁ ଗିରଫ

ମୋହନ,୧୩।୬(ସମିସ): ଗଜପତି ଜିଲ୍ଲା ମୋହନା ଥାନା ଅଞ୍ଚଳର ଜଣେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ସମ୍ପର୍କୀୟ ମାମୁକୁ ଗିରଫ କରିଛି ପୁଲିସ। ଗିରଫ ଜଣକ ହେଲେ ଥାନା ଅଞ୍ଚଳର ନାରାଙ୍ଗୀ ଗାଁର ଲକ୍ଷ୍ମଣ ନାୟକ (୬୦)। ଖାରୀଗୁଡା ଗାଁର ଜଣେ ନାବାଳିକାଙ୍କୁ ଜଣେ ସମ୍ପର୍କୀୟ ମାମୁ ଦୁଷ୍କର୍ମ କରିଥିବା ନେଇ ପରିବାର ଲୋକେ ଗୁରୁବାର ମୋହନା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୁକ୍ତ ସମ୍ପର୍କୀୟ ମାମୁକୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ କରିଥିଲା। ତଦନ୍ତ ପରେ ଶୁକ୍ରବାର ଅଭିଯୁକ୍ତକୁ ଗିରଫ କରାଯାଇଛି। ଶନିବାର ତାକୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ସୂଚନା ଦେଇଛି। ଅନ୍ୟପଟେ ମୋହନା ଡାକ୍ତରଖାନାରେ କୌଣସି ମହିଳା ଡାକ୍ତର ନଥିବାରୁ ନାବାଳିକା ଡାକ୍ତରୀ ମାଇନା ପାଇଁ ତାକୁ ବ୍ରହ୍ମପୁର ବଡ଼ ମେଡିକାଲ ନେଇଛି ପୁଲିସ।

## ବିପୁଳ ମାଓ ସାମଗ୍ରୀ ଜବତ

ବାଲିଗୁଡ଼ା,୧୩।୬(ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ଖମଣଖୋଲ ବିଏସଏଫ ୧୩୬ ବାଟାଲିୟନକୁ ସର୍ଚ୍ଚ ଅପରେସନ ବେଳେ ଜଙ୍ଗଲରୁ ବିପୁଳ ପରିମାଣର ମାଓ ସାମଗ୍ରୀ ମିଳିଛି। ବାଲିଗୁଡ଼ା ଥାନା ଅନ୍ତର୍ଗତ ଖମଣଖୋଲ ଅଞ୍ଚଳରେ ମାଓ ସଙ୍ଗଠନ ଏକତ୍ର ହେଉଥିବା ନେଇ ଗୁଇନ୍ଦା ପକ୍ଷରୁ ମିଳିଥିବା ସୂଚନାକୁ ଆଧାରକରି ଖମଣଖୋଲ ପଞ୍ଚାୟତର କାନିବାଲି ଗାଁ ନିକଟସ୍ଥ ଜଙ୍ଗଲରେ ବିଏସ୍ଏଫ୍ ପକ୍ଷରୁ ସର୍ଚ୍ଚ ଅପରେସନ୍ କରାଯାଇଥିଲା। ଏଥିରେ ସମ୍ପୃକ୍ତ ଜଙ୍ଗଲରୁ ୮ଟି ଡିଟୋନେଟର, ୯ ପ୍ୟାକେଟ୍ ଜିଲୋଟିନ୍ ରୋଲ୍, ୨ଟି ବ୍ୟାଟେରୀ, ୧୦ ମିଟର ଇଲେକ୍ରି ତାର, ଗୋଟିଏ ପାୱାର ବ୍ୟାଙ୍କ ସମେତ ରାସନ୍ ସାମଗ୍ରୀ, ବାସନ କୁସନ ଓ ବହୁ ଔଷଧ ସହ ଜରୁରୀକାଳୀନ ବ୍ୟବହୃତ ଜିନିଷ ମଧ୍ୟ ବିଏସଏଫ ଜବତ କରିଛି। ଏହି ଅଞ୍ଚଳରେ ବିଏସଏଫ ପକ୍ଷରୁ ଜୋରଦାର ସର୍ଚ୍ଚ ଅପରେସନ ଜାରି ରହିଥିବା ବେଳେ ଜବତ ହୋଇଥିବା ସମସ୍ତ ସାମଗ୍ରୀ ବାଲିଗୁଡ଼ା ପୁଲିସକୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

## ସିପିଆଇର ସାନଖେମୁଣ୍ଡି ଆଞ୍ଚଳିକ ସମ୍ମିଳନୀ



ସାନଖେମୁଣ୍ଡି,୧୩।୬(ସମିସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସାନଖେମୁଣ୍ଡି ଆଞ୍ଚଳିକ ଚୁଡଙ୍ଗପୁର ସ୍ଥିତ ମହାଦେବ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀ ପ୍ରାରମ୍ଭରେ ବରିଷ୍ଠ କମ୍ୟୁନିଷ୍ଟ ନେତା ଅନନ୍ତ ମହାଙ୍କୁଡ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ସହିଦ ବେଦୀରେ ପୁଷ୍ପମାଲ୍ୟ ଅର୍ପଣ ପରେ ଏ କୃଷ୍ଣମୂର୍ତ୍ତି ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀକୁ ଦଳର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ସମ୍ମିଳନୀକୁ ଉଦ୍‌ଘାଟନ କରି ରାଜନୈତିକ ପରିସ୍ଥିତିରେ ସଂଗଠନକୁ ସୁଦୃଢ଼ କରି ଶକ୍ତିଶାଳୀ କମ୍ୟୁନିଷ୍ଟ ଆନ୍ଦୋଳନ ଗଢ଼ି ତୋଳିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ସହ ସମ୍ପାଦକ ପ୍ରଦୀପ ସେଠୀ ପାର୍ଟିର ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମିଳନୀରେ ରାଜ୍ୟ ସହ ସମ୍ପାଦକ ତଥା ଜିଲ୍ଲା ସମ୍ପାଦକ ପ୍ରକାଶ ପାତ୍ର, ରାଜ୍ୟ ନେତା ଶ୍ରୀହର୍ଷ ରଥ, କୁମାର ପ୍ରିୟଦର୍ଶୀ ଯୋଗ ଦେଇ ପାର୍ଟିର ପୂର୍ବ ଗୌରବ ଇତିହାସକୁ ବର୍ଣ୍ଣନା କରିବା ସହିତ ପାର୍ଟିର ଅଭିବୃଦ୍ଧି ପାଇଁ ମତ ପ୍ରକାଶ କରିଥିଲେ। ଜୋନାଲ ସହ ସମ୍ପାଦକ ଭଗବାନ ରାଉତ ଚିଠା ରାଜନୈତିକ ଚିଠା ସାଙ୍ଗଠନିକ ରିପୋର୍ଟ ଉପସ୍ଥାପନ କରିଥିଲେ। ରିପୋର୍ଟ ଉପରେ ବିଭିନ୍ନ ଶାଖାରୁ ଆସିଥିବା ସାଥୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିନାୟକ ଦାଶ, ଅଶୋକ ଜେନା, ଭାସ୍କର ମହାରଣା, ଗୋପାଳ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀରେ ଆଗାମୀ ଦିନ ପାଇଁ ୩୧ ଜଣିଆ ଆଞ୍ଚଳିକ ପରିଷଦ ଓ ୧୧ ଜଣିଆ କାର୍ଯ୍ୟକାରୀ କମିଟି ଗଠନ ଏବଂ ସମ୍ପାଦକ ଭାବେ କୈଳାଶ ପାତ୍ର, ସହ ସମ୍ପାଦକ ରୂପେ ସୁଶାନ୍ତ ସ୍ୱାଇଁ, ଭଗବାନ ରାଉତ, ବିନାୟକ ଦାଶ ନିର୍ବାଚିତ ହୋଇଛନ୍ତି।

## ମାସ ମାସ ଧରି ଖୋଲୁନି ଆର୍‌ଆଇ ଅଫିସ; ଲୋକେ ହୀନସ୍ତା



ବାଲିଗୁଡ଼ା,୧୩।୬(ସମିସ): ଖୋଲୁନି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ। ଲୋକେ ହେଉଛନ୍ତି ହନ୍ତସନ୍ତ। ଘଣ୍ଟା ଘଣ୍ଟା ଧରି କାର୍ଯ୍ୟାଳୟ ଆଗରେ ଅପେକ୍ଷା କଲେ ବି ରାଜସ୍ୱ ଅଧିକାରୀଙ୍କ ଦେଖା ମିଳୁନାହିଁ। ଏଥିଯୋଗୁ ଜନ ଅସନ୍ତୋଷ ବଢିବାରେ ଲାଗିଛି। ଆଗରୁ ଲୋକେ ସବୁ ସୁବିଧା ପାଉଥିଲେ। କିନ୍ତୁ ଗତ କିଛିମାସ ହେବ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କନ୍ଧମାଳ ଜିଲ୍ଲା କ.ନୁଆଗାଁ ତହସିଲ ବଣ୍ଡଗୁଡ଼ା ପଞ୍ଚାୟତରେ ଏବେ ଲୋକେ ସରକାରୀ ସୁବିଧା ପାଇ ପାରୁନଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ବଣ୍ଡଗୁଡ଼ା ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ମାସ ମାସ ଧରି ବନ୍ଦ ରହୁଥିବା ବେଳେ ଗ୍ରାମବାସୀଙ୍କ ବିଭିନ୍ନ କାମ ବାବଦକୁ ସମ୍ପୃକ୍ତ ଅଧିକାରୀ ଲୋକଙ୍କୁ ଟଙ୍କା ମାଗୁଥିବା ଅଭିଯୋଗ ହୋଇଛି। ବାସ୍ତବରେ ତୃଣମୂଳ ସ୍ତରରୁ ଜନସାଧାରଣଙ୍କ ସେବା କରିବା ପାଇଁ ସରକାର ସମ୍ପୃକ୍ତ ଅଧିକାରୀଙ୍କୁ ନିୟୋଜିତ କରିଛନ୍ତି। କିନ୍ତୁ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ ମନମୁଖୀ କାର୍ଯ୍ୟକଳାପକୁ ନେଇ ଏବେ ଅଞ୍ଚଳବାସୀ ଅତିଷ୍ଠ ହୋଇପଡିଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏହି କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରି ଲୋକଙ୍କ ପାଇଁ କାମ କରୁଥିବା ଅଧିକାରୀଙ୍କୁ ଏଠାରେ ନିୟୋଜିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ କ.ନୁଆଗାଁ ତହସିଲଦାର ଆନନ୍ଦ କୁମାର ପଣ୍ଡାଙ୍କୁ ପଚାରିବାରୁ କର୍ମଚାରୀଙ୍କ ସପକ୍ଷରେ କହିବା ସହ କ୍ୟାମେରା ଆଗରେ କିଛି କହିବାକୁ ମନା କରିଦେଇଥିଲେ। ପରେ ଘଟଣା ସମ୍ପର୍କରେ ସବୁ ଜାଣି ମଧ୍ୟ କିଛି ନଜାଣିବା ଭଳି ମନ୍ତବ୍ୟ ଦେଇଥିଲେ। ସରକାର କହୁଛନ୍ତି ଆମ ସରକାର ଲୋକଙ୍କ ସରକାର। କିନ୍ତୁ ଏଠି ମାସ ମାସ ଧରି କାର୍ଯ୍ୟାଳୟରେ ତାଲା ଝୁଲୁଥିବା ବେଳେ ଲୋକେ ସେବା ପାଇବାରୁ ବଞ୍ଚିତ ଅଛନ୍ତି।

## ଜିଲ୍ଲା ଆଇନ ସେବା ପ୍ରାଧିକରଣର ଶିଶୁ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି,୧୩।୬(ସମିସ): ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କାଶୀନଗର ବ୍ଲକ ହାଡୁଭାଙ୍ଗି ଗ୍ରାମରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ନ୍ୟାୟାଧୀଶ ତଥା ଅଧ୍ୟକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକାରଣ ଜଗଦୀଶ ପ୍ରସାଦ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିଶୁଙ୍କ ସୁରକ୍ଷା ପାଇଁ ବିଭିନ୍ନ ଆଇନ ଓ ବ୍ୟବସ୍ଥା ବିଷୟରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକାରଣର ସଚିବ ବିମଳ ରାଉଳ, ପାରଳାଖେମୁଣ୍ଡି ଓକିଲ ସଂଘ ସଭାପତି ଜିତେନ୍ଦ୍ର ପଟ୍ଟନାୟକ, ବରିଷ୍ଠ ଓକିଲ ଗୁମ୍ମୁଡୁ ଚିଟି ବାବୁ, ହାଡୁଭାଙ୍ଗି ସରପଞ୍ଚ ଟି. ଶଙ୍କର ରାଓ, ଡିସିପିଓ ପ୍ରତିନିଧି ଜି. ବଡତ୍ୟା କାଶୀନଗର ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଜେ.ନର୍ମଦା ଉପସ୍ଥିତ ଥିଲେ। ସମସ୍ତ ଅତିଥି ଶିଶୁ ଶ୍ରମକ ହେବାର କାରଣ, ଏହାର କୁଫଳ ଓ ଏହାକୁ କିପରି ସମାଜରୁ ହଟାଯିବ ତାହା ବିଷୟରେ ସ୍ଥାନୀୟ ଗ୍ରାମବାସୀ ଓ ଅନ୍ୟ ଉପସ୍ଥିତଙ୍କୁ ସଚେତନ କରିଥିଲେ।

## ପାରଳା ସ୍ୱାଧୀନତା ସଂଗ୍ରାମ ସହିଦଙ୍କ ସ୍ମୃତିସ୍ତମ୍ଭ ନିର୍ମାଣ ଦାବି

ପାରଳାଖେମୁଣ୍ଡି,୧୩।୬(ସମିସ):



ପାରଳାଖେମୁଣ୍ଡି ବୁଦ୍ଧିଜୀବୀଙ୍କ ଶୁକ୍ରବାର ସକାଳେ ଅନୁଷ୍ଠିତ ଏକ ବୈଠକରେ ପାରଳା ସ୍ୱାଧୀନତର ସଂଗ୍ରାମ ସହିଦଙ୍କ ସ୍ମୃତିସ୍ତମ୍ଭ ନିର୍ମାଣ ପାଇଁ ଦାବି କରାଯାଇଛି। ଏଠାରେ ସ୍ୱଧୀନତା ସଂଗ୍ରାମରେ ସହିଦ ହୋଇଥିବା ୧୮ ଜଣଙ୍କ ସ୍ମୃତିରେ ଏକ ଭବ୍ୟ ସ୍ମୃତିସ୍ତମ୍ଭ ପାରଳାଖେମୁଣ୍ଡି ସହର, ଗଣ୍ଡାହାତୀ, ଗାରାବନ୍ଧ, ଗୌରୀ, ବୁରୁଜାଙ୍ଗରେ ନିର୍ମାଣ କରିବା ପାଇଁ ରାଜ୍ୟ ସଂସ୍କୃତି ବିଭାଗ ମନ୍ତ୍ରୀଙ୍କୁ ଡାକ ଯୋଗେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଇଂରେଜମାନଙ୍କ ବିରୋଧରେ ୧୭୬୭ ଠାରୁ ୧୮୩୪ ପର୍ଯ୍ୟନ୍ତ ଦୀର୍ଘ ୬୭ ବର୍ଷ ସଶସ୍ତ୍ର ସଂଗ୍ରାମ ହୋଇଥିଲା। ଏଥିରେ ୧୮ ଜଣଙ୍କୁ ଫାଶୀଦଣ୍ଡ ଦିଆଯାଇ ଥିଲେ ସୁଦ୍ଧା ସେମାନଙ୍କ ପାଇଁ କୌଣସିଠାରେ ସ୍ମୃତିରକ୍ଷାର ବ୍ୟବସ୍ଥା କରାଯାଇ ନାହିଁ। ଏହି ସ୍ୱାଧୀନତା ସଂଗ୍ରାମକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପାଇଁ ମଧ୍ୟ ପାରଳାବାସୀଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କଠାରେ ଦାବି ଉପସ୍ଥାପିତ କରାଯାଇଛି।

**ସଂସ୍କୃତି ମନ୍ତ୍ରୀଙ୍କୁ ଡାକଯୋଗେ ସ୍ମାରକପତ୍ର**

ସ୍ୱାଧୀନତା ସଂଗ୍ରାମରେ ସହିଦ ହୋଇଥିବା ସଂଗ୍ରାମୀ ହେଲେ ରାୟଗଡର କମଳ ଲୋଚନ ବିଷୋୟୀ, ଗଣ୍ଡାହାତୀର ଗୋପୀନାଥ ପଟ୍ଟନାୟକ, ଭିକାରି କାର୍ଯୀ, ଖଗୁ, ସଉରା ଜାଗୁଡୁ, ଡମ୍ବରୁ ବିଷୋୟୀ, ଜିରାଙ୍ଗ ଗ୍ରାମର ହନୁ ପ୍ରଧାନୀ ଓ ଦୁର୍ଲ୍ଲଭ, ଲାବାଣ୍ୟଗଡର ରମଣ ବିଷୋୟୀ, ପାରଳାଖେମୁଣ୍ଡିର ବୋବିଲି ନାରାୟଣା, ଦାଶରଥୀ ଜେନା, ଗୌରୀ ଗ୍ରାମର ବାତରସିଂ ରାମରାଜୁ, ଗାରାବନ୍ଧର ଜାଗୁଡୁ ଦଣ୍ଡାସି, ଗାଇବାର ଥାଟରାଜା ରାଧାକୃଷ୍ଣ ଦଣ୍ଡେସେନା, ଗୁମ୍ମାର ଗୁର୍ନାଲା ଶବର, ଆନ୍ଧ୍ର ଭୀମାବରମ୍‌ର ସଉରା ମଙ୍ଗୁଲୁ ଏବଂ ପାରଳାଖେମୁଣ୍ଡି ରାଜ ପ୍ରାସାଦର ଚକ୍ରବର୍ତ୍ତୀ ଦେବ। ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଜିର ବୈଠକରେ ବିଚିତ୍ରାନନ୍ଦ ବେବର୍ତ୍ତା, ବିନୋଦ ଚନ୍ଦ୍ର ଜେନା, ଇଂ.ଅମ୍ରିତ ପାଣିଗ୍ରାହୀ, ଗୌରହରି କରସୁଧା ପଟ୍ଟନାୟକ, ଅଶ୍ୱିନୀ ପାଢୀ, ସୁରେଶ ବେହେରା, ଅରୂପାଞ୍ଜଳି ମହାନ୍ତି, ସ୍ନେହା ବେହେରା, ରାଜେଶ୍ୱରୀ ସ୍ୱାଇଁ, ତ୍ରିପତି ପ୍ରସାଦ ପଣ୍ଡା, ରବୀନ୍ଦ୍ର ପଣ୍ଡା, ଶ୍ୱେତା ପଟ୍ଟନାୟକ ଉପସ୍ଥିତ ଥିଲେ। ଏଥି ପାଇଁ ଭୁବନେଶ୍ୱରରେ ମହାସମାବେଶ କରିବାପାଇଁ ନିଷ୍ପତ୍ତି କରାଯାଇଥିବାର ସୂଚନା ପ୍ରଦାନ କରାଯାଇଛି।

## ଡାକ୍ତରଙ୍କ ଜମିକୁ ଚଞ୍ଚକତା କରି ବିକ୍ରି ଅଭିଯୋଗ

ଟାଙ୍ଗୀ,୧୩।୬(ସମିସ): ଜଣେ ଅବସରପ୍ରାପ୍ତ ସରକାରୀ ଭିନ୍ନକ୍ଷମ ଡାକ୍ତରଙ୍କ ଜାଗାକୁ ଚଞ୍ଚକତା କରି ଟାଙ୍ଗୀ ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ ବିକ୍ରି ହୋଇଥିବା ସଂପର୍କରେ ତହସିଲଦାରଙ୍କୁ ଲିଖିତ ଅଭିଯୋଗ ହୋଇଛି। ଟାଙ୍ଗୀ ତହସିଲ ଅଧୀନସ୍ଥ ମୌଜା ନିଜିଗଡ କୁହୁଡି ଖାତା ନମ୍ବର ୬୭୭, ପ୍ଲଟ ନମ୍ବର ୧୩୪୦ ଘରବାରି ୭୭ ଡିସିମିଲ ଜାଗାକୁ ଟାଙ୍ଗୀ ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଚଞ୍ଚକତା କରି ବିକ୍ରି କରାଯାଇଛି। ଅଭିଯୋଗ ଅନୁସାରେ, ରାଧାମୋହନ ପାଣୀଙ୍କ ଦୁଇ ପୁତ୍ର ବ୍ରଜମୋହନ ଓ ଜଗମୋହନ। ବ୍ରଜମୋହନଙ୍କ ଦୁଇ ପୁତ୍ର ହର୍ଷବର୍ଦ୍ଧନ ଓ ରାଜ୍ୟବର୍ଦ୍ଧନ। ଜଗମୋହନଙ୍କ ଚାରି ପୁଅ ଜୟପ୍ରକାଶ, ଜ୍ୟୋତିପ୍ରକାଶ, ଶ୍ରୀପ୍ରକାଶ ଓ ସତ୍ୟପ୍ରକାଶ। ରାଧାମୋହନ ପାଣୀଙ୍କ ଉତ୍ତରାଧିକାରୀ ଭାବେ ଜୟପ୍ରକାଶଙ୍କ ସମେତ ତାଙ୍କ ଚାରିଭାଇ ଥିଲେ ମଧ୍ୟ ତାଙ୍କ ଅଗୋଚରରେ ହର୍ଷବର୍ଦ୍ଧନ ଓ ରାଜ୍ୟବର୍ଦ୍ଧନ ଉଭୟ ନାତି ହିସାବରେ ସେହି ଜାଗାକୁ ଅଞ୍ଚଳର ପ୍ରତିଷ୍ଠିତ ଠାକୁରଙ୍କୁ ଦାନପତ୍ର କରିଦେଇଥିବା ଜଣାପଡିଛି। ଡାକ୍ତର ଜୟପ୍ରକାଶ ଜଣେ ଭିନ୍ନକ୍ଷମ ବ୍ୟକ୍ତି ହୋଇଥିବାରୁ ଚଞ୍ଚକତା କରାଯାଇ କିଛି କୁଚକ୍ରି ଙ୍କ ପ୍ରଭାବରେ ସବରେଜିଷ୍ଟ୍ରାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାରଙ୍କୁ ହାତବାରିସି କରି ଏଭଳି କାର୍ଯ୍ୟ କରାଯାଇଥିବା ଅଭିଯୋଗ ହୋଇଛି। ତେବେ ସବରେଜିଷ୍ଟ୍ରାର ଦାୟିତ୍ୱରେ ଅତିରିକ୍ତ ତହସିଲଦାର ସନାତନ ମଲିକ ସହ ଦୁଇଥର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ।

## ଚୋରି ଅଭିଯୋଗରେ ନାବାଳକ ସହ ୨ ଗିରଫ; ସାମଗ୍ରୀ ଜବତ

ଖୋର୍ଦ୍ଧା,୧୩।୬(ସମିସ): ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଟାଙ୍ଗିଆପଡ଼ା ନିକଟ ଫାର୍ମ ହାଉସ୍‌ରୁ କେତେକ ସମାଗ୍ରୀ ଚୋରି କରିନେବା ଅଭିଯୋଗରେ ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିବା ସହ ଅନ୍ୟଜଣେ ୧୭ବର୍ଷର ନାବାଳକକୁ ଜୁଭେନାଇଲ ବୋର୍ଡରେ ହାଜର କରିଛି। ଗିରଫ ଅଭିଯୁକ୍ତ ହେଉଛି ଟାଙ୍ଗିଆପଡ଼ାର ସିଦ୍ଧାର୍ଥ ନାୟକ ଓରଫ୍ ଘାଗୁଡି (୨୬)। ଗତ ୬ ତାରିଖ ରାତିରେ ଟାଙ୍ଗିଆପଡା ନିକଟ ଫାର୍ମ ହାଉସ୍‌ରୁ ଦୁର୍ବୃତ୍ତ ଏକ ଇନଭର୍ଟର, ଏକ ଷ୍ଟାଣ୍ଡ ଫ୍ୟାନ୍, ପାଣି ମୋଟର, ଘାସକଟା ମେସିନ୍, ୨ଟି ଗାଡ଼ି ବ୍ୟାଟେରୀ, ଏକ ଓଜନ ମେସିନ୍‌କୁ ଚୋରି କରିନେଇଥିଲେ। ଏନେଇ ମାଲିକ ସଂଯୋଗିତା ମିଶ୍ର ଥାନାରେ ଅଭିଯୋଗ କରିବାରେ ପୁଲିସ ମାମଲା ରୁଜୁ କରି ଦୁଇଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଚୋରି ସାମଗ୍ରୀ ଏବଂ ଚୋରା ଜିନିଷ ଚାଲାଣରେ ବ୍ୟବହୃତ ସ୍କୁଟିକୁ ପୁଲିସ ଜବତ କରିଛି।

## ୪୬ ଗ୍ରାମ ବ୍ରାଉନସୁଗର ଜବତ୍; ଜଣେ ଗିରଫ

ଖୋର୍ଦ୍ଧା,୧୩।୬(ସମିସ): ନୂଆ ଅଗ୍ନିଶମ ସେବା କାର୍ଯ୍ୟାଳୟ ନିକଟରୁ ଖୋର୍ଦ୍ଧା ଅବକାରୀ ପୁଲିସ ଜଣେ ବ୍ରାଉନସୁଗର ବେପାରୀକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ଭୁବନେଶ୍ୱର ପଟିଆ ଦୋଳମଣ୍ଡପ ସାହିର ଇନ୍ଦ୍ରଜିତ୍ ସାହୁ (୩୪)। ତାଙ୍କଠାରୁ ଅବକାରୀ ଟିମ୍ ୪୬ଗ୍ରାମ ବ୍ରାଉନସୁଗର ଜବତ କରିଛି; ଯାହାର ଆନୁମାନିକ ମୂଲ୍ୟ ୪ଲକ୍ଷ ୬୦ହଜାର ହେବ। ଇନ୍ଦ୍ରଜିତ୍ ଦୀର୍ଘଦିନ ହେବ ପୁଲିସ ଓ ଅବକାରୀ ବିଭାଗକୁ ଚକମା ଦେଇ ବେପାର କରୁଥିଲା। ତାକୁ ଧରିବା ଲାଗି ଅବକାରୀ ଅଧୀକ୍ଷକ ସୁମତୀ ତ୍ରୀପାଠୀଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ପ୍ରସ୍ତୁତ କରାଯାଇଥିଲା। ଉକ୍ତ ଟିମ୍ ଓଆଇସି ସୁଦର୍ଶନ ବିଶୋଇଙ୍କ ନେତୃତ୍ୱରେ ନୂଆ ଅଗ୍ନିଶମ ସେବା କାର୍ଯ୍ୟାଳୟ ନିକଟରେ ତାକୁ ଧରିବା ଲାଗି ଛପି



ରହିଥିଲେ। ଅନ୍ୟ ଜଣେ କର୍ମଚାରୀ ଛଦ୍ମବେଶୀ ଗ୍ରାହକ ସାଜି ମାଲ୍ କିଣିବାକୁ ଯାଇ ତାଙ୍କୁ କାବୁ କରିଥିଲେ। ତା'ଠାରୁ ୪୬ଗ୍ରାମ ଜବତ କରିଥିବାବେଳେ ତାଙ୍କୁ କୋର୍ଟଚାଲାଣ କରିଛି। ଏତେ ପରିମାଣର ବ୍ରାଉନସୁଗର କେଉଁଠୁ ଏବଂ କାହାଠାରୁ ସେ ଆଣୁଥିଲା ଅବକାରୀ ପୁଲିସ ତାର ତଦନ୍ତ ଜାରି ରଖିଛି।

### ମୁଖ୍ୟମନ୍ତ୍ରୀ ସଡ଼କ ପାଇଁ ଜାଗା ନାହିଁ

# ରାସ୍ତା ପାଇଁ ତାତିଲେ ଗ୍ରାମବାସୀ



ନିରାକାରପୁର,୧୩।୬(ସମିସ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ମୁଣ୍ଡାଆମ୍ବ ନିକଟସ୍ଥ ଓଳସିଂହ ପଞ୍ଚାୟତ ଡମଣଭୂମି ଖଜୁରିଆ ମୌଜାରେ ଇଡକୋ ଦ୍ୱାରା ପ୍ରଦତ୍ତ ଜମିରେ ଭାରତୀୟ ଗ୍ରୁପ, ରିଲାନ୍ସ କଞ୍ଜୁମର ପ୍ରଡକ୍ଟ ଲିମିଟେଡ ଓ ଭୁବନେଶ୍ୱରୀ ଫୁଡ୍ ଏଣ୍ଡ ବେଭରେଜ ପ୍ରାଇଭେଟ୍ ଲିମିଟେଡର ଦ୍ୱାରା ଗତ ୫ ତାରିଖରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇ କାମ୍ପା କମ୍ପାନୀ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବାବେଳେ ତାଙ୍କ ଗ୍ରାମକୁ ପ୍ରସ୍ତାବିତ ରାସ୍ତାର ଜମିକୁ କମ୍ପାନୀକୁ ଦିଆଯାଇଥିବା ବିରୋଧରେ ଶତାଧିକ ଲୋକ ସ୍ଥାନୀୟ ସରପଞ୍ଚଙ୍କ ନେତୃତ୍ୱରେ କାର୍ଯ୍ୟକୁ ବନ୍ଦ କରିଥିଲେ। ପୁଲିସ ଆଇଆଇସି ସୁଶାନ୍ତ ବେହେରା ଓ ଟାଙ୍ଗୀ ତହସିଲଦାର ନିଷ୍ଠା ମହାପାତ୍ର ଆସି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଗୋଡ଼ିପଡା ମୋଟା ଛକ ୧୬ ନଂ ଜାତୀୟ ରାଜପଥଠାରୁ ଖଜୁରୀଆ ମୌଜା ଦେଇ ଡମଣଭୂମିକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଗତ ବର୍ଷ ବ୍ଲକ ପ୍ରଶାସନ ଅନୁମତି ଓ ଜାଗା ହସ୍ତାନ୍ତର ପରେ ୫ କିଲୋମିଟର ୭୦୦ ମିଟର ରାସ୍ତାକୁ ପ୍ରାୟ ୬ କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ଟେଣ୍ଡର କରାଯାଇ ଚଳିତ ବର୍ଷ ଉକ୍ତ ରାସ୍ତା ନିର୍ମାଣ କରିବାକୁ ଠିକାଦାର ଏଗ୍ରୀମେଣ୍ଟ ଶେଷ କରିଥିଲେ। କେଉଁ ପରିସ୍ଥିତିରେ ଉକ୍ତ ଜାଗାକୁ ପୁନର୍ବାର ଇଡକୋକୁ ହସ୍ତାନ୍ତର କରାଗଲା ସେନେଇ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି।

କିଛି ସମୟ କାର୍ଯ୍ୟ ବନ୍ଦ ହୋଇଥିବାବେଳେ ପୁନର୍ବାର ଉକ୍ତ କାର୍ଯ୍ୟ ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଉକ୍ତ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ଲାଗି ରହିଛି।




## ଶ୍ରୀପତିତପାବନ ଦେବଙ୍କ ନିଆରା ମୁଆଁ ଭୋଗ



ବାଲୁଗାଁ, ୧୩।୬ (ସମିସ): ଦେବସ୍ନାନ ପୂର୍ଣ୍ଣିମା ଅବସରରେ ବାଲୁଗାଁ ନିକଟସ୍ଥ ଚାଷଙ୍ଗରା ଗ୍ରାମସ୍ଥିତ ଶ୍ରୀପତିତପାବନ ଦେବଙ୍କ ମନ୍ଦିରରେ ସ୍ନାନଯାତ୍ରା ପାଳିତ ହୋଇଯାଇଛି। ପୀଠରେ ଶ୍ରଦ୍ଧାଳୁମାନେ ଏକତ୍ରିତ ହୋଇ ପ୍ରାତଃରୁ ମହାପ୍ରଭୁ ପତିତପାବନ ଦେବଙ୍କୁ ସୁବାସିତ ଜଳରେ ସ୍ନାନ ସହ ସମସ୍ତ ନୀତିକାନ୍ତି ସମାପନ କରାଯିବା ପରେ ନିଆରା ପରମ୍ପରା ଆରମ୍ଭ ହୋଇଥିଲା। ପରମ୍ପରା ଅନୁଯାୟୀ, ଚାଷଙ୍ଗରା ଗ୍ରାମରେ ସ୍ନାନ ଯାତ୍ରାରେ ନିଆରା ଗଜା ମୁଆଁ ପୂଜା ମୁଖ୍ୟ ଆକର୍ଷଣ ହୋଇଥିବା ବେଳେ ସେଥିନିମନ୍ତେ ଗ୍ରାମର ସମସ୍ତ ଶ୍ରଦ୍ଧାଳୁ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ମୁଆଁ ପ୍ରସ୍ତୁତ କରି ଶ୍ରୀପତିତପାବନ ଦେବଙ୍କ ନିକଟରେ ମୁଆଁ ଭୋଗ ଲାଗି କରାଯାଇ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଦିନତମାମ ବିଭିନ୍ନ ସଂକୀର୍ତ୍ତନମଣ୍ଡଳୀଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିବା ବେଳେ ରାତ୍ରରେ ଗ୍ରାମର ପତିତପାବନ ନାଟ୍ୟ ସଂସଦ ତରଫରୁ ସାମାଜିକ ନାଟକ 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବି' ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା।

## ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୀଳକଣ୍ଠ ମିଶ୍ରଙ୍କ ଶ୍ରାଦ୍ଧ ଦିବସ



ବେଗୁନିଆ,୧୩।୬(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ଗ୍ରାମର ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ନୀଳକଣ୍ଠ ମିଶ୍ରଙ୍କ କୋଡ଼ିଏ ତମ ଶ୍ରାଦ୍ଧ ଦିବସ ସ୍ଥାନୀୟ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳନ ହୋଇଛି। ଏଥିରେ ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ର, ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ନୀଳକଣ୍ଠ ମିଶ୍ରଙ୍କ ବଡବୋହୁ ସୁକାନ୍ତି ଦେବୀ, ସମାଜସେବୀ ରାଜକିଶୋର ମିଶ୍ର ଓ ଶିକ୍ଷକ ବଂଶୀଧର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ସହ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ପରେ ସ୍ୱର୍ଗତଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା ସହ ଛାତ୍ରଛାତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

## ଥଇଥାନ ଦାବିରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବସିଲେ ମହିଳା

ଖୋର୍ଦ୍ଧା,୧୩।୬(ସମିସ): ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ନାଲିପଡ଼ା ଅର୍ଜୁନପୁର ପଞ୍ଚାୟତ ହଳଦିପଦା ମୌଜାରେ ବୃହତ ଶିଳ୍ପ ପ୍ରତିଷ୍ଠା ହେବ। ମୁଖ୍ୟମନ୍ତ୍ରୀ ଏହାର ଶିଳାନ୍ୟାସ ଦେଇଥିଲେ। ହଳଦିପଦା ମୌଜାରେ ଦୀର୍ଘ ବର୍ଷ ଧରି କାଜୁ ଜଙ୍ଗଲ ରକ୍ଷଣବେକ୍ଷଣ ପାଇଁ ସରକାରଙ୍କଠାରୁ ଲିଜ ସୂତ୍ରରେ ପାଇ ପରିବାର ପୋଷଣ କରୁଛନ୍ତି। ଶିଳ୍ପ ପ୍ରତିଷ୍ଠା ପାଇଁ ଏମାନଙ୍କୁ ସେଠାରୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ସେମାନଙ୍କୁ ଉପଯୁକ୍ତ ସ୍ଥାନରେ ଥଇଥାନ ଦାବିରେ ଶୁକ୍ରବାର ଏକାଧିକ ମହିଳା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଖବରପାଇ ତହସିଲଦାର ବିଭାଷ ପାଣିଗ୍ରାହୀ ବୁଝାସୁଝା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଶୁକ୍ରବାର ଅପରାହ୍ନରେ ସଂପୃକ୍ତ ଶିଳ୍ପ ସଂସ୍ଥା ପକ୍ଷରୁ କାଜୁ ଜଙ୍ଗଲ ସଫା କରାଯିବାକୁ ନେଇ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ। ଏହାକୁ ନେଇ ଘଟଣା ସ୍ଥଳରେ ଉତେଜନା ପ୍ରକାଶ ପାଇଥିଲା। ପରେ ମହିଳା ସେଠାରୁ ଆସି ପ୍ରଥମେ ତହସିଲ କାର୍ଯ୍ୟାଳୟକୁ ଆସିଥିଲେ। ତହସିଲଦାରଙ୍କୁ ନପାଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏଠାରେ ବାସବାସ କରୁଥିବା ସମସ୍ତ ପରିବାର ଗରିବ, ଦିନ ମଜୁରିଆ ଶ୍ରେଣୀର ହୋଇଥିବାରୁ ଏଠାରୁ ଉଚ୍ଛେଦ କରାଗଲେ, କେଉଁଠି ରହିବେ, କିପରି ଚଳିବେ ବୋଲି ପ୍ରଶ୍ନ କରିଛନ୍ତି। ଏସୟୁସିଆଇ ଜିଲ୍ଲା ସମ୍ପାଦକ ଅଶୋକ କୁମାର ସାହୁଙ୍କ ନେତୃତ୍ୱରେ ଚିନ୍ମୟୀ ନାୟକ, ଅରୁଣ ନାୟକ, ପ୍ରଭାତି ଦେହୁରୀ, ସୁମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



### ଆଜି ପହିଲି ରଜ; ଶକ୍ତିପୀଠ ଚଳଚଞ୍ଚଳ

## ଚନ୍ଦନମୁଖୀ ବେଶରେ ଦର୍ଶନ ଦେବେ ମା' ବରୁଣେଇ, କରୁଣେଇ

ଖୋର୍ଦ୍ଧା,୧୩।୬(ସମିସ): ଓଡ଼ିଆ ପରମ୍ପରାର ମହାନ ପର୍ବ ଭାବେ ରଜ ଘରେ ଘରେ ପରିଚିତ। ବିଶ୍ୱାସ ରହିଛି ଏହି ଦିନରେ ଧରଣୀମାତା ରଜସ୍ୱଳା ହୋଇଥିବା ଯୋଗୁଁ ଏହାକୁ ରଜପର୍ବ କୁହାଯାଏ। ତେଣୁ ଘରର ମହିଳାମାନେ ପୋଡ଼ପିଠା ପ୍ରସ୍ତୁତ ସମେତ ଝିଅମାନେ ନୂତନ ପୋଷାକ ପରିଧାନ ରଜଦୋଳି ଓ ରଜପାନର ଭରପୁର ମଜା ନେଇଥାନ୍ତି। ଐତିହାସିକ ପୀଠ ମା'ବରୁଣେଇଙ୍କ ପୀଠ ଆଜିଠାରୁ ଚଳଚଞ୍ଚଳ ହେବାରେ ଲାଗିଛି। ଏଠାରେ କେବେଠାରୁ ରଜ ପର୍ବ ପାଳନ ହୋଇଆସୁଛି ତାହାର ଉତ୍ତର କାହା ପାଖରେ ନ ଥିବାବେଳେ ଧିରେ ଧିରେ ରଜଯାତ୍ରା ଏକ ଗଣପର୍ବରେ ପାଳିତ ହେବାରେ ଲାଗିଛି। ପହିଲି ରଜରେ ମା'ବରୁଣେଇ, କରୁଣେଇଙ୍କ ପୀଠରେ ଏକ ସ୍ୱତନ୍ତ୍ର ପୂଜା ରୀତିନୀତି ହୋଇଆସୁଛି। ରଜ ୪ଦିନ ମା'ବରୁଣେଇ ଓ କରୁଣେଇ ଚନ୍ଦନମୁଖୀ ବେଶରେ ଦର୍ଶନ ଦେଇଥାନ୍ତି। ସେହିପରି ମା'ଉଗ୍ରତାରାଙ୍କ ପୀଠରେ ୪ଦିନ ଧରି ରଜ ପାଳନ କରାଯାଇଥାଏ। ବେଗୁନିଆ ବ୍ଲକ ଗଣମାଣତ୍ରୀ ଠାରେ ଥିବା ମା' ରାମଚଣ୍ଡୀଙ୍କ ପୀଠରେ ମଧ୍ୟ ରଜପର୍ବ ପାଳନ ଲାଗି ସୁବ୍ୟବସ୍ଥା କରାଯାଇଛି। ରାଜ୍ୟର ଏକ ପ୍ରମୁଖ ଶକ୍ତିପୀଠ ଭାବେ ଜଣାଶୁଣା ହୋଇଥିବାବେଳେ ଏଠାରେ ବାଘ, ବଳଦ କାହାଣୀ ସବୁରୀ ହୃଦୟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଛି। ରଜ ସଂକ୍ରାନ୍ତିରେ ଏଠାରେ ମାଙ୍କ ନିକଟରେ ଆମିଷ ଭୋଗ ହୋଇଥାଏ। ରଜପର୍ବ ପାଳନ ନିମନ୍ତେ ଆୟୋଜକଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଥିବାବେଳେ ବହୁ ଉଠା ବେପାରୀ ଭଲ ବେପାର ଆଶାରେ ସେମାନଙ୍କର ପସରା ମେଲାଇଥିବା ଦେଖାଯାଇଛି।



## ଗୋ-ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର



ବେଗୁନିଆ,୧୩।୬(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ସ୍ଥିତ ପ୍ରାଣୀ ଧନ ଚିକିତ୍ସାଳୟ ପକ୍ଷରୁ ଶଗଡ଼ଭଙ୍ଗା ଗ୍ରାମରେ ଗୋ ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ବେଗୁନିଆ ବ୍ଲକ ପ୍ରାଣୀଧନ କାର୍ଯ୍ୟାଳୟର ଏବିଭିଓ ଡ଼ଃ ପ୍ରିତୀଶ ରଥ ଓ ସିକୋସ୍ଥିତ କାର୍ଯ୍ୟାଳୟର ଡ଼ଃ ଦୀନେଶ ବେହେରାଙ୍କ ସହଯୋଗରେ ନିଜ ଖର୍ଚ୍ଚରେ ଇଞ୍ଜେକ୍ସନ ଏବଂ ମିନେରାଲ ମିକ୍ସଚର ବ୍ୟବହୃତ ହୋଇ ଏକ ଶହ ଗାଈଙ୍କ ଚିକିତ୍ସା ଆରମ୍ଭ କରିଥିଲେ।ସେଥିମଧ୍ୟରୁ ୪୦ଟି ଗାଈଙ୍କର ଗର୍ଭ ପରୀକ୍ଷା କରି ନିରାକରଣ କରିଥିଲେ। ଏଲଆଇ ସୌମେନ୍ଦ୍ର ମଲ୍ଲିକ ସୁରେଶ ସେନାପତି ଓ ଲିପୁନା ନାୟକଙ୍କ ସମେତ ଗୋ ମିତ୍ର ଓ ପ୍ରାଣୀମିତ୍ର ପ୍ରମୁଖ ପରିଚାଳନା କରିଥିଲେ ।

# କାଠ ମାଫିଆ କବ୍‌ଜାରେ ଧୂଆଁନଳି-ବରବରା ସଂରକ୍ଷିତ ଜଙ୍ଗଲ

ବାଲୁଗାଁ, ୧୩।୬ (ସମିସ)




ଖୋର୍ଦ୍ଧା ଜିଲ୍ଲା ବାଣପୁରର ଆଦିବାସୀ ଅଧ୍ୟୁଷିତ ଧୂଆଁନଳି ବରବରା ସଂରକ୍ଷିତ ଶାଳ ଶାଗୁଆନ ଜଙ୍ଗଲଟି କାଠ ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି। ମାଫିଆଙ୍କ କବଜାରେ ଉକ୍ତ ଜଙ୍ଗଲଟି ରହିଥିବା ବେଳେ ଏହା ଧୀରେ ଧୀରେ ନିଶ୍ଚିହ୍ନ ହେବାର ଆଶଙ୍କା କରାଯାଉଛି। ଏହି ଜଙ୍ଗଲର ସୁରକ୍ଷା ନିମନ୍ତେ କେନ୍ଦ୍ର ସରକାରଙ୍କ ତରଫରୁ ପୂର୍ବରୁ ସିଆରପି ଯବାନମାନେ ନିୟୋଜିତ ରହିଥିବା ବେଳେ ୧୨ବର୍ଷ ପୂର୍ବେ ଏଠାରେ ନିୟୋଜିତ ୧୩୨ ଜଣ ଯବାନଙ୍କୁ ପ୍ରତ୍ୟାହୃତ କରି ନିଆଯାଇଥିଲା। ଓଡ଼ିଶା ସରକାରଙ୍କ ତରଫରୁ ମାତ୍ର ୩୦ଜଣ ଓଏସ୍‌ଏସ୍‌ଏଫ୍ (ଓଡ଼ିଶା ସ୍ପେଶିଆଲ୍ ଷ୍ଟ୍ରାଇକିଂଗ୍ ଫୋର୍ସ)କୁ ନିୟୋଜିତ କରାଯାଇଛି। ଅନ୍ୟପକ୍ଷେ ଜଙ୍ଗଲ ବିଭାଗ ପକ୍ଷରୁ ଜଙ୍ଗଲର ସୁରକ୍ଷା ଦାୟିତ୍ୱରେ ଯେତିକି ସଂଖ୍ୟକ କର୍ମଚାରୀ ନିୟୋଜିତ ଅଛନ୍ତି ତାହା ବି ପର୍ଯ୍ୟାପ୍ତ ନୁହେଁ। ଏଣୁ ଏତେ ବଡ଼ ଜଙ୍ଗଲକୁ ସ୍ୱଳ୍ପ ସଂଖ୍ୟକ କର୍ମଚାରୀ ସୁରକ୍ଷା ଦେବା ଅସମ୍ଭବ ହୋଇ ପଡ଼ିଛି। ବନ ବିଭାଗ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ କାଠ ମାଫିଆମାନଙ୍କ କବଜାରେ ରହି ଏବେ ଧ୍ୱଂସାଭିମୁଖେ ରହିଛି ଏହି ଶାଗୁଆନ ଜଙ୍ଗଲ।

ପ୍ରକାଶ ଯେ ବାଲୁଗାଁ ବନ ବିଭାଗ ଅଧୀନରେ ଧୂଆଁନଳି ବରବରା ଜଙ୍ଗଲଟି ବାଣପୁର ସଦର ମହକୁମାଠାରୁ ପ୍ରାୟ ୨୫ କିଲୋମିଟର ଦୂରରେ ଅବସ୍ଥିତ। ୬ ଶହ ବର୍ଗ କିଲୋମିଟର ପରିବ୍ୟାପ୍ତ ଏହି ଜଙ୍ଗଲରେ ବହୁ ମୂଲ୍ୟବାନ ଶାଳ ଶାଗୁଆନ ଏବଂ ଅନ୍ୟାନ ବୃକ୍ଷ ସମେତ ୪୦୦ରୁ ଉର୍ଦ୍ଧ୍ୱ ପ୍ରକାରର ଔଷଧୀୟ ବୃକ୍ଷ ମହଜୁଦ୍ ରହିଛି। ଉକ୍ତ ଜଙ୍ଗଲରେ ହରିଣ, ସମ୍ବର, ବାର୍‌ହା, ମୟୂର, ହାତୀ ଏବଂ ବାଘ ଆଦି ବନ୍ୟ ପଶୁପକ୍ଷୀ ମଧ୍ୟ ଅବସ୍ଥାନ କରନ୍ତି। ବହୁବର୍ଷ ପୂର୍ବେ ସୁରକ୍ଷା ଅଭାବରୁ ଜଙ୍ଗଲଟି ଲୋପ ପାଇବାକୁ ବସିଥିବା ବେଳେ ସମସ୍ତ ସୁରକ୍ଷା ଦୃଷ୍ଟିକୋଣରୁ ବ୍ରିଟିଶ୍ ସରକାର ପ୍ରାୟ ୧ଶହ ବର୍ଷ ପୂର୍ବରୁ ବରବରା ଜଙ୍ଗଲକୁ ସଂରକ୍ଷିତ ଜଙ୍ଗଲ ଭାବେ ଘୋଷଣା କରିଥିଲେ। ପରେ ଜଙ୍ଗଲଟି ଯେପରି ଧ୍ୱଂସ ଅଭିମୁଖେ ଗତି ନ କରେ ଓଡ଼ିଶା ସରକାରଙ୍କ ସୁପାରିଶ୍ କ୍ରମେ କେନ୍ଦ୍ର ସରକାରଙ୍କ ତରଫରୁ ୧୯୯୪ରେ ଏଠାରେ ଗୋଟିଏ କଂପାନୀ ତଥା ୧୩୨ଜଣ ସିଆରପିଏଫ୍ ଯବାନଙ୍କୁ ନିୟୋଜିତ କରାଯାଇଥିଲା।

ଉକ୍ତ ଦିନଠାରୁ ଯବାନଙ୍କ କଡ଼ାପହରା ଯୋଗୁଁ ଜଙ୍ଗଲରେ କାଠ ଚୋର କିମ୍ବା ପଶୁ ଶିକାରୀ ପଶିବାକୁ ସାହସ କରିପାରୁ ନଥିଲେ। ସେଥିଲାଗି ସେହି ସମୟରେ ଜଙ୍ଗଲଟି ମଧ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ଥିଲା। ଏବେ ମାତ୍ର ୩୦ଜଣ (ଓଏସଏସଏଫ) କର୍ମଚାରୀ ତଥା ବିଭିନ୍ନ ବିଭାଗୀୟ ଅବସରପ୍ରାପ୍ତ ସୁରକ୍ଷା କର୍ମଚାରୀଙ୍କୁ ଏହି ବିଶାଳକାୟ ଜଙ୍ଗଲର ସୁରକ୍ଷା ଦାୟିତ୍ୱ ଦିଆଯାଇଛି। ତେବେ ଏହି ବିଶାଳକାୟ ଜଙ୍ଗଲକୁ ସ୍ୱଳ୍ପ ସଂଖ୍ୟକ କର୍ମଚାରୀ ସୁରକ୍ଷା ଦେବା କେତେ ଦୂର ସମ୍ଭବ ଏଥିପ୍ରତି ରାଜ୍ୟ ସରକାର ବିଶେଷ ଦୃଷ୍ଟି ଦେବା ଆବଶ୍ୟକତା ରହିଛି। ସୁରକ୍ଷା ଅଭାବରୁ ସମଗ୍ର ଜଙ୍ଗଲଟି ଏବେ ଖୋର୍ଦ୍ଧା, ନୟାଗଡ଼ ଓ ଗଞ୍ଜାମ ଜିଲ୍ଲାର କାଠଚୋରଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ସରକାର ଏହାର ସୁରକ୍ଷା ଦିଗରେ ଯଦି ଗୁରୁତ୍ୱ ନ ଦିଅନ୍ତି, ତେବେ ନିକଟ ଭବିଷ୍ୟତରେ ଜଙ୍ଗଲଟି ପଦା ହୋଇ ଭୌଗୋଳିକ ମାନଚିତ୍ରରୁ ନିଶ୍ଚିହ୍ନ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଏ ସଂପର୍କରେ ଜଙ୍ଗଲରେ ନିୟୋଜିତ ବାଲୁଗାଁ ବନ ବିଭାଗର ଜଣେ ଅଧିକାରୀ କହିଥିଲେ ଯେ ପୂର୍ବାପେକ୍ଷା ବର୍ତ୍ତମାନ ଜଙ୍ଗଲର ସୁରକ୍ଷା ନିମନ୍ତେ ବିଭାଗୀୟ ପକ୍ଷରୁ ବହୁ ପଦକ୍ଷେପ ନିଆଯାଇଛି। ସ୍ଥାନୀୟ ଜଙ୍ଗଲ ଅଧିବାସୀ ସୁରକ୍ଷା କ୍ଷେତ୍ରରେ ସହଯୋଗ କରୁଛନ୍ତି ବୋଲି କହିବା ସହ କାଠ ଚୋରିକୁ ଅସ୍ୱୀକାର କରିଛନ୍ତି। ହେଲେ ବାସ୍ତବରେ ଜଙ୍ଗଲରୁ ଦୈନଦିନ କାଠ ଲୁଟ ହେଉଥିବା ବେଳେ ଉକ୍ତ ଜଙ୍ଗଲକୁ ନିଜ ଆଖିରେ ଦେଖିଲେ ଯାଇ ସହଜେ ଅନୁମେୟ ହୋଇପାରିବ। ଏହି ସର୍ବବୃହତ ଶାଳ ଶାଗୁଆନ ଜଙ୍ଗଲଟିର ସୁରକ୍ଷା ଦୃଷ୍ଟିକୋଣରୁ ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇ କେନ୍ଦ୍ର ସରକାରଙ୍କୁ ସୁପାରିସ କରି ଏଠାରେ ପୁନର୍ବାର ସିଆରପିଏଫ ଯବାନଙ୍କୁ ନିୟୋଜିତ କରିବା ନିମନ୍ତେ ପଦକ୍ଷେପ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସଚେତନ ମହଲରେ ଦାବି ହେଉଛି।

## ଗଡ଼ିଲା ଶିଶୁ ଶ୍ରମମୁକ୍ତ ଓଡ଼ିଶା, ଆମ ସଂକଳ୍ପ ରଥ



ଖୋର୍ଦ୍ଧା,୧୩।୬(ସମିସ): ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ବିଭାଗ ଓ କମ୍ୟୁନିଟି ରେଡ଼ିଓ ସଂଘ, ଓଡ଼ିଶା ମିଳିତ ଆନୁକୂଲ୍ୟରେ ଶିଶୁ ଶ୍ରମ ମୁକ୍ତ ଓଡ଼ିଶା, ଆମ ସଂକଳ୍ପ ସଚେତନତା ରଥ (ରେଡ଼ିଓ ଅନ ହୁଇଲ) ଆଜିଠାରୁ ଜିଲ୍ଲାରେ ଗଡ଼ିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆଜି ଜିଲ୍ଲାପାଳ ଚଞ୍ଚଳ ରାଣା ଶୁଭାରମ୍ଭ କରିଛନ୍ତି। ଏହି ସଚେତନତା ରଥ ଖୋର୍ଦ୍ଧା ସହରର ବିଭିନ୍ନ ସ୍ଥାନରେ ଶିଶୁ ଶ୍ରମ ମୁକ୍ତ ଓଡ଼ିଶା, ଆମର ସଂକଳ୍ପ ପରି ଭାଷାର ସଚେତନତା ଜାଗରଣ କରିବ। ସମସ୍ତ ଜନସାଧାରଣ ସଚେତନ ହୋଇ ଖୋର୍ଦ୍ଧା ଜିଲ୍ଲାକୁ ସମ୍ପୂର୍ଣ୍ଣ ଶିଶୁ ଶ୍ରମମୁକ୍ତ କରିବାକୁ ସଂକଳ୍ପ ନେଇ ଏହି ବ୍ୟାପକ ଜନସଚେତନତା ବାର୍ତ୍ତାକୁ ସଫଳ କରିବାକୁ ଜିଲ୍ଲାପାଳ ଶ୍ରୀ ରାଣା ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପଚନ୍ଦ୍ର ବେଉରା, ଖୋର୍ଦ୍ଧା ଉପଖଣ୍ଡ ଶ୍ରମ ଆୟୁକ୍ତ ଅଜୟ ପ୍ରଧାନ, ଖୋର୍ଦ୍ଧା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ, ଡେପୁଟି କଲେକ୍ଟର ଟୁଲିଆମା ପ୍ରଧାନ, ଶ୍ରୀତପା ମିଶ୍ର, ସହକାରୀ କଲେକ୍ଟର ଭୁବନେଶ୍ୱରୀ କଅଁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ରେଡ଼ିଓ କିଶାନ ନିର୍ଦ୍ଦେଶକ ପ୍ରଦୀପ୍ତ ଦତ, ଓଡ଼ିଶା କମ୍ୟୁନିଟି ରେଡ଼ିଓ ସଂଘ ସଭାପତି ଡ. ଶିଶିର ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରାଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟ ଏବଂ ଶ୍ରମ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ।

### ପୋଡ଼ାଗଡ଼ ଅଙ୍ଗନବାଡ଼ି କେନ୍ଦ୍ର-୨ରେ ଅନିୟମିତତା ଘଟଣା

# ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ସ୍ଥିତି ଅନୁଧାନ

କଣିହାଁ, ୧୩।୬(ସମିସ):

କଣିହାଁ ବ୍ଲକ ରେଙ୍ଗାଳି ଥାନା ସୁସୁବା ପଞ୍ଚାୟତ ପୋଡ଼ାଗଡ଼ ଗ୍ରାମ ଅଙ୍ଗନବାଡ଼ି କେନ୍ଦ୍ର-୨ରେ ବର୍ଷତମାମ କିଶୋରୀ ଯୋଜନା, ମମତା ଯୋଜନାରେ ଆସୁଥିବା ସହାୟତା ଓ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଅଣ୍ଡା ଛତୁଆ ଆଦି ଆତ୍ମସାତ କରାଯାଉଥିବା 'ସକାଳ'ରେ ଗତ ୯ ତାରିଖ ଖବର ପ୍ରକାଶ ପାଇଥିଲା। ଏ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ଅଙ୍ଗନବାଡ଼ି କର୍ମୀ ମମତା ବେହେରା ଓ ସହାୟିକାଙ୍କୁ ତାଗିଦ କରାଯାଇଥିଲା। ଫଳରେ ରାତିଅଧରେ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀ ଓ

**'ସକାଳ' ପ୍ରଭାବ**



ପିଲାଙ୍କୁ ଖାଦ୍ୟ ସାମଗ୍ରୀ ବିତରଣ କରାଯାଇଥିଲା। ଶୁକ୍ରବାର ପୂର୍ବାହ୍ନରେ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଇଂ. ଅବନୀ କୁମାର ସାହୁ, କଣିହାଁ ବିଡିଓ ତ୍ରିବିକ୍ରମ କୁମାର, ସୁପରଭାଇଜର ଲିଲି ଗାର୍ଗୀ ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ପହଞ୍ଚି ହିତାଧିକାରୀଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ପରେ ଅଙ୍ଗନବାଡ଼ି କର୍ମୀ ବେହେରାଙ୍କୁ ଅନିୟମିତତା ବିଷୟରେ ପଚରାଯାଇଥିଲେ ମଧ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ସାହୁ ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ଅନିୟମିତତା ନେଇ ଜିଲ୍ଲାପାଳଙ୍କୁ ଅବଗତ କରାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସୁପାରିସ କରିବେ ବୋଲି ପ୍ରକାଶ କରିଛନ୍ତି। ପୋଡ଼ାଗଡ଼ ଅଙ୍ଗନବାଡ଼ି କେନ୍ଦ୍ର-୨ ଭଳି କଣିହାଁ ବ୍ଲକରେ ଥିବା ଅନେକ କେନ୍ଦ୍ରରେ ବିଭିନ୍ନ ଯୋଜନାରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେଇ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ଅନୁଧାନ କଲେ ଅନିୟମିତତାର ପର୍ଦ୍ଦାଫାଶ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି।

## ଲୋଧାଝରିରେ ଜାତୀୟ ମହିଳା କଂଗ୍ରେସ ଟିମ୍



କଣିହାଁ, ୧୩।୬(ସମିସ): ଅନୁଗୋଳ ଜିଲ୍ଲାର ତାଳଚେର ରେଲୱେ ଷ୍ଟେସନରେ କଣିହାଁ ଥାନା ଲୋଧାଝରି ଗ୍ରାମର ଜଣେ ଯୁବତୀଙ୍କୁ ଦୁଷ୍କର୍ମ, ହତ୍ୟା କରାଯାଇଥିଲା। ଏହି ଘଟଣାରେ ଲୋଧାଝରି ଗାଁରେ ଗୁରୁବାର ରାତି ପ୍ରାୟ ୮ଟାରେ ପୀଡ଼ିତାଙ୍କ ପରିବାର ଲୋକଙ୍କ ପାଖରେ ଜାତୀୟ ମହିଳା କଂଗ୍ରେସର ଏକ ଟିମ୍ ପହଞ୍ଚିଛି। ଏହି ଟିମ୍‌ରେ ରାଜ୍ୟ କଂଗ୍ରେସର ମହିଳା ନେତ୍ରୀଗଣ ସାମିଲ ଥିଲେ। ପରିବାର ଲୋକଙ୍କୁ ମହିଳା ଟିମ ପକ୍ଷରୁ ସମବେଦନା ଜ୍ଞାପନ କରାଯାଇଥିଲା। ଘଟଣା ସମ୍ପର୍କରେ ପୀଡ଼ିତା ପରିବାର ସଦସ୍ୟଙ୍କୁ ଟିମ୍ ପଚାରି ବୁଝିଥିଲେ। ଦୁଷ୍କର୍ମ, ହତ୍ୟା ପଛରେ ଅଙ୍ଗତସ୍କରୀ ଥିବା ନେଇ ଅଭିଯୋଗ ଆଣିଛି କଂଗ୍ରେସ ଟିମ। ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ଇଂ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଏହି ଟିମ ଆସିଥିଲା। ସର୍ବୋଚ୍ଚ ନ୍ୟାୟାଳୟ ଆଇନଜୀବୀ ଭର୍ତ୍ତିକା ମଣି, ଓଡ଼ିଶା ପିସିସି ପ୍ରବକ୍ତା ସୋନାଲି ସାହୁ, ଡ. ମନିଷା ଦାସ ପଟ୍ଟନାୟକ, ସୟନ୍ତନୀ ଦତ୍ତ, ବୀଣା ଗୁପ୍ତା, ତାରେକେଶ୍ୱରୀ ନେଗୀ, କାଞ୍ଚନ ବାଳା, ଏଲ ମାଣିକ୍ୟପ୍ରଭା, ଶାନ୍ତିଲତା ବେହେରା, ଓପିସିସି ସମ୍ପାଦିକା ସସ୍ମିତା ପଣ୍ଡା ଓ ଅନିମା ମିଞ୍ଜ, ସୁରଭି ଶଶିବାଳା କୁଣ୍ଡୁ, ମଧୁକର ପୁତୁଳା ଦେବୀ, ସାମାଜିକ କର୍ମୀ ମୀନାକ୍ଷୀ ଦେବୀ ପ୍ରମୁଖ ସାମିଲ ଥିଲେ।

## ପବିତ୍ର ମୋହନ ପ୍ରଧାନଙ୍କ ୩୮ ତମ ଶ୍ରଦ୍ଧାଞ୍ଜଳି ସଭା

କଣିହାଁ, ୧୩।୬(ସମିସ): କଣିହାଁ ବ୍ଲକ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟରେ ଆଜନ୍ମ ବିପ୍ଳବୀ, କବି, ପ୍ରଖ୍ୟାତ ଜନନାୟକ ତଥା ମୁକ୍ତିପଥ ସୈନିକ ପବିତ୍ର ମୋହନ ପ୍ରଧାନଙ୍କ ୩୮ତମ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ଶିକ୍ଷକ ତଥା ଅଞ୍ଚଳର ବିଭିନ୍ନ ବର୍ଗର ଲୋକେ ଯୋଗଦେଇଥିଲେ। ବିଦ୍ୟାଳୟ ପରିସରରେ ଥିବା ପବିତ୍ର ମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସିଦ୍ଧିପ୍ରସାଦ ସାହୁ ପବିତ୍ର ମୋହନଙ୍କ ବିପ୍ଳବୀ ଜୀବନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପବିତ୍ର ମୋହନ ଓ ଗୁଜରାଟର ଅହମଦାବାଦରେ ଘଟିଥିବା ବିମାନ ଦୁର୍ଘଟଣାରେ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଆଲୁମ୍ନି କମିଟି ଉପସଭାପତି ସୁଧାକର ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ମଞ୍ଜୁଲତା ପ୍ରଧାନ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଦେବଦତ୍ତ ପ୍ରସାଦ ପ୍ରଧାନ, କ୍ଷୀରସିନ୍ଧୁ ସେଠୀ, ଗଗନ ଚନ୍ଦ୍ର ସାହୁ, ବିଚ୍ଛନ୍ଦ ଚରଣ ପ୍ରଧାନ, ତାଳଚେର ପ୍ରଜାମଣ୍ଡଳ, କଣିହାଁର ସଭାପତି ବିନାୟକ ପ୍ରଧାନ, ଶିକ୍ଷକ ପ୍ରଶାନ୍ତ କୁମାର ବେହେରା, ରୋହିତ କୁମାର ପ୍ରଧାନ, ଅମିତା ଦେହୁରୀ, ଆଦ୍ୟାଶା ଅନିନ୍ଦିତା ସାହୁ, ଇନ୍ଦ୍ରଜିତ ପ୍ରଧାନ, ସତ୍ୟରାମ ପ୍ରଧାନ, ଛାତ୍ର ସତ୍ୟପ୍ରକାଶ ସାହୁ, କାଳନ୍ଦୀ ପ୍ରଧାନ, ପୀୟୂଷ ସାହୁ, ଶ୍ରୀନିବାସ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ପବିତ୍ର ମୋହନଙ୍କ ୩୮ ତମ ଶ୍ରାଦ୍ଧ ଦିବସ ପାଳିତ

ତାଳଚେରସଦର, ୧୩।୬(ସମିସ): ତାଳଚେର ପବିତ୍ର ମୋହନ ସ୍ମୃତି କମିଟି ପକ୍ଷରୁ ଶୁକ୍ରବାର ଗଡ଼ଜାତ ଆନ୍ଦୋଳନର ମୁଖ୍ୟ ପୁରୋଧା, ଆଜନ୍ମ ବିପ୍ଳବୀ ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ୩୮ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ତାଳଚେରର ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଆମ ପ୍ରତିଭା ଆମ ପରିଚୟ, ଆଗେଇବା ପରିବାର ଓ ପ୍ରଗତିଶୀଳ ମଞ୍ଚ ପକ୍ଷରୁ ମିଳିତ ଭାବେ ଏହି ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଉକ୍ତ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ଯୋଗଦେଇ ତାଳଚେର ପୌରାଞ୍ଚଳ ପବିତ୍ର ମୋହନ ଛକରେ ଥିବା ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅନ୍ୟତମ ଅତିଥି ଭାବେ ଗବେଷକ ଡ. ମହେଶ୍ୱର ପ୍ରଧାନ ଯୋଗ ଦେଇ ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ତାଳଚେର ପବିତ୍ର ମୋହନ ପ୍ରଧାନ ସ୍ମୃତି କମିଟି ଆବାହକ ତପନ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଗତିଶୀଳ ମଞ୍ଚ ଆବାହକ ଜ୍ୟୋତିରଞ୍ଜନ ଦାସ, ସରକାରୀ ଓକିଲ ନିର୍ମଳ ତ୍ରିପାଠୀ, ଅବସରପ୍ରାପ୍ତ ଏନଟିପିସି କର୍ମଚାରୀ ଇଂ. ପ୍ରତାପ କୁମାର ଦଳେଇ, ସାମ୍ବାଦିକ ଭାଗୀରଥି ମହାପାତ୍ର, ସ୍ମୃତି କମିଟି ସଭାପତି ଜିତେନ୍ଦ୍ର ମହାପାତ୍ର, ପ୍ରକାଶ ସାହୁ, ଲିପୁ ରଥ, ବାବୁନି ସ୍ୱାଇଁ, କଳାକାର ସିଂହ, ହର୍ଷବର୍ଦ୍ଧନ ସାମଲ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପବିତ୍ର ମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ହିଙ୍ଗୁଳା ପୀଠରେ ହେବ ଜିଲ୍ଲାସ୍ତରୀୟ ପୁରାଣ ପ୍ରଶ୍ନୋତ୍ତର ପ୍ରତିଯୋଗିତା

ତାଳଚେରସଦର, ୧୩।୬(ସମିସ): ପବିତ୍ର ରଜ ସଂକ୍ରାନ୍ତି ପାଳନ ଅବସରରେ ତାଳଚେରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦ ପକ୍ଷରୁ ୧୩ତମ ଜିଲ୍ଲାସ୍ତରୀୟ ପୁରାଣ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହେବ। ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ପୀଠ ପରିସରରେ ଆସନ୍ତା ୧୫ ତାରିଖ ହେବାକୁ ଥିବା ଏହିପ୍ରତିଯୋଗିତାରେଅତିବଡ଼ୀଜଗନ୍ନାଥଦାସକୃତ ଶ୍ରୀମଦ୍ ଭାଗବତରୁ ସମସ୍ତ ପ୍ରଶ୍ନ ପଚରାଯିବ। ପ୍ରତ୍ୟେକ ଗ୍ରାମ କିମ୍ବା ଅନୁଷ୍ଠାନରୁ ଚାରିଜଣ ଲେଖାଏଁ ପ୍ରତିଯୋଗୀ ଗୋଟିଏ ଦଳ ହିସାବରେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ଏଥିରେ ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିପାରିବେ। ସମସ୍ତ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯିବ। ଶ୍ରେଷ୍ଠ ବିବେଚିତ ତିନି ଦଳକୁ ବିଶେଷ ପୁରସ୍କାର ସହ ମାନପତ୍ର ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରାଯିବା କାର୍ଯ୍ୟକ୍ରମ ରହିଛି। ଏ ସମ୍ବନ୍ଧରେ ଅଧିକ ସୂଚନା ପାଇଁ ପରିଷଦର ସଭାପତି ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଜଗନ୍ ମୋହନ ଗଡ଼ନାୟକ ଓ କାର୍ଯ୍ୟକ୍ରମ ପରିଚାଳକ ଗବେଷକ ବିଭୂତି ଭୂଷଣ ସାହୁ ଓ ଅରୁଣ କୁମାର ଗଡ଼ନାୟକଙ୍କ ସହ ଯୋଗାଯୋଗ କରିବାକୁ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅନନ୍ୟ ପ୍ରତିଯୋଗିତାରେ ସମସ୍ତ ଭଗବତପ୍ରେମୀ ବିପୁଳ ସଂଖ୍ୟାରେ ଅଂଶଗ୍ରହଣ କରିବାକୁ ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦ ସମ୍ପାଦକ ଗଡ଼ନାୟକ ଅନୁରୋଧ କରିଛନ୍ତି।

## ଏନଟିପିସି ପକ୍ଷରୁ ବାଳିକା ସଶକ୍ତୀକରଣ କର୍ମଶାଳା

କଣିହାଁ, ୧୩।୬(ସମିସ): ଅନୁଗୋଳ ଜିଲ୍ଲା ଏନଟିପିସି, କଣିହାଁ ପ୍ରକଳ୍ପ ସିଏସ୍ଆର ପକ୍ଷରୁ ଚାଲିଥିବା ବାଳିକା ସଶକ୍ତୀକରଣ ମିଶନ କର୍ମଶାଳା ଉଦଯାପିତ ହୋଇଛି। ଗତ ମେ ୧୩ରୁ ଜୁନ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି କର୍ମଶାଳାରେ ୧୦-୧୨ ବୟସର କିଶୋରୀମାନେ ସାମିଲ ହୋଇଥିଲେ। କିଶୋରୀମାନଙ୍କୁ ଆତ୍ମବିଶ୍ୱାସ ନିର୍ମାଣ, ନେତୃତ୍ୱ ବିକାଶ ଏବଂ ଜୀବନ କୌଶଳ ତାଲିମ ମାଧ୍ୟମରେ ସଶକ୍ତ କରିବା ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଉଦଯାପନୀ ଅବସରରେ ଏନଟିପିସି, କଣିହାଁ ପ୍ରକଳ୍ପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେଏନ ରେଡ୍ଡୀ ମୁଖ୍ୟଅତିଥି, ତନଭି ସଙ୍ଗମର ଅଧ୍ୟକ୍ଷ କରିବେଦ ଶ୍ରୀବାନୀ ସମ୍ମାନିତ ଅତିଥି, ଏନଟିପିସି ମହାପ୍ରବନ୍ଧକ ସତ୍ୟରାମ କୃଷ୍ଣ, ରକ୍ଷଣାବେକ୍ଷଣ ମହାପ୍ରବନ୍ଧକ ଏସ୍ଏସ୍ ରାଓ, ମାନବସମ୍ବଳ ବିଭାଗ ମୁଖ୍ୟ ତଥା ଅତିରିକ୍ତ ମହାପ୍ରବନ୍ଧକ ନବନୀତ କୁମାର ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରମିକ ସଂଗଠନ



କର୍ମକର୍ତ୍ତା, ଆସୋସିଏସନ ପ୍ରତିନିଧି, ତନଭି ସଙ୍ଗମର ସଦସ୍ୟ/ସଦସ୍ୟା, ସ୍ଥାନୀୟ ସରକାରୀ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରଧାନଶିକ୍ଷକ, ଅଂଶଗ୍ରହଣକାରୀଙ୍କ ଅଭିଭାବକମାନେ ସାମିଲ ହୋଇଥିଲେ। ମାନବ ସମ୍ବଳ ମୁଖ୍ୟ ନବନୀତ କୁମାର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଏକ ମନମୁଗ୍ଧକର ଭିଡିଓ ପ୍ରଦର୍ଶିତ ହୋଇଥିଲା ଯାହା ବାଳିକା ଅଂଶଗ୍ରହଣକାରୀଙ୍କ ପ୍ରାରମ୍ଭିକ ପର୍ଯ୍ୟାୟରୁ ଅନ୍ତିମ ଫଳାଫଳ ପର୍ଯ୍ୟନ୍ତ ପରିବର୍ତ୍ତନକୁ ପ୍ରଦର୍ଶିତ କରାଯାଇଥିଲା। ଅଂଶଗ୍ରହଣକାରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସୃଜନଶୀଳତା ପ୍ରଦର୍ଶିତ ହେବା ସହ ଲୁକ୍କାୟିତ ପ୍ରତିଭା ପ୍ରଦର୍ଶନ କରିଥିଲେ। ସ୍ୱାଗତ ନୃତ୍ୟ, ଯୋଗ ପ୍ରଦର୍ଶନ, ବାଳିକା ସଶକ୍ତୀକରଣ ଉପରେ ନାଟକ ଏବଂ 'ଜୀବନରେ ଲକ୍ଷ୍ୟ' ଶୀର୍ଷକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ସାଜିଥିଲା। ଏହି ଅବସରରେ ୧୦ଜଣ ବାଳିକାଙ୍କୁ ବିଶେଷ ପ୍ରତିଭା ପାଇଁ ଅତିଥି ପୁରସ୍କୃତ କରିଥିଲେ।

## ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଅନ୍ଧାରରେ



ତାଳଚେରସଦର, ୧୩।୬(ସମିସ): ତାଳଚେର ପୌରପରିଷଦ ରାଣୀପାର୍କ ବସଷ୍ଟାଣ୍ଡ ସମ୍ମୁଖ ଛକ ନିକଟରେ ଥିବା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଏବେ ଅନ୍ଧାରରେ ରହିଛି। ଏହା ବିଜୁପ୍ରେମୀଙ୍କ ମନରେ ଘୋର ଆଘାତ ପହଞ୍ଚାଇଛି। ବିଜୁ ଜନତା ଦଳର ଯେକୌଣସି କାର୍ଯ୍ୟକ୍ରମ ହେଲେ ଏହି ପ୍ରତିମୂର୍ତ୍ତିରେ ଦୀପ ପ୍ରଜ୍ୱଳନ ସହ ମାଲ୍ୟାର୍ପଣ କରାଯାଏ। କିନ୍ତୁ ଏବେ ବିଜେଡି ସରକାରର ପତନ ଓ ନୂତନ ସରକାର ଗଠନ ହେବା ପରେ ଆଉ କେହି ଏହାକୁ ଆଡ଼ ଆଖିରେ ଦେଖିଲେ ନାହିଁ। ପ୍ରତିମୂର୍ତ୍ତି ନିକଟରେ ଲାଗିଥିବା ହାଇମାଷ୍ଟ ଲାଇଟ କେଉଁଆଡ଼େ ଉଭାନ ହୋଇଯିବା ସହ ପୋଲ୍ ମଧ୍ୟ ଆଉ ଦେଖଇବାକୁ ମିଳୁନାହିଁ। ତେବେ ଏହାକୁ କିଏ ଓ କାହିଁକି ନେଲା ତାହା ଜଣାପଡ଼ି ନ ଥିଲେ ହେଁ ଏଠାରେ ତୁରନ୍ତ ହାଇମାଷ୍ଟ ଲାଇଟ୍ ଲଗାଇବା ପାଇଁ ବିଜୁପ୍ରେମୀ ମହଲରେ ଦାବି ହେଉଛି। ସେହିପରି ପ୍ରତିମୂର୍ତ୍ତି ନିକଟରୁ ପ୍ରାୟ ୧୦ ମିଟର ଦୂର ୧୪୯ ନମ୍ବର ଜାତୀୟ ରାଜପଥକୁ ଲାଗିରହିଥିବା ରାଣୀପାର୍କର ୪ଗୁଣ୍ଠ ଜାଗାରେ ବିଜୁପାର୍କ ନିର୍ମାଣ କରିବାକୁ ପ୍ରସ୍ତାବ ଆଗତ ହୋଇଥିଲା। ସେଥିରେ ବିଜୁବାବୁଙ୍କ ତାମ୍ର ପ୍ରତିମୂର୍ତ୍ତି ଏବଂ ଶିଶୁପାର୍କ ନିର୍ମାଣ କରିବାକୁ ଯୋଜନା କରାଯାଇ ଚାରିପାଖରେ ପାଚେରି ବୁଲାଯାଇଥିଲା। ମାତ୍ର ଏହି ପ୍ରସ୍ତାବ କେବଳ ପ୍ରସ୍ତାବ ମଧ୍ୟରେ ସୀମିତ ହୋଇଯାଇଛି। ତୁରନ୍ତ ପୌରପରିଷଦ ଓ ବିଧାୟକଙ୍କ ପକ୍ଷରୁ ଏହି ଅଧୁରା ଯୋଜନାକୁ ସାକାର କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ବିମାନ ଦୁର୍ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ଶୋକସଭା

ତାଳଚେରସଦର, ୧୩।୬(ସମିସ): ତାଳଚେରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅହମଦାବାଦ ବିମାନ ଦୁର୍ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହୋଇଛି। ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ଓ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନ ଆମ ପ୍ରତିଭା ଆମ ପରିଚୟ, ଆଗେଇବା ପରିବାର ଓ ତାଳଚେର ପ୍ରଗତିଶୀଳ ମଞ୍ଚ ପକ୍ଷରୁ ତାଳଚେର ପବିତ୍ର ମୋହନ ଛକରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ବିମାନ ଦୁର୍ଘଟଣାରେ ପରଲୋକଗତ



ସମସ୍ତଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଗତିଶୀଳ ମଞ୍ଚ ଆବାହକ ଜ୍ୟୋତିରଞ୍ଜନ ଦାସ, ସରକାରୀ ଓକିଲ ନିର୍ମଳ ତ୍ରିପାଠୀ, ତପନ କୁମାର ମହାରଣା, ପ୍ରକାଶ ସାହୁ, ଭାଗୀରଥି ମହାପାତ୍ର, ବାବୁନି ସ୍ୱାଇଁ, ଲିପୁ ରଥ, କଳାକାର ସିଂହ, ହର୍ଷବର୍ଦ୍ଧନ ସାମଲ, ସନ୍ତୋଷ ବେହେରା, ଜିତେନ୍ଦ୍ର ମହାପାତ୍ର, ଶିକ୍ଷାବିତ ମହେଶ୍ୱର ପ୍ରଧାନ, ଅବସରପ୍ରାପ୍ତ ଏନଟିପିସି କର୍ମଚାରୀ ଇଂ. ପ୍ରତାପ କୁମାର ଦଳେଇ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଯୋଗଦେଇ ଶୋକବ୍ୟକ୍ତ କରିଥିଲେ।

## ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ

ଅନୁଗୋଳ, ୧୩।୬(ସମିସ): ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀଯୁକ୍ତ ଦାମୋଦର ରଥଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ପଞ୍ଚମହଲାସ୍ଥିତ ଆଦୃତା ଶିଶୁ ସଦନରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ହୃଷୀକେଶ ଆଚାର୍ଯ୍ୟ, ପରିବାର ଅଦାଲତ ବିଚାରପତି ଚୌଧୁରୀ ପ୍ରବୀର କୁମାର, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକରୀ ଶ୍ରୀମୟୀ ଆଚାର୍ଯ୍ୟ, ସିଭିଲ୍ କୋର୍ଟ ରେଜିଷ୍ଟ୍ରାର ସୁକୁମାର ମହାପାତ୍ର, ବରିଷ୍ଠ ଦେୱାନୀ ବିଚାରପତି ତଥା ମହିଳା ଅଦାଲତ ବିଚାରପତି ସଙ୍ଗୀତା ମିଶ୍ର, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଋତୁଶ୍ରୀ ମହାରଣା, ଜିଲ୍ଲା ଆଇନସେବା ପ୍ରାଧିକରଣ ସଦସ୍ୟ ପରମାନନ୍ଦ ମିଶ୍ର, ଶିଶୁ ମଙ୍ଗଳ କମିଟି ସଦସ୍ୟ ଡ. ପୁଷ୍ପା ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିଶୁଙ୍କୁ ଭଲ ମଣିଷ କରି ଗଢ଼ି ତୋଳିବରେ ଅଭିଭାବକ ଓ ସମାଜର ପ୍ରମୁଖ ଭୂମିକା ରହିଛି। କିନ୍ତୁ ଆଜି ବି ଅନେକ ଶିଶୁ ଯତ୍ନ ଓ ସୁରକ୍ଷା ଲୋଡୁଥିବା ବେଳେ ସେମାନଙ୍କୁ ଅନେକାଂଶରେ କଠିନ କାମରେ ଶ୍ରମିକ ଭାବେ ନିୟୋଜିତ କରାଯାଉଛି। ଦୋକାନ, ହୋଟେଲ୍ ଓ ଘରୋଇ କାର୍ଯ୍ୟରେ ଶିଶୁ ଶ୍ରମିକ ନିୟୋଜନ କରାଯାଇ ନିର୍ଯ୍ୟାତନା ଦିଆଯାଉଛି। ଏ ନେଇ ସବୁ ସ୍ତରରେ ସଚେତନତା ସୃଷ୍ଟି କରାଯିବା ଦରକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହାସହ ଶିଶୁମାନଙ୍କ ନିମେନ୍ତ ଉଦ୍ଦିଷ୍ଟ ଆଇନ ଉପରେ ଅବଗତ କରିଥିଲେ ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ ଓ କ୍ଷୁଦ୍ର ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଦୃତା ଶିଶୁ ସଦନ, ଅମଲାପଡ଼ା ଉତ୍କଳ ବାଳାଶ୍ରମ ଓ ବଳରାମପ୍ରସାଦ ନବଜୀବନ କମ୍ୟୁନିଟି ସେଣ୍ଟର କର୍ମଚାରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ଉତ୍ସବ





ପାଲଲହଡ଼ା, ୧୩।୬(ସମିସ)

ରାଜ୍ୟରେ ବିଜେପି ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ପାଲଲହଡ଼ା ଶରତଚନ୍ଦ୍ର କ୍ଲବ ପ୍ରାଙ୍ଗଣରେ ବିକାଶ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ସରକାରଙ୍କ ବିଭିନ୍ନ ଉପଲବ୍ଧି ଓ ବିକାଶମୂଳକ କାର୍ଯ୍ୟ ଉପରେ ଆଲୋକପାତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ଅଶୋକ ମହାନ୍ତି ଯୋଗଦେଇ କହିଲେ, ବିଜେପି ସରକାର ଗତ ଏକ ବର୍ଷରେ ଲୋକଙ୍କ ପାଇଁ ଅନେକ ଯୋଜନା ଓ ବିକାଶମୂଳକ କାମ କରିଛନ୍ତି। ଏହି ସବୁ କାର୍ଯ୍ୟ ସୁଶାସନ ଓ ଜନସେବା ପ୍ରତି ପ୍ରତିବଦ୍ଧତାକୁ ପ୍ରମାଣ କରୁଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବ୍ଲକ ପ୍ରଶାସନ ପକ୍ଷରୁ ନୂତନ ଭାବେ ପଞ୍ଜିକୃତ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଥିଲା। ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ପ୍ରତ୍ୟେକ ଗାଁରେ ପହଞ୍ଚାଇବା ପାଇଁ ଏକ ପ୍ରଚାର ଗାଡ଼ି 'ବିକାଶ ବାହାନ'କୁ ଅତିଥି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ପାଲଲହଡ଼ା ବିଡିଓ ନିଶାନ ମିଶ୍ର, ବିଜେପି ଜିଲ୍ଲା ଉପସଭାପତି ଲିଙ୍ଗରାଜ ଦାସ, ନୃସିଂହ ବରାଳ, ତନ୍ମୟ କୁମାର ସାହୁ, ସରପଞ୍ଚ ହୃଦାନନ୍ଦ ସାହୁ, ରମେଶ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ।

**କଣିହାଁ:** ନୂଆ ସରକାର ଗଠନର ବର୍ଷପୂର୍ତ୍ତି ଉପଲକ୍ଷେ କଣିହାଁ ବ୍ଲକରେ ଶୁକ୍ରବାର ବିକାଶବାହାନର ଶୁଭାରମ୍ଭ ହୋଇଛି। ଅତିଥି ଭାବେ ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ସୁଶାନ୍ତ କୁମାର ସାମଲ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ହରେକୃଷ୍ଣ ପ୍ରଧାନ, ବିଡିଓ ତ୍ରିବିକ୍ରମ କୁମାର, କାର୍ଯ୍ୟନିର୍ବାହୀ ସହକାରୀ ଯନ୍ତ୍ରୀ ସଲିଳ କୁମାର ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ସଂଗ୍ରାମ କେଶରୀ ଦେବତା, ପୂର୍ବତନ ସରପଞ୍ଚ ବିନୟ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ବାହାନକୁ କଣିହାଁ ଓ ବିଜୁଗୋଳ ପଞ୍ଚାୟତ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏଥିରେ କଣିହାଁ ସରପଞ୍ଚ ରଞ୍ଜିତା ବେହେରା, ବିଜୁଗୋଳ ସରପଞ୍ଚ ରୁକ୍ମଣୀ ପ୍ରଧାନ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏମ୍‌ବିକେ, ସିଆରପି, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

**କିଶୋରନଗର:** କିଶୋରନଗର ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ବିକାଶ ବାହାନର ଶୁଭାରମ୍ଭ ହୋଇଛି। ବିଡିଓ ସୁବ୍ରତ ବେହେରା, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ସରୋଜ ସାହୁ, ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇ ଏହି ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ବିଭିନ୍ନ ପଞ୍ଚାୟତ ବୁଲି ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏବିଡିଓ ଦିଲୀପ ପ୍ରଧାନ, ଜିପିଡିଓ ସତ୍ୟପ୍ରିୟ ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ଆଲୋକ ମିଶ୍ର, ବିଏଲସି (ଓଏଲଏମ) ସୁଜିତ ପ୍ରଧାନ ପ୍ରମୁଖ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**କିଶୋରନଗର:** କିଶୋରନଗର ବ୍ଲକ ଜଏରାଟ ପଞ୍ଚାୟରେ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ପାଳନ ଅବସରରେ ବିକାଶ ମେଳା ଅନୁଷ୍ଠିତ ହୋଇଛି। ସରପଞ୍ଚ ବିଜୟ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ସରୋଜ ସାହୁ ଯୋଗଦେଇ ଗତ ୧ ବର୍ଷ ମଧ୍ୟରେ ସରକାରଙ୍କ ବିଭିନ୍ନ ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ କିପରି ଲୋକଙ୍କ ନିକଟରେ ପହଞ୍ଚିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଏବିଡିଓ ଦିଲୀପ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବକୁମାର ପ୍ରଧାନ, ଏବିଇଓ ରମଣୀ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୩ ଜଣଙ୍କୁ ଭତ୍ତା, ୧୦ ଜଣଙ୍କୁ ରାସନକାର୍ଡ, ୧୦ ଜଣଙ୍କୁ ଜବକାର୍ଡ, ୨ ହିତାଧିକାରୀଙ୍କୁ ଟ୍ରାଇସାଇକଲ ପ୍ରଦାନ କରାଯାଇଥିଲା। ପିଇଓ ପ୍ରାଣବନ୍ଧୁ ପ୍ରଧାନ, ଏଡିଇଓ ପ୍ରଦୀପ ସାହୁ ସହଯୋଗ କରିଥିଲେ।







### ଅହମ୍ମଦାବାଦ୍ ଦୁର୍ଘଟଣା ପରେ

# ଭୁବନେଶ୍ୱର ବିମାନବନ୍ଦର ପାଇଁ ବଢ଼ିଲା ଭୟ

**■ ପକ୍ଷୀଙ୍କୁ ଆକୃଷ୍ଟ କରୁଛି ବିମାନବନ୍ଦର ପାଚେରି କଡ଼ ଫାଷ୍ଟଫୁଡ୍**

**■ ବଢୁଛି ବିଲ୍ଡିଂ ଉଚ୍ଚତା, ବିପଦ ସାଜିପାରେ ଓୟୁଏଟି ନଡ଼ିଆ ଫାର୍ମ**

ଭୁବନେଶ୍ୱର, ୧୩।୬(ସମିସ)

ଗୁଜୁରାଟର ଅହମ୍ମଦାବାଦ୍‌ରେ ଏୟାର ଇଣ୍ଡିଆ ବିମାନର ଭୟଙ୍କର ଦୁର୍ଘଟଣା ପରେ ଏବେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ବାହାରରେ ଚାଲୁଥିବା ବେଆଇନ୍ ଫାଷ୍ଟଫୁଡ୍ ଦୋକାନ, ଆମିଷ ବିକ୍ରୟ କେନ୍ଦ୍ର, ଗଛ ଫାର୍ମ ଏବଂ ବେଆଇନ୍ ଉଚ୍ଚ ଅଟ୍ଟାଳିକାଗୁଡ଼ିକୁ ନେଇ ବିଭିନ୍ନ ମହଲରେ ଚିନ୍ତା ପ୍ରକଟ କରାଯାଇଛି। ଏଗୁଡ଼ିକ ରହିବା ଦ୍ୱାରା ବିମାନ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଉଛି।

ବିମାନ ଉଡ଼ାଣ ଏବଂ ଅବତଣ ବେଳେ ପକ୍ଷୀ ମାଡ ହୋଇଯାଆନ୍ତି। ଯାହାଫଳରେ ବିମାନ ଦୁର୍ଘଟଣା ଘଟିଥାଏ। ଏଣୁ ପକ୍ଷୀମାନଙ୍କ ଖାଇବା, ରହିବା ଏବଂ ବିଶ୍ରାମ ନେବା ସ୍ଥଳକୁ ବିମାନବନ୍ଦର ଠାରୁ ନିର୍ଦ୍ଦିଷ୍ଟ ଦୂରତା ମଧ୍ୟରେ ହଟାଇ ଦିଆଯାଏ। କିନ୍ତୁ ଭୁବନେଶ୍ୱର ବିମାନବନ୍ଦର ଏବଂ ଏହାର ଆଖପାଖ ଅଞ୍ଚଳରେ ଫାଷ୍ଟଫୁଡ୍ ସେଣ୍ଟର ହୁ ହୁ ହୋଇ ବଢ଼ିଚାଲିଛି। ଅଳିଆ ଅବର୍ଜନା ଫୋପଡ଼ା ଯାଉଛି। ଅଧିକାଂଶ ଲୋକେ ନିର୍ମାଣ ନିୟମ ମାନୁନାହାନ୍ତି। ବିଲ୍ଡିଂ ଗୁଡ଼ିକର ଉଚ୍ଚତା କମିବା ବଦଳରେ ବଢ଼ି ଚାଲିଛି। ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ନଜରରେ ଏଭଳି ଭାବେ ଏକାଧିକ ବିଲ୍ଡିଂ, ଫାଷ୍ଟଫୁଡ୍ ଦୋକାନ ଏବଂ ଗଛବଗିଚା ରହିଛି। ମଧୁସୂଦନ ପାର୍କ ନିକଟରେ ସନ୍ଧ୍ୟା ହେଲେ ଆମିଷ ମାର୍କେଟ ଖୋଲିଯାଉଛି। ଯାହା ବିମାନଯାତ୍ରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ରନୱେ ନିକଟ ପାଚେରିକୁ ଲାଗି ଥିବା ଜାଗମରା ଅଞ୍ଚଳର ଫାଷ୍ଟଫୁଡ୍ ଦୋକାନୀଙ୍କ ବ୍ୟବସାୟ କରୁଛନ୍ତି। ଯାହା ବିମାନଚଳାଚଳ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି।

ସେହିପରି ପକ୍ଷୀମାନେ ଗଛରେ ବସା କରନ୍ତି। ଏହା ସହ ଆଶ୍ରୟ ବି ନିଅନ୍ତି। ହେଲେ ବିମାନବନ୍ଦର ନିକଟସ୍ଥ ବରମୁଣ୍ଡା ଅଞ୍ଚଳରେ ନଡ଼ିଆ ଗଛ ଚାରା ଚାଷ କରାଯାଉଛି। ବଡ଼ ବଡ଼ ନଡ଼ିଆ ଗଛ ରହିଛି। ଏହି ଫାର୍ମ କୌଣସି ଘରୋଇ ସଂସ୍ଥାର ନୁହେଁ। ଖୋଦ୍ ଓୟୁଏଟି ପକ୍ଷରୁ ଏଭଳି କରାଯାଇଛି। ଯାହାଦ୍ୱାରା ଏଠାରେ ପକ୍ଷୀ ବିଶ୍ରାମ ନେଉଛନ୍ତି। ପକ୍ଷୀଙ୍କ ବିଶ୍ରାମ ନେବା ଘଟଣା ଏୟାରପୋର୍ଟ କର୍ତ୍ତୃପକ୍ଷଙ୍କ ନଜରରେ ରହିଛି।




ଅନ୍ୟପକ୍ଷରେ ବିମାନବନ୍ଦରର ଅବସ୍ଥିତିକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୁରକ୍ଷା ଏବଂ ବିମାନ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଦେଶର ଅଧିକାଂଶ ବିମାନବନ୍ଦର ସହର ବାହାରେ ରଖାଯାଇଛି। ବିମାନବନ୍ଦରେରେ ବଡ଼ ବଡ଼ ବିମାନ ଉଡ଼ାଣ ଓ ଅବତରଣ କରୁଥିବାରୁ ଦୁର୍ଘଟଣାର ଆଶଙ୍କା ରହିଥାଏ। ତେଣୁ ସହର ବାହାରେ ଖୋଲା ଓ କମ ଜନବସତି ଅଞ୍ଚଳରେ ବିମାନବନ୍ଦର ନିର୍ମାଣ କରାଯାଏ। ହେଲେ ଭୁବନେଶ୍ୱର ବିମାନବନ୍ଦର ସମ୍ପୂର୍ଣ୍ଣ ଭାବେ ସହର ଭିତରେ ରହିଛି। ଏଣୁ ଭବିଷ୍ୟତର କୌଣସି ଅଘଟଣ ରାଜଧାନୀରେ ଏକ ବଡ଼ ବିପଦର ଆଶଙ୍କା ସୃଷ୍ଟି କରିପାରେ। ଏହାସହ ଶବ୍ଦ ପ୍ରଦୂଷଣ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି ବୋଲି ଅର୍ବାନ ପ୍ଲାନର ପୀୟୁଷ ରାଉତ କହିଛନ୍ତି।

ଅନ୍ୟପକ୍ଷରେ ବିମାନବନ୍ଦର ନିକଟରେ ଥିବା ବିଲ୍ଡିଂଗୁଡ଼ିକର ନିର୍ଦ୍ଦିଷ୍ଟ ଉଚ୍ଚତା ରହିବା ଆବଶ୍ୟକ। ହେଲେ ଏହି ନିୟମ ଘର ମାଲିକମାନେ ମାନୁନାହାନ୍ତି। ଅନେକ ଘର ମାଲିକ ପାଣି ଟାଙ୍କି ରଖି ଏହାର ଉଚ୍ଚତାକୁ ବଢ଼ାଇ ଦେଉଛନ୍ତି। ଏସମ୍ପର୍କରେ ବିମାନବନ୍ଦର ନିର୍ଦ୍ଦେଶକଙ୍କ ପଚାରିବାରୁ ସେ କହିଛନ୍ତି ସୁରକ୍ଷା ସମ୍ବନ୍ଧୀୟ ଯାହା କିଛି ଚିନ୍ତା ରହିଛି ସବୁ ସମୟରେ ଏଇଏମ୍‌ସି (ଏୟାରଫିଲ୍ଡ ଏନ୍‌ଭାର୍ଣ୍ଣମେଣ୍ଟ ମ୍ୟାନେଜ୍‌ମେଣ୍ଟ କମିଟି)ରେ ଆଲୋଚନା ହେଉଛି। ଏହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି।

● ତ୍ରିକୋଣୀୟ ପ୍ରେମରୁ ଯୁବକଙ୍କୁ ଅପହରଣ

## ସିଆର୍‌ପିରୁ ନେଲେ; ଡିଏଭିରେ ଛାଡ଼ିଲେ



**୩ ଗିରଫ; କାର୍ ସହ ମାରଣାସ୍ତ୍ର ଜବତ**

ଭୁବନେଶ୍ୱର, ୧୩।୬ (ସମିସ): ତ୍ରିକୋଣୀୟ ପ୍ରେମ ସମ୍ପର୍କରୁ ବେକରେ ଖଣ୍ଡା ଲଗାଇ ଯୁବକଙ୍କୁ ଅପହରଣ କରି ନେଇଛନ୍ତି। ସିଆରପି ଛକରୁ ଉଠାଇ ନେଇ ଡିଏଭି ଛକରେ ଛାଡ଼ି ଦେଇଛନ୍ତି। ଖବର ପାଇବା ପରେ ଏକାମ୍ର ପାର୍କ ନିକଟରୁ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପାୱାର ହାଉସ କଲୋନୀର ଅଭିଜିତ ଜୟନାରାୟଣ ଓରଫ ବବଲୁ (୨୩), ଶାନ୍ତି ସ୍ୱରୂପ ଓରଫ ବାପୁ (୧୯) ଓ ନାରାୟଣୀ ବସ୍ତିର ଏସ୍‌କେ ସରଫରାଜ ଓରଫ ରୋହନ (୧୯)।

ପୁଲିସ ସୂଚନା ଅନୁସାରେ, ରାଜଧାନୀର ଏକ ଘରୋଇ ଫିନସର୍ଭ କମ୍ପାନୀରେ ଐଶ୍ୱର୍ଯ୍ୟା (ଛଦ୍ମନାମ)ଙ୍କ ସହିତ ଅଭିଜିତର ସମ୍ପର୍କ ରହିଥିଲା। ଐଶ୍ୱର୍ଯ୍ୟା କିଛିଦିନ ହେବ ସହକର୍ମୀ ସୁନୀଲ କୁମାର ବେହେରାଙ୍କ ସହିତ କଥାବାର୍ତ୍ତା ହେଉଥିଲେ। ଏହାକୁ ଅଭିଜିତ ସହଜରେ ଗ୍ରହଣ କରି ପାରି ନ ଥିଲା। ଗୁରୁବାର ରାତିରେ ସୁନିଲ ତାଙ୍କ ବାଇକ୍ ଯୋଗେ ସିଆରପି ଛକରୁ ଡିଏଭି ଆଡ଼କୁ ଯାଉଥିବାବେଳେ ଅଭିଜିତ, ବାପୁ ଓ ରୋହନ ଏକ କଳା କାରରେ ଆସି ତାଙ୍କୁ ଅଟକାଇଥିଲେ। ସେଠାରେ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରିବା ସହିତ ଖଣ୍ଡା ଦେଖାଇ କାର୍‌ରେ ଅପହରଣ କରି ନେଇଥିଲେ। ଐଶ୍ୱର୍ଯ୍ୟାଙ୍କ ସହ ଯୋଗାଯୋଗ ନ କରିବାକୁ ଧମକ ଦେବା ସହିତ ସୁନିଲଙ୍କ ମୋବାଇଲ ଛଡ଼ାଇ ତାଙ୍କ ନମ୍ବର ଡିଲିଟ୍ କରିଦେଇଥିଲେ। ସୁନିଲ ଚିତ୍କାର କରିବାରୁ ସେମାନେ ତାଙ୍କୁ ୟୁନିଟ୍-୮ ଡିଏଭି ନିକଟରେ ଛାଡ଼ି ପଳାଇ ଯାଇଥିଲେ।

ଖବରପାଇ ନୂଆପଲ୍ଲୀ ଥାନା ପୁଲିସ ଏକାମ୍ର ପାର୍କ ନିକଟରେ କାର୍‌ଟିକୁ ଅଟକାଇ ୩ ଜଣଙ୍କୁ ଗିରଫ କରିଥିଲା। ସୁନିଲ ଓ ଐଶ୍ୱର୍ଯ୍ୟାଙ୍କ ସମ୍ପର୍କରେ ଈର୍ଷା ପରାୟଣ ହୋଇ ସେ ତା'ର ଦୁଇ ସହଯୋଗୀ ମିଶି ଏଭଳି କାଣ୍ଡ ଭିଆଇଥିବା ଅଭିଜିତ ପୁଲିସ ଆଗରେ ସ୍ୱୀକାର କରିଥିଲା। ଗାଡ଼ିର ଡ୍ରାଇଭର ସିଟ୍ ତଳୁ ଗୋଟିଏ ଖଣ୍ଡା ଓ କାର୍ ଜବତ କରାଯାଇଥିଲା।

## ଜମିବିକ୍ରି ଆଳରେ ୩୦ ଲକ୍ଷ ଠକେଇ; ଧୂର୍ତ୍ତ ଗିରଫ



ଭୁବନେଶ୍ୱର, ୧୩।୬ (ସମିସ): ଜମି ବିକ୍ରି କରିବା ଆଳରେ ୩୦ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଙ୍କୁଆଳ ଅଞ୍ଚଳର ଚିତ୍ରସେନ ବେହେରା ଓରଫ୍ ଧୁଲ (୪୦)।

ପୁଲିସ ସୂଚନା ମୁତାବକ, ମନୋରଞ୍ଜନ ମିଶ୍ର କେସୁରା ମୌଜାରେ ଏକ ଜମି କ୍ରୟ କରିବା ପାଇଁ ୨୦୨୨ ମସିହା ଡିସେମ୍ବର ମାସରେ ଚିତ୍ରସେନ ସହିତ ଏକ ନୋଟାରି ଚୁକ୍ତି କରିଥିଲେ। ଚୁକ୍ତି ମୁତାବକ ଅଗ୍ରୀମ ବାବଦକୁ ନଗଦ ୩୦ ଲକ୍ଷ ଟଙ୍କା ଚିତ୍ରସେନକୁ ଦେଇଥିଲେ। ଚୁକ୍ତିନାମା ଅନୁଯାୟୀ ୩ ମାସ ମଧ୍ୟରେ ମନୋରଞ୍ଜନଙ୍କ ନାମରେ ଜମି ପଞ୍ଜୀକୃତ ହେବାର ଥିଲେ ମଧ୍ୟ ତାହା ହୋଇ ନ ଥିଲା। ମନୋରଞ୍ଜନଙ୍କର ବାରମ୍ବାର ଅନୁରୋଧ ସତ୍ତ୍ୱେ ଚିତ୍ରସେନ ଜମି ପଞ୍ଜୀକରଣ କରି ନ ଥିଲା କି ଟଙ୍କା ମଧ୍ୟ ଫେରାଇ ନ ଥିଲା। ପୁଲିସର ହସ୍ତକ୍ଷେପ ପରେ ଚିତ୍ରସେନ ମାତ୍ର ୬ ଲକ୍ଷ ଟଙ୍କା ଫେରସ୍ତ କରିଥିଲା। ପରବର୍ତ୍ତୀ ସମୟରେ ୧୦ ଲକ୍ଷ ଟଙ୍କାର ୩ଟି ବ୍ୟାଙ୍କ ଚେକ୍ ଦେଇଥିଲେ ମଧ୍ୟ ପର୍ଯ୍ୟାପ୍ତ ଟଙ୍କା ନ ଥିବାରୁ ସେସବୁ ବାଉନ୍ସ ହୋଇ ଯାଇଥିଲା। ମନୋରଞ୍ଜନ ଗତ ୧ ତାରିଖ ଦିନ ଭେଟିବାକୁ ଯାଇଥିବା ବେଳେ ଚିତ୍ରସେନ ଦୁର୍ବ୍ୟବହାର କରିବା ସହିତ ଧମକ ଦେଇଥିଲା। ଏନେଇ ବଡ଼ଗଡ଼ ଥାନାରେ ଅଭିଯୋଗ ହେବାପରେ ପୁଲିସ ମାମଲା କୁଆଖାଇ ନଦୀ ରାସ୍ତାରୁ ଚିତ୍ରସେନକୁ ଗିରଫ କରି କୋର୍ଟ ଚାଲାଣ କରିଛି। ନୋଟାରି ଚୁକ୍ତିନାମା, ଟଙ୍କା ରସିଦ, ଚେକ୍ ଓ ଫେରସ୍ତ ମେମୋ ଜବତ କରାଯାଇଥିଲା। ଅଭିଯୁକ୍ତ ନାମରେ ସହିଦନଗର ଓ ଲକ୍ଷ୍ମୀସାଗର ଥାନାରେ ଦୁଇଟି ଠକେଇ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

### ଘରୁ ସୁନାଗହଣା ଚୋରି

## ବନ୍ଧା ହେଲେ ବିଶ୍ୱାସଘାତକ ସମ୍ପର୍କୀୟ ଓ ବଣିଆ

ଭୁବନେଶ୍ୱର, ୧୩।୬ (ସମିସ): ଘର ତାଲା ଭାଙ୍ଗି ସୁନାଗହଣା ଚୋରି ଘଟଣାରେ ସମ୍ପର୍କୀୟ ଓ ବଣିଆକୁ ଗିରଫ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଯାଜପୁର ଚିନ୍ତାପଲ୍ଲୀ ଗାଁର ପ୍ରୀତି ରଞ୍ଜନ ବିଶ୍ୱାଳ (୨୨) ଓ ବଣିଆ ତଥା କଟକ ମାଛୁଆ ବଜାରର ଅମର ମହାରଣା (୩୩)।

ପୁଲିସ ସୂଚନା ଅନୁସାରେ, ଶୈଳଶ୍ରୀ ବିହାର ଅନ୍ତର୍ଗତ କୈଳାସ ବିହାରରେ ରହୁଥିବା ଜ୍ଞାନରଞ୍ଜନ ସେନାପତିଙ୍କ ପରିବାର ଗତ ୮ ତାରିଖ ଦିନ ଘରେ ତାଲା ପକାଇ ଭଦ୍ରକସ୍ଥିତ ଘରକୁ ଯାଇଥିଲେ। ଏହାରି ଭିତରେ ତାଙ୍କ ଦୂର ସମ୍ପର୍କୀୟ ପ୍ରୀତି ତାଙ୍କ ତାଙ୍କ କବାଟର ତାଲା ଭାଙ୍ଗି ଭିତରେ ଥିବା ୩ଟି ସୁନା ଚେନ, ୩ ହଳ ସୁନା କାନଫୁଲ, ସୁନା ମୁଦି ୯ଟି, ମଙ୍ଗଳସୂତ୍ର ୩ଟି, ୨ଟି ଏଲ୍‌ଆଇସି ବଣ୍ଡ ଓ ୭ ହଜାର ଟଙ୍କା ଚୋରି କରି ନେଇଥିଲେ। ଚୋରି କରିବା ପରେ ଘରର ମୁଖ୍ୟ ଦ୍ୱାରରେ ନୂଆ ତାଲା ପକାଇ ଫେରାର ହୋଇ ଯାଇଥିଲେ।

ଜ୍ଞାନରଞ୍ଜନ ମଙ୍ଗଳବାର ଦିନ ଫେରି ଏକ ନୂଆ ତାଲା ଭାଙ୍ଗି ଦେଖିବା ପରେ ଚୋରି ହୋଇଥିବା ଜାଣି ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜରୁ ଅଭିଯୁକ୍ତ ପ୍ରୀତିର ସମ୍ପୃକ୍ତି ସ୍ପଷ୍ଟ ହୋଇଥିଲା। ପୁଲିସ କୈଳାସ ବିହାରର ହୋଟେଲ ଅନଭିରୁ ପ୍ରୀତିକୁ ଗିରଫ କରିବା ସହିତ ଗୋଟିଏ ସୁନା ଚେନ୍, ହଳେ ସୁନା କାନଫୁଲ ଓ ୪୦ ହଜାର ଟଙ୍କା ଜବତ କରିଥିଲା। ସେ ଚୋରି ସୁନାର କିଛି ଅଂଶ କଟକର ବଣିଆ ଅମରକୁ ବିକ୍ରି କରିଥିବା କହିଥିଲା। ପୁଲିସ କଟକ ବଣିଆ ସାହିରୁ ଗିରଫ କରିଥିଲା। ସେ ଜାଣିଶୁଣି ଚୋରି ସୁନାଗହଣା କିଣି ପ୍ରୀତିକୁ ଏକଲକ୍ଷ ୩୦ ହଜାର ଟଙ୍କା ଦେଇଥିବା ସ୍ୱୀକାର କରିଥିଲା। ତା ହେପାଜତରୁ ଗୋଟିଏ ସୁନା ହାର, ଗୋଟିଏ ସୁନା ଚେନ, ୯ଟି ସୁନା କାନଫୁଲ, ଓ ଦୁଇଟି ମଙ୍ଗଳସୂତ୍ର ଜବତ କରିଥିଲା।

## ସିରିଜ୍ ଦୁର୍ଘଟଣା; ପିଟିହେଲା ୩ କାର୍

ଭୁବନେଶ୍ୱର, ୧୩।୬(ସମିସ): ସହିଦନଗର ଥାନା ସତ୍‌ସଂଘ ବିହାର ନିକଟରେ ସିରିଜ ଦୁର୍ଘଟଣା ଘଟିଛି। ପଛକୁ ପଛ ୩ଟି କାର ପିଟି ହୋଇଛି। ଫଳରେ ୨ଜଣ ଆହତ ହୋଇଛି। କିନ୍ତୁ ଦୁର୍ଘଟଣା ପରେ ଟ୍ରାଫିକ୍ ସମସ୍ୟା ଜଟିଳ ହୋଇପଡ଼ିଥିଲା। ପୁଲିସ ଟ୍ରାଫିକ ସୁଧାରିବା ପାଇଁ ନାକେଦମ ହୋଇପଡ଼ିଥିଲା। ଦୀର୍ଘ ୨୦ ମିନିଟ୍ ପରେ ସ୍ଥିତି ସୁଧୁରିଥିଲା। ଦୁର୍ଘଟଣା ଘଟାଇଥିବା ୩ଟି କାର ଥାନାକୁ ଆଣି ପୁଲିସ ଖୋଳତାଡ଼ କରୁଛି। ପ୍ରଥମ ଗୋଟିଏ କାର ବାଣୀବିହାର ନିକଟରୁ ରସୁଲଗଡ଼ ଅଭିମୁଖେ ଯାଉଥିଲେ। ହେଲେ ସତସଂଘ ବିହାର ନିକଟରେ ହଠାତ୍ ଆଗ କାର ବ୍ରେକ୍ ଧରି ଦେବାରୁ ପଛରୁ ଆସୁଥିବା ଦୁଇଟି କାର ଧକ୍କା ଦେଇଥିଲେ।

## ସୋରୁମ୍‌ରେ ନାମିଦାମୀ ବ୍ରାଣ୍ଡର ନକଲି ଜୋତା

**■ ଲକ୍ଷାଧିକ ଟଙ୍କାର ଜୋତା ଜବତ କଲା ପୁଲିସ**

**■ ଥାନାରେ ହାଜର ହେବାକୁ ମାଲିକଙ୍କୁ ନୋଟିସ୍**

ଭୁବନେଶ୍ୱର, ୧୩।୬(ସମିସ)

ରାଜଧାନୀ ଛାତି ଉପର କୁହାଯାଉଥିବା ଅଶୋକନଗର ଥିବା 'ଷ୍ଟାଇଲ ସୁ'ରେ ନାମିଦାମୀ ବ୍ରାଣ୍ଡର ନକଲି ଜୋତା ବିକ୍ରି କରାଯାଉଥିଲା। ଶୁକ୍ରବାର ପୁଲିସ ଚଢ଼ଉ କରି ବିପୁଳ ପରିମାଣର ନକଲି ଜୋତା ଜବତ କରିଛି। ବିଶେଷକରି କ୍ରୋକ୍ସ ବ୍ରାଣ୍ଡର ନକଲି ଜୋତା ବିକ୍ରି କରାଯାଉଥିବା ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଚଢ଼ଉ କରିଥିଲା। ପୁଲିସ ଚଢ଼ଉ ବେଳେ ଦୋକାନରେ ଅସଲି ବ୍ରାଣ୍ଡର ନକଲି ଜୋତା ବିକ୍ରି ହେଉଥିବା ଜଣାପଡ଼ିଥିଲା। ଚଢ଼ଉ ବେଳେ ଲକ୍ଷାଧିକ ଟଙ୍କାର ନକଲି ଜୋତା ଜବତ କରାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଥାନାରେ ହାଜର ହେବାକୁ ଦୋକାନୀ ମାଲିକଙ୍କୁ ପୁଲିସ ନୋଟିସ୍ କରିଛି।

ସୂଚନା ଅନୁସାରେ, ଭୁବନେଶ୍ୱରରେ ଦାମୀ ବ୍ରାଣ୍ଡ 'କ୍ରେକ୍ସ' ଜୋତାର ନକଲି ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଥିଲା। ଜୋତାକୁ ନେଇ ବାରମ୍ବାର ଅଭିଯୋଗ ହେବା ପରେ କମ୍ପାନୀର ଏକ ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱର ଆସିଥିଲା। ଜନପଥର ଅଶୋକ ନଗରରେ ଥିବା 'ଷ୍ଟାଇଲ ସୁ'କୁ କମ୍ପାନୀ ପ୍ରତିନିଧି ଦଳ ଗ୍ରାହକ ସାଜି ଯାଇଥିଲେ। ଜୋତା କିଣିବା ପରେ ଏହା ନକଲି ବୋଲି ଜଣାପଡ଼ିଥିଲା। ପରେ ଏନେଇ ସେ କ୍ୟାପିଟାଲ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ ଟିମ ସେଠାରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ କ୍ରସ୍ କମ୍ପାନୀର ବିପୁଳ ପରିମାଣର ନକଲି ଜୋତା ଜବତ କରାଯାଇଛି। ପୁଲିସ ଜୋତା ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏଥିସହିତ ଅନ୍ୟ କମ୍ପାନୀର ଟିମ୍‌ଙ୍କୁ ଆସି ଦୋକାନରେ ଅସଲି-ନକଲି ଯାଞ୍ଚ କରିବାକୁ ପୁଲିସ ଆହ୍ୱାନ ଦେଇଛି। ଅସଲି ପଇସା ନେଇ ନକଲି ଜୋତା ବିକ୍ରି କରି ଲୋକଙ୍କୁ ଧୋକା ଦେଉଥିବା ମାଲିକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।



### ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ

## ଧୋକାବାଜ ପ୍ରେମିକ ଗିରଫ

ଭୁବନେଶ୍ୱର, ୧୩।୬ (ସମିସ): ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଜଟଣୀ ବେଣାପଞ୍ଜରୀ ଗାଁର ଏସକେ ଜସିମ୍ (୨୮)।

ପୁଲିସ ସୂଚନା ଅନୁସାରେ, ଅଭିଯୋଗକାରିଣୀ ଏୟାରଫିଲ୍ଡ ଥାନା ଅଞ୍ଚଳରେ ଭଡ଼ାରେ ରହୁଥିବା ବେଳେ ଏକ ବେସରକାରୀ ସଂସ୍ଥାରେ କାମ କରନ୍ତି। ଗତ ଦୁଇବର୍ଷ ହେବ ଜସିମ୍ ସହିତ ତାଙ୍କର ବନ୍ଧୁତା ରହିଥିଲା। ଜସିମ୍ ଅନେକ ସମୟ ଅଭିଯୋଗକାରୀଙ୍କ ଭଡ଼ା ଘରକୁ ଯିବାଆସିବା କରୁଥିଲା। ଏହାରି ଭିତରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ସେଠାରେ ତାଙ୍କ ଇଚ୍ଛା ବିରୋଧରେ ଶାରୀରିକ ସମ୍ପର୍କ ରଖିଥିଲା। ଜସିମ୍ ମୁସଲମାନ ହୋଇଥିବା ବେଳେ ନିଜକୁ ହିନ୍ଦୁ ବୋଲି ପରିଚୟ ଦେଇଥିଲା। ପୀଡ଼ିତା ବିବାହ କରିବା ଲାଗି କହିବାଉ ଅଯୌକ୍ତିକ ସର୍ତ୍ତ ମାନିବା ଲାଗି ଜସିମ୍ ବାଧ କରୁଥିଲା। ପୀଡ଼ିତା ଏହି ସର୍ତ୍ତ ମାନିବା ଲାଗି ମନା କରିବାରୁ ସେ ତାଙ୍କୁ ମାଡ ମାରୁଥିଲା। ଗତ ୬ ତାରିଖ ଦିନ ପୀଡ଼ିତା ମାର୍କେଟରୁ ଫେରୁଥିବା ବେଳେ ଜସିମ୍ ଓ ଅନ୍ୟ ଦୁଇ ସମ୍ପର୍କୀୟ ତାଙ୍କୁ ରାସ୍ତାରେ ଅଟକାଇ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏନେଇ ପୀଡ଼ିତା ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଜସିମକୁ ଗିରଫ କରି କୋର୍ଟ ଚାଲାଣ କରିଛି।



# ରଜ ପାଇଁ ଦୋଳି ଖୋଜୁଛି ଗଛ

**● ଗଛଶୂନ୍ୟ ହୋଇଯାଇଛି ଭୁବନେଶ୍ୱର**

**● ତୋଟାରେ ଠିଆ ହୋଇଛି ମାଳମାଳ କୋଠା**

**● ପ୍ଲାଷ୍ଟିକ୍ ଦୋଳିରେ ରଜ ପାଳୁଛନ୍ତି ସହରବାସୀ**

ଭୁବନେଶ୍ୱର, ୧୩।୬(ସମିସ)

ଦିନ ଥିଲା ରଜ ଆସିଲେ ରାଜଧାନୀର ପ୍ରମୁଖ ନୂଆପଲ୍ଲୀଠାରୁ ଆରମ୍ଭ କରି ଖଣ୍ଡଗିରି, ପାତ୍ରପଡ଼ା, ଡମଣା, ପଟିଆ ଆଦି ଅଞ୍ଚଳରେ ଥିବା ବଡ଼ବଡ଼ ଗଛରେ ଦୋଳି ଝୁଲୁଥିଲା। କିନ୍ତୁ ସମୟକ୍ରମେ ଏବେ ଗଛଗୁଡ଼ିକ କାଟି ଦିଆଗଲା ଫଳରେ ରାଜଧାନୀରେ ଦୋଳି ଲଗାଇବାକୁ ଗଛ ନାହିଁ। ଅନେକ କ୍ଷେତ୍ରରେ ଲୋକେ ଖୁଣ୍ଟପୋତି ଦୋଳି ଲଗାଉଛନ୍ତି।

ଏକଦା ରାଜ୍ୟର ବିଭିନ୍ନ ଅଞ୍ଚଳ ଭଳି ରାଜଧାନୀରେରଜଦୋଳିପ୍ରମୁଖଆକର୍ଷଣସାଜିଥିଲା। ପାତ୍ରପଡ଼ାଠାରୁ ଆରାମ୍ଭ କଲି ନନ୍ଦନକାନନ, ବାଲିଅନ୍ତା ବାଲିପାଟଣା ଏମିତି ସହର ମଧ୍ୟଭାଗ ଯଥା ଖଣ୍ଡଗିରି, ନୂଆପଲ୍ଲୀ ଅଞ୍ଚଳରେ ବଡ଼ବଡ଼ ଗଛମାନ ଥିଲା। ଯେଉଁ ଗଛରେ ଦୋଳି ଲଗାଇ ସେହି ଅଞ୍ଚଳର ଯୁବତୀମାନେ ମଜା ନେଉଥିଲେ। କିନ୍ତୁ ଏବେ ରାଜଧାନୀର ବିଭିନ୍ନ ସ୍ଥାନରେ ରଜ ଉତ୍ସବକୁ ଯାକଜମକରେ ପାଳନ କରାଯାଉଛି ସତ ହେଲେ ଆଉ ଗଛଦୋଳି ଦେଖିବାକୁ ମିଳୁନାହିଁ।

ଏମିତି କି ସହର ଉପକଣ୍ଠ ଗାଁମାନଙ୍କରେ ମଧ୍ୟ ଆଗରୁ ଯେଉଁ ଯେତିକି ଗଛ ଥିଲା ଏବେ ଆଉ ଗଛ ନାହିଁ କି ଗଛରେ ଦୋଳି ବନ୍ଧାଯାଉନାହିଁ। ସହର ପ୍ରମୁଖ ଅଞ୍ଚଳ କୁହାଯାଉଥିବା ଏମ୍‌ଏଲ୍‌ଏ କଲୋନୀ ନିକଟରେ୩ ଶହ ଗଛ କଟାଯାଇଥିବା ବେଳେ ମଧୁସୂଦନ ପାର୍କ ନିକଟରୁ ହଜାରେରୁ ଅଧିକ ଗଛ, ଭୀମଟାଙ୍ଗୀ ଅଞ୍ଚଳରୁ ୨ ଶହ ଗଛ ସମେତ ଶିଖରଚଣ୍ଡୀ ଅଞ୍ଚଳରୁ ପ୍ରାୟ ୩ ଶହ ଗଛକୁ ମିଶାଇ ମୋଟ ୧୦ ହଜାରରୁ ଅଧିକ ଗଛ କଟାଯାଇଛି। ଏଥିସହିତ ରାଜଧାନୀ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଥିବା ଛୋଟଛୋଟ ତୋଟାଗୁଡ଼ିକରେ ମଧ୍ୟ ରଜ ଦିନକ ଆଗରୁ ଶତାଧିକ ଦୋଳି ଝୁଲୁଥିବା ଦେଖିବାକୁ ମିଳୁଥିଲା। କିନ୍ତୁ ଗତ ତିନି ଦଶନ୍ଧୀ ଧରି ସହରୀକରଣ ପ୍ରକ୍ରିୟାରେ ରାଜଧାନୀର ବିଭିନ୍ନ ତୋଟାଗୁଡ଼ିକରେ ମାଳମାଳ କୋଠା ଠିଆ ହୋଇଛି। ଯେଉଁଠି ଗଛ ଥିଲା ସେଠାରେ ଆପାର୍ଟମେଣ୍ଟ ମାନ ଗଢ଼ିଉଠିଲା। ବିଶେଷକରି ଡୁମୁଡୁମା, ପାତ୍ରପଡ଼ା, ସରକନ୍ତରା, ଖଣ୍ଡଗିରି, ତମାଣ୍ଡୋ, ଆଇଗିଣିଆଠାରୁ ଆରମ୍ଭ କରି ଘାଟିକିଆ, ଶ୍ୟାମପୁର, ନୂଆଗାଁ, ପାଇକରାପୁର, ମଳିପଡ଼ା, ପଟିଆ, ଡମଣା, ନନ୍ଦନାକାନ, ବାରଙ୍ଗ, ଅଞ୍ଚଳରେ ଥିବା ଗଛଗୁଡ଼ିକ କାଟି ଦିଆଯାଇଛି ଏବଂ ଏଠାରେ ବଡ଼ବଡ଼ ଆପାର୍ଟମେଣ୍ଟ ଏବଂ ଘର ନିର୍ମାଣ କରାଯାଇଛି। ଫଳରେ ରାଜଧାନୀ ଏବଂ ଏହାର ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଲୋକେ ଛାତ ବିମ୍‌ରେ ରଜ ଦୋଳି ବନ୍ଧୁଛନ୍ତି। ହେଲେ ଏହି ରଜ ଦୋଳି ଗଛରେ ବନ୍ଧା ନ ଯାଇ ଖାଲି ପଡ଼ିଆ ମାନଙ୍କରେ ବାଉଁଶକୁ ବାଉଁଶରେ ଛନ୍ଦି ସେଥିରେ ଦୋଳି ଲଗାଯାଉଛି। ଏପରିସ୍ଥଳେ ରାଜଧାନୀବାସୀ ପ୍ଲାଷ୍ଟିକ୍ ଦୋଳି ଝୁଲାଇ ରଜ ପାଳନ କରୁଛନ୍ତି।



ଏ ନେଇ ପରିବେଶବିତ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି ଯେ, ରାଜଧାନୀ ସହରରୁ ଗତ ୩୦ ବର୍ଷ ମଧ୍ୟରେ ପ୍ରାୟ ଅଧିକାଂଶ କଟାଯାଇଛି। ଯଦିବା କେତେକ ଅଞ୍ଚଳରେ କୃତ୍ରିମ ଜଙ୍ଗଲ ସୃଷ୍ଟି କରାଯାଇଛି, କିନ୍ତୁ ସେସବୁ ସ୍ଥାନରେ ବଡ଼ବଡ଼ ଗଛ ନ ଥିବାରୁ ଦୋଳି ଝୁଲିପାରୁନାହିଁ। ଏହାଦ୍ୱାରା ଯେ କେବଳ ଦୋଳି ଝୁଲିପାରୁ ନାହିଁ ତାହା ନୁହେଁ ଏହା ସହରର ପରିବେଶକୁ ଗୁରୁତର ଭାବେ ପ୍ରଭାବିତ କରୁଛି। ସହରର ତାପମାତ୍ରା ବୃଦ୍ଧି ସହ ପରିବେଶ ପ୍ରତିବ ବିପଦ ସୃଷ୍ଟି କରୁଛି।

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବାଳକ ମୃତ

# କ୍ଷତିପୂରଣ ଦାବିରେ ବାରିପଦା-ଉଦଳା ରାସ୍ତା ଅବରୋଧ

ସାନକେରକୋ/ବଡ଼ସାହି ୧୩।୬(ସମିସ): ବଡ଼ସାହି ଥାନା ଅନ୍ତର୍ଗତ ନାଉପାଳ ଗ୍ରାମରେ ବୁଧବାର ସନ୍ଧ୍ୟାରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ନାବାଳକର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, ନାଉପାଳ ଗ୍ରାମର କୁନା ଓରଫ ଶ୍ରୀଧର ସିଂ ତାଙ୍କ ଘର ବାରିର ବାଡ଼ରେ ବିଦ୍ୟୁତ୍ ତାର ବିଛାଇଥିଲେ। ତାର ସମ୍ପର୍କରେ କେହି ଜାଣି ନ ଥିଲେ। ପଡୋଶୀ ଗଙ୍ଗାଧର ନାଏକଙ୍କ ଅଷ୍ଟମ ଶ୍ରେଣୀରେ ପଢୁଥିବା ନାବାଳକ ପୁଅ ଶ୍ରୀଦିପ (୧୨) ଗାଈ ଆଣିବାକୁ ଯାଇ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ସଂଗେ ସଂଗେ ଡୁକୁରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ; ହେଲେ ଡାକ୍ତର ନାବାଳକକୁ ମୃତ ଘୋଷଣା କରିଥିଲେ। ଏ ନେଇ ବଡ଼ସାହି ଥାନାରେ ଲିଖିତ ଭାବେ ଜଣାଇବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଶୁକ୍ରବାର କ୍ଷତିପୂରଣ ପ୍ରଦାନ ଦାବିରେ ମୃତଦେହ ରଖି ନାଉପାଳଠାରେ



ବାରିପଦା-ଉଦଳା ରାସ୍ତାରୋକ କରିଛନ୍ତି ସ୍ଥାନୀୟ ଲୋକେ। ରାସ୍ତାରୋକ ଅପରାହ୍ନ ପ୍ରାୟ ୨ଟାରୁ ଆରମ୍ଭ ହୋଇ ଅଦ୍ୟାବଧି ଚାଲୁ ରହିଛି। ଫଳରେ ଯାନବାହନ ଯାତାୟାତ ଠପ୍ ହୋଇଯାଇଛି। ଖବର ପାଇ ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ତହସିଲଦାର କରୁଣାକର ଧିନ୍ଦା, ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ, ଟାଟା ପାୱାର ଯନ୍ତ୍ରୀଙ୍କ ସହିତ ପୁଲିସ ଉପସ୍ଥିତ ରହି ଆଲୋଚନା ଜାରି ରଖିଛନ୍ତି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଛି।

## ଚଳନ୍ତା ଟ୍ରେନ୍‌ରୁ ପଡ଼ି ଆହତ ବୃଦ୍ଧଙ୍କ ମୃତ୍ୟୁ

ବେତନଟୀ, ୧୩।୬(ସମିସ): ବୁଧବାର ରାତିରେ ବାଙ୍ଗିରିପୋଷିରୁ ରୂପ୍ସା ଯାଉଥିବା ମେମୁଟ୍ରେନରୁ ପଡ଼ି ଗୁରୁତର ଆହତ ହୋଇଥିବା ଜଣେ ବୃଦ୍ଧଙ୍କ କଟକ ବଡଡାକ୍ତରଖାନାରେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧୀନ ଅନ୍ଧାରୀଶୋଳ ଗ୍ରାମର ହରେଶଚନ୍ଦ୍ର ଧଳ(୬୦)। ସେ ବେତନଟୀ ରେଳ ଷ୍ଟେସନରେ ଚଳନ୍ତା ଟ୍ରେନରେ ଚଢ଼ିବାକୁ ଉଦ୍ୟମକରି ଖସିପଡ଼ିଥିଲେ। ଫଳରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତଲାଗି ପ୍ରବଳ ରକ୍ତଶ୍ରାବ ହୋଇଥିଲା। ରକ୍ତଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ପ୍ରଥମେ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ବାରିପଦା ଏବଂ କଟକ ବଡଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ବୁଧବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି।

## ବହଳଦାରେ ଗଡ଼ିଲା ବିକାଶ ବାହନ ରଥ



ବହଳଦା, ୧୩।୬(ସମିସ): ବହଳଦା ବ୍ଲକ ଅଧ୍ୟକ୍ଷା ଦୀପାଞ୍ଜଳୀ ସିଂହ ପତାକା ଦେଖାଇ ବିକାଶ ବହନ ରଥ ପରିକ୍ରମାର ଶୁଭାରମ୍ଭ କରିଛନ୍ତି। ଏହି ରଥ ବ୍ଲକର ସମସ୍ତ ପଞ୍ଚାୟତ ପରିକ୍ରମା କରି ସରକାରଙ୍କ ଯୋଜନା ସମ୍ପର୍କରେ ଅବଗତ କରିବ। ଏହି ରଥ ୨୧ ତାରିଖ ପର୍ଯ୍ୟନ୍ତ ପରିକ୍ରମା କରିବ। ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ଯୋଜନାର କାର୍ଡ, ପ୍ରମାଣପତ୍ର ଆଦି ପ୍ରଦାନ କରାଯିବା ସହିତ କୌଣସି ଯୋଜନାରେ ସାମିଲ ହେବାକୁଥିବା ହିତାଧିକାରୀଙ୍କଠାରୁ ଆବେଦନ ପତ୍ର ଗ୍ରହଣ କରାଯିବ। ସରପଞ୍ଚ ଲକ୍ଷ୍ମଣ ହାଁସଦା ଏବଂ ପିଇଓ ଦୀପକ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୀପାଞ୍ଜଳୀ ସିଂହ, ବିଡିଓ ଶ୍ରୀ ଶରତ କୁମାର ମଲ୍ଲିକଙ୍କ ସହ ଉପସ୍ଥିତ ଥିବା ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ୨ ଜଣ ହିତାଧିକାରୀଙ୍କୁ ରାସନ କାର୍ଡ ଓ ୪ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି।

## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ବେତନଟୀ, ୧୩।୬(ସମିସ): ବେତନଟୀ ବ୍ଲକ ମିଶନଶକ୍ତି ଏବଂ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଗୁରୁବାର ଆୟୋଜିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନର ବ୍ଲକ ସଂଯୋଜିକା ଡ. ସୁଶ୍ରୀ ମଧୁଛନ୍ଦା ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ବିଧାୟକ ସନାତନ ବିଜୁଳି ମୁଖ୍ୟଅତିଥିରୂପେ ଯୋଗଦେଇ ଉଦଘାଟନ କରିଥିଲେ। ବିଡିଓ ସୁଶାନ୍ତ କୁମାର ସୂତାର, ଏବିଡିଓ ଗଗନ ବିହାରୀ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟଶ୍ରୀ ଭୋଇ, ୩୫ନଂ ଜୋନ ମଣ୍ଡଳ ସଭାପତି ଜୀବନ କୁମାର ପରିଡ଼ା, ୩୭ନଂ ଜୋନ ମଣ୍ଡଳ ସଭାପତି ଶାନ୍ତନୁ ପଣ୍ଡା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଦନ ସିଂ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରୁଦ୍ରନାରାୟଣ ସିଂହ, ମିଶନଶକ୍ତି ବ୍ଲକ ସଂଯୋଜକ ରବୀନ୍ଦ୍ର ଚାନେ ପ୍ରମୁଖ ଅତିଥିରୂପେ ମଞ୍ଚାସୀନ ଥିଲେ। ଏହି ପ୍ରତିଯୋଗିତାରେ ୨୦ଟି ଏସଏଚଜି ଗ୍ରୁପ ଅଂଶଗ୍ରହଣ କରିଥିଲେ। ରଘୁପୁର ପଞ୍ଚାୟତର ମା'ବୁଢୀ ବ୍ରାହ୍ମଣୀ ଏସଏଚଜି ଗ୍ରୁପ ପ୍ରଥମ, ଆଗ୍ରିଆ ପଞ୍ଚାୟତର ମା'ଗାୟତ୍ରୀ ଏସଏଚଜି ଗୋଷ୍ଠୀ ଦ୍ୱିତୀୟସ୍ଥାନ ଅଧିକାର କରିଥିଲେ।

## ହାତୀଙ୍କ ଖାଦ୍ୟ ସୁରକ୍ଷା ପାଇଁ ବାଉଁଶମଞ୍ଜି ବୁଣିବା ଅଭିଯାନର ଶୁଭାରମ୍ଭ



ବାରିପଦା, ୧୩।୬(ସମିସ): ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ମଧ୍ୟରେ ଅବସ୍ଥିତ ଚାକିଡି ଗ୍ରାମପଞ୍ଚାୟତ ଜଙ୍ଗଲରେ ବାଉଁଶମଞ୍ଜି ପ୍ରକ୍ଷେପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ତଥା ଆରସିସିଏଫ ଡ. ପ୍ରକାଶ ଚାନ୍ଦ ଗୋଗିନାନୀ, ବାରିପଦା ବନଖଣ୍ଡ ଅଧୀକାରୀ ଏ. ଉମା ମହେଶ, ପୂର୍ବତନ ପିସିସିଏଫ ଏବଂ ସେଭ ଏଲିଫେଣ୍ଟ ଫାଉଣ୍ଡେସନର ମୁଖ୍ୟ ଡ.ଦେବବ୍ରତ ସ୍ୱାଇଁ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ବିବେକାନନ୍ଦ ପଟ୍ଟନାୟକ, ଶିମିଳିପାଳ ଦକ୍ଷିଣ ସହକାରୀ ବନ୍ୟ ସଂରକ୍ଷକ ସାମରେଶ ବିଶ୍ୱାଳ, ବାଙ୍ଗିରିପୋଷି, ଆରଓ ବଡଗାଁ ଓ ତାଳବନ୍ଧ ରେଞ୍ଜର, ଚାକିଡି ସରପଞ୍ଚ ବିକ୍ରମ ମୁର୍ମୁ, ସେଭ ଏଲିଫେଣ୍ଟ ଫାଉଣ୍ଡେସନର ରଜନୀକାନ୍ତ ଜେନା, ହରିହର ଦାସ, ସ୍ୱାର୍ଡାର ମୋହନ ମୁର୍ମୁ, ହାଡିବନ୍ଧୁ ମୁର୍ମୁ, ପ୍ରଦୀପ ଦାସ ମହାପାତ୍ର, ସୁଧୀର ନାଏକ, ପୂର୍ଣ୍ଣ ନାଏକ ସମେତ ପଞ୍ଚାୟତର ୧୩ଟି ଗ୍ରାମର ଶତାଧିକ ଗ୍ରାମବାସୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଏହା ଏକ ଅଭିନବ କାର୍ଯ୍ୟକ୍ରମ। ଏଭଳି ଉଦ୍ୟମ ଜାରି ରହିଲେ ହାତୀ ଖାଦ୍ୟ ଅନ୍ୱେଷଣରେ ଜନବସତିକୁ ଆସିବା କମିଯିବ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି। ଏହାକୁ ଆହୁରି ବ୍ୟାପକ କରି ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ କରାଯିବ ଏବଂ ଗଛ ମଧ୍ୟ ରୋପଣ କରାଯିବ ବୋଲି ଆରସିସିଏଫ ଡ ଗୋଗିନାନୀ କହିଥିଲେ। ବାରିପଦା ବନଖଣ୍ଡ ଅଧୀନ ହାତୀ ରହୁଥିବା ଜଙ୍ଗଲରେ ମଧ୍ୟ ଏହି କାର୍ଯ୍ୟକ୍ରମ ଚାରି ରହିବ ବୋଲି ଶ୍ରୀ ମହେଶ କହିଥିଲେ।

## ଚନ୍ଦ୍ରିକା କଳାବିକାଶ କେନ୍ଦ୍ରରେ ପ୍ରତିଯୋଗିତା



ଶୁଳିଆପଦା, ୧୩।୬(ସମିସ): ଶୁଳିଆପଦା ବ୍ଲକ ଅନ୍ତର୍ଗତ ସାନଦେଉଳି ଚନ୍ଦ୍ରିକା କଳା ବିକାଶ କେନ୍ଦ୍ର ପରିସରରେ ଏକ ଘରୋଇ ଟିଭି ପକ୍ଷରୁ ଗୀତ/ନାଚ ଓ ଖେଳ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଶୁଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଗ୍ରାମରୁ ୪୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରଥମ ଥର ଆମ ଅଞ୍ଚଳର ଗ୍ରାମାଞ୍ଚଳରେ ଲୁଚି ରହିଥିବା କଳାକାରଙ୍କୁ ଲୋକଲୋଚନ ଆଣିବାର ଏହା ଏକ ପ୍ରୟାସ ବୋଲି ଆୟୋଜକ ମନୋଜ କୁମାର ବେହେରା କହିଛନ୍ତି। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## କୀଟନାଶକ ଉପଚାରିତ ମଶାରି ବଣ୍ଟନ ଶୁଭାରମ୍ଭ

ମହୁଲଡିହା, ୧୩।୬(ସମିସ): ଠାକୁରମୁଣ୍ଡା ବ୍ଲକରେ ଔଷଧ ବୋଳା ମଶାରି ବଣ୍ଟନ କାର୍ଯ୍ୟକ୍ରମ ଭାଲିଆଡାଳ ପଞ୍ଚାୟତରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି। ମେଲେରିଆ ନିୟନ୍ତ୍ରଣ ଓ ମଶା ଦାଉରୁ ରକ୍ଷା ପାଇଁ କୀଟନାଶକ ଉପଚାରିତ ମଶାରୀ ବରଦାନ ସଦୃଶ ବୋଲି ସେ କହିଥିଲେ। ମେଡିକାଲ ଅଫିସର ଚିତ୍ତରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସଭାରେ ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା, ସରପଞ୍ଚ ଜାହ୍ନବୀ ସଏ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। ଭାଲିଆଡାଳ ଗ୍ରାମପଞ୍ଚାୟତ ଅଧିନସ୍ଥ ଗ୍ରାମ ଗୁଡିକ ପାଇଁ ମଶାରୀ ବଣ୍ଟନ କରାଯାଇଛି। ଏହା ପରେ ଅନ୍ୟ ଗ୍ରାମପଞ୍ଚାୟତରେ ମଶାରୀ ବଣ୍ଟନ କରାଯିବ ବୋଲି ଡାକ୍ତର ନାୟକ କହିଥିଲେ। ଆରତୀ ବେହେରା, ଗୋପୀନାଥ ଚାମ୍ପିଆ, ସତ୍ୟ ଦାସ, ଅଙ୍ଗନବାଡି ସୁପରଭାଇଜର ସରସ୍ୱତୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ୧୬ରୁ ତିରିଂ ବ୍ଲକ ଜନପ୍ରତିନିଧିଙ୍କ ଧର୍ମଘଟ

ବହଳଦା/ତିରିଂ, ୧୩।୬ (ସମିସ): ତିରିଂ ବ୍ଲକର ନିର୍ବାଚିତ ପ୍ରତିନିଧିମାନେ ରାଇରଙ୍ଗପୁର ବିଧାୟକଙ୍କ ଦ୍ୱାରା ପଞ୍ଚାୟତ ସ୍ତରର ଉନ୍ନୟନ ମୂଳକ କାର୍ଯ୍ୟରେ ହସ୍ତକ୍ଷେପ ବିରୋଧରେ ଆସନ୍ତା ୧୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବ୍ଲକ ପରିସରରେ ଧର୍ମଘଟରେ ବସିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ସରପଞ୍ଚ, ନାଏବ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବର ତଥା ଜିଲ୍ଲା ପରିଷଦ ଜରିଆରେ ଗ୍ରାମସଭା, ପଲ୍ଲୀସଭାରେ ଅନୁମୋଦିତ ପ୍ରସ୍ତାବ ଜରିଆରେ ଗ୍ରାମାଞ୍ଚଳର ସମସ୍ୟାର ସମାଧାନ କରାଯିବା ସହିତ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପାଦନ କରାଯିବା ନିମନ୍ତେ ବ୍ୟବସ୍ଥା ରହିଛି। ଏନେଇ ପଞ୍ଚାୟତ ସମିତି ଜିରିଆରେ ଗ୍ରାମପଞ୍ଚାୟତ ଗୁଡିକୁ ସ୍ୱତନ୍ତ୍ର ପାଣ୍ଠି ମଧ୍ୟ ଯୋଗାଇ ଦିଆଯାଇଥାଏ। ହେଲେ ଏହି ବ୍ୟବସ୍ଥା ମଧ୍ୟରେ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଅନୈତିକ ଭାବେ ପଶିବା ସହ କିଛି ପ୍ରତିଶତ ନିଜ ହାତକୁ ଉନ୍ନୟନ ମୂଳକ କାର୍ଯ୍ୟ ନେଉଥିବା ଅଭିଯୋଗ କରିଛନ୍ତି ନିର୍ବାଚିତ ପ୍ରତିନିଧି। ଏପରିକି ବିଧାୟକ ରାଇରଙ୍ଗପୁର ନିର୍ବାଚନମଣ୍ଡଳୀର ସମସ୍ତ ପଞ୍ଚାୟତ ସମିତିରେ ବିଡିଓଙ୍କ ଜରିଆରେ ଏକ ଅଘୋଷିତ ଚୁକ୍ତି କରିଥିବା ମଧ୍ୟ ଜଣାପଡ଼ିଛି। ଯାହାକୁ ନେଇ ନିର୍ବାଚିତ ପ୍ରତିନିଧି ସ୍ୱର ଉତ୍ତୋଳନ ଆରମ୍ଭ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଜନକଲ୍ୟାଣକାରୀ ପ୍ରକଳ୍ପକୁ ଲୋକଙ୍କ ପାଖକୁ ପହଞ୍ଚାଇବା ଏବଂ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତ୍ୟକ ପଞ୍ଚାୟତ ସମିତିରେ ବିକାଶ ବାହନ ରଥ ପରିକ୍ରମା କରାଯିବା କାର୍ଯ୍ୟକ୍ରମ ରହିଛି ; କିନ୍ତୁ ବିଧାୟକ ଶ୍ରୀ ନାଏକଙ୍କ ହସ୍ତକ୍ଷେପ ମାମଲାର ସମାଧାନ କରା ନ ଗଲେ ବିକାଶ ବାହନ ରଥ ପରିକ୍ରମା କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ଅସହଯୋଗ କରିବା ସହିତ ଆସନ୍ତା ୧୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି କହିଛନ୍ତି। ଏନେଇ ତିରିଂ ନିର୍ବାଚିତ ପ୍ରତିନିଧିଙ୍କ ପକ୍ଷରୁ ଜିଲ୍ଲାପାଳ ଓ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଏନେଇ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ୧୬ ତାରିଖ ସମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବ୍ଲକ ପରିସରରେ ଧର୍ମଘଟରେ ବସିବେ। ଏହି ଧର୍ମଘଟରେ ତିରିଂ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ, ଉପାଧ୍ୟକ୍ଷା ପୂର୍ଣ୍ଣିମା ଗାଗରାଇ, ଜିଲ୍ଲା ପରିଷଦ ସଦସ୍ୟ ପରେଶ ଚନ୍ଦ୍ର ମୁଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଜେମାମଣୀ ସୁଣ୍ଡି, କୁଲୁଘୁଟୁ ସରପଞ୍ଚ ଚାମ୍ପଗ୍ରୀ ହେମ୍ବ୍ରମ, ରେଙ୍ଗାଲବେଡା ସରପଞ୍ଚ ଦେବେଶ ମାଝୀ, ନାରାନପୁର ସରପଞ୍ଚ ଲିଟା ଟୁଡୁ, ଗିତିଲତା ସରପଞ୍ଚ ଭାଦା ସୋରେନ, ସାନଭୁଣ୍ଡୁ ସରପଞ୍ଚ ହୀରାମଣୀ ମୁର୍ମୁ ଏବଂ ବଡନାରାଣୀ ସରପଞ୍ଚ କଳ୍ପନା ମାର୍ଣ୍ଡି ପ୍ରମୁଖ ବହୁ ଜନପ୍ରତିନିଧି ଧାରଣାରେ ବସିବେ ବୋଲି ସୂଚନା ଦେଇଛନ୍ତି।




ଆଜି ବିଶ୍ୱ ରକ୍ତଦାତା ଦିବସ

## ରଞ୍ଜନ ମହାନ୍ତଙ୍କୁ 'ରକ୍ତବୀର ସମ୍ମାନ'

ମୋରଡ଼ା, ୧୩।୬(ସମିସ): ମୋରଡ଼ା ବ୍ଲକ ଦାନ୍ତିଆମୁହାଁ ପଞ୍ଚାୟତ ଗୋରୁଡ଼ବସା ଗ୍ରାମର ରଞ୍ଜନ କୁମାର ମହାନ୍ତ ଅଞ୍ଚଳରେ 'ରକ୍ତବୀର' ଭାବେ ସମ୍ମାନିତ ହେବା ସହ ଘରେ ଘରେ ପରିଚିତ। ରକ୍ତଦାନ ପରି ଏକ ମହତ କାର୍ଯ୍ୟକୁ ଜୀବନର ଲକ୍ଷ୍ୟ ଭାବେ ସେ ଗ୍ରହଣ କରିଛନ୍ତି। ଗତ ୨୦୧୩ ମସିହାରେ ବିବେକାନନ୍ଦ ସ୍ୱେଚ୍ଛାସେବୀ ସଙ୍ଗଠନ ଗଠନ କରି ବର୍ଷକୁ ଦୁଇଟି ମେଗା ରକ୍ତଦାନ ଶିବିର ଆୟୋଜନ କରିଥାନ୍ତି। କୌଣସି ବ୍ୟକ୍ତି ବା ରୋଗୀ ରକ୍ତ ପାଇଁ ହଇରାଣ ହେଉଥିବା ଖବର ପାଇବା ମାତ୍ରେ ସେ ଧାଇଁ ଯାଆନ୍ତି। ତେବେ ସେହି ବ୍ୟକ୍ତି ପରିଚିତ କି ଅପରିଚିତ ଥାଉ ତାଙ୍କ ପାଇଁ ସମସ୍ତେ ସମାନ। ୨୦୧୩ ମସିହାରୁ ସେ ନିଜେ ଆଜି ପର୍ଯ୍ୟନ୍ତ ରକ୍ତଦାନ କରିଚାଲିଛନ୍ତି। ଏପରିକି ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦେଖାଗଲେ ବିଭିନ୍ନ ଅନୁଷ୍ଠାନ, ସଂଗଠନ, ବିଭାଗ ଓ ଯୁବଗୋଷ୍ଠୀଙ୍କୁ ନେଇ ରକ୍ତଦାନ ଶିବିର ଆୟୋଜନ କରନ୍ତି। ୩୦ବର୍ଷ ବୟସରେ ସେ ନିଜେ ବାରିପଦା ତଥା ଅନ୍ୟ ହସ୍ପିଟାଲରେ ୩୫ ଜଣଙ୍କୁ ରକ୍ତଦାନ କରିବା ସହ ତାଙ୍କର ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟଙ୍କ ଦ୍ୱାରା ୧୦୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ରକ୍ତ ଯୋଗାଇଛନ୍ତି। ଏଥିସହିତ ବର୍ତ୍ତମାନ ପ୍ରତି ମାସ ୧୪ ଜଣ ଥାଲେସେମିଆ ରୋଗୀଙ୍କୁ ଦୁଇଟି ଲେଖାଏଁ ରକ୍ତ ପକେଟ ଯୋଗାଉଛନ୍ତି। ତାଙ୍କର ଏଭଳି କାର୍ଯ୍ୟକୁ ନେଇ ନାରାୟଣ ସେବା ଟ୍ରଷ୍ଟ ତରଫରୁ ମେ ୨୯ ତାରିଖରେ ତାଙ୍କୁ 'ରକ୍ତବୀର ସମ୍ମାନ'ରେ ସମ୍ମାନିତ କରାଯାଇଛି।



■ ୧୪ ଥାଲାସେମିଆ ରୋଗୀଙ୍କୁ ମାସକୁ ଦୁଇଟି ପକେଟ ଦେଉଛନ୍ତି ରକ୍ତ

## ବେତନଟୀ ଉଡ଼ା କମିଟି ଗଠିତ

ବେତନଟୀ, ୧୩।୬(ସମିସ): ବେତନଟୀ ଉଡା କମିଟି ଗଠନ ସାଙ୍ଗକୁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ପୂର୍ବକ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ସ୍ଥିରୀକୃତ ହୋଇଛି। କମିଟି ସଭାପତି ଜୟନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉପସଭାପତି ଭାବେ ସୁନୀଲ କୁମାର ଖଣ୍ଡେଲୱାଲ, ପ୍ରାକ୍ତନ ଜିଲ୍ଲାପରିଷଦ ସଦସ୍ୟ ଇଂ. ସୁଶାନ୍ତ ବଳ, ସିଦ୍ଧାର୍ଥ ଅଗ୍ରୱାଲ, ସାଧାରଣ ସମ୍ପାଦକ ଭାବେ ବିକାଶ ପଣ୍ଡା, କାର୍ଯ୍ୟକାରୀ ସଭାପତି ଭାବେ ଦେବୀପ୍ରସାଦ ଅଗ୍ରୱାଲ, କୋଷାଧ୍ୟକ୍ଷ ଭାବେ ଗୋକୁଳଚନ୍ଦ୍ର ଭୂୟାଁ ପ୍ରମୁଖ ରହିଛନ୍ତି। ସେହିଭଳି କାର୍ଯ୍ୟକାରୀ କମିଟିରେ ଅମରେନ୍ଦ୍ରନାଥ ଦାସ, ଡମ୍ବରୁଧର ନାୟକ, ଶ୍ରୀନିବାସ ବେହେରା, ରାମଚନ୍ଦ୍ର ନାଥ, ହେମେନ୍ଦ୍ର ବେହେରା, କରୁଣାକର ବେହେରା, ସନ୍ଦୀପ ବାରିକ, ଚିନ୍ମୟ ମହାନ୍ତ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ପ୍ରତିବର୍ଷ ଧାର୍ଯ୍ୟ ସମୟରେ ଉଡାପର୍ବ ପାଳନର ଆୟୋଜନ ସାଙ୍ଗକୁ ଚଣ୍ଡୀମନ୍ଦିର ପଡ଼ିଆରେ ଉଡାପର୍ବ ପାଳନ ନେଇ ନିଷ୍ପତ୍ତି ନିଆଯାଇଥିଲା। ଉଡାପର୍ବ ସମୟରେ ମାନସିକଧାରୀ ଏବଂ ଭକ୍ତମାନଙ୍କ ରହିବା ସୁବିଧା ପାଇଁ ଲକ୍ଷ୍ମୀନାରାୟଣ ମନ୍ଦିର କମିଟି ସହିତ ଆଲୋଚନା କରାଯିବ ବୋଲି ମଧ୍ୟ ନିଷ୍ପତ୍ତି ହୋଇଥିଲା।

## ଛଉ ପଡ଼ିଆରେ ବିକାଶ ମେଳା ଉଦ୍‌ଘାଟିତ



ବାରିପଦା, ୧୩।୬(ସମିସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଛଉ ପଡ଼ିଆରେ ବିକାଶ ମେଳା-୨୦୨୫ ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ ଓ ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। ଜିଲ୍ଲାପାଳ ହେମକାନ୍ତ ସଏ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ଷଡ଼ଙ୍ଗୀ, ଏସିଡ଼ିଓ ଶ୍ରୀ ଶାନ୍ତନୁ କୁମାର ନାୟକ, ଓରମାସର ଡେପୁଟି ସିଇଓ, ବିମାନ ମଲ, ଡିସିପିଓ ମମତାମୟୀ ବିଶ୍ୱାଳ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ସମେତ ବିଭିନ୍ନ ବିଭଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଉଦଘାଟନ ପରେ ଅତିଥି ବୃନ୍ଦ ଜିଲ୍ଲପାଳ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଷ୍ଟଲ ପରିଦର୍ଶନ କରିଥିଲେ। ମେଳାରେ ବିଭିନ୍ନ ପ୍ରକାର ମୋଟ ୬୦ଟି ଷ୍ଟଲ ଖୋଲାଯାଇଛି। ମିଶନ ଶକ୍ତି ତରଫରୁ ପାରମ୍ପରିକ ଖାଦ୍ୟ ଉତ୍ସବ ଜନରେ ୨୫ଟି ଷ୍ଟଲରେ ସୁଲଭ ମୂଲ୍ୟରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଓଡ଼ିଆ ଖାଦ୍ୟ ପସରା ଖୋଲା ଯାଇଛି। ଅନ୍ୟାନ୍ୟ ୩୫ଟି ଷ୍ଟଲରେ ବିଭିନ୍ନ ଉତ୍ପାଦିକା ଗୋଷ୍ଠୀ ଦ୍ୱାରା ହସ୍ତତନ୍ତ ବୟନ ସାମଗ୍ରୀ ଉପଲବ୍ଧ ହେଉଛି ଏବଂ ଏହି ମେଳା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ।

## ପରିଚୟ ପୁସ୍ତିକା 'ସ୍ମୃତିସନନ୍ଦ' ଉନ୍ମୋଚିତ



ବାରିପଦା, ୧୩।୬(ସମିସ): ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସଂଗଠନ ମୟୂରଭଞ୍ଜ ଆନୁକୂଲ୍ୟରେ ୧୯୬୩ରୁ ୨୦୧୭ ପର୍ଯ୍ୟନ୍ତ ପୁରସ୍କୃତ ହୋଇଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କ ପରିଚୟ ପୁସ୍ତିକା 'ସ୍ମୃତିସନନ୍ଦ' ସଂଗଠନର ସଭାପତି ଡ.ଶଶିଧର ବିଶ୍ୱାଳଙ୍କ ସଭାପତିତ୍ୱରେ ଉନ୍ମୋଚିତ ହୋଇଯାଇଛି। ଏଥିରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟଅତିଥି, ବରିଷ୍ଠ ସାମ୍ବାଦିକ ଡ. ବିଜୟ କୁମାର ଅଗ୍ରୱାଲା ମୁଖ୍ୟବକ୍ତା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପୁସ୍ତିକା ପରବର୍ତ୍ତୀ ଶିକ୍ଷକ ସମାଜକୁ ଆଦର୍ଶ ଶିକ୍ଷକ ଭାବେ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି ଅତିଥିମାନେ କହିଥିଲେ। ସଂଗଠନର ଉପଦେଷ୍ଟା ସନ୍ତୋଷ ମହାନ୍ତି, ସମ୍ପାଦକ କୁମାର କବି, ଯୁଗ୍ମ ସମ୍ପାଦକ ସୁଦର୍ଶନ ପଣ୍ଡା, କାର୍ଯ୍ୟକାରୀ ସଭାପତି ଭାଗବତ ପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାଜ୍ୟ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତି ସଂଗଠନର ବହୁ ପରିଶ୍ରମ ଫଳରେ ଆଜି ଏ ପରିଚୟ ପୁସ୍ତିକା ପ୍ରକାଶ ସମ୍ଭବ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଦିବଂଗତ ପୁରସ୍କୃତ ଶିକ୍ଷକଙ୍କ ଅମର ଆତ୍ମାର ସଦ୍‌ଗତି କାମନା ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ ବାସନ୍ତୀଲତା ମହାପାତ୍ର ଧନ୍ୟବଦା ଅର୍ପଣ କରିଥିଲେ।

ଗଜାମ-ଗୋବିନ୍ଦପୁର ରାସ୍ତା ନିର୍ମାଣକୁ ନେଇ ଜନଅସନ୍ତୋଷ

# ନିମ୍ନମାନର କାମକୁ ବିରୋଧ ପରେ ପୁଣି ପିଚୁ ପକାଇଲେ ଠିକାଦାର

ଖୁଣ୍ଟା, ୧୩।୬(ସମିସ): ଉଦଳା-ବାରିପଦା ରାଜପଥର ଗଜାମ ଛକରୁ ଗୋବିନ୍ଦପୁର ଯାଏ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ଚଉଡା କରାଯାଉଛି; ହେଲେ ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ୨୦୨୪ ମାର୍ଚ୍ଚ ମାସରୁ ପ୍ରଶସ୍ତିକରଣ କାର୍ଯ୍ୟ ଆରମ୍ଭ ହୋଇ ୨୦୨୫ ମାର୍ଚ୍ଚ ମାସ ସୁଦ୍ଧା ରାସ୍ତା ଶେଷ ହେବା କଥା; କିନ୍ତୁ ଏ ଯାଏ ନିର୍ମାଣ ଶେଷ ହୋଇନାହିଁ। ଏହି ରାସ୍ତା ପାଇଁ ୧ କୋଟି ୯ ଲକ୍ଷରୁ ଅଧିକ ଟଙ୍କା ବ୍ୟୟବରାଦ ରହିଥିବାବେଳେ ୮.୨୩୫ କିମି ପିଚୁ, ୩.୫୧୫ କିମି କଂକ୍ରିଟ ଏବଂ ୩୬ଟି ନାଳ ପୋଲ ରହିଛି। ଅତି ତରବରିଆଭାବେ ରାସ୍ତା ନିର୍ମାଣ ହେଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାଙ୍କିଗଡ଼ି ଛକର ବାଙ୍କରେ ପିଚୁ ରାସ୍ତାରେ ବିଦ୍ୟୁତ ଟ୍ରାନ୍ସଫର୍ମର ଓ ଏକ ବଡ ଅଶ୍ୱସ୍ଥ ଗଛ ରହିଛି; ଯାହା ଯାନବାହନ ପ୍ରତି ବିପଦ ରହିଛି। ସେହିପରି ରାସ୍ତାର



ବିଭିନ୍ନ ସ୍ଥାନରୁ ପିଚୁ ଉଠିଯାଉଥିବାରୁ ଗ୍ରାମବାସୀ ବିରୋଧ କରିବାରୁ ସେହି ସ୍ଥାନରେ ପୁଣି ପିଚୁ ପକାଯାଉଛି। ସେହିପରି କଂକ୍ରିଟ ରାସ୍ତାକୁ ମଧ୍ୟ ନିମ୍ନମାନର କରାଯାଉଛି। କେଉଁଠି ରାସ୍ତାର ବହୁ ସ୍ଥାନରେ ମାଟି ଧୋଇଯାଇଛି ତ ଅନ୍ୟ କେଉଁଠି ରାସ୍ତାଧାରରେ ଖାଲ ରହିଛି। ଖୁଣ୍ଟା ଗ୍ରାମ୍ୟ ନିର୍ମାଣ ଉପ ବିଭାଜନ କାର୍ଯ୍ୟାଳୟରେ ଦୁଇ ଜଣ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟରତ ଥିବାବେଳେ କପ୍ତିପଦା ବ୍ଲକର ଜେଇ ଲିପ୍ସା ଦେହୁରୀଙ୍କୁ ଏହି ରାସ୍ତା ନିର୍ମାଣ ଦାୟିତ୍ୱ ଦିଆଯାଇଛି। ଏ ନେଇ ଖୁଣ୍ଟା ଉପଖଣ୍ଡ ଅଧିକାରୀ ପ୍ରମୋଦ କୁମାର ଜେନାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ମୋବାଇଲ ବନ୍ଦ ଥିବାରୁ ମତାମତ ମିଳିପାରିନାହିଁ। ଖୁଣ୍ଟାରେ ସ୍ଥାୟୀ ଉପଖଣ୍ଡ ଅଧିକାରୀ ନ ରହିବାରୁ ଏହି ରାସ୍ତା ନିର୍ମାଣ ଗୋଳିଆ ପାଣି ସୁହାଇବା ସଦୃଶ ହୋଇଛି। ପ୍ରକାଶ ଥାଉକି ଉକ୍ତ ରାସ୍ତା ଉପରେ ଉଭୟ ଖୁଣ୍ଟା ଓ ଉଦଳା ବ୍ଲକର ୬ଟି ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି। ବହୁ ଆନ୍ଦୋଳନ ପରେ ଏହି ରାସ୍ତା ଆରଡ଼ି ଅଧୀନକୁ ଯିବା ସହିତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ଉକ୍ତ ସଡକକୁ ତତ୍କାଳୀନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ୨୦୧୫ ମସିହା ଫେବୃୟାରୀ ୨୭ ତାରିଖରେ ଉଦ୍‌ଘାଟନ କରିଥିଲେ। ଗଜାମ-ଗୋବିନ୍ଦପୁର ରାସ୍ତାର ଅର୍ଦ୍ଧାଧିକ ନିର୍ମାଣ ସାରିଥିବା ବେଳେ ନିର୍ମାଣ ଜନିତ ତ୍ରୁଟି ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀଙ୍କ ନିଷ୍ପତ୍ତିକୁ ନେଇ ଲୋକେ ସନ୍ଦେହ କରୁଛନ୍ତି।

# ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ହୋଟେଲ୍‌ର ସୁରକ୍ଷାକର୍ମୀ ଗିରଫ

ବ୍ରହ୍ମପୁର,୧୩।୬(ସମିସ): ଜଣେ ଯୁବକଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଘରୋଇ ସୁରକ୍ଷାକର୍ମୀଙ୍କୁ ଗିରଫ କରିଛି। ଗିରଫ ସୁରକ୍ଷାକର୍ମୀ ଜଣକ ହେଲେ ଖୋଡାସିଙ୍ଗି ସ୍ଥିତ ଏକ ହୋଟେଲରେ କାର୍ଯ୍ୟରତ ଶିବ ପାତ୍ର ଓରଫ ହାପି(୨୩)। ସୂଚନା ପ୍ରକାରେ, ଗତ ଗୁରୁବାର ରାତିରେ କୌଣସି କାରଣକୁ ନେଇ ଖୋଡାସିଙ୍ଗିର ଅନୀଲ କୁମାର ଜେନା ଏବଂ ହୋଟେଲର ସୁରକ୍ଷାକର୍ମୀ ଶିବ ପାତ୍ରଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଶିବ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଘଟଣାକୁ ନେଇ ଅନୀଲ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ଶିବଙ୍କୁ କାବୁ କରିଥିଲା। ଅଭିଯୁକ୍ତ ଠାରୁ ପୁଲିସ ଆକ୍ରମଣରେ ବ୍ୟବହୃତ ମାରଣାସ୍ତ୍ର ଜବତ କରିଛି। ଶୁକ୍ରବାର ସୁରକ୍ଷାକର୍ମୀ ଶିବକୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

# ବିଇଏମ୍‌ସିକୁ ମିଳିଲା ନୂଆ ଆଇଏଏସ୍ କମିଶନର

ବ୍ରହ୍ମପୁର,୧୩।୬(ସମିସ): ବ୍ରହ୍ମପୁର ମହାନଗର ନିଗମର ନୂତନ କମିଶନର ଭାବେ ଭାରତୀୟ ପ୍ରଶାସିନକ ସେବା ଅଧିକାରୀ ପ୍ରଥମେଶ ଅରବିନ୍ଦ ରାଜେଶ୍ରୀକାଙ୍କୁ ନିଯୁକ୍ତି ମିଳିଛି। ଏନେଇ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ



ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶ୍ରୀ ପ୍ରଥମେଶ ପୂର୍ବରୁ ବାଲେଶ୍ୱର ଉପ-ଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ। ସମ୍ପ୍ରତି ସେ ଏଠାକୁ ଆସିବେ। ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ମହାନଗର ନିଗମର କମିଶନର ଥିବା ବରିଷ୍ଠ ଓଏଏସ ଅଧିକାରୀ ଭବାନୀ ପ୍ରସାଦ ମିଶ୍ରଙ୍କୁ ଅନ୍ୟତ୍ର ବଦଳି ହୋଇଥିଲା। ଫଳରେ ଗତ ୩୧ତାରିଖଠାରୁ ବିଇଏମସି ମୂରବି ଶୂନ୍ୟ ରହିଥିଲା। ଏଥିଦ୍ୱାରା ଭତ୍ତା ପ୍ରଦାନଠାରୁ ଆରମ୍ଭ କରି ଅନେକ ଉନ୍ନୟନ କାର୍ଯ୍ୟ ଠପ ହୋଇଥିଲା। ସମ୍ପ୍ରତି ନୂଆ କମିଶନର ଆସିବା ପରେ ଏହି କାର୍ଯ୍ୟଗୁଡ଼ିକ ତ୍ୱରାନ୍ୱିତ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅପରପକ୍ଷେ ଏଠାକୁ ଜଣେ ଆଇଏଏସ ଅଧିକାରୀଙ୍କୁ ନିଯୁକ୍ତି ଲାଗି ପୂର୍ବରୁ ଦାବି ହେଉଥିଲା। ତାହାକୁ ସରକାର ହୃଦୟଙ୍ଗମ କରିଛନ୍ତି।

# ଆଉଟ୍‌ସୋର୍ସିଂ ଆଟେଣ୍ଡାଣ୍ଟଙ୍କ ସମସ୍ୟା ସମାଧାନ ଦାବି



ବ୍ରହ୍ମପୁର,୧୩।୬(ସମିସ): ଓଡ଼ିଶା ମେଡ଼ିକାଲ ଆଉଟସୋର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଆଇନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏମକେସିଜି ମେଡ଼ିକାଲରେ କାର୍ଯ୍ୟରତ ଆଉଟସୋର୍ସିଂ ଆଟେଣ୍ଡାଣ୍ଟ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଛି। ଆଉଟସୋର୍ସିଂ ଆଟେଣ୍ଡାଣ୍ଟ ମାନଙ୍କୁ ଇଏସ୍‌ଆଇ ସୁବିଧା ପ୍ରଦାନ, ଏହି ପଦବୀକୁ ସରକାରୀ ମାନ୍ୟତା ଦେବା, ବିପଦକାଳୀନ ଭତ୍ତା ପ୍ରଦାନ, ସମାନ କାମକୁ ସମାନ ଦରମା, ଆଉଟସୋର୍ସିଂ ତୃତୀୟ ପକ୍ଷ ବଦଳରେ ସିଧାସଳଖ ଦରମା ପ୍ରଦାନ ଆଦି ଦାବି କରାଯାଇଛି। ଆଟେଣ୍ଡାଣ୍ଟମାନେ ମେଡ଼ିକାଲର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅଛନ୍ତି। ବହୁ ସମୟରେ ଆବଶ୍ୟକ ମୁତାବକ ସେବା ଯୋଗାଇ ଆସୁଛନ୍ତି। ଏଣୁ ଯୋଗ୍ୟତା ଭିତ୍ତିରେ ଏମାନଙ୍କୁ ସରକାରୀ ଭଳି ନିଯୁକ୍ତି ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ବହୁବାର ଏନେଇ ଦାବି କରାଯାଇଥିବା ବେଳେ ସରକାର ଏ ସମ୍ପର୍କରେ କୌଣସି କର୍ଣ୍ଣପାତ କରିନଥିବା ସଂଘ ଅଭିଯୋଗ କରିଛି।

### ଖଣିମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିର ଗାର

# ମହଲତ ସରିବା ପରେ ପୁଣି ଆରମ୍ଭ ହେଲା ଅନଶନ

- ଦାବିପୂରଣ ନେଇ ଆଶା, ଆସ୍ଥା ଓ ପ୍ରତିଶ୍ରୁତି ସବୁ ପ୍ରତାରଣା ସଦୃଶ: ଆନ୍ଦୋଳନକାରୀ
- ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି ଲେଖିଲେ 'କାଟସ' ଆୟୁର୍ବେଦ ମହାବିଦ୍ୟାଳୟ ଛାତ୍ରଛାତ୍ରୀ



ବ୍ରହ୍ମପୁର/କୁକୁଡାଖଣ୍ଡି, ୧୩।୬ (ସମିସ): ୪୮ ଘଣ୍ଟାର ମହଲତ ସରିବା ପରେ ଆଙ୍କୁଶପୁର ସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଆୟୁର୍ବେଦ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଅନଶନ ପୁଣି ଆରମ୍ଭ ହୋଇଛି। ଖଣିମନ୍ତ୍ରୀ ତଥା ଗୋପାଳପୁର ବିଧାୟକ ବିଭୂତି ଭୁଷଣ ଜେନାଙ୍କ ଠାରୁ ଦାବି ପୂରଣ ନେଇ ମିଳିଥିବା ପ୍ରତିଶ୍ରୁତିକୁ ଆଧାର କରି ତଥା ବିଶ୍ୱାସ କରି ଦୀର୍ଘ ଏକ ସପ୍ତାହରୁ ଅଧିକ କାଳ ଧରି ଚଳାଇ ଆସିଥିବା ଆନ୍ଦୋଳନକୁ ଛାତ୍ରଛାତ୍ରୀମାନେ ସାମୟିକ ସ୍ଥଗିତ ରଖିଥିଲେ। ୪୮ ଘଣ୍ଟା ମଧ୍ୟରେ ସେମାନଙ୍କ ଦାବି ପୂରଣ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ତେବେ ନିର୍ଦ୍ଧାରିତ ୪୮ ଘଣ୍ଟା ଅତିକ୍ରାନ୍ତ ହୋଇଥିଲେ ହେଁ କୌଣସି ଗୋଟିଏ ଦାବି ପୂରଣ ହୋଇନାହିଁ ଅଥବା ଏନେଇ ଉଦ୍ୟମ ହୋଇନଥିବା ଅଭିଯୋଗ ହୋଇଛି। ଫଳରେ ଛାତ୍ରଛାତ୍ରୀଙ୍କୁ ମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି କେବଳ ପାଣିର ଗାର ନୁହେଁ ବରଂ ବିଶ୍ୱାସଘାତକ ସଦୃଶ ବୋଲି କୁହାଯାଇଛି। ଗତ ୧୧ତାରିଖ ସନ୍ଧ୍ୟାରେ ବିଜେପି ନେତା ଚିନ୍ମୟାନନ୍ଦ ମହନ୍ତଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀଙ୍କ ଏକ ପ୍ରତିନିଧି ଦଳ ମନ୍ତ୍ରୀ ଶ୍ରୀ ଜେନାଙ୍କ ବାସଭବନକୁ ଯାଇ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀଙ୍କ ସମସ୍ୟା ଓ ଦାବି ସମ୍ପର୍କରେ ଅବଗତ ହେବାପରେ ଏହାର ପ୍ରତିକାର ନେଇ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏବଂ ଆଲୋଚନା ସଫଳ ହେବା ସହିତ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଦାବିପୁରଣ ଆଶାରେ ଛାତ୍ରଛାତ୍ରୀମାନେ ଆନ୍ଦୋଳାନକୁ ସାମୟିକ ଭାବେ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ସେହିଦିନ ଏହା ମଧ୍ୟ ସ୍ପଷ୍ଟ କରିଥିଲେ ଯେ' ଯଦି ପ୍ରତିଶ୍ରୁତି ମୁତାବକ ୪୮ ଘଣ୍ଟା ମଧ୍ୟରେ ଦାବି ପୂରଣ ନହୁଏ ତେବେ ଆନ୍ଦୋଳନ ପୁଣି ଚାଲୁ ରଖିବେ। ଫଳରେ ପୂର୍ବ ନିଷ୍ପତ୍ତି ପ୍ରକାରେ ୪୮ ଘଣ୍ଟାର ମହଲତ ଶେଷ ହେବାପରେ ଛାତ୍ରଛାତ୍ରୀମାନେ ଶୁକ୍ରବାର ମଧ୍ୟାହ୍ନରୁ କଲେଜ କ୍ୟାମ୍ପସରେ ପୁଣି ଥରେ ଶାନ୍ତିପୂର୍ଣ୍ଣ ତଥା ଗଣତାନ୍ତ୍ରୀକ ପଦ୍ଧତିରେ ଅନଶନ ଆରମ୍ଭ କରିଛନ୍ତି।

ପ୍ରକାଶ ଯୋଗ୍ୟ ଯେ' ଛାତ୍ରଛାତ୍ରୀଙ୍କ ପ୍ରତି ଆକ୍ରୋଶମୂଳକ ମନୋଭାବ ପୋଷଣ କରି ଶିକ୍ଷାନୁଷ୍ଠାନର ଅଧକ୍ଷଙ୍କ ସମେତ ଅନ୍ୟଦୁଇ ଅଧାପକ ମାନସିକ ନିର୍ଯାତନା ଦେବା ସହିତ ଆର୍ଥିକ ଶୋଷଣ କରୁଥିବା ଅଭିଯୋଗ ହୋଇଥିଲା। ଏପରିକି ଛାତ୍ରଛାତ୍ରୀଙ୍କୁ ଉପସ୍ଥାନ କମ୍ ଥିବା ଦର୍ଶାଇ ଓ ଉଦ୍ଦେଶ୍ୟମୂଳକ ଭାବେ ପରୀକ୍ଷାରେ ଫେଲ କରୁଥିବା ଭଳି ଗୁରୁତର ଅଭିଯୋଗ କରିଛନ୍ତି ଛାତ୍ରଛାତ୍ରୀ। ଏନେଇ କଲେଜ କର୍ତ୍ତୃପକ୍ଷଙ୍କ ସହିତ ବାରମ୍ବାର ଆଲୋଚନା ହୋଇଥିଲେ ହେଁ କୌଣସି ନିଷ୍କର୍ଷ ବାହାରିନଥିଲା। ଫଳରେ ଛାତ୍ରଛାତ୍ରୀମାନେ ଗତ ୩ତାରିଖ ଠାରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହୋଇଥିଲେ। ଆନ୍ଦୋଳନର ୮ଦିନ ପରେ ଦାବିପୂରଣ ଦିଗରେ କେହି କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ଛାତ୍ରଛାତ୍ରୀମାନେ ଅନଶନ ଆରମ୍ଭ କରିଥିଲେ। ନିଖିଳ ଓଡିଶା ଆୟୁଷ ଛାତ୍ର ସଂଘ ପକ୍ଷରୁ ଚିଠି ଲେଖିବା ପରେ ଘଟଣାରେ କେନ୍ଦ୍ର ଆୟୁଷ ମନ୍ତ୍ରାଳୟ ମଧ୍ୟ ହସ୍ତକ୍ଷେପ କରି 'ଏନସିଆଇଏସଏମ'କୁ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଆୟୁଷ ନିର୍ଦ୍ଦେଶାଳୟ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁଇ ଦୁଇଟି କମିଟି ତଦନ୍ତ କରି ଫେରିଥିଲେ ହେଁ କୌଣସି ରିପୋର୍ଟ ସାର୍ବଜନୀନ ହୋଇନାହିଁ କିମ୍ବା କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇନାହିଁ। ଯାହା ଛାତ୍ରଛାତ୍ରଙ୍କ ମଧ୍ୟରେ ଲାଗି ରହିଥିବା ଅସନ୍ତୋଷକୁ ଦ୍ୱିଗୁଣିତ କରିବା ସହିତ ଆନ୍ଦୋଳିତ କରିବାରେ ସହାୟକ ହୋଇଛି। ଏହି ମର୍ମରେ ଛାତ୍ରଛାତ୍ରୀମାନେ ପୁଣି ଥରେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ପ୍ରମୁଖ ଶାସନ ସଚିବଙ୍କ ସମେତ ବିଭାଗୀୟ ସଚିବ ଓ ଜିଲ୍ଲା ପ୍ରଶାସନକୁ ଚିଠି ଲେଖି ଘଟଣାରେ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି।

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶିଶୁ ଶ୍ରମିକ ନିରୋଧ ଦିବସ



ବ୍ରହ୍ମପୁର,୧୩।୬(ସମିସ): ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଗୁରୁବାର ଗୋପାଳପୁର ସ୍ଥିତ ଶ୍ରଦ୍ଧା ସଂଜୀବନୀରେ ଆର୍ନ୍ତଜାତୀୟ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଛି। ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷା ଡ଼ ଭାଗ୍ୟଲକ୍ଷ୍ମୀ ରଥଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଦେବଶ୍ରୀ ସାହୁଙ୍କ ପରିଚାଳନାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିଶୁମାନଙ୍କର ଯତ୍ନ, ଶିଶୁ ଅଧିକାର ସୁରକ୍ଷା ଆଇନ, ଶିଶୁ ଶ୍ରମିକ ନିରାକରଣ ଆଇନ ସୁଚାରୁରୂପେ ପରିଚାଳନା ତଥା ଆଇନ ସେବା ପ୍ରାଧିକରଣର ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥା ଲକ୍ଷ୍ୟ ଓ ଆଭିମୁଖ୍ୟ, ନିଃଶୁଳ୍କ ଆଇନ ସେବା ପାଇଁ ଯୋଗ୍ୟ ହିତାଧିକାରୀ ବିଷୟରେ ଆଲୋଚନା କରାଯାଇଥିଲା। ଏ ଅବସରରେ ଶ୍ରଦ୍ଧା ସଂଜୀବନୀର ଛାତ୍ରଛାତ୍ରୀଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗୀତା ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲା ଓ ଦୌରାଜଜ ତଥା ପ୍ରାଧିକରଣ ଅଧକ୍ଷା ଡ଼ା. ଭାଗ୍ୟଲକ୍ଷ୍ମୀ ରଥଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ପରିବାର ଅଦାଲତ ବିଚାରପତି ଜାନକୀ ବିଶ୍ୱାଳ, ପିଓ ଓପିଆଇଡି ବିଚାରପତି ସଂଗୀତା ପାଣି, ସିନିୟର ସିଭିଲ ଜଜ କମଳାକାନ୍ତ ରାଉତ, ସିନିୟର ସିଭିଲ ଜଜ ବ୍ୟୋମକେଶ ନାୟକ, ସିଭିଲ ଜଜ ଜୁନିଅର ଡିଭିଜନ ସସ୍ମିତା ସେଠୀ, ଜେଏମଏସସି ସସ୍ମିତା ସାମଲ, ଜେଏମଏସସି ଦୀପିକା ବଡ଼ମାଳି, ଶ୍ରଦ୍ଧା ସଂଜୀବନୀ ପରିଚାଳକ ଲୋକନାଥ ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ସିଡବ୍ଲୁସି ସଦସ୍ୟ ଡ. ଦିଲ୍ଲୀପ କୁମାର ତ୍ରିପାଠୀ ଏବଂ ପ୍ରଣବ ପାଢ଼ୀ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଦସ୍ୟ ଟି.କେ ରେଡ୍ଡୀ, ପିଏଲଏ-ପିୟୁଏସ ସଦସ୍ୟା ଭାରତୀ ପାତ୍ର, ପ୍ୟାନେଲ ଓକିଲ ଟି. ସୁଶାନ୍ତଙ୍କ ସମେତ ପାରାଲିଗଲ ସ୍ୱେଚ୍ଛାସେବୀ, ଆଶ୍ରମର ସମସ୍ତ କର୍ମକର୍ତ୍ତା ଏବଂ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ୟୁସିପି ପଡ଼ିଆରେ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ଉଦ୍‌ଘାଟିତ

ବ୍ରହ୍ମପୁର,୧୩।୬(ସମିସ)

ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପକ୍ଷରୁ ଶୁକ୍ରବାରଠାରୁ ବ୍ରହ୍ମପୁର ସହରର ୟୁସିପି ଇଞ୍ଜିନିୟରିଂ ସ୍କୁଲ ଖେଳ ପଡ଼ିଆରେ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ସଂସ୍କରଣ-ଦୁଇ ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ଉତ୍ସବରେ ଗୁପ୍ତା ଇଭେଣ୍ଟର ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା ଓ ପାୟଲ ଆଚାର୍ଯ୍ୟ ଗୁପ୍ତାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ସ୍ଥାନୀୟ କର୍ପୋରେଟର ମଳୟ ବିଷୋୟୀ, ବ୍ରହ୍ମପୁର ପ୍ରେସ କ୍ଲବ ସଭାପତି ଅଶୋକ ବ୍ରହ୍ମା, ବରିଷ୍ଠ ସାମ୍ବାଦିକ ସମୀର ଆଚାର୍ଯ୍ୟ, ସୁଦିପ କୁମାର ସାହୁ, ନାରାୟଣ ମହାଙ୍କୁଡ଼, ସମାଜସେବୀ ସୁଶାନ୍ତ ସାବତ, ବିଶ୍ୱନାଥ ପଟ୍ଟନାୟକ, ଅନନ୍ତ ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ। ସୂଚନାଯୋଗ୍ୟ ଯେ, ୧୩ତାରିଖରୁ ୨୩ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୧ଦିନ ଧରି 'ଟ୍ରେଡ ଫେୟାର' ଆୟୋଜିତ ହେବ। ରାଜ୍ୟ ତଥା ରାଜ୍ୟବାହାରୁ ଏପରିକି ବିଦେଶରୁ ମଧ୍ୟ ପ୍ରାୟ ୧ଲକ୍ଷ ପ୍ରକାରର ବିଭିନ୍ନ ସାମଗ୍ରୀର ପ୍ରଦର୍ଶନୀ ସହିତ ବିକ୍ରୀବଟା ଆରମ୍ଭ ହୋଇଛି। ଏଥିରେ ଦେଶର ୨୨ଟି ରାଜ୍ୟ ସମେତ ୧୦ଟି ଦେଶରୁ ବ୍ୟବସାୟୀମାନେ ନିଜ ନିଜ ଉତ୍ପାଦକୁ ପ୍ରଦର୍ଶନୀ କରିଛନ୍ତି। ପାଗ ଅନୁକୂଳ ତଥା ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଆଉଟଲେଟରେ ଅନୁଷ୍ଠିତ ହୋଇଥିବା ଏହି ମେଳାରେ ମୁଖ୍ୟତଃ ରିଅଲ ଇଷ୍ଟେଟ, ଷ୍ଟାର୍ଟଅପ୍ ଉତ୍ପାଦନ, ବ୍ୟାଙ୍କିଙ୍ଗ, ନିର୍ମାଣ ସାମଗ୍ରୀ, ଘରକରଣା, ଆସବାବପତ୍ର, ଭାରତୀୟ ହସ୍ତକଳା ଓ ହସ୍ତତନ୍ତ ସାମଗ୍ରୀ, ଆଣ୍ଟିକ କଂସା ଓ ପିତଳ ସାମଗ୍ରୀ, ଗୃହ ସାଜସଜ୍ଜା ସାମଗ୍ରୀ, ଖଦି ଓ କୁରେସିଆ ସାମଗ୍ରୀ, ଦେଶବିଦେଶର ଶାଢ଼ୀ, ସୌନ୍ଦର୍ଯ୍ୟ ପ୍ରସାଧନ, ଇଲୋକ୍ଟ୍ରୋନିକ୍ସ, ମାର୍ବଲ ମୂର୍ତ୍ତି ଆଦି ସମେତ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟ ମୁଖ୍ୟ ଆକର୍ଷଣ ସାଜିଛି। ଏହି ମେଳାରେ ଆଫଗାନିସ୍ଥାନର ୧୦୦ରୁ ଉର୍ଦ୍ଧ୍ୱ ଡ୍ରାଇ ଫ୍ରୁଟ୍ସ, ଜର୍ମାନୀ ଲ୍ୟାମ୍ପ, ବାଂଲାଦେଶୀ ହ୍ୟାଣ୍ଡଲୁମ, ଶାନର ଖଜୁରୀ, ଦୁବାଇର ଅତର ଓ ବସ୍ତ୍ର, ଥାଇଲ୍ୟାଣ୍ଡର ଗହଣା, କୋରିଆର ପ୍ରସାଧନ ସାମଗ୍ରୀ, ଇରାନୀ ଗାଲିଚା, ସିଙ୍ଗାପୁରର ବିଭିନ୍ନ ସାମଗ୍ରୀ ଦର୍ଶକ ତଥା ଉପଭୋକ୍ତାଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ମେଳାରେ ପ୍ରତି ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜିତ ହେବାକୁ ଥିବା ବେଳେ ପ୍ରଥମ ଦିନରୁ ଲୋକଙ୍କ ଭିତରେ ବେଶ ଉତ୍କଣ୍ଠା ଦେଖିବାକୁ ମିଳିଛି।




### ବିକାଶ ମେଳା ଉଦ୍‌ଘାଟିତ

# ଆଗୁଆ ବ୍ୟବସ୍ଥା କଲାନି ପ୍ରଶାସନ; ତଳେ ବସିଲେ ବିଜେପି କର୍ମୀ







ବ୍ରହ୍ମପୁର,୧୩।୬(ସମିସ): ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପଡ଼ିଆରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଆସିକା ସାଂସଦ ଅନିତା ଶୁଭଦର୍ଶିନୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଦିଗପହଣ୍ଡି ବିଧାୟକ ଡ଼ ସିଦ୍ଧାନ୍ତ ମହାପାତ୍ର, ଆସିକା ବିଧାୟକ ସରୋଜ କୁମାର ପାଢୀ, ବ୍ରହ୍ମପୁର ବିଧାୟକ କେ ଅନୀଲ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଗଞ୍ଜାମ ଏପସି ଶୁଭେନ୍ଦୁ ପାତ୍ର, ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ, ଜିଲ୍ଲା ପରିଷଦ ସିଡ଼ିଓ ମଧୁମିତା ପ୍ରମୁଖ ମଞ୍ଚାସିନ ଥିଲେ। ବର୍ଷ ଏକ ଉପଲବ୍ଧି ଅନେକ କ୍ରମରେ ବିଭିନ୍ନ ହିତାଧିକାରୀଙ୍କୁ ଏଠାରେ ପଟ୍ଟା, ଆୟୁଷ୍ମାନ କାଡର୍, ରାସନ କାଡର୍ ଇତ୍ୟାଦି ବଣ୍ଟନ କରାଯାଇଥିବା ବେଳେ ଦୃଷ୍ଟିବାଧିତଙ୍କ ଲାଗି ବ୍ରେଲି ପ୍ରେସରେ ପ୍ରସ୍ତୁତ ପୁସ୍ତକ ଉନ୍ମୋଚନ ହୋଇଥିଲା। ରାଜ୍ୟ ସରକାର ବର୍ଷକ ଭିତରେ ଅନେକ ଜନ ହିତକର ଯୋଜନା ପ୍ରଣୟନ କରିଥିବା ମନ୍ତ୍ରୀ ଓ ନେତାମାନେ ଏଠାରେ କହିଥିଲେ। ତେବେ ମନ୍ତ୍ରୀ ଓ ନେତାମାନଙ୍କ ସହିତ ଅନେକ ଯୁବ ବିଜେପି କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବହୁ ସମୟ ଧରି ସଭା କଡ଼ରେ ଏମାନେ ଛିଡ଼ା ହୋଇଥିଲେ ହେଁ ଏମାନଙ୍କୁ ବସିବା ଲାଗି ପ୍ରଶାସନ ଚେୟାର ଯୋଗାଡ଼ କରିପାରିନଥିଲା କିମ୍ବା ଆଗୁଆ ବ୍ୟବସ୍ଥା କରିନଥିଲା। ଦୀର୍ଘ ସମୟ ଯାଏଁ ଯୁବକର୍ମୀମାନେ ତଳେ ବସିଥିଲେ। ପରେ ଚେୟାର ଯୋଗାଡ଼ କରି ଦିଆଯାଇଥିଲା। ଏହାକୁ ଯୁବକର୍ମୀମାନେ ବେଶ ନାପସନ୍ଦ କରିଛନ୍ତି। କେବଳ ସେତିକି ନୁହେଁ ବିଜପେି ଜିଲ୍ଲା ସଭାପତି ମଧ ବହୁ ସମୟ ଯାଏଁ ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ଏପଟେ ଚେୟାର ଯୋଗାଡ଼ କରିଲା ବେଳକୁ ପଛପଟୁ ଚେୟାର ଖାଲି ହେଉଥିବା ଦେଖିବାକୁ ମିଳିଥିଲା। କାରଣ ପ୍ରଶାସନର ଦୂରଦୃଷ୍ଟି ଅଭାବ ଯୋଗୁଁ ଅନେକ ହିତାଧିକାରୀ ସଭାର ଅଧାରୁ ହିଁ ଚାଲି ଯାଇଥିଲେ।

## ମେଳାରେ ବୁଲା ମାଗଣା, ପାଣି ପାଇଁ ପାଉଣା

ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଖେଳ ପଡ଼ିଆରେ ବିକାଶ ମେଳା ଉଦଘାଟିତ ହୋଇଛି। କିନ୍ତୁ ଏଠାକୁ ଆସିଥିବା ଲୋକଙ୍କ ପାଇଁ ମୌଳିକ ସୁବିଧା ନାହିଁ। ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ମେଳା ପରିସରରେ ଆବଶ୍ୟକ ମୁତାବକ ପାନୀୟ ଜଳ ଯୋଗାଇ ଦିଆଯାଇନାହିଁ। ଆସିଥିବା ଲୋକେ ପାଣି ଟୋପାଏ ପାଇଁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି। ରାଜ୍ୟରେ ବିଜେପି ସରକାରଙ୍କ ଶାସନର ଏକ ବର୍ଷ ପୂର୍ତ୍ତି ଅବସରରେ ଏଭଳି ମେଳାର ଆୟୋଜନ କରାଯାଇଛି। ଏହି ମେଳା ଦ୍ୱାରା ରାଜ୍ୟ ସରକାରଙ୍କ ଏକ ବର୍ଷରେ ବିଭିନ୍ନ ବିକାଶ ମୁଳକ କାର୍ଯ୍ୟ ଲୋକଙ୍କୁ ନିକଟରେ ପହଞ୍ଚାଇବାକୁ ଉଦ୍ୟମ କରାଯାଇଛି। ଏହାକୁ ଦୃଷ୍ଟିରେ ବିଭିନ୍ନ ବିଭାଗର ଶତାଧିକ ଷ୍ଟଲ୍ ସ୍ଥାପନ କରାଯାଇଛି। ଏହାକୁ ଦେଖିବାକୁ ଜିଲ୍ଲା ବିଭିନ୍ନ ଅଞ୍ଚଳର ଛୋଟ ଶିଶୁଙ୍କଠାରୁ ଆରମ୍ଭ କରି ବରିଷ୍ଠ ନାଗରିକମାନେ ଆସିଥାନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଶୌଚାଳୟ, ବିଶୁଦ୍ଧ ପାନୀୟ ଜଳ ଓ ଜରୁରୀକାଳୀନ ଚିକିତ୍ସା ସେବା ସମେତ ବିଭିନ୍ନ ବ୍ୟବସ୍ଥା ଲୋକଙ୍କୁ ଯୋଗାଇବାକୁ ନିୟମ ରହିଛି। କିନ୍ତୁ ସବୁଠାରୁ ଜରୁରୀ ହୋଇଥିବା ପାନୀୟ ଜଳ ଲୋକଙ୍କୁ ମିଳୁନଥିବା ଅଭିଯୋଗ ହୋଇଛି। ଶୁକ୍ରବାର ସହରରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଥିବା ବେଳେ ମେଳା ପରିଦର୍ଶନ କରିବାକୁ ଆସିଥିବା ଲୋକେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ଏହା ସହ ଷ୍ଟଲ ପକାଇଥିବା ବ୍ୟକ୍ତି ମାନେ ମଧ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ବିଶୁଦ୍ଧ ଜଳଯୋଗାଣ ନିମନ୍ତେ ୱାଟକୋ ପକ୍ଷରୁ ମାତ୍ର ୨ଟି ଷ୍ଟଲର ବ୍ୟବସ୍ଥା କରାଯାଇଥିବା ବେଳେ ହଜାର ହଜାର ଲୋକଙ୍କ ପାଇଁ ତାହା ଯଥେଷ୍ଟ ନୁହେଁ। କୌଣସି ବିକଳ୍ପ ନପାଇ ବହୁ ଲୋକ ପାଣି ବୋତଲ କ୍ରୟ କରି ପିଉଥିବା ଦେଖିବାକୁ ମିଳିଛି। ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାକୁ ଗୁରୁତ୍ୱ ସହ ଗ୍ରହଣ କରିବା ସହ ବିକାଶ ମେଳାରେ ଆବଶ୍ୟକତା ମୁତାବକ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

# ଗ୍ୟାରେଜ୍‌ରୁ ୧୦ ବାଇକ୍‌ର ବ୍ୟାଟେରୀ ଚୋରି; ୨ ଗିରଫ

ବ୍ରହ୍ମପୁର,୧୩।୬(ସମିସ): ଏକ ଗ୍ୟାରେଜରେ ଥିବା ପ୍ରାୟ ୧୦ଟି ବାଇକର ବ୍ୟାଟେରି ଚୋରି ଅଭିଯୋଗରେ ଟାଉନଥାନା ପୁଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଦୁଇଜଣ ହେଲେ ଟାଉନ ଥାନା ଅଞ୍ଚଳର କେ. ନାରାୟଣ ରେଡି(୨୪) ଓ ସ୍ଥାନୀୟ କବାଡି ଦୋକାନୀ ତଥା ଉତ୍ତରପ୍ରଦେଶ ଜ୍ଞାନପୁର ଅଞ୍ଚଳର ରୋହିତ ଗୁପ୍ତା(୨୦)। ଗିରଫ ପରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ଚୋରି ବ୍ୟାଟେରି ଜବତ କରାଯାଇଛି। ସୂଚନାପ୍ରକାରେ, କଂଗ୍ରେସ ଭବନ ଛକରେ ଥିବା ଏକ ଗ୍ୟାରେଜରେ ମରାମତି ପାଇଁ ଗ୍ରାହକଙ୍କ ୧୦ଟି ବାଇକ ରହିଥିଲା। ରାତିରେ ଗ୍ୟାରେଜ ମାଲିକ ଦୋକାନ ବନ୍ଦ କରି ଘରକୁ ଯିବା ସମୟରେ ବାହାରେ ବାଇକଗୁଡ଼ିକୁ ଚେନବାନ୍ଧି ତାଲା ପକାଇଥିଲେ। ତେବେ ସକାଳୁ ଆସି ଗ୍ୟାରେଜ ଖୋଲିବା ବେଳେ ସମସ୍ତ ବାଇକର ବ୍ୟାଟେରି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଗ୍ୟାରେଜ ମାଲିକ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ସମ୍ପୃକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିବା ପରେ ଅଭିଯୁକ୍ତ ନାରାୟଣ ବିଳମ୍ବିତ ରାତିରେ ଉକ୍ତ ଗ୍ୟାରେଜ ନିକଟକୁ ଯାଇ ଗୋଟିଏ ପରେ ଗୋଟିଏ ବାଇକର ବ୍ୟାଟେରୀ ବାହାର କରି ନେଉଥିବା ପୁଲିସ ଜାଣିବାକୁ ପାଇଥିଲା। ସେହିକ୍ରମରେ ପୁଲିସ ପ୍ରଥମେ ନାରାୟଣଙ୍କୁ କାବୁ କରି ଜେରା କରିଥିଲା। ଜେରା ବେଳେ ନାରାୟଣ ଉକ୍ତ ଗ୍ୟାରେଜରୁ ବ୍ୟାଟେରି ଚୋରି କରିଥିବା ସ୍ୱୀକାର କରିବା ସହ କବାଡି ଦୋକାନୀ ରୋହିତଙ୍କୁ ବିକ୍ରି କରିଦେଇଥିବା ସୂଚନା ଦେଇଥିଲା। ଏହାପରେ ପୁଲିସ ରୋହିତଙ୍କ କବାଡି ଦୋକାନକୁ ଯାଇ ସମସ୍ତ ଚୋରି ବ୍ୟାଟେରିକୁ ଜବତ କରିବା ସହ ତାଙ୍କୁ ମଧ ଗିରଫ କରିଥିଲା।



# ଭୁବନେଶ୍ୱର ସିଟି

# ସରିଲା ସଜବାଜ, ଆଜି ପହିଲି ରଜ

ଭୁବନେଶ୍ୱର, ୧୩।୬(ସମିସ)




ଆରମ୍ଭ ହୋଇଛି ରାଜଧାନୀର ରଜ ମଉଜ। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଛି। ସବୁଠି ଦେଖିବାକୁ ମିଳୁଛି ରଜର ମାହୋଲ। ରାଜଧାନୀରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ଆରମ୍ଭ ହୋଇଛି ସଜବାଜ।

ଚଳିତବର୍ଷ ରଜପର୍ବକୁ ବ୍ୟାପକ କରିବାକୁ ଓଟିଡିସିସି ପକ୍ଷରୁ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ ଠାରେ ଆୟୋଜିତ ହୋଇଛି ରଜ ମହୋତ୍ସବ-୨୦୨୫। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ସଜବାଜରେ ବହୁସଂଖ୍ୟାରେ ଜନସମାଗମ ଦେଖିବାକୁ ମିଳିଛି। ଏଠାରେ ଓଟିଡିସି ପକ୍ଷରୁ ୫ଟି ଦୋଳି ସାଙ୍ଗକୁ ରଜ ପାନ ଓ ପିଠାର ସ୍ୱତନ୍ତ୍ର ଷ୍ଟଲ ରହିଛି। ସେହିପରି ସଜବାଜରେ ମେହେନ୍ଦି, ଅଳତା ଆଦି ପାଇଁ ରହିଥିବା ସ୍ୱତନ୍ତ୍ର ଷ୍ଟଲରେ ମଧ୍ୟ ଭିଡ଼ ଲାଗିଛି ସେହିପରି ପାନ୍ଥନିବାସ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ପିଠା ପାଇଁ ସ୍ୱତନ୍ତ୍ର ଷ୍ଟଲ ସହ ନିମନ୍ତ୍ରଣ ଷ୍ଟଲରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ପରଷା ଯାଉଛି। ପାନ୍ଥନିବାସରେ ପ୍ରବଳ ଭିଡ଼ ଜମୁଥିବାରୁ ପ୍ରଦର୍ଶନୀ ପଡ଼ିଆରେ ଓଟିଡିସି ପକ୍ଷରୁ ଦ୍ୱିତୀୟ ରଜ ମହୋତ୍ସବ ଆୟୋଜନ ହୋଇଥିବା ସୂଚନା ରହିଛି।

ଆସନ୍ତା କାଲି ଠାରୁ ଅର୍ଥାତ୍ ପହିଲି ରଜରୁ 'ପିଠା ଅନ୍ ହ୍ୱିଲ୍' କାର୍ଯ୍ୟକ୍ରମ ଆରମ୍ଭ ହେବ। ୩ ଦିନ ଧରି ରୂପାଲି ଛକ, ରାଜମହଲ ଛକ, ପଟିଆ, ଚନ୍ଦ୍ରଶେଖରପୁର, ଖଣ୍ଡଗିରି, ରସୁଲଗଡ଼, ଲକ୍ଷ୍ମୀସାଗର ଆଦି ଛକ ଆଦି ବିଭିନ୍ନ ସ୍ଥାନରେ ମନ ପସନ୍ଦର ପାରମ୍ପରିକ ପିଠା ଯୋଗାଇବ। ପୋଡ଼ ପିଠା, କାକରା ପିଠା, ବିରି ମଣ୍ଡା, ନଡ଼ିଆ ମଣ୍ଡା ଆଦି ବିଭିନ୍ନ ପ୍ରକାର ପିଠା ଉପଲବ୍ଧ ରହିବ।

ସେହିପରି ରାଜ୍ୟରେ ନୂତନ ସରକାରଙ୍କ ବର୍ଷେ ପୂର୍ତ୍ତି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟ ସଂଗ୍ରହାଳୟରେ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ରଜ ଉତ୍ସବ-୨୦୨୫ ପାଳନ କରାଯିବ। ଗ୍ୟାଲେରୀ ଗୁଡ଼ିକ ନିୟମିତ ନିର୍ଦ୍ଧାରିତ ସମୟରେ ବନ୍ଦ ରହିବା ସହ ରଜ ଉତ୍ସବ ରାତି ୯ଟା ଯାଏ ଚାଲିବ। ରଜ ୩ ଦିନ ସମସ୍ତଙ୍କପାଇଁ ଏଣ୍ଟ୍ରି ଫ୍ରି କରାଯାଇଥିବା ସଂଗ୍ରହାଳୟ ପକ୍ଷରୁ ସୂଚନା ମିଳିଛି। ଏହାସହ କଲ୍ୟାଣପୁର ସ୍ୱସ୍ତିବନ ଠାରେ ୫୦୦ ଦୋଳିର ମଜ୍ଜା ନେବେ ସ୍ଥାନୀୟ ଲୋକେ। ତା ସାଙ୍ଗକୁ ଚଳିତ ବର୍ଷ ପାତ୍ରପଡ଼ାରେ ୧୪, ୧୫, ୧୬ ଏବଂ ୧୭ ତାରିଖ ୪ଦିନ ଧରି ଦୋଳି ସାଙ୍ଗକୁ, ରଜପାନ, ପାରମ୍ପରିକ ପିଠାରେ ମହକିବ ସାରା ପରିବେଶ। ସାମାଜିକ ଅନୁଷ୍ଠାନ ସମ୍ଭାବନା ପକ୍ଷରୁ ଗୀତଗୋବିନ୍ଦ ଓଡ଼ିଆଣୀଙ୍କ ରଜ ମଉଜ ଅନୁଷ୍ଠିତ ହେବ। ଏହାସହିତ ଖଣ୍ଡଗିରି, ନୂଆପଲ୍ଲୀ, ପଟିଆଗଡ଼, ଧଉଳି ଆଦି ସ୍ଥାନରେ ମଧ୍ୟ ରଜ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

**ଉତ୍ସବମୁଖର ପ୍ରଦର୍ଶନୀ ପଡ଼ିଆ**

**ରାଜ୍ୟ ସଂଗ୍ରହାଳୟରେ ୩ ଦିନ ଫ୍ରି ଏଣ୍ଟ୍ରି**

# ମଞ୍ଚରେ ବ୍ୟାସକବିଙ୍କ ଜୀବନୀ



ଭୁବନେଶ୍ୱର, ୧୩।୬(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହେଉଥିବା ନାଟକ କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟାରେ ନାଟକ 'ଏ ଜାତିର ସେନାପତି' ମଞ୍ଚସ୍ଥ ହୋଇଛି। ଆଜିର ନାଟକ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୀବନୀ ଉପରେ ଆଧାରିତ ହୋଇଥିଲା। ନାଟ୍ୟକାର ପ୍ରଫେସର ବିଜୟ ଶତପଥୀ ନାଟକ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ନଳିନୀ ନିହାର ନାୟକ। କାର୍ଯ୍ୟକ୍ରମରେ ଲେଖକ ଡ଼. ରବି ନାରାୟଣ ସେନାପତି, ସାହିତ୍ୟିକ ଗୌରହରି ଦାସ, ଓଡ଼ିଆ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ, ବିଶିଷ୍ଟ ଐତିହାସିକ ନିହାର ରଞ୍ଜନ ପଟ୍ଟନାୟକ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ପାଇନ ସର୍ଜରୀ ବିଶେଷଜ୍ଞଙ୍କୁ ନେଇ ଅନ୍ତର୍ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, ୧୩।୬(ସମିସ): ଏଣ୍ଡୋସ୍କୋପିକ ସ୍ପାଇନ ଫାଉଣ୍ଡେଶନ (ଇଣ୍ଡିଆ) ପକ୍ଷରୁ ଭୁବନେଶ୍ୱରସ୍ଥିତ ହୋଟେଲ ମେ'ଫେୟାରଠାରେ ଜୁନ୍ ୧୨ରୁ ୧୪ ପର୍ଯ୍ୟନ୍ତ ଏଣ୍ଡୋସ୍କୋପିକ ସ୍ପାଇନ ସର୍ଜରୀ ବିଷୟବସ୍ତୁ ଉପରେ ଭାରତର ପ୍ରମୁଖ ସମ୍ମିଳନୀ ୬ଷ୍ଠ ଏସ୍‌ଫିକନ ଓ ୱେସକନ ୨୦୨୫ର ଘୋଷଣା କରାଯାଇଛି। ଏଣ୍ଡୋସ୍କୋପିକ ରିଡିଫାଇନିଂ ସ୍ପାଇନ ବାଉଣ୍ଡରିଜ' ବିଷୟବସ୍ତୁ ଅଧୀନରେ ଏହି ସମ୍ମିଳନୀରେ ଉଦ୍ଭାବନ, ଶିକ୍ଷା ଓ ପ୍ରଶିକ୍ଷଣ ମାଧ୍ୟମରେ ମିନିମାଲି ଇନଭାସିଭ ସ୍ପାଇନ କେୟାର୍‌ର ଅଗ୍ରଗତି ପାଇଁ ୨୫୦ରୁ ଅଧିକ ଆନ୍ତର୍ଜାତୀୟ ବିଶେଷଜ୍ଞ ଏକତ୍ରିତ ହେବେ।



କାର୍ଯ୍ୟକ୍ରମରେ ଲାଇଭ ସର୍ଜିକାଲ ପ୍ରଦର୍ଶନୀ ଅନ୍ତର୍ଭୁକ୍ତ ରହିଛି ଯେଉଁଠାରେ ଡିଷ୍ଟାଣ୍ଡାଉ, ୟୁବିଇ ଓ ଟ୍ରାନ୍ସଫରାମିନାଲ ଏଣ୍ଡୋସ୍କୋପିକ ଆପ୍ରୋଚେସ ଭଳି ୫ଟି ଆଡ୍‌ଭାନ୍ସଡ ଟେକ୍‌ନିକକୁ ବାସ୍ତବ ସମୟରେ ପ୍ରଦର୍ଶିତ କରାଯାଉଛି। ଏହାଛଡା ଏକ ହ୍ୟୁମାନ କାଡାଭର ୱର୍କସପ ବିଶେଷଜ୍ଞଙ୍କ ମାର୍ଗଦର୍ଶନରେ ନିଜର ଦକ୍ଷତାକୁ ଉନ୍ନତ କରିବା ପାଇଁ ସର୍ଜନଙ୍କ ପାଇଁ ଏକ ବ୍ୟାପକ ପ୍ରଶିକ୍ଷଣ ଅଧିବେଶନ ପ୍ରଦର୍ଶିତ ହେବ। ସେହିପରି ସିଏମଇ-ସ୍ୱୀକୃତିପ୍ରାପ୍ତ ସେଶନଗୁଡିକରେ ଅଂଶଗ୍ରହଣକାରୀଙ୍କ ପାଇଁ ତର୍କ, ମାମଲା ଉପରେ ଆଲୋଚନା ଓ ମୁଖ୍ୟ ଅଭିଭାଷଣ ସମେତ ୧୨ଟି ସିଏମଇ କ୍ରେଡିଟ ପଏଂଟ ସାମିଲ ରହିଛି।ଆୟୋଜକ ଅଧକ୍ଷ ଡକ୍ଟର ଶଙ୍କର ଆଚାର୍ଯ୍ୟ କହିଛନ୍ତି, ଏହି ସମ୍ମିଳନୀ ଆନ୍ତର୍ଜାତୀୟ ବିଶେଷଜ୍ଞତାକୁ ସୁଲଭ, ଅତ୍ୟଧିକ ଉଚ୍ଚମାନର ସ୍ପାଇନ ଚିକିତ୍ସା ପାଇଁ ଭାରତର ବଢୁଥିବା ଚାହିଦା ସହିତ ଏକତ୍ରିତ କରିଛି। ଆମର ଲକ୍ଷ୍ୟ ହେଉଛି ଆଧୁନିକ ଏଣ୍ଡୋସ୍କୋପିକ ପଦ୍ଧତିଗୁଡିକୁ ଗଣତାନ୍ତ୍ରିକ କରିବା।

# ଆରମ୍ଭ ହେଲା ଗଙ୍ଗପଡ଼ା ଫ୍ଲାଏଓଭର୍ କାମ

ଯାଁଳା, ୧୩।୬(ସମିସ): ସମିସ ଜଟଣୀ ବ୍ଲକ ଗଙ୍ଗପଡ଼ା ପଞ୍ଚାୟତବାସୀଙ୍କ ଅପେକ୍ଷାର ଅନ୍ତ ଘଟିଛି। ଶେଷରେ ଆରମ୍ଭ ହୋଇଛି ଗଙ୍ଗପଡ଼ା ଫ୍ଲାଏଓଭର ବ୍ରିଜ୍ ନିର୍ମାଣ କାମ। ଦୀର୍ଘବର୍ଷ ଧରି ଉକ୍ତ ଛକରେ ଦୁର୍ଘଟଣା ଯୋଗୁଁ ବହୁ ଧନ ଜୀବନ ନଷ୍ଟ ହେଉଥିଲା। ୪ ବର୍ଷରେ ପ୍ରାୟ ୧୨ ଜଣଙ୍କ ଜୀବନ ଯାଇଛି। ସ୍ଥାନୀୟ ଲୋକ ବାରମ୍ବାର ରାସ୍ତା ରୋକ କରିଛନ୍ତି।

ଦୁର୍ଘଟଣା ଜନିତ ମୃତାହତ କମାଇବା ପାଇଁ ଉକ୍ତ ଛକରେ ଟ୍ରାଫିକ ପୁଲିସ ମୁତୟନ ପାଇଁ ଦାବି କରିଥିଲେ। କିନ୍ତୁ ଉତେଜନା ସମୟରେ ପୁଲିସ ପ୍ରଶାସନ ପକ୍ଷରୁ ଦୁଇ ଚାରି ଦିନ ଟ୍ରାଫିକ ପୁଲିସ ମୁତୟନ କରି ପୁଣି ଭୁଲି ଯାଆନ୍ତି। ତେଣୁ ୧୬ ନମ୍ବର ଜାତୀୟ ରାଜପଥ ଗଙ୍ଗପଡ଼ାର ଏହି ଛକକୁ ଦୁର୍ଘଟଣା ପ୍ରବଣ ତଥା ବ୍ଲାକ ସ୍ପଟ୍ ଭାବେ ଗଣତି କରାଗଲା। ଦୁର୍ଘଟଣା ଜନିତ ମୃତାହତକୁ କମାଇବା ପାଇଁ ଏକ ଅଣ୍ଡରପାସ ନିହାତି ଆବଶ୍ୟକ ଥିଲା। ତେଣୁ ଏନେଇ ଗତ ଦୁଇ ତିନି ବର୍ଷ ହେବ ଭୁବନେଶ୍ୱର ସାଂସଦଙ୍କ ନିକଟରେ ଏକ ଓଭରବ୍ରିଜ ଦାବି କରିଆସୁଥିଲେ ଗ୍ରାମବାସୀ। ଗତ ୨୪ ମସିହା ସେପ୍ଟେମ୍ବର ମାସ ୪ ତାରିଖ ଦିନ ଭୁବନେଶ୍ୱର ସାଂସଦ ଭିତି ପ୍ରସ୍ତର ସ୍ଥାପନ କରିଥିଲେ।ଭିତି ପ୍ରସ୍ତର ସ୍ଥାପନର ୯ ମାସ ପରେ ଜାତୀୟ ରାଜପଥ ବିଭାଗ ଗଙ୍ଗପଡ଼ା ଛକରେ ଫ୍ଲାଏଓଭର ବ୍ରିଜ କାମ ଆରମ୍ଭ କରିଛି।

# ବିକାଶ ବାହାନ ଯାତ୍ରାର ଶୁଭାରମ୍ଭ

ବାଲିଅନ୍ତା, ୧୩।୬(ସମିସ): ବାଲିଅନ୍ତା ପଞ୍ଚାୟତ ସମିତି ପରିସରରେ ଶୁକ୍ରବାର ବିକାଶ ବାହାନ ଶୋଭାଯାତ୍ରାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ତହସିଲଦାର ବିମଳ କୁମାର ଲେଙ୍କା, ଅତିରିକ୍ତ ବିଡିଓ ଅପରାଜିତା ସ୍ୱାଇଁ, ଗ୍ରାମ ପଞ୍ଚାୟତ ଅଧିକାରୀ ନୀଳଶୈଳ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ବହୁମୁଖୀ ଯୋଜନାର ସଫଳତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏନେଇ ଆୟୋଜିତ ସମାବେଶସ୍ଥଳରେ ଉପସ୍ଥିତ ହିତାଧିକାରୀ, ମହିଳା ମଣ୍ଡଳ, ବୟସ୍କ ଲୋକେ ଏବଂ ଅଧିକାରୀ ଯୋଜନାର ସଫଳତା ନେଇ ଆଲୋଚନା କରିଥିଲେ। ଏହାପରେ ସତ୍ୟଭାମାପୁର ଏବଂ ଉମାଦେଇ ବ୍ରହ୍ମପୁର ପଞ୍ଚାୟତରେ ବିକାଶ ବାହାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସତଭାମାପୁର ସରପଞ୍ଚ ରଶ୍ମିତା ଭୋଇ ଏବଂ ଉମଦେଇ ବ୍ରହ୍ମପୁର ସରପଞ୍ଚ ସଭାରେ ସଭାପତିତ୍ୱ କରିଥିଲେ।

# ଆକ୍ରମଣ ଘଟଣାରେ ଯୁବକ ଗିରଫ



ବାଲିଅନ୍ତା, ୧୩।୬(ସମିସ): ବାଲିଅନ୍ତା ଥାନା ପୁଲିସ ସ୍ଥାନୀୟ ଭୁବନପୁରସ୍ଥିତ ଉତ୍ତରମୁଖୀ ପୀଠ ନିକଟ ଏକ ପାନ ଦୋକାନ ଆଗରେ ଘଟିଥିବା ପ୍ରାଣାନ୍ତକ ଆକ୍ରମଣ ମାମଲାରେ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା ଭୁବନପୁର ଗ୍ରାମର ବନମାଳି ମଲ୍ଲିକ ଓରଫ ଲକି (୨୫)। ତେବେ କୋର୍ଟରେ ବନମାଳି ଜାମିନ ଖାରଜ ହୋଇଯିବାରୁ ଝାରପଡ଼ା ହାଜତକୁ ପଠାଇ ଦିଆଯାଇଛି। ଏସଂକ୍ରାନ୍ତରେ ଉକ୍ତ ଗ୍ରାମର ରାଜକୁମାର ଜେନା ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ସୂଚନାଯୋଗ୍ୟ ଯେ, ଗୁରୁବାର ସକାଳ ପ୍ରାୟ ୯ ଟାରେ, ଅଭିଯୋଗକାରୀ ରାଜ ମା ଉତ୍ତରମୁଖୀ ମନ୍ଦିରକୁ ଦର୍ଶନ ପାଇଁ ଯାଇଥିବା ବେଳେ, ଅଭିଯୁକ୍ତ ବନମାଳୀ ମଲ୍ଲିକ ଓରଫ ଲକି ଏକ କ୍ରିକେଟ ବ୍ୟାଟ୍ ଧରି ହଠାତ୍ ତାଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ପଛରୁ ଆକ୍ରମଣ କରିଥିଲେ। ଯଦିଓ ବନମାଳି ଅଭିଯୋଗକାରୀ ରାଜଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲେ, ରାଜ ନିଜ ହାତ ସାହାଯ୍ୟରେ ରକ୍ଷା କରିଥିଲେ ମଧ୍ୟ ତାଙ୍କ ହାତରେ ଗୁରୁତର ଆଘାତ ଲାଗିଥିଲା ଓ ହାତ ଭାଙ୍ଗି ଯାଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ସ୍ଥାନୀୟ ଲୋକମାନେ ଅଭିଯୋଗକାରୀଙ୍କୁ ଉଦ୍ଧାର କରି ପ୍ରଥମେ ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଭଲ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତରିତ କରିଥିଲେ।

# ସହିଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ରଜ ମହୋତ୍ସବ




ଭୁବନେଶ୍ୱର, ୧୩।୬(ସମିସ): ସହିଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ଗଣ ପର୍ବ ରଜ ମହୋତ୍ସବର ଶୁଭାରମ୍ଭ ହୋଇଛି। ଏହି ମହୋତ୍ସବର ମୁଖ୍ୟ ଅତିଥି ଭାବରେ ଭୁବନେଶ୍ୱର ମହାନଗର ନିଗମର ଅଧ୍ୟକ୍ଷ ସୁଲୋଚନା ଦାସ ଓ ରାଜ୍ୟ ବିଜେପିର ବରିଷ୍ଠ ନେତା ଗୋଲଖ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପ୍ରତିଦିନ ସନ୍ଧ୍ୟାରୁ ଆରମ୍ଭ ହୋଇ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ସମିତି ପକ୍ଷରୁ କୁହାଯାଇଛି। ଏହି ସଭାରେ ସମିତିର ସମ୍ପାଦକ ସଚି ନନ୍ଦନ ନାୟକ, କାର୍ଯ୍ୟ କାରୀ ସଭାପତି ସରୋଜ ପାତ୍ର, ସ୍ଥାନୀୟ କର୍ପୋରେଟର ରାଜକିଶୋର ଦାସ, ଉପଦେଷ୍ଟା ସୁଧୀର କୁମାର ଶତପଥୀ ଅନେକ ସଭ୍ୟ ଉପସ୍ଥିତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

**ଏକାମ୍ର କ୍ଷେତ୍ରରେ ରଥଯାତ୍ରା ପ୍ରସ୍ତୁତି**

# ରଥ ଗଢ଼ାରେ ନିମଗ୍ନ କାରିଗର



ଭୁବନେଶ୍ୱର, ୧୩।୬(ସମିସ): ଆଉ ମାତ୍ର ଦିନ କେଇଟା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା। ଚଳିତ ବର୍ଷ ଏକାମ୍ରକ୍ଷେତ୍ରରେ ଛୋଟ ବଡ଼ ମିଶି ପ୍ରାୟ ୫୪ଟି ରଥ ଗଢ଼ିବ ବୋଲି ସୂଚନା ରହିଛି। ରାଜଧାନୀରେ ଥିବା ବିଭିନ୍ନ ଶ୍ରୀଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଉପଲକ୍ଷେ ରଥ ନିର୍ମାଣ କାର୍ଯ୍ୟରେ ନିମଗ୍ନ କାରିଗର। ଭକ୍ତି ଓ ଭାବରେ ଚାଲିଛି ରଥ ନିର୍ମାଣ କାର୍ଯ୍ୟ। ଇସ୍କନ, ଆରସିଏମ୍, ୟୁନିଟ୍-୧, ଜାଗମରା, କୋଳଥିଆ, ୟୁନିଟ୍ ୫ ସ୍ଥିତ ଏଜି ଅଫିସ ପଛ ପାଖ ଜଗନ୍ନାଥ ମନ୍ଦିର, ପଟିଆ, ଗାଡ଼କଣ, ଡୁମୁଡୁମା ଫେଜ-୨, ଏକାମ୍ର ଶ୍ରୀକ୍ଷେତ୍ର, ସଚିବାଳୟ ଭିତରେ ଥିବା ଜଗନ୍ନାଥ ମନ୍ଦିର ପରିସର, ଡେଲ୍‌ଟା ଛକ, ବାଣୀବିହାର, ଭିଏସ୍‌ଏସ୍ ନଗର, ସହିଦ ନଗର, ବରମୁଣ୍ଡା ଓ ପୁରୁଣା ଭୁବନେଶ୍ୱର ଆଦି ବିଭିନ୍ନ ଅଞ୍ଚଳରେ ରଥଯାତ୍ରା ଜାକଜମକରେ ପାଳନ କରାଯିବ। ଏହାସହ ରାଜଧାନୀ ଓ ଏହାର ଆଖପାଖରେ ୪୦ରୁ ଅଧିକ ସ୍ଥାନରେ ରଥଯାତ୍ରା ଉତ୍ସବ ପାଳନ କରାଯିବାକୁ ଆରମ୍ଭ ହୋଇଛି ପ୍ରସ୍ତୁତି। ଏନେଇ ୟୁନିଟ୍-୧ ଜଗନ୍ନାଥ ସେବା ସମିତି, ଉପସଭାପତି ଅକ୍ଷୟ ବାରିକ, କହିଛନ୍ତି ଯେ, ପିଲାଦିନେ ଛୋଟ ରଥରୁ ଆରମ୍ଭ ହୋଇଥିଲା ଏହି ରଥଯାତ୍ରା। ୨୦୨୩ ମସିହାରୁ ଏହାକୁ ବଡ଼ ଧରଣର କରାଯାଉଛି। ଜଗନ୍ନାଥ ସେବା ସମିତି ଗଠନ କରି ସେଥିରେ ରହିଥିବା ସଦସ୍ୟମାନଙ୍କ ସହଯୋଗରେ ପ୍ରତିବର୍ଷ ରଥଯାତ୍ରା କରାଯାଉଛି। ରଥ ତିଆରି କାମ ୮୦ ପ୍ରତିଶତ ଶେଷ ହୋଇଥିବା ବେଳେ ଅନ୍ୟ କାର୍ଯ୍ୟ ମଧ୍ୟ ଜୋରଦାର ଚାଲିଛି।

# ପ୍ରାଥମିକ ଶିକ୍ଷକଙ୍କ ସହ ସଚିବଙ୍କ ବୈଠକ

ଭୁବନେଶ୍ୱର, ୧୩।୬(ସମିସ): ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା)ର ଆସନ୍ତା ସପ୍ତାହରେ ଆନ୍ଦୋଳନ ଡ଼ାକରା ଦେବାପରେ ସଂଘ କାର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ। ୨୦୧୧ ପୂର୍ବରୁ ନିଯୁକ୍ତ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ପାଇଁ ଓଟିଇଟି ବାଧ୍ୟତାମୂଳକ ନ କରିବା, କେନ୍ଦ୍ରୀୟ ହାରରେ ଦରମା, ସ୍କିମାଟିକ ଉଚ୍ଛେଦ ଆଦି କରିବାକୁ ସଂଘ ପକ୍ଷରୁ ଦାବି ରଖାଯାଇଛି। ସେହିପରି ପ୍ରାଥମିକ ବିଦ୍ୟାଳୟରେ ଅତିରିକ୍ତ ଭାବେ ୮ମ ଓ ବାଳବାଟିକା ଶ୍ରେଣୀ ଖୋଲାଯାଇଥିବାରୁ ବିଦ୍ୟାଳୟର ଭିତ୍ତିଭୂମି ବିକାଶ କରିବା




ସହିତ ମୂଳରୁ ଥିବା ୧ଲକ୍ଷ ୩୬ହଜାର ୬୬୯ ଶିକ୍ଷକ ପଦକୁ ୨ଲକ୍ଷ ୭୦ହଜାରକୁ ବଢ଼ାଇବା, ସ୍ୱାସ୍ଥ୍ୟବୀମା ପ୍ରଦାନ, ବଦଳି ନୀତିରେ ପରିବର୍ତ୍ତନ ଏବଂ ପୁରୁଣା ପେନସନ ପ୍ରଦାନ କରିବାକୁ ମଧ୍ୟ ଆଲୋଚନା ହୋଇଛି। ଏନେଇ ପୂର୍ବରୁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଦୋହରାଇବା ସହ ତୁରନ୍ତ ଦାବି ପୂରଣ କରିବାକୁ ଦାବି କରିଛନ୍ତି। ଆଲୋଚନା ପରେ ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରି ଦାବି ପୂରଣ କରିବାକୁ ସଚିବ ପ୍ରତିଶ୍ରୁତି ଦେଇଛନ୍ତି। ସଚିବଙ୍କ ଅନୁରୋଧକ୍ରମେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବାବେଳେ ବିଧାନସଭା ଅଧିବେଶନ ପୂର୍ବରୁ ଦାବି ପୂରଣ ନ ହେଲେ ସଂଘ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣାଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ, ଉପସଭାପତି ଅଗାଧୁ ସେଠୀ, ଗଞ୍ଜାମ ଜିଲ୍ଲା ସଭାପତି ହେମନ୍ତ ସେଠୀ ଓ ବାଲୁରି ବାରିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଶିଶୁଶ୍ରମ ନିରୋଧ ଦିବସରେ ମାନବ ଶୃଙ୍ଖଳ ଓ ଶପଥପାଠ

ଭୁବନେଶ୍ୱର, ୧୩।୬(ସମିସ): ଆକ୍ସନଏଡ୍ ଆସୋସିଏସନ୍ ଓ ସିସିଡବ୍ଲୁଡି ମିଳିତ ଆନୁକୂଲ୍ୟରେ ୱାର୍ଡ ନମ୍ବର-୨୬ ଅଧୀନସ୍ଥ ନୀଳଚକ୍ର ନଗର ଠାରେ ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ ଅବସରରେ ମାନବ ଶୃଙ୍ଖଳ ଓ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ସିସିଡବ୍ଲୁଡିର ସମ୍ପାଦକ ସଦାଶିବ ସ୍ୱାଇଁ, ରେଣୁବାଳା ସାହୁ, ସ୍ନିଗ୍ଧା ଦାସ, କଲ୍ୟାଣୀ ରାଉତ, ଶିବ ସାହୁ, ସରସ୍ୱତୀ ପରିଡ଼ା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଷ୍ଣୁପ୍ରିୟା ସାମଲ ଓ ସ୍ମୃତିରେଖା ଦାସ ପରିଚାଳନା କରିଥିଲେ।

# 'ଶାନ୍ତିସ୍ତୂପ'ର ବାର୍ଷିକୋତ୍ସବ

ଭୁବନେଶ୍ୱର, ୧୩।୬(ସମିସ): ମାସିକ ଖବର କାଗଜ ଶାନ୍ତିସ୍ତୂପର ଚତୁର୍ଥ ବାର୍ଷିକୋତ୍ସବ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଶାନ୍ତିସ୍ତୂପର ସମ୍ପାଦକ ରଞ୍ଜନ କୁମାର ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ମନ୍ତ୍ରୀ ଅରବିନ୍ଦ ଢାଲି ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେହିଭଳି ପରିବେଶବିତ୍ ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ଭୁବନେଶ୍ୱର ଉତ୍ତରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଧୁ ଭୂଷଣ ପଟ୍ଟନାୟକ, ସୁଚିସ୍ମିତା ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୨୨ ଜଣଙ୍କୁ ବିବିଧ କ୍ଷେତ୍ରରେ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିମାନ ଦୁର୍ଘଟଣାରେ ମୃତକଙ୍କ ପାଇଁ ତିଳତର୍ପଣ

ଭୁବନେଶ୍ୱର, ୧୩।୬(ସମିସ): ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ମୃତକଙ୍କ ନିମନ୍ତେ ବିନ୍ଦୁସାଗରର ଶ୍ରାଦ୍ଧଘାଟରେ ସେବା ପ୍ରତିନିଧିର ମୁଖ୍ୟ ସଙ୍ଗଠକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ତିଳତର୍ପଣ ଓ ଦୀପଦାନ କରାଯାଇଥିଲା। ସଭାରେ ଗିରିଜା ଶଙ୍କର ମହାପାତ୍ର, ତାରା ଚରଣ ଆଚାର୍ଯ୍ୟ, ଅଶୋକ କୁମାର ମହାରଣା, ହୃଷୀକେଶ ବେହେରା, ସୌଦାମିନୀ ସାମଲ, ସ୍ନେହଲତା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ନିହାର ପଟ୍ଟନାୟକଙ୍କୁ 'ନୀଳକଣ୍ଠ ମିଶ୍ର ଶିକ୍ଷା ସମ୍ମାନ'



ଭୁବନେଶ୍ୱର, ୧୩।୬(ସମିସ): ବୁଦ୍ଧମନ୍ଦିର ପରିସରରେ ନୀଳକଣ୍ଠ ମିଶ୍ର ସେବା ପ୍ରତିଷ୍ଠାନ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ନୀଳକଣ୍ଠ ମିଶ୍ରଙ୍କ ୨୦ ତମ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଐତିହାସିକ ତଥା ଶିକ୍ଷାବିତ୍ ପ୍ରଫେସର୍ ନିହାର ରଞ୍ଜନ ପଟ୍ଟନାୟକଙ୍କ ସମେତ ୫ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଶିବ ନାରାୟଣ ମିଶ୍ରଙ୍କ ପୌରୋହିତ୍ୟ ଓ ସଭାପତି ଡ. ଦିଲୀପ ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ଉପସଭାପତି ଗୋଲକ ଚନ୍ଦ୍ର ମହାପାତ୍ର, ବରିଷ୍ଠ ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀ ଯୋଗଦେଇ ସ୍ୱର୍ଗତ ନୀଳକଣ୍ଠ ମିଶ୍ର ଯୋଗ ଦେଇଥିଲେ। ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଡ. ସୁରେନ୍ଦ୍ର ନାଥ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ବିମାନ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ଅମର ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସର୍ବନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୨୦୫୦ ସୁଦ୍ଧା ୧୯%କୁ ବୃଦ୍ଧିପାଇବ ବୟସ୍କଙ୍କ ସଂଖ୍ୟା

ଭୁବନେଶ୍ୱର, ୧୩।୬(ସମିସ): ୨୦୨୫ ସୁଦ୍ଧା, ଭାରତୀୟ ଜନସଂଖ୍ୟାର ପ୍ରାୟ ୧୨% ହେଉଛନ୍ତି ୬୦ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର, ଯାହା ୨୦୫୦ ସୁଦ୍ଧା ୧୯% କୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଠିକ୍ ଏହି ସମୟରେ, ଭାରତ ବିଶ୍ୱର ସର୍ବାଧିକ ଯୁବ ଜନସଂଖ୍ୟାର ଦେଶ ହେବାର ଗୌରବ ମଧ୍ୟ ହାସଲ କରିଛି। ଯେଉଁଠାରେ ୧୫-୨୯ ବର୍ଷ ବୟସର ୩୬୫ ନିୟୁତରୁ ଅଧିକ ବ୍ୟକ୍ତି ଅଛନ୍ତି ବୋଲି ବିଶ୍ୱ ବୟସ୍କ ନିର୍ଯାତନା ସଚେତନତା ଦିବସ (ଜୁନ୍ ୧୫) ପାଳନ କରିବା ଅବସରରେ, ହେଲ୍ପଏଜ୍ ଇଣ୍ଡିଆ ପକ୍ଷରୁ ଉନ୍ମୋଚିତ 'ଅଣ୍ଡରଷ୍ଟାଣ୍ଡିଂ ଇଣ୍ଟରଜେନେରେସନାଲ ଡାଇନାମିକ୍ସ ଆଣ୍ଡ ପର୍ସେପସନ୍ସ ଅନ୍ ଏଜିଂ' ଦ' ରିପୋର୍ଟ (ଇଣ୍ଡିଆ ଇଣ୍ଟରଜେନେରେସନାଲ ବଣ୍ଡସ୍-ଆଇଏନବିଓ ରିପୋର୍ଟ) ରୁ ଜଣାପଡ଼ିଛି। ଏହି ଜାତୀୟ ଅଧ୍ୟୟନ ୧୦ଟି ମେଟ୍ରୋ ଏବଂ ଅଣ-ମେଟ୍ରୋ ସହର (ଦିଲ୍ଲୀ, ମୁମ୍ବାଇ, କୋଲକାତା, ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ, ଅହମ୍ମଦାବାଦ, କାନପୁର, ନାଗପୁର ଏବଂ ମଦୁରାଇ)ରେ କରାଯାଇଥିଲା। ହେଲ୍ପଏଜ୍ ଇଣ୍ଡିଆ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦୁର୍ବ୍ୟବହାର ସଚେତନତା ଦିବସ ଶୁକ୍ରବାର ବୁଦ୍ଧମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏହାର ଜାତୀୟ ବାର୍ଷିକ ରିପୋର୍ଟକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ରିପୋର୍ଟରୁ ଜଣାପଡ଼ିଛି ଯେ, ଯଦିଓ ପିଢ଼ିଗତ ଯୋଗାଯୋଗର ୮୮% ସମ୍ମାସାମ୍ନି ଆଲୋଚନା ଦ୍ୱାରା ହୋଇଥାଏ, ତଥାପି ଡିଜିଟାଲ୍ ବିଭାଜନ ଏକ ପ୍ରତିବନ୍ଧକ ଭାବେ ରହିଛି। ୭୧% ବୟସ୍କ ସାଧାରଣ ଫୋନ୍ ବ୍ୟବହାର କରୁଥିବା ବେଳେ, କେବଳ ୪୧% ପାଖରେ ସ୍ମାର୍ଟଫୋନ୍ ଅଛି। ସେହିପରି ୧୩% ଇଣ୍ଟରନେଟ୍ କିମ୍ବା ସୋସିଆଲ ମିଡିଆ ବ୍ୟବହାର କରୁଥିବା ବେଳେ ୫% ବୟସ୍କ ଅନଲାଇନ୍ ବ୍ୟାଙ୍କିଂ କିମ୍ବା ସ୍ୱାସ୍ଥ୍ୟ ଆପ୍ ଭଳି ସେବାଗୁଡ଼ିକୁ ପ୍ରବେଶ କରନ୍ତି। ତେବେ ୧୪% ବୟସ୍କ କୌଣସି ଡିଜିଟାଲ୍ ଉପକରଣ ବ୍ୟବହାର କରୁନଥିବା ଏହି ରିପୋର୍ଟରୁ ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ଷ୍ଟେଟ୍ କନଭେନର ମଧୁ ସୂଦନ ଦାସ, ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ବିଭାଗ ଆଡିସିନାଲ ଡାଇରେକ୍ଟର ଡ. ପୁଷ୍ପିତା ମହାନ୍ତି, ସୋଆ ଡିନ୍ ଡ. ସନ୍ତୋଷ ରାଉତ, ଏଏମ୍‌ଏନଏସ୍ ସିଏସଆର ମୁଖ୍ୟ ବିକାଶ ଯାଉବେନ୍ଦୁ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ହେଲପଏଜ୍ ଇଣ୍ଡିଆର ଓଡ଼ିଶା ମୁଖ୍ୟ ଭାରତୀ ଚକ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



- ୨୦୨୫ ସୁଦ୍ଧା ଭାରତୀୟ ଜନସଂଖ୍ୟାର ୧୨% ହେଉଛନ୍ତି ବୟସ୍କ
- ଇଣ୍ଡିଆ ଇଣ୍ଟରଜେନେରେସନାଲ ବଣ୍ଡସ୍-ଆଇଏନ୍‌ବିଓ ରିପୋର୍ଟ ଉନ୍ମୋଚିତ

# ପୂର୍ବତନ ବିଧାୟକ ବିଶ୍ୱନାଥ ସାହୁଙ୍କ ଜନ୍ମ ଶତବାର୍ଷିକୀ ସ୍ମୃତି କମିଟି ଗଠିତ

ବ୍ରହ୍ମପୁର,୧୩।୬(ସମିସ): ପ୍ରଖ୍ୟାତ କମ୍ୟୁନିଷ୍ଟ ନେତା, ସ୍ୱାଧୀନତା ସଂଗ୍ରାମୀ ତଥା ଛତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀର ଦୁଇଥର ବିଧାୟକ ରହିଥିବା ବିଶ୍ୱନାଥ ସାହୁଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ବ୍ରହ୍ମପୁରଠାରେ ଏକ ରାଜ୍ୟସ୍ତରୀୟ ସ୍ମୃତି କମିଟି ଗଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଭଗବାନ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ନବଗଠିତ ଏହି ଶତବାର୍ଷିକୀ ସ୍ମୃତି କମିଟିରେ ପ୍ରଫୁଲ୍ଲ ସାମନ୍ତରା ସଭାପତି, ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ଼ି ସମ୍ପାଦକ, ବରିଷ୍ଠ ସାମ୍ବାଦିକ ରବି ରଥ ଉପସଭାପତି ଏବଂ ଆଇନଜୀବୀ ଅବନୀଗୟା ସହ ସମ୍ପାଦକ ଭାବେ ମନୋନୀତ ହୋଇଥିବା ବେଳେ ସର୍ବଶ୍ରୀ ସମାଜବିଜ୍ଞାନୀ ଭଗବାନ ସାହୁ, ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ସିପିଆଇର ଜିଲ୍ଲା ସମ୍ପାଦକ ପ୍ରକାଶ ପାତ୍ର, ସିପିଏମ୍ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, ବାମପନ୍ଥୀ ନେତା ଭାଲଚନ୍ଦ୍ର ଷଡ଼ଙ୍ଗୀ, କଂଗ୍ରେସ ନେତା ଦୀପକ ପଟ୍ଟନାୟକ, ସିପିଆଇର ଗୋକୁଳଚନ୍ଦ୍ର ପଣ୍ଡା, ଏନ୍. ଭାନୁମତୀ, ପ୍ରଗତିଶୀଳ ଲେଖିକା ଡ. ବିଧୁପ୍ରଭା ରଥ, ଆପ୍ ଜିଲ୍ଲା ସମ୍ପାଦକ ସୁବାସ ରାଉତ, ଲୋକନାଥ ପରିଡ଼ା, ବୃନ୍ଦାବନ ଖଟେଇ, ଗାଗାରିନ ନାୟକ, ବୃନ୍ଦାବନ ପଣ୍ଡା, ରବୀନ୍ଦ୍ର ନାୟକ ପ୍ରମୁଖ ସଦସ୍ୟ ଭାବେ ରହିଛନ୍ତି। ସେହିପରି ସ୍ମରଣିକା କମିଟିରେ ମୁଖ୍ୟ ଭାବେ ସୁଧୀର ପଟ୍ଟନାୟକ ଏବଂ ସଦସ୍ୟ ଭାବେ ସର୍ବଶ୍ରୀ ବିଘ୍ନେଶ୍ୱର ସାହୁ, ବରିଷ୍ଠ ସାମ୍ବାଦିକ ବି.ଚନ୍ଦ୍ରଶେଖର ରାଓ ପଟ୍ଟନାୟକ, ପ୍ରକାଶ ପାଣିଗ୍ରାହୀ, ଅଜିତ ସାହୁ, ଡ. ଲକ୍ଷ୍ମୀନାରାୟଣ ଦାଶ ପ୍ରମୁଖ ରହିଛନ୍ତି। ଆଗାମୀ ଜୁଲାଇ ୧୨ତାରିଖରେ କମ୍ୟୁନିଷ୍ଟ ନେତା ତଥା ପୂର୍ବତନ ବିଧାୟକ ବିଶ୍ୱନାଥ ସାହୁଙ୍କ ରାଜ୍ୟସ୍ତରୀୟ ଜନ୍ମ ଶତବାର୍ଷିକୀ ସମାରୋହ ବ୍ରହ୍ମପୁରଠାରେ ପାଳନ କରାଯିବାକୁ ସ୍ଥିରୀକୃତ ହୋଇଛି। ସ୍ମୃତିକମିଟିର ସଂଯୋଜକ ଭାବେ ବିଘ୍ନେଶ୍ୱର ସାହୁ ରହିଥିବା ବେଳେ ଶ୍ରୀ ସାହୁଙ୍କ ସମ୍ପର୍କିତ ଏକ ସ୍ମରଣିକା ପ୍ରକାଶ ସକାଶେ ୭୦୦୮୭୮୭୩୬୪ରେ ଯୋଗାଯୋଗ ଲାଗି ଅନୁରୋଧ କରାଯାଇଛି।

# ଜବରଦଖଲରେ ସହରର ଦୁଇ ପ୍ରମୁଖ ରାସ୍ତା; ସୃଷ୍ଟି କରୁଛି ସମସ୍ୟା





ବ୍ରହ୍ମପୁର,୧୩।୬(ସମିସ)

ବ୍ରହ୍ମପୁର ସହରର ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟାର ଅନ୍ୟତମ ପ୍ରମୁଖ କାରଣ ହେଉଛି ଜବରଦଖଲ। ସହରରେ ଜବରଦଖଲ ଏଭଳି ସ୍ଥିତିକୁ ଆସିଛି ଯେ ଜନସାଧାରଣ ଓ ଯାନବାହାନ ଯାତାୟତ ପାଇଁ ଉଦ୍ଦିଷ୍ଟ ରାସ୍ତାଘାଟ ଓ ନାଳକୁ ମଧ୍ୟ ଜବରଦଖଲ କରିବାକୁ ପଛାଇନାହାନ୍ତି ଲୋକେ। ଯାହା ସୃଷ୍ଟି କରିଛି ସମସ୍ତଙ୍କ ପାଇଁ ଜଟିଳ ପରିସ୍ଥିତି।

- ଘରୋଇ ବସ୍ ମାଲିକଙ୍କ ଅକ୍ତିଆରରେ ଷ୍ଟାଡିୟମ ପାର୍ଶ୍ୱ ଦୁଇପାଖିଆ ରାସ୍ତା
- ବେନିୟମ ପାର୍କିଂ ସ୍ଥଳ ପାଲଟିଛି 'ଭାବିନୀପୁର-ନୂଆ ବସଷ୍ଟାଣ୍ଡ' ବାଇପାସ ରାସ୍ତା
- ଲୋକଙ୍କ ସମସ୍ୟାର ସମାଧାନ ନେଇ କେବେ ଚେତିବ ପ୍ରଶାସନ?

ଲୋକଙ୍କ ସୁବିଧା ସହିତ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସହରର ଦୁଇଟି ପ୍ରମୁଖ ସ୍ଥାନରେ କୋଟି କୋଟି ଟଙ୍କା ବ୍ୟୟରେ ପୃଥକ ପୃଥକ ଦୁଇପାଖିଆ ରାସ୍ତା ନିର୍ମାଣ କରାଯାଇଥିଲା। ଗୋଟିଏ ବ୍ରହ୍ମପୁର ମହାତ୍ମାଗାନ୍ଧୀ ଷ୍ଟାଡିୟମ ସଂଲଗ୍ନ ତଥା ଖଲାସି ସାହି ସ୍ଥିତ ରାସ୍ତା ଓ ଅନ୍ୟଟି ହେଉଛି ଭାବିନୀପୁର-ନୂଆ ବସଷ୍ଟାଣ୍ଡ ବାଇପାସ ରାସ୍ତା। ଉଭୟ ରାସ୍ତା କ୍ରମଶଃ ଗାଡିମାଲିକଙ୍କ ଜବରଦଖଲରେ ରହିଛି। ଦିନରାତି ୨୪ଘଣ୍ଟା ରାସ୍ତାର ଉଭୟ ପାଶ୍ୱର୍ରେ ବସ, ଟ୍ରକ ଠାରୁ ଆରମ୍ଭ କରି ଚାରିଚକିଆ ଯାନକୁ ଅବାଧରେ ପାର୍କିଂ କରୁଥିବା ଦେଖିବାକୁ ମିଳୁଛି। ଯାହା ଜନସାଧାରଣଙ୍କ ଯାତାୟତରେ ଏପରିକି ସହରର ଟ୍ରାଫିକ ସମସ୍ୟାକୁ ଜଟିଳ କରୁଛି। ସବୁଠାରୁ ବଡକଥା ଏହି ସମସ୍ୟା ଯେ କାହାକୁ ଅଛପା ଏହା ମଧ୍ୟ ନୁହେଁ। ହେଲେ ସମସ୍ତେ ସବୁଜାଣି ଚୁପ୍ ରହିଛନ୍ତି ବୋଲି ଅଭିଯୋଗ ହୋଇଛି। ବ୍ରହ୍ମପୁର ମହାନଗର ନିଗମ ହେଉ ଅଥବା ପୁଲିସ ପ୍ରଶାସନ ଉଭୟେ ଏକ୍ଷେତ୍ରରେ ନୀରବଦ୍ରଷ୍ଟା ସାଜିଛନ୍ତି।

ଘଟଣାକୁ ନେଇ ନିଜର ପ୍ରତିକ୍ରିୟା ରଖିଛନ୍ତି ବ୍ରହ୍ମପୁର ମେୟର ଶ୍ରୀମତି ସଂଘମିତ୍ରା ଦଳେଇ। ଏଭଳି ଅଭିଯୋଗକୁ ନେଇ ବିଏମସି ପକ୍ଷରୁ ପୁଲିସ ପ୍ରଶାସନ ସହିତ ଆଲୋଚନା କରାଯାଇଛି। ଗାଡିମାଲିକଙ୍କୁ ଏନେଇ ତାଗିଦ ମଧ୍ୟ କରାଯାଇଛି। ତେବେ ଫଲୋଅପ ଆକ୍ସନରେ ନିଶ୍ଚିତ ଭାବେ ଅବହେଳା ହୋଇଛି। ତୁରନ୍ତ ଏନେଇ ପୁନଃ ବ୍ରହ୍ମପୁର ଏସପିଙ୍କ ସହ ଆଲୋଚନା କରି କିଭଳି ସମସ୍ୟାର ସମାଧାନ ହେବ ଓ ଉଭୟ ରାସ୍ତାକୁ ଜବରଦଖଲ ମୁକ୍ତ କରାଯିବ ସେଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ମେୟର।

# ଗୁରୁକୃପା ସେବା ସମିତିର ଶୈବପୀଠ ସଫେଇ



ଦିଗପହଣ୍ଡି,୧୩।୬(ସମିସ): ଦିଗପହଣ୍ଡି ଗୁରୁକୃପା ସେବା ସମିତି ପକ୍ଷରୁ କୁଶପଡ଼ା ପଞ୍ଚାୟତ କମା ପଡ଼ିଆ ସ୍ଥିତ ଶ୍ରୀନୀଳକଣ୍ଠେଶ୍ୱର ଶୈବପୀଠ ପରିସରକୁ ସଫେଇ କରାଯାଇଛି। ଶୈବପୀଠ ପରିସରରେ ଥିବା ଅଳିଆ ଆବର୍ଜନା ଏବଂ ମନ୍ଦିର ଗର୍ଭ ଗୃହ ସଫେଇ କରାଯାଇଥିଲା। ସେବା ସମିତିର ମୁଖ୍ୟ ପଣ୍ଡିତ ଭବାନୀ ଶଙ୍କର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଅନ୍ୟତମ ପୁରୋହିତ ଚନ୍ଦନ ଦାସ, ଦିଗପହଣ୍ଡି ଏନଏସି କାଉନସିଲର ନୀଳମାଧବ ଗୌଡ଼, ସମିତିର କାର୍ଯ୍ୟକର୍ତ୍ତା ରବିନ୍ଦ୍ର ନାଥ ଡାକୁଆ, ମୃତ୍ୟୁଞ୍ଜୟ ପଣ୍ଡା, ଏ . ରାଜା ରାଓ, ଏଲ୍. ଭେଙ୍କଟ, ସୀମାଞ୍ଚଳ ପାଢ଼ୀ, ଦେବେନ୍ଦ୍ର ଚୌଧୁରୀ, ତାରକେଶ୍ୱର ଦୋରା, ଆଙ୍କୋରଡା ସରପଞ୍ଚ ପ୍ରତିନିଧି ଶିଶିର କୁମାର ପ୍ରଧାନ, ହୀନ ବିଷୋୟୀ, ସାମାଜିକ କର୍ମୀ ଲଲାଟେନ୍ଦୁ ପଧାନ, କୋରାମଣୀ ପ୍ରଧାନ, ବ୍ୟବସାୟୀ ଭି .ପ୍ରଶାନ୍ତ ରାଜୁ, ଗାନ୍ଧୀ ପ୍ରଧାନ, ବିରାଜ ସାବତ, ମନ୍ଦିର ପରିଚାଳନା କମିଟି ପକ୍ଷରୁ ବସନ୍ତ ପଟ୍ଟନାୟକ, ଅମ୍ବିକା ପ୍ରସାଦ ସେଠୀ, ଯୁଧିଷ୍ଠିର ଦୋରାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ସଫେଇ କାର୍ଯ୍ୟରେ ସାମିଲ ଥିଲେ।

# ବିକଶିତ କୃଷି ସଂକଳ୍ପ ଅଭିଯାନ



ଧରାକୋଟ,୧୩।୫(ସମିସ): ଧରାକୋଟ ବ୍ଲକର ମଛାକୋଟରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷକ କଲ୍ୟାଣ ଯୋଜନା ସମ୍ପର୍କରେ ଚାଷୀମାନଙ୍କୁ ସଚେତନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରା ସଭାପତିତ୍ୱ କରିଥିଲାବେଳେ ଆଇଆଇଡବ୍ଲୁଏମର ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ଗୃହ ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ, ସହକାରୀ କୃଷି ଅଧିକାରୀ ଅନିଲ କୁମାର ବେହେରା, ସରପଞ୍ଚ ମଙ୍ଗୁଲୁ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଉପସ୍ଥିତ ଅଧିକାରୀ ମାନେ କାର୍ଯ୍ୟକ୍ରମରେ ଭାଗ ନେଇଥିବା ପ୍ରାୟ ୨୦୦ରୁ ଅଧିକ ଚାଷୀଙ୍କୁ ନୂତନ ବିହନର କିସମ ସମ୍ପର୍କରେ ସଚେତନତା ସହ କୃଷି ସମସ୍ୟାର ସମାଧାନ, ଚାଷୀ ପଞ୍ଜିକରଣ, ଭୂମୀ ପରୀକ୍ଷଣ, ଜୈବିକ ପଦ୍ଧତିର ଉପଯୋଗ କରି ଚାଷ କରିବା ଉପରେ ଆଲୋକପାତ କରିଥିଲେ।

# ସ୍କୁଲରୁ ଚୋରି ମାମଲାରେ ୨ ଗିରଫ

ବ୍ରହ୍ମପୁର,୧୩।୬(ସମିସ): ବ୍ରହ୍ମପୁର ଫାଷ୍ଟଗେଟ ଠାରେ ଥିବା କେଭି ଲାଇନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଲମିରା ଭାଙ୍ଗି ନଗଦ ଟଙ୍କା ଓ ୫ଟି ଦାମୀ ଟାବଲେଟ୍ ଚୋରି ଘଟଣାରେ ବଡ଼ବଜାର ଥାନା ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ରାଉ ସୁକୁଣ୍ଡାର ନରସିଂହ ସାହୁ(୧୯) ଓ ଫାଷ୍ଟଗେଟର ଅମିତ କୁମାର ପ୍ରଧାନ(୨୧)।

ସୂଚନାପ୍ରକାରେ, ଗତ ଏପ୍ରିଲ ୨୯ ତାରିଖ ରାତିରେ ଏହି ସ୍କୁଲର ତାଲା ବନ୍ଦ ରହିଥିଲା। ହେଲେ ସକାଳୁ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ସ୍କୁଲରେ ପହଞ୍ଚି ଅଫିସ ରୁମ ଖୋଲିବା ପରେ ରାତିରେ କୌଣସି ଦୁର୍ବୃତ୍ତ ତା' ଭିତରେ ପଶିଥିବା ସନ୍ଦେହ ହୋଇଥିଲା। ଅଫିସ ରୁମ ଟେବୁଲ ଉପରେ ଥିବା ବିଭିନ୍ନ କାଗଜପତ୍ର ଓ ଷ୍ଟେସନାରୀ ସାମଗ୍ରୀ ଏପଟେ ସେପଟେ ହୋଇ ପଡିଥିଲା। ଅଫିସ ରୁମର ଝରକା ଭଙ୍ଗା ଯାଇଥିବା ବେଳେ ଆଲମିରା ଭଙ୍ଗା ଯାଇଥିବା ଶିକ୍ଷକମାନେ ଦେଖିଥିଲେ। ଯାଞ୍ଚ ପରେ ଆଲମିରା ଭିତରେ ଥିବା ୫ଟି ଟାବଲେଟ୍ ଓ ନଗଦ ୭୮୦୦ ଟଙ୍କା ଗାଏବ ରହିଥିଲା। କୌଣସି ଦୁର୍ବୃତ୍ତ ସ୍କୁଲ ଭିତରେ ପଶି ଅଫିସର ରୁମର ଝରକା ଭାଙ୍ଗି ଭିତରକୁ ପଶିବା ପରେ ଆଲମିରା ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଯାଇଥିବା ସ୍ପଷ୍ଟ ହୋଇଥିଲା। ଏନେଇ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଳା ଦାଶ ବଡ଼ବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ଅଭିଯୁକ୍ତ ନରିସଂହ ଓ ଅମିତ ସ୍କୁଲ ଭିତରକୁ ଯାଇ ଟାବଲେଟ ଓ ଟଙ୍କା ଚୋରି କରିଥିବା ପୁଲିସ ସ୍ପଷ୍ଟ ହୋଇଥିଲା। ଆଜି ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

# ଷଣ୍ଢକୁ ଧକ୍କା ଦେଇ ଯୁବକ ଗୁରୁତର

ସାନଖେମୁଣ୍ଡି,୧୩।୬(ସମିସ): ଆସିକା-ଦିଗପହଣ୍ଡି ମୁଖ୍ୟ ରାସ୍ତା ଶ୍ରୀଚନ୍ଦନପୁର ଗ୍ରାମ ନିକଟରେ ଷଣ୍ଢକୁ ଧକ୍କା ଦେଇ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଯୁବକ ଜଣଙ୍କ ହେଲେ କେ.ନୂଆଗାଁ ଥାନା ଖମାରୀଗାଁର ରବୀନ୍ଦ୍ର ପଣ୍ଡା। ସୂଚନା ମୁତାବକ ରବୀନ୍ଦ୍ର ଶେରଗଡ଼ ଥାନା ବରିକୋଟ ଗ୍ରାମରେ ବିବାହ କରିଥିବା ବେଳେ ତାଙ୍କ ଝିଅଙ୍କ ଦେହ ଖରାପ ଥିବା ହେତୁ ଶେରଗଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିଲେ। ଏନେଇ ରବୀନ୍ଦ୍ର ଖବର ପାଇବା ପରେ ଶେରଗଡ଼ ଡାକ୍ତରଖାନାରେ ପହଞ୍ଚି ଦେଖିବା ପରେ ନିଜ ଗାଁକୁ ବାଇକ୍‌ରେ ଫେରୁଥିବା ବେଳେ ଶ୍ରୀଚନ୍ଦନପୁର ଗ୍ରାମ ନିକଟ ରାସ୍ତାରେ ଷଣ୍ଢକୁ ଧକ୍କା ଦେଇଥିଲେ। ଫଳରେ ତଳେ ପଡ଼ି ଖଣ୍ଡିଆଖାବରା ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଶେରଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରବୀନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

# ସିପିଆଇ ପକ୍ଷରୁ ଆଲୋଚନା ସଭା

ଦିଗପହଣ୍ଡି,୧୩।୬(ସମିସ): ଦିଗପହଣ୍ଡି ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ସିପିଆଇ) କାର୍ଯ୍ୟାଳୟରେ ପାର୍ଟିର ବଡ଼ଖେମୁଣ୍ଡି ଜୋନାଲ କମିଟି ପକ୍ଷରୁ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ରମେଶ ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶ୍ରମିକ ସଂଗଠନ ଏଆଇଟିୟୁସିର ଗଞ୍ଜାମ ଜିଲ୍ଲା ସମ୍ପାଦକ ଅଳକ ନାଥ ମିଶ୍ର ଯୋଗଦେଇ କେନ୍ଦ୍ର ଓ ରାଜ୍ୟର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ସମ୍ପର୍କରେ ସବିଶେଷ ଆଲୋଚନା କରିବା ସହ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି, ସରକାରଙ୍କ ଚାଷୀମାରଣ ନୀତି, ବେରୋଜଗାର, ଅଚଳ ଜଳସେଚନ ପ୍ରକଳ୍ପ ଗୁଡ଼ିକର ମରାମତି, ଗ୍ରାମାଞ୍ଚଳରେ ପାନୀୟଜଳ ସମସ୍ୟାର ସ୍ଥାୟୀ ସମାଧାନ ଏବଂ ସମସ୍ତ ବୃଦ୍ଧା ବୃଦ୍ଧ ଓ ଭିନ୍ନକ୍ଷମଙ୍କୁ ଭତ୍ତା, ଗରିବ ଅସହାୟଙ୍କୁ ଚିହ୍ନଟ କରି ସେମାନଙ୍କୁ ଖାଉଟି କାର୍ଡ ପ୍ରଦାନ ଦାବିରେ ପାର୍ଟି ପକ୍ଷରୁ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବାକୁ ଆହ୍ୱାନ ଦେଇଥିଲେ। ସଭାରେ ଜୋନାଲ କମିଟି ସହ ସମ୍ପାଦକ ତପନ କୁମାର ମିଶ୍ର, ପ୍ରଦୀପ ପରିଡ଼ା, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ଗୌରୀ ଶଙ୍କର ସାହୁ, ବାରିକ ବେହେରା, କାଳୁ ବାଡ଼ତ୍ୟା, ପ୍ରମୋଦ ପାତ୍ର, ଆର.ପୂର୍ଣ୍ଣ, ଜି.କୃଷ୍ଣ, କାହ୍ନୁ ସ୍ୱାଇଁ, ରବି ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଲାଞ୍ଚ ନେଇ ସିବିଆଇ ହାତରେ ଧରାପଡିଲେ ଇପିଏଫ୍ଓ କାର୍ଯ୍ୟାଳୟ ପିଆର୍ଓ

ବ୍ରହ୍ମପୁର,୧୩।୬(ସମିସ): ଜଣେ ଯୁବକଙ୍କ ଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଇ ସିବିଆଇ ହାତରେ ଧରାପଡ଼ିଛନ୍ତି ବ୍ରହ୍ମପୁର ଇପିଏଫ୍ଓ ରିଜିଓନାଲ ଅଫିସ୍ ପିଆରଓ ଅନୀଲ ପତି। ସିବିଆଇ ଅଧିକାରୀମାନେ ତାଙ୍କୁ ଲାଞ୍ଜିପଲ୍ଲୀ ଅଞ୍ଚଳରୁ କାବୁ କରିବା ପରେ ପଚରାଉଚରା ପାଇଁ କୌଣସି ଅଜଣା ସ୍ଥାନକୁ ନେଇଯାଇଛନ୍ତି। ଅନୀଲଙ୍କ ଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ ହୋଇଛି।

ସୂଚନାପ୍ରକାରେ, ଗଞ୍ଜାମ ଜିଲ୍ଲାର ଜଣେ ଯୁବକ ଏକାଧିକ କମ୍ପାନୀ ପରିଚାଳନା କରୁଥିବା ବେଳେ ଇପିଏଫ୍ଓ ପକ୍ଷରୁ ଡିଜିଟାଲ ଦସ୍ତଖତ ଆବଶ୍ୟକ ଥିଲା। ସେ ବ୍ରହ୍ମପୁର ଗେଟ୍‌ବଜାର ସ୍ଥିତ ପାଏଲ ହଲ୍ ନିକଟରେ ଥିବା ଇପିଏଫ୍ଓ ଆଞ୍ଚଳିକ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ହେଲେ ଯୁବକଙ୍କ ଡିଜିଟାଲ୍ ଦସ୍ତଖତ ପ୍ରଦାନ କରିବା ଦିଗରେ ଇପିଏଫ୍ଓ କାର୍ଯ୍ୟାଳୟର ପିଆର୍ଓ ଜଣଙ୍କ ଦିନ ଗଡ଼ାଇ ଚାଲିଥିଲେ। ଯୁବକ ଜଣଙ୍କ ଆଜକୁ ୩ ମାସ ହେବ ଇପିଏଫ୍ଓ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ ତାଙ୍କ କାମ ହୋଇପାରୁନଥିଲା। ଏପଟେ ଗୋଟିଏ କମ୍ପାନୀ ପାଇଁ ଡିଜିଟାଲ ଦସ୍ତଖତ ମଞ୍ଜୁର କରିବାକୁ ଏହି କାର୍ଯ୍ୟାଳୟର ପିଆର୍ଓ ଜଣଙ୍କ ୫ ହଜାର ଲେଖାଏଁ ଲାଞ୍ଚ ମାଗିଥିଲେ। ସେହିକ୍ରମରେ ଯୁବକଙ୍କୁ ଲକ୍ଷାଧିକ ଟଙ୍କା ଲାଞ୍ଚ ଦାବି କରିଥିଲେ। ତେବେ ୧୦ ହଜାର ଟଙ୍କା ଲାଞ୍ଚ ନେଇ ପ୍ରଥମେ ୨ଟି କମ୍ପାନୀର କାମ କରିଦେବାକୁ ଯୁବକ ଜଣଙ୍କ ଅନୁରୋଧ କରିଥିଲେ। ଏଥିରେ ପିଆରଓ ଅନୀଲ ରାଜି ହୋଇଥିଲେ। ଏପଟେ ବାରମ୍ବାର କାର୍ଯ୍ୟାଳୟକୁ ଦୌଡି ନିରାଶ ହୋଇ ସାରିଥିବା ଯୁବକ ଜଣଙ୍କ ଘଟଣାକୁ ନେଇ ସିବିଆଇ ନିକଟରେ ଅଭିଯୋଗ କରିଥିଲେ।

ପୂର୍ବ ଯୋଜନା ମୁତାବକ ଯୁବକ ଜଣଙ୍କ ଆଜି ଲାଞ୍ଜିପଲ୍ଲୀ ଫାଣ୍ଡି ଛକଠାରେ ଏକ ଜଳଖିଆ ଦୋକାନରେ ପିଆର୍ଓ ଅନୀଲ ପତିଙ୍କୁ ସାକ୍ଷାତ କରିଥିଲେ। ସେଠାରେ ଉଭୟ ଜଳଖିଆ ଖାଇବା ପରେ ଅନୀଲଙ୍କ ଦାବି ମୁତାବକ ତାଙ୍କୁ ୧୦ ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ସେଠାରେ ଛପି ରହିଥିବା ସିବିଆଇ ଅଧିକାରୀମାନେ ଅନୀଲଙ୍କୁ ଲାଞ୍ଚ ଟଙ୍କା ସହ କାବୁ କରି ନେଇଥିଲେ।

# ବିକାଶ ବାହନ ଶୁଭାରମ୍ଭ



ଆସିକା,୧୩।୬(ସମିସ): ଆସିକା ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ବିକାଶ ବାହନ ଶୁଭାରମ୍ଭ ହୋଇଛି। ଆସିକା ବିଡିଓ ଲିପିନା ଦାସଙ୍କ ସଂଯୋଜନାରେ ତହସିଲଦାର ସଙ୍ଗୀତା ସେଣ ଉପସ୍ଥିତ ରହି ରଥକୁ ଉଦ୍‌ଘାଟନ କରିଥିଲେ। ସିଡିପିଓ ଇନ୍ଦିରା ମହାପାତ୍ର, ବିଧାୟକଙ୍କ ପ୍ରତିନିଧି ସନ୍ଦୀପ ପାଢ଼ୀ, ସମିତି ଉପାଧ୍ୟକ୍ଷା ରେଶମା ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

# ଶଗୁନ ପଣ୍ଡା ହେଲେ ରଜରାଣୀ



ରାୟଗଡ଼ା, ୧୩।୬(ସମିସ): ରଜ ପର୍ବ ପାଳନ ଅବସରରେ ରାୟଗଡ଼ା ରଜ ରାଣୀ ୨୦୨୫ ପ୍ରଥମ ଥର ପାଇଁ ରାୟଗଡ଼ା ଟାଉନ ହଲ୍‌ଠାରେ ଭାରତୀ ନୃସିଂହ ଯୋଗ ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି। ଏଥିରେ ୧୫ ରୁ ୨୮ ବର୍ଷ ମଧ୍ୟରେ କୁମାରୀ ଝିଅମାନେ ଭାଗ ନେଇଥିଲେ। ଝିଅମାନଙ୍କର ପ୍ରତିଭାର ପରୀକ୍ଷା ସହ ଝୋଟି, ମେହେନ୍ଦି, ପୁଚି ଖେଳ, ସଙ୍ଗୀତ ଚୌକୀ ଭଳି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମରେ ମୋଟ ୨୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ମିସ ଶଗୁନ ପଣ୍ଡା ପ୍ରଥମ ସ୍ଥାନ ପାଇ ୨୦୨୫ ବର୍ଷର ରଜ ରାଣୀ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ରଚନା ମିଶାଇ ଓ ସେବତୀ ହୁଇକା ଦୁଇ ଜଣ ରନର୍ସ ଅପ୍ ହୋଇଥିଲେ। ପ୍ରଥମ ଦିନର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଡକ୍ଟର ରାଜେଶ ପାଢ଼ୀ, ସମ୍ମାନିତ ଅତିଥି ରୂପେ ପ୍ରଣତୀ ପାତ୍ରଓ ଲିନା ସେନାପତି ଯୋଗ ଦେଇଥିଲେ। ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅବସରପ୍ରାପ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପାତ୍ର ,ସମ୍ମାନିତ ଅତିଥି ରୂପେ ସମାଜସେବୀ ତଥା ବରିଷ୍ଠ ନାଗରିକ ସତ୍ୟବାଦୀ ପତି ଓ ନଗର ଉପାଧ୍ୟକ୍ଷା ସୁଭ୍ରା ପଣ୍ଡା ଏବଂ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅମନ ଝ ଓ ପ୍ରିତମ୍ ପାଣି ଉପସ୍ଥିତ ଥିଲେ।

# ଫିକା ପଡ଼ିଛି ରଜ ମଉଜ: ଆଧୁନିକତାର ଛାପରେ ହଜିଯାଇଛି ପରମ୍ପରା

ଶେରଗଡ଼,୧୩।୬(ସମିସ)



**ରାସ୍ତା କଡ଼ରେ ପଡିଛି ଦୋଳିର ପସରା**

ଫିକା ପଡିଛି ରଜ ମଉଜ। ଆଧୁନିକତାର ଛାପରେ ଅଧିକାଂଶ ଅଞ୍ଚଳରେ ସେହି ପାରମ୍ପରିକ ଦୋଳି ହଜିଯାଇଛି। ତଥାପି ଲୋକେ ପରମ୍ପରାକୁ ବଞ୍ଚାଇ ରଖିବା ଲାଗି ରଜ ପର୍ବରେ ଦୋଳି ଖେଳୁଛନ୍ତି। ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଏଭଳି ଭଳିକି ଭଳି ଗୀତ ଆଉ ଶୁଣିବାକୁ ମିଳୁନାହିଁ। ଗାଁ ଆମ୍ବ ତୋଟାରେ ଆଉ ପୂର୍ବ ଭଳି ଦୋଳି ବନ୍ଧା ହେଉନି। ବାଳିକାମାନେ ଆଉ ଦଳ ଦଳ ହୋଇ ରଜ ଦୋଳି ଖେଳର ମଜା ନେଉନାହାନ୍ତି। ହଜିଗଲାଣି ପୋଡ଼ ପିଠା। ମିଠା ପାନ ଏବେ ସାତ ସପନ। କେବଳ ରଜ ପର୍ବ ଯେ ନୁହେଁ, ଅନେକ ଓଡିଆ ପର୍ବପର୍ବାଣି ଏବେ ମୌଳିକତା ହରାଇଲାଣି। ଦିନ ଥିଲା ରଜ ପର୍ବ ଶେରଗଡ ତଥା ଏହାର ଆଖପାଖ ଗ୍ରାମାଞ୍ଚଳରେ ତିନି ଦିନ ଧରି ବେଶ ଉତ୍ସାହ ଓ ଉଦ୍ଦିପନାର ସହ ପାଳିତ ହେଉଥିଲା। ଛୋଟ ପିଲା କୁମାରୀ ମାନଙ୍କ ହାତରେ ମେହେନ୍ଦୀ ଓ ପାଦରେ ଅଳତା ଲଗାଇ ଗାଁ ତୋଟା ଓ ଘରେ ରଜ ଦୋଳି ଖେଳରେ ମସଗୁଲ ରହୁଥିଲେ। ଏବେ ସାମ୍ପ୍ରତିକ ପରିସ୍ଥିତିରେ ରଜ ପର୍ବ ପାଳିତ ହେଉଥିଲେ ମଧ୍ୟ ସେତେବେଳର ରଜ ଏବଂ ଏବେକାର ରଜ ମଧ୍ୟରେ ଅନେକ ଫରକ ଦେଖିବାକୁ ମିଳୁଛି। ନା ଅଛି ଝଙ୍କାଳିଆ ଆମ୍ବ ଗଛ ନା ବରଗଛ ନା ଅଛି ତୋଟା। ବନ୍ଧା ହେଉନି ରଜ ଦୋଳି। ପୋଡ ପିଠା ତିଆରି ଲାଗି ଆଉ କାଠ ଚୁଲି ଦେଖିବାକୁ ମିଳୁନାହିଁ। ଆଧୁନିକତାର ଛାପ ପ୍ରାୟ ଓଡିଆ ପର୍ବପର୍ବାଣିକୁ ଗ୍ରାସ କରିସାରିଥିବା ବେଳେ ରଜ ପର୍ବ ମଧ୍ୟ ତାହାର ଅସ୍ତିତ୍ୱ ହରାଇବାକୁ ବସିଛି। ଆଜିର ବଜାରୀକରଣ ଯୁଗରେ ରଜ ପର୍ବ କେବଳ ଏକ ପୁରୁଣା ଛାପ ହୋଇ ରହିଯିବା ସମ୍ଭାବନାକୁ ଏଡାଇ ହେବ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି।

# ରୋଗରେ ପୀଡ଼ିତ ସୁରେଶଙ୍କୁ ସହାୟତାର ହାତ ବଢ଼ାଇଲେ ମାଲକାନଗିରି ପୌର ଅଧ୍ୟକ୍ଷ

ମାଲକାନଗିରି, ୧୩।୬(ସମିସ): ମାଲକାନଗିରି ସହର ବଣ୍ଡାବାକୁଲି ସାହି ନିବାସୀ ସୁରେଶ ଚନ୍ଦ୍ର ନାୟକ ଖାଦ୍ୟ ନଳୀ ରୋଗରେ ଆକ୍ରାନ୍ତ ହୋଇ ଦୀର୍ଘ ଦିନ ଧରି ବ୍ରହ୍ମପୁର ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ଖବର ପାଇ ମାଲକାନଗିରି ପୌର ପରିଷଦ ଅଧ୍ୟକ୍ଷ ମନୋଜ କୁମାର ବାରିକ ଏବଂ କାଉନ୍‌ସିଲର ରାଜୁ ସୀସାଙ୍କ ସହ ରୋଗରେ ପୀଡ଼ିତ ସୁରେଶ ଚନ୍ଦ୍ର ନାୟକଙ୍କ ମାତା ପିତା ପାଖରେ ପହଞ୍ଚି ସହାୟତାର ହାତ ବଢ଼ାଇବା ସହ ସୁରେଶଙ୍କ ଉତ୍ତମ ଚିକିତ୍ସା ନିମନ୍ତେ ୧୫ ହଜାର ଟଙ୍କା ଅର୍ଥ ରାଶି ସୁରେଶଙ୍କ ମାତାପିତାଙ୍କୁ ପ୍ରଦାନ କରିଛନ୍ତି। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ପ୍ରଶାନ୍ତିଲତ ବିଶୋଇ , ବିଜେଡି ମାଲକାନଗିରି ବ୍ଲକ ସଭାପତି ସର୍ବ ବିଶୋଇ , ଦେବେନ୍ଦ୍ର କୁମାର ନାୟକ ଏବଂ ଝାନ୍ସି ରାଣୀ ନାୟକଙ୍କ ଉପସ୍ଥିତିରେ ପ୍ରଦାନ କରିଛନ୍ତି। ଏଥିରେ ରୋଗରେ ପୀଡିତ ସୁରେଶ ଚନ୍ଦ୍ର ନାୟକଙ୍କ ମାତା ପିତା ପୌର ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅସ୍ତ୍ରୋପଚାର ପାଇଁ ବହୁତ ଅର୍ଥ ଦରକାର ପଡୁଥିବାରୁ ସୁରେଶଙ୍କ ମାତା ପିତା ମାଲକାନଗିରି ଜନସାଧାରଣଙ୍କୁ କିଛି ଅର୍ଥ ରାଶି ସାହାଯ୍ୟ କରିବାକୁ ଅନୁରୋଧ କରିଛନ୍ତି।



# ଛାତ୍ରଛାତ୍ରୀଙ୍କୁ ବସ୍ ଭଡ଼ାରେ ରିଆତି ଦାବି



ଢେଙ୍କାନାଳ, ୧୩।୬(ସମିସ): ଢେଙ୍କାନାଳ ଜିଲ୍ଲା ଛାତ୍ର କଂଗ୍ରେସ ସଂଗଠନ ଏନଏସ୍‌ୟୁଆଇ ତରଫରୁ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ଯାତାୟାତ ସମୟରେ ସରକାରୀ ପରିବହନ ବ୍ୟବସ୍ଥାରେ ମାଗଣା ଏବଂ ଘରୋଇ ପରିବହନରେ ୫୦ ପ୍ରତିଶତ ରିଆତି ସୁବିଧା ଯୋଗାଇଦେବା ନିମନ୍ତେ ସରକାରଙ୍କ ନିକଟରେ ଦାବି କରାଯାଇଛି। ଗାଁ ଗଣ୍ଡାରୁ ଗରିବ, ନିମ୍ନ ମଧ୍ୟବିତ୍ତ ପରିବାରର ଛାତ୍ରଛାତ୍ରୀମାନେ ସହରାଞ୍ଚଳରେ ଥିବା ଶିକ୍ଷାନୁଷ୍ଠାନକୁ ଯିବାରେ ବସ ଭଡ଼ା ବାଧକ ସାଜୁଛି। ଏହି ଖର୍ଚ୍ଚ ତୁଲାଇପାରୁ ନ ଥିବା ଛାତ୍ରଛାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ଛାତ୍ର କଂଗ୍ରେସ ସଭ୍ୟ ହାପି କୁମାର ସାହୁଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ବିରାଟ ପଟୁଆରରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ବାହାରି ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏହି ଦାବିପତ୍ର ପଠାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ ଦାଶ, ପିସିସି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ, ପ୍ରିୟବ୍ରତ ସାସମଲ, ବିଶ୍ୱଭୂଷଣ ନାୟକ, ସୌମ୍ୟରଞ୍ଜନ ନାୟକ, ଆୟୁଷ୍ମାନ ପଟ୍ଟନାୟକ, ଆଦିତ୍ୟ ରାଉଳ, ନୃସିଂହ ନନ୍ଦ, ପ୍ରୀତିକୁମାର ବାରିକ, ଅଭିଷେକ ରାଉଳ, ସତ୍ୟବ୍ରତ ମିତ୍ର, ଅନିଲ କୁମାର ସାହୁ, ସଚ୍ଚିଦାନନ୍ଦ ନନ୍ଦ, ମଳୟ କୁମାର ବେହେରା, ସତ୍ୟନାରାୟଣ ବେହେରା, ଶକ୍ତିପ୍ରସାଦ ବେହେରା, ଦେବରାଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

**ବାଣୀଶ୍ରୀ ଯୋଜନା**

# ଭୁବନ ବ୍ଲକରେ ୪୨୫ ଭିନ୍ନକ୍ଷମ, ପାଉଛନ୍ତି ମାତ୍ର ୨୧୦ ହିତାଧିକାରୀ

ଭୁବନ, ୧୩।୬(ସମିସ)

ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକରେ ୪୨୫ ଭିନ୍ନକ୍ଷମ ରହିଥିବା ବେଳେ ୨୧୦ଜଣ ବାଣୀଶ୍ରୀ ଯୋଜନାରେ ସରକାରଙ୍କଠାରୁ ସହାୟତା ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଭିନ୍ନକ୍ଷମମାନଙ୍କୁ ଏହି ସହାୟତା ପ୍ରଦାନ କରାଯାଉଥିବା ବେଳେ ସେମାନେ ଅଧିକାଂଶ ଯୋଜନା ସମ୍ପର୍କରେ କୌଣସି ସୂଚନା ପାଉ ନ ଥିବା ଅଭିଯୋଗ ହୋଇଛି।

ଗତବର୍ଷଠାରୁ ରାଜ୍ୟ ସରକାର ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଭିନ୍ନକ୍ଷମ ମେଧାବୀ ଛାତ୍ରଛାତ୍ରୀଙ୍କୁ ବାଣୀଶ୍ରୀ ଯୋଜନାରେ ସାମିଲ କରି ବାର୍ଷିକ ପ୍ରୋତ୍ସାହନ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ପିଲାଙ୍କୁ ସ୍କୁଲ ମୁହାଁ କରାଇବା ସହିତ ଡ୍ରପ୍‌ଆଉଟ୍ ସମସ୍ୟା ଦୂର କରିବା ପାଇଁ ଏହି ଯୋଜନା ଆରମ୍ଭ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଭୁବନ ବ୍ଲକର ୨୧୦ ଛାତ୍ରଛାତ୍ରୀଙ୍କୁ ଯୋଜନାରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ବ୍ଲକରେ ୧୪୫ ବିଦ୍ୟାଳୟ ମଧ୍ୟରୁ ୫୦ଟି ପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ୬୭ଟି ଉଚ୍ଚ ପ୍ରାଥମିକ ଏବଂ ୨୯ଟି ସରକାରୀ ଉଚ୍ଚ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟଗୁଡ଼ିକରେ ୪୨୫ରୁ ଅଧିକ ଭିନ୍ନକ୍ଷମ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ସେଥିମଧ୍ୟରୁ ୫୬ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଥିବା ଛାତ୍ରଛାତ୍ରୀ ଏହି ଯୋଜନାରେ ସାମିଲ ହେବାକୁ ଆବେଦନ କରିଥିଲେ। ବ୍ଲକର ମୋଟ ୨୨୦ ପିଲା ବାଣୀଶ୍ରୀ ଯୋଜନାନାରେ ଆବେଦନ କରିଥିଲେ ଓ ସମସ୍ତଙ୍କୁ ମନୋନୀତ କରାଯାଇଛି। ଡିବିଟି ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଖାତାକୁ ଏହି ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ଅବଶିଷ୍ଟ ୧୦ ପିଲାଙ୍କର ଆବଶ୍ୟକ କାଗଜପତ୍ର ନ ଥିବାରୁ ଯୋଜନାରୁ ବାଦ ପଡ଼ିଥିବା ଜଣାପଡ଼ିଛି। ଏହି ଯୋଜନାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୪ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଉଥିବା ବେଳେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ବାର୍ଷିକ ୫ହଜାର ଟଙ୍କା ଦେବାର ନିୟମ ରହିଛି। ତେବେ ସଚେତନତା ଅଭାବରୁ ବହୁ ଭିନ୍ନକ୍ଷମ ଛାତ୍ରଛାତ୍ରୀ ବାଣୀଶ୍ରୀ ଯୋଜନାରେ ପ୍ରୋତ୍ସାହନ ରାଶି ପାଇବାକୁ ଆବେଦନ କରି ନ ଥିବା ଅଭିଯୋଗ ହୋଇଛି। ଏ ନେଇ ଭୁବନ ବ୍ଲକ ଦାୟିତ୍ୱରେ ଥିବା ବିଜନ କୁମାର ମିଶ୍ରଙ୍କୁ ପଚାରିବାରୁ କହିଲେ, ଆବେଦନ କରିଥିବା ପ୍ରାୟ ସମସ୍ତ ପିଲା ଯୋଜନାରେ ଉପକୃତ ହୋଇଥିବା ବେଳେ କାଗଜପତ୍ର ପାଇଁ କେତେଜଣ ବାଦ୍ ପଡ଼ିଛନ୍ତି। ଶିକ୍ଷାବର୍ଷ ଆରମ୍ଭରୁ ବାଣୀଶ୍ରୀ ଯୋଜନା ସମ୍ପର୍କରେ ପିଲାଙ୍କୁ ଅବଗତ କରାଯାଉଥିବା ବେଳେ ଆଗାମୀ ଦିନରେ ଏ ନେଇ ଅଧିକ ସଚେତନ କରାଯିବ ବୋଲି ସେ କହିଛନ୍ତି।

# ବିଜେପିର ମଣ୍ଡଳସ୍ତରୀୟ ବୈଠକ

ଢେଙ୍କାନାଳ, ୧୩।୬(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସାଆନ୍ଦା କଲ୍ୟାଣ ମଣ୍ଡପରେ ବିଜେପିର ମଣ୍ଡଳସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଭାରତ ସରକାରଙ୍କ ୧୧ ବର୍ଷ ଏବଂ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ପରଜଙ୍ଗ ବିଧାନସଭା କ୍ଷେତ୍ର ପରଜଙ୍ଗ ଓ ସାଆନ୍ଦା ମଣ୍ଡଳର କର୍ମକର୍ତ୍ତାଙ୍କୁ ନେଇ ବୈଠକ ହୋଇଥିଲା। ମୁଖ୍ୟଅତିଥି ଭାବେ ପରଜଙ୍ଗ ବିଧାୟକ ତଥା ବିଧାନସଭା ସ୍ଥାୟୀ କମିଟି ଅଧ୍ୟକ୍ଷ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ରାଜ୍ୟ ଯୁବ ସମ୍ପାଦକ ଦୀପକ ଗୋଚ୍ଛାୟତ, ପୂର୍ବତନ ପରଜଙ୍ଗ ବ୍ଲକ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ନାୟକ, ବରିଷ୍ଠ ନାଗରିକ ହେମନ୍ତ କୁମାର ସାମଲ, ମଣ୍ଡଳ ସଭାପତି ଦୁର୍ଗାଚରଣ ନାୟକ, ରମେଶ ସାହୁ, ବ୍ଲକ ସଭାପତି ସନ୍ତୋଷ କୁମାର ସାହୁ, ସମାଜସେବୀ ପ୍ରଶାନ୍ତ ଦଳବେହେରା, ମହିଳା ନେତ୍ରୀ ବନଜାଲତା ମହାନ୍ତିଙ୍କ ସମେତ ପରଜଙ୍ଗ ଓ ସାଆନ୍ଦା ମଣ୍ଡଳର ବହୁ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଶିବିରରୁ ୧୧୯ ୟୁନିଟ୍ ରକ୍ତ ସଂଗ୍ରହ



ଢେଙ୍କାନାଳ, ୧୩।୬(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଲୁଣି ଗ୍ରାମ ମହାବୀର କ୍ଲବ୍ ପରିସରରେ ମହାବୀର କ୍ଲବ୍ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ସଦର ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରିୟବ୍ରତ ଦାଶ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଶିବିରରେ ୧୧୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। କ୍ଲବ୍ ସଭାପତି ଦେବେନ ପ୍ରଧାନ, ଚନ୍ଦନ ସାହୁ, ସୁବାସ କୁମାର ପ୍ରଧାନ, ପ୍ରତାପ ବେହେରା, ପ୍ରକାଶ ବେହେରା, ପ୍ରଦୀପ କୁମାର ସାହୁ, ଅକ୍ଷୟ କୁମାର ସାହୁ, ବିକ୍ରମ ସାହୁ, ରତ୍ନାକର ସାହୁ, ରାକେଶ ସାହୁ, କମଳାକାନ୍ତ ବେହେରା, ମନୋଜ କୁମାର ସାହୁ, କାର୍ତ୍ତିକ ମହାରଣା, ଶଶିକାନ୍ତ ବେହେରା, ଚିନ୍ମୟ ଓଝା, ପରେଶ କୁମାର ସାହୁ, ସିପୁ ସାହୁ, ପ୍ରଶାନ୍ତ କୁମାର ସାହୁ, ବିକାଶ କୁମାର ସାହୁ, ସୁରେଶ ନାଥ, ଆଲୋକ ସାହୁ, ପ୍ରଦ୍ୟୁମ୍ନ ସାହୁ, ସନ୍ତୋଷ କୁମାର ସାହୁ, ସୁବାସ ନାଥ, ଦିଲୀପ କୁମାର ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଢେଙ୍କାନାଳ ରକ୍ତଭଣ୍ଡାରର ପରମାନନ୍ଦ ପଣ୍ଡା, ଲାବ୍ ଟେକ୍ନିସିଆନ୍ ରାକେଶ କୁମାର ବେହେରା, ଅଭିମନ୍ୟୁ ସାହୁ, ବିନୋଦିନୀ ଯୋଗାଣିଆ ଓ ତପନ କୁମାର ଜେନା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଢେଙ୍କାନାଳ ବଜରଙ୍ଗ କ୍ଲବ୍ ସହାୟତାରେ ଶିବିର ଆୟୋଜିତ ହୋଇଥିଲା।

# ଅନୁଦାନ ଦାବିରେ ବେସରକାରୀ ଅଧ୍ୟାପକ କର୍ମଚାରୀଙ୍କ ଧାରଣା



ଢେଙ୍କାନାଳ, ୧୩।୬(ସମିସ): ସମାନ କାମକୁ ସମାନ ଦରମା ଓ ଚାକିରି ସର୍ତ୍ତାବଳୀ ଦାବିରେ ଢେଙ୍କାନାଳ ଜିଲ୍ଲା ବେସରକାରୀ ଅଧ୍ୟାପକ କର୍ମଚାରୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଶ୍ୱରଞ୍ଜନ ଦାସଙ୍କ ଆହ୍ୱାନ କ୍ରମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୨ଘଣ୍ଟିଆ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା। ରାଜ୍ୟର ବିଭିନ୍ନ ଅନୁଦାନପ୍ରାପ୍ତ ଏବଂ ଅଣଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ୨୦୦୮ ଜୁନ ୧ରୁ ୨୦୧୮ ଜୁନ ୧ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ରାଜ୍ୟ ସରକାର ସରକାରୀ ଅନୁଦାନ ପରିସରଭୁକ୍ତ କରିବାକୁ ଦାବି କରାଯାଇଛି। ସ୍ଥାୟୀ କମିଟି-୪ର ସୁପାରିସ କ୍ରମେ ସରକାର ୨୦୦୮ରୁ ୨୦୧୮ ଅନୁଦାନ ପ୍ରଦାନ ନିମିତ୍ତ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଥିଲେ। ୨୦୨୫ ମାର୍ଚ୍ଚରୁ କମିଟିର ୩ ମାସ କାର୍ଯ୍ୟକାଳ ରହିଥିଲେ ମଧ୍ୟ କମିଟି କୌଣସି ନିର୍ଯ୍ୟାସରେ ପହଞ୍ଚିପାରିଲା ନାହିଁ। ବାରମ୍ବାର ମନ୍ତ୍ରୀ, ବିଧାୟକ ଏବଂ ସଚିବମାନଙ୍କୁ ଦାବିପତ୍ର ପ୍ରଦାନ ପୂର୍ବକ ଆଲୋଚନା କଲେ ମଧ୍ୟ ଅର୍ଥାଭାବ ଆଳ ଦେଖାଇ ସମସ୍ତେ ସମୟ ଗଡ଼ାଇ ଚାଲିଛନ୍ତି। ସାରା ରାଜ୍ୟରେ ସରକାରଙ୍କ ଶିକ୍ଷା ଓ ଶିକ୍ଷକମାରଣ ନୀତି ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଲୋକଙ୍କ ସରକାର ଲୋକମତକୁ ସମ୍ମାନ ଦେଇ ୨୦୦୮ରୁ ୨୦୧୮ ପର୍ଯ୍ୟନ୍ତ ନୂତନ ଅନୁଦାନ ନୀତି ପୋଷଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ରତର ଏବଂ ଭୟାବହ କରାଯିବ ଓ ଏଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦିଆଯାଇଛି। ଢେଙ୍କାନାଳ ଜିଲ୍ଲା ସଂଯୋଜକ ପ୍ରଦୀପ କୁମାର ମାଝୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଧାରଣାରେ ସୁଧାଂଶୁ ଓଝା, ସୁନୀଲ କୁମାର ଦାସ, ଆଶିଷ କୁମାର ପଣ୍ଡା, ନନ୍ଦିନୀ ବାରିକ, ବିକ୍ରମ ସାହୁ ପ୍ରମୁଖ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନେ ସାମିଲ ହୋଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

**■ ପରକୀୟା ପ୍ରୀତି ସନ୍ଦେହରୁ ଝଗଡ଼ା**

# ସ୍ତ୍ରୀକୁ ତଣ୍ଟିଚିପି ହତ୍ୟାକଲା ସ୍ୱାମୀ



ପରଜଙ୍ଗ, ୧୩।୬(ସମିସ): ପରକୀୟା ପ୍ରୀତିକୁ ସନ୍ଦେହରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହିଥିବା ବେଳେ ସ୍ତ୍ରୀକୁ ତଣ୍ଟିଚିପି ହତ୍ୟା କରିଛି ସ୍ୱାମୀ। ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବଜାରରେ ଗୁରୁବାର ବିଳମ୍ବିତ ରାତିରେ ଘଟିଛି ଏହି ହତ୍ୟାକାଣ୍ଡ। ମୃତକ ହେଲେ ଗ୍ରାମର ଦିଲେଶ୍ୱର ବେହେରାଙ୍କ ସ୍ତ୍ରୀ ଅଞ୍ଜଳି।

ଅଁଳାକଟା ଗ୍ରାମର ଭଦ୍ର ବେହେରାଙ୍କ ପୁଅ ଦିଲେଶ୍ୱର ପ୍ରାୟ ୧୧ ବର୍ଷ ତଳେ ପରଜଙ୍ଗ ବ୍ଲକ ତଥା କାମାକ୍ଷାନଗର ଥାନା ଅନ୍ତର୍ଗତ ଜୟପୁରାକାଟେଣି ଗ୍ରାମର ଅର୍ଜୁନ ଖିଲାରଙ୍କ ଝିଅ ଅଞ୍ଜଳିଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସେମାନଙ୍କର ଗୋଟିଏ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ଦିଲେଶ୍ୱର ପରଜଙ୍ଗ ବଜାର ନିକଟ କଲ୍ୟାଣ ମଣ୍ଡପ ସମ୍ମୁଖରେ ଅଞ୍ଜଳିଙ୍କ ସହଯୋଗରେ ଏକ ଜଳଖିଆ ଦୋକାନ କରିଥିଲେ। ଦୋକାନରୁ ଭଲ ରୋଜଗାର ହେଉଥିଲେ ମଧ୍ୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସବୁବେଳେ ମନୋମାଳିନ୍ୟ ହୋଇଆସୁଥିଲା। ଦିଲେଶ୍ୱର ଅନ୍ୟ ମହିଳାଙ୍କ ସହ ସମ୍ପର୍କ ରଖିଥିବା ସନ୍ଦେହ କରି ଅଞ୍ଜଳି ସବୁବେଳେ ତାଙ୍କୁ ବାରଣ କରିଆସୁଥିଲା। ଫଳରେ ଉଭୟଙ୍କ ମଧ୍ୟରେ ସବୁବେଳେ କଳହ ସୃଷ୍ଟି ହେଉଥିଲା। ଗୁରୁବାର ରାତିରେ ଦୋକାନରେ ପୁଣି ଝଗଡ଼ା ହେବାରୁ ଦିଲେଶ୍ୱର ଉତ୍ତ୍ୟକ୍ତ ହୋଇ ଅଞ୍ଜଳିଙ୍କୁ ତଣ୍ଟିଚିପି ହତ୍ୟା କରିଥିଲେ। ରାତାରାତି ମୃତଦେହ ଗାଁକୁ ନେଇ ଅଞ୍ଜଳିଙ୍କ ମୃତ୍ୟୁ ହୋଇଥିବା ଶଶୁର ଘରକୁ ଫୋନ୍ ମାଧ୍ୟମରେ ଜଣାଇଥିଲେ। ଅଞ୍ଜଳିଙ୍କ ବାପଘର ଲୋକେ ଅଁଳାକଟା ଗ୍ରାମରେ ପହଞ୍ଚି ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ ପ୍ରକଟ କରିଥଇଲେ। ଏ ନେଇ ବାପଘର ଲୋକେ ପରଜଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ପଣସ ଖାଇଲା, ଘର ଭାଙ୍ଗିଲା ଦନ୍ତା

ପରଜଙ୍ଗ, ୧୩।୬(ସମିସ): ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ପରଜଙ୍ଗ ପଞ୍ଚାୟତ ଗଣ୍ଡତଇଲା ହରିଜନ ବସ୍ତିରେ ଗୁରୁବାର ବିଳମ୍ବିତ ରାତିରେ ଏକ ଦନ୍ତା ଉପଦ୍ରବ କରିଥିବା ଜଣାପଡ଼ିଛି। ବାଡ଼ିରେ ଥିବା ପଣସ ଖାଇବା ପରେ ଦନ୍ତା ଘର ଭାଙ୍ଗିଦେଇଛି।



ହରିଜନ ସାହି ନିକଟ ବାରବାଙ୍କ ଜଙ୍ଗଲରେ ଦିନସାରା ଆଶ୍ରୟ ନେଇ ସନ୍ଧ୍ୟା ହେଲେ ଏହି ଦନ୍ତାହାତୀ ଏ ଗାଁରୁ ସେ ଗାଁରେ ପଶି କ୍ଷୟକ୍ଷତି ଘଟାଚାଲିଛି। ଗୁରୁବାର ରାତିରେ ସାହିର ନିରଞ୍ଜନ ନାଏକ ଓ ଗୀତାଞ୍ଜଳି ନାଏକଙ୍କ ବାଡ଼ିରେ ପଶି ଆମ୍ବ ପଣସ ଖାଇ ଘର ଆଡ଼କୁ ଚାଲି ଆସିଥିଲା। କବାଟ ନ ଥିବା ଝାଟିମାଟି ଆଜବେଷ୍ଟସ ଛପର ଘରେ ପରିବାର ଲୋକେ ଶୋଇଥିବା ବେଳେ ଦନ୍ତା ବାହାର ପଟୁ ଗର୍ଜନ କରି କାନ୍ଥ ଭାଙ୍ଗିବା ଆରମ୍ଭ କରିଥିଲା। ପାଖ ପଡ଼ୋଶୀ ଲୋକେ ଦନ୍ତାକୁ ଦେଖି ଚିତ୍କାର କରିବାରୁ ନିକଟସ୍ଥ ଜଙ୍ଗଲକୁ ପଳାଇ ଯାଇଥିଲା। ସାହିର ଲୋକମାନେ ଭୟରେ ରାତିସାରା ଉଜାଗର ରହିଥିବା ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ଦନ୍ତାର ଗତିବିଧି ଉପରେ ନଜର ରଖିଥିଲେ। ତେବେ ଦନ୍ତା କବଳରୁ ନିରଞ୍ଜନ ଓ ଗୀତାଞ୍ଜଳିଙ୍କ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି।

# ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ ଦାବି

ଢେଙ୍କାନାଳ, ୧୩।୬(ସମିସ): ଢେଙ୍କାନାଳ ଜିଲ୍ଲା ଭାରତୀୟକ୍ଷେତ ମଜଦୁର ୟୁନିୟନ (ବିକେଏମ୍‌ୟୁ) ଜିଲ୍ଲା ପରିଷଦ ତରଫରୁ ଶ୍ରମିକ ପରିଚୟପତ୍ର ପ୍ରଦାନ କରିବାକୁ ଦାବି ହୋଇଛି। ନିର୍ମାଣ ଶ୍ରମିକ ପରିଚୟପତ୍ର ପାଇବା ପାଇଁ ଜନସେବା କେନ୍ଦ୍ରରେ ଦରଖାସ୍ତ କରୁଥିବା ବେଳେ ସେମାନେ ଅଧିକ ଟଙ୍କା ଦାବି କରୁଛନ୍ତି। ନିର୍ମାଣ ଶ୍ରମିକ ଏବଂ କୃଷି ଶ୍ରମିକଙ୍କୁ ପରିଚୟପତ୍ର ପ୍ରତି ଗ୍ରାମରୁ ତଦନ୍ତ କରି ଦିଆଯିବାକୁ ଦାବି କରାଯାଇଛି। ଅଣ ସଂଗଠିତ ବିଭିନ୍ନ ବର୍ଗର ଶ୍ରମିକମାନଙ୍କ ଉନ୍ନତି ପାଇଁ କଲ୍ୟାଣ ବୋର୍ଡ ଗଠନ, ତୁରନ୍ତ ପରିଚୟପତ୍ର ପ୍ରଦାନ କରିବାକୁ ଦାବି କରାଯାଇଛି। ସେହିପରି ଜନଗଣନା ସମୟରେ ପ୍ରତି ପରିବାରରେ ସଦସ୍ୟ ସଂଖ୍ୟା ସହ କି ପ୍ରକାର କାର୍ଯ୍ୟ କରନ୍ତି, ସେମାନଙ୍କ ମାସିକ ଆୟ ବିଷୟକୁ ଧ୍ୟାନ ଦେଇ କାର୍ଯ୍ୟ କଲେ ଦାରିଦ୍ର୍ୟ ହଟିପାରିବ ବୋଲି କୁହାଯାଇଛି। ବିକେଏମ୍‌ୟୁ ସମ୍ପାଦକ ରବି ରଥ ଓ ରାଜ୍ୟ ସଭ୍ୟ ପ୍ରଫୁଲ୍ଲ କୁମାର ନାଏକ ଏ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।



**ବିଜେପିର ବର୍ଷ ପୂର୍ତ୍ତି ପାଳନ**

# ବିକାଶ ବାହାନ ପରିକ୍ରମାର ଶୁଭାରମ୍ଭ







ଢେଙ୍କାନାଳ, ୧୩।୬(ସମିସ)

ରାଜ୍ୟରେ ବିଜେପି ସରକାର ଗଠନର ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ବାହାନର ଶୁଭାରମ୍ଭ କରାଯାଇଛି। ସରକାରୀ ଯୋଜନାର କାର୍ଯ୍ୟକାରିତା, ଏଥିରେ ହିତାଧିକାରୀଙ୍କ ସହଯୋଗ ଓ ଭାଗୀଦାରି ଉପରେ ଲୋକଙ୍କୁ ସଚେତନ କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳବିଭାଗ ପକ୍ଷରୁ ଏହି ବାହାନ ପରିକ୍ରମାର ଶୁଭାରମ୍ଭ ହୋଇଛି। ଗୁରୁବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟରେ ପୂଜାର୍ଚ୍ଚନା ପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବାହାନଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପୌର ପରିଷଦ ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ୪ ବିକାଶ ବାହାନ ଜିଲ୍ଲାର ସମସ୍ତ ବ୍ଲକ ଏବଂ ପୌରାଞ୍ଚଳରେ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରାଇବ। ଏହାଦ୍ୱାରା ଅଧିକରୁ ଅଧିକ ହିତାଧିକାରୀ ବିଭିନ୍ନ ଯୋଜନାରେ ସାମିଲ ହୋଇ ରାଜ୍ୟର ଦ୍ରୁତ ବିକାଶରେ ସହଯୋଗ କରିପାରିବେ ବୋଲି କୁହାଯାଇଛି।

ସେହିପରି ଢେଙ୍କାନାଳ ଜିଲ୍ଲା ବିଜେପି ତରଫରୁ ବିଜେପି ସରକାରଙ୍କ ଏକବର୍ଷ ପୂର୍ତ୍ତି ଅବସରରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଛି। ଏଥିରେ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ବର୍ଷକ ମଧ୍ୟରେ ସରକାରଙ୍କ ବିଭିନ୍ନ ଉପଲବ୍ଧି ବଖାଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ନବକିଶୋର ଗୁରୁ, ସୁନୀଲ ଶର୍ମାଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

**ହିନ୍ଦୋଳ:** ଢେଙ୍କନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ହିନ୍ଦୋଳ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିକାଶ ବାହାନ ପରିକ୍ରମା ଶୁଭାରମ୍ଭ କାର୍ଯ୍ୟକ୍ରମ ଭିଡିଓ କନଫରେନସିଂ ମାଧ୍ୟମରେ ଅନୁଷ୍ଠିତ ହୋଇଛି। ସାଂସଦ ରୁଦ୍ରନାରାୟଣ ପାଣି ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ବିଡିଓ ସୌରଭ କଲ୍ୟାଣ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକ, ଉପାଧ୍ୟକ୍ଷ ବରୁଣ କୁମାର ସର, ହିନ୍ଦୋଳ ଏନଏସି ଅଧ୍ୟକ୍ଷ କେଶବ ଚନ୍ଦ୍ର ପ୍ରଧାନ, ଏନଏସି ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ବେହେରା, ଏବିଡିଓ ଜ୍ୟୋତିରଞ୍ଜନ ପ୍ରଧାନ, ସିଡିପିଓ ବିଦ୍ୟୁତପ୍ରଭା ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ବିକାଶ ବାହାନ ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା କଲ୍ୟାଣକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବ ବୋଲି ମୁଖ୍ୟଅତିଥି ପାଣି କହିଛନ୍ତି। ଏହି ଅବସରରେ ସେ ହିନ୍ଦୋଳ ଏନ୍‌ଏସି ୫ନଂ ୱାର୍ଡର ପରଲୋକଗତ ହେମନ୍ତ କୁମାର ପତି ଓ ଗତିକୃଷ୍ଣ ବେହେରାଙ୍କ ଘରକୁ ଯାଇ ସେମନଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଥିଲେ। ଗସ୍ତ ସମୟରେ ସାଂସଦଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି, ବିଜେପି ରାଜ୍ୟପରିଷଦ ସଦସ୍ୟ ଅଜୟ କୁମାର ଦାଶଙ୍କ ସମେତ ହେମନ୍ତ କୁମାର ପାଣିଗ୍ରାହୀ, ଧରଣୀଧର ପାଳ, ସନ୍ତୋଷ ବେହେରା, କାଉନସିଲର ଦୀପକ ବିଶ୍ୱାଳ, ଶରତ ଭୁଟିଆ, ଆଇନଜୀବୀ କ୍ଷୀତୀଶ ସର, ମହେଶ୍ୱର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ନୂତନ ଅବକାରୀ କାର୍ଯ୍ୟାଳୟ କୋଠା କାହାପାଇଁ !

ଗଁଦିଆ, ୧୩।୬(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅବକାରୀ ବିଭାଗର ଭଡ଼ାଘର ପ୍ରୀତିକୁ ନେଇ ବେଶ ଚର୍ଚ୍ଚା ହେଉଛି। ବିଭାଗ ପାଇଁ ଏକ ନୂତନ କାର୍ଯ୍ୟାଳୟ କୋଠା ନିର୍ମାଣ ହୋଇଥଲେ ମଧ୍ୟ ବିଦ୍ୟୁତ ନ ଥିବା ଆଳ ଦେଖାଇ ଦୀର୍ଘଦିନ ଧରି ହାତଗଣତି ଦୁଇରୁ ତିନି ବଖରା ଭଡ଼ାଘରେ କାର୍ଯ୍ୟାଳୟ ଚାଲିଛି।

**● ଭଡ଼ାଘରେ ଚାଲିଛି କାର୍ଯ୍ୟ**

ଦୀର୍ଘ ୧୦ବର୍ଷ ହେବ ଉକ୍ତ ବ୍ଲକରେ ନୂତନ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହୋଇଥିଲା। ସେ ସମୟରେ କାର୍ଯ୍ୟାଳୟ ପାଇଁ ନିଜସ୍ୱ ଗୃହ ନ ଥିବାରୁ ଭଡ଼ା ଘରେ ବିଭାଗ କାର୍ଯ୍ୟ ଆରମ୍ଭ କରିଥଲା। କିନ୍ତୁ ୩ବର୍ଷ ହେଲା ବିଭାଗ ପାଇଁ ୧୯ ମାଇଲ ଛକରେ ଏକ ନୂତନ କୋଠ ନିର୍ମାଣ ହୋଇସାରିଥିବା ସ୍ଥଳେ ଏବେ ବି ସେହି ଭଡ଼ାଘରେ କାର୍ଯ୍ୟାଳୟ ଚାଲିଛି। ନୂତନ କୋଠ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଆଗାମୀ ଦିନରେ ଏହା ଭୂତକୋଠିରେ ପରିଣତ ହେବା ଆଶଙ୍କା ରହିଛି। ସରକାର ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ନୂତନ କାର୍ଯ୍ୟାଳୟ କୋଠ ନିର୍ମାଣ କରିଥିବା ବେଳେ ବିଭାଗ ପ୍ରତି ବର୍ଷ ଲକ୍ଷାଧିକ ଟଙ୍କା ଘରଭଡ଼ା ବାବଦରେ ସ୍ୱାହା କରିଚାଲିଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ସୁନିତା କେରକେଟାଙ୍କୁ ଯୋଗାଯୋଗ କରିବାରୁ ସେ କୁହନ୍ତି ପ୍ରମୁଖ ସମସ୍ୟା ହୋଉଛି ବିଦ୍ୟୁତ ସଂଯୋଗୀକରଣ। ଉକ୍ତ କାର୍ଯ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ ହୋଇପାରୁ ନ ଥିବାରୁ ନୂତନ କୋଠରେ କାର୍ଯ୍ୟ କରିବା ସମ୍ଭବ ହେଉନାହିଁ। ଅପର ପକ୍ଷରେ ବିଦ୍ୟୁତ ବିଭାଗ ସହ ଯୋଗାଯୋଗ କରିବାରୁ ବିଭାଗୀୟ ଅଧିକାରୀ କୁହନ୍ତି ଯେ ଅବକାରୀ ବିଭାଗ ବିଧିବଦ୍ଧ ଭାବେ ବିଦ୍ୟୁତ ସଂଯୋଗ ପାଇଁ ଆବେଦନ କରିନାହିଁ। ନୂତନ କୋଠାରେ ସରକାର ଅର୍ଥ ବିନିଯୋଗ କରିଥିବା ବେଳେ ଅଧିକାରୀଙ୍କ ଅବହେଳା ଯୋଗୁଁ ସରକାର ଭଡ଼ା ଗଣୁଥିବା ଆଲୋଚନା ହେଉଛି।



# ଖବର ପ୍ରକାଶ ପରେ ନାଳସଫେଇ ଆରମ୍ଭ





**ବେପରୁଆ ଜଳସେଚନ ବିଭାଗ**

**ସମ୍ପୂର୍ଣ୍ଣ ହୋଇନି ସାଇଡ୍‌ୱାଲ ଓ ତଳ ସିମେଣ୍ଟକରଣ**

**କୋଟି କୋଟି ଟଙ୍କାରେ ହୋଇପାରୁନି ସ୍ଥାୟୀ ବ୍ୟବସ୍ଥା**

ସମ୍ବଲପୁର, ୧୩।୬(ସମିସ)

ସମ୍ବଲପୁରର ମୁଖ୍ୟ ନାଳ ଗୁଡ଼ିକରେ ଅବରୋଧ ହୋଇ ରହିଛି ଦଳ ଓ ଲଟାବୁଦା। ସହର ମଧ ଦେଇ ଯାଇଥିବା ତିନି ପ୍ରମୁଖ ନାଳ ଧୋବିଯୋର ନାଳା, ଟାଙ୍ଗନା ନାଳା ଓ ହରଡ଼ଯୋର ନାଳାରେ ଦଳ, ଲଟାବୁଦା ଏବଂ ଆବର୍ଜନା ଭର୍ତ୍ତି ହୋଇରହିଛି। ସହରର ଘରମାନଙ୍କରୁ ବାହାରୁଥିବା ଉଦ୍‌ବୃତ୍ତ ଦୂଷିତ ଜଳ ବର୍ଷତମାମ ପ୍ରବାହିତ ହେଉଥିବାବେଳେ ବର୍ଷା ଋତୁରେ ବର୍ଷାଜଳ ନିଷ୍କାସନ ପାଇଁ ଏହା ହିଁ ଏକମାତ୍ର ଜରିଆ। ଏହାର ସଫେଇ କରା ନଗଲେ ବର୍ଷାଜଳ ନିଷ୍କାସନ ହୋଇନପାରି କୃତ୍ରିମ ବନ୍ୟାରେ ବୁଡ଼ିବ ସମ୍ବଲପୁର। ପ୍ରତିବର୍ଷ ମୌସୁମୀ ଆସିବାର ପ୍ରାୟ ମାସକ ପୂର୍ବରୁ ଜଳସେଚନ ବିଭାଗ ଅଧିନରେ ଥିବା ଏହି ନାଳ ଗୁଡ଼ିକ ସଫା କରାଯାଇଥାଏ। କିନ୍ତୁ ଚଳିତବର୍ଷ ତାହାର ବ୍ୟତିକ୍ରମ ଦେଖାଯାଇଥିଲା। ବାରମ୍ବାର ଦୈନିକ 'ସକାଳ' ସହିତ ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରକାଶିତ ହେବାପରେ ମଧ ଜଳସେଚନ ବିଭାଗର ନିଦ ଭାଙ୍ଗିନଥିଲା। ମୌସୁମୀ ଓଡ଼ିଶା ଛୁଇଁବା ପରେ ବି କୌଣସି ତତ୍ପରତା ପ୍ରକାଶ ପାଇନଥିଲା। ଏପରିକି ଗତ ୬ ତାରିଖ ବନ୍ୟା ବାତ୍ୟା ମୁକାବିଲାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ହୋଇଥିବା ବୈଠକରେ ତିନି ମୁଖ୍ୟ ନାଳା ସଫେଇ ହୋଇନଥିବାରୁ ଜନପ୍ରତିନିଧିମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଦୁଇଦିନ ପୂର୍ବରୁ ଜଳସେଚନ ବିଭାଗ ପକ୍ଷରୁ ନାଳ ସଫେଇ କାମ ଆରମ୍ଭ ହୋଇଛି। କେବଳ ଦଳ ଓ ଲଟାବୁଦା ସଫା କରିଦିଆଯାଉଥିବାବେଳେ ତଳେ ବସି ରହିଥିବା ମାଟି ଓ ଆବର୍ଜନା କାଢୁନଥିବା ସାଧାରଣରେ ଅଭିଯୋଗ ହେଉଛି।

ଜଳସେଚନ ବିଭାଗ ଅଧୀନରେ ଥିବା ଧୋବିଯୋର, ଟାଙ୍ଗନା ନାଳା ଓ ହରଡ଼ଯୋର କୁଢ଼ କୁଢ଼ ଆବର୍ଜନା, ମାଟି ଓ ଲଟାବୁଦାରେ ପରିପୂର୍ଣ୍ଣ। ଏହାର ସଫେଇ ପାଇଁ ସ୍ଥାୟୀ ବ୍ୟବସ୍ଥା କରାଯାଉନାହିଁ। ପ୍ରତିବର୍ଷ ଟେଣ୍ଡର ଦିଆଯାଇ ଜେସିବି ସହାୟତାରେ ମାଟି ଓ ଆବର୍ଜନା ଉଠାଯାଇଥାଏ। ଏହି ନାଳା ଗୁଡ଼ିକ ସମ୍ବଲପୁର ସହର ମଧଦେଇ ଯାଇଥିବାରୁ ବର୍ଷାଋତୁରେ ଜଳ ନିଷ୍କାସିତ ହୋଇ ନ ପାରି ବସ୍ତି ଅଞ୍ଚଳ ତଥା ଘରଗୁଡ଼ିକରେ ପାଣି ପଶିଥାଏ। ଉଲ୍ଲେଖଯୋଗ୍ୟ ଯେ, ପ୍ରାୟ ୮ ବର୍ଷ ତଳେ ସରକାର ସ୍ଥାୟୀ ଭାବେ ନାଳା ଗୁଡ଼ିକର ସାଇଡ୍ ୱାଲ, ତଳ ସିମେଣ୍ଟକରଣ ଏବଂ ଆବର୍ଜନା ଓ ମାଟି ନପଡ଼ିବା ପାଇଁ ଉଚ୍ଚ ପାଚେରୀ ଆଦି କରିବାକୁ କେଇ କୋଟି ଟଙ୍କା ମଞ୍ଜୁର କରିଥିଲେ। କିନ୍ତୁ ଏହି କାର୍ଯ୍ୟ ସଠିକ୍ ଭାବେ କରାଯାଇନଥିବା କୁହାଯାଉଛି। ଏବେ ବି ପ୍ରତିବର୍ଷା ଋତୁରେ ଜେସିବି ଲଗାଇ ଦଳ ଓ ଲଟାବୁଦା ସଫା କରିବାକୁ ବାଧ ହେଉଛି ଜଳସେଚନ ବିଭାଗ।

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ୫୪୮.୨୩ କିଲୋମିଟର ଦୀର୍ଘ ନାଳ ରହିଛି। ବର୍ଷା ଋତୁ ଆସିବା ପୂର୍ବରୁ ସମସ୍ତ ନାଳରୁ ମାଟି, ଆବର୍ଜନା କାଢ଼ି ତା'କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥାଏ। ଏହାସହ ସହରର ବିଭିନ୍ନ ସ୍ଥାନରେ ବର୍ଷା ଜଳସ୍ରୋତ ଅବରୋଧ ଗୁଡ଼ିକୁ ହଟେଇ ନିଷ୍କାସନ ସୁଗମ କରାଯାଇଥାଏ। ବହୁ ସମୟରେ ନିଗମ କର୍ତ୍ତୃପକ୍ଷ ବାହାରୁ ସଫେଇ କର୍ମଚାରୀ ଓ ଅଧିକସଂଖ୍ୟକ ଟ୍ରାକ୍ଟର ଆଣି କରିଥାନ୍ତି। ଚଳିତବର୍ଷ ମଧ ନାଳ ଗୁଡ଼ିକର ମାଟିକଢ଼ା କାମ ଜୋରସୋରରେ ଚାଲିଛି। ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ କହିଛନ୍ତି, ନାଳ ଗୁଡ଼ିକରୁ ମାଟିକଢ଼ା ଓ ସଫେଇ କାମ ପ୍ରାୟ ୮୦ ପ୍ରତିଶତ ସରିଗଲାଣି। ଜଳସେଚନ ବିଭାଗ ମଧ ତିନି ମୁଖ୍ୟ ନାଳା ସଫେଇ ଆରମ୍ଭ କରିଛନ୍ତି। ତେବେ, ଡ୍ରେନ୍ ସଫା କରିବାପରେ ବି ବର୍ଷା ସମୟରେ ଆବର୍ଜନା ଯୋଗୁଁ ନାଳ ଅବରୋଧ ହୋଇଥାଏ। ଏଥିପାଇଁ ପ୍ରତି ୱାର୍ଡରେ ଜଳସ୍ରୋତ ଅବରୋଧ ସ୍ଥାନ ଚିହ୍ନଟ କରି ଅଧିକାରୀମାନଙ୍କୁ ସଜାଗ ରଖାଯାଇଛି।



କ୍ଷେତରାଜପୁରସ୍ଥିତ ବ୍ରହ୍ମାକୁମାରୀଜ୍‌ର ରାଜଯୋଗ ଶିକ୍ଷାକେନ୍ଦ୍ରରେ ତିନିଦିନିଆ ଗ୍ରୀଷ୍ମକାଳୀନ ଶିଶୁ ଶିବିର ଉଦ୍‌ଯାପିତ

## ନୂଆ ଘର ଦେବା ନାଁରେ ଠକେଇ, ଦୁଇ ଗିରଫ

**କୁଚିଣ୍ଡା, ୧୩।୬(ସମିସ):** ସନ୍ଧ୍ୟାରେ ଲଙ୍ଗପୋଷ ଗ୍ରାମବାସୀ ସନ୍ତୋଷ କୁମାର ନାଏକ ତାଙ୍କ ଘରେ ଘଟିଥିବା ଠକେଇ ଓ ଚୋରି ଘଟଣା ସମ୍ପର୍କରେ ଗତ୯ ତାରିଖରେ ମହୁଲପାଳି ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗ ଅନୁସାରେ, ସେହିଦିନ ସକାଳ ୧୦ଟା ସମୟରେ ଜଣେ ପୁରୁଷ ଓ ଜଣେ ମହିଳା ତାଙ୍କ ଘରକୁ ଆସି, ନୂଆ କଲୋନୀ ଘର ମିଳିବ କହି ଫଟୋ ତିଆରି କରିବା ପାଇଁ ଘରକୁ ପ୍ରବେଶ କରିଥିଲେ। ପୁରୁଷ ଜଣଙ୍କ ଘର ଭିତରକୁ ପଶିଯାଇ ଅଟାଚି ବ୍ୟାଗରୁ ୧, ୨୦, ୦୦୦ ଟଙ୍କା ନଗଦ, ସୁନା ହାର, ଚେନ୍, ଚାଁଦି ଚେନ୍, ଓ ପାଉଜି ଲୁଟି ଚମ୍ପଟ ହୋଇଯାନ୍ତି। ସିସିଟିଭି ଫୁଟେଜରେ ଅଭିଯୁକ୍ତମାନେ ବାଇକ୍‌ରେ ଘଟଣା ସ୍ଥଳକୁ ଆସିଥିଲେ। ମହୁଲପାଳି ପୁଲିସ ତଦନ୍ତ କରି ସୁନ୍ଦରଗଡ଼ ଜିଲ୍ଲା ସବଡେଗାର ସମୀର ସାହୁ(୪୨) ଓ ଦୁଙ୍ଗିନାଳାର ବିଜୟ ଖାଲ୍‌ଖୋର ସ୍ତ୍ରୀ ସଞ୍ଜୁଲା ଖାଲ୍‌ଖୋ (୪୦)କୁ ଗିରଫ କରି ଚୋରି ହୋଇଥିବା ସାମଗ୍ରୀ ତାଙ୍କ ଠାରୁ ଉଦ୍ଧାର କରିଛି। ଏନେଇ ମହୁଲପାଲି ଥାନା କେସ୍ ନଂ୭୫/୨୦୨୫ ମାମଲା ରୁଜୁ କରି ଆଇନୁସାରେ ପଦକ୍ଷେପ ଜାରି ରହିଥିବା ମହୁଲପାଲି ପୁଲିସ ପକ୍ଷରୁ ପ୍ରକାଶ।





## ସମ୍ବଲପୁରରେ ଏମ୍‌ସ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ସମ୍ବଲପୁର, ୧୩।୬ (ସମିସ):** ସମ୍ବଲପୁରରେ ଓଡ଼ିଶାର ଦ୍ୱିତୀୟ ଏମ୍‌ସ ସ୍ଥାପନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କୁ ଜନଚେତନା ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ଯଥାଶୀଘ୍ର କେନ୍ଦ୍ର ବଜେଟ୍‌ରେ ସମ୍ବଲପୁର ଏମ୍ସ ପାଇଁ ପାଣ୍ଠିର ବ୍ୟବସ୍ଥା କରିବାକୁ ଅନୁରୋଧ କରାଯାଇଛି। ବିଗତ ଦିନରେ ଏହି ନ୍ୟାର୍ଯ୍ୟ ଦାବିପାଇଁ ଉଭୟ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ନିଜର ସହମତି ଦେଇସାରିଛନ୍ତି ବୋଲି ମଞ୍ଚର ସଭାପତି ମାନସ ରଞ୍ଜନ ରଥ ସୂଚନା ଦେଇଛନ୍ତି। ସମ୍ବଲପୁରରେ ଏହା ସ୍ଥାପିତ ହେଲେ କିଭଳି ଭାବେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ ସେ ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବି ପତ୍ରର ନକଲ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ, କେନ୍ଦ୍ର ଶିକ୍ଷାମନ୍ତ୍ରୀ କାର୍ଯ୍ୟାଳୟ ଏବଂ ସମ୍ବଲପୁର ବିଧାୟକଙ୍କ କାର୍ଯ୍ୟାଳୟକୁ ପଠାଯାଇଥିବା ଜଣାପଡ଼ିଛି।

## ଆଜିଠୁ ପାନ୍ଥ ନିବାସରେ ରଜ ଉତ୍ସବ

**ସମ୍ବଲପୁର, ୧୩।୬ (ସମିସ) :** ସମ୍ବଲପୁର ପାନ୍ଥନିବାସରେ ଆସନ୍ତାକାଲିଠାରୁ ତିନିଦିନିଆ ରଜ ଉତ୍ସବ ପାଳିତ ହେବ। ଏହି ଅବସରରେ ଝିଅ ମାନଙ୍କ ଦୋଳି ଖେଳ ପାଇଁ ବ୍ୟବସ୍ଥା ରହିବ। ତା' ସହିତ ଷ୍ଟଲ ମାନଙ୍କରେ ରଜପିଠା, ପାରମ୍ପରିକ ପିଠା, ପାନ ଆଦି ଉପଲବ୍ଧ କରାଯିବ ବୋଲି ପାନ୍ଥନିବାସ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

**ଫ୍ଲାଏ ଓଭରରେ ନିମ୍ନମାନର କାମ, ବିପଦ ଦୁର୍ଗାପାଲି ବ୍ରିଜ**

## ତଦନ୍ତ କରିବାକୁ ଆରଡିସିଙ୍କ ନିର୍ଦ୍ଦେଶ

**ସମ୍ବଲପୁର, ୧୩।୬(ସମିସ):** ସମ୍ବଲପୁର ସହର ଅଇଁଠାପାଲି ଛକରେ ଜାତୀୟ ରାଜପଥ ୫୩ ଉପରେ ଫ୍ଲାଏ ଓଭର ନିର୍ମାଣରେ ବ୍ୟାପକ ତ୍ରୁଟି ଓ ଅନିୟମିତତା ହେଉଛି। ଏହା ସହିତ ଦୁର୍ଗାପାଲି ବ୍ରିଜ ବିପଦ ଅବସ୍ଥାରେ ଥିବା ନେଇ ଅଭିଯୋଗ ହୋଇଛି। ଏଥି ପାଇଁ ଆଜି ଆର୍ ଡି ସି ସଚିନ ରାମ ଚନ୍ଦ୍ର ଜାଦବଙ୍କୁ ସାକ୍ଷାତ କରି ନାଗରିକ କଲ୍ୟାଣ ସମିତିର ସଦସ୍ୟ ଅଭିଯୋଗ କରିଛନ୍ତି। ମହେନ୍ଦ୍ର ମିଶ୍ର, ଫଣିନ୍ଦ୍ର ପ୍ରଧାନ, ଡା ସଞ୍ଜୀବ ମିଶ୍ରଙ୍କ ସହିତ ଅନ୍ୟୋମନେ ଉପସ୍ଥିତ ଥିଲେ। ଆର୍ ଡି ସି ତୁରନ୍ତ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଫୋନ୍ ଯୋଗେ ଦୁର୍ଗାପାଲି ବ୍ରିଜ ସୁରକ୍ଷା ବ୍ୟବସ୍ଥା ସହିତ, ଯିବା ଆସିବାରେ ଲୋକଙ୍କୁ ଯେଉଁଳି ସୁବିଧା ହେବ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗକ୍ରମେ ଅଇଁଠାପାଲି ଫ୍ଲାଏ ଓଭର କାମରେ ବ୍ୟାପକ ତ୍ରୁଟି ରହୁଛି। ଫ୍ଲାଏ ଓଭର୍‌ର ପିଲର୍ ପାଇଁ ଖୋଳା ଯାଉଥିବା ଗାତ ଏବଂ ଏହାର ଉଭୟ ପାର୍ଶ୍ୱରେ ନିର୍ମାଣାଧୀନ ସର୍ଭିସ୍ ରାସ୍ତାରେ ପାଉଁଶ ଫିଲିଂ ଦ୍ୱାରା ଉଡୁଥିବା ଗୁଣ୍ଡ ଓ ପ୍ରଦୂଷଣରେ ସ୍ଥାନୀୟ ଲୋକେ ଓ ଯାତାୟାତ କରୁଥିବା ଯାତ୍ରୀ ଅତିଷ୍ଠ ହେଉଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମାନୁସାରେ, ସହର କିମ୍ବା ଗାଁ ଯେକୌଣସି ସ୍ଥାନରେ ପାଉଁଶ ପକାଯିବା ପୂର୍ବରୁ ବୋର୍ଡ ଅନୁମତିର ଆବଶ୍ୟକ କିନ୍ତୁ ସମ୍ବଲପୁର ସହରର ଅଇଁଠାପାଲି ଛକ ସମେତ କୌଣସି ସ୍ଥାନରେ ମଧ ପାଉଁଶ ବ୍ୟବହାର କରିବା ପାଇଁ ବୋର୍ଡ ଅନୁମତି ଦେଇ ନାହିଁ। ଅର୍ଥାତ ଅଇଁଠାପାଲି ଛକରେ ନିର୍ମାଣାଧୀନ ଫ୍ଲାଇଓଭରରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିୟମ ପାଳନ କରାଯାଉନାହିଁ।। ଏହି ନିର୍ମାଣବେଳେ ଖୋଳାଯାଇଥିବା ଗାତକୁ ବାଲି ଏବଂ ମେଟାଲ ଦେଇ ପୋତିବା ବଦଳରେ ସମ୍ପୂର୍ଣ୍ଣ ଭାବରେ ପାଉଁଶ ପକାଯାଉଛି। ପାଉଁଶ ପକାଇବା ପାଇଁ ଏନ୍‌ଓସି ମିଳି ନାହିଁ। ଏହି ରାସ୍ତାରେ ସର୍ଭିସ ରୋଡ ଠିକ୍ ଭାବରେ ନ ଦେବା ଫଳରେ ଏଠାରେ ଦୁର୍ଘଟଣା ବଢୁଛି ଏବଂ ନିକଟରେ ଡାକ୍ତର ଭରତ ଦାସଙ୍କ ଅକାଳ ବିୟୋଗ ମଧ ଘଟିଛି। ଏବେ ମଧ ରାସ୍ତା ଅସୁରକ୍ଷିତ ଏବଂ ପ୍ରଦୂଷଣମୟ ହେଇ ରହିଛି। ସାମଗ୍ରିକ ଭାବେ ରାଜରାସ୍ତା ଏବଂ ପୂର୍ତ୍ତ ବିଭାଗର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପଟେ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଛି। ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ଭାରି ଯାନ ଗୁଡ଼ିକ ଛିଡା ହୋଇ ରହି ଯାଉଛି। ଆମ୍ବୁଲାନ୍ସ ମଧ ଯିବା ଆସିବାରେ ସମସ୍ୟା ହେଉଛି। ସୁରକ୍ଷା ବାଡ ଓ ଟ୍ରାଫିକ ଜୋନ ତିଆରି ନ କରିବାରୁ ଦୁର୍ଘଟଣା ଘଟୁଛି। ଡାକ୍ତର ଭରତ ଚନ୍ଦ୍ର ଦାସଙ୍କ ସହିତ ୮ ଅମୂଲ୍ୟ ଜୀବନ ଚାଲି ଯାଇଛି। ଏ ଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ। ଆର୍‌ଡିସି ଜାଦବ ମଧ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



## ଜଗଦୀଶ ପ୍ରସାଦ ପତିଙ୍କ 'ଭାରତର ମୁନିଋଷି' ଲୋକାର୍ପିତ



**ସମ୍ବଲପୁର, ୧୩।୬ (ସମିସ) :** ଓଡ଼ିଶା ସାଂସ୍କୃତିକ ସମାଜ ପ୍ରେକ୍ଷାଳୟରେ ଆଜି ସାଂସ୍କୃତିକ ସମାଜ ସଭାପତି ଡଃ ପରେଶ ଚନ୍ଦ୍ର ଦାନୀଙ୍କ ଅଧ୍ୟକ୍ଷତାରେ ସ୍ୱର୍ଗତ ଜଗଦୀଶ ପ୍ରସାଦ ପତିଙ୍କ ପୁସ୍ତକ 'ଭାରତର ମୁନିଋଷି' ଲୋକାର୍ପିତ ହୋଇଯାଇଛି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଆମ ମୁନିଋଷିମାନେ ତାଙ୍କ ଅନୁଭୂତିକ ଜ୍ଞାନରୁ ହିଁ ତାଙ୍କ ମତମାନ ଦେଇଛନ୍ତି ଯାହା କଦାପି ଭୁଲ ହୋଇ ପାରିବନାହିଁ। ଯାହାକୁ ଆମେ ଜନ୍ମଭୂମି ଓ କର୍ମଭୂମି ବୋଲି ଜୀବନରେ ଗୁରୁତ୍ୱ ଦେଉଛେ ତାହା ମୃତ୍ୟୁଭୂମି ମଧ ଏହି ବିଚାର ରଖି ଆମେ କାର୍ଯ୍ୟ କରିବା ଉଚିତ, ଏହି ବିଚାର ବଳବତ୍ତର ହେଲେ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ। ମୁଖ୍ୟବକ୍ତା ଗବେଷକ ଡଃ ଶ୍ୟାମସୁନ୍ଦର ଧର ପୁସ୍ତକ ଉପରେ ଆଲୋଚନା କରି କହିଥିଲେ ଯେ, ଭାରତୀୟ ସଂସ୍କୃତିକୁ ଋଷି ସଂସ୍କୃତି କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ବିଷୟରେ ଶାସ୍ତ୍ର ପୁରାଣରେ ବିଶଦ ବର୍ଣ୍ଣନା ରହିଛି କିନ୍ତୁ ପୁସ୍ତକରେ ଲେଖକ ନିଜସ୍ୱ ଦୃଷ୍ଟିକୋଣରୁ ବିଶ୍ଳେଷଣ କରିଛନ୍ତି। ଅନ୍ୟତମ ବକ୍ତା ଡଃ ସେବକ ତ୍ରିପାଠୀ କହିଥିଲେ ଗୋଟିଏ ଗ୍ରନ୍ଥରେ ୨୧ ଜଣ ଋଷିଙ୍କ ସଂକ୍ଷିପ୍ତ ପରିଚୟ ରଖିବା ତଥା ସନାତନୀ ଆଧ୍ୟାତ୍ମିକ ସଂସ୍କୃତିର ମୂଳଗ୍ରନ୍ଥ ବେଦର ଦ୍ରଷ୍ଟାମାନେ ସେଇ ନୀତି ଆଦର୍ଶକୁ କିପରି ତାଙ୍କ ଜୀବନରେ ପ୍ରତିଫଳିତ କରିଛନ୍ତି ତାହା ଏହି ପୁସ୍ତକରେ ରହିଛି। ଲେଖକଙ୍କ ପୁଅ ତଥା ପ୍ରକାଶକ ଡା. ସୁଧାଂଶୁ ଶେଖର ପତି ଭାରତୀୟ ସଂସ୍କୃତି ଉପରେ ଯୁବପିଢ଼ି କିପରି ଆକୃଷ୍ଟ ହେବା ସହ ଏହାର ବୈଶିଷ୍ଟ୍ୟ ପ୍ରତି ଅବଗତ ହେବେ ଏହି ଅଭିପ୍ରାୟ ନେଇ ପୁସ୍ତକଟି ରଚିତ ହୋଇଛି। ଲେଖକଙ୍କ ପୁଅ ଶଶାଙ୍କ ଶେଖର ପତି ସଭା ସଂଯୋଜନା କରିଥିବାବେଳେ ଶେଷରେ ପୁଅ ଶୁଭ୍ରାଂଶୁ ଶେଖର ପତି ଧନ୍ୟବାଦ ଅର୍ପଣ କରିଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ସ୍ୱତନ୍ତ୍ର ଟିମ୍ କଲେ ପରିଦର୍ଶନ

**ରେଢ଼ାଖୋଲ, ୧୩।୬(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରରେ ଶୁକ୍ରବାର ଦିନ ବହୁ ପ୍ରତିକ୍ଷିତ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ପରିଦର୍ଶନ କରିଛନ୍ତି। କିଛି ମାସ ପୂର୍ବରୁ କେନ୍ଦ୍ରୀୟ ବିଦ୍ୟାଳୟ ଆବଣ୍ଟନ ସମୟରେ ସମସ୍ତ ସୁବିଧା ସୁଯୋଗ ଥାଇ ମଧ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ରେଢ଼ାଖୋଲ ଅଞ୍ଚଳର ନାଁ ନ ଥିବାରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିରୋଧ ପ୍ରଦର୍ଶନ କରାଯାଇଥିଲା। ଶୁକ୍ରବାର ଦିନ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଆସି ପ୍ରଥମତଃ କେନ୍ଦ୍ରୀୟ ବିଦ୍ୟାଳୟ ଅସ୍ଥାୟୀ କ୍ୟାମ୍ପସ ପାଇଁ ଭୀମଭୋଇ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ବିଦ୍ୟାଳୟ ଗୃହ ସହିତ ସ୍ଥାନ ପରିଦର୍ଶନ କରିଥିଲେ। ଏହି ସ୍ୱତନ୍ତ୍ର ଟିମ୍ ସହିତ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଆର୍ ଆଇ ମିର୍ଦ୍ଧା ବାବୁ ସମେତ ଅନ୍ୟ ଅଧିକାରୀ ମାନେ ସାମିଲ ରହିଥିଲେ। ସେଠାରୁ କୁରୁମଟିକିରା ସାହି ନିକଟରେ ରହିଥିବା ୧୭ ଏକର ସରକାରୀ ଜମି ସ୍ଥାନକୁ ଯାଇ ବୁଲିବୁଲି ଜମି ନିରୀକ୍ଷଣ କରିଥିଲେ। ଏହି କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ବିଭାଗ ସ୍ୱତନ୍ତ୍ର ଟିମ୍‌ରେ ଜଣେ ଆସିଷ୍ଟାଣ୍ଟ କମିଶନର, ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ, ଜଣେ ଆଞ୍ଚଳିକ ଅଧିକାରୀ, ସିଡବ୍ଲୁଏସ ବିଭାଗ ସାମିଲ ରହିଥିଲେ। ତା ସହିତ ଏଥିରେ ରେଢ଼ାଖୋଲ ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରତାପ ପ୍ରଧାନ, ବିଜେପି ନଗର ସଭାପତି ସୁଷମା ମୁଣ୍ଡା, ବୁର୍ଡ଼ା ପଞ୍ଚାୟତ ସରପଞ୍ଚ ରାଜା ପାଲ, ଆଇନଜୀବୀ ରମେଶ କୁମାର ସିଂ, ରାଜା ସିଂ ପ୍ରମୁଖ ସମେତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



## ଜଳଉତ୍ସ ଗଣନା ଜିଲ୍ଲାସ୍ତରୀୟ ଉପକମିଟି ବୈଠକ

**ସମ୍ବଲପୁର, ୧୩।୬ (ସମିସ) :** ସମ୍ବଲପୁର ଜିଲ୍ଲାରେ ଗ୍ରାମାଞ୍ଚଳରେ ୧୩୧୯ ଗ୍ରାମରେ ଉଭୟ କ୍ଷୁଦ୍ର ଜଳସେଚନ ଗଣନା ଓ ଜଳାଶୟ ଗଣନା ହେବାକୁ ଥିବାବେଳେ ସହରାଞ୍ଚଳରେ କେବଳ ଜଳାଶୟ ଗଣନା କରାଯିବ। ଜିଲ୍ଲାରେ ଥିବା ସମସ୍ତ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଏବଂ ସମସ୍ତ ଝରଣା ଏହି ସର୍ଭେରେ ଅନ୍ତର୍ଭୁକ୍ତ ରହିବ। ସର୍ଭେ ସକାଶେ ରାଜ୍ୟସ୍ତରରେ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ ଏବଂ ଜିଲ୍ଲାସ୍ତରରେ ଜିଲା ପରିସଂଖ୍ୟାନ କାର୍ଯ୍ୟାଳୟ (ଡିପିଏମ୍‌ୟୁ) ନୋଡାଲ ସଂସ୍ଥା ଅଟନ୍ତି। ଏହି ଗଣନା କାର୍ଯ୍ୟ ପରିସଂଖ୍ୟାନ ବିଭାଗ କର୍ମଚାରୀ ଏବଂ ସ୍ଥାନୀୟ ଯୁବକ ମାନଙ୍କ ଦ୍ୱାରା କରିବାକୁ ରାଜ୍ୟସ୍ତରରେ ନିଷ୍ପତ୍ତି ନିଆଯାଇଛି। ସମ୍ବଲପୁର ଜିଲ୍ଲାରେ ସପ୍ତମ କ୍ଷୁଦ୍ର ଜଳସେଚନ ଗଣନା, ଦ୍ୱିତୀୟ ଜଳାଶୟ ଗଣନା ଏବଂ ପ୍ରଥମ ଝରଣା ଗଣନା ପାଇଁ ଜିଲ୍ଲାସ୍ତରୀୟ ଉପକମିଟି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧ୍ୟକ୍ଷତା କରିଥିଲେ।

ସମ୍ବଲପୁର ଜିଲ୍ଲା ପରିସଂଖ୍ୟାନ କାର୍ଯ୍ୟାଳୟ (ଡିପିଏମ୍‌ୟୁ) ଏହି କାର୍ଯ୍ୟ ପାଇଁ ୩୨ ଜଣ ସ୍ଥାନୀୟ ଯୁବକ ନିୟୋଜନ ପାଇଁ ବିଜ୍ଞାପନ ଜାରି କରିଛି। ଆବେଦନର ଶେଷ ତାରିଖ ଜୁନ ୨୦ ରହିଛି। ଜିଲ୍ଲାରେ ଗଣନା କାର୍ଯ୍ୟ ଜୁଲାଇ ପ୍ରଥମ ସପ୍ତାହରୁ ଆରମ୍ଭ କରି ୬ ମାସ ମଧ୍ୟରେ ଗଣନା ଶେଷ କରିବାକୁ ଆଜି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଜିଲ୍ଲାପାଳ ଶ୍ରୀ ବୋନ୍ଦର ତଥ୍ୟର ଗୁଣବତ୍ତା ଉନ୍ନତ କରିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଡିପିଏମ୍‌ୟୁ, ସମ୍ବଲପୁର ଉପନିର୍ଦ୍ଦେଶକ ପ୍ରକାଶ କୁମାର ଦେଓ ବୈଠକ ପରିଚାଳନା କରିଥିଲେ। ଉପକମିଟି ସଦସ୍ୟ ତଥା ଜଳସମ୍ପଦ ବିଭାଗ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।



**ସହରକୁ ବୋଝ ଏସ୍‌ଏମସି ସଫେଇ**

## ଅଳିଆ ଉଠାଇବାକୁ କୁନ୍ଥୁକୁନ୍ଥୁ

ସମ୍ବଲପୁର, ୧୩।୬(ସମିସ)

ସମ୍ବଲପୁର ସହରକୁ ବୋଝ ସାଜିଛି ମହାନଗର ନିଗମର ସଫେଇ ବିଭାଗ। ସହର ସଫାସୁତୁରା ରଖିବା ବଦଳରେ ଆବର୍ଜନା ବୋହିବାକୁ କୁନ୍ଥୁକୁନ୍ଥୁ ହେଉଛି। ବିଶେଷ ଭାବେ ଜନଗହଳୀ ପୂର୍ଣ୍ଣ ଅଞ୍ଚଳ ତଥା ଅତ୍ୟଧିକ ଅଳିଆ ଜମା ହେଉଥିବା ସ୍ଥାନରେ ଏସ୍‌ଏମସି ପକ୍ଷରୁ ଆବର୍ଜନା କୁଣ୍ଡ ହଟାଇ ଦିଆଯାଇଥିଲା। ଏହା ପ୍ରତିବଦଳରେ ସକାଳ ଓ ଉପରବେଳେ ଅଳିଆ ବୋହିବାକୁ ଦୁଇବେଳେ ଗାଡ଼ି ନିୟୋଜିତ କରାଯାଇଥିଲା। ସହରରେ ଅଳିଆ ଅଧିକ ପଡ଼ିରହିବନି ବୋଲି ଏହାର ଉଦ୍ଦେଶ୍ୟ ରହିଥିଲା। କିନ୍ତୁ ସମ୍ବଲପୁର ମହାନଗର ନିଗମର ଏହି ଯୋଜନା ବାସ୍ତବରେ କାର୍ଯ୍ୟକ୍ଷମ ହୋଇନାହିଁ। ଶୀତଳଷଷ୍ଠୀ ଯାତ୍ରା ପାଇଁ ପିଏଚଡି ପଡ଼ିଆରେ ମିନାବଜାର ପଡ଼ିଛି। କିନ୍ତୁ ମାତ୍ରାଧିକ ଦିନ ଅଳିଆ ଗଦା ହୋଇ ପଡ଼ିଛି।ସମ୍ବଲପୁର ସହରକୁ ସଫାସୁତୁରା କରିବା ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଠିକ ଭାବେ ସହରକୁ ଏସଏମସି ସଫା କରୁନଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି। ଅଇଁଠାପାଲି ପିଏଚଡି ପଡ଼ିଆ ସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ପଡ଼ିଆରେ ଯାତ୍ରା ପାଇଁ ବର୍ତ୍ତମାନ ମୀନାବଜାର ପଡ଼ିଛି। ଯେତେବେଳେ ବି ବୁଲି ଗଲେ ଗଦା ଗଦା ଅଳିଆ ପଡ଼ି ରହିଥିବା ଦେଖାଯାଉଛି। କୋଟିକୋଟି ଟଙ୍କା ଖର୍ଚ୍ଚ କରି ରାସ୍ତାରେ ଗଛ, ଲାଇଟ, ଡିଭାଇଡର ଲଗାଯାଉଛି। ହେଲେ ଏବେ ଅଳିଆ ଆବର୍ଜନା ଗଦା କରି ଏସଏମସି ସୌନ୍ଦର୍ଯ୍ୟ ହ୍ରାସ କରିବାରେ ଲାଗି ପଡ଼ିଥିବା ଅଭିଯୋଗ ହୋଇଛି। ଶୀତଳଷଷ୍ଠୀ ଯାତ୍ରାଠାରୁ ପିଏଚଡି ପଡ଼ିଆରେ ମୀନା ବଜାର ପଡ଼ିଥିଲା। ପ୍ରତିଦିନ ଲୋକଙ୍କ ସମାଗମ ଜମୁଥିଲା। ହେଲେ ଉକ୍ତ ପରିବେଶରେ ଏବେ ପଲିଥିନ, ପ୍ଲାଷ୍ଟିକ ଗ୍ଲାସ, କପରେ ପରିପୂର୍ଣ୍ଣ ହୋଇଯାଇଛି। ହେଲେ ଏସ୍‌ଏମସିର ଏଥିପ୍ରତି କୌଣସି ଦୃଷ୍ଟି ନାହିଁ। ଏତେ ପରିମାଣର ପଲିଥିନ ପ୍ଲାଷ୍ଟିକ କେମିତି ସହରକୁ ଆସିଲା। ଏସ୍‌ଏମସି ପକ୍ଷରୁ କୌଣସି ସ୍ଥାନରେ ଚଢ଼ଉ କରିନଥିବା ଅଭିଯୋଗ ହୋଇଛି। ସମ୍ବଲପୁର ମହାନଗର ପକ୍ଷରୁ ସହରରେ ପଲିଥିନ ଓ ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ ଉପରେ ରୋକ ଲଗାଇଛି। ପରିବେଶ ପ୍ରଦୂଷଣ ରୋକିବା ନେଇ ଉଭୟ ସରକାର ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲଗାଇଛନ୍ତି। ଏସ୍‌ଏମସି ପକ୍ଷରୁ ବାରମ୍ବାର ଧରପଗଡ଼ କରାଯାଉଛି। ହେଲେ କଟକଣା ଓ ଧରପଗଡ଼କୁ କାହାକୁ ଭୟ ନାହିଁ। ବେଧଡକ ଭାବେ ବିଭିନ୍ନ ଦୋକାନ, ଠେଲାରେ ବ୍ୟବହାର ହେଉଛି। ଏସଏମସି ଉପରେ ଚାପ କିମ୍ବା ବିଭିନ୍ନ ମହଲରେ ଅଭିଯୋଗ ହେଲେ କେତେକ ଛୋଟ ଦୋକନା, ଠେଲା ଉପରେ ଚଢ଼ଉ କରି ପଲିଥିନ ଜବତ କରିବା ସହ ଜରିମାନା ଆଦାୟ କରୁଛନ୍ତି। ହେଲେ ପଲିଥିନ କିମ୍ବା ପ୍ଲାଷ୍ଟିକ ତିଆରି କରୁଥିବା କମ୍ପାନୀ ଓ ସହରକୁ ଯୋଗାଣ କରୁଥିବା ବଡ ବ୍ୟବସାୟୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏସଏମସିର ସଫେଇ ବିଭାଗର ଅପାରଗତ ଓ ଦାୟିତ୍ୱହୀନତା ସହର ପାଇଁ ବୋଝ ସାଜିଛି। ଦୁଇବେଳା ଗାଡ଼ି ଆସି ସହରକୁ ପରିଷ୍କାର ରଖିବା ନେଇ ଏସ୍‌ଏମ୍‌ସିର ଯୋଜନ ବାସ୍ତବରେ ଫେଲ ମାରିଥିବା ସାଧାରଣରେ ଅଭିଯୋଗ ହୋଇଛି।

**କୁଆଡେ ଗଲା ଦୁଇବେଳା ଗାଡ଼ି**

**ମିନାବଜାରରେ କୁଢ଼କୁଢ଼ ଆବର୍ଜନା**

